# ବେଦାନ୍ତ

Spreading Knowledge Amongst Mankind.......

ଅଗଷ୍ଟ – ୨୦୧୯ AUGUST - 2019



Painting by Shri Debashis Raut
President, ROSA, Riyadh

# ବେଦାନ୍ତୀ

**[ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା]**

**...ପ୍ରତ୍ୟେକ ଓଡିଆଙ୍କ ପାଇଁ ସମ୍ପୂର୍ଣ୍ଣ ଓଡିଆରେ ପ୍ରକାଶିତ ଏକ ପାରିବାରିକ ଇ-ପତ୍ରିକା...**

**(ଅଗଷ୍ଟ ୧, ୨୦୧୫ରୁ ପ୍ରତିମାସରେ ପ୍ରକାଶିତ)**

## ପ୍ରତିଷ୍ଠାତା – ଅରବିନ୍ଦ ମିଶ୍ର




ଯୋଗାଯୋଗ

Whatsapp:+ 91 9594993733

ଭ୍ରାମ୍ୟଭାଷ - +91 9594993733

**Website: www.vedantimagazine.com**

**Email ids:**

**vedantimagazine@gmail.com**

**editor.vedantimagazine@gmail.com**



ମମତା ଦାଶ

## ହନୁମାମୁଁ ରିପୋର୍ଟିଙ୍ଗ.......

ପ୍ରିୟ ପାଠକବନ୍ଧୁ, ବୁଦ୍ଧିଜୀବୀମାନେ ବହୁତ କମରେ ସନ୍ତୁଷ୍ଟ ହୋଇଥାନ୍ତି । ସେମାନଙ୍କୁ ପ୍ରଥମଶ୍ରେଣୀର ଭଡା ଦେଲେ ମଧ୍ୟ ସେମାନେ ତୃତୀୟ ଶ୍ରେଣୀରେ ଯାତ୍ରା କରି ବଳକା ପଇସା ସଞ୍ଚୟ କରିବାକୁ ପସନ୍ଦ କରନ୍ତି । କିଛି ଶ୍ରୋତା, ଫୁଲମାଳ ଏବଂ ଭାଷଣରେ ଟିକେ ପ୍ରଶଂସା ଶୁଣି ସେମାନେ ଭାରି ଖୁସି । ମୁଁ ବି ବିଶ୍ୱବିଦ୍ୟାଳୟରେ ଭାଷଣ ଦେଇ ସନ୍ତୁଷ୍ଟ ଥିଲି । ସହରରୁ କୋଡିଏ କିଲୋମିଟର ଦୂରରେ ଷ୍ଟେସନରୁ ତୃତୀୟରୁ ପ୍ରଥମଶ୍ରେଣୀରେ ଆସି ଯାଇଥିଲି ଯଦ୍ୱାରା ସ୍ୱାଗତକର୍ତ୍ତା ମାନଙ୍କୁ ବୁଦ୍ଧିଜୀବୀଙ୍କୁ ତୃତୀୟ ଶ୍ରେଣୀରୁ ଓହ୍ଲାଇବାର ଦେଖି ଲଜ୍ଜ୍ୟା ନଆସେ, ସେଥିପାଇଁ ମୁଁ ଜବର ହ୍ୟାଣ୍ଡଲ ଧରି ଠିଆହେଲି ଯେପର୍ଯ୍ୟନ୍ତ ସେମାନେ ମୋତେ ଦେଖିନଅନ୍ତି । ଏମିତି ବି ହୋଇସାରିଛି । ସ୍ୱାଗତକର୍ତ୍ତା ମୋତେ ପ୍ରଥମଶ୍ରେଣୀରେ ଖୋଜୁଥାନ୍ତି ଆଉ ମୁଁ ତୃତୀୟ ଶ୍ରେଣୀରୁ ଓହ୍ଲାଇ ତାଙ୍କୁ ଅପେକ୍ଷା କରିଥାଏ । ଯେତେବେଳେ ସେମାନେ ଆସନ୍ତି, ସେତେବେଳେ ଦୁଇ ପକ୍ଷଙ୍କୁ ଲଜ୍ଜ୍ୟା ଅନୁଭବ ହୁଏ ଆଉ ସେମାନେ ଭାବନ୍ତି "କଣ ଥାର୍ଡକ୍ଲାସକୁ ଡକାହୋଇଛି" ଏବଂ ମୁଁ ଭାବେ "ସେମାନେ ମୋତେ ଧରିନେଲେ ।" ସୁବିଧା ହେଲେ ତୃତୀୟଶ୍ରେଣୀରୁ ଓହ୍ଲାଇ ପ୍ରଥମଶ୍ରେଣୀ ଆଡକୁ ଯାଇ ପ୍ଲାଟଫର୍ମରେ ଏମିତି ଟିକେଟ ଦେବି ଯେ ସ୍ୱାଗତକର୍ତ୍ତା ଜାଣି ପାରିବେନ ମୁଁ ଥାର୍ଡକ୍ଲାସରେ ଆସିଛି ବୋଲି ।

ଶ୍ରଦ୍ଧାର ବି ଶ୍ରେଣୀ ବିଭକ୍ତ ହୋଇଛି । ତୃତୀୟ ଶ୍ରେଣୀର ଶ୍ରଦ୍ଧାରୁ ପ୍ରେରଣା ମିଳେନାହିଁ । ଲଜ୍ଜ୍ୟା ଅନୁଭବ ହୁଏ । ଗାନ୍ଧିଜୀଙ୍କ କଥା ଅଲଗା ଥିଲା । ସେ ତୃତୀୟ ଶ୍ରେଣୀକୁ ବି ପ୍ରଥମ ଶ୍ରେଣୀର ମହିମା ଦିଅନ୍ତି । ମୁଁ ତ ପ୍ରଥମଶ୍ରେଣୀରେ ବସି ମଧ୍ୟ ତୃତୀୟ ଶ୍ରେଣୀର ହୀନତା ଅନୁଭବ କରୁଛି । ମୋତେ ବିଶେଷ ସାବଧାନ ରହିବାକୁ ପଡେ । ରୟାଲିଟି ମିଳଲେ ମଧ୍ୟ ମନକୁ ଆସେ ସାହିତ୍ୟ ହିଁ ଲେଖିବି । ଯେଉଁଥିରେ ଛାତ୍ରଛାତ୍ରୀ ମାନଙ୍କର ଚରିତ୍ର ବଦଳାବାରେ ସହାୟକ ହେବ । ଆଗ୍ଚର୍ଯ୍ୟଗଣ ମଧ୍ୟ ତୁରନ୍ତ ଖୁସି ହୋଇଯିବେ । କିନ୍ତୁ ଚିନ୍ତା ଲାଗୁଛି ଯେ ସାହିତ୍ୟ କେବଳ ଆଠ ଦଶ ଲାଇନରେ ଆସିଯିବ । ସତ୍ୟ କୁହ, କାହାର ମନରେ କଷ୍ଟ ଦିଅନାହିଁ, ବ୍ରହ୍ମଚର୍ଯ୍ୟରେ ରୁହ, ପର ସ୍ତ୍ରୀ କୁ ମାତା ଭାବ ଇତ୍ୟାଦି । ଦେଶପ୍ରତି ବୁଦ୍ଧିଜୀବୀ ଅତ୍ୟନ୍ତ ଜାଗ୍ରତ । ପ୍ରଥମ ଶ୍ରେଣୀରୁ ଓହ୍ଲାଇ ତୃତୀୟ ଶ୍ରେଣୀରେ ଚଢିଯାନ୍ତି । ଏହା ହେଉଛି ବୁଦ୍ଧିଜୀବୀ ମାନଙ୍କର ମିଶ୍ରିତ ଅର୍ଥବ୍ୟବସ୍ଥା ଯେଉଁଟାକି ଦେଶର ମିଶ୍ରିତ ଅର୍ଥବ୍ୟବସ୍ଥା ଅନୁରୂପ ଅଟେ । ପାଞ୍ଚତାରକା ହୋଟେଲରେ ରହି ବାହାରୁ ପାଣି ପିଇ, ଢାବାରେ ଖାଇବା ବେଳେ ବିଶେଷ ସାବଧାନ ରହିବାକୁ ପଡେ । କାଳେ କିଏ ଦେଖିଦେବ! ତେବେ ମନବଳ ଟିକେ ଘଟିଯିବ । ମୋର ଭାଷଣର ବିଷୟ ଥିଲା ସ୍ୱାଧିନତା ର ୭୨ ବର୍ଷ । ପ୍ରଥମ ଲାଇନରେ ଝିଅପିଲାମାନେ ବସିଥିଲେ ଯେଉଁମାନଙ୍କର ବାହାଘର ବିନା ଯୌତୁକରେ ହୋଇପାରିବ ନାହିଁ । ମାର୍କେଟରେ ସେମାନଙ୍କ ପାଇଁ ବଳଦ ପରି ବର କିଣିବାକୁ ପଡିବ । ବରର ପିତା ବୁଢା ବାପା ହେବା ପର୍ଯ୍ୟନ୍ତ ବୋଧେ ଖର୍ଚ୍ଚ ଯୋଡିକରି ନେଇଯିବେ । ସ୍ତ୍ରୀ ପାଇଁ ଏବେ ବି ପତ୍ନୀ ପଦ ହେଉଛି ସବୁଠାରୁ ନିରାପଦ ଏବଂ ସୁରକ୍ଷିତ ଜୀବିକା । ପୁଅମାନେ ବି ବସିଥିଲେ ଯେଉଁମାନେ ଡିଗ୍ରୀ ନେବାପରେ ସିନେମା ଘରେ ହୋ-ହାଲ୍ଲା, ହାତରେ ମୋବାଇଲ୍ ଏବଂ ଗ୍ରେଡ ସାଇଡ୍ ରୋମିଓ ର ଚାକରୀ ପାଇଁ ତତ୍ପର । ଚାକରୀ ନାହିଁ, ଚାକରୀ ନାହିଁ ବୋଲି ପାଟିତୁଣ୍ଡ । ସ୍ୱାଧୀନତାର ଏତେବର୍ଷ ପରେ ମଧ୍ୟ ଦେଶର ଏହି ଅବସ୍ଥା । କିଛି ବର୍ଷରୁ ଶୁଣିବାକୁ ମିଳୁଛି ଯେ ଦେଶ ବଦଳିବାରେ ଲାଗିଛି । ବୁଦ୍ଧିଜୀବୀ ଏହାକୁ ବୁଝିବାକୁ ଚେଷ୍ଟା କରନ୍ତୁ । ବୁଦ୍ଧିଜୀବୀ ମାନଙ୍କ ମନରେ ସମସ୍ତ ରାଗ ସରକାରଙ୍କ ଉପରେ । ଏଥିରୁ ସାବାସୀ

ମିଳେ, ସାହସ ମିଳେ, ଲୋକପ୍ରିୟତା ମିଳେ । ଏହି ପ୍ରକାର ଦଳ ସମର୍ଥକ ମଧ୍ୟ ବନିଯାନ୍ତି । ପ୍ରଥମ ଶ୍ରେଣୀର ଭଡା ଏବଂ ପେଟରେ ଗଣ୍ଡିମାଡ (କୁକୁଡା ମାଂସ) ବୁଦ୍ଧିଜୀବୀ ଙ୍କୁ କ୍ରାନ୍ତିକାରୀ ବନେଇଦିଏ । କୁକୁଡା ଦିନରେ ପ୍ରଥମେ କ୍ରାନ୍ତିର ଆହ୍ୱାନ ଦିଏ । ଏବଂ ପରେ ଦାନା ଖୁଣ୍ଟି ଖାଇବାରେ ବ୍ୟସ୍ତ ହୋଇଯାଏ । ଭାରତୀୟ ବୁଦ୍ଧିଜୀବୀ ମାନଙ୍କର ଠିକ୍ ଏହି ଅବସ୍ଥା ।

ଫେରିବାର ସମୟ ହୋଇଗଲା । ଷ୍ଟେସନ୍ ପହଞ୍ଚି ଦେଖିଲି, ସ୍ୱାଧିନତାର ଏତେବର୍ଷ ପରେ ମଧ୍ୟ କଣ ହେଇଛି! ଏବେ ମୁଁ କଣ ଭାବୁଛି? ମୁଁ କଣ କ୍ରାନ୍ତି ବିଷୟରେ ଭାବୁଛି ନା ମୁଁ ମୋର କୁଶଳ ଯାତ୍ରା ବିଷୟରେ ଭାବୁଛି? ପକେଟରୁ ଟିକେଟ ବାହାର କରି ବାରମ୍ବାର ଦେଖୁଥାଏ ରିଜରଭେସନ୍ ଠିକ୍ ଠାକ୍ ଅଛି କି ନାହିଁ । କିଛି ଭରସା ନାହିଁ । ମୋତେ ଗାଡି ସମୟର ଚିନ୍ତା । ଠିକ୍ ସମୟରେ ଆସିବ ତ? ଷ୍ଟେସନ୍ କାନ୍ଥରେ ଝୁଲୁଥିବା ଟାଇମଟେବୁଲ୍ କୁ ବାରମ୍ବାର ଦେଖୁଥାଏ । ଏମିତି ନୁହେଁ ତ ଗାଡି ପଳେଇ ଗଲାଣି? ମୋତେ ଏହି ଟାଇମଟେବୁଲ୍ ଉପରେ ଭରସା ନାହିଁ । ଏହା ପୁରୁଣା ବି ହୋଇପାରେ । ସେଇଠି ଠିଆ ହୋଇଥିବା ଜଣେ ବାବୁଙ୍କୁ ପଚାରିଲି । ସେ କହିଲେ ଆପଣ ଏବେ କାନ୍ଥରେ ଝୁଲୁଥିବା ଟାଇମଟେବୁଲ୍ ଦେଖିଲେ ପରା ! ମୁଁ କହିଲି – ଏହାର କେଉଁ ଭରସା । ସ୍ୱାଧିନତାର ଏତେ ବର୍ଷରେ କାନ୍ଥରେ କଣ ବା ନ ଟଙ୍ଗା ହୋଇଛି । ସମ୍ବିଧାନର ନିର୍ଦ୍ଦେଶ ଛପିଥିଲା, କିନ୍ତୁ କିଛି ନାହିଁ । ଗାନ୍ଧିଜୀଙ୍କ ବାକ୍ୟ – "ବୁରା ମତ୍ ଦେଖୋ, ବୁରା ମତ୍ ଶୁନୋ, ବୁରା ମତ୍ କହୋ", ଏଠି ପାନ ଛେପ ପକାଇବା ମନା, ଏଠି ପରିସ୍ରା କରିବା ମନା ଆଦି । ବଡ ବଡ ଢଙ୍ଗରେ ବାକ୍ୟ ଛପେ । କିନ୍ତୁ କାମ ସବୁ ବେଢଙ୍ଗ । ଏବେ ଗରିବି ହଠାଓ ଛପାଯାଇଛି । କିନ୍ତୁ ଗରିବଙ୍କୁ ହଟାଇ ଦରଦାମ ବଢିବାରେ ଲାଗିଛି । ଏହି ଝୁଲୁଥିବା କାଗଜର କୌଣସି ଭରସା ନାହିଁ । ବାବୁ ମୋତେ ଗାଡିର ସମୟ କହିଲେ, କିନ୍ତୁ ଏହି ବାବୁଙ୍କ ଉପରେ ମଧ୍ୟ ଭରସା ନାହିଁ । କାରଣ ଥରେ ମୋତେ ଜଣେ ବାବୁ କହିଥିଲେ – ଆଗ ଷ୍ଟେସନରେ ଗାଡି ରହିବ ।

କିନ୍ତୁ ପରେ ଜଣାପଡିଲା ଏହି ଷ୍ଟେସନରେ ଗାଡି ରୁହେନ ବୋଲି। ମୁଁ ଆଉ ଜଣଙ୍କୁ ପଚାରି ଟିକେ ଆଶ୍ୱସ୍ତ ହେଲି। ଏବେ ଡିସପ୍ଲେ ବୋର୍ଡକୁ ଦେଖିଲି - ଲେଖାହେଉଛି "ରାଇଟ୍ ଟାଇମ୍"। ମୋର ଭରସା ହେଲାନ। କାଲିର ଲେଖା ନୁହେଁ ତ**?** ଚେଞ୍ଜ୍ କରିବାକୁ ଭୁଲିଯାଇ ନାହାନ୍ତି ତ**?** ପୁଣି ଜଣେ ବାବୁଙ୍କୁ ପଚାରିଲି । ବାବୁ କହିଲେ**,** ରାଇଟ୍ ଟାଇମ୍। ମୋତେ ଏବେ ବି ବିଶ୍ୱାସ ହେଉନ। ଗାଡି ଜଲଦି ବି ଆସିପାରେ ଏବଂ ବିଳମ୍ବ ବି ହୋଇପାରେ। ଏବେ ମୋତେ ସମୟର ଚିନ୍ତା ହେଲାଣି। ରେଲୱେ ଘଡି ଉପରେ ବିଶ୍ୱାସ ନାହିଁ। ମାସ ମାସ ଧରି ବନ୍ଦ ପଡି ରହିଥାଏ। ମୋ ହାତରେ ବନ୍ଧା ହୋଇଥିବା ଘଡିକୁ ଟିକେ ଦେଖିଲି। ତଥାପି ବିଶ୍ୱାସ ନୁହେଁ। ଚାବି ଦେବାକୁ ଭୁଲିଯାଇନ ତ**?** ମୁଁ ଆଉ ଜଣେ ଦୁଇଜଣଙ୍କୁ ସମୟ ପଚାରି ବୁଝିଲି। ଏବେ ମୁଁ ପ୍ଲାଟଫର୍ମ ଉପରେ ଠିଆ ହୋଇ ଗାଡିକୁ ଅପେକ୍ଷା କରିଥାଏ। ମୋତେ ଜଣାଅଛି ଗାଡି ପୂର୍ବରୁ ଆସିବ। କିନ୍ତୁ ମୁଁ ପଶ୍ଚିମଆଡକୁ ଟିକେ ଦେଖି ନେଉଛି। କିଛି ଭରସା ନାହିଁ। ପୂର୍ବରୁ ଆସୁଥିବା ଗାଡି ପଶ୍ଚିମରୁ ବି ଆସିପାରେ। ଏବେ ଭାବୁଛି ମୋର କଣ ହେଉଛି। ଅନିଶ୍ଚୟ ଏତେ ଅବିଶ୍ୱାସ। ସ୍ୱାଧୀନତାର ୭୨ ବର୍ଷରେ ଏହି ଅବିଶ୍ୱାସ ଅନିଶ୍ଚୟତାର ମାନସିକତା ଦେଇଛି ଆମର ପିଢିକୁ ଏବଂ ଏହା ଆମେ ମଧ୍ୟ ଆଗାମୀ ପିଢିକୁ ବଂଶାନୁକ୍ରମେ ଦେଉଛେ। ଯେଉଁ ରାସ୍ତାରେ ଯାଉଛେ ସେଇଟା ହେଉଛି ସମାଜବାଦୀ ମାର୍ଗ। କିନ୍ତୁ ପହଞ୍ଚିଯାଉଛେ ଅଲଗା ଯାଗାକୁ। ମହାତ୍ମାଗାନ୍ଧୀ ମାର୍ଗରେ ସମସ୍ତ ଠକମାନେ ମିଳିଯାଉଛନ୍ତି। ଗୋପବନ୍ଧୁ ମାର୍ଗରେ ସମସ୍ତେ ମୂର୍ଖ। ଏଠି ମାଂସ ହାଡର ମହତ୍ୱ ସମ୍ପୂର୍ଣ୍ଣ ଭିନ୍ନ। ଦେଶର ସ୍ୱରାଜ୍ୟ ପଥେ ଯେତେ ଗାଡ**,** ପୂରୁ ତହିଁ ପଡି ମୋର ମାଂସ ହାଡ। ବୀର ସୁରେନ୍ଦ୍ରସାଏ ମାର୍ଗରେ ହିଂସକ ଏବଂ ଭ୍ରଷ୍ଟାଚାରୀ ପ୍ରବୃତିର ମନୁଷ୍ୟ। ଏମିତି ମାର୍ଗ ଅନେକ**,** କର୍ମ ଠିକ୍ ବିପରୀତ। ସଂପୂର୍ଣ୍ଣ ଭିନ୍ନ। କ୍ଷେତ୍ରରେ କିଏ କାମ କରୁଛି**,** ଟିକେଟ ଆଉ କାହାରିକୁ ମିଳିଯାଉଛି। କାହାକୁ ମହାନ ଭ୍ରଷ୍ଟାଚାରୀ ଘୋଷଣା କଲାପରେ ମଧ୍ୟ ତାକୁ ସଦାଚାର ଅଧିକାରୀ ବନାଇ ଦିଆଯାଉଛି। ସରକାରୀ ଦୋକାନ ଆଗରେ ଲାଇନ୍ ଲାଗିଲେ ମଧ୍ୟ ପଛ କବାଟରେ ଜିନିଷ କଳାବଜାରୀ ରୂପରେ ମିଳୁଛି ଅନିଶ୍ଚୟ ଏବଂ ଅବିଶ୍ୱାସ।

ହନୁମାନ ଭକ୍ତ ମୋର ଏକ ମିତ୍ର କୁହେ – ମନୁଷ୍ୟ ଉପରେ ମୋର ଆଉ ଭରଷା ନାହିଁ । ମେଡିସିନ୍ ଖାଇଲେ ମଧ୍ୟ ମଣିଷ ଆଉ ତାର ମନ ସୁସ୍ଥ ରହୁନାହିଁ । ଏହିସବୁ ମେଡିସିନ୍ ରେ କଣ ଅଛି କେଜାଣି**?** ସେୟାର ମାର୍କେଟ ପରି ଉଚ୍ଚ ରକ୍ତଗ୍ରୁପ ଏବଂ ନିମ୍ନ ରକ୍ତଗ୍ରୁପ କେତେବେଳେ ବଢୁଛି ଆଉ କେତେବେଳେ କମୁଛି**,** ଜଣାନାହିଁ । ପ୍ରଭୁ ହନୁମାନ ଯଦି ପ୍ରଭୁ ଶ୍ରୀ ରାମଚନ୍ଦ୍ରଙ୍କ ପାଇଁ ପୁନର୍ବାର ଔଷଧ ଆଣିବା ପାଇଁ ଗନ୍ଧମାର୍ଦ୍ଦନ ଯାଆନ୍ତି**,** ତାଙ୍କୁ କହିଲେ ମୋପାଇଁ ମଧ୍ୟ ଟିକେ ଔଷଧ ଆଣିଦେବେ । ଏହି ସମୟରେ ଗାଡି ଆସି ଷ୍ଟେସନରେ ପହଞ୍ଚିଗଲା । ବୁଦ୍ଧିଜୀବୀ ଏବେ ନିଜ ସୁରକ୍ଷିତ ବର୍ଥ ଆଡକୁ ଗତି କରନ୍ତି । ପହଞ୍ଚି ଦେଖନ୍ତି ତାଙ୍କ ସିଟ୍ ରେ ଆଉଜଣେ କେହି ସେଜ ପକାଇ ଶୋଇବାକୁ ଯାଉଛି । ବୁଦ୍ଧିଜୀବୀ ଶୌଚାଳୟ ଅଭିମୁଖେ ଗତି କରି ଦେଖନ୍ତି ଏଠି ସ୍ୱଚ୍ଛତା ଅଭିଯାନର ନାରା ସମ୍ପୂର୍ଣ୍ଣ ରାଷ୍ଟ୍ରକୁ ସ୍ୱଚ୍ଛ ପରିବେଶର ମହତ୍ତ୍ୱ ବୁଝିବା ଏବଂ ବୁଝେଇବା ଏବଂ ଏହା ଉପରେ କାର୍ଯ୍ୟ କରିବା ବୁଦ୍ଧିଜୀବୀଙ୍କ ଚରିତ୍ରର ଠିକ୍ ଅନୁରୂପ । ଦିଗ୍ଧା**,** ସଂଶୟ**,** ଘୃଣା**,** ଅବସାଦ ମନୁଷ୍ୟର ସମସ୍ତ ମନୋବିକାର ଏଠି ସ୍ୱାଧୀନତାର ୭୨ ବର୍ଷ ଭିତରେ ଆମ ପିଢିକୁ ଦେଇଛି । ଏଥିପାଇଁ ଦାୟୀ କିଏ**?** ଏହାର ଉତ୍ତରଦାୟିତ୍ୱ କାହା ଉପରେ**?** ଜନତନ୍ତ୍ର**,** ଶିକ୍ଷା**,** ଶାସନ**,** ସୁରକ୍ଷା**,** କିଛି ତର୍କ ନାହିଁ**,** କାହାପାଇଁ କିଛି ଫର୍କ ନାହିଁ**.......**

ଜୟ ଉତ୍କଳ**,** ଜୟ ଓଡିଶାବାସୀ ।

ମମତା ଦାଶ



# ଭିତର ପୃଷ୍ଠାରେ....


| | | |
|---|---|---|
| ପ୍ରେମର ସନ୍ଧାନ | ମମତା ଦାଶ | ୧୨ |
| ଅନ୍ତରରୁ କିଛି ଉପହାର | ଶାନ୍ତିଲତା ମିଶ୍ର | ୧୪ |
| କଳାକାର | ଆଶୁତୋଷ ମେହେର | ୧୮ |
| ଅପେକ୍ଷା | ରୀତା ଅପରାଜିତା ମହାନ୍ତି | ୨୦ |
| ସାତକୋଶିଆ ଗଣ୍ଡର କାହାଣୀ | ଅଶୋକ ବିଶ୍ୱାଳ | ୨୧ |
| ନବ ଯଉବନ ଦର୍ଶନ | ପୁଷ୍ପିତା ଭୂୟାଁ | ୩୨ |
| ବର୍ଷା ଗୋ ତୁମେ | ଅମ୍ବିକା ସ୍ୱାଇଁ | ୩୩ |
| ବର୍ଷା | ସୁଲୋଚନା ପଟ୍ଟନାୟକ | ୩୪ |
| ଫୁଲ ପ୍ରତି<br>ରୋମନ୍ଥନ<br>ମୁଁ ହରେଇଥିବା ଏକ ସୁବର୍ଣ୍ଣ ସୁଯୋଗ | ନୂତନ କୁମାର ବେହେରା<br>ଯଶୋବନ୍ତ ପଟ୍ଟନାୟକ<br>ଶଶଧର ମହାପାତ୍ର | ୩୭<br>୩୯<br>୪୧ |
| ତମ ପାଇଁ ଅଯୁତ ଯୁଗଟେ | ମନୋରମା ହାତୀ | ୫୩ |
| ଶେଷସନ୍ଧ୍ୟା | ଚନ୍ମୟ ବାରିକ | ୫୫ |
| ମାୟାମୁକ୍ତି | ବିନୟ ମହାପାତ୍ର | ୫୭ |
| ଅନୁସନ୍ଧାନ | ରାଜଶେଖର ସି. “ଚମା” | ୬୭ |
| ଲକ୍ଷହୀରା ଏବେବି ବଞ୍ଚିଛି | ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ | ୬୮ |
| ସ୍ୱୀକାରୋକ୍ତି | ରାଜୀବ ଗୋପାଳ ସ୍ୱାଇଁ | ୭୦ |

| | | |
|---|---|---|
| ଜୀବନ୍ତ ଦେବତା ମୋ ବାପା | ପ୍ରଣତି ମହାପାତ୍ର | ୮୦ |
| ବର୍ଷା | ଧୀରେନ୍ଦ୍ର କୁମାର ପ୍ରଧାନ | ୮୩ |
| ସୌଭାଗ୍ୟ ସ୍ନାନ | ଡକ୍ଟର ବିଜ୍ଞାନୀ ଦାସ | ୮୫ |
| ଅନେକ ବେଳରୁ ଛିଡା ହୋଇଛି | କାଳକଙ୍କର | ୯୩ |
| ଧୃତରାଷ୍ଟ୍ରଙ୍କ ଶୋଚନା | ବ୍ରଜନାରାୟଣ ପାଣିଗ୍ରାହୀ | ୯୫ |
| ସତ୍ୟର ସନ୍ଧାନ | ବରଦା ପ୍ରସନ୍ନ ଦାସ | ୯୭ |
| ବର୍ଷା ତୋ ପାଇଁ | ମୀର ମୁସ୍ତାକମ ଅଲ୍ଲୀ | ୧୦୫ |
| ବାପା କହୁଛନ୍ତି ମାଆରେ | ସସ୍ମିତା ସାହୁ | ୧୦୬ |
| ବ୍ୟଗ୍ର ଭକତ | ପୂର୍ଣ୍ଣଚନ୍ଦ୍ର ରଣା | ୧୦୮ |
| ଭିନ୍ନ ଏକ ଶ୍ରବଣକୁମାର | ସୁଷମା ପରିଡା | ୧୧୦ |
| ଯୌବନର ଆଗମନେ | ଭାରତୀ ସାହୁ | ୧୧୫ |
| ବର୍ଷା ଗୋ ତୁମେ | ପ୍ରେମଶିଳା ରାଉତ | ୧୧୭ |
| ଲେଡ଼ିଜ୍ ଛତା | ଲୋପାମୁଦ୍ରା ମିଶ୍ର | ୧୧୯ |
| ଶଙ୍ଖ | ସନାତନ ମହାକୁଡ | ୧୩୨ |
| ନାରୀ ଓ ନାରାୟଣୀ | ସଂଯୁକ୍ତା ବିଶ୍ୱାଳ | ୧୩୩ |
| ପରିତ୍ୟକ୍ତା | ରାଜବାଳା ତ୍ରିପାଠୀ | ୧୩୫ |
| ସର୍ବଂସହା | ଧୀରେନ ବାଗ | ୧୪୧ |
| ବର୍ଷା | ବାସନ୍ତୀ ପରିଡା | ୧୪୨ |
| ସମାଜରେ ସାହିତ୍ୟର ସ୍ଥିତି | ସିଦ୍ଧେଶ୍ୱର ତ୍ରିପାଠୀ | ୧୪୪ |
| କହରେ କାଳଆ | ସରୋଜିନୀ ବେହେରା (ଟିକ) | ୧୪୭ |
| ଆହେ ମହାବାହୁ | କୌଶଲ୍ୟ ପାଲିଆ | ୧୪୯ |

| | | |
|---|---|---|
| ସମୁଦ୍ର ର ଚନ୍ଦ | ପ୍ରକାଶ ସାହୁ | ୧୫୦ |
| ସୂତ୍ରଧର ଓ ନମିତ୍ତ | ଆଶା ସାହୁ (ଆରତୀ) | ୧୫୧ |
| ମୌସୁମୀ ଗୋ ତୁମେ | ପ୍ରଶାନ୍ତ କୁମାର ପଧାନ | ୧୫୫ |
| ଯୋଦ୍ଧା ସୈନିକ | ଜୟପ୍ରକାଶ ଦୁରିଆ(ରମନ୍) | ୧୫୬ |
| ପରଂବ୍ରହ୍ମ | ପ୍ରକାଶ ଚନ୍ଦ୍ର ମୁଦୁଲି | ୧୫୮ |
| ଜିଲିବିଲିଙ୍କ ଗାଁ ରେ | ପ୍ରିୟବ୍ରତ ପାତ୍ର | ୧୫୯ |
| ମୋ ପ୍ରିୟା ଦେଇଛି ଚଠି | ଅଜୟ କୁମାର ବେହେରା | ୧୬୯ |
| ଆତ୍ମୀୟତାପଣ | ଅନଙ୍ଗ ମଞ୍ଜରୀ | ୧୭୧ |
| କପଟିଆ କଳା କାହ୍ନୁ | ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ | ୧୭୩ |
| ଶୁନ୍ ପାକସ୍ତାନ | ନବୀନ ପଧାନ | ୧୭୫ |
| ପୁରାଣର ପ୍ରତିପଦେ: ବୃକ୍ଷ ମାହାତ୍ମ | କେଶରୀ ପ୍ରସାଦ ମହାନ୍ତି | ୧୭୭ |
| କାଳଆ ସାଆନ୍ତ | ପ୍ରକାଶ ଚନ୍ଦ୍ର ପଣ୍ଡା | ୧୭୯ |
| ସ୍ୱଟଲାଇଟ୍ | ଦୀପକ ଷଡଙ୍ଗୀ | ୧୮୦ |
| ବର୍ଷା ଓ ତୃଷୀ | କାହ୍ନୁ ଚରଣ ସାହୁ | ୧୮୬ |
| ଧନ୍ୟ କହିବା | ଖଗେଶ୍ୱର ବାଗ | ୧୮୮ |
| ଅନ୍ଧା ପାଗଳ | ଶିବରାମ ଦଳେଇ | ୧୮୯ |
| କଣ ହୁଅନ୍ତା ଯଦି? | ରଞ୍ଜିତ କୁମାର ସାହୁ | ୧୯୧ |
| ମେଦିନୀ ନାମ କରଣ ଓ ଭଗବାନଙ୍କର ଦଶ ଅବତାର | ନରେନ୍ଦ୍ର ପ୍ରସାଦ ବେହେରା | ୧୯୩ |
| ନିର୍ଜନତା | ମୋନାଲିସା ସ୍ୱାଇଁ | ୧୯୫ |

| | | |
|---|---|---|
| ଜୀବନର ମୁକ୍ତି | ଅକ୍ଷୟ କୁମାର ବେହେରା | ୧୯୭ |
| ସମୟ ଓ ପ୍ରକୃତି | ଅନିଲ କୁମାର ସାହୁ | ୧୯୯ |
| ଛୋଟ ମୋର ନାଆଟି | ପ୍ରଫେସର ଅନିତା ପଣ୍ଡା | ୨୦୧ |
| ମାନମୟୀ ବର୍ଷା | ସସ୍ମିତା ମହାପାତ୍ର | ୨୧୦ |
| ଛାମୁଁରେ ଛାମୁଁରେ | ଆର୍ତ୍ତତ୍ରାଣ ଖୁର୍ଦ୍ଦିଆ | ୨୧୧ |
| ରଥ ଯାତ୍ରା | କୃଷ୍ଣ ଚନ୍ଦ୍ର ଡାକୁଆ | ୨୧୩ |
| ଫେଙ୍ଗସୁଇ ସୌଭାଗ୍ୟ ନୁହେଁ, ଅନ୍ଧବିଶ୍ୱାସ ବୃଦ୍ଧି କରେ | ବାଲ୍ମୀକ ନାୟକ | ୨୧୫ |
| ସେହି ମୋ କାଳିଆ ଠାକୁର | ରୁକ୍ମଣୀ ସାହୁ | ୨୨୦ |
| ଏଇତ ଜୀବନ | ସୁମିତ୍ରା ପୃଷ୍ଟି | ୨୨୨ |
| ଅଗଷ୍ଟ ୧୫<br>କାହିଁକି କେଜାଣେ | ସୁଧାଂଶୁ ଶେଖର ଦ୍ୱିବେଦୀ<br>ସତ୍ୟବ୍ରତ ସାହୁ | ୨୨୪<br>୨୨୬ |
| ଜୀବନ୍ | ପ୍ରସନ୍ନ ପ୍ରୟାସ ଭୁଏ (ପ୍ରୟାସ) | ୨୨୭ |
| ମତଲବି ରାଏତ୍ | ପ୍ରବୀଣ୍ ରମେଶ୍ | ୨୨୮ |
| ଏଇଠୁ ଆରମ୍ଭ | ମୈତ୍ରେୟୀ କମିଳା | ୨୨୯ |
| ଗିରିଜା ନନ୍ଦନ | ଅନାମ ଚରଣ ସାହୁ | ୨୩୧ |
| ଆସିଲ୍ ବରଷା | ପ୍ରମୋଦ କୁମାର ସେଠ୍ | ୨୩୨ |
| ଧରାର ଧାରା | ସସ୍ମିତା ବେହେରା | ୨୩୩ |
| ଜଗନ୍ନାଥ ନାରାୟଣ | ସୁଧୀର ପଣ୍ଡା | ୨୩୪ |
| ବାର୍ଦ୍ଧକ୍ୟ ର ଖେଦ | ମନୋଜ କୁମାର ପଣ୍ଡା | ୨୩୬ |

| | | |
|---|---|---|
| ଆଉ ଏକ ମୃଗୁଣୀ | ରେ୍ଜାଲିନ ମିଶ୍ର | ୨୩୮ |
| ନଷେଧାଞ୍ଜଳ | ଏମ୍. ବିଜୟ କୁମାର | ୨୪୨ |
| ସପନର୍ ସୁନ୍ଦରୀ | ମନୋଜ ମହାନନ୍ଦ | ୨୪୪ |
| ଦୁଃଖ ମୁଁ ପାଉଛି ଯାହା | ଶିଶିର କୁମାର ପଣ୍ଡା | ୨୪୬ |
| ବିଦେଶ ଖବର | ସଂଗୃହୀତ | ୨୪୭ |


# ଶିଶୁ ବିଭାଗ


| | | |
|---|---|---|
| ମହାପ୍ରସାଦର ମାହାତ୍ମ୍ୟ | ମମତା ଦାଶ | ୨୫୦ |
| ଜେଜେମାଆଙ୍କ ଉଦ୍ୟାନବନ | ରାଜଶେଖର ସି "ଚମା" | ୨୫୨ |
| ଅଙ୍କୁର ହେଲ୍ ମିଠା | ରଞ୍ଜିତ କୁମାର ସାହୁ | ୨୫୪ |
| କହିଲ ଦେଖି | ଦୟାନନ୍ଦ ଶବର | ୨୫୭ |
| ଜନମ ଭୂଇଁ | ଆକାଂକ୍ଷା ଭେ୍ଇ | ୨୫୮ |
| କୁନା ଆମ ସୁନା ପିଲ୍ | କୈଳାସ ଚନ୍ଦ୍ର ପାଢ଼ୀ | ୨୫୯ |
| ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ | ସଂଗୃହୀତ | ୨୬୧ |
| ଚନ୍ଦ୍ର କଥା କହେ | ବେଦାନ୍ତୀ ପରିବାର | ୨୬୨ |

# ପ୍ରେମର ସନ୍ଧାନ



ମମତା ଦାଶ

ସ୍ୱର୍ଗରେ ପ୍ରେମ, ପ୍ରେମରେ ସ୍ୱର୍ଗ
ପ୍ରେମ ଅଶଂକ ଅଶୋକ
ଈଶ୍ୱର ପ୍ରତିବିମ୍ବରେ ପ୍ରେମ
ପ୍ରେମରେ ହୃଦୟ ଆଲୋକ ।

ପ୍ରେମର ପ୍ରବାହ
ପ୍ରେମ ନରନ୍ତର
ପ୍ରେମ ନର୍ଝରିଣୀ
ପ୍ରେମ ହିଁ ସାଗର
ପ୍ରେମରେ ଭକ୍ତି
ପ୍ରେମ ପାର୍‌ବାର ।

ମୁଁ ଖୋଜୁଥିଲି ତୋତେ କୁଞ୍ଜ ଆଉ ବନରେ
ତୁ ଖୋଜୁଥିଲୁ ମୋତେ ଦିକର ଦେଶରେ
ତୁ ଡାକୁଥିଲୁ ମୋତେ କାହାର ସ୍ୱର ହୋଇ
ମୁଁ ଡାକୁଥିଲି ତୋତେ ସଙ୍ଗୀତରେ ଭଜନରେ ।

ଅଶ୍ରୁ ହୋଇ ବୋହୁଥିଲୁ ତୁ ମୋ ପାଇଁ
ଆଖି ଥିଲା ମୋର ଧନରେ, ମାନରେ
ତୁ କରଣର ରୂପରେ, ସୁମନର ସୌନ୍ଦର୍ଯ୍ୟରେ
ତୁ ପବନର ପ୍ରବାହରେ, ଗଗନର ବିସ୍ତାରରେ
ତୁ ଜ୍ଞାନ ହିନ୍ଦୁରେ, ଇମାନ ମୁସଲିମ୍ ରେ
ତୁ ପ୍ରେମ ଖ୍ରୀଷ୍ଟିୟାନ ରେ, ତୁ ସତ୍ୟର ସୃଜନରେ ।

ଶବ୍ଦ-ବିହୀନ ଫୁଲ ପରି
ଚନ୍ଦ୍ରେ ଚନ୍ଦ୍ରିକା ହୀନ
ତୃପ୍ତ ନୁହେଁ ମନୁଷ୍ୟ ର ମନ
ଜୀବନ ପ୍ରେମ ବିହୀନ ।

ମୁଁ ଅନାସ୍ଥା ଉପରେ ଲିଖା
ଆସ୍ଥାର ଶିଳାଲେଖ
ନତ୍ୟାନ୍ତ ମୌନ
କିନ୍ତୁ, ସାର୍ଥକ ଏବଂ ସଜୀବ
କର୍ମର କୃତତ୍ତ୍ୱ, ସୂର୍ଯ୍ୟାଭିମୁଖୀ ଅଭିବ୍ୟକ୍ତ
ମୃତ୍ୟୁପରେ ଜୀବନ ପରେ ଜୟର ଘୋଷଣା ।

ମୁଁ ପ୍ରେମ, ମୁଁ ପ୍ରେମ, ମୁଁ ପ୍ରେମ....... ।

ସମ୍ପାଦିକା

# ଅନ୍ତରରୁ କିଛି ଉପହାର



ଶାନ୍ତିଲତା ମିଶ୍ର

ଆଜି ଶୁକ୍ରବାର । ଆସନ୍ତା ରବିବାର ହଉଛି "ମଦର'ସ ଡେ' ବା ମାତୃ ଦିବସ । ଜଣେ ପ୍ରାଥମିକ ସ୍କୁଲର ଶିକ୍ଷୟତ୍ରୀ ଭବେ "ମନସ୍ୱିନୀ'ଙ୍କର ସେଦିନର କାମ ଥିଲା ପିଲାମାନଙ୍କୁ କଛି ହାତ ତିଆରି କ୍ରାଫଟ କରିବା ଶିଖେଇବେ । କାମ ଗୁଡିକ ମା ମାନଙ୍କର ମନଲାଖି ଉପହାର ଯେପରି ହେବ ସେଥିପାଇଁ ସେ ବହୁତ ଚନ୍ତା କରି କ୍ରାଫଟ ତିଆରି ଜିନଷ ସବୁ କଣି କ ଆଣିଥିଲେ । ପିଲାମାନଙ୍କ ହାତରେ ତିଆରି କରାଇ ସାରି ଘରକୁ ନେଇ ନଜ ନଜର ମା' ମାନଙ୍କୁ ଉପହାର ଦେବା ପାଇଁ ସେ ସେମାନଙ୍କୁ କହିବେ ।

ପିଲାମାନେ ବି ବହୁତ ଖୁସି ହୁଅନ୍ତି କରିବାକୁ ଏ ସବୁ ଜିନଷ । ବିଶେଷ ଦିନ ମାନଙ୍କରେ ସେ ଏପରି କଛି ଯୋଜନା ପିଲା ମାନଙ୍କ ପାଇଁ ସବୁବେଳେ ଭାବି କ ନେଇଥାନ୍ତି । ଆଜି ବି ନେଇଛନ୍ତି । ସବୁବେଳେ ବସି ବସି ପାଠ ପଢିବା ବେଳେ ବେଳେ ବିରକ୍ତିକର ହୋଇଯାଏ ମଧ୍ୟ ପିଲା ମାନଙ୍କ ପାଇଁ । ତେଣୁ ମଝିରେ ମଝିରେ ଏମିତି ସବୁ ହାତ କାମ କରିବାକୁ ପିଲା ମାନଙ୍କୁ ମଜ୍ଜା ଲାଗେ । ସେ ଭଲ ଭବେ ଜାଣନ୍ତି ଏକଥା ।

ପିଲା ମାନଙ୍କୁ ବୁଝେଇ ଦେଲେ ପ୍ରଥମେ କଣ କରିବାକୁ ହେବ । ନଜ ନଜର ପସନ୍ଦ ଅନୁସାରେ ସେ ସମସ୍ତଙ୍କୁ କଛି ନା କଛି କରିବା ପାଇଁ କହି କଛି ରଙ୍ଗିନ କାଗଜ, ରଙ୍ଗ ପେନସିଲ, ଅଠା, କଇଁଚ ପ୍ରଭୃତି ଯୋଗେଇ ଦେଲେ । କେହି କେହି ଛବି ଆଙ୍କିଲେ ବସି । ଆଉ କଛି ରଙ୍ଗିନ ମାଳ ଓ ମାକାରୋନ ରଖିଦେଲେ ଗୋଟେ ଡାଲାରେ ଓ ସୂତା ଦେଲେ ସେଥିରେ ବସି ମାଳ ଗୁନ୍ଥିବାକୁ । ଯାହାର ଯାହା ଇଛା ହେଲା ବା ଯୋଉଥିରେ ଆଗ୍ରହ ହେଲା ସେ କରି ବସିଲେ ।

"ଶିବୁ" ଆଉ "ବନ" କିଛି କଲେ ନାହିଁ । ମନକୁ ମାରି ଚୁପ୍ ହୋଇ ବସି ରହିଲେ । ମନସ୍ୱିନୀ ଯଦିଓ ଜାଣି ପାରିଲେ ଘଟଣା ଟା କଣ ହୋଇ ପାରିଥାଏ ବୋଲି ତଥାପି ସେ କିଛି ପଚାରିଲେନି କିନ୍ତୁ ସେମାନଙ୍କୁ ବାଧ୍ୟ କଲେ ଭାଗ ନେବା ପାଇଁ ହାତ କାମ କିଛି କରିବାକୁ । ପିଲାମାନଙ୍କ ପାଇଁ ମା ଯେ କେତେ ମୂଲ୍ୟବାନ ସେ କଥା କେବଳ ଯାହାର ମା ନଥାଏ କେବଳ ସେହିଁ ବୁଝିପାରେ । ଅନ୍ୟ ଏ ପୃଥିବୀରେ କେହି ବୁଝି ପାରିବେନି । ସେ ନିଜେ ଭୁକ୍ତ ଭୋଗି । ସେ ଅନୁଭବକୁ ବର୍ଣ୍ଣନା କରିବା ପାଇଁ ସଂସାରରେ ହୁଏତ ଭାଷା ଏପର୍ଯ୍ୟନ୍ତ ସୃଷ୍ଟି ହୋଇ ନାହିଁ ।

ତଥାପି ସେ ଆସି ଶିବୁ ଆଉ ବନଙ୍କ ହାତ ଧରି ନେଇ ବାଧ୍ୟ କଲେ କିଛି କରିବାକୁ । ସେମାନେ ଦି ଜଣ ଆସି ଅନ୍ୟ ମାନଙ୍କ ପାଖରେ ବସି ମାଳା ଗୁନ୍ଥିଲେ । ମନସ୍ୱିନୀ ସେମାନଙ୍କ ଉପରେ ଛାଡିଦେଲେ ଯିଏ ଯାହା କରିବ କରୁ । ଦୁଇ ତିନି ପ୍ରକାର କ୍ରାଫଟ ଜଣେ ଇଛା କଲେ କରି ବି ପାରିବ ବୋଲି କହି ଦେଇଥିଲେ ।

ମନସ୍ୱିନୀ ନିଜେ ଅନାଥ ଆଶ୍ରମରେ ବଢ଼ିଥିଲେ । କେଉଁ କାରଣରୁ ମା ତାଙ୍କୁ ବର୍ଜନ କରିଥିଲେ ଆଉ ସେ କେମିତି ଆସି ଯେ ଅନାଥ ଆଶ୍ରମରେ ରହିଲେ ତାହା ତାଙ୍କ ପାଇଁ ଏକ ରହସ୍ୟ । ସେ ମା'କୁ ବା ଅନ୍ୟ କାହାକୁ ଦୋଷ କେବେ ଦେଇ ନାହାଁନ୍ତି । ସପେରି କିଛି ଗୁରୁତର କାରଣ ନ ହୋଇଥିଲେ କେହି କାହାର ପିଲାକୁ ଏପରି ବିସର୍ଜନ ଦିଏ ନାହିଁ। ସେ ଅନ୍ଧାରି ଅତୀତକୁ ସେ କେବେ ମନେ ପକାନ୍ତିନି ।

କାରଣ ତାଙ୍କୁ ଅନାଥ ଆଶ୍ରମରେ ଯଥେଷ୍ଟ ସ୍ନେହ ଶ୍ରଦ୍ଧା ମିଳୁଥିଲା । ସେ ବେଶ୍ ମେଧାବି ଥିଲେ । ଯାହା ଥରେ ପଢୁଥିଲେ ବା ଶୁଣୁଥିଲେ ସବୁ ମନେ ରଖି ଦେଉଥିଲେ । ତେଣୁ ଅନାଥ ଆଶ୍ରମ ତରଫରୁ ତାଙ୍କର ପଢାପଢିର ସମସ୍ତ ସୁବିଧା ଯୋଗାଇ ଦିଆ ଯାଇଥିଲା । ତାଙ୍କ ବିଚକ୍ଷଣତା ଓ ପ୍ରତ୍ୟୁତପନ୍ନ ବୁଦ୍ଧି ରେ ସମସ୍ତେ ଆଶ୍ଚର୍ଯ୍ୟ ତ ହେଉଥିଲେ ଏବଂ ସେ ସମସ୍ତଙ୍କର ପ୍ରିୟ ପାତ୍ରୀ ବି ହୋଇ ପାରିଥିଲେ ।

ସେଇ ଅନାଥ ଆଶ୍ରମରେ କେବଳ ପ୍ରାଥମିକ ଶିକ୍ଷା ଦିଆ ଯିବାର ସୁବିଧା ଥିଲା । ଯେମିତି ସେମାନେ ନାମ ଦସ୍ତଖତ ବା ଅକ୍ଷର ଚହ୍ନି କିଛି ପଢି ପାରିବେ । ସେତିକି ମାତ୍ର ସୁଯୋଗ ମିଳୁଥିଲା । କିନ୍ତୁ ମନସ୍ୱିନୀ ଙ୍କ ବୁଦ୍ଧି ବିଗ୍ରର ଦେଖି ଆଶ୍ରମର କର୍ତ୍ତୃପକ୍ଷ କିଛି ଅଧିକ ତାଙ୍କୁ ପଢେଇବାର ନିଷ୍ପତ୍ତି ନେଲେ । ହୁଏତ ପଢିଲେ ଭବିଷ୍ୟତରେ ଆଶ୍ରମର କିଛି ଉପକାରରେ ଲାଗି ପାରିବେ । ତେଣୁ ତାଙ୍କୁ ଉପର କ୍ଲାସକୁ ଯିବାକୁ ସୁବିଧା ସୁଯୋଗ ଦିଆଗଲା ।

କ୍ଲାସରେ ପ୍ରଥମ ହେବା ଏତେ ସହଜ ନଥିଲା ତାଙ୍କ ପକ୍ଷେ କିନ୍ତୁ ସେ ହଉଥିଲେ । ସମସ୍ତଙ୍କ ପ୍ରଶଂସା ଓ ଶୁଭେଚ୍ଛା ପାଇ ସେ କଲେଜରେ ପଢିବାକୁ ଇଚ୍ଛା ପ୍ରକାଶ କଲେ । କିନ୍ତୁ ଆଶ୍ରମର ଏତେ ସମ୍ବଳ ନଥିଲା ଯେ ତାଙ୍କୁ ଆଉ ଆଗକୁ ପଢେଇବାର ସୁଯୋଗ ଦେଇ ପାରିବ । ହାଇ ସ୍କୁଲ ପରେ ଶିକ୍ଷା ସମାପ୍ତିର ଘୋଷଣା କରି ଦିଆଯାଇଥିଲା ।

ସେ ହାଇସ୍କୁଲ ପାସ୍ କଲା ପରେ ସେଇ ପାଖରେ ଥିବା ଏକ ପ୍ରାଥମିକ ସ୍କୁଲରେ ଶିକ୍ଷୟତ୍ରୀ କାମ ଆରମ୍ଭ କଲେ ଓ ଘରୋଇ ଭାବେ ନିଜର ପଢା ବି ଜାରି ରଖିଲେ । ଟ୍ୟୁସନ ମଧ୍ୟ ଆରମ୍ଭ କରିଦେଲେ କିଛି ଅଧିକ ଆର୍ଥିକ ସମ୍ବଳ ବି ମିଳିଯିବ ସେଇ ଆଶାରେ । ଅନେକ ଥର ନିଜ ଭିତରେ ହୀନମନ୍ୟତା, ଘୃଣା, ଈର୍ଷା, ସଙ୍କୋଚବୋଧ ଓ ଅସହାୟତା ଆସି ମନକୁ ଥରେ ନୁହେଁ ବରମ୍ବାର ଭାରାକ୍ରାନ୍ତ କରି ଯାଇଛି । ସମସ୍ତଙ୍କ ଅଲକ୍ଷରେ ଆଖିକୁ ଓଦା କରିଛି । କିନ୍ତୁ ସେ ଝରଣାର ଲୁହ, ଦୁଃଖର ପାହାଡ, ଅତଳ ସମୁଦ୍ରର କୋହ ସବୁକୁ ହଜମ କରି ଜୀବନର ଅନେକ ରାସ୍ତା ସେ ଅତିକ୍ରମ କରିଆସିଛନ୍ତି ନିଜର ଇଚ୍ଛା ଶକ୍ତି ବଳରେ । ଅନ୍ୟ ମାନଙ୍କ ଦୃଷ୍ଟିରେ ଏ ସଂସାର ଯାହା ତାଙ୍କ ଦୃଷ୍ଟିରେ ତାହା ସଂପୂର୍ଣ ଅଲଗା ।

ସେ ଭାବନାର ଅତଳ ଗହ୍ୱରରେ ମଗ୍ନ ଥିଲା ବେଳେ ହଠାତ୍ କାହାର କୋମଳ ସ୍ପର୍ଶରେ ପ୍ରକୃତିସ୍ଥ ହୋଇଗଲେ ଦେଖିଲେ ତାଙ୍କ ଆଗରେ ଶିବୁ ଓ ବନି ଠିଆ ହୋଇଛନ୍ତି । ତିଆରି କରିଥିବା ମାଳ ଓ ମାକାରୋନି ମିଶା ମାଳାକୁ ଆଣି ତାଙ୍କ ଗଳାରେ ପକେଇଦେଲେ ଓ ହାତରେ ଛବି ଅଙ୍କା ମାତୃ ଦିବସର କାର୍ଡକୁ ତାଙ୍କ ହାତକୁ ବଢାଇଦେଲେ । ଖୁସିରେ ସେ

ଆତ୍ମହରା ହୋଇଗଲେ କଛିକ୍ଷଣ ପାଇଁ । ଶିବୁ ଆଉ ବନ କହୁଥାନ୍ତି ମ୍ୟାଡାମ ତମେ ଆମ ମା ହୋଇ ପାରିବ ! ଆମର ମା ନାହାଁନ୍ତି । ତମେ କେତେ ଭଲ ।

ଶବ୍ଦହୀନ ହୋଇ ଗଲେ ସେ କଛି ସମୟ ପାଇଁ । ଓଦା ଆଖି ପିଲା ମାନଙ୍କୁ ଦେଖିବାକୁ ସେ ଦେବେ ନାହିଁ । ଖୁବ ଶିଘ୍ର କାନ ପଣତରେ ଆଖି ପୋଛିଦେଲେ ଲୁହ ଗଡି ଆସିବା ପୁର୍ବରୁ । ମା ନହୋଇ ବି ସେ ମା ହୋଇଗଲେ । କେଜାଣି କେମିତି ଅନ୍ତରରୁ ବାତ୍ସଲ୍ୟତା ଅନାୟସରେ ଝରିଗଲା । ବନ ଆଉ ଶିବୁକୁ କଛି ସମୟ ପାଇଁ ସେ ଜାବୁଡି ଧରିଲେ । ଭୁଲିଗଲେ ସେ କଛିକ୍ଷଣ ପାଇଁ ଯେ ସେ ତିରିଷ ଜଣ ଛାତ୍ର ଛାତ୍ରୀଙ୍କର ଶିକ୍ଷୟତ୍ରୀ ବୋଲି ।

ସେ ଘରୋଇ ଭାବେ କଲେଜ ସାରି ପିଏଚଡି କରି କୌଣସି ୟୁନଭରସିଟିରେ ପ୍ରଫେସର ଚାକରୀ କରିବାର ଇଛା ରଖିଥିଲେ ଓ ନଜକୁ ପ୍ରଫେସର ଭାବେ ଦେଖିବାର ବହୁତ ବଡ ସ୍ୱପ୍ନ ବି ଦେଖୁଥିଲେ । କନ୍ତୁ ନା ସେ ଆଜି ଠୁ ତାଙ୍କ ମନ ବଦଳେଇ ଦେଲେ । ସେ ଯେତେ ବି ପାଠ ପଢିବେ ଏଇ ପ୍ରାଥମିକ ଶ୍ରେଣୀ ଛାତ୍ର ଛାତ୍ରୀ ମାନଙ୍କୁ ହିଁ ପାଠ ପଢେଇବେ । ଏମାନଙ୍କର ବେଶୀ ସାହାଯ୍ୟ, ପ୍ରେରଣା, ଉତ୍ସାହ ଦରକାର କଲେଜ ଛାତ୍ର ଛାତ୍ରୀ ମାନଙ୍କ ଅପେକ୍ଷା । କୋମଳ ବୟସର କୋମଳମତୀ ଛାତ୍ର ଛାତ୍ରୀ ମାନଙ୍କ ମନକୁ ଶକ୍ତ କରି ଗଢି ତୋଳବାରେ ସାହାଯ୍ୟ କଲେ ସେମାନେ ଏକ ସୁସ୍ଥ ସମାଜ ଓ ଶକ୍ତିଶାଳୀ ରାଷ୍ଟ୍ର ଗଢି ପାରିବେ ।

ସେ ସମୟ କ୍ରମେ ନଜର ସ୍ୱପ୍ନ ପୁରଣ କଲେ । ପିଚଡି ସାରିଲେ ଏବଂ କଥା ରକ୍ଷା କରି ସେଇ ପ୍ରାଥମିକ ସ୍କୁଲର ଶିକ୍ଷୟତ୍ରୀ ହୋଇ ରହିଲେ ।

ରଚେଷ୍ଟର, ମିନେସୋଟା, ଯୁକ୍ତରାଷ୍ଟ୍ର ଆମେରିକା

# କଳାକାର



ଆଶୁତୋଷ ମେହେର

ମୁଁ ଏମିତି ଲେଖି ଚାଲିଥାଏ
ମୋ ମନ ଭରି
କିଏ ପଢୁ କି ନ ପଢୁ
ମୋର କ'ଣ ଯାଏ ନା ଆସେ ।।

ମୁଁ ଏମିତି ଗାଇ ଚାଲିଥାଏ
ମୋ ହୃଦୟ ଭରି
କିଏ ଶୁଣୁ କି ନ ଶୁଣୁ
ମୋର କ'ଣ ଯାଏ ନା ଆସେ ।।

ମୁଁ ଏମିତି ଆଙ୍କି ଚାଲିଥାଏ
ମୋ ମନ ମୁତାବକ
କିଏ ଦେଖୁ କି ନ ଦେଖୁ
ମୋର କ'ଣ ଯାଏ ନା ଆସେ ।।

ମୁଁ ଏମିତି ଗଢି ଚାଲିଥାଏ
ମୋ ହାତ ନହାଣରେ
କିଏ ଛୁଉଁ କି ନ ଛୁଉଁ
ମୋର କ'ଣ ଯାଏ ନା ଆସେ ।।

ମୁଁ ଲେଖକ, ଗାୟକ, ଚନ୍ଦ୍ରକର, ଚନ୍ଦ୍ରଶିଳ୍ପୀ

ମୋ ଗୃରୁକଳା ମୋ ଜୀବନ

ସେଇଟା ମୋର ଏକାନ୍ତର

ଅତି ଆପଣ ର

ହୃଦୟ ର ଏକମାତ୍ର

ବନ୍ଧୁ ସହୋଦର;

ବାଙ୍କ ସମସ୍ତେ ସୁଖ ବେଳାର

ଦୁଃଖ ବେଳେ ସଭିଏଁ ପର

ମୁଁ ପର୍

ଅଜଣା ଅଶୁଣା

ସବୁ ଦିନଆଁ କଳାକାର ।।

ଆର୍ଯ୍ୟପଲ୍ଲୀ, କଟ ଛକ,
ପଟିଆ, ଭୁବନେଶ୍ୱର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଅପେକ୍ଷା



ରୀତା ଅପରାଜିତା ମହାନ୍ତି

ତୁମେ ଏବେ ସେ ଦୁନିଆ ରେ
ଭଲରେ ଥାଅ ।
ଯେଉଁ ଯଂତ୍ରଣା ରେ ପିଲାମାନଙ୍କୁ ବଡ଼ କରିଥିଲ
ମାନନୀ ବୋଉ
ସେମାନେ ଭୁଲିଗଲେଣି
ବାପା ଙ୍କ ସମ୍ମାନ ଆଦର କରିବା ମନୁ ପାଶୋରି ଦେଲେଣି
ମୁଁ ଏବେ ଜରାଶ୍ରମରେ
ତୁମ ସ୍ମୃତିକୁ ସାଥୀ କରି ବଞ୍ଚିଛି
ଆଖିରେ ଲୁହ ଅଛି
ହେଲେ ମୁଁ କେବେ ଗଢେଇନ
ତୁମଠୁ ଶିଖିଛି ଜୀବନ ଜୀଇଁବାର କଳା
ତୁମ ସହ କେବେ ଦେଖା ହେବ
ମୁଁ ସେଇ ଅନ୍ତିମ ଘଡିର ଅପେକ୍ଷା ରେ
ପ୍ରଭୁଙ୍କ ନାଁ ନେଇ
ଦିନ କାଟି ଚାଲିଛି ।

ପ୍ଲଟ ନ -୮୩(ସି) ଆମ୍ରପଲ୍ଲୀ,
ଭୁବନେଶ୍ୱର-୨୧

# ସାତକୋଶିଆ ଗଣ୍ଡର କାହାଣୀ

## (ଷଷ୍ଠ ଭାଗ - ମହାନଦୀ)



ଅଶୋକ ବିଶ୍ୱାଳ

## ସାତକୋଶିଆ ଗଣ୍ଡର କାହାଣୀ - ମହାନଦୀ

ଆମେ ଏକ ଛୋଟ ଗାଁରେ ପହଞ୍ଚିଲୁ । ଗ୍ଭରିଆଡ଼େ ଥିଲା ଜଙ୍ଗଲ । ଗ୍ଭଷ ଜମି ସବୁ ଗାଁର ଘରମାନଙ୍କଠୁ ଆରମ୍ଭ ହୋଇଯାଇଥିଲା । ଗଡଜାତର ଏ ଗାଁରେ ଘର ସବୁ ଲଗା ଲଗି ହୋଇଥାଏ, ଲୋକମାନେ ଏକୁଟିଆ ଘର କରନ୍ତି ନାହିଁ । ଏକାଠି ହେବା ଦ୍ୱାରା ଘର ଗୁଡିକ ମିଶି ଏକ ବଡ ଗାଁ ତିଆରି ହୁଏ । ଆଉ ଏ ଗାଁ ସବୁ ଆକ୍ରମଣକାରୀଙ୍କ ବିରୁଦ୍ଧରେ ଲୋକଙ୍କୁ ରକ୍ଷା କରିଥାଏ ।

ଆମେ ଯେଉଁ ଗାଁରେ ଅଛୁ ତାରି ନାଁ ମକର ପ୍ରସାଦ । ବଡ ଆଶ୍ଚର୍ଯ୍ୟ କଥା, ଏହି ଗାଁକୁ କେବେ ଷଣ୍ଢ ଆସିନାହିଁ, ଯଦି କେଉଁ ଷଣ୍ଢ ଭୁଲରେ ଏଇ ଗାଁ କୁ ଆସିଯାଇଛି, ଆଉ ହେଣ୍ଟାଳିଛି ତାହା ହେଲେ ତାର ମୃତ୍ୟୁ ନିଶ୍ଚିତ । ଯେତେବେଳେ ଗାଇମାନେ ଗରମ ଥାଆନ୍ତି, ସେମାନେ ଜଙ୍ଗଲକୁ ଯାଆନ୍ତି । ପିତଳର ମହାଦେବ ଥାଆନ୍ତି ସେଠି । ଆଉ ସେଇଠି ସେମାନେ ଆଶ୍ଚର୍ଯ୍ୟଜନକ ଭାବରେ ଗର୍ଭବତୀ ହୋଇଥାଆନ୍ତି । ସେ କହୁଥିଲେ ଏମିତି ଏକ ଆଶ୍ଚର୍ଯ୍ୟଜନକ କଥା । ଅବିଶ୍ୱାସର କଥା । ଏହା କେମିତି ସମ୍ଭବ ହେଇପାରେ ମୁଁ ବୁଝିପାରୁନଥିଲି । ମୁଁ ତାଙ୍କୁ ଅବିଶ୍ୱାସ କରୁଥିଲି । ସେ କହୁଥିଲେ ବିସ୍ମୟର କଥା ବୋଧ ହୁଏ ମୋତେ ଆଶ୍ଚର୍ଯ୍ୟଚକିତ କରିବା ପାଇଁ ।

"ଆପଣ ହୁଏତ ଏହାକୁ ବିଶ୍ୱାସ କରିବେ ନାହିଁ । କିନ୍ତୁ ଖବରକାଗଜ, ଟିଭିରେ ଏ ଖବର ଆସିଛି । ପଶୁଚିକିତ୍ସକ ଦଳ ଏ ଗାଁକୁ ଆସଛନ୍ତି, ସେମାନେ ମଧ୍ୟ ଗାଈର ଗର୍ଭବତୀ ହେବାର କେଉଁ କାରଣ ଖୋଜି ପାଇନାହାନ୍ତି ।" ସେ ମୋର ଅବିଶ୍ୱାସକୁ ଦୂର କରିବା ପାଇଁ ଚେଷ୍ଟା କରୁଥିଲେ ।

"ଯେତେବେଳେ ଷଣ୍ଢ ଗାଁର ପରିସୀମା ଭିତରକୁ ଆସିଯାଏ, ଆଉ ତିନି ଚାରି ଥର ହେଣ୍ଟାଳେ, ତାପରେ ଆଶ୍ଚର୍ଯ୍ୟଜନକଭାବେ ତାର ଦେହ ଖରାପ ହୋଇଯାଏ, ଆଉ ପରେ ମରିଯାଏ । ଏହା ଗରମ ହୋଇଥିବା ଗାଈ ସହ ମିଳିତ ହୋଇପାରେ ନାହିଁ । ଗାଁ ଲୋକେ, ଅନ୍ୟ ଲୋକମାନେ ଏମିତି ହେବାର କାରଣ ଖୋଜି ପାଆନ୍ତି ନାହିଁ । ଆଉ ଗାଈମାନେ ଗରମ ଅବସ୍ଥାରେ ଜଙ୍ଗଲକୁ ଯାଆନ୍ତି । ମାଲିକ ଷଣ୍ଢ ଯୋଗାଡ଼ କରେ ନାହିଁ । ଗାଈ ଗର୍ଭବତୀ ହୁଏ, ଆଉ ଛୁଆ ଦିଏ । ଗାଁ ଲୋକମାନେ ଜଙ୍ଗଲରେ ଷଣ୍ଢ ଦେଖିନାହାନ୍ତି । ସେମାନେ ଏମିତି ଏକ ଆଶ୍ଚର୍ଯ୍ୟଜନକ ଘଟଣାର କାରଣ ଖୋଜି ପାଆନ୍ତି ନାହିଁ ।" ସେ ବୁଝାଉଥିଲେ ।

ଆଗରେ ଥିବା ପାହାଡକୁ ଅନାଇଲି, ଚାଷଜମି ପରେ ଥିଲା ପାହାଡଟି, ଲାଗୁଥିଲା ଯେମିତି ଏକ ଷଣ୍ଢ ବସିବା ଅବସ୍ଥାରେ ଅଛି । ସବୁଜ ଅରଣ୍ୟ ଚାରିଆଡେ ଘେରି ରହିଛି । ଉପରଟା ଥିଲା ସମତଳ, ଟିକଏ ଲାଗୁଥିଲା ଯେମିତି ଷଣ୍ଢର ପିଠି । ଷଣ୍ଢର ମଝି କୁଦ ଭଳି ଆହୁରି ଏକ ଛୋଟ ପଥର ଥିଲା । ତା'ପରେ ମୁଣ୍ଡ ଆରମ୍ଭ ହୋଇଥିଲା । ଦୂରରୁ ଲାଗୁଥିଲା ପାହାଡଟି ଯେମିତିକି ଏକ ବସିଥିବା ବିଶାଳ ଷଣ୍ଢ । ଏହା କିନ୍ତୁ ସମ୍ପୂର୍ଣ୍ଣ ଭାବେ ଷଣ୍ଢ ପରି ଲାଗୁନଥିଲା । ଲୋକଙ୍କର ବିଶ୍ୱାସ ଏମିତି ଏକ ରୂପକୁ ତିଆରି କରିଥିଲା । ସେମାନେ ଭାବୁଥିଲେ ଷଣ୍ଢ ଦେବତା ଜଙ୍ଗଲରେ ବସି ରହିଛନ୍ତି ।

ଅନେକ କାହାଣୀ ଥିଲା । ଗାଁର ପୂଜାରୀ ବେଳେବେଳେ ଜଙ୍ଗଲକୁ ଯାଏ ପୂଜା କରିବା ପାଇଁ। ଷଣ୍ଢ ଦେବତାଙ୍କୁ ପୂଜା କରିବା ଦରକାର । ଏତେ ଉଚ୍ଚା ପାହାଡକୁ ଚଢିବାକୁ କଷ୍ଟ

ହେଉଥିଲା । ତାଙ୍କର କଷ୍ଟ ଦେଖି ଷଣ୍ଢ ଦେବତା ଗୋଟିଏ ପିତଳ ପାତ୍ର ଗାଁ ଆଡକୁ ଫୋପାଡିଲେ । ଏହା ଗୋଟିଏ ସାହାଡା ଗଛ ତଳେ ପଡିଲା । ସେଇଠାରେ ପୂଜାରୀ ଭଗବାନଙ୍କୁ ସ୍ଥାପନା କଲେ ।

ଜଙ୍ଗଲ ଭିତରେ ଆମର ଯାତ୍ରା ଲାଗି ରହିଥିଲା । ଆମେ ପଦ୍ମତୋଳାର ଜଙ୍ଗଲ ଆଡକୁ ଆସୁଥିଲୁ । ଘଞ୍ଚ ଅରଣ୍ୟ ଏଠି, ଗଛ ଗୁଡିକ ବିଶାଳ । ଜଙ୍ଗଲଟି ଅଭେଦ୍ୟ । ଦିନ ଏଠି ରାତି । ଗଛ ଗୁଡିକ ଆକାଶକୁ ଢାଙ୍କି ଦେଇଛି । ମୋ ଆଖି ଖୋଜି ବୁଲୁଥିଲା ଜୀବନକୁ ଦେଖିବା ପାଇଁ । ରଙ୍ଗରେ କେତେ ବିଭିନ୍ନତା ଥିଲା । ଜଙ୍ଗଲରେ ଗଲିଲା ବେଳେ ନଜର ସବୁ ଇନ୍ଦ୍ରିୟ ସଜାଗ ହେବା ଦରକାର । ତାହା ହେଲେ ଜଙ୍ଗଲରେ ରହୁଥିବା ଜୀବନକୁ ବୁଝି ହେବ । ଡାଳ ଭାଙ୍ଗିଯିବାର ଶବ୍ଦ ହୋଇପାରେ ଏକ ବାଘର, ଜନ୍ତୁଟି ସାବଧାନତାର ସହ ଆସୁଛି । ହଳଦିଆ କଳା ଛାଇ ହୋଇପାରେ ଏକ କଲରାପତରିଆ ବାଘର । ଶରୀରରେ ଟିକଏ ଗାପ, ହୋଇପାରେ ଗୋଟିଏ ସାପ ଉପରେ ରହିଛି । ମଲା ଜୀବର ଗନ୍ଧ ହୋଇପାରେ ବାଘର ଶିକାର ପାଖରେ ପଡିଛି ।

"ଆପଣ ଜାଣିଛନ୍ତି ପୁରୁଣା କଳଙ୍ଗର ପ୍ରସିଦ୍ଧ ହସ୍ତୀସେନା?" ସେ ଏକ ନୂଆ କାହାଣୀ କହୁଥିଲେ ।

ମୁଁ ଜାଣିଥିଲି ମହାଭାରତର କଥା କଳଙ୍ଗର ମହାଶକ୍ତିଶାଳୀ ରାଜା ୧୦ ହଜାରରୁ ଉର୍ଦ୍ଧ୍ୱ ହାତୀନେଇ ନିଷାଦ ସୈନ୍ୟମାନଙ୍କ ସହିତ ଯାଇଥିଲେ ମହାଭାରତ ଯୁଦ୍ଧକୁ । ତା'ପରେ ସେ କହିଗାଲିଲେ ପଦ୍ମତୋଳା ଜଙ୍ଗଲରୁ କେମିତି ହାତୀମାନଙ୍କୁ ଧରାଯାଏ ।

କଳଙ୍ଗର ବିଶାଳ ରାଜ୍ୟ ଦିନେ ଯୁଦ୍ଧ ହସ୍ତୀମାନଙ୍କ ପାଇଁ ପ୍ରସିଦ୍ଧ ଥିଲା । କଳଙ୍ଗ ସମ୍ରାଟ ଏହି ହାତୀମାନଙ୍କୁ ସାତକୋଶିଆର ଘୋର ଅରଣ୍ୟରୁ ଧରୁଥିଲେ, ମୁଖ୍ୟତଃ ପଦ୍ମତୋଳା ପାହାଡର ଆଖପାଖରୁ । ହାତୀଖେଦା ପାଇଁ ପ୍ରାୟ ଗାରି ଏକରର ପରିମାଣର ସ୍ଥାନକୁ ଠିକ୍

କର୍‌ଯାଏ । ତା' ଭିତରେ କଦଳୀ, ବାଉଁଶ ଇତ୍ୟାଦି ଗଛ ଲଗାଇ ଦିଆଯାଏ । ଗ୍ଭରିପଟେ ଶକ୍ତ ଶାଳର ଖୁଣ୍ଟି ସବୁ ପୋତି ଦିଆଯାଇଥାଏ । ଖୁଣ୍ଟି ଉପରେ ତିକ୍ଷ୍ଣ ଲୁହାକଣ୍ଟାମାନ ପୋତା ଯାଇଥାଏ । ଏହି କାଠ ଗଡଗୁଡିକୁ ଗୋଟିଏରୁ ଆଉ ଗୋଟିଏ ସହିତ ବେତ ଦ୍ୱାର୍‌ ଖୁବ୍‌ ଭଲ ଭ୍ଭବରେ ବାନ୍ଧି ଦିଆଯାଏ । ମୁହଁରେ ଗୋଟିଏ ଗେଟ୍‌ ଲଗାଯାଏ । ଏମିତି ଏକ ଗଠନ ପ୍ରଣାଳୀ ଜଙ୍ଗଲ ସହ ମିଶିଯାଏ । ହାତୀ ଖାଦ୍ୟ ସନ୍ଧାନରେ ଏହି ଫନ୍ଦାରେ ପ୍ରବେଶ କରେ ଅଜଣାତରେ । ଏହା ଖୁସିରେ କଦଳୀ ଇତ୍ୟାଦି ଖାଉଥାଏ । ତାପରେ ବାହାରୁ ହଠାତ୍‌ ଗେଟ ବନ୍ଦ ହୋଇଯାଏ । ଭିତରେ ହାତୀଟି ଆର୍‌ମରେ ଖାଦ୍ୟ, ପାଣି ପାଏ । ଧିରେ ଧିରେ ଖାଦ୍ୟ ସରିଆସେ । ହାତୀର ଯିବା ପାଇଁ କୋଣସି ର୍‌ସ୍ତା ନଥାଏ । ଭେ୍କ ଉପାସରେ ମାସେ ଦୁଇ ମାସ ତା ମଧ୍ୟରେ ରହେ । ଯେତେବେଳେ ବଣୁଆ ହାତୀଟି ଖୁବ ଦୁର୍ବଳ ହୋଇପଡେ, ତା ଦେହରେ ଆକ୍ରମଣ କରିବାକୁ ଶକ୍ତି ରହେ ନାହିଁ, ସେତେବେଳେ ତାଲିମ ପ୍ରାପ୍ତ ହାତୀକୁ ଅଣାଯାଏ । ଏହି ହାତୀ ଯାଇ ଯାଇ ଜଙ୍ଗଲି ହାତୀକୁ ଚେନରେ ବାନ୍ଧି ଦିଏ, ଆଉ ଜଙ୍ଗଲରେ ଖୋଲ୍‌ ବୁଲୁଥିବା ହାତୀଟି ପରବର୍ତ୍ତୀ ଜୀବନରେ ବନ୍ଦୀର ଜୀବନଯାପନ କରେ । ର୍‌ଜାଙ୍କର ସେବାରେ ନିଯୁକ୍ତ ହୁଏ ।

ଆମେ ଆଗକୁ ଗ୍ଭଲିଲୁ । ମୋ ସାଥୀ କହି ଗ୍ଭଲୁଥିଲେ ଏହି ଜଙ୍ଗଲର ମହନୀୟତା ବିଷୟରେ । ଏଇ ଜଙ୍ଗଲରେ କେତେ ବିଶ୍ୱାସ, କେତେ ଇତିହାସ ଯୋଡାଯାଇଅଛି, ଅନେକଙ୍କୁ ଅଜଣା । ଆମେ ର୍‌ସ୍ତାରେ ଗୋଟିଏ ନଦୀକୁ ଅତିକ୍ରମ କଲୁ । ସେମାନେ ଏହାକୁ ବୁତଙ୍ଗ ନଦୀ କହୁଥିଲେ । ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ଏ ନାମ ମୋତେ ଲ୍ଗୁଥିଲ୍‌ ଯେମିତି ଏକ ବର୍ମିଜ ନାମ । ଏଠିକାର ଇତିହାସରେ ବର୍ମିଜମାନଙ୍କର ଆସିବାର କେଉଁ ପ୍ରମାଣ ମଧ୍ୟ ନାହିଁ, କମ୍ବା ବର୍ମିଜ ମହିଳା ଏଠିକା ର୍‌ଜାଙ୍କୁ ବାହା ହେଇନାହାନ୍ତି । ବୁତଙ୍ଗ ଥିଲ୍‌ ମହାନଦୀର ଏକ ଉପନଦୀ, ନୟାଗଡ ଜିଲ୍ଲାରେ ଅବସ୍ଥିତ । ପାଣି ହୋଇ ଆସୁଥିଲ୍‌ ନୟାଗଡ ଆଉ ଫୁଲବାଣୀ ର ଉଚ୍ଚ ଅଞ୍ଚଳରୁ, ମହାନଦୀର ବକ୍ଷକୁ । ଏହି ନଦୀଟି ମଣିଭଦ୍ରା ପାହାଡରୁ ପ୍ରାୟ ଗୋଟିଏ କ.ମି. ଦୂରରେ ଥିଲ୍‌ । ଯଦିଓ ନଦୀଟି ଏତେ ପାଣି ବର୍ଷା ସମୟରେ ଢ଼ାଳ ମହାନଦୀରେ, କନ୍ତୁ ଖର୍‌ ଦିନରେ ଶୁଖିଲ୍‌ ପଡିଥାଏ । ଲେ୍କମାନେ

ବିଶ୍ୱାସ କରନ୍ତି, ଏହା ହେଉଛି ଗୁପ୍ତ ଗଙ୍ଗା କାରଣ, ଯଦି ନଦୀ ବକ୍ଷରେ ଏକ ଛୋଟ ଚୂଆ ଖୋଳାଯାଏ, ସହଜରେ ପାଣି ବାହାରି ଆସେ, ଚୂଆକୁ ପୂର୍ଣ୍ଣ କରିଦିଏ । ମହାନଦୀ ବକ୍ଷରେ ସେମିତି ଚୂଆ ଖୋଳିଲେ ପାଣି ବାହାରି ନଥାଏ । ଏହା ଲୋକମାନଙ୍କ ପାଇଁ ଆଶ୍ଚର୍ଯ୍ୟଜନକ ଘଟଣା, ବୁଡଙ୍ଗ ନଦୀରେ ଥାଏ ଅମାପ ଜଳ । ସେମାନେ ପ୍ରଥମେ ଏହାକୁ ଗୁପ୍ତ ଗଙ୍ଗା କହୁଥିଲେ, ସମୟ ସହ ଏହାର ନିଜସ୍ୱ ନାମ ହରାଇ ବସିଛି ଆଉ ବର୍ତ୍ତମାନ ଜଣାଯାଉଛି ବୃଡଙ୍ଗ ନାମରେ । ତା ପରେ ସେ ମୋତେ କହିଲେ ଏକ ପୁରାଣର କଥା । ଯାହା ଏ ନଦୀ ସହିତ ଯୋଡ଼ା ହୋଇ ରହିଛି । କ'ଣ ପାଇଁ ଗୁପ୍ତ ଗଙ୍ଗା ନାମରେ ଏ ନଦୀ ନାମିତ ଥିଲା ।

ଏକଦା ମହାଭାରତର ମହାନେଯାଦ୍ଧା ଅର୍ଜୁନ ଅଜ୍ଞାତବାସ କରୁଥିଲେ ମଣିଭଦ୍ରାର ଘୋର ଅରଣ୍ୟରେ, ମହାନଦୀ କୂଳରେ । ଶ୍ରୀକୃଷ୍ଣ ନବଗୁଞ୍ଜର ରୂପରେ ଅର୍ଜୁନଙ୍କୁ ଦେଖାଦେଲେ ମଣିଭଦ୍ରାର ଜଙ୍ଗଲରେ । ରହୁଥିଲା ସେଠି ବିଶାଳ ଗୋସିଙ୍ଘା ଦୈତ୍ୟ, ନିଜର ଗର୍ବ ଅତ୍ୟାଚାର ପାଇଁ ଥିଲା ଅଖ୍ୟାତ, ସମସ୍ତେ ମୃତ୍ୟୁ ପରି ତାକୁ ଭୟ କରୁଥିଲେ । ତାର ଆରାଧ୍ୟ ଦେବୀ ଥିଲେ ଦେବୀ ନାରାୟଣୀ । ସେ ଶ୍ରୀକୃଷ୍ଣଙ୍କର ରାଣୀ ସତ୍ୟଭାମାକୁ ହରଣ କଲା, ତାଙ୍କୁ ନିଜର ଦୁର୍ଗ ଗୋସିଙ୍ଘାଗଡକୁ ନେଇଗଲା । କୃଷ୍ଣ ବଳରାମଙ୍କୁ ବନ୍ଦୀ କରି ଯଜ୍ଞରେ ବଳି ପାଇଁ ପଠାଇଲା । ଘୋର ଅରଣ୍ୟରେ ଅର୍ଜୁନ ଶୁଣିଲେ ରମଣୀର କାନ୍ଦଣା । ସେ ଆସିଲେ, ଦେଖିଲେ ରମଣୀକୁ ଦେତ୍ୟ କବଳରେ । ସେ ଅସୁର ସହ ଯୁଦ୍ଧ କଲେ, ଘୋର ଯୁଦ୍ଧରେ ଗୋସିଙ୍ଗା ଅର୍ଜୁନଙ୍କ ଦ୍ୱାରା ନିହତ ହେଲ ଆଉ ରାଣୀ ସତ୍ୟଭାମା ମୁକ୍ତ ହେଲେ । ରାଣୀ ନିଜକୁ ଅଶୌଚ ମନେ କରୁଥିଲେ, ଦୈତ୍ୟ ଗୋସିଙ୍ଗା ତାଙ୍କୁ ଛୁଇଁ ଦେଇଛି । ଧନୁର୍ଦ୍ଧାରୀ ଅର୍ଜୁନ ଶୁଷ୍କ ନଦୀ ଗର୍ଭକୁ ଶର ଚାଳନ କଲେ, ପାତାଳ ଗର୍ଭରୁ ବାହାରି ଆସିଲା ଗଙ୍ଗା, କୃଷ୍ଣପ୍ରିୟା ସତ୍ୟଭାମା ନେଲେ ନଦୀରେ ସ୍ନାନ । ଏହି ମଣିଭଦ୍ରା ପାହାଡର ମଧ୍ୟରେ ସେଇ ଦିନ ଠାରୁ ନଦୀରେ ଅଛି ଅମାପ ଜଳ । ଘୋର ଗ୍ରୀଷ୍ମକାଳରେ ମଧ୍ୟ ଜଳ ଭରି ଅଛି ନଦୀରେ, ନାଁ ହେଲା ଗୁପ୍ତଗଙ୍ଗା । ଯାହା ଧିରେ ଧିରେ ଅପଭ୍ରଂଶ ହୋଇ ଆଜି ବୁଡଙ୍ଗ ନାମରେ ନାମିତ । ମହାଭାରତର ଏହି କାହାଣୀ ଲୋକଲୋଚନରୁ

ଲୁଚଯାଇଛି । ଗଡ ଲୁଚଯାଇଛି ବୈଶାପାଲୀର ଅଭୟାରଣ୍ୟରେ, ଦୈତ୍ୟର ହାଡ ସବୁ ପଡିରହିଛି ଅସୁର ଖୋଲରେ, ଘୋର ଅରଣ୍ୟ ମଧ୍ୟରେ ।

## ମଣିନାଗ ଏବଂ ମଣିଭଦ୍ରାର ପାହାଡ଼ର ଅନ୍ୟ ସାପମାନେ

ଦିନେ ଅପରାହ୍ଣରେ ମୁଁ ବସିଥିଲି ସବୁଜୀମା ଭରା ଏକ ପାହାଡ ଆଗରେ, ଏହା ଥିଲା ମଣିଭଦ୍ରା ପାହାଡ, ଲାଗୁନଥିଲା ଏତେ ବିଭିଷୀକାମୟ । ଗାଁର ପରେ ପରେ ପାହାଡଟି ଆରମ୍ଭ ହୋଇଯାଇଥିଲା । ଆଜି ଘୋର ଅରଣ୍ୟ ନାହିଁ ସେଠି। କିନ୍ତୁ ଏହି ପାହାଡ଼ରେ ଲାଗିରହିଛି ଅସଂଖ୍ୟ କାହାଣୀ । ସଂନ୍ଧ୍ୟା ଆସିଥିଲା, ସେଦିନ ମୁଁ ଏକା ନଥିଲ, ମୋ ଆଗରେ ଥିଲେ ବୃଦ୍ଧ ବ୍ୟକ୍ତି । ନିଜ ବୟସ ଅନେକ ଦିନରୁ ହଜେଇ ଦେଇଛନ୍ତି, ଶୁଷ୍କ ଶରୀର, ଜୀର୍ଣ୍ଣ ଶରୀର, ଦାଗ ପଡିଯାଇଛି କଳା ଶରୀରରେ, କ୍ଷଣକେ ଭାଙ୍ଗିଯିବ, ଆଖି ନଇଁ ଯାଇଛି, ଛାତିରେ ମାଂସପେଶୀମାନେ ଅସ୍ଥିର ହେଉନାହାନ୍ତ, ବାହୁରେ ଆଉ ମାଂସପେଶୀ ନାହିଁ । ପ୍ରତିଟି କଥାର ସହ ସ୍ୱର ଥରିଯାଉଛି, ଆଉ ଏତେ ଶକ୍ତି ନାହିଁ କିନ୍ତୁ ଅଛି ଗଭୀରତା । ମୁଁ ବୁଝିପାରୁନଥିଲି, କେମିତି ଏତେ ଶକ୍ତି ଦିନେ ଭରି ରହିଥିଲା ସେ ଶରୀରରେ, ଏତେ ଦୁଃସାହାସ କରିବାର ଇଛା । ସେ ଘରର କଳା କୋଣକୁ ଅନାଇଲେ, ଡ଼ିବିରି ଆଲୁଅର ଛାଇ ପଡୁଥିଲା । ତାଙ୍କ ଆଖି ଆଗରେ ଥିଲା ଡ଼ିବିରି ର ଆଲୁଅ । ପଡୁଥିଲା ତାଙ୍କ ଉପରେ । ତାଙ୍କୁ ଯେମିତି ଏକ ଛାଇ ବନାଇ ଦେଇଥିଲା । ସେ ଯେମିତି ଛାଇର ପରିବର୍ତ୍ତନ ହୋଇଯାଇଛନ୍ତି । ଯେତେବେଳେ ସେ କହୁଥିଲେ ଲାଗୁଥିଲା ଯେମିତି ଛାଇ ଅନାଇଛି, ଆଉ ସେଇ ଛାଇଟି ବଡରୁ ବଡ଼ ହୋଇଯାଉଛି, ଭୟଙ୍କର ହୋଇଯାଉଛି, ଆଉ ଭୟଙ୍କର ରୁପମାନ ତାଙ୍କର ଥରୁଥିବା କଣ୍ଠରୁ ବାହାରି ଆସୁଥିଲା । ସେମାନେ ସୁ-ସୁ ଶବ୍ଦ କରୁଥିଲେ, ସେ ଯେତେବେଳେ କହୁଥିଲେ, ମଣିନାଗ ପାହାଡ଼ର ସାପମାନେ ସୁ...ସୁ... କରୁଥିଲେ । ସେ ଯେତେବେଳେ କହୁଥିଲେ ତାଙ୍କର ଅନ୍ୟ ସାଥିମାନେ ଶୁଣୁଥିଲେ । ସେମାନଙ୍କ ମୁଣ୍ଡ ଖାଲି ହଲୁଥିଲା । ଆଉ କଛି ଶରୀର ବି ହଲୁନଥିଲା ।

ସେମାନେ ସେହି ପୁରୁଣା କଥା ମନେ ପକାଉଥିଲେ । ଥିଲା ବିଶ୍ୱାସର ଦିନ । ସାହସର ଦିନ । ମଣିନାଗର ଦିନ ।

ମଣିନାଗ ସାପ ସେ ହେଉଛି ରାଜାମାନଙ୍କର ରାଜା । ପାହାଡ ଉପରୁ ଓହ୍ଲାଇ ଆସେ ମହାନଦୀର ପାଣିକୁ ପିଇବା ପାଇଁ । ଅହିରାଜ ଉପରେ ଚଢ଼ି ବସିଥାଏ, ଆସେ ଗଭୀର ରାତିରେ । ମୁଁ ତାଙ୍କର କଥାକୁ ଲେଖି ରଖୁଥିଲି । ଅନେକ ଏହାକୁ ଅବିଶ୍ୱାସ କରିବେ, ପ୍ରଥମରୁ କହିରଖୁଛି । ସାପଟି ଖୁବ୍ ବଡ ନୁହେଁ ପ୍ରାୟ ତିନ ଇଞ୍ଚ ବ୍ୟାସ ବିଶିଷ୍ଟ । ଯେତେବେଳେ ସେ ମଣିଷକୁ ଦେଖେ, ଫୁଲିବାକୁ ଆରମ୍ଭ କରେ, ମୋଟାଇ ସେତେବେଳକୁ ୫ ରୁ ୭ ଫୁଟ ହୋଇଯାଏ । ହୀରା ଭଳି ତା ମୁଣ୍ଡ ଉପରେ ନାଗମଣି ଜଳୁଥାଏ, ଦୁଇ ଆଖିର ମଝିରେ, ଯେମିତି ଲାଗୁଥାଏ ଜୁଳୁଜୁଳିଆ ପୋକ । ଯଦି ଏହି ଆଲୋକ କୌଣସି ଲୋକ ଉପରେ ବା ପଶୁ ଉପରେ, ଘାସରେ ବା ପତ୍ରରେ ପଡେ, ସବୁ ଜଳିଯାଏ । ବଡ ଆଶ୍ଚର୍ଯ୍ୟ କଥା, ଜିଲ୍ଲାର ଅନେକ ଶିକ୍ଷିତ ଅଧିବାସୀ ମଣିନାଗର ଉପସ୍ଥିତିକୁ ବିଶ୍ୱାସ କରନ୍ତି ଆଜି ମଧ୍ୟ, ସେମାନଙ୍କ ପାଇଁ ମଣିନାଗର ମୋତି ଆଜି ମଧ୍ୟ ଅଛି । ଅନେକ ଅବିଶ୍ୱାସନୀୟ କାହାଣୀ ଏ ସାପ ସହିତ ଯୋଡା ହୋଇ ରହିଛି ।

ଥରେ ଗୋଟିଏ ସାପୁଆ କେଳା ମଣିଭଦ୍ରା ପାହାଡ ପାଖକୁ ଆସିଲା, ଏହି ଲୋକମାନେ ସାପ ଧରନ୍ତି ଆଉ ସାପ ଖେଳାନ୍ତି । ତାର ଇଚ୍ଛା ଥିଲା ସାପ ଧରିଥାନ୍ତା । ସେ ସେଇଠି ପଦ୍ମତୋଳା ପଢିବାକୁ ଆରମ୍ଭ କଲା । ଏହି ମନ୍ତ୍ର ହେଉଛି ଭୟଙ୍କର ସାପକୁ ବଶ କରବାର ମନ୍ତ୍ର । ଏ ସାପୁଆ କେଳାଟି ମଣିଭଦ୍ରା ପାହାଡର ପାଖରେ ପଦ୍ମତୋଳା ମନ୍ତ୍ର ପଢିବା ପାଇଁ ସାହସ କରିଥିଲା, ଆଗରୁ ଏମିତି ସାହସ କେହି କରିନଥିଲେ । ମନ୍ତ୍ରର ପ୍ରଭାବ ଥିଲା । ଯେତେବେଳେ ସାପୁଆ କେଳା ମନ୍ତ୍ର ପଢିବ, ସ୍ୱର ଯାଇ ସାପର କାନରେ ପଡିବ, ଯେଉଁ ପର୍ଯ୍ୟନ୍ତ ସାପୁଆକେଳା ମନ୍ତ୍ର ପଢୁଥିବ ସେ ସାପ ସେ ଅଞ୍ଚଳରୁ ବାହାରି ଯାଇପାରିବ ନାହିଁ। ଏଠି ସାପଗୁଡିକ ଗଛ ଉପରେ ରୁହନ୍ତି, ଗୁମ୍ଫାରେ ରହନ୍ତି, ଫାଟିଯାଇଥିବା ପଥର ମଧ୍ୟରେ ରହନ୍ତି । ଆଉ ବଡ଼ ଆଶ୍ଚର୍ଯ୍ୟ କଥା ମହାଶକ୍ତିଶାଳୀ ସାପମାନେ ଗଛ ଉପରେ ରହନ୍ତି ।

ବୃଦ୍ଧ ବ୍ୟକ୍ତିଟିର ଆଖିରେ ଥିଲା ଭୟ, ପ୍ରବଳ ଭୟ । ସେ ସେମିତି ଏକ ବସାର କଥା କହୁଥିଲେ । ସାପର ବସା ବିରାଟ ଶାଳ ଗଛ ଉପରେ । ଶାଳ ଗଛର ଗୋଲାଇ ୨୦ ଫୁଟରୁ ଅଧିକ ହୋଇପାରେ ତା ଉପରେ ଥିଲା ବସା । ବଡ଼ ବଡ ଗଣ୍ଡିମାନଙ୍କୁ ଯାହାର ଗୋଲାଇ ୩ ଫିଟ୍ ପର୍ଯ୍ୟନ୍ତ ହୋଇପାରେ, ସେ ଗୁଡିକୁ ଉପରକୁ ନଆଯାଇଥିଲା, ସଜେଇ ରଖାଯାଇଥିଲା, ଆଉ ସାପର ବସା ତିଆରି ହୋଇଥିଲା । ସେ ନଜେ ସାପର ଶକ୍ତିକୁ ବିଶ୍ୱାସ କରିପାରୁନଥିଲେ । ସାପ କଣ ସତରେ ଏତେ ବଡ ଗଣ୍ଡିକୁ ଉପରକୁ ଉଠାଇ ନେଇପାରେ ! ଆଉ ସେଠି ବସା ବାନ୍ଧିପାରେ! କନ୍ତୁ ସେମିତି ଏକ ବସା ଆଖିରେ ଦେଖିଥିଲେ । ସେ ବିଶ୍ୱାସ କରିଥିଲେ ମଣିଭଦ୍ରାର ସାପ ପୁରୁଣା କାଳରେ ଏତେ ବଡ ବଡ କାଠଗଣ୍ଡିକୁ ଉପରକୁ ନେଇପାରେ ।

ସେ ତାପରେ ଆଉ ଗୋଟିଏ କାହାଣୀ କହିବାକୁ ଆରମ୍ଭ କଲେ । ଏକ ବିଶାଳ ସାପ ମହାନଦୀରୁ ଫେରୁଥିଲା । ଏହା ଏବେକାର କାହାଣୀ । ସକାଳେ ସରକାରୀ ବସ୍ ଛାଡି ଥାଏ, ଡ୍ରାଇଭର ରାସ୍ତାରେ ବିଶାଳ ସାପ ଦେଖିଲା, ସାପ ଖୁବ୍ ଜୋରରେ ସୁ...ସୁ..... କରୁଥାଏ । ବସ ଡ୍ରାଇଭର ଇଞ୍ଜିନକୁ ବନ୍ଦ କରିଦେଲା । ସମସ୍ତେ ଝରକା ବନ୍ଦ କରିଦେଲେ। ବସ ଚୁପ୍ ଚାପ୍ ଠିଆ ହେଲା । ବସ୍ ଡ୍ରାଇଭର ଏତେ ବଡ ସାପ ଉପରେ ବସକୁ ଚଢ଼ାଇବା ପାଇଁ ସାହସ କରିପାରିଲା ନାହିଁ । ସାପଟି ନଜର ଫଣା ଟେକଲା । ସବୁ ଲୋକ ଡ଼ରିଗଲେ, ଯେମିତି ପଥର ହୋଇଗଲେ । ବିଶାଳ ସାପ ନଜର ଫଣା ଟେକ ଅନାଇଲା। ଜୋରରେ ସୁ...ସୁ...କଲା । ଏପଟେ ବସ ଭିତରେ ଯାତ୍ରୀମାନେ ଥରୁଥାନ୍ତି ଡ଼ରରେ । ଶେଷରେ ସାପ ଚାଲିଗଲା । ଏମିତି ହେଉଛି ମଣିଭଦ୍ରା ପାହାଡ଼ର ସାପମାନଙ୍କର ଆକାର ।

ତା ପରେ ସେ ଫେରିଆସିବେ ପୁରୁଣା କାହାଣୀକୁ, ସାପୁଆ କେଳା ପଦ୍ମତୋଳା ମନ୍ତ୍ର ଉଚ୍ଚାରଣ କରୁଥାଏ । ସପ୍ତେଶ୍ୱର ବଜାଉଥାଏ । ହାତରେ ଡମ୍ବରୁ ବାଜୁଥାଏ । ଏ ଶବ୍ଦ

ଜଙ୍ଗଲକୁ ଗ୍ଲିଗଲା, ପାହାଡକୁ ଗ୍ଲିଗଲା । ଅନ୍ୟ ସାପମାନେ ଆସିଲେ, ଯେଉଁ ସାପ ସାପୁଆ କେଳାର ମନ୍ତ୍ର ଶୁଣିଲା ସେ ଆସିଲା । ଗୋଟିଏ ଅହିରାଜ ସାପ ଉପରେ ବସି କରି ମଣିନାଗ ସାପ ମଧ୍ୟ ଆସିଲା । ସେ ସାପୁଆ କେଳାକୁ ଦେଖିଲା ଆଉ ତାର ଆକାର ବଢି ଗ୍ଲିଲା । ଏଣେ ସାପୁଆ କେଳା ମନ୍ତ୍ର ଉଚ୍ଚାରଣ କରିଗ୍ଲିଥାଏ । ମଣିନାଗ ସମ୍ମୋହିତ ହେଲା ନାହିଁ । ଏହାର ଆକାର ଆହୁରି ବଢ଼ିଗଲା । ସାପୁଆ କେଳା ସାପକୁ ଶାନ୍ତ କରିପାରୁନଥାଏ । ତେଣୁ ସେ ଦୌଡି ପଳାଇବାକୁ ଗ୍ହିଁଲା । ଆଉ ସେ ମହାଶକ୍ତିଶାଳୀ ମଣିନାଗ ସାପ ସାପୁଆ କେଳାକୁ ଶୋଷି ଦେଲା । ମୁହୂର୍ତ୍ତକ ମଧ୍ୟରେ ସାପୁଆ କେଳା ସାପର ପେଟ ଭିତରକୁ ଗ୍ଲଗଲା, ସାମାନ୍ୟ ମଣିଷ ହୋଇ ମହାଶକ୍ତିଶାଳୀ ମଣିନାଗକୁ ସାପୁଆ କେଳା ପଦ୍ମତୋଳାର ପାହାଡ ତଳେ ଆହ୍ୱାନ କରିଥିଲା, ଦଣ୍ଡ ପାଇବ । ଆଉ ଶେଷରେ ବରଣ କଲା ମୃତ୍ୟୁ । ଆଜି ପର୍ଯ୍ୟନ୍ତ ମଣିଭଦ୍ରା ପାହାଡରେ କେହି ସାପକୁ ଧରିନାହାନ୍ତି ।

ମୋ ଆଗରୁ ପଦ୍ମତୋଳା ମନ୍ତ୍ର କଥା ଶୁଣିଥିଲି । ମୋତେ କେମିତି ଆଶ୍ଚର୍ଯ୍ୟ ଲ୍ଗୁଥିଲା ମୁଁ ସେ ଲୋକଟି ଅନାଇଲି । ମନ୍ତ୍ର କ ପ୍ରଭାବ ସାପ ଉପରେ ପଡିପାରେ । ବୁଢା ଲୋକଟି ମୋ ଆଡକୁ ଅନାଇଲେ । ତାଙ୍କ ଆଖି ଜଳୁଥିଲା । ସେ ପୁଣି କହିଲେ ।

"ପଦ୍ମତୋଳା ହେଉଛି ସେହି ମନ୍ତ୍ର । ଯାହାଦ୍ୱାରା ସାପକୁ ବସ କରାଯାଏ । ଗୁଣିଆ ମନ୍ତ୍ର ଉଚ୍ଚାରଣ କରେ । ଗୁଣିଆ ଯେତେବେଳେ ସାପକୁ ପାଏ ଟିକଏ ଧୂଳ ବାଲି ମାଟିରୁ ଉଠାଇ ଆଣି ମନ୍ତ୍ର ଉଚ୍ଚାରଣ କରେ । ତା ପରେ ସେ ଧୂଳକୁ ସାପ ଉପରକୁ ଫୋପାଡି ଦିଏ । ସାପର ଯେତେ ଶକ୍ତି ଥାଉ ନା କାହିଁକ ଏହା ସେ ଜାଗା ଛାଡି ଯାଇପାରେ ନାହିଁ, ବନ୍ଦୀ ବନଯାଏ । ମନ୍ତ୍ରିତ ଧୂଳ ପଡିଥିବା ଜାଗାରେ ଭିତରେ ଆବଦ୍ଧ ହୋଇ ରହେ । ଯେ ପର୍ଯ୍ୟନ୍ତ ଗୁଣିଆ ସାପକୁ ଖୋଲିବାର ମନ୍ତ୍ର ନ ପଢିଛି, ସାପ ସେଠାରୁ ବାହାରିଯାଇପାରେ ନାହିଁ ।" ସେ କହୁଥିଲେ ପଦ୍ମତୋଳା ମନ୍ତ୍ରର ଶକ୍ତି ବିଷୟରେ ।

ମୁଁ ଆଶ୍ଚର୍ଯ୍ୟ ହୋଇଯାଇଥିଲି । ମନ୍ତ୍ର କ'ଣ ସତରେ ଏତେ ଶକ୍ତିଶାଳୀ ! ତାହାହେଲେ କଣ ପାଇଁ ମଣିନାଗ ବଶୀଭୂତ ହେଲା ନାହିଁ ? ସେ ମୋ କଥା ବୁଝିପାରୁଥିଲେ । ସେ ବୁଝାଇଗ୍ଲିଲେ ।

"ପଦ୍ମତୋଳା ହେଉଛି ସବୁଠାରୁ ଶକ୍ତିଶାଳୀ ମନ୍ତ୍ର । ଗୁଣିଆ ଠାରେ ଏହା ଠାରୁ ଶକ୍ତିଶାଳୀ ମନ୍ତ୍ର ନାହିଁ । ଏହି ମନ୍ତ୍ର ପଢିବା ଠିକ୍ ଭାବରେ ହେବା ଉଚତ୍ । ନହେଲେ ମନ୍ତ୍ରର ଶକ୍ତି କମିଯାଏ । ମଣିନାଗ ହେଉଛି ସବୁଠାରୁ ଶକ୍ତିଶାଳୀ ନାଗ । ଗୁଣିଆର ପଦ୍ମତୋଳା ମନ୍ତ୍ର ବୋଧହୁଏ ସେତେ ସଫା ନଥିଲା, ଶକ୍ତିଶାଳୀ ନଥିଲା । ତେଣୁ ମଣିନାଗ ଏ ମନ୍ତ୍ରର ବନ୍ଧନୀକୁ କାଟିଦେଲା, ଆଉ ଗୁଣିଆକୁ ମାରି ଦେଲା ।" ତାଙ୍କର ଉତ୍ତର ମୋ ପାଇଁ ଆଶ୍ଚର୍ଯ୍ୟଜନକ ଥିଲା । ଏହା ଥିଲା ତାଙ୍କ ପାଇଁ ଠିକ୍ ଉତ୍ତର, କନ୍ତୁ ମୋ ମନରେ ତଥାପି ସନ୍ଦେହ ଲାଗି ରହିଥିଲା ।

ମଣିଭଦ୍ରା ପାହାଡର ସାପମାନଙ୍କର ବିଷ, ସେମାନଙ୍କ ଶକ୍ତି ଉପରେ ଏଠିକାର ସମସ୍ତଙ୍କର ଅଗାଧ ବିଶ୍ୱାସ । ସେ ସାପମାନଙ୍କର ଭୟରେ ଯେମିତିକ ସେମାନଙ୍କର ରକ୍ତ ଜମାଟ ବାନ୍ଧିଯାଏ । ସେଦିନ ଆମେମାନେ କଛି ସମୟ ପାଇଁ କଥା କହିପାରୁନଥିଲୁ । ମୁଁ ନିଆଁର ଶିଖାକୁ ଅନାଇଲି । ନୀଳବର୍ଣ୍ଣର ଶିଖା । ମୁଁ ସେଠି ଯେମିତିକ ସାପକୁ ଦେଖିପାରୁଥିଲି । ସାପଟି ଆମକୁ ଅନାଇ ରହିଛି । ଆଖିରେ ଅଛି ଜଳନ୍ତା ନିଆଁ । ସମ୍ମୋହନର ଶକ୍ତି । ନିଆଁ ପବନରେ ଟିକଏ ହଲିଗଲା । ଲାଗିଲା ଯେମିତି ସାପ ବଡ ପାହାଡରୁ କୋଠରୀକୁ ଓହ୍ଲାଇ ଆସିଛି । କଳା ଛାଇ ସବୁ କୋଠରୀରେ ନାଚ କରୁଥିଲା । ସବୁ କୋଣରୁ ସାପମାନେ ଆମକୁ ଦେଖୁଥିଲେ । ମଣିନାଗ ସାପର ମହିମା ଶୁଣୁଥିଲେ । ବାହାରେ ସଂନ୍ଧ୍ୟା ଆକାଶରେ, ରାତିର ଆକାଶରେ ଥିଲା ଅଗଣିତ ତାରା। ସେମାନେ ସବୁ କଳା ପାହାଡ଼ମାନଙ୍କର ଚାରିପଟେ ଜମା ହୋଇଥିଲେ, ମଣିଭଦ୍ରା ପାହାଡ ଜୀବନ୍ତ ହୋଇ ଉଠୁଛି।

ବୁଢାଲୋକଟି ଏକ ଦୀର୍ଘ ନିଃଶ୍ୱାସ ନେଲେ । ତାଙ୍କ ଉପରେ ଅଳ୍ପ ଆଲୁଅ ପଡିଥିଲା । ବହୁତ ବୁଢ଼ା ଲୋକ । ବୋଧ ହୁଏ ୮୦-୯୦ ବର୍ଷର ବୁଢ଼ା ହେବେ । କଳା ମୁହଁରେ ଧଳା ଦାଢି ସବୁ ଥିଲା । ଅଖି ପତା ସବୁ ଧଳା ପାଲଟିଯାଇଥିଲା । ଚମଡ଼ା ଥିଲା ବହୁତ ଢିଲା, ଯେମିତି କି ସାପ ତଳପେଟର ଚମଡ଼ା । ମୁଣ୍ଡରେ କୁଣ୍ଡା ନହୋଇଥିବା ଲମ୍ବା ବାଳ । ଲାଗୁଥିଲା ଯେମିତି ସେ ଜଟରୁ ଛୋଟ ଛୋଟ ସାପ ଅନାଇ ରହିଛନ୍ତି । ସେ ମୋ କଥା ବୁଝିପାରୁଥିଲେ । ମୁଁ ଆଉ ସାପମାନଙ୍କର କାହାଣୀ ସବୁ ଶୁଣିବା ପାଇଁ ଇଛା କରୁଥିଲେ । ତା ପରେ ସେ କହିଗଲିଲେ ଅନ୍ୟ ସାପମାନଙ୍କର କାହାଣୀ । ଏବେକାର ସାପମାନଙ୍କର କାହାଣୀ ।

କ୍ରମଶଃ.....

ସେକ୍ଟର-୩, ସଲ୍ଟଲେକ, କଲିକତା

ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନିଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ

# ନବ ଯଉବନ ଦର୍ଶନ



ପୁଷ୍ପିତା ଭୂୟାଁ

ପନ୍ଦର ଦିନର ଅଣବସର ପରେ
ନବ ଜନ୍ମ ତୁମ ହୁଏ ମହାପ୍ରଭୁ
ସେବକଙ୍କ ହାତୁ
ଅବିରତ ସେବା ପାଇ,
ଭବ୍ୟ ଆଷାଢେ
ନବ ଯଉବନେ
ଦରଶନ ଦିଅ
ଆହେ ମହାବାହୁ,
ସିଂହଦ୍ୱାର ପାଶେ
ଅଗଣିତ ଭକ୍ତ
ଗୃହିଁ ରହିଛନ୍ତି ତୁମରି
ଟିକକ କରୁଣା ପାଇଁ,
ଚକା ଚକା ଆଖି
ଦର୍ଶନ ମାତ୍ରକେ
ଜନ୍ମ ଜନ୍ମାନ୍ତର ପାପ
ହୋଇଯାଏ ଧୋଇ,

ପାତର ଅନ୍ତର
ନକରି ପ୍ରଭୁହେ
ଆଶିଷ ଦିଅ ତୁମ ଢାଳ,
ଧନ୍ୟ ହୋଇଯାଉ
ମଣିଷ ଜାତି ଟା
ତୁମରି କରୁଣା ପାଇ ।

ପ୍ରତାପନଗରୀ, କଟକ

# ବର୍ଷା ଗୋ ତୁମେ.......



ଅମ୍ବିକା ସ୍ୱାଇଁ

ବର୍ଷା ଗୋ ତୁମେ ଆସ କେତେ ସଜବାଜ ହୋଇ
ବର୍ଷା ଗୋ ତୁମେ ଓଳ ଧାରେ ଯାଉ ଥାଅ ଡେଇଁ,
ବର୍ଷା ଗୋ ତୁମେ ଶ୍ରାବଣ ର ଉଛୁଳା ନଈ
ବର୍ଷା ଗୋ ତୁମେ  ଅଟ ଲ୍ଜେଇ ନୀଳ କଇଁ  ।।

ବର୍ଷା ଗୋ ତୁମେ ରିମ୍ ଝିମ୍ ଫୋଟକା ର ସୁଅ
ବର୍ଷା ଗୋ ତୁମେ ତପ୍ତ ମରୁର ଶୀତଳ ଲୁହ
ବର୍ଷା ଗୋ  ତୁମେ ନଈ ବଢ଼ିର ଅବ୍ୟକ୍ତ କୋହ
ବର୍ଷା ଗୋ ତୁମେ ପ୍ରେମୀ ଯୁଗଳ ଙ୍କ ପ୍ରୀତି ର ମୋହ  ।।

ବର୍ଷା ଗୋ ତୁମେ ଝରି ପୋକର କୁହୁକ ର୍ଣୀ
ବର୍ଷା ଗୋ ତୁମେ  ଗୃତକ ର ଅକୁହା ଗୃହାଣୀ
ବର୍ଷା ଗୋ ତୁମେ ସବୁଜ ପାଟେ ଦିଶ ସୁନ୍ଦରୀ
ବର୍ଷା ଗୋ ତୁମେ ହସି ଦେଲେ ନାଚେ ମୟୁରୀ ।।

ବର୍ଷା ଗୋ ତୁମେ ଗାଁ ଦାଣ୍ଡ କାଦୁଅ ପିଚ୍ କାରୀ
ବର୍ଷା ଗୋ ତୁମେ କାଗଜ ଡଙ୍ଗା ର ଶୂନ୍ୟ ନାଉରୀ
ବର୍ଷା ଗୋ ତୁମେ ନୀଳ ସରଗର ସ୍ୱପ୍ନପରୀ
ବର୍ଷା ଗୋ ତୁମେ ଭ୍ରି ମନେଇ ସଜ କୁଆଁରୀ ।।

ଶ୍ୟାମପୁର, ଭୁବନେଶ୍ୱର

# ବର୍ଷା



ସୁଲୋଚନା ପଟ୍ଟନାୟକ

ପୂର୍ବ ଆକାଶରେ ବଜ୍ରଳୀଟା ଚମକ ଗଲା । ଘରଭିତର ଝଲସିଗଲା ବିଜୁଳୀ ଆଲୋକରେ । ସବୁଜିମା ସେଦିନ ଘରେ ଏକୁଟିଆ ଥାଏ । ଛାତିଟା ଥରିଗଲା ତାର । ପିଲାଟିଦିନୁ ସବୁଜିମାକୁ ବିଜୁଳୀ ଆଲୋକକୁ ଭାରି ଭୟ । ବିଜୁଳୀ ପରେ ପରେ ଘଡଘଡି ଆସି ଥରାଇ ଦେଲା ପୃଥିବୀ । ସବୁଜିମା ଜାକଜୁକ ହୋଇ ବସିଥାଏ । ଏମିତିଆ ଛୋଟିଆ ଘଟଣାରୁ କେତେବେଳେ ଅଘଟଣ ଯେ ନ ଘଟେ ତା' କହିହେବନ । ଘରେ ଏକୁଟିଆ ଥିବାବେଳେ ଭୟ ଆହୁରି ମଜଭୁତ ହୋଇ ପାଖକୁ ମାଡିଆସେ । ସେଇଥିପାଇଁ ବୋଧହୁଏ ବୋଉ ବର୍ଷାହେଲେ ବାହାରକୁ ଯିବାକୁ ମନା କରେ । ହେଲେ ଝିପି ଝିପି ବର୍ଷାରେ ସବୁଜିମାକୁ ଭିଜିବାକୁ ଭାରି ଭଲ ଲାଗେ । କଲେଜ ଦିନ କଥା ଏ ଯାଏଁ ମନେ ପଡେ ସବୁଜିମାର । କଲେଜ ବେଳର ଏକ ବର୍ଷା ଦିନ ର କଥା ତାର ମନେ ପଡିଗଲା । ରେଭେନ୍ସା କଲେଜର ବଟାନୀ ଡିପାର୍ଟମେଣ୍ଟରୁ ଲେଡିସ୍ ହଷ୍ଟେଲଟା ପ୍ରାୟ ଅଧମାଇଲ ରାସ୍ତା । ମଝିରେ ପଡିଥାଏ ଚରିକୋଣିଆ ପଡିଆଟିଏ । ପ୍ରିନସପାଲ୍‌ଙ୍କ ନବାସ ପାଖ ଦେଇ ପଡିଆ ବାଟେ ଚାଲି ଆସିଲେ ପାଞ୍ଚ ମିନଟ୍ ଲାଗେ । ବର୍ଷା ହେଉ ବା ନହେଉ ସେଇ ବାଟ ଦେଇ ସିଏ ସବୁବେଳେ ଯିବା ଆସିବା କରେ । ଉପର ଶ୍ରେଣୀରେ ପଢୁଥିବା ବନାନୀ ମିଶ୍ର, ଯାହାଙ୍କୁ ସିଏ ସ୍ନେହରେ ବନନାନୀ ବୋଲି ଡାକେ, ପ୍ରାୟ ସବୁବେଳେ ତାକୁ ସାଙ୍ଗ ଦିଅନ୍ତି । ଦୁହେଁ ଚାଲି ଚାଲି ହଷ୍ଟେଲ ଆସନ୍ତି । ରିକ୍ସାଖଣ୍ଡେ ମିଳବାର ସୁବିଧା ନ ଥାଏ ସେ ପାଖେ । ବେଳେ ବେଳେ ଝିପିଝିପି ବର୍ଷାରେ ଭିଜି ଭିଜି କଲେଜ ଛକ ପର୍ଯନ୍ତ ସେମାନେ ଚାଲି ଚାଲି ମାଲବାର ରେଷ୍ଟୁରାଣ୍ଟରେ ଦୋସା ଖାଇବାକୁ ସେମାନେ ଯାଆନ୍ତି ବିଶେଷ କରି ଏପରି ବର୍ଷା ସମୟରେ। ଦୋସା ହେଉ ଅବା ବରା ସମ୍ବର ହେଉ, ସାଙ୍ଗ ହୋଇ ଖାଇବାର ଆନନ୍ଦ ଥାଏ ସବୁବେଳେ।

ହଷ୍ଟେଲର ଦୁଇମହଲାରେ ଥିବା ୨୦୫ ନମ୍ବର ରୁମରେ ଆଉ ତିନଜଣ ସମ୍ବଲପୁରର ଝିଅଙ୍କ ସହ ରୁହେ ସବୁଜିମା । ଭାରି ସାଙ୍ଗସାଥୀ ହୋଇ ସେମାନେ ଚଳନ୍ତି । ତଥାପି ବେଳେ ବେଳେ ସବୁଜିମାକୁ ଏକୁଟିଆ ଲାଗେ, କାରଣ ସିଏ ସମସ୍ତଙ୍କଠାରୁ ସାନ । କାହାକୁ କଛି କୁହେନ । ସମୟ ଦି ମାସ ସେମିତି କଟିଯାଏ । ସେମିତି ଚାରି ବର୍ଷ କୁଆଡେ ଚାଲିଗଲା । କାବେରୀ ଅପା ପ୍ରଥମ ଶ୍ରେଣୀରେ ପ୍ରଥମ ହୋଇ ପାସ କଲେ ଓ ତିନ ମାସ ଭିତରେ ଅଧାପିକା ହୋଇ ସେଇଠି ଯୋଗଦେଲେ । ଆଉ ଦୁଇଜଣ ସମ୍ବଲପୁର ପାଖାପାଖି କେଉଁ କଲେଜରେ ଯୋଗ ଦେଲେ । କାବେରୀ ଅପାଙ୍କ ସହ ସମୟେ ସମୟେ ଦେଖା ହୁଏ। ସେଦିନ ଦୁହିଁଙ୍କ କ୍ଲାସ ସରିବା ପରେ ସେମାନେ ଏକାଠି ହଷ୍ଟେଲ ବାହାରିଲେ । ହଠାତ ବର୍ଷା କେଉଁଠୁ ଚାଲି ଆସିଲା । ଝୁପୁ ଝୁପୁ ହୋଇ ବର୍ଷା ହେଉଥାଏ । ସବୁଜିମା ଉପଭୋଗ କରୁଥିଲା ସେ ଅଦିନଆ ବର୍ଷାକୁ । ଘାସ ପାଡିଆ ଦେଇ ଗଲାବେଳେ ବର୍ଷାର ଟୁପୁ ଟୁପୁ ଶବ୍ଦ ଜଣାପଡୁ ନଥାଏ, ଖାଲି ଦେହକୁ ଛୁଇଁ ଯାଉଥାଏ । ଲୁଗାପଟା ଓଦା ହେବାରେ ଲାଗିଥାଏ । କାବେରୀ ଅପା ତରବର ହୋଇ ଚାଲିବାକୁ ଲାଗିଲେ । ସବୁଜିମା କହିଲା, "ଅପା ଆପଣଙ୍କୁ ବର୍ଷା ଭଲ ଲାଗେ**?**" ସିଏ ସେମିତି ଆଗକୁ ଆଗକୁ ମାଡି ଚାଲିଥାନ୍ତି । କହିଲେ, "ତୋ ପରି ମୋର ବୟସ ନାହିଁ ଯେ ମୁଁ ବର୍ଷାରେ ଓଦା ହୋଇ ଚାଲିବି । ନ ଦେଖିବା ଲୋକ ଦେଖୁଥିବେ" । ସବୁଜିମା ଉତ୍ତର ଦେଲା, "ବର୍ଷା ସହ ବୟସର କଅଣ ସଂପର୍କ ଅପା **?** ତାଛଡା ତୁମକୁ ଏମିତି କେଯାଏ ବୟସ ହୋଇଯାଇଛି କି**?** ସମୟ ସବୁବେଳେ ଆସେନ ଅପା । ଆସିଲାବେଳର ମୂହୁର୍ତ୍ତ ମାନଙ୍କୁ ଧରି ରଖିବାକୁ ପଡେ । ସ୍ମୃତିକୁ ସାଇତି ଗନ୍ତାଘରେ ନ ରଖିଲେ, ସ୍ମୃତିର ଫରୁଆ ସେମିତି ଖାଲି ପଡିବ । ଖୋଜିଲା ବେଳକୁ କଛି ବି ପାଖରେ ନଥିବ, କେହି ପାଖରେ ନ ଥିବେ । ବାପ ମା ଭାଇ ଭଉଣୀ କେହି ନୁହେଁ । ସ୍ମୃତିକୁ ଖୋଜିବାକୁ ହେବ । ସ୍ମରଣୀୟ ହୋଇ ସମୟ ସ୍ଥିର ହୋଇ ରୁହେନା" **!** "ହଉ ତୋ କଥା ସେତିକି ଥାଉ । ତୁ ଆସୁଥା ହଲି ଦୋହଲି । ମୁଁ ଯାଏ" କହି ଚାଲିଗଲେ କାବେରୀ ଅପା ।

ସବୁଜିମା ଚନ୍ତାରେ ବୁଡିଗଲା, ସିଏ ଅନ୍ୟ ମନସ୍କ ହୋଇଗଲା । ହଠାତ ମନେ ହେଲା କଏ ଯେମିତି ପାଖକୁ ପାଖକୁ ଚାଲି ଆସୁଛି । ପଛକୁ ଅନାଇ ଦେଖିଲା ଉପର ଶ୍ରେଣୀରେ ପଢୁଥିବା ବିଜନ ଦାସ କେତେବେଳେ ଆସି ବଡବଡ ପାହୁଣ୍ଡ ପକାଇ ଏକାଠି ଚାଲିବାକୁ ଆରମ୍ଭ କଲାଣି । ସବୁଜିମା ମନେ ମନେ ହସିଲା । ଅନେକ ଥର ବିଜନକୁ ଦେଖିଛି

ଡିପାର୍ଟମେଣ୍ଟରେ । ମନେ ହୁଏ ସିଏ କେତେଥର କଥାହେବାର ପ୍ରୟାସ କରିଛି । ହୁଏତ ସାହାସ କୁଳେଇ ପାରିନ । ଆଜି ସିଏ ପହଞ୍ଚି ଯାଇଛି ପାଖରେ । ବର୍ଷାକୁ ଖାତିର ନାହିଁ । ପାଖରେ କଏ ଅଛି ନ ଅଛି ସେ ସବୁ ବିଷୟରେ ନଜର ନାହିଁ, ଚନ୍ତା ନାହିଁ । କେବଳ ସବୁଜିମା ଅଛି ପାଖରେ । ଆଗକୁ ଆଉ କଛି ପାହୁଣ୍ଡର ଯାତ୍ରା, ହୁଏତ ଜୀବନର ଯାତ୍ରା ବଦଳାଇ ଦେଇ ପାରେ । ବିଜନର ଓଠରେ ସାମାନ୍ୟ ହସ ଉକୁଟି ଆସିଲା । କଅଣ କହିବ ଚନ୍ତା କଲା । କନ୍ତୁ ପାଟିରୁ କଥା ବାହାରୁ ନଥାଏ । ଦୁଇଟି ଶବ୍ଦ ବହୁ କଷ୍ଟରେ ବାହାରିଲା । "ବର୍ଷା, ବର୍ଷା" । ବର୍ଷା ଆଣିଛି ମାଟିର ଗନ୍ଧ - ମନକୁ ଛୁଇଁ ଯାଉଛି । ଦେହରେ ଆସୁଛି ଏକ ଅଦଭୁତ ଶୀହରଣ । ବସନ୍ତର ମଳୟ ପବନରେ ରଜନୀଗନ୍ଧାର ବାସ୍ନା ବି ଫିକା ପଡିଯାଇଛି । ବର୍ଷାରେ ଭିଜି ଭିଜି ବିଜନ ଓ ସବୁଜିମା ଚ୍ଲିଛନ୍ତି । ମଝିରେ ମଝିରେ ପାଦ ଥମି ଯାଉଛି । କାବେରୀ ଅପା ହୁଏତ ହଷ୍ଟେଲରେ ପହଞ୍ଚିଯିବେଣି । ବିଜନ କହିଲା, "ସବୁଜିମା, ଏ ବର୍ଷା ଧରି ଆସିଛି ଭଲ ପାଇବାର ଶିହରଣ । ତୁମେ କଛି ଅନୁଭବ କରୁଛ ? ବର୍ଷା ମାନେନ ଚହ୍ନା ଅଚହ୍ନା ବା ଅଳ୍ପ ଚହ୍ନାର ଫରକ । ମନଟା ଟାଣି ନେଉଛି ତୁମ ଆଡକୁ । ଇଛା ହେଉଛି ତୁମକୁ ଆହୁରି ନକଟରେ ପାଇବାକୁ । ବର୍ଷାକୁ ଆଡେଇବାକୁ ଛତାର ଆବଶ୍ୟକତା ପଡୁନ । ଆକାଶ ଛତା ମେଲେଇ ବସିଛି । କନ୍ତୁ ବର୍ଷାର ଅଟକବାର ପ୍ରୟାସ ନାହିଁ । ବର୍ଷାରେ ଭିଜୁଛି ପୃଥିବୀ । ଅନେକ ଦିନରୁ ଏ ସ୍ପର୍ଶ ଅପେକ୍ଷାରେ ଥିଲା ସିଏ । ଆଁ କରି ପିଇଯାଉଛି ଅମୃତ ପରି । ବିଜନ ଆଉ ସବୁଜିମାଙ୍କ ପାଇଁ ଏ ଦିନଟି ସ୍ମୃତିମୟ ହୋଇ ରହିବ । ଅମୃତ ତୁଲ୍ୟ ମନେ ହେଉଛି ବର୍ଷାର ଶୀତଳ ବିନ୍ଦୁ । କେମିତି ଏକ ଅଜବ ଅନୁଭୁତିରେ ପାଦ ଶୀଥିଳ ହୋଇଯାଉଛି ବେଳେବେଳେ । ସେମାନେ ଆଗ ପଛ ହୋଇ ଚ୍ଲିଛନ୍ତି । ବର୍ଷାର ଚନ୍ତା ନାହିଁ । କେହି ଚ୍ହୁଁ ନ ଚ୍ହୁଁ ସିଏ ଚ୍ହୁଁଛି ଦୁଇ ଜଣଙ୍କୁ ଏକାଠି କରିବ । ବର୍ଷା ଚ୍ଲିଥାଉ, ତାର ପ୍ରୟାସ ସିଏ ଜାରି ରଖିଥାଉ। ବିଜନର ଇଛା ହେଲା ଏ ମୁକ୍ତ ଆକାଶ ତଳେ ସବୁଜିମାକୁ ପାଖକୁ ଆଣିବ, ନଜର ବାହୁ ବନ୍ଧନରେ ଧରି ରଖିବ । ସେ ବନ୍ଧନ ଦୃଢ ହେବ, ଦୁହେଁ ଏକ ହୋଇଯିବେ । ଝିମି ଝିମି ବର୍ଷା ନାଚୁଥିବ । ନାଚୁଥିବ ଦୁଇ ପ୍ରଣୟୀଙ୍କ ମନ । କେଉଁଠି ଦୂରରେ ମୟୁରୀର ନାଚ ଥମି ଯିବ । ବର୍ଷାର ଆରମ୍ଭ ଓ ଶେଷର ଫରକ ନଥିବ ।

ଏଲକରିଜ, ମେରିଲାଣ୍ଡ, ଯୁକ୍ତରାଷ୍ଟ୍ର ଆମେରିକା

# ଫୁଲ ପ୍ରତି



ନୂତନ କୁମାର ବେହେରା

ଏ ସୃଷ୍ଟିରେ ଫୁଲ ଅଟେ ଅନୁପମ
ନାହିଁ କେହି ପ୍ରତି ସମ,
ଅନନ୍ୟ ସୌନ୍ଦର୍ଯ୍ୟ ତାହାଠାରେ ଭରା
ଧନ୍ୟ ତାର ଏ ଜନମ।

ସୁଷମାରେ ଭରି କମନୀୟ ରୂପ
କୋମଳ ପାଖୁଡା ମେଲି,
ଫୁଟୁ ଥାଏ ନିତି ବନେ ଉପବନେ
ହସୁଥାଏ ଖିଲିଖିଲି।

ମହକରେ ଭରା ତନୁ ତାର କେତେ
ପବନରେ ଦିଏ ବାଣ୍ଟି,
ମହ ମହ ବାସେ ମହୁ ମିଠା ରସେ
ଯେବେ ଉଠେ ସିଏ ଫୁଟି।

ରଙ୍ଗର ପସରା ଚମକେ ଆଖିରେ
ଦେଖୁ ଥିଲେ ଯେତେ ଯେତେ,
ହୋଇଯାଏ ସ୍ଥିର ଦ୍ରଷ୍ଟା ଦୃଷ୍ଟିପଥ
ମନେ ପ୍ରାଣେ ଅବିରତେ।

ଜାତିଜାତି କେତେ ଫୁଟେ ବାରମାସେ
ଧରଣୀକୁ କରେ ପ୍ରୀତି,

ରୂପ ଗୁଣେ ତାର        ମନ ହୁଏ ମୁଗ୍ଧ
ସାଥେ କରୁ ଭାବ ଅତି।

ପୂଜା ଅର୍ଚ୍ଚନାରେ  ଦେବାଦେବୀଠାରେ
ଫୁଲ ହୁଏ ଗଳାହାର,
ଅତିଥି ସତ୍କାରେ        ଶୁଭ ଅବସରେ
ଦିଆଯାଏ ଉପହାର।

ଫୁଲର ଆଦର            କରନ୍ତି ସଭିଏଁ
ଭଲ ପାଇ ଅନାବିଳ,
ଆଶାର ସମ୍ଭାର        ଭରି ରଖେ ସଦା
ଫଳାଇବାକୁ ତା' ଫଳ।

ଅଳପ ଜୀବନ            ଅବିସ୍ମରଣୀୟ
ହୋଇ ରହେ ସଂସାରରେ,
ତା'ସେବା ତ୍ୟାଗର        ମହିମା ଅପାର
ନତ୍ୟ ଥାଏ ପ୍ରଭୁ ଠାରେ।

ମଣିଷ ଜୀବନ            ଫୁଲ ପରି ଅଟେ
ଏ ବିଶ୍ୱର ଉପବନେ,
ଭଲ କାମ କରି            ଜଗତର ହିତେ
ଯଶ ରଖେ ଅବଦାନେ।
ଫୁଲ ସମ ହୃଦ            କରି ଦିଅ ପ୍ରଭୁ

ତୁମ ସୃଷ୍ଟିର ଦୁନିଆଁ,
ହସ ଖୁସି ଶାନ୍ତି            ଭରି ରହୁ ସଦା
ବଞ୍ଚୁ ମଣିଷ ପଣିଆଁ।

କୋହି, ଗଡ଼ିଆ, ମୟୂରଭଞ୍ଜ



# ରୋମନ୍ଥନ

ଯଶୋବନ୍ତ ପଟ୍ଟନାୟକ

ଆପଣାକୁ ଭାବିନେଇ ଉଚ୍ଛନ୍ନ ସ୍ରୋତର ନାଉରୀ,

ପାରିଲିନ ଯେବେ କାତଧରି,

ଦରିଆର ମଝିଟାରେ ଭାସିଗଲି ଯେବେ

ବଞ୍ଚିତ ଜୀବନକୁ ରୋମନ୍ଥନ କରି;

ଆସିଲ୍ ସେ କାହୁଁ ତିମିଙ୍ଗିଳ,

ସତେ ଅବା ମନକଥା ମୋର ପାରିଲ୍ ସେ ଜାଣି ।

ତଥାପି.....

ମୁଁ ବଞ୍ଚିଯାଏ କେମିତି କେଜାଣି ॥

ଅମଡାବାଟର ବାଟୋଇଟିଏ ମୁଁ,

ଛୋଟ ଏଇ ମୋର ପରିଚୟ;

ନତି ନଶିଥକୁ ନର୍ବାହ କରେ

ଆଖୁରୁ ଝରାଇ ଲୁହ;

ହତାଶାର ଘନ ଅନ୍ଧକାରେ,

ଅପଗ୍ଣର ଠେଲିଦିଏ ଘାତକଟେ ସାଜି ।

ତଥାପି.....

ମୁଁ ଦୁନଆଁରେ ବଞ୍ଚିବାକୁ ଲଗାଇଛି ବାଜି ॥

ବିଶୃତି ମୋର ବିସ୍ମୃତି ହୁଏ,

ବିସ୍ମୃତିର ଅଥଳ ଗର୍ଭରେ;

ଧିରେ ଧିରେ ଡୁବେ ଅତୀତର କୋଳେ

ସମୟର ଚଉଡା ଫାଳରେ;

ହୃଦୟକୁ ଦେଇ ଭଲ ପାଇବାରେ,

ହୃଦୟ ମୋହୋଇଯାଏ ହାଣି ।

ତଥାପି.....

ଭୁଲ୍ ମୋର ରହିଯାଏ କୋଉଠି କେଜାଣି ॥

ଶିକ୍ଷକ, ଗାନ୍ଧିନଗର, ଡାଲକ, ଓଡଗାଁ, ନୟାଗଡ

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ମୁଁ ହରେଇଥିବା ଏକ ସୁବର୍ଣ୍ଣ ସୁଯୋଗ



ଶଶଧର ମହାପାତ୍ର

ଏ କାହାଣୀଟି ମୋ' ବାପାଙ୍କ ଜୀବନଧାର୍‌ ଉପରେ ଲେଖା ଯାଇଛି ଏବଂ, ଏ' ବାସ୍ତବ ଘଟଣା ଉପରେ ଆଧାରିତ । ଏ' କାହାଣୀଟି ତାଙ୍କଠୁଁ ଆରମ୍ଭ ଓ ତାଙ୍କଠି ହିଁ ଶେଷ । ଏହା କହିବା ବାହୁଲ୍ୟ ହେବ ଯେ ସେ' ଜଣେ ଶାନ୍ତ, ଶିଷ୍ଟ, ଉଦାର, ସରଳ, ନରୀହ, ସାଧାସିଧା, କଠିନ ପରିଶ୍ରମୀ, ଇଶ୍ୱର ବିଶ୍ୱାସୀ ଓ ଅନୁଭବୀ ମଣିଷ । ରାଗ, ମାନ, ଅଭିମାନରୁ ବହୁତ ଦୂରରେ ଥିଲେ ସିଏ । ମୋ' ଜାଣିବାରେ ଯାହା କୁହନ୍ତି ସବୁବେଳେ ସତକଥା କୁହନ୍ତି । ମିଛ ଅବା ଅର୍ଦ୍ଧ ସତ୍ୟ "ନରେ ବା ଗୁଞ୍ଜରେବା ଅଶ୍ୱଥମା ହତଃ" ଭଳି କଥା କହନ୍ତି ନାହିଁ କି କହି କାହାକୁ ବିପଦରେ ପକାଇବାକୁ ଚେଷ୍ଟା କରନ୍ତି ନାହିଁ । କାହା ମନରେ ଦୁଃଖ କଷ୍ଟ ଦେବା, କାହା ଉପରେ ରାଗିବା କି କାହାକୁ ଟାଣ କଥା କହିବା ତାଙ୍କ ଜାତକରେ ନଥିଲା । ସେଥିପାଇଁ ସମସ୍ତେ ତାଙ୍କୁ ବେଶ୍ ଭଲ ପାଆନ୍ତି, ଶ୍ରଦ୍ଧା କରନ୍ତି, ବିଶ୍ୱାସ କରନ୍ତି । କଳି ଯୁଗରେ ସେ' ଥିଲେ ଯୁଦ୍ଧିଷ୍ଠିର, ଏହା କହିଲେ ଅତ୍ୟୁକ୍ତି ହେବ ନାହିଁ। ଆମେ ପାଞ୍ଚ ଭାଇ ଓ ଭଉଣୀ ବଢିଲୁ, ହାଇସ୍କୁଲ ପାଶ୍ କରି କଲେଜ ଗଲୁ, ଚାକିରି କଲୁ, ଘର ସଂସାର କଲୁ, କେବେ ରାଗିବା କି ମାଡଦେବା ଦେଖି ନଥିଲୁ । ସବୁବେଳେ କହନ୍ତି- "ତମେ ଯେମିତି କରିବ, ସେମିତି ଫଳ ପାଇବ" । ମୁଁ ସେତେବେଳେ ବଞ୍ଚି ନଥିବି ତୁମର ଦୁଃଖ ଦୁର୍ଦ୍ଦଶା ଦେଖିବାକୁ । ପାଠ ନପଢି ଖେଳଲେ କି ବୁଲିଲେ ବାପା-ବୋଉ କହୁଥିଲେ "ତୋ' ଭାଗ୍ୟରେ ଘାସ କାଟିବା ଯୋଗ ଅଛି " । ଦୁନଆରେ ପ୍ରାୟ ସବୁ ବାପା-ମା ତାଙ୍କ ପିଲାମାନଙ୍କୁ ଏଇଆ କହିଥନ୍ତି । କିନ୍ତୁ, ଅଧିକାଂଶ ବାପା-ମା'ଙ୍କ ଭଳି ହିଟ୍‌ଲର୍

ଶାସନ "ମାଇଁ ୱେ ଅର୍ ହାଇୱେ" ରେ ସେ' ବିଶ୍ୱାସ କରୁନଥିଲେ । ସେଥିପାଇଁ ମୁଁ କହୁଛି ଯେ ସିଏ କେତେ ସାଧାସିଧା ଲୋକ ଥିଲେ ।

ଖୁବ୍ ସରଳ ଓ ଜଣାଶୁଣା ଥିଲା ତାଙ୍କ ଜୀବନଧାରା । ତାଙ୍କ ଜୀବନ ଯେ ରହସ୍ୟମୟ ତାହା ମୋତେ କ ଆଉ କାହାକୁ ଲାଗୁନଥି । ସେ' ପ୍ରତିଦିନ ପ୍ରାୟ ଭୋର୍ ୪ଟା ବେଳକୁ ଉଠିଯାନ୍ତି, କଛି ପାଟିତୁଣ୍ଡ ନକରି କ କାହାରିକୁ ଉଠେଇବାକୁ ଚେଷ୍ଟା ନକରି ଚୁପ୍‌ଚାପ୍ ତାଙ୍କର ଯୋଗ, ଆସନ ଇତ୍ୟାଦି କରନ୍ତି । ତେଣୁ ତାଙ୍କ ଉପରେ କେହି ଅଶାନ୍ତି ହେବାର କାରଣ ନଥିଲା । ତାଙ୍କର ଯୁବାବସ୍ଥାରେ ସେ' ଜଣେ ଗୁରୁ "ଦୟାନଧି ପରମହଂସ ଦେବ' ଠାରୁ ଦୀକ୍ଷା ନେଇଥିଲେ । ଆମ ଅଞ୍ଚଳରେ ଅନେକ ଦୟାନଧି ବାବାଙ୍କଠୁଁ ଦୀକ୍ଷା ନେଇଥିଲେ । ବାବା ତାଙ୍କୁ ଯୋଗ, ଆସନ, ପ୍ରାଣାୟମ ଇତ୍ୟାଦି ଶିକ୍ଷା ଦେଇଥିଲେ । ବାବାଙ୍କର ଖରସ୍ରୋତା ନଈ କୂଳରେ "ବାଇଟାଙ୍ଗି' ରେ ଗୋଟିଏ ବଡ ଆଶ୍ରମ ଥିଲା । ମୁଁ ସେ' ଆଶ୍ରମକୁ କେତେଥର ଯିବାର ସୁଯୋଗ ପାଇଛି । ଆମ ଗାଁଠୁ ପ୍ରାୟ ୭/୮ ମାଇଲ୍ ଦୂର ହେବ । ଅକ୍ଷୟ ତୃତୀୟା ବେଳେ ମଠରେ ସେ' ସମୟରେ ଏକ ବଡ ଧରଣର ଯଜ୍ଞ ୩ ଦିନ ଧରି ହେଉଥିଲା । କାହିଁ କେଉଁଆଡୁ ବାବାଙ୍କ ଶିଷ୍ୟମାନେ ଆସୁଥିଲେ । ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିଲାବେଳେ ଜିଦ୍‌କରି ବାପାଙ୍କ ସଙ୍ଗରେ ଚାଲିଚାଲି ଯାଇଥିଲି । ସେତେବେଳେ ଗାଡି ଘୋଡାର ସୁବିଧା ନଥିଲା । ଚାଲିକ ଯିବାର କଷ୍ଟ ଏଯାଏ ମୋ' ମନରୁ ପାଶୋରି ଯାଇନ ।

ମୋର ଅଜା (ବାପାଙ୍କ ବାପା) ମାତ୍ର ୪୩ ବର୍ଷ ବୟସରେ ହଇଜାରେ ପ୍ରାଣତ୍ୟାଗ କରିଥିଲେ । ସେତେବେଳେ ଅକାଳରେ ହଇଜା ଓ ବସନ୍ତରେ ଲୋକେ ମରି ଯାଉଥିଲେ । ଅଜା ମରିଗଲା ବେଳକୁ ମୋ' ବାପାଙ୍କୁ ମାତ୍ର ୧୪ ବର୍ଷ ଓ ବଡବାପାଙ୍କୁ ୧୭ ବର୍ଷ ବୟସ । ବାପାଙ୍କ ତଳେ ଥିଲେ ଦୁଇ ସାନ ଭଉଣୀ । ମୋ' ଅଜା ତାଙ୍କ ସମୟରେ ଜଣେ ଜମିଦାର ଥିଲେ । କନ୍ତୁ, ତାଙ୍କର ଗୋଟିଏ ଚାଳଘର, ମାଟି କାନ୍ଥ, ମାଟି ଚଟାଣ ଓ କଛି ଏକର ଚାଷ ଜମି ଥିଲା । ବାପାଙ୍କ ସମୟରେ ଜମିଦାରୀ ଉଚ୍ଛେଦ ହେଲା । ବଡବାପା ତାଙ୍କ ଯୁବାବସ୍ଥାରେ କଛି ସମୟ ସମାଜସେବାରେ ନଜକୁ ନୟୋଗ କରିଥିଲେ । ଚାରିଆଡେ ବୁଲୁଥିଲେ । ପତଳା ଚେହେରା, କନ୍ତୁ, ଭାରି ସାହସୀ । ସ୍ୱାଧୀନତା ସଂଗ୍ରାମରେ ଭାଗ

ମଧ୍ୟ ନେଇଥିଲେ, ସଭା, ସମିତି ସେ' ସମୟରେ କରୁଥିଲେ ବୋଲି ତାଙ୍କ ମୁହଁରୁ ମୁଁ ଶୁଣିଛି। ଅଜା ମରିଯିବା ପରେ ମୋ' ବାପାଙ୍କ ଉପରେ ବେଶି ଚାପ ପଡିଥିଲା । ଏମିତିକି ସେମାନଙ୍କୁ ବେଳେବେଳେ ଉପାସ ରହିବାକୁ ପଡୁଥିଲା । ତେଣୁ, ଘରର ଦାଇତ୍ୱ ବହନ କରିବାକୁ ବାପାଙ୍କ ଉପରେ ଏକ ରକମର ପଡିଥିଲା । ପରିସ୍ଥିତି ତାଙ୍କୁ ଏ' ସବୁ କରିବାକୁ ବାଧ କରିଥିଲା । କି ଦିନ କି ରାତି, ଜଣେ ମୂଲିଆଠାରୁ ଆହୁରି ବେଶୀ ପରିଶ୍ରମ କରି ବିଲରେ ଧାନ, ବିରି ଓ ବାଡିରେ ପରିବାପତ୍ର ଇତ୍ୟାଦି ଚାଷ କରୁଥିଲେ । ତାଙ୍କପାଇଁ କର୍ମହିଁ ଜୀବନ, କର୍ମହିଁ ଭଗବାନ । ବର୍ଷ ସାରା ବାରମାସ ସବୁବେଳେ କାମଧନ୍ଦାରେ ସେ' ବ୍ୟସ୍ତ ରହୁଥିଲେ । ସେଥିରେ ପରିବାର ଦୁଃଖକଷ୍ଟରେ ଚାଲି ଯାଉଥିଲା । ଖାଇବାକୁ ଦି'ଟା ଓ ପିନ୍ଧିବାକୁ ଲୁଗା ଖଣ୍ଡେ ମିଳିଯାଉଥି । ଆଶ୍ଚର୍ଯ୍ୟର କଥା ଯେ ସିଏ କେବେ ଥକି ପଡିବା କି କ୍ଳାନ୍ତ ଅନୁଭବ କରିବାର ମୁଁ ଦେଖିନାହିଁ । ତାଙ୍କର ଏତେ ଏନର୍ଜି କୁଆଡୁ ଆସେ କେଜାଣି ? ଆଶ୍ଚର୍ଯ୍ୟ ଲାଗେ । ସେ' କାମରୁ କେତେବେଳେ ଟିକିଏ ବିରତି ନେଇ ନିଜପାଇଁ ଖୁସିରେ ସମୟ କଟେଇବାକୁ ଭାବିବାକୁ ତାଙ୍କର ଫୁରୁସତ ନଥିଲା । ଭିଟାମାଟି ଛାଡି କୁଆଡେ ଯିବାକୁ ସେତେ ପସନ୍ଦ କରୁ ନଥିଲେ । ତାଙ୍କ ସମୟରେ ଆଜିକାଲି ଭଳି ସ୍କୁଲ, କଲେଜ ନଥିଲା । ତେଣୁ ସ୍କୁଲରେ ପାଠ ପଢିବାକୁ ସୁଯୋଗ ପାଇନଥିଲେ । କିନ୍ତୁ, ପଢିଲେଖି ଜାଣିଥିଲେ ।

ମୁଁ ପିଲା ଥିଲା ବେଳେ ଅଧିକାଂଶ ଲୋକଙ୍କଠୁ ଶୁଣିଛି ଯେ ସେ' କାଳେ ଥିଲେ ଜଣେ ଈଶ୍ୱର ଅନୁଭବୀ ମଣିଷ । ମୁଁ ଏତେ ଛୋଟ ଥିଲି ଯେ ଈଶ୍ୱର କିଏ, ଈଶ୍ୱରଙ୍କୁ ଅନୁଭବ କରିବା ଅର୍ଥ କଣ, ମୋ' ପକ୍ଷେ ବୁଝିବା କଷ୍ଟକର ଥିଲା । ଏମିତିକି ଏବେ ମୋ' ୬୫ ବର୍ଷ ବୟସରେ ସେ' କଥା ବୁଝିବା କଷ୍ଟକର । ମୁଁ ଆସ୍ତେଆସ୍ତେ ବଢିବାକୁ ଲାଗିଲି । ହାଇସ୍କୁଲ ଓ ତା'ପରେ କଲେଜ ଗଲି । ସେ' ସମୟରେ ମଧ୍ୟ ଲୋକଙ୍କଠାରୁ ଏ' କଥା ଶୁଣିଲେ ଏ' କାନରେ ପଶି ସେ' କାନରେ ବାହାରି ଯାଏ । କିନ୍ତୁ, ଯେହେତୁ ସେ' ଥିଲେ ମୋ' ବାପା, ତେଣୁ ତାଙ୍କ ବିଷୟରେ ଭଲ କଥା ଲୋକଙ୍କଠୁଁ ଶୁଣିଲେ ମୁଁ ଭଲ ମନେ କରୁଥିଲି । ସେଥିପାଇଁ ବାପାଙ୍କ ପ୍ରତି ମୋର ଅଧିକ ସମ୍ମାନ ବଢିଯାଇଥି । ତାଙ୍କର ସରଳ ଜୀବନ ଯାପନ, ଦିନରାତି ଖଟଣି, ସାଧୁତା ଓ ଅନ୍ୟ ଭଲ ଗୁଣମାନ ଦେଖି ମୋ' ମନରେ ଅଧିକାଂଶ ସମୟରେ ପ୍ରଶ୍ନ ଉଠେ "ଏ ଜଣେ ମଣିଷ ନା ଦେବତା' ? ଦୁଃଖ ବି ଲାଗେ ।

ଆଖିରେ ଲୁହ ବି ଆସେ । ସେ' ଥିଲେ ମୋ'ର ଆଦର୍ଶ, ମୋ'ପାଇଁ ପ୍ରେରଣା । ମନରେ ଭାବନା ଆସେ ଯେ ମୁଁ ବଡ ହେଇଗଲେ ଦିନେ ନା ଦିନେ ତାଙ୍କୁ ଏ' ଦୁଃଖ, ଦୁର୍ଦ୍ଦଶାରୁ ପାର କରିବି । ତାଙ୍କୁ ଯେମିତି ଏଭଳ ଆଉ ଖଟିବାକୁ ପଡିବ ନାହିଁ । ମୋର ଯୁବାବସ୍ଥାରେ ସେ' ମୋତେ କେତେକ କଥା କହିଥିଲେ ଯାହାକ ମୋ' ଜୀବନରେ ସତ ହୋଇଥିଲା । ମୁଁ ସେ' ସମୟରେ ଭାବୁଥିଲି ଯେ ତାଙ୍କ କହିଥିବା କଥାଗୁଡିକ ଆକ୍ସିଡେଣ୍ଟ ଯୋଗୁ ବୋଧହୁଏ ସତ ହେଇଯାଇଥିଲା । କଥାଟିଏ ସତ ହେବ କ ମିଛ ହେବ ସବୁବେଳେ ଫିପ୍‌ଟି ଫିପ୍‌ଟି । ଏମିତି କେତେ ଲୋକଙ୍କ କଥା ବେଳେବେଳେ ସତ ହେଇଯାଏ ନାହିଁକ ? ହାଇସ୍କୁଲ ପର୍ଯ୍ୟନ୍ତ ମୋର ପିଲାଳଆମି ଯାଇନଥିଲା । ପାଠ ପଢାରେ ସେତେ ଆଗ୍ରହ ନଥିଲା । ମୋ' ଦେଖିବାରେ ଥରେ ଗୋଟିଏ ଘଟଣା ଘଟିଲା । ତା'ପରେ ମୁଁ ହଠାତ୍ ଖ୍ରତାଖ୍ରତି ବଡ ହେଇଗଲି । ନଜର ଦାଇତ୍ୱବୋଧ ଆସିଗଲାବୋଲି ଅନୁଭବ କଲି । ଜୀବନକୁ ବେଶୀ ନକଟରେ ଦେଖିଲି । ସଂସାର କ'ଣ ଜାଣିଲି । ବାପା ଯାହାକୁ ୧୪ ବର୍ଷ ବେଳକୁ ଜାଣିଯାଇଥିଲେ, ମୋତେ ସେ' କଥା ଜାଣିବାକୁ ଟିକଏ ଡେରି ହେଇଯାଇଥିଲା । ସେ' ଏକ ଅଲଗା କାହାଣୀ ।

ଆରମ୍ଭରୁ କହିଛି ସେ' ଥିଲେ ଜଣେ ଧୀରସ୍ଥିର, ଶାନ୍ତ ମଣିଷ । ଗାଁରେ କଏ କଳ ଝଗଡା ଲାଗିଲେ, ବଡ ଜୋରରେ ପାଟି ତୁଠ ଲାଗିଲେ ସିଏ ଘରକୁ ପଶି ଆସନ୍ତି । କୁହନ୍ତି - "ଏ' ଲୋକ ଗୁଡାକ ମଣିଷ ହେବେନ । ଏମାନେ ଏମିତି ବ୍ୟବହାର କଲେ ଏମାନଙ୍କର ପିଲାମାନେ ତାଙ୍କଠୁ କ'ଣ ଶିଖିବେ" । ମୋ' ବୋଉ ଓ ବଡବୋଉ ଦିହେଁ ଶୁଣି ଥଟ୍ଟାରେ ତାଙ୍କୁ କୁହନ୍ତି - "ଶୁଲିଯାଅ, କବାଟ କଣରେ ଶୀଘ୍ର ଲୁଚ ଯାଅ । କମ୍ବଳଟିଏ ଘୋଡେଇ ହେଇ ପଡ, କାଳେ କଏ ଦେଖି ପକେଇବ" । ଆଉ କା' ଘରେ ହେଇଥିଲେ ନଜେ କଳ ଝଗଡା ଲାଗିଯାଇଥାନ୍ତେ । କନ୍ତୁ, ସିଏ ସେ' କଥା ଶୁଣି ନୀରବ ହେଇଯାନ୍ତି, ହସି ଦିଅନ୍ତି । ଆମ ଭଳ ପିଲାଙ୍କୁ ବୋଉର ଥଟ୍ଟା ଶୁଣି ସେତେବେଳେ ହସ ଲାଗେ । ହଁ, ଏଠି କହି ରଖେ ଯେ ସେ' ବାଧରେ ପଡି ମାତ୍ର ସତର ବୟସରେ ବା' ହେଇ ଯାଇଥିଲେ ।

ତାଙ୍କର ଗୋଟିଏ ସବୁଠୁ ବଡ ଭଲ ଗୁଣ ଥି । କୌଣସିଥିରେ କେବେହେଲେ ତାଙ୍କର କଛି କମ୍ପ୍ଲେନ ନଥିଲା । ଦିନରେ ଦଶ ରକମର ସୁସ୍ୱାଦୁ ବ୍ୟଞ୍ଜନ ରାନ୍ଧି ଖାଇବାକୁ ଦିଅ,

କ କେବଳ ଭାତ, ଡାଲି ଓ ଶାଗ ଦିଅ ସେ' ସବୁଥିରେ ଶାନ୍ତି । ଯଦି ଖାଦ୍ୟ ବେଶୀ ଶିଝି ଯାଇଛି କ ଦରଶିଝା ହେଇଛି କ ପୋଡି ଯାଇଛି, ଅଲଣା କ ଲୁଣିଆ ହେଇଛି, ତାଙ୍କୁ ବେଶୀ କଛି ଫରକ ପଡେନ । କଛି କମ୍ପ୍ଲେନ ନାହିଁ । ମୁଁ ମୋ' ଜୀବନରେ ତାଙ୍କୁ କେବେ ଦୁଃଖୀ ହେବାର ଦେଖିନାହିଁ, କ କାନ୍ଦିବାର ଦେଖିନାହିଁ । ଯେତେବେଳେ ଆମ ଗାଁରେ କଏ କ ଆମ ବନ୍ଧୁବାନ୍ଧବଙ୍କ ଭିତରୁ କଏ ମରିଯାଏ, ସମସ୍ତେ କାନ୍ଦିବାର ମୁଁ ଦେଖେ କେବଳ ତାଙ୍କୁ ଛାଡି । ତାଙ୍କ ଭାଷାରେ- "ସୁଖ, ଦୁଃଖ ମଣିଷ ଜୀବନର ଏକ ଅଙ୍ଗ । ସେମାନେ ଆସିବେ ଓ ଯିବେ । ଜନ୍ମ ଓ ମରଣ ଏ' ଦୁନିଆରେ ଧ୍ରୁବ ସତ୍ୟ ନୁହେଁକ ? କାହିଁକ ଆମେ ଖରାପ ସମୟରେ ଦୁଃଖ ପ୍ରକାଶ କରିବା, ଭାଙ୍ଗି ପଡିବା ଓ ସୁଖ ସମୟରେ ଅତ୍ୟନ୍ତ ଖୁସୀ ହେବା, ମଉଜ କରିବା" ? ମୋତେ ଏ' ବେଦବାକ୍ୟ ଭଳ ଲାଗୁଥି । ତଥାପି ବେଳେବେଳେ ମୁଁ ଭାବେ ଏ' ମଣିଷଙ୍କର ଶରୀର ରକ୍ତ ମାଂସରେ ଗଢା ନା ଲୁହାରେ ଗଢା ? କନ୍ତୁ, ମୁଁ ସେମିତି ନଥିଲି । ମୋ' ବୋଉର କନ୍ତୁ ବେଶୀ ଭାବପ୍ରବଣତା, କଥା କଥାରେ ତା' ଆଖିରେ ଲୁହ ଆସିଯାଏ । ସେଥିପାଇଁ ବୋଧେ ସେ' ବେଶୀ ଦିନ ବଞ୍ଚି ପାରିଲା ନାହିଁ । ଗାଁରେ ଯେତେବେଳେ କଏ ମରିଯାଏ କ ଯେତେବେଳେ କାନ୍ଧଟିଏ ଲୋଡା ହୁଏ, ବାପା ସେତେବେଳେ ଛିଡା ହେଇଥାନ୍ତି ଆଗ ଧାଡିରେ । କେମିତି ସଂସ୍କାର କାମ ସୁରୁଖୁରିରେ ହେବ ସେ' ସବୁ କାମ ତାଙ୍କୁ ଭଲଭାବେ ଜଣା ଥିଲା । ଅଭିଜ୍ଞ ମଣିଷଟିଏ ସିଏ । ପ୍ରଶସ୍ତ ତାଙ୍କ ହୃଦୟ । ପଛଘୁଞ୍ଚା କେବେ ଦିଅନ୍ତି ନାହିଁ ।

ଗୋଟିଏ ଘଟଣା ମୋର ଖୁବ୍ ମନେ ଅଛି । ୧୯୬୭ ମସିହା । ମୁଁ ସେତେବେଳେ ଅଷ୍ଟମ ଶ୍ରେଣୀରେ ପଢୁଥାଏ ।ଆମ ଗାଁରୁ କେତେ ଜଣ ପୁରୀ ଶ୍ରୀଜଗନ୍ନାଥଙ୍କ ଦର୍ଶନାର୍ଥେ ଯାଉଥିଲେ । ମୋ'ର ସାନ ଭଉଣୀ "ସରୋଜିନୀ' ସେମାନଙ୍କଠୁ ଶୁଣି ଆସି ଘରେ କାନ୍ଦିବାକୁ ଆରମ୍ଭ କଲା । ମୋ' ବାପା ତାକୁ ଭୁଲେଇବାକୁ କହିଲେ - "ତୁ କାନ୍ଦେନା, ଆମେ ଅନ୍ୟ ସମୟରେ ଦିନେ କେବେ ଯିବା' । ତା'ର କାନ୍ଦ ବନ୍ଦ ହେଲାନ । ସେ' ବରଂ ବେଶୀ ବେଶୀ କାନ୍ଦିବାକୁ ଲାଗିଲା ଓ ଆଉ କଛି କାମ ଦେଲାନ ତାକୁ ତୁନୀ କରିବାକୁ। ଶେଷରେ ବାପା କହିଲେ- "ହଉ ତୁ ଆସ୍, ମୁଁ ଜଗନ୍ନାଥଙ୍କୁ ଏଠି ତୋତେ ଦେଖେଇ ଦେବି" । ସେ' କଥ ଶୁଣି ତା' କାନ୍ଦ ଠପ୍ କନା ବନ୍ଦ ହେଇଗଲା । ମୁଁ ଶୁଣି ମୋତେ ଆଶ୍ଚର୍ଯ୍ୟ ଲାଗିଲା । ମୁଁ ପଚାରିଲି - ଏ' କେମିତି ସମ୍ଭବ ? ସେ' କହିଲେ ଏ'

ହେଉଛି "ନଖ ଦର୍ପଣ' । ମୁଁ "ନଖ ଦର୍ପଣ' କ'ଣ କେବେ ଆଗରୁ ଶୁଣି ନଥିଲି । ପଗ୍ଚରିବାରୁ ସେ' ମୋତେ ବୁଝେଇ କହିଲେ - "ଡାହାଣ ହାତର ବୁଢା ଆଙ୍ଗୁଳର ନଖକୁ ଏକ ଦର୍ପଣ ଭଳ ବ୍ୟବହାର କରିହେବ ଓ ସେଥିରେ ଜଗନ୍ନାଥଙ୍କ ପ୍ରତିମୂର୍ତ୍ତୀ ଦେଖାଯିବ"। ମୁଁ ବେଶ୍ ଇଚ୍ଛୁକ ହେଇଗଲି ଦେଖିବାପାଇଁ । ମୋତେ ମ୍ୟାଜିକ୍ ସୋ' ହେବା ଭଳ ଲ୍ଗିଲ୍। ସେ' ମୋ' ସାନ ଭଉଣୀକୁ ଗୋଟିଏ ରୁମ୍ ଭିତରକୁ ନେଇଗଲେ । ମୁଁ ତାଙ୍କ ପଛେପଛେ ଯାଉଥିଲି । କନ୍ତୁ, ମୋତେ ସେ' ଘରଭିତରକୁ ଯିବାକୁ ମନା କଲେ । ମୁଁ ପଗ୍ଚରିବାରୁ ସେ' କହିଲେ- "ଯିଏ ୧୨ ବର୍ଷରୁ ଉର୍ଦ୍ଧ ସେମାନଙ୍କର ମୋହ, ମାୟା, ଛନ୍ଦ, କପଟ ଏ' ସଂସାର ପ୍ରତି ଆସିଗଲ୍ଣି । ସେମାନେ ଦେଖି ପାରିବେନ । କେବଳ ଛୋଟ ପିଲ୍ମାନେ ଦେଖିପରିବେ କାରଣ ସେମାନେ ହେଉଛନ୍ତି ଖୁବ୍ ସରଳ ଓ ସେମାନଙ୍କର ଏ' ସଂସାର ପ୍ରତି ମୋହ, ମାୟା ଜ୍ଞାନ ଏଯାଏ ଆସିନାହିଁ " । ମୋତେ ଘରୁ ବାହାର କରି ଦେଇ ସେ' କବାଟ ବନ୍ଦ କରିଦେଲେ । ମୁଁ ପଳେଇ ଯିବାର ଛଳନା କଲି । କନ୍ତୁ, ବାସ୍ତବରେ ମୁଁ ବାହାରେ କବାଟ ପଛପଟେ କାନଦେଇ ଶୁଣିବାକୁ ଲ୍ଗିଲି । ବାପା ଜାଣିପାରି ନଥିଲେ ମୁଁ ବାହାରେ ଥାଇ ଶୁଣୁଛି ବୋଲି । ମୁଁ ଶୁଣୁଥାଏ ମୋ' ସାନ ଭଉଣୀ ପାଟିକରି କହୁଥାଏ - " ହଁ, ମୁଁ ଦେଖୁଛି ଏଇଠି "ଜଗନ୍ନାଥ, ବଳଭଦ୍ର, ସୁଭଦ୍ରା, ତାଙ୍କ ପାଖରେ ମାଙ୍କଡଟିଏ ବସିଛି" । ମୁଁ ପରେ ମୋ' ବାପାଙ୍କଠୁ ଜାଣିଲି ଯେ ସେ' ମାଙ୍କଡ ହେଉଛନ୍ତି "ମହାବୀର ହନୁମାନ' । ମୁଁ ଆମର ଭଗବାନଙ୍କୁ ସେଦିନ ତାଙ୍କ ନଖ ଅଗରେ ଦେଖିବାର ସୁଯୋଗ ପାଇନଥିଲି । କନ୍ତୁ, ମୁଁ ଏଠି କହିବାର ଉଦ୍ଦେଶ୍ୟ ହେଉଛି ଯେ ସେ' ପର୍ଯ୍ୟନ୍ତ ମୁଁ ତାଙ୍କର ଗଭୀର ଜ୍ଞାନ, ଗୁଣ, ଗାରିମା ଓ ଐଶୋରିକ ଶକ୍ତିକୁ ଚହ୍ନି ପାରିନଥିଲି । ମୁଁ ସେଯାଏ ଖାମଖିଆଲି ଭ୍ବେ ନେଉଥିଲି ।

ଏହା ଭିତରେ କଛି ବର୍ଷ ବିତିଗଲ୍ । ୧୯୮୩ ମସିହା ଆରମ୍ଭରେ ମୁଁ ଆମେରିକା ଆସିଲି ପଦାର୍ଥ ବିଜ୍ଞାନରେ "ପି.ଏଚ୍.ଡି' କରିବାପାଇଁ । ସେତେବେଳେ ମୁଁ ବି.ଜେ.ବି କଲେଜରେ ଅଧାପକ ଥିଲି । ଓଡିଶାରେ ପାଞ୍ଚ ବର୍ଷ ଶିକ୍ଷକତା କରିବା ପରେ ମୁଁ ମୋ' ସ୍ୱପ୍ନକୁ ସାକାର କରିବାପାଇଁ ଆସିଲି ଆମେରିକା । ୧୯୮୮ ମସିହା ମେଁ ମାସରେ ପି.ଏଚ୍.ଡି. ସାରି ମୁଁ "ଓକଲ୍ହୋମା ହେଲ୍ଥ୍ ସାଇନ୍ସ୍ ସେଣ୍ଟର'ରେ ଜଣେ "ମେଡିକାଲ୍ ଫିଜିସିଷ୍ଟ' ଭ୍ବେ ଯୋଗ ଦେଲି । "ପି.ଏଚ୍.ଡି.' କାମ ଗ୍ଲିଥିଲ୍ ବେଳେ ମୋ' ବୋଉ ୧୯୮୬ ମସିହାରେ ଆମକୁ

ଛାଡି ଗ୍ଳଲିଗଲା । ତା ବର୍ଷ ପୂର୍ବେ "ମୀରା'ର ବୋଉ (ମୋ' ଶାଶୁ) ଗ୍ଳଲି ଯାଇଥିଲେ । ଏ' ଥିଲା ଭାଗ୍ୟର ବଡ ବିଡମ୍ବନା । ବୋଉ ମୋ'ର ସାନ ଭଉଣୀ "ଡଲି' ପାଖକୁ ସୁନ୍ଦରଗଡ ଯାଇଥିଲା । ହଠାତ୍ ଷ୍ଟ୍ରୋକରେ ମରିଗଲା । ଟେଲିଗ୍ରାମଟିଏ ପାଇ ମୁଣ୍ଡର ବଜ୍ରଟିଏ ପଡିଲା ଭଳ ଲାଗିଲା । ଖବର ଲେଖାଥି - "ବୋଉ ଗ୍ଳଲିଗଲା" । ଯିଏ ଏତୁରୁ ଏତୁଟିଏ କରିଥିଲା, ତା' ଅନ୍ତେ ଲାଗୁଥିଲା ସତେକ ଆକାଶଟା ଖଣ୍ଡଖଣ୍ଡ ହେଇ ମୋ' ମୁଠ ଉପରେ ଛିଡି ପଡୁଛି । ତେର ଦିନେ ପହଞ୍ଚିଲି ଗାଁରେ । ତିନ ସପ୍ତାହ ରହି ଫେରି ଆସିଲି । ବୋଉର ମୃତ୍ୟୁ ପରେ ସେତେବେଳେ ବାପାଙ୍କ ଭଲ ମନ୍ଦ ବୁଝିବାକୁ ଆଉ ଘରେ କେହି ନଥିଲେ । ଦି' ବର୍ଷ କାଳ ତାଙ୍କ କଥା ସବୁବେଳେ ଭାବୁଥିଲି । ବହୁତ ଦୁଃଖ ଓ ଅବସାଦରେ ଥିଲି । ୧୯୮୮ ମସିହାରେ ମୁଁ ଓଡିଶା ଫେରିଯିବାକୁ ଭାବିଲି । ସତ୍ୟ କରି ଆସିଥିଲି ଓଡିଶା ଯଦି କେବେ ଫେରି ଆସେ ସେଠି ଗ୍ଳକରି କେବେହେଲେ କରିବି ନାହିଁ । ମୁଁ ସେତେବେଳେ ଏଠି ମୋ' ଦି' ଗୋଡରେ ମାଟି ଉପରେ ଛିଡା ହେବାକୁ ଚେଷ୍ଟା କରୁଥିଲି । ନୂଆ ଗ୍ଳକରୀ । କର୍ମମୟ ଜୀବନର ଅୟମାରମ୍ଭ ହେଇଥାଏ । ଖୁବ୍ ସଂଘର୍ଷମୟ ଥିଲା ଜୀବନ । ତଥାପି ନିଜ ଉପରେ ଭରସା ଥିଲା । ସାହସ କେବେ ହରେଇ ନଥିଲି । ଦିନେ ମୋ' ସ୍ତ୍ରୀ ଓ ପୁଅ, ଝିଅ ଦିହିଁଙ୍କୁ ଓଡିଶା ଫେରିଯିବାକୁ ପ୍ରସ୍ତାବ ଦେଲି । ସେମାନେ ଫେରିଯିବାକୁ ନାରାଜ ହେଲେ । ଆମେରିକା ଆସିବାକୁ ଲୋକମାନେ କେତେ ସ୍ୱପ୍ନ ଦେଖୁଛନ୍ତି, ଅଥଚ ଆମେ ଏଠି ରହି ଓ ପିଲାମାନେ ଏ' ଦେଶରେ ବଢି କେମିତି ଯାଇ ଓଡିଶାରେ ରହିବେ, ପାଠ ପଢିବେ ବୋଲି କହି ସାଙ୍ଗମାନେ ମତ ଦେଲେ । ମୀରା'ର ମଧ ଫେରିଯିବାକୁ ଇଚ୍ଛା ନଥିଲା । ତେଣୁ ସେ' ପ୍ରସ୍ତାବ ଯଥାଶୀଘ୍ର ନାକଚ ହେଇଗଲା । ଆମେ ସମସ୍ତେ ମିଶି ଚନ୍ତା କଲୁ ମୋ' ସାନଭାଇ "ଘନଶ୍ୟାମ, (ବୁଲୁ)' ପାଇଁ ଗୋଟିଏ କନ୍ୟା ଖୋଜିବାପାଇଁ । ବାପା ଓ ଭଉଣୀ, ଭିଣୋଇମାନେ ଏ' ପ୍ରସ୍ତାବରେ ରାଜି ହେଇଗଲେ । ମନ ପସନ୍ଦ ମୁତାବକ ଉତ୍ତମ ପାତ୍ରୀଟିଏ ମିଳଲା । ମୁଁ ଖବର ଶୁଣି ଅତ୍ୟନ୍ତ ଆନନ୍ଦିତ ହେଲି । ମୋ' ଗୋଡ ଆଉ ତଳେ ଲାଗୁ ନଥାଏ । ବା'ଘରପାଇଁ ଦିନ, ବାର ସ୍ଥିର ହେଲା । ଭାବିଲି ବା' ଘର ସରିଯିବ, ଘରକୁ ଶୀଘ୍ର ବୋହୂଟିଏ ଆସିଯିବ । ଅନ୍ତତଃ, ବାପାଙ୍କର ଦୁଃଖ ଯିବ । ତାଙ୍କୁ ଦି'ଟା ଫୁଟେଇ ଖାଇବାକୁ ଦେବା ଓ ତାଙ୍କର ଭଲମନ୍ଦ ବୁଝିବାରେ ସମସ୍ୟା ଆଉ କହି ହେବନ । ବୋଉ ଗ୍ଳଲିଯିବା ପରେ ଘର ଚଳବା ଏକ ବଡ ସମସ୍ୟା ହେଇଯାଇଥିଲା । ଦାଦାଙ୍କର ଝିଅ "ଡୁଲିଆ" ବାପାଙ୍କ ଖାଇବା, ପିଇବା

ଖବର ସବୁ ବୁଝୁଥି । ୧୯୮୯ ମସିହାରେ ସେ' ବା'ଘରରେ ଯୋଗ ଦେବାକୁ ମୁଁ ଏକୁଟିଆ ଗାଁକୁ ଗଲି । ମୋ' ସ୍ତ୍ରୀ (ମୀରା) ଓ ଝିଅ (ଶର୍ମିଷ୍ଠା) ତା' ଅଳ୍ପ କେଇ ମାସ ପୂର୍ବରୁ ଦେଶରୁ ଫେରିଥାନ୍ତି । ସେମାନେ ଯାଇ ପାରିନଥିଲେ । ସତ କହିବାକୁ ଗଲେ ପୁଣି ଥରେ ସେମାନଙ୍କର ଯିବାପାଇଁ ଟିକେଟ କଣିବାକୁ ମୋ' ପାଖରେ ଅର୍ଥ ବଳ ନଥି । ଏହାର କାରଣ ମୁଁ ନୂଆ ନୂଆ ଚାକରି ସେତେବେଳେ କରିଥାଏ ।

ଦିନେ ଗାଁରେ ଆମ ଘରେ ଖୁସିରେ ଯାଡ଼ୁସ୍ୟାଡ଼ୁ କଥାବାର୍ତ୍ତା ଚାଲିଥାଏ । ଆମ ଗାଁର "ଗଣନାଥ ସାଆନ୍ତ', ଯିଏକ ଜଣେ ଅଜା ସଂପର୍କୀୟ ହେବେ, ମୋତେ କହିଲେ - "ତୁମର ଆଉ ଗୋଟିଏ ପିଲା କରୁନାହଁ କାହିଁକି ? ତୋ'ର ଝିଅକୁ ତ ଛଅ ବର୍ଷ ହେଇଗଲାଣି" ଅଜା ନାତି ସଂପର୍କତ ! ଦିହିଁଙ୍କ ଭିତରେ ଏମିତି ଥଟ୍ଟା, ତାମସା ଚାଲେ । ମୁଁ କହିଲି ଯେ "ମୀରା'ର ଆଉ ଗୋଟିଏ ପିଲା କରିବାକୁ ଇଚ୍ଛା ନାହିଁ । ଆମେ ସେକଥା ଭାବୁନାହୁଁ । ମୋ' ବାପା ସେଠି ଉପସ୍ଥିତ ଥିଲେ । ସେ' ଏ' କଥା ଶୁଣି କହିଲେ - "ନା, ତୁମେ ଦିହେଁ ଏହାକୁ ଗମ୍ଭୀରତାର ସହ ଚିନ୍ତା କର ଓ ଆଉ ଗୋଟିଏ ପିଲା କରିବାକୁ ସିଦ୍ଧାନ୍ତ ନିଅ । ଗୋଟିଏ ପିଲା କ'ଣ ବେଶୀ ହୋଇଗଲା । ଲୋକଙ୍କର କେତେ ପିଲାପିଲି ହେଉଛନ୍ତି" । "ମୁଁ ଥଟ୍ଟାକରି କହୁନାହିଁ", ବୋଲି ମଧ୍ୟ କହିଲେ । ମୁଁ ପରେ ଜାଣିବାକୁ ପାଇଲି ଯେ ବାପା ନିଜେ ଗଣନାଥ ସାଆନ୍ତଙ୍କୁ କହିଥିଲେ ମୋ' ସହିତ ଏ' ପ୍ରସଙ୍ଗରେ କଥା ହେବାପାଇଁ। ମୁଁ ଆମେରିକା ଫେରିଆସିବାପରେ ମୁଁ ମୋ' ସ୍ତ୍ରୀକୁ ଏ' ବିଷୟରେ କହିଲି । ଆମର ପୁଅ "ସିଦ୍ଧାର୍ଥ' ୧୯୯୦ ମସିହା, ଅଗଷ୍ଟ ମାସ ୨୩ ତାରିଖ ଦିନ, ଭାରତର ସମୟ ଅନୁଯାୟୀ ଗଣେଶ ପୂଜା ଦିନ ଜନ୍ମ ହେଲା । ଅଳ୍ପ ଦିନ ପରେ ଥରେ ବାପାଙ୍କ ସହ ଫୋନରେ କଥା ହେଲାବେଳେ ପୁଅର କିଛି ଫଟୋ ପଠାଇବାକୁ କହିଲି ସିଏ ଦେଖିବେ ବୋଲି । ମୋ' ପାଟିରୁ କଥା ନସରୁଣୁ ସେ' ସଙ୍ଗେ ସଙ୍ଗେ କହିଲେ - "ମୁଁ ତାକୁ ପରା ଜନ୍ମବେଳୁ ଦେଖି ସାରିଛି" । ସେକଥା ଶୁଣି ମୋତେ ଖୁବ୍ ଆଶ୍ଚର୍ଯ୍ୟର୍ ଲାଗିଥିଲା । ମୋ' ମନରେ ଅନେକ ପ୍ରଶ୍ନ ସେତେବେଳେ ଉଠିଥିଲା ଯେ ସେ' କେମିତି ଏତେ ଦୂରରୁ ଦେଖିଲେ। ମୁଁ ତ ଆଗରୁ କେବେ ଫଟୋ ତାଙ୍କ ନିକଟକୁ ପଠେଇ ନାହିଁ । ଭାବିଲି, ମହାଭାରତର ସଞ୍ଜୟଙ୍କ ଭଳି ତାଙ୍କର ବୋଧହୁଏ ଦିବ୍ୟ ଦୃଷ୍ଟି ଥିଲା ନା କ'ଣ ?

ଠିକ୍ ସାନ ଭାଇର ବା' ଘର ସରୁ ସରୁ ମୁଁ ଆମେରିକା ଫେରିବାର ଥିଲା । ଦୁଃର୍ଭାଗ୍ୟବଶତଃ ମୁଁ ସେ' ବା'ଘରରେ ବରଯାତ୍ରୀ ଭାବେ ଯାଇପାରିଲି ନାହିଁ । ବର ବାହାରିବାର ଠିକ୍ ଅଳ୍ପ ସମୟ ପୂର୍ବରୁ ପିଲାମାନେ ଖେଳୁଥିବା ସମୟରେ ଏକ ଦୁର୍ଘଟଣା ଘଟିଲା । ସେତେବେଳେ ମହାଭାରତ ସିରିଏଲ ଦେଶ ସାରା ବଡ ଚହଳ ପକେଇ ଦେଇଥି । ଦିଓଟି ଭଣଜା କର୍ଣ୍ଣ ଓ ଅର୍ଜ୍ଜୁନ ହେଇ ଧନୁ ଓ ତୀରରେ ଖେଳୁଥି ବେଳେ ଜଣେ ପିଲାର ଆଖିରେ ତୀର ବାଜି ଆଖିଟିଏ ନଷ୍ଟ ହେଇଗଲା । ସେଥିପାଇଁ ମୋତେ ଗୋଟିଏ ପିଲାକୁ ଧରି "କଟକ' ବଡ ମେଡିକାଲ ଯିବାକୁ ପଡିଥିଲା । ଅନ୍ୟ ସମସ୍ତେ ବରଯାତ୍ରୀହୋଇ ବା' କରେଇ ଗଲେ । ସେ' ଏକ ଅଲଗା, ଅଭୂଲା କାହାଣୀ । ସେ' କଥା ଏବେ ମୋର ମନେ ପଡିଲେ ଦେହ ଶୀତେଇ ଯାଏ, ରୁମମୂଳ ଥରି ଉଠେ, ମନରେ ଅଶେଷ ଦୁଃଖ ଆସେ । ଏ' ଘଟଣାଟି ପରେ କାହାରି ମନରେ ଆଉ ଆନନ୍ଦ ନଥିଲା । ଯାହା ସବୁ ସେଯାଏ ସୁରୁଖୁରିରେ ଚାଲିଥିଲା ସେଥିରେ ହଠାତ୍ ଏକ ପୂର୍ଣ୍ଣଚ୍ଛେଦ ପଡିଗଲା । ମୁଁ ମନେମନେ ଯାହା ଭାବିଥିଲି ଯେ ମୋ' ନିଜ ବା' ଘରରେ କିଛି ଉପଭୋଗ କରପାରି ନଥିଲି ତେଣୁ ସାନଭାଇର ବା' ଘରରେ ନିଶ୍ଚୟ ଉପଭୋଗ କରିବି । ମୋର ସେ' ସ୍ୱପ୍ନ ଅଧୂରା ରହିଗଲା । କହିବାକୁ ଗଲେ ମୁଁ କଟକ ବଡ ହସ୍ପିଟାଲରୁ ଅଳ୍ପ ସମୟପାଇଁ ଯାଇଥିଲି ଆମ ଗାଁ ଓ ଗାଁରୁ ଆସିଲି ଭୁବନେଶ୍ୱର ଏୟାରପୋର୍ଟ ଓ ସେଠାରୁ ଫ୍ଲାଇଟ୍ ଧରି ଦିଲ୍ଲୀ ଓ ଆମେରିକା । ମଣିଷ ଜୀବନରେ ଯେତେବେଳେ ଯାହା ସବୁ ଘଟିବାକୁ ଥାଏ ତାହା ଆପେଆପେ ଘଟିଯାଏ, ସିନେମା ପରଦାରେ ସିନେମାଟିଏ ଦେଖିଲାଭଳ ଲାଗେ । "ଭାଗ୍ୟ ବଳ ନାସ୍ତି ନାନ୍ୟ ବଳଂ' । ମନେହୁଏ ଦଇବ ନିକଟରେ ଆମେ ସତେ କିଛି ନୁହଁ, ଆମେ ଏକ ଖେଳନା ଭଳ । କଥାରେ ଅଛି - "ଦଇବ ଦଉଡି ମଣିଷ ଗାଈ, ଯେଣିକ ଟାଣିଲେ ସେଣିକ ଯାଇ" ।

ଗାଁରୁ ଭୁବନେଶ୍ୱର ଆସିବାକୁ ହେଲେ ନିକଟ ବସ୍ ଷ୍ଟେସନ ହେଉଛି "ମଙ୍ଗଳପୁର" । ଆମ ଗାଁଠୁ ପ୍ରାୟ "ସାଢେ ଚାରି ମାଇଲ' ଦୂର । ସେତେବେଳେ ଆଜିକାଲି ଭଳ ଭଲ ରାସ୍ତାଟିଏ ନଥିଲା । କଚ୍ଚା ରାସ୍ତା । ବର୍ଷା ଦିନେ ରାସ୍ତା ସାରା କାଦୁଅରେ ପଚର ପଚର ହେଇଯାଏ । ସେତେବେଳେବି କାର୍ କି ଅଟୋ ଭଳ ଯାନବାହାନର ଏତେ ସୁବିଧା ନଥିଲା। ମୋ'ର ସାନଭାଇର ସ୍କୁଟରଟିଏ ଥି । ସେ' ମୋତେ ସେଥିରେ ପଛରେ

ବସେଇ ମଙ୍ଗଳପୁର ପର୍ଯ୍ୟନ୍ତ ନେବାର ଥି । ମଙ୍ଗଳପୁରରୁ ବସରେ ଭୁବନେଶ୍ୱର ଯିବାର କଥା । ଆମ ଗାଁର ଶେଷ ମୁଣ୍ଡର ମଠଟିଏ ଥିଲା । ସେ' ପର୍ଯ୍ୟନ୍ତ ଚାଲିଚାଲି ଆସୁଥିଲୁ। ମଠରେ "ଗୌତମ ବାବା"ଙ୍କୁ ଭେଟି ତାଙ୍କୁ ମୁଠିଆଟିଏ ମାରି ତାଙ୍କ ଆର୍ଶିବାଦ ପାଇବାର ଥି । ମୋ' ପଛେପଛେ ମୋ' ସାନ ଭଉଣୀ, ଭାଇ, ବାପା ଓ ଛୋଟ ପିଲାଠାରୁ ବୁଢା ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ମୋତେ ବିଦାୟ ଦେବାକୁ ଆସୁଥିଲେ ମଠକୁ । ଆମ ଗାଁଟି ନିହାତି ଛୋଟ ଗାଁଟିଏ । ସମସ୍ତେ ଏକ ପରିବାର ଭଳି । ଶୋକାକୁଳ ସେ' ପରିବେଶ। ଗାଁକୁ ଛାଡି ଯାଉଛି । ପୁଣି କେବେ ଆସିବା ହେବ କିଏ ଜାଣେ ? ମୁଁ ଆଗରେ ଜଣେ କମାଣ୍ଡର ଭଳି ଚାଲିଥାଏ । ପଛେପଛେ ମୋର ଅତି ପ୍ରିୟ ବୀର ସୈନିକମାନେ ଚାଲୁଥାନ୍ତି। ଗାଁ ଶେଷ ମୁଣ୍ଡର ପଡେ ହରିଜନ ସାହି । ସେ' ସାହି ପାର ହେଇ ଆସିଲାପରେ ମୁଁ ହଠାତ୍ ପଛକୁ ଅନେଇଦେଲି । ମୋ' ପଛେପଛେ ବାପା ଚାଲୁଥିଲେ । ମୁହଁଟି ଶୁଖି ଯାଇଛି ଓ ତାଙ୍କ ଆଖିରୁ ଦି'ଟୋପା ଲୁହ ବି ବହୁଛି । ସେ' କାନ୍ଦିବାର ଦୃଶ୍ୟ ମୋ' ଜୀବନରେ ପ୍ରଥମଥର ପାଇଁ ଦେଖିଲି । ଆଗରୁ ତାଙ୍କ ଆଖିରେ କେବେ ଲୁହ ଦେଖି ନଥିଲି । ମୋତେ ବଡ ଆଶ୍ଚର୍ଯ୍ୟ ଲାଗିଲା । ମନରେ ଦୁଃଖ ଆସିଲା । ମୋ' ହୃଦ ସ୍ପନ୍ଦନ ବଢିଗଲା । ଏ' କ'ଣ ଏକ ଅଘଟଣାର ସୂଚନା କି ? ଗୋଡ ଆଗକୁ ଚାଲୁନଥିଲା । ଯିବାକୁ ତ ପଡିବ । ବାଧ୍ୟରେ ଗୋଡ ଆଗକୁ ପକାଉଥିଲି । ଏକ ଦେବୋପମ ବୁଢା ବାପା ଓ ତାଙ୍କର ବଡପୁଅ ପ୍ରତି ଥିବା ନିବିଡ, ଗହିରିଆ, ନିସର୍ତ୍ତ ଭଲପାଇବାକୁ ମୁଁ ସେତେବେଳେ ଅନୁଭବ କରୁଥିଲି । ମନ ହେଉଥିଲା ଟିକିଏ ପଛକୁ ଫେରିଯାଇ ତାଙ୍କୁ କୁଣ୍ଢେଇ ପକେଇବାକୁ । କିନ୍ତୁ, ମୁଁ ସେତକ କରିପାରିଲି ନାହିଁ । ଆମେରିକାରେ ଏତେ ବର୍ଷ ରହି ସୁଦ୍ଧା ମୁଁ ସେତେବେଳେ ଭାରି ଲାଜକୁଳା ଥିଲି । ଆମେରିକାରେ ଏତେ ବର୍ଷ ରହି ଅନେକ ଦେଖିଛି କୋଳାକୋଳି "ହଗିଂ" । କିନ୍ତୁ, ମୋର ସାହସ ହେଲା ନାହିଁ । ମୁଁ ସେଦିନ ହାରିଗଲି । ଆଜି ସେଥିପାଇଁ ଅନେକ ସମୟରେ ଭାବି ଭାବି ଅଜସ୍ର ଦୁଃଖ ପ୍ରକାଶ କରୁଛି । ହାୟରେ ! ମୁଁ ହେଲେ ସେତିକି କରିପାରିଥାନ୍ତି ! ଆସିବାବେଳେ ବାଟସାରା ଭାବୁଥିଲି ମୋ'ର ସେୟା କରିବାର ଥିଲା ନା' ନଥିଲା । କିନ୍ତୁ, ଅନେକ ଡେରି ହେଇଯାଇଥିଲା, ସେ' ମୁହୂର୍ତ୍ତ ଗଡି ଯାଇଥିଲା । ବୋଧହୁଏ, ସିଏ ତାଙ୍କର ଦିବ୍ୟ ଦୃଷ୍ଟିରେ ସେଦିନ ଜାଣି ଯାଇଥିଲେ ଯେ ଆମ ଦିହିଁଙ୍କର ସେ' ଥିଲା ଶେଷ ଦେଖା । ବାସ୍ତବରେ ସେଇଆ ହିଁ ହେଲା । କିନ୍ତୁ, ସେ'କଥା ଭାଷାରେ ମୋ'ଆଗେ

ପ୍ରକାଶ କରିନଥିଲେ ଯେ ସେ' ହେଉଛି ଆମର ଶେଷ ଦେଖା । ବସରେ ଆସିଲାବେଳେ ବାଟସାରା ସେ' ଛବି ମୋ' ଆଖି ଆଗରେ ବାରମ୍ବାର ଭାସି ଯାଉଥିଲା । ଜଣେ ଆକାଶଠୁ ବଡ, ପୁଣି ଏତେ ବଡ, ମହାନ ବାପାଟିଏ ଓ ତାଙ୍କ ନିକଟରେ ମୋ' ଭଳି ଏକ ନିହାତି ଛୋଟ, କ୍ଷୁଦ୍ରାତି କ୍ଷୁଦ୍ର ସନ୍ତାନଟିଏ । ମୁଁ ଏବେ ନୀରୋଳାରେ ବସିଲେ ଭାବେ ଯେ ମୁଁ ସେତେବେଳେ ତାଙ୍କ ମନ କଥାଟି ଜାଣିପାରିଥାନ୍ତି କି ?

ଏହା ଭିତରେ ଦି' ବର୍ଷ ବିତିଗଲା । ୧୯୯୧ ମସିହା ଖରାଦିନେ ମୁଁ ହଠାତ୍ ମୋ'ର ସାନ ଭାଇ ଓ ଭଉଣୀଙ୍କଠୁ ଖବର ପାଇଲି ଯେ ତାଙ୍କର "ପ୍ରଷ୍ଟେଟ କ୍ୟାନସର୍' ହେଇଯାଇଛି ଓ କ୍ୟାନସର୍ ଅନ୍ୟ ଅଙ୍ଗପ୍ରତ୍ୟଙ୍ଗକୁ ପ୍ରବେଶ କରିସାରିଛି । ଇଂରାଜୀରେ "ମେଟାଷ୍ଟାଇଜଡ୍' ବୋଲି କହନ୍ତି । ଏ' କଥା ଜଣା ପଡିଲା ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପରେ । ସେ' ଥିଲା ତାଙ୍କର ପ୍ରଥମ ଓ ଶେଷଥର ପାଇଁ ଯିବା ଜଣେ ଡାକ୍ତରଙ୍କ ପାଖକୁ । ମୁଁ ପରେ ଯାହା ଖବର ପାଇଲି ସେ' ଡାକ୍ତରଙ୍କ ନିକଟକୁ ଯିବାକୁ ଅମଙ୍ଗ ଥିଲେ ଓ ବହୁତ ବାଧ୍ୟ କରି ତାଙ୍କୁ ନିଆ ଯାଇଥିଲା । ସେତେବେଳକୁ ରକ୍ତରେ ତାଙ୍କ ଲୁଗାପଟା ଭିଜି ଯାଉଥିଲା, ତଥାପି ସେ' ଘରେ କାହାକୁ କହି ନଥିଲେ, କିଛି ହେଇନାହିଁ ବୋଲି କହୁଥିଲେ । ଡାକ୍ତର ଜଣକ ସ୍କାନ କରି ତାଙ୍କୁ କହିଥିଲେ ଆଉ ମାତ୍ର ଛଅ ମାସ ଭିତରେ ଆୟୁଷ । ସେୟାହିଁ ହେଲା । ସେତେବେଳକୁ ତାଙ୍କୁ ହେଇଥିଲା ମାତ୍ର ୭୧ ବର୍ଷ । ସେ' ଯେମିତି ସୁସ୍ଥ ଥିଲେ ମୁଁ ଭାବୁଥିଲି ସେ' ଆରାମରେ ୯୦ ବର୍ଷ ଟପିଯିବେ ବୋଲି । "ଓକଲାହୋମା ହେଲ୍‌ଥ୍ ସାଇନ୍‌ସ୍ ସେଣ୍ଟର' ସେହି ସମୟରେ ମୋର "ଗ୍ରୀନ୍‌କାର୍ଡ' ପ୍ରସେସିଂ କରୁଥିଲା । ୟୁନିଭରସିଟିର ଓକିଲ ମୋତେ ଦେଶ ଛାଡି ନଯିବାକୁ ବାରଣ କରିଥିଲେ । ସେତେବେଳେ ମୁଁ ମୋ'ର ମାନସିକ ଭାରସାମ୍ୟ ହରାଇ ବସିଥିଲି । ମୁଁ ନିଜେ ନମରି ନର୍କ ଯନ୍ତ୍ରଣା ଭୋଗୁଥିଲି । ଯେଉଁଦିନ ଖବର ପାଇଲି ସେ' ଗଲିଗଲେ ସେଦିନ ମୁଁ ମଧ୍ୟ ଅଫିସ୍‌କୁ ଯାଇ ଅଫିସର୍ ବସି ଲୁଚଲୁଚ କାନ୍ଦୁଥିଲି ଯେମିତି ଅନ୍ୟ କେହି ନଦେଖିବାକୁ । ଆମର ଡିପାର୍ଟମେଣ୍ଟର ଜଣେ ସେକ୍ରେଟାରୀ (ଜିନା), ଜଣେ ଆମେରିକାନ ମହିଳା କେମିତି ଜାଣି ଯାଇଥିଲେ ମୋ' ମନ ଦୁଃଖ ହେବାର । ବଡ ଭଉଣୀ ଭଳି ସିଏ, ବହୁତ ଶ୍ରଦ୍ଧା କରନ୍ତି । ସେ' ପ୍ରଶ୍ନ କରିବାରୁ ମୁଁ ତାଙ୍କୁ ସେଦିନ ସତକଥା କହିବାକୁ ବାଧ୍ୟ ହେଇଥିଲି । ସେ' ନିଜେ ଯାଇ ଆମର ଆଉ ଜଣେ ସେକ୍ରେଟାରୀ "ସୁଜାନ' ଓ ମୋ'ର ସୁପରଭାଇଜର

ପ୍ରଫେସର "ଜନ୍ ପ୍ରିନ୍ସ୍'ଙ୍କୁ ଏ' ଖବର କହିଥିଲେ । ପ୍ରଫେସର "ଜନ୍ ପ୍ରିନ୍ସ୍' ମୋ' ଅଫିସ୍‌କୁ ଆସି ସେଦିନ ମୋତେ ବହୁତ ବୁଝେଇ ଥିଲେ । ସେ' ନିଜେ ଆଶ୍ଚର୍ଯ୍ୟ ହେଇଯାଇଥିଲେ ଯେ ମୋ' ବାପା ମରିଯାଇଛନ୍ତି ଅଥଚ ମୁଁ ସେଦିନ ଛୁଟିରେ ନରହି କାମ କରିବାକୁ ଅଫିସ୍‌କୁ ଆସିଛି । ସେ' ମୋତେ ବହୁତ ଭଲ ପାଉଥିଲେ ଓ ମୋ' କାମକୁ ପ୍ରଶଂସା କରୁଥିଲେ । ତାଙ୍କର ଅନୁରୋଧ କ୍ରମେ ମୁଁ ତା'ପର ଦିନଠୁଁ କିଛି ଦିନ ଛୁଟିରେ ରହିବାକୁ ନିଷ୍ପତ୍ତି ନେଇଥିଲି । କିଏ କହେ ଆମେରିକାନଙ୍କର ହାର୍ଟ ନାହିଁ ବୋଲି । ମୁଁ ସେଦିନ ଅନୁଭବ କରିଥିଲି ଯେ ଜଣେ ବାପାଙ୍କୁ ହରେଇ ମୁଁ ଆଉ ଜଣେ ବାପାଙ୍କୁ ପାଇଛି ।

ଏବେ ମୋତେ ୬୫ ବର୍ଷ ଟପି ଗଲାଣି । ମୁଁ ଆଜି ଯେବେ ବିଶ୍ଳେଷଣ କରେ, ମୁଁ ସିଦ୍ଧାନ୍ତରେ ଉପଗତ ହୁଏ ଯେ ବାପା ନିଶ୍ଚୟ ଜଣେ ଈଶ୍ୱର ଅନୁଭବୀ ମଣିଷ ଥିଲେ । ମୁଁ ନିଜକୁ ଜଣେ ଅଧମ ବୋଲି ମନେ କରେ ଯେ ମୁଁ ସେଦିନ ତାଙ୍କୁ ଥରେ ମାତ୍ର କିଛି ସେକେଣ୍ଡପାଇଁ ହେଲେ କୁଣ୍ଢେଇ ପାରିଲି ନାହିଁ । ଭଗବାନ ସୁବର୍ଣ୍ଣ ସୁଯୋଗଟିଏ ଦେଇଥିଲେ । କିନ୍ତୁ, ମୁଁ ହତଭାଗ୍ୟଟିଏ । ସେ' ସୌଭାଗ୍ୟରୁ ବଞ୍ଚିତ ହେବାପାଇଁ ବୋଧହୁଏ ଏହା ମୋ' କପାଳରେ ଲେଖାଥିଲା । ଏବେ ମୋ' ଆଖିରେ ଆଉ ବାକି କିଛି ଲୁହ ନଥିଲା ଭଳି ଲାଗେ। ଲାଗୁଛି, ଏବେ ନକାନ୍ଦିପାରିବା କଳା ଟିକକ ମୁଁ ତାଙ୍କ ଜିନ୍‌ରୁ ଆଣିଛି ।

**(ଏ' ବାସ୍ତବ ଘଟଣା ଉପରେ ଆଧାରିତ । ଏହାର ଇଂରାଜୀ ଲେଖାଟି "A Missed Opportunity" ଅନେକ ବର୍ଷ ତଳେ ଆମେରିକାରେ "ଚରନ୍ତନ" ମାଗାଜିନରେ ପ୍ରକାଶିତ ହୋଇଥିଲା ।)**

ହିଡେନ୍ ଭାଲି ଲେନ୍, ସିଲଭର୍ ସ୍ପିଙ୍ଗ୍
ମେରୀଲ୍ୟାଣ୍ଡ,ଯୁକ୍ତରାଷ୍ଟ୍ର ଆମେରିକା

# ତମ ପାଇଁ ଅଯୁତ ଯୁଗଟେ



ମନୋରମା ହାତୀ

କେବେ ହାରିବା ଶିଖିନ ବୋଲିତ
ତମ ପ୍ରେମରେ ହାରିବି
ଦେଖୁନ ହାରିପାରିନ

ତମଠୁ ଫେରିବା ପରେ
ତମ ପ୍ରେମର ଅଧାଗଢା ପାଚେରୀ
ଆଉଥରେ ଗଢିବସିଲି

ତମ ଭାବନାରେ ପୁଣି
ରାତି ରାତି ଉଜାଗର ରହି
ସହସ୍ର ସହସ୍ର କବିତା ଉତ୍ତାରି ବସିଲି

ତମ ପାଇଁ ଅହରହ
ଗୁଣୁ ଗୁଣୁ ଗୀତ ଗାଉଥିବା
ପ୍ରଜାପତି ଟେ ସାଜି ବସିଲି

ତମକୁ ନେଇ ଦେଖିଥିବା
ସ୍ୱପ୍ନ ସବୁ ଅସୁମାରି ରଙ୍ଗ ଭରି
ଆଙ୍କି ବସିଲି

ତମ ସ୍ମୃତି ର ଶାମୁକା ସବୁ
ଜୀବନ ବେଳାଭୂମି ରେ ସାଇତି ଦେଲି

ତମ ଶୁଭ ମନାସିବା ଲାଗି
ଅଶିଣ ସଞ୍ଜ ର ସଞ୍ଜବତୀ ପରି
ଦିକ୍ ଦିକ୍ ଅହରହ ଜଳଗଲି

ଭଲପାଇ ତମେ ସିନା ଭୁଲିଗଲ
ମୁଁ କିନ୍ତୁ ତମକୁ
ମନେପକେଇବା ଲାଗି ଅଯୁତ ଯୁଗଟେ
ମନର ଦେବତା ପାଖେ ମାଗି ବସିଲି।

କନ୍ହେଇପୁର, କଟକ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଶେଷସନ୍ଧ୍ୟା



ଚନ୍ମୟ ବାରିକ

ସେଦିନର ଶେଷସନ୍ଧ୍ୟା।
ତୁମ ସହିତ ଗଢି ଉଠିଥିବା
ସମ୍ପର୍କ, ଆଜି ଯେମିତି
ମଥାପାତି କାନ୍ଦୁଛି
ମୋ ଅଦୃଶ୍ୟକୁ ଭେଦକରି।।

ସେଇ ଅସହାୟ ପଣର
ଲେଉଟା ସ୍ୱର
ମୁଁହ ଅନ୍ଧାରର ବ୍ୟାକୁଳ ପଣ,
ମନ ସହିତ ସମଗ୍ର ସତ୍ତାର ମିଳନ।
ଅପ୍ରାପ୍ତି ଆତ୍ମାର ପ୍ରାପ୍ତିମାର୍ଗ
ଆଜି ଯେମିତି ଥର୍‌ଇ ଦେଉଛି,
ମୋ ନଭୃତର ଅଥଳ ତଳେ ଥିବା
ନୈସର୍ଗିକ ଜଳକୁ।।

ଏ କ'ଣ ଶଙ୍କି ଯାଇଥିବା
ମନର ବ୍ୟାକୁଳ ସ୍ୱର
ନାଁ,ଝାଳେଇ ଯାଇଥିବା
ଆଖିର ଖିଆଲି ପଣ।।

ସେଦିନ ନରବରେ ତୁମ ହାତଛୁଇଁଥିବା
ମୋ ବାସ୍ଥଳକୁ ଆଜିଯେମିତି କଏ
ବାରମ୍ବାର କ୍ଷତ କରୁଛି
ତା'ର ମୁନଆ ନଖରେ।
ଏ କ'ଣ ଝଡର ଇସାର୍
ନାଁ ସମ୍ପର୍କରେ ପରିପୂର୍ଣ୍ଣ
କଳଙ୍କଭର୍ ପ୍ରମ୍ୟୁଜ୍ୟର ପସର୍।।

ଥରେମାତ୍ର ଦେଖିଯାଅ!
ତୁମେ ଗଲ୍‌ପରେ,
କୋହ ଆଜି କେମିତି
ଗୁମୁରି କାନ୍ଦୁଛି ରୁଗଣ କୋଠରୀରେ,
ଆଉ ଆକାଶ  ଭୂମି ଛୁଇଁଛି ତୁମ
ଅନୁପସ୍ଥିତିକୁ ଜାହିର କରିବାପାଇଁ,
ମୋ ବ୍ୟସାର୍ଦ୍ଧାରେ।।

ସତରେ,
ତୁମ ଆଗମନ ଆଜି କ'ଣ
ଅନୁପସ୍ଥିତ ହୋଇ ରହିଯାଇଛି ।
ନାଁ ଛପି ଯାଇଛି,
ଅମା ଅନ୍ଧକାର ର୍ଚ୍ଛିର
ବଳୟ ଭିତରେ । ।

ସେଦିନ ସେ କ'ଣ ଥିଲା
ଶେଷ ସୁନେଲି ସନ୍ଧ୍ୟା,
ନାଁ ଅନେକ ଆଶାରେ ଥିଲା
ବିଶ୍ୱାସର ଛଦ୍ମବେଶ ।
କିନ୍ତୁ,
ଏ କ'ଣ !
ହଠାତ୍ ଉଜୁଡା ସ୍ୱପ୍ନରେ
ଗଦ୍ ଗଦ୍ କଣ୍ଠସ୍ୱର,
କେଉଁଠୁ ଭସି ଆସୁଛି ।
ଏ ଭୋକଲା ପେଟର ବିଭସ୍ସ !
ନାଁ ନୟନ ପିତୁଳାର ବିଭସ୍ସନା
ହୁଏତ ହୋଇଥାଇପାରେ,
ଏ ଦହନ ମନରେ
ଶେଷ ଦୀର୍ଘଶ୍ୱାସ!?

ବ୍ରାହ୍ମଣଡ଼ିହି, ବାଲିକୁଦା,ଜଗତସିଂହପୁର

# ମାୟାମୁକ୍ତି



ବିନୟ ମହାପାତ୍ର

ଭଜ ଗୋବିନ୍ଦଂ, ସ୍ମର ଗୋବିନ୍ଦଂ, ଗୋବିନ୍ଦଂ ଭଜେ ମୂଢମତେ, ଆଦିଗୁରୁ ଶଙ୍କରାଚାର୍ଯ୍ୟଙ୍କର ଏଇ ଗୀତଟି କଏ ଜଣେ ବନ୍ଧୁ ହ୍ୱାସଅପରେ ସେୟାର କରିଥିଲେ । ସୁଧାକରବାବୁ ଏଇ ଥରକୁ ମିଶାଇ ଗୀତଟାକୁ ପ୍ରାୟ ପନ୍ଦର ଥର ଶୁଣି ସାରିଲେଣି । ପ୍ରଥମେ ଥରେ ଦିଥର ମୋବାଇଲରେ ଫୁଲ ଭଲ୍ୟୁମରେ ଶୁଣିଲା ପରେ ଯେତେବେଳେ ତୃତୀୟ ଥର ପାଇଁ ପ୍ଲେ କଲେ ସେତେବେଳେ ମିସେସ୍ ପୂଜାଘର ଭିତରୁ ବଡପାଟିଟାଏ କରି କହିଲେ, ଗୀତଟା ଯଦି ଏତେ ଭଲଲାଗୁଛି ତେବେ କାନରେ ଇଅରଫୋନ ଲଗେଇ ଶୁଣ । ମୁଁ ଏଇଠି ଧ୍ୟାନ ଲଗେଇ ପୂଜାକରି ପାରୁନ । ସାନପୁଅ ସକାଳ ଚା' କପ୍ ଟା ଆଣି ସେଣ୍ଟର ଟେବୁଲ ଉପରେ ରଖିଦେଇ କହିଲା, ବାପା ଚା, ଭାଉଜ କହିଲେ ଆଜି ଆଉ ଚା ମିଳିବନି । ଏଇଟାକୁ ମିଶେଇ ସକାଳୁ ତୁମେ ଚାରି କପ୍ ଚା ଅଲରେଡି ପିଇ ସାରିଲଣି । ଏତିକି କହି ସେ ସାମ୍ନା ସୋଫା ଉପରେ ବସିପଡିଲା । ଟିଭି ରିମୋଟଟା ସୁଧାକରବାବୁଙ୍କ ହାତରୁ ନେଇ ନ୍ୟୁଜ୍ ଚ୍ୟାନେଲଟାକୁ ବଦଳେଇ ସ୍ପୋର୍ଟସ ଚ୍ୟାନେଲକୁ କରିଦେଲା । କହିଲା ନ୍ୟୁଜିଲ୍ୟାଣ୍ଡରେ କ୍ରୀକେଟ ମ୍ୟାଚର ଲାଇଭ ଟେଲିକାଷ୍ଟ ଦେଖିବ । ସୁଧାକରବାବୁ ଅଗତ୍ୟା ଅନ୍ୟଉପାୟ ନଦେଖି ଇଅରଫୋନ କାନରେ ଲଗାଇ ବାରଣ୍ଡାକୁ ଉଠିଗଲେ ।

ଯେତେଥର ଶୁଣିଲେ ବି ଗୀତଟା ପ୍ରତିଥର କଛିନା କଛି ନୂଆ ଚେତନା ଭରିଦେଉଥିଲା ହୃଦୟଭିତରେ, କେତେ ସୁନ୍ଦରଭାବେ ବୁଝେଇ ଦେଇଛନ୍ତି ଶଙ୍କରାଚାର୍ଯ୍ୟ । ମାୟାଟା ଭ୍ରମ, ଆଉ ଏଇ ଭ୍ରମ ଭିତରେ ମଣିଷ ପୁରା ଜୀବନ ବିତେଇ ଦେଉଛି । ଆଖିରେ ଅନ୍ଧପୁଟୁଳ ବାନ୍ଧିନେଇଛି । ଆଉ ସେଇ ବନ୍ଦଆଖିରେ କେବଳ ଧନ ଦାରା ସୁତର ସ୍ୱପ୍ନ ଆଉ ମୋହ ମାୟାର ବନ୍ଧନ । ୩୦ ବର୍ଷର ଚାକରୀକାଳ ଭିତରେ କଣ କରିଛନ୍ତି ସୁଧାକରବାବୁ ?

ଅଧ୍ୟାପକ ଚାକରୀରେ ସକାଳୁ ସଂଜଯାଏ କ୍ଲାସ ପରେ କ୍ଲାସ, କଲେଜ ସରିଲା ପରେ କୋଚଙ୍ଗ କ୍ଲାସ ତାପରେ ରାତି ନଅଟାରେ ଘରେ ପହଞ୍ଚିଲା ପରେ କଣ ଟିକଏ ଖାଇଦେଇ ପୁଣି ସେହି ବହିମାନଙ୍କର ଭିତରେ ହଜିଯାଉଥିଲେ ଜ୍ଞାନର ସନ୍ଧାନରେ । ଫିଜିକ୍ସର ପ୍ରାଧ୍ୟାପକ ଥିଲେ, ଢେର ଜ୍ଞାନ ଅର୍ଜନ କରିଛନ୍ତି ନିଜ ସବଜେକ୍ଟରେ, ହେଲେ 'ବିଷୟ' ବାସନାରେ ଏମିତି ମଗ୍ନ ରହିଗଲେ ଯେ ଅସଲ ଜ୍ଞାନ ଟିକଏ ବି ଅର୍ଜନ କରିପାରିଲେନି । ସେଇ ପ୍ରଭୂଙ୍କ ଜ୍ଞାନ, ବିଷୟାଶକ୍ତ ମାୟାର ସଂସାର ବିଷୟରେ ଜ୍ଞାନ କମ୍ବା ମୁକ୍ତି ମାର୍ଗର ଗୁଢ ତତ୍ତ୍ୱଜ୍ଞାନରୁ କାଣିଚାଏ ବି ଅର୍ଜନ କରିପାରିଲେନି । ବଡ ବିତୃଷ୍ଣାଭାବ ଆସିଗଲା ନିଜର ଜୀବନ ପ୍ରତି । ଏତେ ବଡ ଘର ତିଆରି କରିଦେଲେ, ହେଲେ ନିଜ ହୃଦୟ ମନ୍ଦିରର ଚଉକାଠକୁ ଏମିତି ଖୋଲା ଛାଡିଦେଲେ ଯେ ଓଲେଇ ଗାଇ ପରି ମାୟା ପଶିଗଲା ହୃଦୟ ଭିତରେ, ସବୁ ଅନ୍ଧାର କରିଦେଲା । ଜ୍ଞାନର ଦୀପଟିଏ ବି ଜଳାଇ ପାରିଲେନି ମନ ମନ୍ଦିରରେ, ହୃଦୟ ଭିତରେ । ଶେଷଥର ପାଇଁ କେବେ ମନ୍ଦିର ଯାଇଥିଲେ ମନେ ନାହିଁ । ଏଇ ଭୁବନେଶ୍ୱରରେ ଅଧା ଜୀବନ କଟିଗଲା ତାଙ୍କର । ହେଲେ ଜଗନ୍ନାଥଙ୍କ ଦର୍ଶନ ଦୁଇ ଚାରି ଥରରୁ ବେଶି କରି ପାରି ନାହାନ୍ତି । ପୁରୀ ଏଇଠୁ କେତେ ଦୂର ? ରାସ୍ତା ସିନା ଦୂର ନୁହେଁ, ହେଲେ ବିଜ୍ଞାନର ଏଇ ବସ୍ତୁଜ୍ଞାନ ଭଗବାନଙ୍କ ଠାରୁ, ବାସ୍ତବ ଦୁନିଆଁରୁ ତାଙ୍କୁ ଆଜିଯାଏ ଦୂରେଇ ରଖିଛି ।

ଧନ ଦାରା ସୂତ, ଏଇତ ମାୟା, ସେଇ ମାୟାରେ ଫଶିଯାଇ ମଣିଷ ଜାଣି ପାରେନା ଧନ ଲାଗି ପୁତ୍ରବି ଦିନେ ଶତ୍ରୁ ପାଲଟିଯାଏ । ଯେ ପର୍ଯ୍ୟନ୍ତ ଅର୍ଜନକ୍ଷମ ରହିଛ ସେପର୍ଯ୍ୟନ୍ତ ସମସ୍ତେ ସମ୍ମାନ ଦେବେ, ଖାତିରି କରିବେ । ଯେଉଁ ଦିନ ଅବସର ନେଇଯିବ, ଅର୍ଜନ ଅକ୍ଷମ ହୋଇଯିବ, ସେହି ଦିନଠାରୁ କେହି ପଚାରିବେନି ବାସି ମୁହଁରେ, କେହି ଶୁଣିବେନି ତୁମକଥା । ସୁଧାକର ବାବୁଙ୍କର ଅବଶ୍ୟ ସେପରି ପରିସ୍ଥିତି ଆସିନି କମ୍ବା ଆସିବାର ସମ୍ଭାବନା କମ୍, କାରଣ ସେ ସରକାରୀ କର୍ମଚାରୀ ଥିଲେ, ଏବେ ବି ପେନସନ ଗଣ୍ଡାକ ମିଳୁଛି, ମଲାଯାଏ ଏମିତି ମିଳୁଥିବ, କିଛି ସେଭିଙ୍ଗସ ବି ଅଛି ଭଲମନ୍ଦରେ କାହାର ସାହାଯ୍ୟ ଲୋଡିବାକୁ ପଡିବନି । ହେଲେ ସମସ୍ତେ ତ ସରକାରୀ ଚାକରୀଆ ନୁହଁନ୍ତି । ସେଦିନ ରାସ୍ତାରେ ତାଙ୍କର କଲେଜପଢା ଦିନର ସାଙ୍ଗ ବୃନ୍ଦାବନ ସାଙ୍ଗରେ ଦେଖାହୋଇଗଲା, ସେ କହୁଥିଲା ତା'କଥା । ପିଲାମାନେ କେହି ପଚାରିଲେନି, ଘରେ କେହିବି ସମ୍ମାନ ଦେଲେନି, ଖାଇବା ଗଣ୍ଡାକ ପାଇଁ ବି ପଚାରନ୍ତି ନାହିଁ । ଭୋକ ଲାଗିଲେ

ଖାଇବାକୁ ମାଗିବାକୁ ପଡୁଥିଲା । ସେଇଥି ପାଇଁ ସେ ନିଜ ଘରଛାଡି ସ୍ତ୍ରୀକୁ ସାଥିରେ ଧରି ଭଡାଘରେ ରହୁଛି । ଷ୍ଟାଣ୍ଡରେ ଟେବୁଲଟିଏ ପକେଇ ଚା ଦୋକାନଟିଏ କରିଛି । ସେଥିରୁ ଯାହା ରୋଜଗାର ହେଉଛି ବୁଢାବୁଢି ଚଳି ଯାଉଛନ୍ତି, ହେଲେ ଏମିତି ଆଉ କେତେ ଦିନ ହାତଗୋଡ ଚାଲୁଥିବ, ୬୫ ବର୍ଷ ହୋଇଗଲାଣି ବୃନ୍ଦାବନକୁ ।

ସାରା ଜୀବନ ପ୍ରାଇଭେଟ ଚାକରୀରେ ଖଟିଖଟି ବଡପୁଅକୁ ଇଞ୍ଜିନିୟର କଲା, ସାନଟା ସି.ଏ କରି ବ୍ୟାଙ୍କରେ ବଡ ଅଫିସରଟିଏ ହୋଇଛି । ଝିଅକୁ ପୋଷ୍ଟଗ୍ରାଜୁଏଟ୍ କରେଇ ଯୋଗ୍ୟ ବର ଦେଖି ବାହାଘର କରିଦେଲା । ଝିଅ ଏବେ କେଉଁ ପ୍ରାଇଭେଟ କଲେଜରେ ଲେକ୍ଚରର ଅଛି । ମଝିରେ ମଝିରେ ଆସେ, ଦେହପା' ଖବର ବୁଝିଯାଏ, ଗଲାବେଳେ କିଛି ଟଙ୍କା ପଇସା ମାଆ ହାତରେ ଦେଇଯାଏ, କେବେ କେବେ କିଛି ଟଙ୍କା ପଠେଇଦିଏ । ବାପା ମାଆଙ୍କ ପାଇଁ ଭାଇମାନଙ୍କ ସହିତ ଝଗଡା କରିଥିଲା ସିଏ । ସେମାନଙ୍କୁ କେତେ ବୁଝେଇଥିଲା, ବୁଢା ବାପା ମାଆଙ୍କର ଯତ୍ନ ନେବାକୁ, ପାଖରେ ରଖିବାକୁ, ହେଲେ କେହି ଶୁଣିଲେନି । ସେଇଥିପାଇଁ ଭାଇମାନଙ୍କ ସାଥିରେ ସମ୍ପର୍କ ତୁଟେଇ ଦେଲା । କହିଲା ସେଇ ବାପ ମାଆଙ୍କ ଲାଗି ଆମେ ସିନା ଭାଇ ଭଉଣୀ । ସିଏ ମୋର ବାପା ତୁମର ବି । ହେଲେ ତୁମେ ଯଦି ତାଙ୍କ ସାଙ୍ଗେ ପୁଅର ସମ୍ପର୍କ ରଖିପାରୁନ ତେବେ ତୁମେ ମୋର ଭାଇ କେମିତି ହେବ ?

ଝିଅ ଡାକୁଥିଲା ବୃନ୍ଦାବନକୁ, କହିଲା ବାପା, ତୁମେ ମୋତେ ପୁଅଟିଏ ପରି ପାଳିଥିଲ, ପଢେଇଲ ଲେଖେଇଲ ବାହାଦେଲ । ମୁଁ ଆଜି ଚାକରୀ କରିଛି, ବର୍ଷେ ଦିବର୍ଷ ଭିତରେ ସରକାର ଆମ କଲେଜଟାକୁ ହାତକୁ ନେବେ ବୋଲି ପ୍ରତିଶୃତି ଦେଇଛନ୍ତି । କିଛି ନହେଲେ ତୁମ ଜୋଇଁବି ତ ଭଲ ଚାକରୀ କରିଛନ୍ତି । ମୋର କୋଉଥିରେ କିଛି ଅଭାବ ନାହିଁ । ତୁମେ ଚାଲ ମୋ ସାଙ୍ଗରେ ରହିବ । କିଛି ଅସୁବିଧା ହେବନି ତୁମର ସେଇଠି । ଜୋଇଁ ବି ବହୁତ ଜୋର କରୁଥିଲେ । ହେଲେ, ବୃନ୍ଦାବନ ମନା କରିଦେଲେ । କହିଲେ ମାଆରେ, ବାପ ଯାଇ ଝିଅଘରେ ରହିବ, ଲୋକେ କଣ କହିବେ । ପୁଅମାନଙ୍କୁ ନିନ୍ଦା କରିବେ । ମୋ ପାଳନ ପୋଷଣକୁ ଦୋଷ ଦେବେ । କହିବେ ପୁଅମାନଙ୍କୁ ଏତେ ଉଚ୍ଚ ଶିକ୍ଷା ଦେଲା, ହେଲେ ମାଆ ବାପାଙ୍କୁ କେମିତି ସମ୍ମାନ କରନ୍ତି ସେତିକି ଶିକ୍ଷା ଦେଇ ପାରିଲାନି । ଝିଅ ସେତେବେଳେ ଅଭିମାନ କରିଥିଲା, କହିଲା ବାପା, କୋଉ ସମାଜକଥା କହୁଛ ତୁମେ ?

ତୁମେ ପୁଅମାନଙ୍କୁ ପଢେଇ ଲେଖେଇ ଏତେ ବଡ କଲ, ତୁମ ଲାଗି ଆଜି ସେମାନେ ବଡ ବଡ ଚାକିରୀ କରୁଛନ୍ତି, ବହୁତ ରୋଜଗାର କରୁଛନ୍ତି, କାରରେ ବୁଲୁଛନ୍ତି ହେଲେ ବୁଢାବାପା ଏଠି ଭାତମୁଠାକ ପାଇଁ ସକାଳୁ ସଂଜଯାଏ ଚା’ ଦୋକାନ କରୁଛି, ସେ ପୁଅମାନଙ୍କୁ ଲାଜ ଲାଗୁନି । ଆଉ ଏ ନିର୍ଲଜ ସମାଜ ଏସବୁ ଦେଖି ସେମାନଙ୍କୁ କିଛି ବି ପଦେ କହି ପାରୁନି, ତୁମେ ସେଇ ସମାଜକୁ ଡରି ନିଜ ଝିଅ ସାଥିରେ ରହି ପାରିବନି । ଧୀକ୍ ଏପରି ସମାଜକୁ ।

ବୃନ୍ଦାବନ ଝିଅକୁ ପାଖକୁ ଆଉଜାଇ ନେଇଥିଲେ, ତାର ମଥାରେ ଚୁମାଟିଏ ଦେଇ କହିଲେ, ମାଆରେ ସମାଜ ସବୁ ଦିନ ଏମିତି, ତାର କିଛି ଦୋଷ ନାହିଁ । ଏଇ ସମାଜ ପୁଅର ମାୟାରେ, ଝିଅମାନଙ୍କୁ ସବୁବେଳେ ହତାଦର କରିଆସିଛି । ସମାଜର ଯଦି ଆଖି ଥାଆନ୍ତା, ସେ ଆଜି ତୋତେ ଦେଖି ପାରନ୍ତା, କିନ୍ତୁ ସମାଜର ନା’ ଆଖିଥାଏ ନା’ କାନ ? ଖାଲି ପାଟିଟାଏ ଥାଏ କହିବାକୁ । ଛାଡ ସେକଥା, ଦେଖ ମୋର ହାତଗୋଡ ଏବେ ଚାଲୁଛି, ଦି’ପ୍ରାଣୀଙ୍କ ପାଇଁ ଯେତିକି ଦରକାର ପ୍ରଭୁ ସେତକ ଦେଉଛନ୍ତି । ଯେତେବେଳେ ହାତଗୋଡ ଅଚଳ ହୋଇଯିବ, ସେତେବେଳେ ଆଉ କୁଆଡେ ଯିବୁ ? ତୋରି ପାଖକୁ ଆସିବୁରେ ମାଆ। ତୁ ବାପା ମାଆଙ୍କ ବିଷୟରେ ଏତିକି ଭାବୁଛୁ, ସେଥିପାଇଁ ମୋ ଛାତି କୁଣ୍ଢେମୋଟ ହୋଇଯାଉଛି, ଗର୍ବରେ ମୋ ମୁଣ୍ଡ ଉଚ୍ଚା ହୋଇଯାଉଛି । ତୋପରି ଝିଅ ଜନ୍ମକରି ଆମେ ଦିଜଣ ନିଜକୁ ଭାଗ୍ୟବାନ ମନେକରୁଛୁ । ପ୍ରଭୁଙ୍କୁ ଡାକୁଛି, ସେ ସମସ୍ତଙ୍କୁ ତୋରି ପରି ଝିଅଟିଏ ଦିଅନ୍ତୁ । ଏତିକି କହୁ କହୁ ବୃନ୍ଦାବନର ଆଖି ଜକେଇ ଆସିଥିଲା । କୋହ ଚାପିଦେଉଥିଲା ତାଙ୍କର ଗଳା ।

ବଡ ଭାବବିହ୍ୱଳ ହୋଇଯାଇଥିଲେ ସୁଧାକରବାବୁ । ବିଚରା ସନ୍ତାନର ମାୟାରେ ଏମିତି ଛନ୍ଦି ହୋଇଗଲା ଯେ ଜୀବନର ସବୁ ପୁଞ୍ଜି ସେମାନଙ୍କ ପଛରେ ଖର୍ଚ୍ଚ କରଦେଲା । ନିଜ ଜୀବନର ପ୍ରତିଟି ମୁହୂର୍ତ୍ତକୁ, ପ୍ରତିଟି ସ୍ୱେଦ କଣିକାକୁ ସମର୍ପଣ କରିଦେଲା ନିଜର ପିଲାଙ୍କ ଭବିଷ୍ୟତ ଗଢିବାକୁ । ନିଜ ଭବିଷ୍ୟତ ପାଇଁ କଣିଚାଏ ବି ସଞ୍ଚୟ କରିପାରିଲାନି । ନିଜର ରକ୍ତକୁ ଦି’ପହର ଧୂ ଧୂ ଖରାରେ, ହାଡଭଙ୍ଗା ଶୀତରେ ଏମିତି ଜାଳିଦେଲା ପିଲାମାନଙ୍କର ଜୀବନକୁ ଆଲୋକିତ କରିବାକୁ, ହେଲେ ନିଜର ବାର୍ଦ୍ଧକ୍ୟ ଅନ୍ଧକାରମୟ ହୋଇଗଲା । ସେ କେତେ ଭୁଲ ଥିଲା ସତରେ ? ଭାବୁଥିଲା ଏଇ ପିଲାଏ ମୋର ଭବିଷ୍ୟତ, ପିଲାଏ ମୋର ଅସଲ ପୁଞ୍ଜି, ଜୀବନର ସକଳ ସମ୍ପଦ, ହେଲେ ଆଜି, ସିଏ ନିଜେ କଙ୍ଗାଳ ନିଶ୍ୱ

ରହିଗଲା! ପେଟପାଇଁ ଦୁଇ ବକତର ଦାନା ଦିମୁଠା ଜୋଗାଡ କରିବାକୁ ଆଜିବି ଏଇ ବୟସରେ ଏମିତି ଗ୍ରୀଷ୍ମ କଡରେ, ଖୋଲା ଆକାଶ ତଳେ, ଶୀତ କାକର ବର୍ଷାରେ ଭିଜି ଭିଜି କାଠର ଟେବୁଲଟା ଉପରେ କିରାସିନ ଷ୍ଟୋଭରେ ପମ୍ପ ଭରୁଚ, ଚା ଫୁଟେଇବାକୁ ।

ସତରେ ଏଇ ମାୟା କେତେ ମଜଭୁତ ! ଏ ଭ୍ରମ କେତେ ତୀବ୍ର ! ଏଇ ଭ୍ରମ ଆଗରେ ଚରନ୍ତନ ସତ୍ୟ ସତେ କେତେ ଫିକା ପଡିଯାଏ ! ମଣିଷ ଜଳ ଜଳ କରି ଦେଖୁଥିଲେ ବି ଜାଣିପାରେନା ଯାହାଦେଖୁଛି, ଯାହା ଶୁଣୁଛି, ଯାହା ଅନୁଭବ କରୁଛି ସେସବୁ ମିଥ୍ୟା, ସେସବୁ ଦୃଷ୍ଟି ଭ୍ରମ । ସୁଧାକର ବାବୁ ପ୍ରକୃତିସ୍ଥ ହେବାକୁ ଚେଷ୍ଟା କରୁଥିଲେ, ହେଲେ ବାରମ୍ବାର ବୃନ୍ଦାବନର ଚେହେରା ଆଖି ଆଗରେ ଦିଶିଯାଉଥିଲା । ତାର ସେଇ ଲୋଚ୍ଚ ପଡିଯାଇଥିବା ମଳନ ମୁହଁଟା, କୋଟର ଭିତରେ ପଶିଯାଇଥିବା ଦୁଇଟି ନୀରିହ ଆଖି, ସତେ ଯେପରି କହୁଛି ପ୍ରଭୁଙ୍କର ଏ କପରି ଲୀଳା ? ମୟା ସୃଷ୍ଟି କଲେ, ବହୁତ ଭଲ କଲେ ! ମାୟା ନଥିଲେ ବିଚରା ଏଇ ସନ୍ତାନମାନେ ଅନାଥ ହୋଇଯାଇ ଥାଆନ୍ତେ । କନ୍ତୁ ଏ ମାୟା କେବଳ ବାପ ମାଆଙ୍କ ପାଇଁ କାହିଁକ ଲାଗୁ ହୁଏ ? ସନ୍ତାନମାନଙ୍କ ମନରେ ବାପା ମାଆ ପ୍ରତି ଏ ମାୟା କାହିଁକ ଲାଗିପାରନା ? ଏଇ ମାୟାଟା ପ୍ରଭୁଙ୍କ ଲୀଳା, ନା' ମନୁଷ୍ୟର ଇଚ୍ଛାକୃତ ? ମାୟା କଣ ମଣିଷର ଅଧୀନ ? ମଣିଷ ଯେଉଁଠି ଚାହିଁବ ମାୟା ଲଗାଇ ପାରିବ, ଯେଉଁଠି ନଚାଁହିବ ସେଇଠି ଲାଗିବ ନାହିଁ ! ଫିଜିକ୍ସର ଅଧ୍ୟାପକ ହୋଇ ମଧ ଏଇ ବିଚକ୍ଷସୂକ୍ଷ୍ମର ମୂଳରେ ପହଞ୍ଚି ପାରୁନଥିଲେ ସୁଧାକର । ବୋଧହୁଏ ଜୀବନଟା ଏମିତି ଏତେ ସହଜ ଗଣିତ ନୁହେଁ । ଏଇଠି କଛି ନର୍ଦ୍ଦିଷ୍ଟ ଫର୍ମୁଲା କାମଦିଏନା ।

ସୁଧାକରଙ୍କ ମୁଣ୍ଡଭିତରେ ସେଇ ପଦିଏ ଗୀତ ବାରମ୍ବାର ବାଜିବାକୁ ଲାଗିଲା, ଭଜ ଗୋବିନ୍ଦଂ ସ୍ମର ଗୋବିନ୍ଦଂ, ଗୋବିନ୍ଦମ ଭଜ ମୂଢମତେ । ସେଇ ବସିବା ଜାଗାରୁ ଉଠି ଠିଆ ହୋଇ ପଡିଲେ, ସକାଳ ଗାଧୁଆ ପରେ ପିନ୍ଧିଥିବା ଢିଲା ପାଇଜାମା କୁର୍ତ୍ତାରେ ମନ ତାଙ୍କର ଜଗନ୍ନାଥଙ୍କ ଚକାନୟନରେ ଯେପରି ମଗ୍ନ ହୋଇ ଯାଉଥିଲା । କବାଟ ପାଖରେ ଠିଆ ହୋଇ କହିଦେଲେ, ଆରେ ଶୁଣୁଛ, ମୁଁ ବାହାରକୁ ଯାଉଛି, ଫେରିବାରେ ଡେରିହେବ କହି ବାହାରିଗଲେ । ଗ୍ୟାରେଜରୁ କାର ବାହାରକରି ଗ୍ଭଲିଲେ ପୁରୀ । ଡୋରି ଲାଗିଛି କାଳଆର। କାଳଆ ସତେ ପୁରା ଜୋର ଲଗାଇ ଟାଣୁଛି ସୁଧାକରଙ୍କୁ ।

ହୋସ ନାହିଁ ସେ କେମିତି ଭାବେ ପୁରୀ ପହଞ୍ଚି ଗଲେ । ପାର୍କିଂରେ କାରଟାକୁ ଛାଡି, ମନ୍ଦିର ଆଡକୁ ମୁହଁକରି ଉର୍ଦ୍ଧବାହୁ ହୋଇ କହିଉଠିଲେ, ହେ କାଳଆ ସାଆନ୍ତେ, ଶେଷରେ ଏ ଅକଞ୍ଚନକୁ ଟାଣି ଆଣିଲୁନା' ତୋ ପାଖକୁ ! ବହୁତ କଥା ଅଛି ତୋତେ କହିବାକୁ, ଅନେକ ପ୍ରଶ୍ନ ରହିଯାଇଛି ଏଇ ମନରେ, ଜବାବ ଦେବୁନା' ମୋତେ ? ସେମିତି ଦୁଇହାତ ଉପରକୁ ଉଠାଇ ଅଧା ଖୋଲା ଅଧା ବୁଜା ଆଖିରେ ଏକ ମୁହାଁହୋଇ ଗ୍ଲଛନ୍ତି ବଡଦେଉଳ ଆଡକୁ। ସେ ଏକ ତନ୍ମୟର ଭାବ, ଏକପ୍ରକାରର ପାଗଳାମୀ କହିଲେ ଅତ୍ୟୁକ୍ତ ହେବନ । ବିଜ୍ଞାନର ଜଣେ ଅବସରପ୍ରାପ୍ତ ପ୍ରାଧ୍ୟାପକ, ଏପରି ଭକ୍ତିରସରେ ବୁଡିଯାଇଛି ଯେ ତାର ହୋସ ନାହିଁ କଣ ଦେଖୁଛି, କଣ ଭାବୁଛି, କେଉଁ ଆଡକୁ ଯାଉଛି କଛି ଜ୍ଞାନ ନାହିଁ । ବୋଧହୁଏ ଚୈତନଦେବ ବି ଏମିତି ନାମାମୃତ ଭିତରେ ଭାବ ବିହ୍ୱଳ ହେଇଯାଇଥିଲେ । ଦିବାନୀ ମୀରା ବୋଧହୁଏ କୃଷ୍ଣ ପ୍ରେମରେ ଏମିତି ରଚବସି ଯାଇଥିଲେ । ସେ ଅବସ୍ଥାଟା କଣ, କେବଳ ସିଏହିଁ ଜାଣେ, ଯିଏ ସେ ଅମୃତ ପାନ କରିଛି । ଯିଏ ସେଇ ତନ୍ମୟତା ଭିତରେ ହଜିପାରିଛି। ସେମିତି ଅବଚେତନ ଅବସ୍ଥାରେ ବଡମନ୍ଦିର ଭିତରେ ପହଞ୍ଚିଗଲେ ।

ଆଖିରୁ ତାଙ୍କର ଧାରଧାର ହୋଇ ଲୁହ ବୋହି ଯାଉଥାଏ, ବାଷ୍ପରୁଦ୍ଧ କଣ୍ଠ, କଛି ବୁଝିହେଉନ ସେ କଣ କହି ଯାଉଛନ୍ତି, ସେ ଯେପରି ପାଗଳାମୀର ଚରମରେ ପହଞ୍ଚି ଯାଇଛନ୍ତି । ଏଇ ପାଗଳାମୀକୁ ବୋଧହୁଏ ଭକ୍ତିଭାବର ଅନ୍ତିମ ଚରଣ କୁହାଯାଏ । ଖାଲି ଏତିକ ଶୁଭୁଥାଏ, ତୁ ଡାକଲୁ ମୋତେ, ତୁ ନେଇ ଆସିଲୁ ମୋତେ, ଶେଷରେ ତୋଅରି ପାଖକୁ ଟାଣି ଆଣିଲୁନା' ମୋତେ ତୋ ପାଖକୁ । ମୋତେ ଆଉ ଯିବାକୁ କହିବୁନରେ କାଳଆ ସାଆନ୍ତ, ମୋତେ ତୋରି ପାଦତଳେ ରଖିନେ ଦାସଟିଏ କରି । ମୋତେ ତୋରି ପାଦ ତଳେ ଟିକେ ଜାଗା ଦେଇଦେରେ କାଳଆ । ଗରୁଡଖମ୍ବ ଉପରକୁ ଆଉଜିପଡି ସେଇଠି ବସିଗଲେ । ଆଖିରୁ ଧାର ଧାର ଲୁହ ବୋହି ଯାଉଥାଏ, ଗଦ ଗଦ ବାସ୍ପରୁଦ୍ଧ କଣ୍ଠ, ଏକ ଦୈନ ନଶ୍ୱତାର ଭାବ, ତାଙ୍କର ଧ୍ୟାନ ନାହିଁ ମନ୍ଦିରରେ ଆଉ କେହି ଅଛି ନା ନାହିଁ । ତାଙ୍କୁ ଚତୁର୍ଦ୍ଦିଗ କେବଳ ଜଗନ୍ନାଥ ମୟ ଲାଗୁଥାଏ, ଯେଉଁ ଆଡକୁ ଗ୍ଲହିଁଲେ କେବଳ ସେଇ ଚକା ଚକା ଆଖି ସେଇ ରଙ୍ଗା ଅଧରର ମଧୁର ହସ ଦିଶିଯାଉଥାଏ । କାନରେ କେବଳ ବାଜୁଥାଏ ମୂରଲୀର ମଧୁର ଝଙ୍କାର, ସେହି ମୋହନ ବଂଶି, କଦମ୍ବ ମୂଳରେ ତ୍ରୀଭଙ୍ଗୀ ଠାଣୀରେ ସେଇ ବାଙ୍କବିହାରୀ ରାଧାମନୋହାରୀ ରୂପ ସେହି ମଧୂର ମୂରଲୀର ସୁର । ସେଇ ସୁର ରାଧାରାଣୀଙ୍କୁ ବାତୁଳୀସମ କରିଦେଇଥିଲା, ମୀରାକୁ ଦିବାନୀ

କରିଦେଇଥିଲା, ଆଉ ଆଜି ସୁଧାକର ସତେ ଉନ୍ମତ୍ତ ପାଗଳ ପ୍ରାୟ । କେମିତି ସେ ପ୍ରଭୁ, କେମିତି ସେ ଭାବ, ନିଜେ ଅଙ୍ଗେ ନିଭେଇଲେ ବୁଝିହୁଏନା ସେ ଅନୁଭବଟା କଣ । ଅଶ୍ରୁଳ ନୟନରେ ସୁଧାକର ଜଗନ୍ନାଥଙ୍କ ପାଖରେ ବିନତି କଲେ, ହେ ପ୍ରଭୁ, ହେ ଜଗତର ନାଥ, ହେ କରୁଣାର ସାଗର, ମୋତେ ଏ ଭବ ସଂସାରର ମାୟାରୁ ମୁକ୍ତ କରିଦିଅ ପ୍ରଭୁ ! ମୁଁ ଆଜି ତୁମ ଶରଣରେ ଆସିଛି, ତୁମ ପଦାରବିନ୍ଦରେ ମୋତେ ଜାଗା ଟିକଏ ଦିଅ ପ୍ରଭୁ !

ସେଇ ତନ୍ମୟତାର ଆବେଶରେ ସୁଧାକର ଦେଖିଲେ ଜଗନ୍ନାଥେ ତାଙ୍କ ପାଖକୁ ଆସିଲେ, ବସିପଡିଲେ ସୁଧାକରଙ୍କ ସାମ୍ନାରେ, ସେଇ ବଡ ବଡ ଚକା ଆଖି, ସେଇ ରଙ୍ଗା ଅଧରରେ ସେମିତି ସ୍ମିତ ହସ । ସୁଧାକରଙ୍କ କାନ୍ଧରେ ହାତ ପକାଇ ପାଖକୁ ଆଉଜାଇ ନେଲେ । ଆଖିରୁ ଲୁହ ପୋଛିଦେଲେ । ଟିକଏ ହସି କହିଲେ, ଆରେ, ମାୟାରୁ ମୁକ୍ତି ଦେଇ ପାରୁଥିଲେ, ମୁଁ ନିଜେ ପ୍ରଥମେ ମୋ ନିଜକୁ ଏ ମାୟା ଜଞ୍ଜାଳରୁ ମୁକ୍ତ କରି ଦିଅନ୍ତିନି ? ମୁଁ ନିଜେ ତ ଏ ମାୟା ଜଞ୍ଜାଳରେ ଫସି ଶେଷରେ ଦାରୁଭୂତ ମୁରାରୀ ହୋଇ ଏଇଠି ବସିଛି । ଭକ୍ତେ ମୋତେ ନିଦାବିଷ୍ଣୁ କହୁଛନ୍ତି । ତୁ କଣ ଜାଣିନୁ ବଡଭାଇ ବଳରାମଙ୍କୁ ? ତାଙ୍କ କଥାମାନି ଲକ୍ଷ୍ମୀ ଠାକୁରାଣୀଙ୍କୁ କଣ ପଦେ ଟାଣ କରି କହିଦେଲି ଯେ ମହାମାୟା ଘରଛାଡି ଚାଲି ଯାଇଥିଲେ । ଚାଲିଗଲେ ତ ଚାଲିଗଲେ, ଗଲାବେଳେ ଏଇ ଶ୍ରୀମନ୍ଦିରର ଶୀରି ବି ନେଇଗଲେ ନିଜ ସାଥିରେ, ଆଉ ଆମକୁ କାଙ୍ଗାଳ କରି ବାରଦୁଆର ଡେରପିଣ୍ଡା ବୁଲେଇ ଦେଲେ । ଶେଷରେ ନାକ କାନ ମୋଡେଇ ସେଇ ଚଣ୍ଡାଳୁଣୀ ଘରେ ଅର୍ଣ୍ଣ ଭୋଜନ କରାଇଲା ପରେ ଯାଇ ତାଙ୍କର କ୍ରୋଧ ଶାନ୍ତହେଲା । ଇଏ ସଂସାରର ମାୟା ନୁହେଁତ ଆଉ କଣ?

ମୁଁ ଭକ୍ତଙ୍କ ମାୟାରେ ଏମିତି ବାନ୍ଧିହୋଇ ଯାଇଛି ଯେ, ଯିଏ ଯାହା କହିଲେ ଶୁଣୁଛି । କିଏ ମୋତେ କଳା ଠାକୁର କହୁଛି ତ କିଏ ମୋର ବଡବଡ ଚକା ଆଖିକୁ ଆକ୍ଷେପ କରୁଛି । କିଏ ମୋତେ କାଲା କହୁଛି, କିଏ କହୁଛି ମୁଁ ଖଣ୍ଡିଆ ଦିଅଁ । ବର୍ଷକୁ ଥରେ ରଥ ଯାତ୍ରାରେ ବୁଲି ବାହାରୁଛି ଯେ ଭକ୍ତ ମୋ ଅଣ୍ଟାରେ ଦଉଡି ବାନ୍ଧି ଝୁଲେଇ ଝୁଲେଇ ଟାଣି ଟାଣି ନେଇ ଯାଉଛନ୍ତି । କିଏ ମୋ ଦୟଣା ମାଳ ଛିଣ୍ଡେଇ ନେଉଛି ତ କିଏ ମୋ ଟାହିଆ ଛିଣ୍ଡେଇ ନେଉଛି । ମାଉସୀ ମାଆର ପୋଡପିଠା ଖାଇବାର ଲୋଭ ଛାଡି ପାରୁନି । ବର୍ଷରେ ଥରେ ବୁଲି ଆସୁଛି ତାଙ୍କ ମନ୍ଦିର ଆଡୁ । ଏସବୁ ମାୟା ନୁହେଁତ ଆଉ କଣ ?

କହିଲୁ ଦେଖି କଏ କାହାକୁ ଧରିଛି ? ମାୟା ମୋତେ ନା ମୁଁ ମାୟାକୁ ? ମୁଁ ତ ଏ ଯାଏ ଜାଣି ପାରୁନ ! ତୁମେ ପ୍ରଥମେ ଏକଥା ବୁଝିବାକୁ ଚେଷ୍ଟାକର, କଏ କାହାକୁ ଧରିଛି ! ଯଦି ତୁମେ ମାୟାକୁ ଧରିଥାଅ, ତେବେ ନିଜେ ମାୟାକୁ ଛାଡିଦିଅ କିମ୍ବା ତାକୁ ଛାଡି ଯିବାକୁ କହିଦିଅ । ଏଥିରେ ମୁଁ ବା କଣ କରି ପାରିବି ? ଯଦି ମାୟା ତୁମକୁ ଧରିଥାଏ ତେବେ ମାୟାକୁ କୁହ, ସେ ତୁମକୁ ଛାଡିଦେବ ।

ମାୟା କିଛି ନୁହେଁ, ସେଇଟା ମନର ଏକ ଭ୍ରମ । ଘର, ପରିବାର, ବାପା ମାଆ ଭାଇ ଭଉଣୀ ପୁଅ ଝିଅ ଏସବୁକୁ ତୁ ମାୟା କହୁଛୁ ନା ? ଏମାନଙ୍କ ବିନା ବଞ୍ଚି ପାରିବୁ ? ମାୟାତ ଠିକ ଅଛି, କିନ୍ତୁ ତୋର ଅତିମାୟା, ତୋର ଲୋଭ କାରଣ ହିଁ ତୋତେ ଦୁଃଖି କରୁଛି । ସନ୍ତାନ ମାୟାରେ ତୁମେ ସ୍ୱମାୟା ଭୁଲି ଯାଉଛ । ପ୍ରଥମେ ନିଜ ପ୍ରତି ମାୟା ରଖ। ଯିଏ ନିଜକୁ ଭଲପାଇ ନପାରୁଛି, ସେ ଅନ୍ୟକୁ କିପରି ଭଲପାଇ ପାରିବ ? ଯିଏ ନିଜକୁ ସମ୍ମାନ ଦେଇ ଶିଖିନି, ସେ ଅନ୍ୟକୁ କିପରି ସମ୍ମାନ ଦେବ ? ନିଜକୁ ପ୍ରେମ କରିବା କିଛି ଅପରାଧ ନୁହେଁ । ନିଜର ଭବିଷ୍ୟତ କଥା ନଭାବି ଅନ୍ୟର ଭବିଷ୍ୟତ ପାଇଁ ସବୁ ଢାଳିଦେଲେ କଙ୍ଗାଳ ହେବହିଁ ହେବ । ମୁଁ ସ୍ୱାର୍ଥପର ହେବା କିମ୍ବା ଆତ୍ମ କୈନ୍ଦ୍ରୀକ ହେବାକଥା କହୁନି । କିନ୍ତୁ ନିଜେ ବଞ୍ଚିଲେ ସିନା ଆଉ କାହାକୁ ବଞ୍ଚେଇ ପାରିବ ! ସେଥିପାଇଁ ଆତ୍ମରକ୍ଷା, ନିଜ ଭବିଷ୍ୟତର ସୁରକ୍ଷା ବିଷୟ ତୁମର ପ୍ରଥମେ କାର୍ଯ୍ୟ । ତାଛଡା ମଣିଷ ମନରେ ଆଜି ସନ୍ତୁଷ୍ଟି କାହିଁ ? ଯେତେ ପାଇଲେ ବି କମ୍ ଲାଗୁଛି । ଆହୁରି ଲୋଡା, ଆହୁରି ଅଧିକ ଲୋଡା, ସେଇ କାମନାର ଅପୂର୍ତ୍ତୀ ତୋର ଅଶାନ୍ତିର କାରଣ, ସେଇ ଅଶାନ୍ତି ମଣିଷକୁ ଦୁଃଖ ଦିଏ ଏବଂ ଏହି ଅସହିଷ୍ଣୁତା ଭାବ, ଏହି ଅପ୍ରାପ୍ତିର ଦୁଃଖ ମାୟା ଜଞ୍ଜାଳ ଲାଗେ ।

ଅଳ୍ପ ଧନରେ ମଣିଷର ମନ ଭରୁନାହିଁ, ଯେତେ ପାଇଲେବି ଅଧିକ ପାଇବାର ଲାଳସା । ଧନର ମାୟାରେ ମଣିଷ ନିଜକୁ ବାନ୍ଧିଦେଇଛି । ମଣିଷ ନିଜେ ମାୟାରେ ଉବୁଟୁବୁ ହେଉଛି। ଧନ ମଣିଷକୁ ଗ୍ରହେଁନା, କିନ୍ତୁ ମଣିଷ ଧନକୁ ଗ୍ରହେଁ । ଧନ ମଣିଷର ମାୟାରେ ନୁହେଁ ବରଂ ମଣିଷ ଧନର ମାୟାରେ ଫଶି ଯାଉଛି । ମଣିଷ ପତି ବା ପତ୍ନୀର କାମନା କରୁଛି, ପତି ଅବା ପତ୍ନୀ ମିଳିଗଲା ପରେ ପତି/ପତ୍ନୀ ସେମାନଙ୍କର ପରସ୍ପର ପ୍ରତି ଆଶକ୍ତି ସେମାନଙ୍କୁ ପରସ୍ପରର ମାୟାରେ ବାନ୍ଧି ଦେଉଛି । ମଣିଷ ସନ୍ତାନର କାମନା କରୁଛି,

ସନ୍ତାନ ଲାଭ କଲାପରେ, ସନ୍ତାନପ୍ରତି ତାର ସ୍ନେହ, ପ୍ରେମ, ମଣିଷକୁ ସନ୍ତାନର ମାୟା ଆଡକୁ ଟାଣି ନେଉଛି । ମାଛ ଯଦି ନିଜ ଇଚ୍ଛାରେ କେଉଟର ଜାଲରେ ନିଜେ ନିଜେ ଛନ୍ଦି ହେବାକୁ ଆସିବ, ବିଚରା କେଉଟ କାହିଁକି ମନା କରିବ ମାଛକୁ ? ବରଂ କେଉଟ ତ ଖୁସି ହେବ । ଭାବିକି ଦେଖ, କିଏ କାହାକୁ ଧରିଛି ? ମାୟା ତୁମକୁ ନା' ତୁମେ ମାୟାକୁ ? ଆ ବଳଦ ମୋତେ ମାର, କହି ମାୟାକୁ ଡାକି ଆଣିଲ, ଶେଷରେ ମୋତେ କହୁଛ ମାୟାକୁ ଭଗାଅ । ତୁମେ ନିଜେ ତ ମାୟାର ଜନକ, ଏବଂ ତାରି ଅଠାକାଠିରେ ନିଜେ ପାଦପକାଇ ଦେଲ, ସେଇ ଅଠାକାଠିରୁ ମୁକୁଳିବା ପାଇଁ ଏବେ ମୋତେ ସହାୟତା ମାଗୁଛ ? ବଡ ବିଚିତ୍ର କଥା । ମାୟାକୁ ନିଜ ହାତ ମୁଠାରେ ନିଜେ ଜାବୁଡି ଧରିଛ । ମୁଁ କେମିତି ମାୟାକୁ ତୁମ ହାତ ମୁଠାରୁ ଛଡାଇ ଆଣିବି ? ନିଜେ ଟିକେ ଚେଷ୍ଟାକର, ମୁଠା ଟିକେ ଢିଲା ଛାଡିଦିଅ, ମାୟା ଆପେ ଆପେ ତଳେ ଖସିପଡିବ ।

ଆଚ୍ଛା କହିଲୁ, ମନେକର ତୋତେ ମୁଁ ମାୟାରୁ ମୁକ୍ତି ଦେଇଦେବି, ହେଲେ ତୁ ମାୟାକୁ ତ୍ୟାଗ କରି ପାରିବୁତ ? ମାୟାତ ଗୋଟିଏ ଖଣ୍ଡେ ଦଉଡି ନୁହେଁ, ସେଇଟା ଗୋଟିଏ ବିରାଟ ଜାଲ, ତୁ ତାକୁ ତୋର ଚାରିଟପଟେ ନିଜେ ଗୁଡେଇ ଧରି ରଖିଛୁ । ଶିତଦିନରେ ଚାଦରପରି ନୁହେଁ, ବରଂ ମାୟାକୁ ତୁ ତୋର ଦେହର ଚମଡାପରି ନିଜକୁ ମାୟାରେ ଢାଙ୍କିରଖିଛୁ ତୋର ଚାରିପାଖରେ । ମାୟା ତୋ ନିଜଠାରୁ ଆରମ୍ଭ, ତୋର ନିଜ ଦେହପ୍ରତି ମାୟା, ନିଜ ଦେହକୁ ପରିଷ୍କାର ରଖିବା, ସଜେଇକି ରଖିବା, ସୁନ୍ଦର ଦିଶିବା, ସବୁ କଷ୍ଟରୁ ବଞ୍ଚେଇକି ରଖିବା ଏସବୁତ ତୋର ନିଜ ଶରୀର ପ୍ରତି ମାୟାନା' ? ତ୍ୟାଗ କରି ପାରିବୁ ନିଜ ଶରୀରର ମାୟା? ନିଜ ଶରୀରକୁ ଅନାଥ ପରି ଛାଡିଦେଇ ପାରିବୁ ? କହି ପାରିବୁ, ମୁଁ ଏକ ଆତ୍ମା, ମୁଁ ଏଇ ଶରୀରର ଅଧିନ ନୁହେଁ କିମ୍ବା ଏ ଶରୀର ମୋର ବାଧକ ନୁହେଁ ! ନିଜ ଶରୀର ପ୍ରତି ଉଦାସୀନ ରହି ପାରିବୁ ?? ଶରୀରକୁ ଯେତେବେଳେ କଷ୍ଟ ହେବ, ନିର୍ମାୟା ନିରୁତ୍ତର, ନିର୍ମୋହୀ, ନିରାଶକ୍ତ ରହିପାରିବୁ ଶରୀର ପ୍ରତି ? ଶରୀର ଯେତେବେଳେ କଷ୍ଟ ଜନ୍ତ୍ରଣାରେ ଅତିଷ୍ଠ ହୋଇପଡିବ, ଉଦାସୀନ ରହିପାରିବୁ ତୋର ନିଜ ଶରୀର ପୀଡା ପ୍ରତି?? ନାହିଁ ନା !

ମାୟା ଅଛି ବୋଲିତ ତୁ କାହାର ପୁଅ, କାହାର ଭାଇ, କାହାର ସ୍ୱାମୀ, କାହାର ବାପା । ଯେଉଁ ଦିନ ମାୟାରୁ ମୁକ୍ତି ମିଳିଯିବ ସେତେବେଳ ନା' ତୁ କାହାର ରହିବୁ, ନା' ଆଉ କେହି

ତୋର ହୋଇ ରହିବ । କାହା ପାଇଁ କିଛି କରିଲା ବେଳେ, କାହାକୁ କିଛି ଦେଲା ବେଳକୁ କିମ୍ବା କାହାଠାରୁ କିଛି ଆଶାକରି କିଛି ନପାଇବା ବେଳେ ତୋତେ ମାୟାଟା ବାଧୁଛି, ମାୟାଟା ଜଞ୍ଜାଳ ଲାଗୁଛି । କିନ୍ତୁ ଭାବିଲୁ, ମାୟାମୁକ୍ତି ପରେ ଯେତେବେଳେ କେହି ତୁମକୁ ପଚାରିବେନ, ଖାଇଛ କି ନାହିଁ, ଦେହ କେମିତି ଅଛି ଅଥବା ତୁମ ଯନ୍ତ୍ରଣାରେ କେହି ତୁମ ସାଥିରେ ନଥିବେ, ସହିପାରିବୁ ସେ କଷ୍ଟ **?** ତୁମପ୍ରତି ସେମାନଙ୍କର ପ୍ରେମ କେବଳ ସେମାନଙ୍କର ନିଜର ମାୟା ଆଶକ୍ତି ଯୋଗୁ, ତୁମ ମାୟା କଟିଗଲା ପରେ ସେମାନଙ୍କ ମାୟା ମଧ୍ୟ କଟିଯିବ ।

ସବୁ ମାୟା କଟିଗଲା ପରେ ପୁଣି କାହା ସହିତ ମାୟା ଯୋଡିବ **?** ଭଗବାନଙ୍କ ସାଥିରେ **?** ଯାହାକୁ କେବେ ଦେଖିନ, ଶୁଣିନ, ଭଲ ଭାବେ ଜାଣିନ ତାଙ୍କ ସାଙ୍ଗେ ମାୟା ଲଗାଇବା କଥା ଭାବୁଛ । ଯାହାକୁ ଦେଖୁଛ, ଶୁଣୁଛ ତା ମାୟାରୁ ମୁକ୍ତି ଚାହୁଁଛ **?** ବସ୍ 'ଜୀବନରେ ପ୍ରାପ୍ତିର ଆଶା' ହିଁ ତୁମକୁ କଷ୍ଟ ଦେଉଛି, ମାୟା କଷ୍ଟ ଦିଏନା । ପ୍ରଭୁ ମାୟାବି ତ ମାୟା । ମାୟାରୁ ପୁଣି ମୁକ୍ତି କାହିଁ **?** ଜୀବ ମାଛଟିଏ ପରି ମାୟାର ଅଗାଧ ଜଳରେ ଜୀବନ ଧାରଣ କରିରହିଛି । ଯେଉଁଦିନ ମାୟାରୁ ମୁକ୍ତି ମିଳିଯିବ, ସେଦିନ ଜୀବନରୁ ମୁକ୍ତି ମିଳିଯିବ, ଜଳ ବିନା ମୀନ ସଦୃଶ । ଏବେ କୁହ, ମାୟାରୁ ମୁକ୍ତି ଚାହୁଁଛ**?**

ସବୁ ଶୁଣିସାରିଲା ପରେ ସୁଧାକରବାବୁ ନିର୍ବାକ୍ ହୋଇଯାଇଥିଲେ, ତାଙ୍କ କଣ୍ଠରୁ କେବଳ ଏତିକି ବାହାରିଲା, ହେ ମାୟାଧର, ତୁ ହିଁ ଜାଣୁ ତୋ ମାୟା ।

***ॐ***

କଟ୍ ସ୍କୋୟାର, ପଟିଆ

# ଅନୁସନ୍ଧାନ



ରାଜଶେଖର ସି. "ଚମା"

ଅରୁଣୋଦୟ ଆଲୋକର ହେଲା ଆଗମନ,
ଶୁଭିଲା ବିବିଧ ବିହଙ୍ଗଙ୍କ କମନୀୟ କୂଜନ,
ଗ୍ରାମଦେବୀଙ୍କ ମନ୍ଦିର ଘଣ୍ଟି କରିଲେ ଗୁଞ୍ଜନ,
ଏକ ସୁସ୍ୱରରୁ ମନରେ ଆରମ୍ଭ ହେଲା ପ୍ରଭଞ୍ଜନ।୧।

ହୃଦୟକୁ ପୁଲକିତ କରିଲା ସଙ୍କୀର୍ତ୍ତନ,
ଆଭାସ ହେଲା ଶ୍ରୀଜୀଉଙ୍କ ଗୁଣଗାନ,
ଶୁଣିଗଲିଲି ଯେ ମହତ୍ତର ମହିମା ଗାନ,
ଇଚ୍ଛାହେଲା ଦେଖିବାକୁ ପାବନ ବଦନ।୨।

ଦର୍ଶନ ହେଲା ଯେବେ ଏହି ରମ୍ୟ ଅନନ୍ୟ ଆନନ,
ରୋମାଞ୍ଚିତ ଚତ୍ତରେ ପ୍ରେମ କରିଲା ଗମନାଗମନ,
ଅଭିନବ ଅମୃତ ତୁଲ୍ୟ ଅନୁରାଗର କରିଲି ଆସ୍ୱାଦନ,
ପ୍ରୀତି ଅଭିବ୍ୟକ୍ତି କରି ମୋ ପ୍ରପଞ୍ଚରେ କରିଲି ଆହ୍ୱାନ।୩।

ମାନସୀ ଅଙ୍ଗୀକାରରୁ ଶେଷହେଲା ମୋ ଅନୁସନ୍ଧାନ,
ମୋ ପ୍ରେୟସୀ ହେବାରୁ ଆରମ୍ଭ ହେଲା ଆନନ୍ଦାନୁଷ୍ଠାନ,
ଅମୋଦିତ ହେଲେ ଉଭୟ ପରିବାରର ବନ୍ଧୁ ପରିଜନ,
ପବିତ୍ର ବନ୍ଧନରେ ପରିଣତ ହେଲା ଆମ ଆତ୍ମୀୟ ମିଳନ।୪।

chvrajasekhar@gmail.com

ବେଦାନ୍ତୀ

# ଲକ୍ଷହୀର୍ ଏବେବି ବଞ୍ଚିଛି



ଅଧ୍ୟାପିକା ଜ୍ୟୋତ୍ସ୍ନା ରାୟ

ଲକ୍ଷହୀର୍ ଏବେ ବି ବଞ୍ଚିଛି
ଉଦଭ୍ରାନ୍ତ ଏ ପୁରୁଷ ଜାତିକୁ
ମାଟିର ସେ ମହକ ବାଣ୍ଟୁଛି ।
ସୁନାର ତ ନାହିଁ ବାସ୍ନା,
ତୃଷ୍ଣା ସିନା ବଢେ ବାରମ୍ବାର
ସୁନା ଖାଲି ଚକ୍ ଚକ୍ ସୁନା
କିନ୍ତୁ ମାଟି, ମାଟି ଆମ ମାଆ ।
କରୁଣା ଅପାର ତାର
ଆମ ପାଇଁ ଅମୃତର ସ୍ପର୍ଶ
ବେଦର ଓଁକାର ସିଏ
ସାଧନାର ସ୍ୱର୍ଗୀୟ ସମ୍ଭାର
ମହ ମହ ବାସ୍ନାୟିତ
ବିଭୁଙ୍କର ଆଶିଷର ଧାର୍
ସେଇ ମାଟି, ମାଟି ଆମ ମାଆ ।
ତା ଛାତିରେ ପାଦ ଥାପି
ସଳଖି ହୋଇଛି ଠିଆ
ଅଥଚ ତାହାକୁ ଯିଏ
ଚହ୍ନି ପାରିନାହିଁ
ତା ମହିମା ବୁଝିପାରିନାହିଁ
ସେନେହ ଡୋରିରେ ତାକୁ
ଛନ୍ଦି ପାରିନାହିଁ

ତା ଜୀବନ ବ୍ୟର୍ଥ ଅସଫଳ
ସୁନା ତୁଲେ ତଉଲି କ ହୁଏ ତା'ରେ?
ମାଟି ତ ଅମୂଲ ମୂଲ
ମାଆ ସିଏ କାମଧେନୁ ତୁଲ
ମାଟି ଦିଏ ଧନ-ମାନ-ଯଶ-ଗଉରବ
ମାଟି ଦିଏ କର୍ମ-ଜ୍ଞାନ-ସନ୍ତୋଷର
ସୁଖ ସଉରଭ ।
ମାଟିଦିଏ ଶାନ୍ତି – ପ୍ରୀତି ପ୍ରଗତିର ଶକ୍ତି
ମାଟିର ଏ ମଣିଷ ଜୀବନ
ମାଟି ମାଆ ପାଇଁ ଆହା
ସୁଖେ ଯାଏ ଇତି
ଶେଷେ ଯାଏ ମାଟି ସହ ମିଶି
ପଞ୍ଚଭୂତ ପ୍ରାଣ କହେ
ଲୋଡା ନାହିଁ ସାକ୍ଷୀ
ଜନମୁ ମରଣ ଯାଏ
ସେଇ ଏକା ସାଥୀ ମୋର
ସେଇ ଏକା ସାଥୀ ॥

ବାଲେଶ୍ୱର, ଓଡିଶା

ଚଳତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ସ୍ୱୀକାରୋକ୍ତି



ରାଜୀବ ଗୋପାଳ ସ୍ୱାଇଁ

ଗୋଟେ ଗାଢ଼ ରଂଗର ବାଦଲ ଲାଲ୍ ଦିଶୁଥିବା ଦିଗବଳୟଟାକୁ ଢାଙ୍କି ଦେବାକୁ ବସିଥିଲା । ମେଞ୍ଚାଏ ଚଢ଼େଇ କଚର୍ ମିଚର୍ ହେଉଥିଲେ । ଦିଶୁ ନଥିଲା ସୂର୍ଯ୍ୟ, ଝଙ୍କା ଗଛଟା ଆହୁରି ଘଞ୍ଚ ଦିଶୁଥିଲା । ଯେଣୁ ତାର ସନ୍ଧିରେ ଭରିଯାଇଥିଲା ଅନ୍ଧାର । ଦି'ଟା ଛାଇ ତା'ରି ତଳେ ଥିବା ବିସ୍ତୀର୍ଣ୍ଣ ଚଉତରାକୁ ଆବୋରି ବସିଥିଲେ । କଥା ନଥିଲା କିଛି । ଶବ୍ଦ ମାନଙ୍କୁ ସତେ ଯେମିତି ଶୋଷି ନେଇଥିଲା ପରିବେଶ । ସମୟଟା ପ୍ରାୟ ନିଶ୍ଚଳ, ନିଥର ଲାଗୁଥିଲା ।

ସେଇ ଚିତ୍ରଟାକୁ ଯେତିକି ନିରେଖି ଦେଖୁଥିଲା ସୁଜୟ ଠିକ୍ ସେତିକି ସେତିକି ଭାବରେ ସେ ଚିତ୍ର ଭିତରେ ହଜି ଯାଉଥିଲା । ବହୁ ବର୍ଷ ଧରି ସେଇ ଚିତ୍ରକୁ ଦେଖି ଆସିଛି ସେ, ହେଲେ ଆଜିର ଏ ଭାବାନ୍ତର ମୂଳରେ ଯେଉଁ କାରଣଟି ଅଛି ତାକୁ ସେ କେବେ ବି ପାଶୋରୀ ପାରିବ ନାହିଁ । ଡ୍ରଇଁ ରୁମର କାନ୍ଥରେ ଟଙ୍ଗା ଯାଇଥିବା ସେ ଚିତ୍ରଟି ସେଇ କକ୍ଷର ଶୋଭା ଯେ ବଢ଼ାଇଛି ତାହା ସ୍ୱୀକାର କରିବାକୁ ହେବ । ଅନେକ ପଚାରିଛନ୍ତି ସେ ଚିତ୍ରଟି ସଂବଧରେ...କିନ୍ତୁ ପ୍ରତିଥର ମିଛର ସାହାରା ନେଇଛି ସୁଜୟ । କିଏ ଆଙ୍କିଛି...ଉପହାରରେ ମିଳିଥିଲା ନା ବଜାରରୁ କିଣି ଆଣିଛ... କଣ ହୋଇପାରେ ଏ ଚିତ୍ରର ଅର୍ଥ ଇତ୍ୟାଦି ଇତ୍ୟାଦି ପ୍ରଶ୍ନ ସମୂହ ର ଉତ୍ତର କୁ କେବଳ ଆଉ କେବଳ ସ୍ମିତ ହାସ୍ୟ ମାଧ୍ୟମରେ ଉତ୍ତର ଦେଇ ପରୋକ୍ଷରେ ସତ୍ୟ ର ଉନ୍ମୋଚନ ଠାରୁ ଦୂରେଇ ଯାଇଛି ସୁଜୟ । ସେଇ କଥୋପକଥନ, ଆଲୋଚନା ଭିତରେ ସ୍ମୃତିମାନେ ତାଜା ହୋଇଛନ୍ତି । ଚିତ୍ରଟି ନିଜ ହାତକୁ ଆସିବାବେଳର କଥା ଭାବିଲେ ନିଜକୁ ନିଜେ ଖିନ୍ ଭିନ୍ ହେବାର ଅନୁଭବରେ କ୍ଷତାକ୍ତ ହୋଇଛି ବାରମ୍ବାର ।

*********************************

ବାତ୍ୟାପରେ ଦି'ଟା ଚଢ଼େଇ ଯେମିତି ଉଡିଆସି ଗୋଟେ ଡାଳରେ ବସିଥିଲେ ଠିକ୍ ସେମିତି ସ୍ନେହା ଆଉ ସୁଜୟ ନିଜ ନିଜର ବିପର୍ଯ୍ୟସ୍ତ ଅତୀତକୁ ଛାଡି ଗୋଟେ କର୍ମସ୍ଥଳୀରେ ଏକାଠି ହୋଇଥିଲେ । ଆଗରୁ କୌଣସି ପରିଚୟ ନଥିଲା । ଏମିତିକି ଦୁହେଁ ଦୁହିଁଙ୍କ ବିଷୟରେ କେବେ ଶୁଣି ବି ନଥିଲେ ।

ଦୁନିଆଁରେ ଏମିତି ଅନେକ ମଣିଷ ଅଛନ୍ତି, ଯେଉଁମାନେ ନିଜ ଜୀବଦଶା ଭିତରେ ପରସ୍ପର ସହିତ କେବେ ବି ପରିଚିତ ହୋଇପାରନ୍ତି ନାହିଁ । ପରିଚୟର ଏ ଦୁନିଆଁଟା ବହୁତ ସଂକ୍ଷିପ୍ତ ବୋଲି ପ୍ରମାଣିତ ହୁଏ ।

ତଥାପି ମଣିଷ ଛନ୍ଦି ହୁଏ । ଗୋଟିଏ ସଂପର୍କ ଭିତରେ ଅନେକ ଆୟାମ୍ ଓ ଅନେକ ରଂଗ ମଣିଷକୁ ବାରମ୍ବାର ଆନ୍ଦୋଳିତ କରୁଥାଏ । କିଛି ପରିଚୟ ତିଆରି ହୋଇ ଲିଭିଯାଏ, କିଛି ଅଲିଭା ହୋଇ ଦୀପ୍ତିମାନ ରହେ । ଆଉ କିଛି ସଂପର୍କ ଲିଭୁଥାଏ ଯେତିକି, ସେତିକି ସେତିକି ତାହା ତାଜା ହେଉଥାଏ ଜୀବନରେ ।

ସେମିତି ଏକ ଅଜଣାରୁ ଜଣା ଆଉ ଜଣାରୁ ଗୋଟେ ସ୍ୱତନ୍ତ୍ର ପରିଚୟ ପାର୍ବଣରେ ସ୍ନେହା ସୁଜୟ ଜୀବନରେ ଆସିଥିଲା । କାହିଁକି ଜଣକ ସହିତ ଆକର୍ଷଣ ହୁଏ କାହିଁକି ଇଚ୍ଛା ହୁଏ ସେଇ ଜଣକ ସହିତ ହାତ ଧରି ଲମ୍ବା ରାସ୍ତା ଚାଲିବାକୁ........? ତାହାର ବୋଧହୁଏ ଅନେକ ଉତ୍ତର ଆସିପାରେ । କିନ୍ତୁ ସ୍ନେହ ସହିତ ସୁଜୟ ର ଏ ଆକର୍ଷଣ କଣ ଥିଲା ଜାଣିବା ପୂର୍ବରୁ ଦୁହେଁ ଅସମ୍ଭବ ଭାବରେ ପାଖେଇ ଆସିଥିଲେ ।

ସୁଜୟ ଜାଣିଥିଲା କହିଲେ ଭୁଲ ହେବ, ସେ ଶୁଣୁଥିଲା ସ୍ନେହା ର ଅନ୍ୟ କାହା ସହିତ ପ୍ରେମ ସମ୍ପର୍କ ଅଛି । ଦେଖି ନ ଥିଲେ ବି ସେ' ଜାଣିବାକୁ ବେଶ୍ ଆଗ୍ରହୀ ଥିଲା । ଆଉ ସେହି ଆଗ୍ରହ ପଛରେ ସୁଜୟର ଛପି ରହିଥିବା ଆଶା ଟିକକ ଅନେକ ଦିନ ହେବ ସୂର୍ଯ୍ୟାଲୋକକୁ ସାମ୍ନା କରିବାକୁ ଥିଲା ବେଶ୍ ତତ୍ପର । କୋଉ ଗୋଟେ ଯୁକ୍ତି ସଂଗତ କଥାର ଖିଅକୁ ଯୋଗାଡ କରି ପାରି ନ ଥିଲା ସୁଜୟ, ଯେମିତି କି ସେ ପଚାରି ଦେଇ ପାରିବ ସ୍ନେହା ସତରେ କଣ ତୁମର ଆଉ କାହା ସହିତ ସମ୍ପର୍କ ଅଛି ? ତୁମେ କଣ ତାକୁ ହିଁ ବିବାହ କରିବ?

କନ୍ତୁ ସେମିତି କଛି ପଗ୍ଭରି ପାରି ନଥିଲା ସୁଜୟ । ସମୟ ଗୁଡାକ ପାଣି ପରି ବିତିଯାଉଥିଲା। ସମୟ ସତରେ ବେଦରଦୀ....ଇଛା କଲେ ରହୁନଥିବ ଭଲ ସମୟ, ଇଛା କଲେ ବହିଯାଉ ନଥିବ ଖରାପ ସମୟ!

*****************************

କ ଆଶ୍ଚର୍ଯ୍ୟ.....ସ୍ନେହାର ଜନ୍ମଦିନ ଜୁଲାଇ ଅଣତିରିଶ ଆଉ ସୁଜୟର ଠିକ ପରଦିନ ଅର୍ଥାତ ଜୁଲାଇ ତିରିଶ । ପ୍ରତି ଥର ପରି ସ୍ନେହା ପାଇଁ କଛି ନା କଛି ବହି କଣି ଉପହାର ସ୍ୱରୁପ ଦେଇ ଦେଉଥିଲା ସୁଜୟ । ସେହି ବହିର ଉହାଡରେ କେଇଧାଡି ହାତ ଲେଖା ପଠାଇବାର ଦୁଃସାହସ ଜୁଟାଇ ଆଣି ସନ୍ତୋଷ ଲଭୁଥିଲା ସୁଜୟ, ସେତେବେଳେ ମନେ ମନେ ଭାବୁଥିଲା ହୁଏତ ସେଇ ଅକ୍ଷର ଗୁଡିକ ଉପରେ ରହି ରହି ଅଙ୍ଗୁଳ ସଂଗ୍ଭଳନ କଲାବେଳେ ଶିହରୀ ଯାଉଥିବ ସ୍ନେହା । ମନରେ ତା'ର ଉଙ୍କି ମାରୁଥିବ ସ୍ୱପ୍ନ । ସେ'ହୁଏତ ଅନୁଭବ କରୁଥିବ ସୁଜୟର ଅନ୍ତରଙ୍ଗ ଉପସ୍ଥିତି ।

କନ୍ତୁ ସେମିତି କଛି ଘଟୁ ନଥିଲା । ପରଦିନ ସାଧାରଣ ଧନ୍ୟବାଦ ଟିଏ ସହିତ ସମ୍ମୋହକ ହସଟିଏ ଫିଙ୍ଗି ସୁଜୟକୁ ଜନ୍ମଦିନ ର ଶୁଭେଛା ଜଣାଉ ଥିଲା ସ୍ନେହା ।

-ମୋ ଉପହାର?

ନର୍ଲଜଙ୍କ ପରି ପଗ୍ଭରି ଦେଉଥିଲା ସୁଜୟ । ଲାଲ୍ ହୋଇଯାଇଥିଲା ସ୍ନେହା । କଣ କହିବ ନ କହିବ ଭିତରେ ବାହାନା ଟିଏ ଖୋଜି ପ୍ରସ୍ଥାନ କଲାବେଳେ ସୁଜୟର ମନଟା କାଚ ଭାଙ୍ଗିଲା ପରି ଖଣ୍ଡ ଖଣ୍ଡ ହୋଇ ଯାଉଥିଲା । ଲାଗୁଥିଲା ଶୁଣା କଥା ଗୁଡାକ ସମ୍ପୂର୍ଣ୍ଣ ସତ । ସ୍ନେହାର ମନ ତଳେ, ସୁଜୟ ପାଇଁ ଟିକଏ ହେଲେବି ସ୍ଥାନ ନାହିଁ । ସେଇଠି ଆଉ କେହି ଜଣେ ଘର କରିଛି ।

କାହିଁକ କେଜାଣି ଇର୍ଷା ଲାଗୁଛି ସେଇ ଅଜଣା ଲୋକଟା ପ୍ରତି । ଯିଏ ସ୍ନେହାର ମନ ଜିତି ନେଇଛି । କନ୍ତୁ ମନର କେଉଁ କୋଣରୁ ପୁଣି ଗୋଟେ ଆର୍ତ୍ତଚତ୍କାର ତା'କୁ ସଚେତନ କରିଛି

ନା ଏମିତି ବି ହୋଇପାରେ ସ୍ନେହା ମନରେ ଦ୍ୱିଧା ଖେଳିଛି । ସେ ଏବେବି ଦ୍ୱନ୍ଦରେ............ ସେ କେଉଁ ରାସ୍ତା ଓ କେଉଁ ସହଯାତ୍ରୀକୁ ଚୟନ କରିବ ଜାଣିପାରୁନ । ହୁଏତ ତା'ପାଇଁ ଯେ ଗୋଟେ ଅଦ୍ଭୁତ ସମୟ । ଏମିତି ସମୟରେ କିଛି ଗୋଟେ ନିଷ୍କର୍ଷରେ ପହଞ୍ଚିବା ଠିକ୍ ହେବନାହିଁ ।

*****************************

-କାଲି ମୁଁ ଆସି ପାରିବି ନାହିଁ ।

-କାହିଁକି କଣ ହେଲାକ**?**

-ସେମିତି କିଛି ନୁହେଁ........ପଛରେ କହିବି**!!**

ତରଙ୍ଗ ତରଙ୍ଗ ହେଉଥିଲା ସ୍ନେହା । ହାତରେ ତା'ର ଓଢ଼ଣୀ ର ଧଡିଟା ଥାଏ-ଯାହାକୁ ସେ'ବାରମ୍ବାର ମକଚୁ ଥାଏ ପାପୁଲି ଭିତରେ । ଅନେକ କଥା କହିବାର ଇଛା**,** ଅଥଚ କହି ନପାରିବାର ପରିସ୍ଥିତି ଭିତରେ କଣ୍ଠରୁଦ୍ଧ ହେଲାପରି ଅବସ୍ଥା । କିଏ କାଳେ ଦେଖୁଥିବାର ଡର**,** ଆଖି ଡୋଳାରେ ସ୍ପଷ୍ଟ ପ୍ରତିଫଳିତ ହେଉଥାଏ ।

-ପଛରେ କଣ ପାଇଁ.....**?** ମୋ ଚାମ୍ବରକୁ ଆସ**,** ସେଇଠି କଥା ହେବା**!**

ତଥାପି ଭୟ କରୁଥିଲା ସ୍ନେହା । କଣ ଗୋଟାଏ ବାହାନା କରି ସୁଜୟର ଚାମ୍ବରକୁ ଯିବାପାଇଁ ଟେବୁଲ ଉପରେ ନଜର ପକାଇଲା । ଅବଶ୍ୟ ସେତେବେଳକୁ ସୁଜୟ ନିଜ ଚାମ୍ବର ଭିତରକୁ ଚାଲିଯାଇଥିଲା**,** ଆଉ ତା' ପଛେ ପଛେ ଗୋଟେ ଡାଏରୀ ଧରି ପଶିଯାଇଥିଲା ସ୍ନେହା ।

-ବସ । ଏବେ କଥାଟି କହିପାର**!**

ମୁଣ୍ଡ ତଳକୁ ପୋତି କଣ ଗୋଟେ ତଉଲିଲା ପରି କହିବ ନ କହିବାର ଲଢ଼େଇ ଭିତରେ ସେ ସ୍ୱତଃ କହି ଉଠିଲା -କାଲି ମୋତେ ଦେଖିବା ପାଇଁ କଛି ଲୋକ ଆସୁଛନ୍ତି**!** ସେଥି ପାଇଁ ଆସି ପାରିବିନ ।

ଚମକ ପଡିଲା ସୁଜୟ । ସତେ ଯେମିତି ଘର ଭିତରେ ବଜ୍ରପାତ ହେଲା । କଣ କହିବ ବୋଲି କହିପାରିଲାନ ସୁଜୟ । ଏଇ କଛି ସମୟ ଆଗରୁ ସେହିଁ ସ୍ନେହାକୁ କଛି କହିବ ବୋଲି ପ୍ରେରିତ କରୁଥିଲା**,** ଅଥଚ ଏବେ  ସେ ନଜେ ବାକ୍ ଶୂନ୍ୟ **!**

ସୁଜୟ ସେତିକ ବେଳେ ଭାବୁଥିଲା ହାତରୁ ଅପଶରି ଯାଉଛି ସ୍ୱପ୍ନ**,** ଠିକ୍ ମୁଠାଏ ବାଲି ପରି। ବିଶ୍ଳେଷଣ କରିବାର କ୍ଷମତା ହରେଇ ବସୁଥିଲା ସେ**'** । ଆଉ ସେ ଭୁଲି ଯାଉଥିଲା ଯେ**,** ସେଇ ଗୋଟିଏ ସମାନ  କଥା ସେମାନଙ୍କୁ କେମିତି**,** ଏକାବେଳେ ବାକ୍ ଶୂନ୍ୟ କରିପାରେ**.......?** ତା**'**ର ଅର୍ଥଟା କୁ ବୁଝିବା ଅବସ୍ଥାରେ ନଥିଲା ସୁଜୟ**.......** ।

ସଂଯୋଗକୁ**...........**

ଆଜି ପୁଣି ଜୁଲାଇ ଅଣତିରିଶ । କ୍ୟାଲେଣ୍ଡରରେ ଦାଗ କରି ରଖିଛି ସୁଜୟ । ଠିକ ଗୋଟେ ସ୍ମରଣୀୟ ଦିନ ପରି । ହଁ**......**ଆଜି ସ୍ନେହାର ଜନ୍ମଦିନ । ଡ୍ରୟରରୁ ଦୁଇଖଣ୍ଡ ବହି ବାହାର କରି ସ୍ନେହା ଉଦ୍ଦେଶ୍ୟରେ ବଢ଼ାଇ ଦେଉ ଦେଉ କହିଲା -ଜନ୍ମଦିନର ଅନେକ ଅନେକ ଶୁଭେଚ୍ଛା ସ୍ନେହା**!** ଜାଣେନା ଜୀବନରେ ଗତିପଥ ବଦଳଗଲେ ଏଇ ବହି ଖଣ୍ଡକ ଉପହାର ଦେବା ପାଇଁ ମୋର ଅଧିକାର ରହିବ କ ନାହିଁ**...!!** ତେଣୁ ଏହା ମୋର ତୁମ ପାଇଁ ଜନ୍ମ ଦିନରେ ଶେଷ  ଉପହାର ବୋଲି ଭାବି ଦେଇ ପାର**!**

ଆଖି ଛଳ ଛଳ ହୋଇ ଯାଉଥିଲା କ କଣ**....**ସାମ୍ନାରେ ବସିଥିବା ସ୍ନେହାର ମୁହଁଟା ଝାପ୍ସା ଦିଶୁଥିଲା । ସେ ପଟେ ସ୍ନେହାକୁ  ବି ଲାଗୁଥିଲା ମେଘଟା କେତେବେଳେ ବି ବର୍ଷିଦେଇ ପାରେ । ସେ ଉଠି ଠିଆ ହେଲା ଆଉ ବହି ଦ**'**ଖଣ୍ଡକୁ ଛାତି ଉପରେ ଜାକ ଧରି ଧୀର ଗଳାରେ କହିଲା -ଝିଅ ପିଲାଟା**,** ଗୁଡାଏ କଥା କହିବା ଆଗରୁ କଣ୍ଠତଳେ ଦବିଯାଏ**!!** ସବୁଥର କହୁଥିଲ ନା ମୋ ଉପହାରଟା କାହିଁ ବୋଲି**......?**

ମୁହଁ ଉପରକୁ କରି ସୁଜୟ ଗ୍ଲହିଁଲା, ମୁହଁରେ ତା'ର ପ୍ରଶ୍ନବାଚୀ!

-କାଲି ସଂଧ୍ୟାରେ ରତନ ଆର୍ଟସକୁ ଟିକେ ଆସନ୍ତନ!! ସେଇଠି ଏଇ ରସିଦ ଖଣ୍ଡିକ ଦେଇ ଦେବ । ମୁଁ ଥାଏ କ ନ ଥାଏ....ସେ ତୁମକୁ ଯାହାଦେବ ନେଇ ଆସିବ । ସେଇଟା ହିଁ ମୋର ତୁମ ଜନ୍ମଦିନ ପାଇଁ ଉପହାର । ତୁମ ପାଇଁ ଆଗୁଆ ଜନ୍ମଦିନରେ ଶୁଭକାମନା ।

ଆଉ ଦଣ୍ଡଟେ ବି ସେଇଠି ଠିଆ ନ ହୋଇ ବାହାରକୁ ବାହାରି ଯାଇଥିଲା ସ୍ନେହା । ଆଉ ଏଣେ ସୁଜୟ...

ସେଇଠି ଥାଇ ବି ନଥିଲା ପରି ଅଛିଣ୍ଡା ଭାବନାର ସୁଅରେ ବହି ଗ୍ଲଲିଥିଲା ଆଗକୁ ଆଗକୁ ଆହୁରି ଆଗକୁ.... ।

***********************************

କାନ୍ଥରେ ଟଙ୍ଗାଯାଇଥିବା ସେଇ ପେଣ୍ଟିଙ୍ଗ୍ ଟା ଏବେ ବି ଜାଗ୍ରତ । ତାକୁହିଁ ସେଦିନ ରତନ ଆର୍ଟସ୍ ରୁ ସ୍ନେହା ଦେଇଥିବା ରସିଦ୍ ବିନିମୟରେ ସଂଗ୍ରହ କରି ଆଣିଥିଲା ସୁଜୟ । ସେଇ ସଂଧ୍ୟାଟା ସେମାନଙ୍କ ଭିତରେ ଥିବା ଭାବନାକୁ ସବୁଦିନ ପାଇଁ ପୂର୍ଣ୍ଣଚ୍ଛେଦ ପକାଇଥିଲା କ ଭିନ୍ନ ମୋଡ ଦେଇଥିଲା ତାହା ସେମାନେ ଜାଣି ନଥିଲେ କ ସେ ବିଷୟରେ ଭାବି ନଥିଲେ ।

ସକାଳେ ହୁଏ ତ ସ୍ନେହାକୁ ଦେଖିବାକୁ ଆସିଥିବା ମଣିଷ ଗୁଡାକ ଫେରି ଯାଇଥିବେ ଆଉ ଦେଇ ଯାଇଥିବେ ସକରାତ୍ମକ ମନ୍ତବ୍ୟ । ହୁଏତ ମାଙ୍ଗଳିକ କର୍ମପାଇଁ ଏହା ହିଁ ଗୋଟେ ମୂଳଦୁଆ ହୋଇପାରେ । ଆଉ ଏଣେ ସ୍ନେହା ପ୍ରଦତ୍ତ ପେଣ୍ଟିଙ୍ଗ ଟା ସୁଜୟର ହାତରେ, ଯାହାର ତଳେ ଛୋଟ ଛୋଟ ଅକ୍ଷରରେ ସ୍ନେହାର ଦସ୍ତଖତ ସୂଚେଇ ଦେଉଥିଲା ସ୍ନେହା ଏବେ ବି ସୁଜୟର ହାତରେ ଅଛି ।

ତଥାପି ଏହାର ଅର୍ଥ ବୁଝି ପାରିନଥିଲା ସୁଜୟ !!

ସ୍ନେହା ଅପେକ୍ଷା କରିଛି ତାକୁ **!** ଏବେ ବି କଣ ସମୟ ଅଛି କହିଦେବାକୁ ଯେ**,** ମୁଁ ତୋତେ ଭଲପାଏ**!** ତୋତେ ବିବାହ କରିବାକୁ ଚାହେଁ**?**

କାହିଁକ କେଜାଣି ଗଳାଟା ଶୁଖି ଶୁଖି ଯାଉଥିଲା । ଶୁଖି ଯାଉଥିଲା ଗୋଟେ ନାମ ନଥିବା**....**ବୋଧ ହୁଏ ନାମ ଦେବାକୁ ଅକ୍ଷମ ହୋଇଥିବା ସଂପର୍କ । ସେଦିନ **....**ନିରସ ହୋଇଯାଇଥିଲା ନିଜର ଜନ୍ମଦିନର ଉନ୍ମାଦନା । ।

***********************************

ସ୍ନେହାର ସେଇଠି ହିଁ ବାହାଘର ହୋଇଗଲା । ସୁଜୟ କିଣି ରଖିଥିବା ବିଭୂତି ପଟ୍ଟନାୟକଙ୍କ **'**ପ୍ରେମିକା**'** ଉପନ୍ୟାସଟିକୁ ସ୍ନେହା ପାଇଁ ଉପହାରରେ ଦେଇ ପାରି ନଥିଲା । ଗୋଟେ ଭଲ ଗଣେଶ ମୂର୍ତ୍ତୀ ସହିତ ବାହାଘର ପାଇଁ ଦୁଇଧାଡି ସଦିଚ୍ଛା ଲେଖାଥିବା ଗ୍ରୀଟିଙ୍ଗସ୍ କାର୍ଡ ତଳେ ନିଜ ନାମ ଲେଖି ସ୍ନେହା ଓ ତାର ସ୍ୱାମୀ ହାତକୁ ବଢ଼ାଇ ଦେଲା ବେଳେ ସ୍ନେହା ଶୁଷ୍କ ହସଟିଏ ହସି ପରିଚୟ କରାଇଥିଲା - ଅଫିସ୍ ରେ ମୋ ସିନିୟର କଲିଗ୍**......**ଫ୍ରେଣ୍ଡ**....**ସୁଜୟ **!**

**..............................**

ଏ ଭିତରେ ପାଞ୍ଚ ସାତ ବର୍ଷ ବିତିଗଲାଣି । ସୁଜୟ ଜାଣି ସାରିଛି ଯେ**,** ସ୍ନେହାର ହାତ ଧରିଥିବା ସେଇ ସ୍ୱାମୀଟି ସ୍ନେହାକୁ ଜୀବନ ଠୁଁ ବଳି ଅଧିକ ଭଲ ପାଉଥିବା ସେଇ ତଥା କଥିତ ପ୍ରେମିକ**,** ଯିଏ ଅବିବାହିତ ଥିଲା ବେଳେ ସ୍ନେହା ପାଇଁ ଥିଲା ପାଗଳ । ଆଉ ଠିକ୍ ତା**'**ପରଠୁଁ ବେଦମ୍ ହସିଥିଲା ସୁଜୟ । ଓଃ କି ସମୟ ଥିଲା ସେତେବେଳେ**...**ସେ'ବି ତ ସ୍ନେହା ପାଇଁ ପାଗଳ ପ୍ରାୟ ଥିଲା **!!**

ଆଜି ବି ସେଇ ଚିଠିଟା ସଜୀବ**,** କାନ୍ଥରେ ଟଙ୍ଗା ହୋଇଛି**,** କଥା କହୁଛି । କିନ୍ତୁ କ**'**ଣ ସେ କଥା ଆଜିବି ଅବୁଝା**......!!**

ଆରେ ଝିଟିପିଟିଟା ପେଣ୍ଟିଙ୍ଗ ପଛପଟେ ଅଛି ନା ପେଣ୍ଟିଙ୍ଗ ଭିତରୁ ବାହାରୁଛି? ବସିଥିବା ଜାଗାରୁ ଚଟ୍ କରି ଉଠି ପଡିଲା ସୁଜୟ । ଡରରେ ଛାଟିପିଟି ହୋଇ ଝିଟିପିଟିଟା କାନ୍ଥ ଉପରକୁ ପଳାଇଗଲା ।

କାନ୍ଥରୁ ଚିତ୍ରଟିକୁ ଓହ୍ଲାଇ ଆଣି ତାର ପଛ ପାଖକୁ ନିରୀକ୍ଷଣ କଲା ବେଳେ ସୁଜୟ ପଛ ପାଖରେ ଗୋଟେ ଛୋଟ ଫାଙ୍କ ବାରି ପାରିଲା । ବନ୍ଧେଇ ପଟିଟା ଠିକ୍ ରେ ଦିଆ ଯାଇନି କ କ'ଣ ?

ଝିଟିପିଟି ଟା ଏଇ ଫାଙ୍କ ଦେଇ ଭିତରକୁ ପଶିଥିଲା ? ହୁଏତ ଭିତରେ ବସା ବି କରିଯାଇପାରେ !!

ସେ ଦୁଇ ପଟକୁ ଧରି ବନ୍ଧେଇ ଫଟୋଟାକୁ ଟିକେ ଝାଡ଼ିଦେଲା ବେଳେ ଲାଗିଥିଲା ଭିତରୁ ହୁଏତ ଗୋଟେ ଯୋଡେ ଛୁଆ ଝିଟିପିଟି ବାହାରି ଆସିବେ ନଚେତ୍ କେଇଟା ଝିଟିପିଟି ଅଣ୍ଡା ଚଟାଣରେ ପଡି ଅସନା ହୋଇଯିବ । ହେଇଗଲେ ଯାଉ.....ତା ଯୋଗୁଁ ଗୋଟେ ସୁନ୍ଦର ଚିତ୍ରପଟ ଖରାପ ହୋଇଯିବ ଯେ....!

ଭିତରୁ ଖୁଡ୍ ଖୁଡ୍ ଶୁଭୁଥିଲା । ସେଇଟା କିନ୍ତୁ ଅଣ୍ଡା କି ଝିଟିପିଟି ଛୁଆ ପରି ଲାଗୁନଥିଲା । ପଟିଟାକୁ ଆଉ ଟିକେ ଉଠାଇ ଦେଖେ ତ ତା ଭିତରେ ଗୋଟେ ଭାଙ୍ଗକରା କାଗଜ । ସେଇ ପରି ଲାଗୁଥିଲା । ହାତ ପାଉନଥାଏ । ଫର୍କଡ୍ ସେପ୍ ରେ ବହୁ କଷ୍ଟରେ ସେଇଟାକୁ ଠାବ କଲା ସୁଜୟ । ଏ -ଫୋର ସାଇଜର ପେପର ଖଣ୍ଡକୁ ଖୁବ୍ ଭଲରେ ଭଙ୍ଗା ଭଙ୍ଗି କରି ଯିଏ ଭିତରକୁ ପୁରାଇ ଦେଇଥିଲା ଭଳି ଲାଗିଲା । ଖୋଲି ଦେଖିଲା ସୁଜୟ । ଚମକିଗଲା ଆଖି, ଥରିଗଲା ଦିହ, ଭୁଷୁଡି ପଡୁଥିଲା ବର୍ତ୍ତମାନ, ଯାହା ତଳେ ଗୁମୁରି ଗୁମୁରି କାନ୍ଦୁଥିଲା ଅତୀତ।

କୋଉଠି ଗୋଟେ ଲଘୁଚାପ ସୃଷ୍ଟି ହୋଇସାରିଥିଲା ବେଳେ ଜୋର ଜୋର୍ ବହୁଥିଲା ପବନ, ସେଇ ପବନରେ ଉଡିଯିବ କି ସୁଜୟ....??

**********************************

ସ୍ନେହାର ହାତଲେଖା । ସ୍ୱୀକାରୋକ୍ତି....ଚଠି....କଛି ବି କହିପାର ।

ଯାହାର ସାରମର୍ମ ଥିଲା ବେଶ ହୃଦୟସ୍ପର୍ଶୀ...

ଏମିତି କେତେ କାଳ ରହିଥାନ୍ତା ଏ ପତ୍ର ! ସେଦିନ କାହିଁକ ସେ ଅନୁଭବି ପାରିଲାନ ଏ ପତ୍ରର ଉପସ୍ଥିତି? ସ୍ନେହା କାହିଁକ କହିପାରିଲାନ ତାର ଏ ଅନ୍ତରଙ୍ଗ ମନତଳ କଥା? ହୁଏତ ସ୍ନେହା ସେଦିନ କଳ କଳ ନାଦରେ ନର୍ଝରିଣୀଟିଏ ପରି ବହି ଯାଇଥିଲେ ବର୍ତ୍ତମାନ ଭିନ୍ନ କଛି ହୋଇଥାନ୍ତା...ହୁଏତ ସେଦିନ ୟା'କୁ ପଢ଼ି ପାରିଥିଲେ ସେ ବାଧକରି ବଦଳାଇ ଦେଇଥାନ୍ତା ସମୟର ସୁଅକୁ...! ଭିତରେ ଭିତରେ ଫିଟି ପଡିଲା ସୁଜୟ । ଫାଟି ଯାଉଥିଲା ଆପଣାର ପୃଥିବୀ, ସତେ କ ସେ ଏଇଲାଗ୍ ତା ଭିତରେ ବିଲୀନ ହୋଇଯିବ...!!

....କେମିତି ଯେ, କହିବି....... ଅଶୋକ, ମୋର ଜଣେ ଭଲ ସାଙ୍ଗ, ଯାହା ସହ ଅନେକ କଟିଛି କଥା ବାଣ୍ଟି ହୁଏ । ସେଇ ସମ୍ପର୍କକୁ ଆକର୍ଷଣ ବୋଲି କହିପାରିବିନ । କନ୍ତୁ ଅଶୋକ ପାଇଁ ଏ ସମ୍ପର୍କ ଅନେକ କଛି । ଆଉ ଏହାକୁ ବଞ୍ଚାଇ ରଖିବା ପାଇଁ ତା'ର ପାଗଳପଣ ନ ଦେଖିଲେ ବୁଝି ପାରିବନ । ଏମିତି ଗ୍ଭଲୁ ଗ୍ଭଲୁ ତୁମ ସହିତ ଦେଖା, ଦେଖା ନୁହେଁ ତ ଏହା ଗୋଟାଏ ତୀବ୍ର ଆକର୍ଷଣ । ପ୍ରତି ମୁହୂର୍ତ୍ତରେ ତୁମ ସହିତ ଜଡେଇ ହୋଇଯିବାର ଭୟ, ସେଥିପାଇଁ ଦୂରେଇ ଦୂରେଇ ରହିବା ଛଡା ଅନ୍ୟ ଉପାୟ ନଥିଲା । ଜାଣୁଥିଲି ଯେ, ଏହା ମୋର ପରିଚୟ ଓ ପରିବେଶକୁ ବଦଳାଇ ଦେଇପାରେ । ତେଣୁ କଥା ମାନେ ଆତ୍ମଘୋଷିତ ନର୍ବାସନରେ ସଫଳ ହୋଇଥିଲେ । କନ୍ତୁ ଆଉ ନୁହଁ....ବୟସ କହୁଛି ଝିଅ ପିଲାଟେ ହିସାବରେ ଅଠେଇଶି ଛୁଇଁଲା । ବାପା - ମାଆ, ଆତ୍ମୀୟ ସ୍ୱଜନଙ୍କୁ ଅନେକ କଥା ଶୁଣିବାକୁ ହେଲାଣି । ଏଣେ ନଜଘରେ ଠକ ଗ୍ଭଲିଛି ଅଶୋକ । ସେ ଘରର ଏକମାତ୍ର ପୁଅ । ଅଶୋକର ମୌନତାରେ ବିବ୍ରତ ହୋଇ ପଡିଲେଣି ତା' ବାପା-ବୋଉ । ଆଶଙ୍କା ହେଲାଣି ଅଶୋକର ସମ୍ଭାବିତ ପ୍ରେମ ସଂପର୍କକୁ ନେଇ । ଆଗକୁ ଆଉ ଚୁପ ରହିବା ସମ୍ଭବ ହେବନ । ଏଥର ରାସ୍ତା ଚୟନ କରିବାର ବେଳ । ଜୀବନ ସାଥୀ ବାଛିବାର ବେଳ । ଏଇ ପତ୍ର ପାଇ ହାତ ବଢ଼େଇଲେ ମନା କରିବନ....ଖୁସିରେ ଆତ୍ମହରା ହେବି କାରଣ ଆମ ଭିତରେ ମହ ମହ ବାସୁଥିବା ଏ ପ୍ରେମକୁ ଏକ ସଂଜ୍ଞା ମିଳଯିବ । ଯଦି

ଏ ଚଠି ନ ମିଳେ ତେବେ ସୂର୍ଯ୍ୟ ଅସ୍ତ ହୋଇସାରିଛନ୍ତି....ଅନ୍ଧାର ଘୋଟି ସାରିଛି, ଆଉ ଶବ୍ଦମାନଙ୍କର କୌଣସି ସ୍ଥାନ ନାହିଁ ବୋଲି ଭାବିନେବ । ଏହା ହିଁ ଆମ ସଂପର୍କର ପ୍ରାରବ୍ଧ! ମୁଁ ଆଉ ମୋତେ ଚହ୍ନିଥିବା ଜାଣିଥିବା ଅଶୋକ ପାଇଁ ପଥ ପରିଷ୍କାର ହୋଇଯିବ । ବଦଳ ଯାଉଥିବା ପରିସ୍ଥିତିରେ ଭୁଲିଯିବାଟା ଏତେ ସହଜ ନୋହିଲେ ବି ସେଇଟା ହିଁ ସମସ୍ତଙ୍କ ପାଇଁ ମଂଗଳ କାରକ ହେବ ବୋଲି ଭାବୁଛି ।

*****************************

ଝରଝରେ ଅଶ୍ରୁପାତ କରୁଥିଲା ସୁଜୟ । ସୁନିଶ୍ଚିତ ବିଜୟ ହାସଲ ସହ ସମାନ ସ୍ଥିତିରେ ପହଞ୍ଚିବା ପରେ କାଗଜ ଗୁଳା ଭିତରେ ବନ୍ଦ ଥିବା ନାମ ଗୁଡିକ ମଧ୍ୟରୁ ତା ନାଁଟା ତଳେ ପଡିଥିଲା ଆଉ ଅଶୋକ ଜିତିଯାଇଥିଲା ସେଦିନ ।

ଦ୍ରୁତ ଗତିରେ ବୁଲୁଥିବା ସିଲିଂ ଫ୍ୟାନ୍ ଟା ବି ସୁଜୟ ଦେହରେ ଜକେଇ ଆସୁଥିବା ଝାଳ ବିନ୍ଦୁ ଗୁଡିକୁ ଶୁଖାଇ ପାରୁନଥିଲା । ଉପରକୁ ମୁହଁ କରି ଆଖି ବୁଜି ଚଉକ ଉପରେ ବସି ରହିଥିଲା ବେଳେ ସୁଜୟ ଆସନ୍ତା କାଲି କେମିତି ଯେ ସ୍ନେହାକୁ ସାମ୍ନା କରିବ ଜାଣିପାରୁନଥିଲା..... । ଏହା ପରେ କଣ ହେବ ସମ୍ପର୍କର ରଂଗ...??

ମୁଣ୍ଡ ଉପରେ ଅଙ୍ଗୁଳୀ ସଂଗ୍ଚଳନ କରୁଥିଲା ସୁଜୟ ।

*********************************

ମାତୃକୁଟୀର , କୁରୁଣ୍ଟି, ମେଘମଣ୍ଡଳୀ
ଢେଙ୍କାନାଳ - ୭୫୯୧୨୧

# ଜୀବନ୍ତ ଦେବତା ମୋ ବାପା



ପ୍ରଣତି ମହାପାତ୍ର

ଆସନ୍ତ କ ଆଉ ଥରେ ମୋ ପାଶକୁ,

ଦେଖନ୍ତି ତୁମର ସେହି ମହନୀୟ ରୂପକୁ,

ଅନୁଭବ କରନ୍ତି ସେହି ରୂପର ବାସ୍ନାକୁ।

ଯେଉଁ ବାସ୍ନାରେ ବାସ୍ନାୟିତ

ହୋଇଯାନ୍ତା ମୋର

ତନୁମନ,

ପ୍ରଫୁଲ୍ଲିତ ହୋଇଯାନ୍ତା ମୋର

ଏ ନଶ୍ବର ଶରୀର।

ଇଛା ହୁଏ ମଥାରଖି ନିଶ୍ଚିନ୍ତାରେ

କିଛିକ୍ଷଣ  ଶୋଇବାକୁ,

ତୁମର ସେ ସାଗର ସଦୃଶ

ବକ୍ଷ ଉପରେ,

ବିଶାଳ ବକ୍ଷରେ ମଥାରଖି ଭୁଲିଯାନ୍ତି

ଜୀବନରେ ହୁତୁହୁତୁ ହୋଇ

ଜଳୁଥିବା ଅଭିବୀ ଜଞ୍ଜାଳ କୁ।

ଅନୁଭବ କରନ୍ତି ଏକ ଦିବ୍ୟ ସତ୍ତାକୁ।

କୁହୁକ ହାତ ପରଶରେ ଧୋଇଯାନ୍ତା

ମୋ ଜୀବନର ସମସ୍ତ

ଦୁଃଖ, କଷ୍ଟ ଓ ଜନ୍ତ୍ରଣା ସବୁ।

**************

ବହଳ ବହଳ ଦୁଃଖ, କ୍ଲେଶ, ତୃଷାର୍ତ୍ତ,

କ୍ଷୁଧାର୍ତ୍ତ ର କଳାଅନ୍ଧାରକୁ

ଢାଙ୍କି ରଖୁଥିବା ତୁମର ସେହି

ଆତ୍ମବିଶ୍ୱାସ, କର୍ମଠତା,

ହୃଦୟର ଗଭୀରତା କୁ ମାପୁଥିବା ,

ନୀଳଚକ୍ର ବାନା ସଦୃଶ ଗାମୁଛାକୁ।

ଜାବୁଡ଼ି ଧରିବାକୁ ଭିରୀ ଇଚ୍ଛାହୁଏ ବାପା ....

ତେଜୋଦୀପ୍ତ,ଆଭିମୟ

ଦରେ୍ଚିଟି ହସର,

କମନୀୟ କଳା ମଚମଚ

ମୁଖ ମଣ୍ଡଳକୁ,

ବାରମ୍ବାର ଦେଖିବାକୁ ଇଚ୍ଛା ହୁଏ।

ବାପା...

ଇଚ୍ଛା ହୁଏ,

ମୋ ଜଗତର ସର୍ବୋତ୍ତମ ପୁରୁଷ,

ମୋ ପାଇଁ ସର୍ବମୟ କର୍ତ୍ତା,

ମୋ ପ୍ରାଣଦାତା,

ମୋ ଶୁଭଚନ୍ତକଙ୍କ

ଶ୍ରୀଚରଣ ବନ୍ଦନା, ଅର୍ଚ୍ଚନା କରି,

ନିଜକୁ କୃତାର୍ଥ ମଣିବାକୁ।

ଭାରି ଇଚ୍ଛା ହୁଏ ବାପା ।

ତୁମ ଅନୁପସ୍ଥିତିର ସୁଯୋଗ ନେଇ

ମୋ ଅଜାଣତରେ

ମୋ ଆଖିରୁ ବହିଯାଏ

ଅବାରିତ ଗଙ୍ଗା ଯମୁନାର ଧାରା।

ଭାରି ଇଚ୍ଛା ହୁଏ

ତୁମ ପ୍ରଶସ୍ତ ବକ୍ଷରେ ମଥା ରଖିବାକୁ,

ଭାରି ଇଚ୍ଛା ହୁଏ

ବାପା...।

ବାଲେଶ୍ୱର

# ବର୍ଷା



ଧୀରେନ୍ଦ୍ର କୁମାର ପ୍ରଧାନ

ମଉସୁମୀ ସାଙ୍ଗେ ଜଳଦ ବାପୁଡା ସୁ ସୁ ଗୀତଗାଇ
ଆସେ ଆସେ ଦେଖ ବରଷା ଅସର୍ ଅମୃତ ପସର୍ ନେଇ।୧
ଶୋଷିଲ୍ ନୟନ ଶୁଖିଲ୍ ତନର ଦୂରକରେ ଅଭିମାନ
ଗ୍ରୀଷ୍ମ ର ପ୍ରକୋପ ଆଣ୍ଠୁ ଭିଙ୍ଗି କରେ ବରଷାର ସନମାନ।୨
ବେଙ୍ଗୁଲି ର ସୂର କେଁକେଁ କଟର ପୋଖରି ବିଲ ହିଡରେ
ଗୃଷୀ ଗୃଷୁଣୀଙ୍କ ମିଠାମିଠା ଗୀତ ବଳଦ ଯୋଡା ସାଙ୍ଗ ରେ।୩
ମେଘ ସାଥେ ମେଘ ଲୁଚକାଳୀ ଖେଳ ଦୃଶ୍ୟ ଆକାଶ ବୁକୁରେ
ବିଜୁଳୀ କନ୍ୟା ର ନୃତ୍ୟ ନାଟିକାରେ ଘଡଘଡି ତାଳ ଭରେ।୪
ମୟୂରୀକୁ ଡାକ ପ୍ରେମିକ ମୟୂର ପ୍ରମଗୀତ ଗାଇଗାଇ
ମନଲେ୍ଭି ଠାଣି ମନ ନଏ କଣି ନାଚଇ ପୁଚ୍ଛ ମେଲ୍ଇ।୫
ଗାଆଁ ଦାଣ୍ଡ ସୁଅ ଛପର ଜଳରେ ଛୋଟ ନଦୀ ଯାଏ ବହି
କାଗଜ ଡଙ୍ଗା ରେ ନୌକାର ବିହାର କୁନମନ ନାଚୁଥାଇ।୬
ବରଷା ଆଣଇ ପ୍ରେମର ପୁଲକ ପହିଲି ପରଶ ଦେଇ
ଅଧାଭିଜା ତନ ବତୁର୍ ଯୌବନ ଆଖିଯାଏ କଥାକହି।୭
ଗହିରୀ ବିଲର ହୁଡା ଉପରର ବାଲିଛତୁ ମନୋହର

ବାଡି ପଛପଟ କାଦୁ ପଚପଚ ଜହ୍ନି ଛଛିନ୍ଦ୍ରା ସୁନ୍ଦର। ୮

ନାଲି ଟୁକୁଟୁକୁ ସାଧବବୋହୂର ଗୁଣ୍ଠୁଣି ହାତୀର ଗ୍ଭଲି

ସବୁଜସବୁଜ ସୁଆଦିଆ ମିଠା ପିଜୁଳ ଭିତର ନାଲି।୯

ପାଚଲ୍ ତାଳର ମିଠା ମହକଟା ତାଳବଣୁ ଆସେ ଭ୍ରସି

ଗ୍ଭଉଳଚୂନାର ତାଳ ବର୍‌ପିଠା ଲାଳ ତ ଯାଉଛି ଖସି।୧୦

ଗାଆଁ ଦାଣ୍ଡ ଜଳେ ଭସାଉଥିଲି ମୁଁ କାଗଜ ଡଙ୍ଗା ର ଖେଳନା

ସବୁଜିମା ଭର୍ ମୋ ଗାଁ ପର୍ ମହମହ ମାଟି ବାସନା।୧୧

ଶିଶୁ ଅରୁଣଙ୍କ ଚକ୍ ଚକ୍ ଭର୍ କଅଁଳଆ ଅରୁଣିମା

ମେଘ ଉହାଡରେ ସଞ୍ଜବେଳଟାରେ ଜହ୍ନ ବୁଣେ ରୂପା ଜୋଛନା।୧୨

କେଉଁଠାରେ ଶୁଖା କେଉଁଠାରେ ବନ୍ୟା ପ୍ରକୃତି ର ଖେଳ ଇଏ

ଜଳବିନା କାହିଁ ହାହାକାର ଶୁଭେ ବହୁଳେ ବି ପ୍ରାଣ ଯାଏ।୧୩

ମଙ୍ଗଳକାରୀ ଏ ଋତୁର ପରଶେ ଏ ଜୀବଜଗତ ବଞ୍ଚେ

ରିମଝିମ୍ ତାର ଶୀତଳ ଛିଟାରେ ଜୀବନେ ଅମୃତ ସିଞ୍ଚେ।୧୪।।।।

ଝଜିରୀବାହାଳ, ଅନୁଗୋଳ

# ସୌଭାଗ୍ୟ ସ୍ନାନ



ଡକ୍ଟର ବିଜ୍ଞାନୀ ଦାସ

ଜୀବନରେ ଯେ ଏମିତି ଏକ ଘଟଣା ଘଟିବ, ସେ କଥା ଅଜନ୍ତା କଳ୍ପନା ବି କରିନଥିଲା । କେହି ବି ଏମିତି କଳ୍ପନା କରିପାରିବେନ । କାରଣ ସିଏ ଏମିତି କଥା କୌଣସି ଚଳଚ୍ଚିତ୍ରରେ ଦେଖିନଥିଲା କି ବହିରେ ପଢିନଥିଲା । ତେଣୁ ଅନୁମାନ କରିବାଟା ବଡ କଠିନ ଥିଲା । ହେଲେ ସେମିତି ହିଁ ଘଟିଲା । ଜାପାନର ଚବା ସହରର ହୋଟେଲ୍ "ମିକାଜୁକ ରିଉଗୁ" ରେ ସୌଭାଗ୍ୟ ସ୍ନାନ ପାଇଁ ସଂପୂର୍ଣ୍ଣ ନଗ୍ନ ହୋଇ ସୁବର୍ଣ୍ଣ ସ୍ନାନ କୁଣ୍ଡର ପଶିଲା ଅଜନ୍ତା । ସାଙ୍ଗରେ ଚବା ଫିଲ୍ଡ୍ ଟ୍ରିପରେ ଆସିଥିବା ଅନ୍ୟାନ୍ୟ ସମସ୍ତ ସ୍ତ୍ରୀ ଲୋକମାନେ ମଧ୍ୟ ସେମିତି ସମସ୍ତ ବସ୍ତ୍ର ତ୍ୟାଗ କରି, ଲକରରେ ରଖି ନଗ୍ନ ହୋଇ ସେ ସ୍ନାନ କୋଠରିକୁ ଆସିଲେ ଓ ଯାହାର ଯେଉଁଠି ସ୍ନାନ କରିବାକୁ ଇଚ୍ଛା ହେଲା, ସିଏ ସେ ଜଳରେ ପଶିଗଲା । ସମସ୍ତେ ଅଜନ୍ତା ଭଳି ଏଭଳି ସ୍ନାନ ବିଷୟରେ ଅନଭିଜ୍ଞ ଥିଲେ ଓ ନଗ୍ନ ହୋଇ ସ୍ନାନ କରିବାକୁ କୁଣ୍ଠା ପ୍ରକାଶ କରୁଥିଲେ । ହେଲେ ସେ ସ୍ନାନ କୋଠରିର ଦାୟିତ୍ୱରେ ଯେଉଁ ସ୍ତ୍ରୀ ଲୋକମାନେ ଜଗି ରହିଥିଲେ, ସେମାନେ ଆସି ବାରମ୍ବାର ଏମାନଙ୍କୁ ତାଗିଦ୍ କରୁଥିଲେ । ବସ୍ତ୍ର ପିନ୍ଧି ସ୍ନାନ କୁଣ୍ଡକୁ ନ ଯିବାକୁ ସମସ୍ତଙ୍କୁ କହୁଥିଲେ । ଅଗତ୍ୟା ବାଧ୍ୟ ହୋଇ ସମସ୍ତେ ନିଜନିଜର ବସ୍ତ୍ର ତ୍ୟାଗ କଲେ ଓ କାହାକୁ ନ ଗୁହିଁ ବିଭିନ୍ନ ସ୍ନାନ କୁଣ୍ଡ ମାନଙ୍କରେ ପ୍ରବେଶ କଲେ । ଭାରତରୁ ଜଣେ ସ୍ତ୍ରୀ ଲୋକ ଆସିଥିଲା, ତା ନାଁ ମେଧା । ଅଜନ୍ତାର ଓ ମେଧାର ବଡ ମେଳଜୋଳ ହୋଇଯାଇଥିଲା । ସେମାନେ ସାଙ୍ଗ ହୋଇ ବୁଲୁଥିଲେ । ପ୍ରଥମେ ମେଧା ବସ୍ତ୍ର ତ୍ୟାଗ କରି ଯାଇ ପାର୍ଶ୍ୱରେ ଥିବା ଗୋଲାକାର ଜଳକୁଣ୍ଡର ପଶିଗଲା । ତା ଦେଖାଦେଖି ଅଜନ୍ତା ବି ସମସ୍ତ ସଙ୍କୋଚ ତ୍ୟାଗ କରି ସମସ୍ତ ବସ୍ତ୍ର ତ୍ୟାଗ କରି ଯାଇ ସୁବର୍ଣ୍ଣ କୁଣ୍ଡ ମଧ୍ୟରେ ପଶିଲା ।

ସୁବର୍ଣ୍ଣ କୁଣ୍ଡର ପାଣିର ତାପମାତ୍ରା ଅଧିକ ଥିଲା । ଦେହ ପୋଡି ଯାଉଥାଏ । ହେଲେ ଉଷ୍ମ ଜଳରେ ସ୍ନାନ କରିବାର ଅନୁଭୂତି ବିହ୍ଵଳ କରାଉଥାଏ ।

ପ୍ରଥମେ ଯେତେବେଳେ ଏ ସୌଭାଗ୍ୟ ସ୍ନାନ ବିଷୟରେ ଗତ କାଲି ଖବର ଆସିଥିଲା, ଅଜନ୍ତା ମନେମନେ ଭାବିଥିଲା, "ମୁଁ ମୋର ବାହାରେ ଜଗି ରହିବି । ଆକାଶ ତାଙ୍କର ଯଦି ଯିବେ, ଯିବେ, ହେଲେ ସେଭଳ ସ୍ନାନ କରିବାକୁ ମୁଁ ଜମା ଯିବିନି ।" ହେଲେ କେମିତି କଣ ଗୋଟିଏ ପ୍ରଭାବରେ ଅନ୍ୟ ସମସ୍ତ ନାରୀ ମାନଙ୍କ ସହିତ ସେ ଟୁର୍ ଗାଇଡ୍ ଇଦାକୁ ଅନୁସରଣ କରି ସମସ୍ତେ ବିହ୍ଵଳତ ହୋଇଗଲେ ଓ ଇଦା ଯେମିତି କଲା, ସେମିତି କଲେ ।

ହଁ, ସେମାନେ ସବୁ ଜାପାନ ଜିଓଫିଜିକାଲ୍ ସୋସାଇଟିର ମିଟିଙ୍ଗରେ ଯୋଗଦେବାକୁ ଆସିଥିଲେ । ମିଟିଙ୍ଗ୍ ଥିଲା ମେ ୨୬ରୁ ୩୦ ପର୍ଯ୍ୟନ୍ତ । ମେ ୩୧ ତାରିଖ ଦିନ ଦୁଇଟା ଫିଲ୍ଡ୍ ଟ୍ରିପ୍ ଥିଲା । ସେଥିରୁ ଅଜନ୍ତା ବାଛିଥିଲା ଏ ଚବା ଟୁରରେ ଆସିବାକୁ । ଅଜନ୍ତାର ସ୍ଵାମୀ ଆକାଶ ଡେରିରେ ଆସିବାକୁ ସ୍ଥିର କରିଥିବାରୁ, ପ୍ରଥମେ ତାଙ୍କ ପାଇଁ ଅଜନ୍ତା ଟୁର୍ ବୁକ୍ କରିନଥିଲା, ହେଲେ ମେ ୨୬ ତାରିଖ ଦିନ, କର୍ମକର୍ତ୍ତାଙ୍କ ସହିତ ଯୋଗାଯୋଗ କରି ୫୦ ଡଲାର୍ ଦେଇ ସିଏ ତାଙ୍କର ଟୁର୍ ବୁକ୍ କରେଇ ଦେଇଥିଲା । ମେ ୩୧ ତାରିଖ ଦିନ ଟୁର୍ ତରଫରୁ ପଠା ଯାଇଥିବା ଗାଇଡ୍ ଅନୁଯାୟୀ ସେମାନେ ସମସ୍ତେ ହୋଟେଲ୍ ନଭ ଓଟାନି ମାକୁହାରୀରେ ୭ଟା ୪୫ ବେଳକୁ ଯାଇ ପହଞ୍ଚିଗଲେ । ବସ୍ ୮ଟା ୧୦ରେ ମାକୁହାରୀ ସହର ଛାଡି ଚବାନଆନ୍ ଅଭିମୁଖେ ଯାତ୍ରା ଆରମ୍ଭ କଲା । ୯ଟା ବେଳକୁ ସେମାନେ ଚବାନଆନ୍ ଭିତରକୁ ପ୍ରବେଶ କରିବା ପଥ ପାଖରେ ପହଞ୍ଚିଗଲେ । ଦୁଇଟି ଗ୍ରୁପ୍ ହୋଇ ସେମାନେ ଜଙ୍ଗଲ ଭିତରେ ଭିତରେ ଗ୍ଲିଲେ । ଗୋଟିଏ ଗ୍ରୁପ୍‌ର ଗାଇଡ୍ ଜାପାନିଜ୍ ଭାଷା କହୁଥିଲେ ଓ ଅନ୍ୟ ଗ୍ରୁପ୍‌ଟିର ଗାଇଡ୍ ଇଂରାଜୀରେ ବିବରଣୀ ଦେଉଥିଲେ। ଅଜନ୍ତାର ଗ୍ରୁପରେ ଯେଉଁ ଗାଇଡ୍ ଥିଲେ, ତାଙ୍କ ନାମ ହେଲା, ଡକ୍ଟର୍ ୟୁସୁକେ ସୁଗାନୁମା। ସିଏ ନେସନାଲ୍ ଇନ୍‌ଷ୍ଟିଚୁଟ୍ ଅଫ୍ ପୋଲାର୍ ରିସର୍ଚ୍ଚରେ ଜଣେ ଗବେଷକ ଭାବେ କାମ କରନ୍ତି। ସିଏ କନ୍ତୁ ଏବେ ଏ ଯାତ୍ରୀମାନଙ୍କୁ କେତୋଟି ଜିଓଲୋଜିକାଲ୍ ସାଇଟ୍ ସବୁ ଦେଖାଉଥିଲେ । ବହୁ ବର୍ଷ ପୂର୍ବେ ଭୂମିକଂପ ହୋଇ ଲାଭା ବାହାରି ସେସବୁ ଜଙ୍ଗଲ ଓ ପାହାଡ ସୃଷ୍ଟି ହୋଇଥିଲା । ଜଙ୍ଗଲ ରାସ୍ତା । ସେ ରାସ୍ତାରେ ଗ୍ଲିବା ଟିକେ କଠିନ ଥିଲା । ଜଣେ ଯାତ୍ରୀ ଗୋଡରୁ ମୁଣ୍ଡ ପର୍ଯ୍ୟନ୍ତ ସ୍ଵତନ୍ତ୍ର ବସ୍ତ୍ରରେ ଆବୃତ ରହିଥିଲେ । ଏତେ ଗରମରେ

ସିଏ ଏମିତି ବସ୍ତ୍ର କାହିଁକି ପିନ୍ଧିଛନ୍ତି ବୋଲି ଗାଇଡ୍‌କୁ ପ୍ରଶ୍ନ କରନ୍ତେ, ସିଏ ଉତ୍ତରଦେଲେ, "ଏ ଜଙ୍ଗଲରେ ନାନା ପ୍ରକାରର ପୋକ, ଜୋକ ଅଛନ୍ତି । ସେମାନେ ବେଳେବେଳେ ଶରୀରରେ ଲାଖି ରହିଗଲେ ମଣିଷକୁ ଅସୁସ୍ଥ କରିଦେବେ । ହେଲେ ସେମିତି କ୍ୱଚିତ୍ ହୁଏ। ତେବେ କେତେଜଣ ଆଗରୁ ସାବଧାନ ହୋଇ ନିଜକୁ ସୁସ୍ଥ ରଖିବାକୁ ଏମିତି ପଦକ୍ଷେପ ନେଇଥାନ୍ତି ।"

ଏମିତି କଥା ହେଉହେଉ ଆକାଶଙ୍କ ଗୋଡରେ ଗୋଟିଏ ଜୋକ ଲାଗିଗଲା । ସେ ଜୋକକୁ ବହୁ କଷ୍ଟରେ କାଗଜ ରୁମାଲ୍ ଲଗେଇ ବାହାର କଲା ଅଜନ୍ତା ଓ ଆକାଶଙ୍କୁ ଟିକେ ଦେଖିକରି ଯିବାକୁ ପରାମର୍ଶ ଦେଲା । ସିଏ ହାଫ୍ ପ୍ୟାଣ୍ଟ ପିନ୍ଧି ଟୁରରେ ଆସିଥାନ୍ତି । ତେଣୁ ତାଙ୍କ ଗୋଡର ଚର୍ମ ବାହାରକୁ ଦିଶୁଥାଏ । ଏମିତି ୨୦ ମିନଟ୍ ବୁଲିବୁଲି ସେମାନେ ଏକ ନଦୀ କୂଳକୁ ଆସିଗଲେ । ଦୁଇ ପଟରେ ପାହାଡ । ମଝିରେ କୁଳୁକୁଳୁ ହୋଇ ବହିଯାଉଥିବା ନଦୀଟିଏ । ଅଜନ୍ତାର ବୁକୁ ପୂରିଉଠିଲା । ସିଏ ଭାବପ୍ରବଣ ହୋଇଗଲା । ଇଚ୍ଛା ହେଉଥିଲା, ସେ ନଦୀରେ ଟିକେ ପହଁରିପକାନ୍ତା । ସେ ନଦୀ କୂଳରେ ମଧ୍ୟ କେତେକ ଜିଓଲୋଜିକ୍ ସାଇଟ୍ ଥିଲା । ସେସବୁକୁ ନାଲି ରଙ୍ଗ ଲଗାଇ ଚିହ୍ନଟ କରି ରଖା ଯାଇଥିଲା । ଆଉ କେତେକ ପର୍ଯ୍ୟଟକ ଦଳ ମଧ୍ୟ ସେ ସ୍ଥାନକୁ ଆସୁଥାନ୍ତି ଓ ସେସବୁ ଜିଓଲୋଜିକ୍ ସାଇଟ୍‌ର ଫଟୋ ଉଠାଇ ନେଉଥାନ୍ତି । ସେଠି ଜାପାନର କେତେକ ସମ୍ବାଦଦାତାଙ୍କୁ ମଧ୍ୟ ସେମାନେ ଭେଟିଲେ । ସେ ସମ୍ବାଦଦାତା ପ୍ରଫେସର୍ ସୁଗାନୁମାଙ୍କୁ କିଛି ପ୍ରଶ୍ନ ପଚାରି ବିବରଣୀ ନେଲେ । ଭାରତରୁ ପୁନେ ସହରରୁ ଆସିଥିବା ମେଧା, ଅଜନ୍ତା ଓ ତାର ସ୍ୱାମୀ ଆକାଶଙ୍କ ସହିତ ହିଁ ବୁଲୁଥାଏ । ସିଏ ଏ ଦୁଇଜଣଙ୍କର ଫଟୋ ନେବାକୁ ଅନୁରୋଧ କଲା ଓ ନଦୀର ପ୍ରବାହ ସହିତ ମିଶେଇ ଏକ ରୋମାଣ୍ଟିକ୍ ଫଟୋ ନେଲା । ଟୁର୍‌ର ମୁଖ୍ୟ ଗାଇଡ୍ ଇଦା ସମସ୍ତଙ୍କର ଗ୍ରୁପ୍ ଫଟୋ ଉଠାଇ ରଖିଲା ।

ସେ ନଦୀ କୂଳରେ ପ୍ରାୟ ଅଧଘଣ୍ଟାଏ ବିତେଇ, ସେମାନେ ପୁଣି ଉଠାଣିରେ ଚଢିଚଢି ଆହୁରି ପନ୍ଦର ମିନଟ୍ ବୁଲିବୁଲି ବସ୍ ପାଖକୁ ଆସିଲେ । ଟୁର୍‌ର ପରବର୍ତ୍ତୀ ଆକର୍ଷଣ ଥିଲା ଟ୍ରଲି ଟ୍ରେନ୍ । ସେଥିପାଇଁ ବସ୍ ସେମାନଙ୍କୁ ଆଣି ସୁକସାକ ଷ୍ଟେସନ୍‌ରେ ଛାଡିଲା । ସେଇଠାରେ ଇଦା ସମସ୍ତଙ୍କୁ ଲଞ୍ଚ୍ ବକ୍ସ ଧରାଇଲା । ହେଲେ ସେ ଲଞ୍ଚ୍ ବକ୍ସରେ ଯାହା ସବୁ ଥିଲା, ସେସବୁ ନିରାମିଷାଶୀଙ୍କ ପାଇଁ ନୁହେଁ । ଅତଏବ ଆକାଶ ଓ ଅଜନ୍ତା ନଖାଇ ଆଡ୍‌ଜଷ୍ଟ କରିନେବାକୁ ସ୍ଥିରକଲେ । ହେଲେ ସେ ଷ୍ଟେସନ୍ ନିକଟରେ ଗୋଟିଏ ଦୋକାନ

ଥିଲା ଓ ସେ ଦୋକାନରେ ପାଉଁରୁଟି, ଆଇସ୍‌କ୍ରିମ୍ ଇତ୍ୟାଦି ମିଳୁଥିଲା । ଇଦା ଯାଇ ଆକାଶ ଓ ଅଜନ୍ତାଙ୍କ ପାଇଁ ଦୁଇଟି ପାଉଁରୁଟି କଣିଲା । ଆକାଶ ଯାଇ ସେମାନଙ୍କ ପାଇଁ ଆଇସ୍‌କ୍ରିମ୍ କଣିଆଣିଲେ । ଇଦା ଦେଇଥିବା ନିୟମ ମୁତାବକ, ସେମାନଙ୍କୁ ଟ୍ରେନ୍ ଭିତରେ ଖାଇବାକୁ ପଡିବ । ପ୍ରାୟ ଦଶମିନଟ୍ ପରେ ଟ୍ରେନ୍ ଆସିଲା । ସମସ୍ତେ ଟ୍ରେନରେ ବସିଲେ ଓ ନିଜନିଜର ଲଞ୍ଚ୍ ବାହାର କରି ଖାଇଲେ । ଟ୍ରେନ୍ ଗ୍ଭଲିଥାଏ । ଦୁଇପଟରୁ ଶୀତଳ ପବନ ଆସି ଦେହକୁ ଛୁଇଁ ଯାଉଥାଏ । ଦୁଇ ପଟରେ ଥାଏ ଜଙ୍ଗଲ, ପାହାଡ, ଜନବସତି ଓ ନଦୀ । ବଡ ଅଭୁଲା ସେ ଯାତ୍ରା । ଏହି ସମୟରେ ଇଦା ଆସି ପଗ୍ଭରିଲା, "ଏ କ୍ୟାପଟେନ୍ ଟୋପି ପିନ୍ଧି କଏ ଫଟୋ ଉଠାଇବାକୁ ଗ୍ଭହୁଁଛ ?"

ଯାତ୍ରୀମାନଙ୍କ ମଧ୍ୟରେ ଗ୍ଭରିଜଣ ଛୋଟ ପିଲା ଥିଲେ । ସେମାନେ ବଡ ଆଗ୍ରହୀ ହୋଇ ଟୋପି ପିନ୍ଧି ଫଟୋ ଉଠାଇଲେ । ତାପରେ ଅନେକ ବୟସ୍କ ମାନେ ମଧ୍ୟ ଟୋପି ପିନ୍ଧି ଫଟୋ ଉଠାଇଲେ । ଆକାଶ ଓ ଅଜନ୍ତା ମଧ୍ୟ ଟୋପି ପିନ୍ଧି ଫଟୋ ଉଠାଇଲେ । ଇଦା ଦେଇଥିବା ପାନୀୟ ଖୋଲି ପିଇବାବେଳକୁ ସେଇଟା ଥିଲା "ଗ୍ରିନ୍ ଟି" । "ଥୁ ଥୁ" କରି ଆକାଶ ମୁହଁଟାକୁ କମ୍ଭୁତାକାର କରିପକେଇଲେ । ତାଙ୍କ ମୁହଁ ଦେଖି ଅଜନ୍ତା ଆଉ ସେ ପାନୀୟକୁ ଖୋଲିଲାନି ଏବଂ ନିଜ ପର୍ସ ଭିତରେ ରଖିଥିବା ପାଣି ବୋତଲ ଖୋଲି ପାଣି ପିଇଲା ।

୧୨ଟା ୪୫ ବେଳକୁ ଟ୍ରଲି ଟ୍ରେନ୍ ଆସି "କାଜୁସା ଉଶିକୁ ଷ୍ଟିଟ୍' ରେ ପହଞ୍ଚିଗଲା । ସମସ୍ତେ ଟ୍ରେନ୍‌ରୁ ବାହାରି ବସ୍‌ରେ ବସିଲେ । ବସ୍ ଏବେ "କାସାମୋରି କାନ୍ନନ୍ ଟେମ୍ପ୍‌ଲ୍ ଅଭିମୁଖେ ଗ୍ଭଲିଲା ।

କାସାମୋରି କାନ୍ନନ୍ ମନ୍ଦିର ଗୋଟିଏ ଓ୍ୱାର୍ଲଡ୍ ହେରିଟେଜ୍ ସାଇଟ୍ । ମନ୍ଦିରଟି ପାହାଡର ଅନେକ ଉପରେ ଅବସ୍ଥାପିତ । ପାହାଚ ଉପରେ ଅତି କଷ୍ଟରେ ଗ୍ଭଲିଗ୍ଭଲି ସେମାନେ ମନ୍ଦିରର ପାଦଦେଶକୁ ଗଲେ । ମନ୍ଦିରଟି ଉପର ମହଲାରେ । ମନ୍ଦିରକୁ ଯିବାପାଇଁ ଆହୁରି ଅନେକ ପାହାଚ । ଜୋତା କାଢି ଯିବାକୁ ପଡିବ । ସେ ପାହାଚ ସବୁ ଅତି ସିଧା ହୋଇ ରହିଥାଏ ଓ ଚଢିବାକୁ ଭୟ ଲାଗୁଥାଏ । ତଥାପି ସାହସ କରି ଅଜନ୍ତା ଚଢିଲା । ମନ୍ଦିର ଭିତରେ ବୁଦ୍ଧଦେବଙ୍କର ମୂର୍ତ୍ତି । ସେ ସ୍ଥାନରେ ସମସ୍ତେ ମାନସିକ ରଖି ଲୁଗା ବାନ୍ଧିଥାନ୍ତି । ମନ୍ଦିର ଭିତରେ ପୂଜକ ଥିଲେ । ସିଏ ଜାପାନିଜ୍ ଭାଷାରେ ସେ ମନ୍ଦିର ବିଷୟରେ କଛି କହିଲେ । ଜାପାନିଜ୍ ବୁଝୁଥିବା କେତେଜଣ ଅତି ମୁଗ୍ଧ ହୋଇ, ଭକ୍ତିବିହ୍ୱଳ ହୋଇ ସେ

ପୂଜକଙ୍କ କଥା ଶୁଣୁଥାନ୍ତି । ଶେଷରେ ସେମାନେ ତାଙ୍କୁ ମୁଣ୍ଡ ନୁଆଁଇ ସମ୍ମାନ ଜଣେଇଲେ ଓ ବିଦାୟ ନେଲେ । ସେ ମନ୍ଦିରରୁ ତଳକୁ ଓହ୍ଲାଇବା ବି ଆହୁରି ଭୟର କାରଣ । କିଏ ଯଦି ଟିକେ ଅନ୍ୟମନସ୍କ ହୋଇ ରହିବ ତ, ସିଧା ତଳେ ପଡିଯିବ ।

ମନ୍ଦିର ପାଖରେ ଆହୁରି ଦୁଇଟି ପାର୍ଶ୍ୱ ମନ୍ଦିର ଥିଲା । ସେମାନେ ପାର୍ଶ୍ୱ ମନ୍ଦିର ମଧ ବୁଲିଲେ ଓ ତାପରେ ପ୍ରତ୍ୟାବର୍ତ୍ତନ କଲେ । ସତରେ ଏ ପାହାଡ ଉପରେ ଏମିତି ମନ୍ଦିର ଗଢିଥିବା ଲୋକମାନଙ୍କୁ ମନେମନେ ଧନ୍ୟବାଦ ଜଣାଉଥିଲା ଅଜନ୍ତା । ତାପରେ ଆସିଥିଲା ହୋଟେଲ୍ ମିକାଜୁକରେ ଉଷ୍ଣ ଝର ସ୍ନାନ । ମିକାଜୁକରେ କେବଳ ବସିବାର ଯୋଜନା କରିଥିଲା ଅଜନ୍ତା । ମେଧା କହିଲା, "ମୁଁ ତ ସୁଇମିଙ୍ଗ୍ ସୁଟ୍ ଆଣିନ । ମୁଁ ସେମିତି କେବଳ ବସି ରହିବି । ନହେଲେ ଯଦି ସେମାନେ ସୁଇମିଙ୍ଗ୍ ସୁଟ୍ ରେଣ୍ଟାଲ୍ ଦେଉଥିବେ ତ ତେବେ ପାଣି ଭିତରକୁ ଯିବି ।"

ଅଜନ୍ତା କହିଲା, "ମୋର ବି ଠିକ୍ ସେଇ ପ୍ଲାନ୍ ଅଛି । କିଛି ନହେଲେ ଆମେ ଦୁଇଜଣ ସାଙ୍ଗ ହୋଇ ହୋଟେଲ୍ ବୁଲି ଦେଖିବା ।"

ପ୍ରଶାନ୍ତ ମହାସାଗରକୁ ଲାଗି ହିଁ ଏ ହୋଟେଲ୍ ମିକାଜୁକ । ଏତେ ବଡ ହୋଟେଲ୍ ଯେ କେବଳ ଲୋକମାନଙ୍କ ସ୍ନାନ ନିମନ୍ତେ ନିର୍ମିତ ହୋଇଛି, ଭାବିଲେ ଆଶ୍ଚର୍ଯ୍ୟ ଲାଗେ । ବସ୍ ହୋଟେଲ୍ର ପ୍ରବେଶ ଦ୍ୱାର ନିକଟରେ ପହଞ୍ଚୁ ପହଞ୍ଚୁ ହୋଟେଲ୍ ତରଫରୁ ଦୁଇଜଣ ଗାଇଡ୍ ଆସି ପହଞ୍ଚିଗଲେ । ଜଣେ ପୁରୁଷ ଗାଇଡ୍ ସବୁ ପୁରୁଷଙ୍କୁ ତାଙ୍କୁ ଅନୁସରଣ କରିବାକୁ କହିଲା । ଜଣେ ସ୍ତ୍ରୀ ଲୋକ ସବୁ ନାରୀମାନଙ୍କୁ ତାଙ୍କୁ ଅନୁସରଣ କରିବାକୁ କହିଲା । ଟୁର୍ର ମୁଖ୍ୟ ଗାଇଡ୍ ଇଦା ନାରୀ ହୋଇଥିବାରୁ ନାରୀମାନଙ୍କ ସହିତ ଗଲା । ସିଏ ଇଂରାଜୀ ବୁଝୁଥିଲା । ଅଜନ୍ତା ତାକୁ ପଚାରିଲା, "ଆମକୁ ଏବେ କଣ କରିବାକୁ ହେବ ?"

ଇଦା ଉତ୍ତରରେ କହିଲା, "କିଛି ବ୍ୟସ୍ତ ହୁଅନି । ମୁଁ ତ ତମମାନଙ୍କ ସହିତ ରହିବି । ତେଣୁ ତମେ ସମସ୍ତେ ମୋ ସହିତ ଥାଅ । ଆମେ ସମସ୍ତେ ସେ ହୋଟେଲ୍ର ଗାଇଡ୍କୁ ଅନୁସରଣ କରିବା ।"

ହୋଟେଲ୍ର ଗାଇଡ୍ ଜାପାନିଜ୍ ଭାଷାରେ କହୁଥାଏ । ତେଣୁ କିଛି ବୁଝି ହେଉନଥାଏ । ସେମାନେ ସମସ୍ତେ ହୋଟେଲ୍ ଭିତରେ ପଶିଲେ । ବଡ ସୁନ୍ଦର ଭାବେ ସଜ୍ଜିତ ପ୍ରବେଶ ଦ୍ୱାର। ହୋଟେଲ୍ ଗାଇଡ୍ କହିଲା, "ସମସ୍ତେ ଏବେ ଜୋତା ଲକରରେ ରଖ", କାରଣ ବିନା

ଜୋତାରେ ଉପରକୁ ଯିବାକୁ ପଡିବ । ଜୋତା ଲକରରେ ରଖିବା ପାଇଁ ୧୦୦ ୟେନ୍ ଦେବାକୁ ପଡିବ । ଅଜନ୍ତା ନିଜ ଜୋତା ଆକାଶଙ୍କ ଲକରରେ ରଖିଦେଲା । ସମସ୍ତଙ୍କୁ ଆଉ ଗୋଟିଏ ଗୋଟିଏ ଲକ୍ ଦିଆ ଯାଇଥିଲା ଉପର ମହଲା ପାଇଁ । ତାପରେ ସୁଇମିଙ୍ଗ୍ ଗାଉନ୍ ସଂଗ୍ରହ କରି ସେମାନେ ସମସ୍ତେ ଏଲିଭେଟରରେ ଦ୍ୱିତୀୟ ମହଲାକୁ ଆସିଲେ । ଦ୍ୱିତୀୟ ମହଲାର ପ୍ରବେଶ ଦ୍ୱାରରେ ତଉଲିଆ ଓ ସାୱାର୍ କ୍ୟାପ୍ ସଂଗ୍ରହ କଲେ । ଇଦା କହିଲା, "ଏବେ ସମସ୍ତେ ନିଜନିଜର ଲକର୍‌କୁ ଠାବ କର । ସେ ଲକରରେ ନିଜର ପିନ୍ଧାବସ୍ତ୍ର ରଖି ସୁଇମିଙ୍ଗ୍ ଗାଉନ୍ ପିନ୍ଧ । ସୁଇମିଙ୍ଗ୍ ଗାଉନ୍ ପିନ୍ଧି ତୁମେମାନେ ଏ ସ୍ଥାନରେ ଚଳପ୍ରଚଳ କରିବ । ତେବେ ଯେଉଁମାନେ "ସୂବର୍ଣ୍ଣ ସ୍ନାନ", "ରୌପ୍ୟ ସ୍ନାନ" କ ଉଷ୍ଣ ପୋଖରୀ ସ୍ନାନ କରିବ, ସମସ୍ତଙ୍କୁ ସେ କୋଠରିର ପ୍ରବେଶ ଦ୍ୱାରରେ ଏ ସୁଇମିଙ୍ଗ୍ ଗାଉନ୍ ତ୍ୟାଗ କରି ସଂପୂର୍ଣ୍ଣ ନଗ୍ନ ହୋଇ ଯିବାକୁ ପଡିବ ।

ଅଜନ୍ତା ଓ ମେଧା ଆସି ନିଜ ନିଜର ଲକରରେ ପିନ୍ଧା ବସ୍ତ୍ର ରଖିଦେଲେ । ସୁଇମିଙ୍ଗ୍ ଗାଉନ୍ ପିନ୍ଧି ସେମାନେ ତାପରେ ଉଷ୍ଣ ଝର ସ୍ନାନ କୋଠରି ଆଡକୁ ଗଲେ । ସେଠି ଅନେକ ସ୍ତ୍ରୀ ଲୋକ ସବୁ ସେମିତି ନଗ୍ନ ହୋଇ ବୁଲୁଥାନ୍ତି । କେତେକ ନଗ୍ନ ହୋଇ ଗାଧୁଆ ଘରେ ଗାଧୋଉଥାନ୍ତି ଓ ଆଉ କେତେକ ବିଭିନ୍ନ ରକମର ଉଷ୍ଣ ଝରରେ ପହଁରୁଥାନ୍ତି ।

ଟୁରରେ ଆସିଥିବା ଅନ୍ୟ ସ୍ତ୍ରୀ ଲୋକମାନେ ବି ସମସ୍ତେ ସେମିତି ବିବ୍ରତ ହୋଇ ପରସ୍ପରକୁ ଗ୍ୱହୁଁଥାନ୍ତି । ଉଲଗ୍ନ ହେବେ କ ନା, ସିଏ ଏକ ବଡ ଦ୍ୱନ୍ଦ୍ୱ ବିଗ୍ୱର । ତେବେ, ସେ ସ୍ଥାନରେ ସମସ୍ତେ ନାରୀ । କଡାକଡି ଭ୍ୱବେ ଫଟୋ, ଭିଡିଓ ବନ୍ଦ କରାଯାଇଥାଏ । କେହି ତ ଜଛି ଭିତରକୁ ନେଇପାରିବେନି କେବଳ ନିଜ ଛଡା; ଆଉ ଫଟୋ, ଭିଡିଓ କଥା ଉଠୁଛି କେଉଁଠି?

ମେଧା ଓ ଅଜନ୍ତା ଏମିତି ଚକିତ ହୋଇ ରହିଥିବା ବେଳେ, ସେମାନଙ୍କ ସହିତ ଆସିଥିବା ବୟସ୍କ ମହିଳା ଜଣେ ହଠାତ୍ ନିଜ ସୁଇମିଙ୍ଗ୍ ଗାଉନ୍ କାଢି ରଖିଦେଲେ ଓ ଗାଧୁଆ ଘରେ ଧୋଇ ହୋଇ, ରୌପ୍ୟ ସ୍ନାନକୁଣ୍ଡର ପ୍ରବେଶ କଲେ । ମେଧା କହିଲା, "ଆମକୁ ତ ଜମା ଘଣ୍ଟାଏ ଦିଆ ଯାଇଛି, ଗ୍ୱଲ ତେବେ ଆମେ ସେ ସୁଯୋଗ ନେବା । ଏ ସ୍ନାନ ପାଇଁ ବି ଆମ ଟୁର୍ ସେମାନଙ୍କୁ ଆମମାନଙ୍କ ପାଇଁ ଅର୍ଥ ଦେଇଛି ।"

ଆଉ ଜଣେ ଗ୍ୱଇନାରୁ ଆସିଥିବା ମହିଳା ମଧ୍ୟ ସେମିତି ଉଲଗ୍ନ ହୋଇ ଯାଇ ସୂବର୍ଣ୍ଣ କୁଣ୍ଡର ପଶିଗଲେ । ମେଧା ତାଙ୍କ ଦେଖାଦେଖି ଉଲଗ୍ନ ହୋଇପଡିଲା ଓ କଡରେ ଥିବା ଛୋଟ

ଗୋଲ୍‌କାର ଜଳକୁଣ୍ଡ ଭିତରେ ଯାଇ ପଶିଗଲ୍ । ସେମାନଙ୍କ ଟୁର୍‌ର ଲୋକଙ୍କ ବ୍ୟତିରେକ ସେଠାରେ ଅନ୍ୟ ସ୍ତ୍ରୀ ଲୋକମାନେ ବି ଥାଆନ୍ତି ଓ ସେ ଉଷ୍ଣ କୁଣ୍ଡର ଗାଧୋଉଥାଆନ୍ତି । ଅଜନ୍ତା ସ୍ଥାଣୁ ପାଲଟି କଛି ସମୟ ଠିଆହେଲ୍ । ତାପରେ ଆଉ କାହାକୁ ଗୃହିଁଲ୍‌ନ । ଯନ୍ତ୍ରବତ୍ ପିନ୍ଧିଥିବା ସୁଇମିଙ୍ଗ୍ ଗାଉନ୍‌କୁ କାଢିଲ୍ ଓ ଯାଇ ଗାଧୁଆ ଘରେ ପ୍ରଥମେ ଗାଧୋଇଲ୍ । ସେ ସମୟ ଭିତରେ ସୁବର୍ଣ୍ଣ ସ୍ନାନ କୁଠ ଫାଙ୍କା ହୋଇଯାଇଥିଲ୍ । ଅଜନ୍ତା ଯାଇ ସେ ସୁବର୍ଣ୍ଣ ସ୍ନାନ କୁଣ୍ଡର ପଶିଲ୍ । ଦେହ ପୋଡି ଯାଉଥାଏ । ତଥାପି ଭଲ ଲ୍ଗୁଥାଏ । କଛି ସମୟ ପରେ ରୌପ୍ୟ ସ୍ନାନକୁଣ୍ଡ ଖାଲି ହୋଇଗଲ୍ । ଅଜନ୍ତା ସୁବର୍ଣ୍ଣ ସ୍ନାନକୁଣ୍ଡ ମଧ୍ୟରୁ ବାହାରି ରୌପ୍ୟ ସ୍ନାନକୁଣ୍ଡର ପଶି କଛି ସମୟ ଧ୍ୟାନମଗ୍ନ ହେଲ୍ । ମନର ସବୁ ବିକାର, ସବୁ ଚନ୍ତା କେମିତି ଉଭେନ ହୋଇଗଲ୍ । କେବଳ ରହିଥିଲ୍ ଏକ ଅନୁଭବ, ମୁକ୍ତ ହେବାର ଅନୁଭବ । କଏ କଣ ଭ୍ବିବ, ସେଥିପ୍ରତି ଧ୍ୟାନ ନ ରଖିବାର ଅନୁଭବ । ନଜ ଭିତରେ ନଜେ ମଜ୍ଜି ରହିବାର ଅନୁଭବ ।

କଛି ସମୟ ସୁବର୍ଣ୍ଣ ସ୍ନାନକୁଣ୍ଡର ବିତାଇ ଅଜନ୍ତା ଯାଇ ଟିକେ ବଡ ଆକାର ଥିବା ପୋଖରୀରେ ଏମୁଠରୁ ସେମୁଠ ପହଁରିଲ୍ । ପୋଖରୀ ପାଣିର ତାପମାତ୍ରା ଟିକେ କମ୍ ଥିଲ୍। ଏହି ସମୟରେ ଇଦା କେଉଁଠି ଥିଲ୍ ଆସି ପହଞ୍ଚିଲ୍ । ପଗ୍ଋରିଲ୍, "କଣ ଭଲ ଲ୍ଗୁଛି ?"

ଅଜନ୍ତା କହିଲ୍, "ହଁ, ଇଏ ଏକ ନୂଆ ଅନୁଭବ ।"

ଇଦା କହିଲ୍, "ଜାଣିଛ, ଏ ସ୍ନାନ କୁଣ୍ଡର ଓ ସ୍ନାନ ପୋଖରୀରେ ସ୍ନାନ କରିବା ପରେ ଚର୍ମରେ ଏକ ସୁନ୍ଦର ଜାଗରଣ ଆସେ, ଚମକ ଆସେ । ଏ ଜଳ ସେମିତି ଭ୍ବେ ପ୍ରସ୍ତୁତ କରାଯାଇଛି ।"

ଇଦା ତାପରେ ଗ୍ଋଲିଗଲ୍ । ପ୍ରଶାନ୍ତ ମହାସାଗର ଦିଶୁଥାଏ । ବାସ୍ତବରେ ପ୍ରଶାନ୍ତ ମହାସାଗର ଓ ସ୍ନାନ ପୋଖରୀକୁ ଭ୍ଗ କରିଥାଏ ଏକ କାଚର କାନ୍ଥ ।

ମଣିଷ କଣ ଆବିଷ୍କାର ନ କରିଛି ସତେ ? ଉଷ୍ଣ ସ୍ନାନର ଏ ଅନୁଭୂତି ଏକ ଅନନ୍ୟ ଅନୁଭୂତି, ବିରଳ ଅନୁଭୂତି ।

ସେ ସ୍ନାନକୁ ସୌଭ୍ଗ୍ୟ ସ୍ନାନ କୁହାଯାଉଥିଲ୍ । କ ସୌଭ୍ଗ୍ୟ ଆସିବ କେଜାଣି ? ତେବେ ମୁକ୍ତିର ଏ ଯେଉଁ ଅନୁଭବ ଆସିଲ୍, ସେ ଅନୁଭବ ସ୍ୱର୍ଗୀୟ ଥିଲ୍ ।

ଏମିତି କିଛି ସମୟ ପହଁରିସାରିବା ପରେ ସେମାନେ ପୁଣି ନିଜ ବସ୍ତ୍ର ପରିଧାନ କରି ପ୍ରବେଶ ଦ୍ୱାର ନିକଟକୁ ଆସିଲେ । ସେଠି ଲକର୍‌ରୁ ଜୋତା ସଂଗ୍ରହ କରି ଓ ଲକ୍ ଡିପୋଜିଟ୍ କରି ବସ୍ ପାଇଁ ଅପେକ୍ଷା କରି ବସିରହିଲେ ।

ଆକାଶ ଫେରିବା ପରେ ପଚ୍ଚାରିଲେ, "ତୁ କଣ ଗାଧୋଇବାକୁ ଗଲୁ ନା ବସି ରହିଲୁ ?"

ଅଜନ୍ତା ଉତ୍ତରଦେଲା, "ମୁଁ ଗଲି ।"

"ତୁ ଗଲୁ, ମାନେ ବିନା ବସ୍ତ୍ରରେ । ବସ୍ତ୍ର ପିନ୍ଧି ଯିବାକୁ ତ ଅନୁମତି ନଥିଲା ।" - ଆକାଶ ଚମକପଡିଲେ ।

"ହଁ, ମୁଁ ଗଲି, ବିନା ବସ୍ତ୍ରରେ ।" - ଏକ ବନ୍ଧନହୀନ, ମୁକ୍ତ ହୃଦୟରୁ ଏ ସ୍ୱର ବାହାର କରି ଅଜନ୍ତା ଜବାବଦେଲା ।

ଆକାଶ ଆଖି ଫାଡି ଚ୍ଚାହିଁ ରହିଲେ ।

ରଦରଫୋର୍ଡ ୱେ, ଡେଟନ୍, ମେରୀଲାଣ୍ଡ,
ଯୁକ୍ତରାଷ୍ଟ୍ର ଆମେରିକା

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅନେକ ବେଳରୁ ଛିଡା ହୋଇଛି



କାଳକଙ୍କର

ଅନେକ ବେଳରୁ ଛିଡା ହୋଇଛି
ଏଇଠି
କେତେ ଲୋକ ଆସିଲେ ଓ ଗଲେ
ଆଗ କରି ପଛ କରି
କାହାର ବେଳ ଅଛି ଯେ ଦଣ୍ଡେ ହୋଇ ଛିଡା
ପଗ୍ଭରନ୍ତେ
ସୁଖ ଦୁଃଖ ଭଲମନ୍ଦ ଏହି ପୃଥିବୀର
ଆପଣେ ଆପଣେ ଛନ୍ଦି ଏମାନେ ଯେ ଘୂର୍ଣ୍ଣିବଳୟ
କେତେବେଳେ କେଉଁଦିଗ ପୁଣି କେତେଦୂର
ମଶାଣିକୁ କହିଥିଲି ଗତକାଲି
ତୁ ଅଟକଯା କଛି ସମୟ
ସମସ୍ତେ ସମବେତ ହେଲେ
ଗାଇବା ଏକସ୍ୱର ଆଦ୍ୟ ସଂଗୀତ
ତୋଳବା ପ୍ରଥମ ବେଦଧ୍ୱନୀ
ଏଇଠି ।।

ଅନେକ ବେଳରୁ ସୂର୍ଯ୍ୟ ଉଇଁଲେଣି
ଏଇଠି
ସମସ୍ତେ ଯାଉଛନ୍ତି ଆସୁଛନ୍ତି
ନାହିଁ କାହାର ସାମାନ୍ୟ କୃତଜ୍ଞତା

ଯିଏ ଆଖି ଆଗରେ ଲମ୍ବାଇ ଦେଇଛି
ଯୋଜନ ଯୋଜନ ଆଲୋକ
ସୁଖର ଫୁଲ ଫୁଟୁଥାଏ ନାନାରଂଗେ
ସୁରଭିତ ହେଉଥାଏ ଚଉଦିଗ
କଣ୍ଠରେ କୋଇଲି ନଏ ବସନ୍ତରେ ଗୀତ
ଗଛରେ ଆମ୍ବ, ଜାମୁ, ପଣସ, ନଡିଆ
କେତେଜାତି ପତ୍ର ଫୁଲ ଫଳ
ସେ ସ୍ଥିର ସବୁବେଳେ
ଅଚଂଚଳ ଅବିରଳ ଛଳଛଳ
କଳକଳ, କେତେ କଳଗୁଳ ମଣିଷର
ନିଃସ୍ତବ୍ଧ ଏ ଉପତ୍ୟକା ଧରଣୀର
ନଇକୂଳେ ସଭ୍ୟ ମଣିଷର କେତେ ଯେ ସହର
କେତେ ଶସ୍ୟକ୍ଷେତ୍ର ସୁଶ୍ୟାମଳ ସୁଜଳା ସୁଫଳା
ଜହ୍ନର ଜନ୍ମଦିନ
ହେ ପରମେଶ୍ୱର
ଆସିଗଲ ଭଲକଲ
କଛିକ୍ଷଣ ଛିଡାହୁଅ ମୋ ସହ
ଏଇଠି ।।

ବାଟ ଛିଡ୍ନିବା
ମଣିଷ ଚଢ୍ନିବା
ଏଇଠି ।।

ଅଧ୍ୟକ୍ଷ, ଡଃ ଦେବମହାନ୍ତି ପବ୍ଲିକ ସ୍କୁଲ,
ଖଣ୍ଡସାହି, ନଷ୍ଟିନ୍ତକୋଇଲି, କଟକ

# ଧୃତରାଷ୍ଟ୍ରଙ୍କ ଶୋଚନା



ବ୍ରଜନାରାୟଣ ପାଣିଗ୍ରାହୀ

ବାବୁରେ...! ଧନରେ...!!
ଆରେ ମୋର ନୟନର ମଣି,
ଆରେ ମୋର କୋଟିନିଧି ଉଆଁସୀ ଜୋଛନା !
ତୁ ପରା ଏ ହତଭାଗ୍ୟ ଅନ୍ଧ ଏକ ପୌରୁଷର ଅମ୍ଳାନ ସ୍ୱାକ୍ଷର !
ହାତରେ ଶଙ୍ଖ ନିଧି ପଦ୍ମ ନିଧି ନେଇ,
ତୁ ଯେବେ ଭୂମିଷ୍ଠ ହୋଇଲୁ
ଲକ୍ଷେ ଚନ୍ଦ୍ର ଉଦିଆରେ ଚକ୍ଷୁ ମୋର ଝଲସିଲା
ସତେ ଅବା ସରଗଟା ମୋ ହାତରେ ଟେକି ଦେଲା
ସର୍ବ ଶ୍ରେଷ୍ଠ ଉପହାର ସ୍ରଷ୍ଟାର ସମ୍ମାନ !!!
ମୋ ସୃଷ୍ଟିର ସବୁକଛି ଗୌରବ ଗାରିମା ନେଇ
ଆସିଲୁ ତୁ ଏ ସ୍ନେହାନ୍ଧ - ଜନ୍ମାନ୍ଧ କୋଳକରି,
ତୋ ସ୍ୱର୍ଶରେ ତୋ ଗୃଲିରେ
ପାଇଥିଲି ଭିନ୍ନ ଏକ ନୂତନ ଜୀବନ
ଲକ୍ଷେ ପଦ୍ମ ଫୁଟେ ପରା ତୋ ଗୃଲିରେ !!
ଶୁଣିଛି ବି ଅନେକ ମୁଖରୁ
ଏତେ ସବୁ ପରେ ବାବୁ କାହିଁକି ତୋ ଅଭିମାନ
ଆରେ ମୋର ସୁଯୋଧନ ଗଣ୍ଠିଧନ
ମୋ କୁଳର ଗୌରବ କେତନ !!!
ଅନ୍ଧ ପିତାମାତାଙ୍କ ସସ୍ନେହ ଆଶିଷ ଭରା
ତୋ ଦେହରେ ଅଭୟ କବଚ,

ତଥାପି କାହିଁକି କହ ଛାତି ଥରେ ମୋର ଅଜାଣତେ
ଅଶୁଭ ସ୍ୱପ୍ନରେ ନିତି ହୁଏ ଆତଙ୍କିତ
କହିବାକୁ ଚାହିଁଛି ମୁଁ ବହୁବାର
ମୋ କଥା ମୁଁ କହି ପାରେନାହିଁ
ମୋ କୋଳକୁ ଯେବେ ଆସୁ ବାପା ବାପା ବାକ
ଅନ୍ତରର କଥା ମୋର ଓଠ ପାଖୁ ଫେରି ଯାଏ
ତୋତେ ପାଖେ ପାଇ ଗଲେ ସବୁକିଛି ଭୁଲ ହୋଇଯାଏ ।।
ଭୁଲିଯାଏଁ କହିବାକୁ ଯାହାଥିଲା,
ତୋ ପାଇଁ ମୋ ଯାହା ପରାମର୍ଶ
ତୋ ଯୋଜନା ଗତିବିଧି ତଳେ
ସେକଥା ତୁ ବୁଝିବୁକି ନାହିଁ **??**
ତଥାପି ବୁଝେନା ମନ ବ୍ୟସ୍ତ ହୁଏଁ, ହୁଏ ମୁଁ ଅଥୟ
ମୁଁ ଶୁଣିଛି ଯେଉଁ ପଥ ବାଛି ନେଲୁ
ମନ୍ତ୍ରୀ-ଉପଦେଷ୍ଟାଙ୍କର ବୃଥା ଆସ୍ଫାଳନେ,
ଗୁରୁ-ଗୁରୁଜନ ଛାଡି ସେମାନଙ୍କୁ ଭାବିଛୁ ନିଜର **?**
ଅଜ୍ଞାତ ନାୟକ ଏଠି ବଳୀୟାନ, ସବୁ ତାର ଖେଳ;
ଉଦୟ ଭାନୁଙ୍କ ପାଇଁ ଅସ୍ତରାଗ ଆଙ୍କିଛି ଗୋପନେ,
ସତ୍ୟ-ନ୍ୟାୟ-ଧର୍ମର ତ ସଦା ଜୟ ଚିରନ୍ତନୀ ଗାଥା
ଫେରିଆ...ଫେରିଆ ବାବୁ **!** ରକ୍ତର ଆହ୍ୱାନ ଶୁଣ,
ଶୁଣ ଥରେ କାନ ଡେରି ବିବେକର ବାଣୀ;
ଏବେ ବି ସମୟ ଅଛି ଶାନ୍ତିର ସନ୍ଦେଶ ତୋଳ,
ସହାବସ୍ଥାନର ନୀତି ନିଅ ଆପଣେଇ
ଯଥା ଧର୍ମ ତଥା ଜୟ
ଭୁଲ ନାହିଁ ବାବୁ ଭୁଲ ନାହିଁ...**!!!**

ମଧୁବନ, ବାଲିଆପାଳ, ବାଲେଶ୍ୱର

# ସତ୍ୟର ସନ୍ଧାନ



ବରଦା ପ୍ରସନ୍ନ ଦାସ

**(ସତ୍ୟର ସନ୍ଧାନ ହେଉଛି ଲେଖକ ଶ୍ରୀ ବରଦା ପ୍ରସନ୍ନ ଦାସଙ୍କ ଦ୍ୱାରା ଲିଖିତ ଏକ ସଂପୂର୍ଣ୍ଣ ଭିନ୍ନ ଧରଣର ରଚନା । ଆଜିର ମଣିଷ ମନରେ ଆସୁଥିବା ଅନେକ ପ୍ରକାରର ପ୍ରଶ୍ନର ଉତ୍ତର ଅନେକ ବିଜ୍ଞ ଏବଂ ଜ୍ଞାନୀ ବ୍ୟକ୍ତିମାନଙ୍କଠାରୁ ସାକ୍ଷାତକାର ମାଧ୍ୟମରେ ସଂଗୃହୀତ ହୋଇଥିବା ତଥ୍ୟକୁ ଲେଖକ ବ୍ୟକ୍ତ କରିଛନ୍ତି ପୁସ୍ତକ (ସତ୍ୟର ସନ୍ଧାନ) ମାଧ୍ୟମରେ ।)**

## ପ୍ରଶ୍ନ - ୧୨ : ପରଲୋକଗତ ପିତୃପୁରୁଷଙ୍କୁ ସେମାନଙ୍କ ଦାୟାଦ ହିସାବରେ ଶ୍ରାଦ୍ଧ ଦେବା ଆପଣ କେତେଦୂର ସମୀଚୀନ ମଣନ୍ତି?

**-ଉତ୍ତର-**

- ପିତୃ ପୁରୁଷଙ୍କୁ ସ୍ମରଣ କରି ସେମାନଙ୍କ ପଦାଙ୍କ ଅନୁସରଣ କରିବା ଭାରତର ହିନ୍ଦୁ ସମାଜରେ ବହୁକାଳରୁ ପ୍ରଚଳିତ ହେଉଛି । ପ୍ରାଚୀନ ରାଜାମାନେ କୌଣସି ଦାନ ଦେଲାବେଳେ ତାମ୍ର ଶାସନରେ ଲେଖିଥାନ୍ତି - "ମାତା ପିତୃ ପାଦାନୁଧ୍ୟାତଃ" । ହିନ୍ଦୁ ସଂସ୍କୃତିର ଏହା ଏକ ଶ୍ରେଷ୍ଠ ଅବଦାନ କହିଲେ ଚଳେ ।

**[ପଦ୍ମଶ୍ରୀ ଡ. ସତ୍ୟନାରାୟଣ ରାଜଗୁରୁ]**

- ଆମ ପିତାମାତାଙ୍କ ଜୀବିତାବସ୍ଥାରେ ସେମାନଙ୍କ ସେବା, ଶୁଶ୍ରୂଷା ଓ ଯତ୍ନ ଯଥାଶକ୍ତି ନେଇଛୁ । ସେମାନଙ୍କ ଆଚରିତ ଧର୍ମ ଓ ଜୀବନାଦର୍ଶ ପାଳନ କରିଛୁ । ତେଣୁ ପରଲୋକଗତ ପିତୃ ପୁରୁଷଙ୍କୁ ଶ୍ରାଦ୍ଧ ଦେବା କାହିଁକି? ଅଥଚ ପ୍ରତିଦିନ ଶରଣ ଦର୍ଶନ କାଳରେ ସେମାନଙ୍କର ଆତ୍ମାର ସଦଗତି ନିମନ୍ତେ ସାନ୍ଧ୍ୟ ଓ ପ୍ରାତଃ ବ୍ରାହ୍ମ

ମୁହୂର୍ତ୍ତରେ ପ୍ରଭୁପାଦରେ ଆମେ ପ୍ରାର୍ଥନା କରୁ । ତେଣୁ ପିଣ୍ଡଦାନ, ଶ୍ରାଦ୍ଧ, ତର୍ପଣାଦି ମହିମା ଧର୍ମରେ ନଷିଦ୍ଧ ।

[ପ୍ରଫେସର ଶତ୍ରୁଘ୍ନ ନାଥ]

- ମୁଁ ପରମ୍ପରାକୁ ଅନୁସରଣ କରେ ।

[ଡ. ସଚ୍ଚି ରାଉତରାୟ]

- ଦାୟାଦମାନେ ଶୁଦ୍ଧି ଶ୍ରାଦ୍ଧ କରିବା ହିନ୍ଦୁ ଧର୍ମାଚରଣର ଅଂଶ ବିଶେଷ । ମଣିଷ କେବଳ ହେତୁବାଦ ଦ୍ୱାରା ପ୍ରଭାବିତ ହୁଏନାହିଁ । ତା' ଜୀବନରେ ପରମ୍ପରାର ପ୍ରଭାବ ମଧ୍ୟ ରହିଛି ।

[ଡ. ଶ୍ରୀରାମ ଚନ୍ଦ୍ର ଦାଶ]

- ସେମାନଙ୍କୁ ମନେ ପକାଇବା ଯଦି ଠିକ୍, ପିଣ୍ଡ ଦେବା ମଧ୍ୟ ଠିକ୍ । ସ୍ୱାମୀ ନଗମାନନ୍ଦଙ୍କ ଜୀବନରେ ଥିବା ଗୋଟିଏ ଘଟଣା ଏ ସମ୍ପର୍କରେ ପଠନୀୟ- ଏହା ଅନୁଭୂତିସିଦ୍ଧ ।

[ଅଧ୍ୟାପକ ଗୌରୀକୁମାର ବ୍ରହ୍ମା]

- ମୋ ମତରେ ଏବଂ ବେଦ ଓ ଉପନଷଦ ମତରେ ଏହା ଆଦୌ ସମୀଚୀନ ନୁହେଁ ।

[ଜଷ୍ଟିସ୍ ନବକୁମାର ଦାସ]

- ବିଲକୁଲ୍ ନୁହେଁ । ସେମାନଙ୍କୁ ମନେ କରିବା ଏବଂ ସେମାନଙ୍କ ଦ୍ୱାରା ଅନୁପ୍ରାଣିତ ହେଲେ ଯଥେଷ୍ଟ ।

[ପ୍ରଫେସର ରାଧାନାଥ ରଥ]

- ଗୋତ୍ର ଯେମିତି ନର୍ଦ୍ଦିଷ୍ଟ କୌଣସି Gene ରେ Continuity ଘୋଷଣା କରେ, ଶ୍ରାଦ୍ଧ ସେମିତି ପୂର୍ବ ପୁରୁଷଙ୍କ ସହିତ ଆମର ସଂଯୋଗକୁ ଦୃଢ଼ତର କରେ । ମୁଁ ଭାବେ ଏହା ସାମାଜିକ ବିଭିନ୍ନତା ଭାବର ପରିପନ୍ଥୀ - ତେଣୁ ଏହା ଗ୍ରହଣୀୟ ।

[ନାଟ୍ୟକାର ମନୋରଞ୍ଜନ ଦାସ]

- ମୁଁ ଏହା ଅତି ସମୀଚୀନ ମନେକରେ । ପରଲୋକଗତ ପିତୃ ପୁରୁଷ ନଜର ଦାୟାଦଠାରୁ ଶ୍ରାଦ୍ଧ ଅପେକ୍ଷାରେ ରହନ୍ତି । ତାଙ୍କର ମୃତାହ ଦିବସରେ ଦାୟାଦ ଘରେ ଉପସ୍ଥିତ ହୁଅନ୍ତି । ଶ୍ରାଦ୍ଧ ପିଣ୍ଡ ପାଇଲେ ତୃପ୍ତ ହୁଅନ୍ତି, ନଚେତ୍ ଅସନ୍ତୋଷରେ

ଅଭିଶାପ ଦେଇ ଫେରିଯାଆନ୍ତି । ଶ୍ରାଦ୍ଧର ଦ୍ରବ୍ୟସାର ସୂର୍ଯ୍ୟ କରଣ ମାଧ୍ୟମରେ ପିତୃଙ୍କଠାରେ ପହଞ୍ଚେ । ପିତୃ ଯେଉଁଠାରେ ଯେଉଁ ରୂପରେ ଥାଆନ୍ତି, ତାଙ୍କ ନକଟରେ ପହଞ୍ଚେ, ସେଥିପାଇଁ ସୂର୍ଯ୍ୟଙ୍କ ନାମ ଅର୍ଯ୍ୟମା ପିତୃଣାମର୍ଯ୍ୟ ମାସ୍ମି - ପିତୃଙ୍କ ପାଇଁ ସେ ଅର୍ଯ୍ୟମା ନାମ ଧାରଣ କରିଛନ୍ତି, ଯେ କ ନଜ କରଣକୁ ପିତୃଙ୍କ ଉପରେ ପକାନ୍ତି ଓ କରଣ ମାଧ୍ୟମରେ ଶ୍ରାଦ୍ଧୀୟ ଦ୍ରବ୍ୟମାନଙ୍କର ସାଗ୍ଂଶକୁ ପିତୃଙ୍କଠାରେ ପହଞ୍ଚାନ୍ତି । ପିତୃଲୋକ ଜନ୍ମାନ୍ତର ଗ୍ରହଣ କରି ଯେଉଁ ଅବସ୍ଥାରେ ଥାଆନ୍ତୁ ନା କାହିଁକ, ସେହିଠାରେ ପହଞ୍ଚାନ୍ତି ।

[ପଣ୍ଡିତ ଶ୍ରୀଯୁକ୍ତ ସୋମନାଥ ଦାଶ ଶର୍ମା]

- 'ଶ୍ରଦ୍ଧା' ଶବ୍ଦଟିରୁ 'ଶ୍ରାଦ୍ଧ' ନଷ୍ପନ୍ନ ହୋଇଆସିଛି ।

[ଅଧ୍ୟାପକ ଚତ୍ତରଞ୍ଜନ ଦାସ]

- ଯାହା ଆଗରୁ କହିଛି, କର୍ମକାଣ୍ଡର ନୀତିନିୟମ ପ୍ରତି ମୋର କୌଣସି ଆଗ୍ରହ ନାହିଁ, କାରଣ ତାହା ମୋତେ ଔପଗ୍ଭରିକ ଓ ଯାନ୍ତ୍ରିକ ବୋଲି ମନେହୁଏ । ତେବେ ପିତାମାତାଙ୍କ ସ୍ମୃତିଗ୍ଭରଣ ଅତି ମୂଲ୍ୟବାନ ମୋ ପାଇଁ । ତେଣୁ ମୁଁ ମଧ୍ୟ ଶ୍ରାଦ୍ଧ କ୍ରିୟାର ଉପଗ୍ଭର କରିଆସିଛି । ସେହି ସଂସ୍କାରଗତ ଅନୁଷ୍ଠାନ ମାଧ୍ୟମରେ ସେମାନଙ୍କୁ ମନେପକାଇ ସେମାନଙ୍କ ପ୍ରତି ଶ୍ରଦ୍ଧା ଓ ଭକ୍ତି ଜଣାଇବା ଲାଗି ହୁଏତ ଅନ୍ୟ କେଉଁ ମାଧ୍ୟମ ଗ୍ରହଣ କରିନେଇ ପାରିଥାଆନ୍ତି । କନ୍ତୁ ମୁଁ ସଂସ୍କାରର ବିରୁଦ୍ଧାଚରଣ କରିବାକୁ ଗ୍ଭହିଁଲି ନାହିଁ ଏ କ୍ଷେତ୍ରରେ ।

[କଶୋରୀ ଚରଣ ଦାସ]

- ମୋ ମତରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଶ୍ରାଦ୍ଧ ଦାନ କରିବାର ଗୋଟିଏ ତାତ୍ପର୍ଯ୍ୟ ହେଉଛି, ବର୍ଷକ ମଧ୍ୟରେ ଦିନେ ପବିତ୍ର ମନରେ ସେମାନଙ୍କୁ ସ୍ମରଣ କରିବା ଲାଗି ସୁଯୋଗ ମିଳଥାଏ । ତାତ୍ତ୍ୱିକ ଦୃଷ୍ଟିରୁ ତାହାର ଯଥାର୍ଥତା ରହିଛି ।

[ଡ. ମନ୍ମଥ ନାଥ ଦାସ]

- ପୂର୍ଣ୍ଣ ଭାବରେ କରଣୀୟ ।

[ଜଷ୍ଟିସ୍ ରଙ୍ଗନାଥ ମିଶ୍ର]

- ସେମାନଙ୍କୁ ଶ୍ରଦ୍ଧାର ସହିତ ସ୍ମରଣ କରିବା ପାଇଁ ଏହା ଏକ ସୁପ୍ରଚଳତ ପ୍ରଥା ।

[ଶ୍ରୀଯୁକ୍ତ ଜାନକୀ ବଲ୍ଲଭ ପଟ୍ଟନାୟକ]

- ଶ୍ରଦ୍ଧାରୁ ଶ୍ରାଦ୍ଧ । ସ୍ମୃତିକୁ ସାଇତି ରଖିବା ପାଇଁ ବୁଦ୍ଧିଜୀବୀ ମଣିଷ ମାଧ୍ୟମ କଲା ଶିଳ୍ପ, ସ୍ଥାପତ୍ୟ, ସାହିତ୍ୟ । ସ୍ମୃତିରୁ ତେଣୁ ସଂସ୍କୃତିର ଭୂୟୋବିକାଶ । କୃତଜ୍ଞତାର ଓ ପରମ୍ପରାର ସ୍ୱୀକୃତି ହେଉଛି ଶ୍ରାଦ୍ଧ ।

[ପ୍ରଫେସର ପଠାଣି ପଟ୍ଟନାୟକ]

- ଅତ୍ୟନ୍ତ ସମୀଚୀନ, କଛି ନ ହେଲେ ମଧ୍ୟ ଏହା ଆମର କୃତଜ୍ଞତା ବୃଦ୍ଧି କରି ଆମକୁ ମାନବୋଚତ ଧର୍ମ କରିବାକୁ ପ୍ରେରଣା ଦିଏ ।

[ଡ. ଲଡୁକେଶ୍ୱର ଶତପଥୀ]

- କରଣୀୟ । ନଜର ସୃଷ୍ଟିକର୍ତ୍ତା ବା କର୍ତ୍ତ୍ରୀମାନଙ୍କୁ ଅବଶ୍ୟ ସୀମିତ ଅର୍ଥରେ କାରଣ ସେମାନଙ୍କର ସେହିଭଳ ସ୍ରଷ୍ଟା ଓ ସୃଷ୍ଟିକାରିଣୀ ଥିଲେ ହେଁ, ଏ ସମସ୍ତଙ୍କର ଜଣେ ଅବଶ୍ୟ ସ୍ରଷ୍ଟା ଅଛନ୍ତି । ତେବେ ଦୃଶ୍ୟମାନ ସ୍ରଷ୍ଟା ବା ସୃଷ୍ଟିକର୍ତ୍ତା ସ୍ମୃତିସ୍ମରଣ କଲେ କ୍ଷତି କ'ଣ? ବରଂ ଏହା ସୁଫଳ ଏବଂ ପ୍ରେରଣାଦାୟକ ହେବନାହିଁ କ?

[ହରିହର ବାହିନୀପତି]

- ପିତୃମାନଙ୍କୁ ଶ୍ରାଦ୍ଧ ଦେବା ଆଶ୍ୱଳାୟନ ପ୍ରଭୃତି ଋଷିମାନେ ଆରମ୍ଭ କରିଛନ୍ତି । ଏହା ଆମ୍ଭମାନଙ୍କ ପୁରୁଣା ଶାସ୍ତ୍ରରେ ସ୍ଥାନ ପାଇଛି । ଜଗନ୍ନାଥ ମଧ୍ୟ ନନ୍ଦ-ଯଶୋଦା, ବସୁଦେବ-ଦେବକୀଙ୍କୁ ଶ୍ରାଦ୍ଧ ଦିଅନ୍ତି । ଶାସ୍ତ୍ର ସମ୍ମତ ଆଚରଣ ସମୀଚୀନ ଅଟେ ।

[ପଣ୍ଡିତ ରଙ୍ଗାଧର ଷଡ଼ଙ୍ଗୀ]

- ମୁଁ ଏହା କୃତଜ୍ଞତା ଦୃଷ୍ଟିରୁ ସମୀଚୀନ ମଣେ ଓ କରେ । କନ୍ତୁ ପିତୃମାନେ ଏ ପିଣ୍ଡଦାନ ପାଆନ୍ତି ଏହା ବୈଜ୍ଞାନକ ପଦ୍ଧତିରେ ପ୍ରମାଣିତ ହୋଇନାହିଁ । ମୋର ନଜ ଭାବ ଓ ବିଶ୍ୱାସରେ ମୁଁ ଏ ପିଣ୍ଡଦାନ କାର୍ଯ୍ୟ କରେ । ପିତୃ ପୂଜା ଏକ ଅତି ପ୍ରାଚୀନ ଧାରଣା ।

[ପ୍ରଫେସର ହୃଦାନନ୍ଦ ରାୟ]

- ଶ୍ରାଦ୍ଧ ଦେଲେ ସେଇ ମୁହୂର୍ତ୍ତରେ ଯେତେବେଳେ ଧ୍ୟାନ କରାଯାଏ ତଦ୍ଦ୍ୱାରା ଆଶୀର୍ବାଦ ଲାଭ ହୁଏ ଓ ଜୀବନରେ ସୁଖ ଆସେ ଏବଂ ଦୁଃଖ ଲାଘବ ହୋଇଥାଏ ବୋଲି ମୋର ବିଶ୍ୱାସ ।

[ଶ୍ୟାମସୁନ୍ଦର ପାଢ଼ୀ, ଆଇ.ପି.ଏସ]

- ଶ୍ରାଦ୍ଧ ଦିଏନାହିଁ । ବିଶ୍ୱାସ କରେନାହିଁ । ବାପା, ମା', ଦାଦା ଏବଂ ସାନଭାଇର ମୃତ୍ୟୁଦିନ ଫଟୋଟିଏ ଆଗରେ ପରିବାରର ସମସ୍ତେ ଏକାଠି ହେଉ ଏବଂ ତାଙ୍କୁ ପ୍ରଣାମ କରୁ ।

[ଗିରିଜା ଭୂଷଣ ପଟ୍ଟନାୟକ]

- ଜୀବିତ ପିତାମାତା, ଗୁରୁଜନମାନଙ୍କ ସେବା ଶୁଶ୍ରୂଷା ପିତୃଯଜ୍ଞ ଅଟେ । ସେମାନଙ୍କୁ ଶ୍ରଦ୍ଧା ପୂର୍ବକ ଅନ୍ନବସ୍ତ୍ରାଦି ଦାନ କରିବା ଶ୍ରାଦ୍ଧ । ସେମାନଙ୍କୁ ତୃପ୍ତି କରିବା ତର୍ପଣ । ମୃତଙ୍କ ଶ୍ରାଦ୍ଧ ପରବର୍ତ୍ତୀ କଳ୍ପନା ଓ ଅଯୌକ୍ତିକ ।

[ବେଦବିତ୍ ଇଂ. ପ୍ରିୟବ୍ରତ ଦାସ]

- ଅତ୍ୟନ୍ତ ମାନସିକ ଓ ଆଧ୍ୟାତ୍ମିକ କାର୍ଯ୍ୟ । ଥରେ ଥରେ ଶ୍ରାଦ୍ଧ ଦେବାବେଳେ ମୁଁ ସେମାନଙ୍କର ଉପସ୍ଥିତି ପ୍ରତ୍ୟକ୍ଷ ଭାବେ ଅନୁଭବ କରେ । ଶୁଣିଛି ମଧ୍ୟ - ଶ୍ରାଦ୍ଧଦିନ ଆସିବା ପୂର୍ବରୁ ବିସ୍ମରଣ ବିଷୟରେ ପିତୃ ପୁରୁଷମାନେ ଦାୟାଦଙ୍କୁ ଏ ବିଷୟରେ ମନେ ପକେଇ ସତର୍କ କରିଦିଅନ୍ତି । ମୋ ନିକଟ ସମ୍ପର୍କିତ ବ୍ୟକ୍ତିଙ୍କଠାରୁ ଶୁଣିଛି - ଫଟୋଗ୍ରାଫରୁ ତାଙ୍କ ଜେଜେବାପା ହଠାତ୍ ଆବିର୍ଭୂତ ହୋଇ ଆମେରିକାରୁ ଫେରିଥିବା ନାତୁଣୀକୁ ଚେତେଇ ଦେବାରୁ - ଏ ବର୍ଷ ମତେ ପିଣ୍ଡ ଦେବନାହିଁ କି? ତେବେ ଏହା ବ୍ୟକ୍ତିବିଶେଷଙ୍କ ଅନୁଭୂତି ।

[ପ୍ରଫେସର ଶାନ୍ତନୁ କୁମାର ଆଚାର୍ଯ୍ୟ]

- ପିଲାଦିନୁ ଏସବୁ ଦେଖି ଏପରି ଅସ୍ଥିମଜ୍ଜାଗତ ହୋଇଯାଇଛି ଯେ ଶ୍ରାଦ୍ଧ ଦେବା ସମୀଚୀନ ବୋଲି ଭାବେ । ଶ୍ରଦ୍ଧାରୁ ଶ୍ରାଦ୍ଧ । ପିତୃ ପୁରୁଷଙ୍କ ପ୍ରତି ଶ୍ରଦ୍ଧା ଭାବ ନ ଥିଲେ ଶ୍ରାଦ୍ଧ ଦେବା ନିଷ୍ପ୍ରୟୋଜନ ।

[ଡ. ରେଖା ମହାନ୍ତି]

- ଏହାଦ୍ୱାରା ଅନ୍ତତଃ ବର୍ଷରେ ଗୋଟିଏ ଦିନ ନିଜର ପିତୃ ପୁରୁଷଙ୍କ ସ୍ମୃତିକୁ ମନେ ପକାଯାଏ ।

[ଶରତଚନ୍ଦ୍ର ମିଶ୍ର, ଆଇ.ପି.ଏସ୍]

- ଏହା ସମୀଚୀନ ଅଟେ । ତେବେ ପଣ୍ଡା, ପଢ଼ିଆରୀ ତଥା ପୁରୋହିତଙ୍କୁ ମାଧ୍ୟମ ଭାବରେ ଆଶ୍ରୟ ନ କରି ଗଭୀର ଶ୍ରଦ୍ଧା ଓ ଭକ୍ତିର ସହିତ ପରଲୋକଗତ 'ଆତ୍ମା'ଙ୍କ ଉଦ୍ଦେଶ୍ୟରେ ଭଗବତ୍ 'ନାମ' ଯଜ୍ଞ ହିଁ ସର୍ବଶ୍ରେଷ୍ଠ ଶ୍ରାଦ୍ଧ ।

[ସୁରେନ୍ଦ୍ର ଚନ୍ଦ୍ର ଦେ, ଆଇ.ପି.ଏସ୍]

- ମନରେ ବିଶ୍ୱାସ ଥିଲେ ଏବଂ ଏସବୁ ନ କଲେ ମନରେ ଆଘାତ ହେଉଥିଲେ ବା ଭୟ ହେଉଥିଲେ ଏସବୁ କରିବା ବିଧେୟ, ନଚେତ୍ ନାହିଁ ।

[ଡାକ୍ତର କବି ପ୍ରସାଦ ମିଶ୍ର]

- ଶ୍ରାଦ୍ଧ ହେଉଛି ଶ୍ରଦ୍ଧା । ଶ୍ରାଦ୍ଧ ଦେବା ଅତ୍ୟନ୍ତ ସମୀଚୀନ ।

[ବନବିହାରୀ ପଣ୍ଡା, ଆଇ.ପି.ଏସ୍]

- ଶ୍ରାଦ୍ଧ 'ଶ୍ରଦ୍ଧା' ଶବ୍ଦରୁ ଉତ୍ପନ୍ନ । ଶ୍ରଦ୍ଧାର ଅର୍ଥ ସ୍ନେହ ବା ସଦିଚ୍ଛା । ଯେଉଁ ପିତୃ ପୁରୁଷଗଣ ମଙ୍ଗଳ କାମନା କରି ସେମାନଙ୍କ ସନ୍ତାନବର୍ଗଙ୍କୁ ପରିପ୍ଳୁତ କରନ୍ତି, ସେମାନଙ୍କ ପ୍ରତି ମୃତ୍ୟୁ ପରେ ଆଦର ବା ଅନୁରାଗ ପ୍ରଦର୍ଶନ କରିବା ହିଁ ଶ୍ରାଦ୍ଧ । ପ୍ରତ୍ୟେକ ବର୍ଷ ଏହି ଶ୍ରାଦ୍ଧ ଦିବସ ପାଳନ କରି ଲୋକେ ସେମାନଙ୍କ ପିତୃ ପୁରୁଷଙ୍କୁ ସ୍ମରଣ କରି ଆଶୀର୍ବାଦ ଲୋଡ଼ିଥାଆନ୍ତି । ଏ ପ୍ରକାର ଚନ୍ତାଧାରା ଭାରତୀୟ ଆର୍ଯ୍ୟମାନଙ୍କୁ ଏକ ଆନ୍ତରିକତା ସୂତ୍ରରେ ବାନ୍ଧି ରଖିପାରିଛି ।

[ଡ. ରତ୍ନାକର ସାହୁ]

- ଦରକାର ନାହିଁ ।

[ଅନାଦି ସାହୁ, ଆଇ.ପି.ଏସ୍, ସାଂସଦ]

- ଶ୍ରାଦ୍ଧ-ଶ୍ରଦ୍ଧାରୁ, ସ୍ମୃତିକୁ ଉଜ୍ଜୀବିତ ରଖିବା ପାଇଁ ଶ୍ରାଦ୍ଧ ।

[ଡାକ୍ତର ନିରଞ୍ଜନ ତ୍ରିପାଠୀ]

- ଏହା ନଶ୍ଚିତ ଉଚତ, କାରଣ ଅଶରୀରୀମାନଙ୍କର ଏକ ସୂକ୍ଷ୍ମ ଜଗତ ରହିଛି, ଯାହା ଆମେ ଖାଲି ଆଖିରେ ଦେଖିପାରୁନାହୁଁ । ଗୋଟାଏ ପ୍ରଶ୍ନ ଉଠୁଛି ଯେ ଆମେ ଯାହା ନ ଦେଖୁ ତାହା ବିଶ୍ୱାସ କରୁନା, କନ୍ତୁ ବାସ୍ତବରେ ଆମେ ଆମ ଜୀବନର ଏବଂ ଦୁନଆର କେତେ ଅଂଶ ଦେଖିଛୁ? ଶ୍ରାଦ୍ଧ ଦେବାର ପଦ୍ଧତି ଭିନ୍ନ ଭିନ୍ନ ହୋଇପାରେ ।

[ଜ୍ୟୋତିର୍ବିଦ୍ ଡ. ନମାଇଁ ବାନାର୍ଜୀ]

- ଶ୍ରଦ୍ଧାରୁ ଶ୍ରାଦ୍ଧର ଜନ୍ମ - ଯାହା ଶ୍ରଦ୍ଧାର ସହ କରାଯାଏ । ପିତୃ ପୁରୁଷଙ୍କୁ ଶ୍ରଦ୍ଧା କଲେ ଆୟୁଷ ବଢ଼େ । ଆଶୀର୍ବାଦ ଶୂନ୍ୟରୁ ମିଳେ । ଆପଣ ଶ୍ରାଦ୍ଧ ଦେଲେ ଆପଣଙ୍କ ଅନ୍ତେ, ଆପଣଙ୍କ ପୁଅ ବି ଆପଣଙ୍କୁ ମନେ ପକାଇବ, ଅନୁରୂପ ପଥ ଅନୁସରଣ କରିବ ।

[ପ୍ରସନ୍ନ କୁମାର ପାଟଶାଣୀ, ସାଂସଦ]

- ଏହାର ଯୁକ୍ତିଯୁକ୍ତତା ଅଛି, କାରଣ ଆତ୍ମା ଅବିନାଶୀ ।

[ଠାକୁର ଶ୍ରୀ ଶ୍ରୀ ଶ୍ରୀ କେଶବ ଚନ୍ଦ୍ର]

- ଏଥିରେ ମୋର ବିଶ୍ୱାସ ନାହିଁ ।

[ଧୀରେନ୍ଦ୍ର କୁମାର ମହାନ୍ତି, ବିଶପ]

- ପରଲୋକଗତ ପିତୃ ପୁରୁଷ ଓ ଆମ ମଧ୍ୟରେ ସମ୍ପର୍କର ବିଚ୍ଛେଦ ଘଟେନାହିଁ । ମୃତ ପିତୃ ପୁରୁଷ ପରମାତ୍ମାଙ୍କ ସାକ୍ଷାତ ଲାଭ କରିବାକୁ ଶୁଦ୍ଧପୂତ ହେବା ନତାନ୍ତ ଦରକାର । ଜୀବନ୍ତ ଲୋକ ସେମାନଙ୍କର ଆତ୍ମାର ସଦଗତି ଲାଗି ପ୍ରାର୍ଥନା, ଉପାସନା ଉତ୍ସର୍ଗ କରିବା ସମୀଚୀନ । ଏଣୁ ଏହି ଅର୍ଥରେ ଶ୍ରାଦ୍ଧ କରିବା ସମୀଚୀନ ଅଟେ । କାଥଲିକ୍ ଧର୍ମରେ ନଭେମ୍ବର ମାସରେ କବରଖାନାରେ ସମବେତ ହୋଇ ପରଲୋକଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥାଉ ।

[ଡ. ଲୁଇ ସଭ୍ୟସୁନ୍ଦର, କାଥଲିକ୍]

- ଶ୍ରାଦ୍ଧ ଦେବାର ଆଧ୍ୟାତ୍ମିକ ପୁଣ୍ୟ ଦୁଇ ପକ୍ଷଙ୍କ ପାଇଁ ଉପକାରୀ ।

[ମଇନୁଦ୍ଦିନ୍ ଅହମଦ, ଆଇ.ଏ.ଏସ୍]

ଖ୍ରୀଷ୍ଟଧର୍ମରେ ଶ୍ରାଦ୍ଧ ପଦ୍ଧତି ପ୍ରତି ତାଙ୍କର ବିଶ୍ୱାସ ନାହିଁ ବୋଲି ବିଶପ ଧୀରେନ୍ଦ୍ର କୁମାର ମହାନ୍ତି କହିଛନ୍ତି । ମାତ୍ର କାଥଲିକ୍ ଧର୍ମରେ ନଭେମ୍ବର ମାସରେ କବରଖାନାରେ ସମବେତ ହୋଇ ପରଲୋକଗତ ଆତ୍ମାର ସଦଗତି ପାଇଁ ପ୍ରାର୍ଥନା କରିଥାଉଁ ବୋଲି ଡକ୍ଟର ଲୁ ସଭ୍ୟସୁନ୍ଦର ପ୍ରକାଶ କରିଛନ୍ତି । ମଇନୁଦ୍ଦିନ ଅହମଦ ଇସଲାମୀୟ ମତ ଦେଇ ଶ୍ରାଦ୍ଧ ଦେବାର ଆଧ୍ୟାତ୍ମିକ ପୁଣ୍ୟ ଦୁଇ ପକ୍ଷଙ୍କ ପାଇଁ ଉପକାରକ ବୋଲି କହିଛନ୍ତି । ପିଣ୍ଡଦାନ, ଶ୍ରାଦ୍ଧ, ତର୍ପଣ ଆଦି ମହିମା ଧର୍ମରେ ନିଷିଦ୍ଧ ବୋଲି ପ୍ରଫେସର ଶତ୍ରୁଘ୍ନ ନାଥ ପ୍ରକାଶ କରିଛନ୍ତି ।

କିନ୍ତୁ ପିତୃମାନେ ଏ ପିଣ୍ଡଦାନ ପାଆନ୍ତି, ଏହା ବୈଜ୍ଞାନିକ ପଦ୍ଧତିରେ ପ୍ରମାଣିତ ହୋଇନାହିଁ ବୋଲି ପ୍ରଫେସର ହୃଦାନନ୍ଦ ରାୟ କହିଛନ୍ତି । ମାତ୍ର ନିଜ ଭାବ ଓ ବିଶ୍ୱାସରେ ଏ ପିଣ୍ଡଦାନ କାର୍ଯ୍ୟ ସେ ନିଜେ କରନ୍ତି ବୋଲି ପ୍ରକାଶ କରିଛନ୍ତି । ବିଶିଷ୍ଟ ବେଦବିତ୍ ଇଂ. ପ୍ରିୟବ୍ରତ ଦାସ ସ୍ପଷ୍ଟ କରି କହିଛନ୍ତି ଯେ ମୃତଙ୍କ ଶ୍ରାଦ୍ଧ ପରବର୍ତ୍ତୀ କଳ୍ପନା ଅଯୌକ୍ତିକ ବୋଲି ଅଭିହିତ କରିଛନ୍ତି । ବେଦ ଓ ଉପନିଷଦ ମତରେ ଏହା ଆଦୌ ସମୀଚୀନ ନୁହେଁ ବୋଲି ପୂର୍ବତନ ବିଚାରପତି ନବକୁମାର ଦାସ କହିଥିଲାବେଳେ, କାହା କଥା ଗ୍ରହଣୀୟ ତାହା ପାଠକ ବିଚାର କରନ୍ତୁ । ଶ୍ରଦ୍ଧାରେ ମନେ ପକାଇବା ଶ୍ରାଦ୍ଧ ପଦ୍ଧତି ଠିକ୍ । ମାତ୍ର ସାମାଜିକ ବିଧି ବ୍ୟବସ୍ଥାରେ ଅନ୍ଧ ପରି ପ୍ରଥାକୁ ମାନିନେବା ଠିକ୍ ହେବନି । ବହୁ ଅର୍ଥ ବ୍ୟୟ କରି ପରମ୍ପରାକୁ ଆପଣେଇବା ବୋକାମୀ । ଏହା ଶାସ୍ତ୍ର ସମ୍ମତ ନୁହେଁ ।

(ଲେଖକ)
ଉପ ନିର୍ଦ୍ଦେଶକ
ସୂଚନା ଓ ଲୋକ ସମ୍ପର୍କ ବିଭାଗ, ଓଡିଶା
ଦୂରଭାଷ –9861145687

# ବର୍ଷା ତୋ ପାଇଁ

ମୀର ମୁସ୍ତାକମ ଅଲ୍ଲୀ

ହେ ବର୍ଷା ତୋତେ ଧନ୍ୟବାଦ
ମୃତ୍ୟୁର ପ୍ରହେଳକା ଦେଖିବା ପୂର୍ବରୁ
ଫୁଙ୍କି ଦେଲ ମୋ ଜୀବନକୁ
ମୋ ଜୀବନରେ ଜୀବନ ଆସିଛି ।
ତୋର ରିମ୍ ଝିମ୍ ରାଗିଣୀ
ପ୍ରାଣରେ ଭରିଦିଏ ଅପୂର୍ବ ମାଦକତା
ତୋର ନବବାରିଧାରା
ଶୁଷ୍କ ପଲ୍ଲୀପ୍ରକୃତିକୁ କରିଦିଏ ଉଜ୍ଜୀବିତ।
ବେଙ୍ଗର ବିକଟ ଧ୍ୱନି
ବାଉଁଶ କୁଞ୍ଜର ଡାହୁକ ରାବ
ଏମାନଙ୍କ ଡାକ ଶୁଣି ଶୁଣି
ସତେଯେପରି କୋଇଲି ନିରବ ।
କବିମାନେ ତତ୍ପର ତୋ ଅପେକ୍ଷାରେ
ମନକୁ ଭିଜାଇ ଏକ ନୂତନ ଦିଗନ୍ତରେ
ନଚେତ୍ ଶୁଷ୍କ ଡାଳର କରଡରେ ।
ଏବେବି କେଉଁଠି ଶ୍ମଶାନ
କେଉଁଠି ମୃତ୍ୟୁର ବିଭୀଷିକା
ତୁ ଏତେ ଆତତାୟୀ
        କଣ ଡରଲାଗେନା
କେତେ ରାଜନୈତିକ
        ତୋର ଆଶ୍ରୟରେ ବଞ୍ଚିଛନ୍ତି
        ତୋ ନାରେ ଠକ ଗ୍ଲିଛନ୍ତି
ତଥାପି ତୋ ମାନବିକତାକୁ ହରାଇନୁ ।

ରାମ ନଗର, କୋରାପୁଟ

# ବାପା କହୁଛନ୍ତି ମାଆରେ



ସସ୍ମିତା ସାହୁ

ଖୁସି ବାଣ୍ଟିବାଟା ନାରୀର ଧରମ

ଯେବେ ମୁଁ ନଜେ ଜାଣିଛି ,

ମୁଁ ବି ଗୃହୁଁଛି ମୋ ଝିଅ ଯାଇ

ବାଣ୍ଟୁ କାହା ଘରେ ଖୁସି ॥

ସରଗ କରିବୁ ପର ଘର ତୁହି

ସାଜିବୁ ଲକ୍ଷ୍ମୀ ଗୃହର,

ତୋତେ ନେଇ ସର୍ବେ ଗରବ କରିବେ

କହିବେ ବଧୂ କୁଳର ॥

ଅନ୍ଧାରକୁ ନାଶି ଆଲୋକ କରିବୁ

ଶାନ୍ତିର ବାରତା ବୁଣି,

ଆଦର ସମ୍ମାନ ଭକ୍ତି ଦୟା, ଦାନ

ସେବାରେ ନେବୁ ତୁ ଟାଣି ॥

ଭଲ ମନ୍ଦ କଥା ବୁଝାଇ କହିବୁ

ଯେଣୁ ତୁ ଜ୍ଞାନୀ ପାଠୋଇ,

ଗୁରୁଜନେ ମଥା ନୁଆଁଇ ଶୁଣିବୁ

ଦେବୁନ ଆଘାତେ ତୁହି ॥

ତୁହି କାଳୀ ତୁହି ଲକ୍ଷ୍ମୀ ସରସ୍ୱତୀ
ତୁହି ଆଦି ତୁହି ଅନ୍ତ,
ତୋତେ ଛାଡି ଏଇ ଦୁନଆିଟା ତୁଚ୍ଛ
ତୋତେ ନେଇ ଏ ଜଗତ ll
ସୃଷ୍ଟିର ଆରମ୍ଭେ ରଖିଛି ଦଇବ
ଏଇ ଲୀଳା ଜାଣି ଶୁଣି,
ଝିଅ ଯଦି ପର ଘରକୁ ନ ଯିବ
ନ ପାଇବେ ପିଣ୍ଡ ପାଣି ll
ଦୁଇ ପରିବାର ଯୋଡିବା ପାଇଁକି
ଝିଅର ସାହାଯ୍ୟ ନେଲେ,
ଝିଅ ଦାନ ଦେଇ କନ୍ୟା ପିତା ଜାଣ
ମହା ଦାନୀ ବୋଲ୍ଇଲେ ll
ବଂଶରକ୍ଷା ତୋ ବିନା ଅସମ୍ଭବ
ତୁହି ମା' କଲ୍ୟାଣମୟୀ ,
ତୋ ବିନା ପରିବାର ଯେ ଅଧୁର୍
ତୋ ସମ ନାହିଁ ଯେ କେହି ll

ନାଶିକ, ମହାର୍ଷ୍ଟ୍ର

# ବ୍ୟଗ୍ର ଭକତ



ପୂର୍ଣ୍ଣଚନ୍ଦ୍ର ରଣା

ମୋ ନୟନ ନଢ଼େ ବସିଛ
ଆହେ ଛପନ ଭୋଗି
ପ୍ରତି ପଲକରେ ଦିଶୁଛ
ମୁଁ ତୋ ଦାଣ୍ଡର ଯୋଗୀ । ୧

ଆହା କ ଆନନ୍ଦ ଲ୍‌ଗଇ
ସେଇ ବଡ ଦାଣ୍ଡରେ
ପାପରୁ ପାଏ ମୁଁ ମୁକତି
ଥାଇ ଜଗା ପାଖରେ ।୨

ମୁଁ ସିନା ଦାଣ୍ଡର ଭିକାରି
ମନ ମୋହର ବଡ
ତୋ ପ୍ରତି ରଖିଛି ଶରଧା
ତୁମେ ଦୂର ପାହାଡ଼ ।୩

ରଥ ଟାଣିବାକୁ ଉଚ୍ଛନ୍ନ
ଆଜି ମୋହର ଚତ୍ତ
ଡାକ ମହାପ୍ରଭୁ ଶୁଣ ହେ
ବ୍ୟଗ୍ର ତୁମ ଭକତ ।୪

ତତ୍ତେ ମାନାସିଛି ପ୍ରଭୁ ହେ
ରଖ ଚରଣ ତଳେ
ମୋ ଜୀବନ ତୁମ ଦାନ ଯେ
ଚଲ୍ ପାଦର ତାଳେ ।୫

ତୁଳସୀ ମାଳ ମୁଁ ରଖିଛି
ଦେବି ତୁମ ଗଳାରେ
ରଖିଛି ସାଇତି ନଡ଼ିଆ
ଦେବି ତୁମ ହାତରେ ।୬

ମୋ ଶରଧା ତୁମ ଉପରେ
ସେ ମୋ ଜୀବ ଠୁ ବଡ଼
ତୁମେ ମୋର ପ୍ରାଣ ପତି ହେ
ପୁଣି ସ୍ନେହ ନବିଡ଼ ।୭

ଯାଉ ମୋର ପାପ ଜୀବନ
ରଥ ଚକର ତଳେ
ମିଳବ କ ମତେ ବୈକୁଣ୍ଠ
ଆଶା ବୁକୁର ତଳେ ।୮

ହାଟସିଂହାପୁର, ଯାଜପୁର

# ଭିନ୍ନ ଏକ ଶ୍ରବଣକୁମାର



ସୁଷମା ପରିଜା

କଥାରେ ଅଛି ଛେଳ ମାନଙ୍କ ଯୁଦ୍ଧ, ଋଷି ମାନଙ୍କ ଶ୍ରାଦ୍ଧ, ସକାଳୁଆ ବିଜୁଳ ଘଡଘଡି ଆଉ ଦାମ୍ପତ୍ୟ କଳହ, ଏସବୁ କଥା ସାଧାରଣ ଏବଂ କ୍ଷଣସ୍ଥାୟୀ, ମାତ୍ର ବେଳେବେଳେ ଏଇ ସବୁ ଛୋଟ ଛୋଟ ସାଧାରଣ କଥା ବିରାଟ ଆକାର ଧାରଣ କରି ଜୀବନର ଗତିପଥକୁ ବଦଳାଇ ଦେଇଥାଏ । ଏଇ ଯେମିତି ଘଟିଥିଲା ମଧ୍ୟପ୍ରଦେଶର ଇନ୍ଦୋର ନିକଟବର୍ତ୍ତୀ ଦର୍ତୌଦା ଗ୍ରାମ ନିବାସୀ ଜୈତରାମ୍ ଆଉ କୋଶଲ୍ୟା ଙ୍କ ଜୀବନରେ। ଜୈତରାମ୍ ଥିଲେ ଜଣେ କ୍ଷୁଦ୍ର ଚାଷୀ । ସ୍ତ୍ରୀ କୌଶଲ୍ୟା ଆଉ ତିନି ବର୍ଷ ର ପୁଅ ବାଳକୃଷ୍ଣ, ଆଠମାସର ଝିଅ ମଞ୍ଜୁ କୁ ନେଇ ତାଙ୍କର ଛୋଟ ପରିବାର । ଚାଷବାସ ରୁ ଯାହା ଆୟ ହୁଏ ସେତକ ସଂସାର ଚଳେଇବାକୁ ଯଥେଷ୍ଟ ହୁଏନାହିଁ, ତେଣୁ ପରିବାର ରେ ସବୁବେଳେ ଅଭାବ ଅନାଟନ ଲାଗି ରହିଥାଏ । ଅଭାବରୁ ସ୍ୱଭାବ ନଷ୍ଟ ହେଲା ପରି ନିଅଣ୍ଟ ପଡିଲା ବେଳେ ସ୍ୱାମୀ ସ୍ତ୍ରୀ ଦୁହିଁଙ୍କ ମଧ୍ୟରେ କଳ ଗୋଳ ଲାଗେ । ସେଦିନ ରାତିରେ ସେମିତି କଳଗୋଳ ଲାଗିଥିଲା, ଦୁହିଁଙ୍କ ଭିତରେ ପାଟିତୁଣ୍ଡ, ହୋ ହଲ୍ଲା ଚାଲିଥାଏ, କଥା ବଢି ବଢି ଏତେ ବାଟ ଗଲା ଯେ ଜୈତରାମ୍ ମୁଣ୍ଡ କୁ ପିତ୍ତ ଚଢିଗଲା ଆଉ ସେ ଘର କୋଣରେ ଥୁଆହୋଇଥିବା ବାଡିଟିଏ ଉଠେଇ ଆଣି କପା ବାଡେଇଲା ଭଳିଆ ପିଟି ଦେଇଗଲା କୌଶଲ୍ୟା କୁ । ମାଡ ଖାଇ ଖାଇ କୌଶଲ୍ୟା ବେହୋସ ହୋଇଗଲା, ତେବେ ବି ରାଗ କମିଲା ନାହିଁ ଜୈତରାମ୍ ର | ଆଉ କୌଶଲ୍ୟା ର ମୁହଁ ଚାହିଁବ ନାହିଁ ବୋଲି ପଣ କରି ରାଗରେ ଏକମୁହାଁ ହୋଇ କୁଆଡେ ବାହାରିଗଲା ଘରୁ ।

ରାତି ପାହି ସକାଳ ହେଲା, କୌଶଲ୍ୟା ର ଚେତା ଫେରିଲା, ସେ ବିଛଣାରୁ ଉଠି ଦେଖିଲା ଜୈତରାମ୍ ନାହିଁ, ପିଲା ଦୁଇଜଣ ଶୋଇ ରହିଛନ୍ତି ତା'ପାଖରେ । ସେ ନିଜକୁ ସଜାଡି

ବିଛଣାରୁ ଉଠିଲା, ଗତ ରାତିରେ ଜୈତରାମ୍ ର ବାଡି ର ମାଡରେ ତା'ର ଦେହ ହାତ ଫାଟି ଯାଇଥିଲା, ଶରୀର ଟା ଦରଜାରେ ଭରିଯାଇଥିଲା, କଷ୍ଟେ ମଷ୍ଟେ ସେ ଘୋଷାରି ହୋଇ ନିତ୍ୟକର୍ମ କରିବାକୁ ଗଲା। ସେଠାରୁ ଫେରିବା ବେଳକୁ ମଧ୍ୟ ଜୈତରାମ୍ ଘରକୁ ଫେରି ନଥିଲା । ସେ ଭାବିଲା ଜୈତରାମ୍ ବୋଧହୁଏ ବିଲ ଆଡେ ଯାଇଛି, ରାଗରୁଷା ଯୋଗୁଁ ଜାଣି ଜାଣି ଡେରି କରୁଛି । ଜୈତରାମ୍ ଉପରେ ଭାରି ରାଗ ଆସୁଥିଲା କୌଶଲ୍ୟାର, ତା'କୁ ଠେଙ୍ଗାଧରି ଗାଇ ଗୋରୁ ଭଳି ପିଟି ପିଟି ଦରମରା କରି ପକେଇ ଦେଇ ଯାଇଛି । ମଲା କି ବଞ୍ଚିଲା ପଚାରିବାକୁ ମଧ୍ୟ ଆସୁନି, କେମିତିଆ ମରଦ ଟେ କେଜାଣି। ଆଜି ଆସୁ, ତା'କୁ ଭଲକରି ଶୁଣେଇ ଦେବ ବୋଲି ମନେ ମନେ ଭାବି, ରୋଷେଇବାସ କରି ପିଲାଙ୍କୁ ଖୁଆଇଲା, ନିଜେ ରାଗ ଗରଗର ହୋଇ ବସି ରହିଲା । ଦି'ପହର ଯାଇ ସଞ୍ଜ ଗଡି ଗଲା ତଥାପି ଜୈତରାମ୍ ଫେରିଲାନି । ସେଇଠୁ କୌଶଲ୍ୟାର ମୁଣ୍ଡକୁ ତେନ୍ତୁଳିଆ ବିଛା କାମୁଡିଲା । ସେ ନିଜେ ଯାଇ ବିଲ ଆଡେ ଖୋଜିଲା ଜୈତରାମ୍ କୁ, ସାଇଭାଇ ସମସ୍ତଙ୍କୁ ପଚାରିଲା, କେହି କାଳେ ଦେଖି ଥିବେ ଜୈତରାମ୍ କୁ, ସେଠାରୁ ମଧ୍ୟ ନିରାଶ ହେଲା । ବନ୍ଧୁ ବାନ୍ଧବ ବୋଲି କେହି ନଥିଲେ ସେମାନଙ୍କର । ତଥାପି ପାଖ ପଡୋଶୀ, ଲେଖାଯୋଖା ଯିଏ ଯେଉଁଠି ଥିଲେ, ସେଠାରୁ ଖବର ପଚାରି ବୁଝିଲା। ତେବେ ବି କୌଣସି ସନ୍ଧାନ ମିଳିଲାନି ଜୈତରାମ୍ ର। କାନ୍ଦି କାନ୍ଦି ନୟାନ୍ତ ହେଲା, ପଡୋଶୀ ମାନଙ୍କୁ ସାଥିରେ ଧରି ଥାନା, ପୋଲିସ୍ ରେ ରିପୋର୍ଟ ଲେଖାଇଲା। ବାବୁ ମାନଙ୍କ ପାଦରେ ନେହୁରା ହୋଇ କହିଲା ତାଙ୍କୁ କେଉଁଠୁ ହେଲେ ବି ଖୋଜି ବାହାର କରି ଆଣ, ଯାହା ଖର୍ଚ୍ଚ ହେବ ମୁଁ ଦେବି । ହେଲେ କୌଣସି ଫଳ ମିଳିଲାନି, ସମସ୍ତେ କହିଲେ "ଜୈତରାମ୍ ପତ୍ନୀ ର କଟୁବାକ୍ୟ ସହି ନପାରି ଆତ୍ମହତ୍ୟା କରି ଦେଇଛି।" କୌଶଲ୍ୟା ଯେତେ ନିଜର ନିର୍ଦ୍ଦୋଷ ପଣିଆ ସାବ୍ୟସ୍ତ କରିବାକୁ ଚାହିଁଲା, ସେତେ ଅଧିକ ବଦନାମ୍ ହେଲା। ତା'ର କିନ୍ତୁ ମୋଟେ ବିଶ୍ୱାସ ହେଉ ନଥିଲା ଯେ ଜୈତରାମ୍ ଆତ୍ମହତ୍ୟା କରିଛି, କାରଣ ସେ ଜାଣିଥିଲା ସ୍ୱଭାବରେ ରାଗୀ ହୋଇଥିଲେ ମଧ୍ୟ ଜୈତରାମ୍ ତା'କୁ ଆଉ ତା'ର ପିଲାମାନଙ୍କୁ ଖୁବ୍ ଭଲପାଏ । ତାଙ୍କୁ ଦୁନିଆଁ ରେ ଏକା ଛାଡିଦେଇ ସେ ମରି ପାରିବନି । ଏମିତି ଆଗରୁ କେତେଥର କୌଶଲ୍ୟାକୁ ମାର ପିଟ୍ କରିଛି ସେ, ହେଲେ ଘର ଛାଡ଼ି ଯାଇ ନଥିଲା କେବେ। ଦିନେ ଦୁଇଦିନ ରାଗରୁଷା ରହେ ପୁଣି ଧୀରେ ଧୀରେ ମିଳେଇ ଯାଏ।

ଏଥରକ କନ୍ତୁ ସୀମା ଟପି ଯାଇଛି ସବୁର । ଗ୍ଲରି ପାଞ୍ଚ ଦିନ ହେଲା ସେ ସେମିତି ଖାଡାପାଡା ଉପାସ ବସିଛି। ପିଲା ଦୁଇଟିଙ୍କୁ ଯାହା ଘରେ ଥିଲା ସେଇ ଜିନଷକୁ ଦେଇଛି ଖାଇବାକୁ। ଏବେ ଆଉ କଛି ନାହିଁ ଘରେ, ଛୁଆ ଦିଇଟା ଖାଇବାପାଇଁ ଡହକବିକଳ ହେଲେଣି । ଆଉ ସହି ପାରିବ ନାହିଁ ସିଏ । ପଡିଶା ଘର ଲକ୍ଷ୍ମୀ ଦିଦି କୁ ଚୁଡା ତାଟିଆଏ ମାଗି ପିଲାଙ୍କୁ ଖାଇବାକୁ ଦେଇ କାମ ଖୋଜିବାକୁ ବାହାରିଗଲା କୌଶଲ୍ୟା। ପୁଅ ବାଳକୃଷ୍ଣ କୁ ଘରେ ଜଗାଇ ଦେଇଗଲା ମଞ୍ଜୁ କୁ। ନଜେ ଅଣ୍ଟାରେ ଲୁଗା ଭିଡିଲା ଦୁଇ ଦୁଇଟି ଛୁଆଙ୍କୁ ମଣିଷ କରିବା ଲାଗି । କ୍ଷେତରେ କାମ କଲା, ପରଘରେ ବାସନମାଜି, ଝାଡୁପୋଛା କରି ପିଲାମାନଙ୍କୁ ପାଳଲା ପୋଷିଲା, ନଜେ ଚଳଲା । ସେଇ ଭିତରେ ବି ସେ ଜୈତରାମ୍ କୁ ଖୋଜିବା ଜାରି ରଖିଥିଲା । ପୁଅ ଝିଅ ଙ୍କୁ ସାଥିରେ ଧରି ଯେଉଁଠି ମେଳା ମଉଛବ ଲାଗୁଥିଲା ସେଠିକ ଛୁଟି ଯାଉଥିଲା ଜୈତରାମ୍ କୁ ଖୋଜିବା ପାଇଁ । ଦିନ ବର୍ଷ ରେ ପରିଣତ ହୋଇ ଆଗେଇ ଗ୍ଲଲିଥିଲା। ପିଲାମାନେ ପାଠଶାଠ ପଢି ବଡ ହୋଇ ଯିଏ ଯାହାର ସଂସାର କରିଥିଲେ। ହେଲେ କୌଶଲ୍ୟା ର ଅପେକ୍ଷା ଶେଷ ହେଉ ନଥିଲା ।

କୌଶଲ୍ୟା ର ପୁଅ ବାଳକୃଷ୍ଣ ହେତୁ ହେଲା ଦିନୁ ମାଆର ଜୀବନ ସଂଗ୍ରାମ ଦେଖୁଥିଲା । ମାଆର ଦୁଃଖ କଷ୍ଟ ଦେଖି ଦେଖି ଖୁବ୍ ଦୁଃଖିତ ହେଉଥିଲା। ମନେ ମନେ ପଣ କରୁଥିଲା ଯେ ବଡ ହେଲେ ଯେକୌଣସି ପ୍ରକାରେ ହେଉ ଖୋଜି ବାହାର କରିବ ତା'ର ବାପା ଙ୍କୁ। ମାଆକୁ ବାପାଙ୍କୁ ଫେରାଇ ଦେଇ ସେ ମାତୃଋଣ ଶୁଝିବ। ସେଥିପାଇଁ ମାଟ୍ରିକ୍ ପଢିଲା ଦିନୁଁ ସେ ତା'ର ଚେଷ୍ଟା ଆରମ୍ଭ କରି ଦେଇଥିଲା । ନଜର ଚହ୍ନା ପରିଚତ ଲୋକ, ସାଙ୍ଗସାଥିଙ୍କ ପରିବାର ଆଉ ସେମାନଙ୍କ ବନ୍ଧୁ ବାନ୍ଧବ ମାନଙ୍କୁ ତା ବାପାଙ୍କ ହୁଲିଆ ବତେଇ କହୁଥିଲା ଏମିତି ଲୋକଟିର ସନ୍ଧାନ ମିଳଲେ ତା'କୁ ଜଣାଇବା ଲାଗି।

ଧୀରେ ଧୀରେ ସମୟ ଗଡି ଗ୍ଲଲିଥିଲା, ସମୟ ସହିତ ତାଳ ଦେଇ ଯୁଗ ବି ବଦଳ ଗ୍ଲଲୁଥିଲା। ଟେଲିଫୋନ୍, ଟେଲିଗ୍ରାମ୍ ବଦଳରେ କମ୍ପ୍ୟୁଟର ଆସିଗଲା। ତା' ସହିତ ଅନ୍ୟାନ୍ୟ ସୋସିଆଲ୍ ମିଡ଼ିଆ ବି। ବାଳକୃଷ୍ଣ ଏବେ ତା'ର ବାପା ଙ୍କର ଫଟୋ ଉଠାଇ ସବୁ ସୋସିଆଲ୍ ମିଡିଆରେ ଦେଇଦେଲା। ମନ୍ଦିର ଆଉ ଆଶ୍ରମ ମାନଙ୍କୁ ପଠାଇଦେଲା । ଖୁବ୍ ଭଲ ପରିଣାମ ଆସୁଥିଲା ଏଥର। ବିଭିନ୍ନ ସମୟରେ ବିଭିନ୍ନ ଜାଗାରୁ ଖବର ଆସୁଥିଲା ବାଳକୃଷ୍ଣ ପାଖକୁ। ଏମିତି ଚେହେରା ର ଲୋକ ଟିଏ ଏଠି ଦେଖିଥିଲୁ, ସେଠି ଦେଖିଥିଲୁ

ବୋଲି। ବାଳକୃଷ୍ଣ ଦୌଡି ଯାଉଥିଲା ସେଇ ସବୁ ସ୍ଥାନ କୁ । କେଉଁଠି ଲୋକ ଟି ଅଲଗା ଥିଲା ତ କେତେବେଳେ ଲୋକ ଟି ସେଇ ସ୍ଥାନ ଛାଡି ଦେଇଥିଲା। ଏମିତି ନିରାଶ ହୋଇ ଫେରୁଥିଲା ସେ। ତଥାପି ଈଶ୍ଵର ଙ୍କ ଉପରେ ଭରସା ରଖିଥିଲା ଦିନେ ନା ଦିନେ ତା'ର ବାପା ନିଶ୍ଚୟ ମିଳବେ ବୋଲି ।

କଥାରେ ଅଛି ନିଷ୍ଠାର ସହିତ ପରିଶ୍ରମ କଲେ ସେ ପରିଶ୍ରମ କେବେ ବ୍ୟର୍ଥ ଯାଏନା ।ଏବେ ସେମିତି ଗୋଟିଏ ଘଟଣା ଘଟିଲା ବାଳକୃଷ୍ଣ ସହିତ। ଗତ ଏପ୍ରିଲ ମାସ ଏକ ତାରିଖରେ ବାଳକୃଷ୍ଣଙ୍କର ଜଣେ ବନ୍ଧୁ ଖବର ଦେଲେ ଯେ ଜୈତରାମ୍ ଙ୍କ ଚେହେରା ସହିତ ମେଳ ଖାଉଥିବା ଜଣେ ଲୋକଙ୍କୁ ସେ ଦେଖିଲେ ଖଜୁରାମ ମନ୍ଦିର ରେ। ଖବର ପାଇ ତୁରନ୍ତ ଦୌଡିଗଲେ ବାଳକୃଷ୍ଣ ହେଲେ ସେତେବେଳକୁ ବିଳମ୍ବ ହୋଇ ଯାଇଥିଲା। ସେ ଲୋକ ଜଣକ ମନ୍ଦିର ରୁ କୁଆଡେ ଚାଲି ଯାଇଥିଲେ । ନିରାଶ ହୋଇ ଫେରିଲେ ବାଳକୃଷ୍ଣ ।ଏବେ ସେ ଆଉ ଟିକଏ ସଜାଗ ହେଲେ। ଯିଏ ତାଙ୍କୁ ଖବର ଦେଉଥିଲେ, ସେମାନଙ୍କୁ ହ୍ଵାଟ୍ସ ଅପ୍ ରେ ତୁରନ୍ତ ଫଟୋଟିଏ ପଠାଇବା ପାଇଁ ଅନୁରୋଧ କରୁଥିଲେ । ପୁରାପୁରି ନିଶ୍ଚିତ ହେଲେ ସେ ବାହାରୁଥିଲେ ଘରୁ। ଏପ୍ରିଲ୍ ଚାରି ତାରିଖ ରେ ଜଣେ ଅଜଣା ବ୍ୟକ୍ତି ଫୋନ୍ କଲେ ଆପଣଙ୍କ ବାପାଙ୍କ ଭଳି ଚେହେରା ଥିବା ଜଣେ ଲୋକ ମନ୍ଦିର ସମ୍ମୁଖରେ ଛିଡା ହୋଇଛନ୍ତି। ସେ ତୁରନ୍ତ ସେଇ ଲୋକଟିର ଫଟୋ ଆଉ ଭିଡିଓ ଟିଏ କରି ଅପ୍ ଲୋଡ୍ କରିଦେଲେ ହ୍ଵାଟ୍ସ ଅପ୍ ରେ। ବାଳକୃଷ୍ଣ ଏଥର ଠିକ୍ ଚହ୍ନି ପାରିଲେ ତାଙ୍କ ବାପାଙ୍କୁ। ସଂପୃକ୍ତ ଭଦ୍ରଲୋକ ଙ୍କୁ ସେଇ ଲୋକ ଟିକୁ କିଛି ସମୟ କୌଣସି ପ୍ରକାର ଅଟକାଇ ରଖିବାକୁ ଅନୁରୋଧ କରି ବାଳକୃଷ୍ଣ ଟ୍ୟାକ୍ସି ଟିଏ କରି ମାଆଙ୍କୁ ସାଥିରେ ନେଇ ପହଞ୍ଚି ଗଲେ ସେଇ ସ୍ଥାନରେ। ଦୀର୍ଘ ଅଠେଇଶି ବର୍ଷ ପରେ ହେଲେ ମଧ୍ୟ କୌଶଲ୍ୟା ନିଜର ସ୍ଵାମୀଙ୍କୁ ଠିକ୍ ଚହ୍ନି ପାରିଲେ । କାନ୍ଦି କାନ୍ଦି ଲୋଟିଗଲେ ତାଙ୍କର ପାଦତଳେ, ନିଜର ସବୁ ଦୋଷ ପାଇଁ ବାରମ୍ବାର କ୍ଷମା ମାଗି ବହୁତ କଷ୍ଟ ରେ ମନେଇଲେ ତାଙ୍କର ରଷିଥିବା ସ୍ଵାମୀ ଙ୍କୁ।

ଦୀର୍ଘ ଦିନ ପରେ ନିଜର ସ୍ତ୍ରୀ ଆଉ ପୁଅକୁ ସାମ୍ନାରେ ଦେଖି ନିଜକୁ ଆଉ ରୋକିବାକୁ ପାରିଲେନି ଜୈତରାମ୍ । ସବୁ ରାଗ ତାଙ୍କର ଲୁହ ହୋଇ ବୋହିଗଲା । ସ୍ଵାମୀ, ସ୍ତ୍ରୀ, ବାପ ପୁଅ ଙ୍କର ଅପୂର୍ବ ମିଳନ ଦେଖି ସମସ୍ତେ ତଟସ୍ଥ ହୋଇ ଚାହିଁ ରହିଥିଲେ । ସମସ୍ତେ ଧନ୍ୟ ଧନ୍ୟ କରୁଥିଲେ ବାଳକୃଷ୍ଣ ଙ୍କୁ। ଏ ଯୁଗର ଆଉ ଜଣେ ଶ୍ରବଣକୁମାର ବୋଲି କହି

ପ୍ରଶଂସା କରୁଥିଲେ ହେଲେ ବାଳକୃଷ୍ଣ ଧନ୍ୟବାଦ ଦେଉଥିଲେ ହ୍ୱାଟ୍ସ ଅପ୍ ସୋସିଆଲ୍ ମିଡ଼ିଆ କୁ | କାରଣ ସୋସିଆଲ୍ ମିଡିଆର ସାହାଯ୍ୟ ମିଳନଥିଲେ କସ୍ମିନ୍ କାଳେ ସେ ତାଙ୍କ ବାପାଙ୍କୁ ଖୋଜି ପାଇ ନଥାନ୍ତେ ବୋଲି କହିଥିଲେ । ଏହି ଅଭାବନୀୟ ସମ୍ବାଦ ଟି ଦେଶର ସବୁ ପ୍ରମୁଖ ସମ୍ବାଦପତ୍ରରେ ପ୍ରକାଶିତ ହୋଇଥିଲା ଏବଂ ସୋସିଆଲ୍ ମିଡ଼ିଆ ର ସଦ୍ ଉପଯୋଗ କଭଳ ଅସମ୍ଭବ କୁ ସମ୍ଭବ କରିପାରେ ତାହା ପ୍ରତିପାଦିତ କରିଥିଲା ।

ଶାରଳା ଭବନ**,** ପୋତାପୋଖରୀ**,**
ନୂଆବଜାର**,** କଟକ **-753004**

**"ବେଦାନ୍ତୀର ସେପ୍ଟେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅଗଷ୍ଟ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**

# ଯୌବନର ଆଗମନେ



ଭାରତୀ ସାହୁ

ଶୀତ ପରେ ଯେବେ ଆସେ ବସନ୍ତ
ଆନନ୍ଦରେ ଧରଣୀ ପାଗଳନୀ ହୁଏ
ହୁଏ ତାର ବୁକୁ ଉଲ୍ଲସିତ।

ସରଳ କଶୋରୀ ମନରେ ଯେତେବେଳେ ଦେଖାଦିଏ କଅଁଳ ଯୌବନ
ସେ ବୁଝିପାରେ ସବୁ କଥାର ଅର୍ଥ
ବୁଝିପାରେ ସବୁରି ଇଙ୍ଗିତ ।

ମୁଁ ଯେତେବେଳେ ପହଞ୍ଚିଲି ଯୌବନର ପାଦଦେଶରେ
ସବୁ ଖାଲି ଲାଗୁଥିଲା ନୂଆ ନୂଆ
ସବୁତ ରଙ୍ଗୀନ ।

ବର୍ଷାର ଆଗମନେ କେକୀ ଯେହ୍ନେ ହୁଏ ଆତ୍ମହରା
ସବୁଠାରୁ ଲାଗୁଥିଲା ଭଲ
ଅତୀବ ତମର ସେ ଗ୍ଭେର୍ ଗ୍ଭେର୍ ଗୁହାଣୀ
ଆଉ ତମ ପ୍ରୀତିର ଇଶାରା,
ସେତେବେଳେ ଦୁନଆର ସବୁକଛି ଭଲଲାଗେ

ଯେତେବେଳେ ଏ ଦେହରେ ଏ ମନରେ
ଥିରି ଥିରି ପାଦ ଗୁପି ଆସେ ଯୌବନ
ତାର ରଙ୍ଗର ଜ୍ୱୋଷଣୀ ଜାଳ
ଦେଇଯାଏ ପ୍ରେମର ଇଙ୍ଗୀତ ।

ଯୁନନ୍ଦା ପାଟଣା, ଦଶରଥପୁର, ଯାଜପୁର

ବେଦାନ୍ତୀର ଆଗାମୀ ସଂଖ୍ୟା ସେପ୍ଟେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ ।
ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ ।
ଆପଣମାନଙ୍କ ଲେଖା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ ।
ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।
ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ବର୍ଷା ଗୋ ତୁମେ



ପ୍ରେମଶିଲା ରାଉତ

ବର୍ଷା ଗୋ ତୁମେ ମୋ ଜୀବନର ଚୁନାଚୁନା ହସ
ମୋ ମନ ଆଇନାର ପ୍ରୀତି ପରଷ
ତୁମକୁ ଖୋଜେ ମୁଁ ପ୍ରତି ମୂହୁର୍ତ୍ତରେ
ତୁମ ବିନା ଜଳେ ବହ୍ନିର ଜ୍ୱଳାରେ।  ।

ବର୍ଷା ଗୋ ତୁମେ ମୋ ସଞ୍ଜ ସକାଳର ପ୍ରାଣମିତ
ମୋ ଅନ୍ତରର ମଧୁର ସଂଗୀତ
ତୁମ ପ୍ରତିକ୍ଷାରେ ଥାଏ ଦିନରାତି
ଖୋଜି ତୁମକୁ ମୁଁ ଯାଏ ଦିନ ବିତି  ।

ବର୍ଷା ଗୋ ତୁମେ ମୋ ମନର ମନଲୋଭା ଛାଇ
ମୋ ଆଶା ସ୍ୱପ୍ନ ର ଅମାନଆ ନଇ
ତୁମ ବିନା ମୋର ମନ କଣଳୟ
ତୁମ ପରଶରେ ପୂର୍ଣ୍ଣ ମୋର କାୟ।  ।

ବର୍ଷା ଗୋ ତୁମେ ମୋ ସୁଖଦୁଃଖ ଚରକାଳ ସାଥି

ମୋ ଜୀବନର ପ୍ରିୟ ଅଭୁଲା ସ୍ମୃତି

ତୁମେ ପାଖେ ଥିଲେ ହସେ ମୋ ଦୁନଆ

ତୁମେ ନଥିଲେ ହୁଏ ଲୁହ ଅମାନଆ ।    ।

ବର୍ଷା ଗୋ ତୁମେ ମୋ ଜୀବନର ପ୍ରୀତି ପୁଳକତ

ମୋ ହୃଦୟର ସବୁଜିମା ବସନ୍ତ

ହୃଦୟ କାନ୍ଥର ତୁମେ ଗୋଟେ ଲେଖା

ତୁମେ ମୋ କବିତାର ଅଟ ପ୍ରାଣ ସଖା    ।

ଗ୍ରାମ-ବୃନ୍ଦାବାହାଲ, କଳାହାଣ୍ଡି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନଶ୍ଚିତ ରୂପେ ବଢିପାରିବ

# ଲେଡ଼ିଜ୍ ଛତା



ଲୋପାମୁଦ୍ରା ମିଶ୍ର

ସକାଳୁ ମୁଷଳ ଧାରା ରେ ବର୍ଷା ଲାଗିରହିଛି । ଘରୁ ବାହାରକୁ ଗୋଡ଼ କାଢି ହେଉନାହିଁ । ଆଜି ସାନ ଭଉଣୀ ମିକ ର ଲଗ୍ନଧରା । ବାପା ଚାରିଦିନ ହେଲା କହିଲେଣି, "ଯେମିତି ହେଉ ଜ୍ଵାଇଁ ଆଉ ତୁ ଦିନକ ପାଇଁ ଆସିବ"। ବୋଉ ଦିନ ରେ ଦୁଇଥର ଫୋନ୍ କରୁଛି । ଛୁଟିଦିନ । ଅନୁପ କିନ୍ତୁ ଏଯାଏଁ ଶୋଇରହିଛନ୍ତି । "ଆରେ କାହିଁକି ଏତେ ବ୍ୟସ୍ତ ହେଉଛ? ବର୍ଷା ଛାଡିଯାଉ ଯିବା । କେତେଦୂର କି ଏମିତି? ଏ ବର୍ଷା ରେ କଏ ଘରୁ ବାହାରେ?", ବେଡ୍ ରେ ଥାଇ ଅନୁପ୍, ମୀରା ଙ୍କ ଉଦେଶ୍ୟ ରେ କହୁଛନ୍ତି ।

ବର୍ଷା କୁ ଖୁବ୍ ବେଶି ଭଲପାଉଥିବା ମୀରା ଆଜି ବର୍ଷା ଉପରେ ବହୁତ ରାଗୁଛନ୍ତି । ବାହାର ଟା ଅନ୍ଧାରୁଆ ହୋଇ ସମୟ ଆଦୌ ଜଣାପଡୁନାହିଁ । ଆଉ କୋଉ ଦିନ ହେଇଥିଲେ ମୀରା ଝରକା ପାଖେ ବସି ଚା' ପିଉ ପିଉ ବର୍ଷା ର ମନୋରମ ଦୃଶ୍ୟ କୁ ଉପଭୋଗ କରୁଥାନ୍ତେ । ଛମ୍ ଛମ୍ ଶବ୍ଦ ର ତାଳେ ତାଳେ ଅବାରିତ ବର୍ଷା ର ମନ ମୁଗ୍ଧକର ନୃତ୍ୟ କୁ ପ୍ରାଣଭରି ପିଇଯାଉଥାନ୍ତେ । କବାଟ ଖୋଲି ଦେଖୁଥାନ୍ତେ କେମିତି ପବନ ରେ ଦୋହଲି ଦୋହଲି ଘର ଆଗ ଫୁଲ ଗଛ ଗୁଡିକ ବର୍ଷାରେ ନାଚ ନାଚ ଗାଧୋଉଛନ୍ତି । ଆଜି କିନ୍ତୁ ସେସବୁ କରିବାକୁ ତାଙ୍କର ବିଲକୁଲ ଇଚ୍ଛା ନାହିଁ । ବରଂ ଆଜି ର ବର୍ଷା ତାଙ୍କୁ ବଡ ବିରକ୍ତ କରୁଛି । ଯେମିତି ପିଲାଦିନେ ଠିକ୍ ସ୍କୁଲ୍ ଛୁଟି ବେଳକୁ ବର୍ଷା ଉଠେଇଲେ ଖୁବ୍ ରାଗିଯାଆନ୍ତି ସେ ଓ ତାଙ୍କ ସାନଭଉଣୀ ମିକ ।

ମୀରା ବର୍ଷା କମିବାକୁ ଅପେକ୍ଷା କରି ବସିଛନ୍ତି । ଭାବୁଛନ୍ତି ସମୟ କେମିତି ପାଣି ପରି ବହିଗଲା । ମିକ କେତେବେଳେ ଏତେ ବଡ ହେଇଗଲା ! ଏହିପରି ବର୍ଷା ଦିନରେ ସେ ଓ

ମିକ ଲେଡ଼ିଜ୍ ଛତା ଟେ ପାଇଁ କେତେ ଅଳ ନକରନ୍ତି ବାପାଙ୍କ ପାଖେ ! ସବୁ କଥା ଛବିଟି ପରି ଆଖି ଆଗରେ ତାଙ୍କର ଭାସି ଉଠୁଥିଲା । ମୀରା ଫେରିଯାଉଥିଲେ ଅତୀତ କୁ । ଆଠ ଦଶବର୍ଷ ତଳର କଶୋରୀ ମୀରା ରେ ସେ ରୂପାନ୍ତରିତ ହୋଇଯାଉଥିଲେ ।

ମୀରା ଙ୍କ ବାପା ବିନୟ ବାବୁ ଥିଲେ ଗାଁ ଡାକଘରେ ପୋଷ୍ଟ ମାଷ୍ଟର୍ । ମାସକୁ ଦରମା ମାତ୍ର ଷୋହଳଶହ ଟଙ୍କା । ଘରେ ବାପା ମାଆ, ଜେଜେ, ଜେଜେମାଆ, ସେମାନେ ଦୁଇଭଉଣୀ ଓ ଛୋଟ ଗୋଟେ ଭାଇ କୁ ନେଇ ତାଙ୍କ ସୁନ୍ଦର ପରିବାର । ବାପାଙ୍କ ସ୍ୱଳ୍ପ ଦରମାରେ କଷ୍ଟେ ମଷ୍ଟେ ଘର ଚଳେ । ମୀରାଙ୍କ ଠୁ ମିକ ଦୁଇବର୍ଷ ସାନ । ମିକ ପରେ ରାଜା । ସେ ସବୁଠୁ ସାନ । ମିକ ଛଅ ବର୍ଷ ର ହେଲା ପରେ ରାଜା ତାଙ୍କ ବୋଉର କୋଳକୁ ଆସିଲା । ସବୁଠୁ ଗେଲ୍ହା ସେ ।

ମୀରା ଗାଁ ସ୍କୁଲ ରୁ ସପ୍ତମ ପାସ କରି ଘରଠୁ ଦେଢ଼ କଲୋମିଟର ଦୂର ସାହାପୁର ହାଇସ୍କୁଲ୍ କୁ ଅଷ୍ଟମ ପଢିବାକୁ ଗଲେ । ମିକ ସେତେବେଳେ ପଞ୍ଚମ ପରେ ଆଉ ଗାଁ ସ୍କୁଲ୍ ରେ ପଢିବାକୁ ଆଦୌ ରାଜି ହେଲାନାହିଁ । ସବୁବେଳେ ନାନୀର ଲାଞ୍ଜ ହେଇ ପଛେ ପଛେ ବୁଲିବା ତାର ଅଭ୍ୟାସ ଥିଲା । ନାନୀ ପଳେଇଲେ ଆଉ ସ୍କୁଲ୍ ଯିବନ ଜିଦ୍ କଲାରୁ ବାପା ତାର ବି ସାହାପୁର ସ୍କୁଲ ରେ ଷଷ୍ଠ ଶ୍ରେଣୀ ରେ ନାଁ ଲେଖେଇଦେଲେ । ଦୁଇ ଭଉଣୀ ସାଙ୍ଗ ହୋଇ ନୂଆ ସ୍କୁଲ୍ କୁ ଗଲେ ।

ସ୍କୁଲ୍ ଖୋଲିବାର ଅଳ୍ପ ଦିନ ପରେ ବର୍ଷା ଋତୁ ଆରମ୍ଭ ହୋଇଗଲା । ବାପା ଘରେ ଥିବା ଏକ ବଡ କଳା ରଙ୍ଗର ଛତା ର ଟାଙ୍କ କୁ ଖୁବ ଜୋରରେ ଭିଡ଼ି ସିଲେଇ କରି ମଜବୁତ କରିଦେଲେ । ସେଇଟି ଏତେ ବଡ଼ ଛତା ଥିଲା ଯେ ଏକାବେଳେ ତିନିଜଣଙ୍କୁ ବର୍ଷା ରୁ ରକ୍ଷା କରିପାରିବ । ମୀରା ଆଉ ମିକ ଦୁହିଁଙ୍କୁ ସେହି ଛତା ନେଇ ସ୍କୁଲ୍ ଯିବାକୁ ପଡିଲା । ବର୍ଷା ହେଲେ ସ୍କୁଲ୍ ଯିବା ରାସ୍ତା ରେ ଦୁଇଭଉଣୀ ଦେଖନ୍ତି ଝିଅମାନେ କେତେ ରଙ୍ଗ ବେରଙ୍ଗ ର ଲେଡ଼ିଜ୍ ଛତା ଧରି ସ୍କୁଲ୍ ଯାଉଛନ୍ତି ଆଉ ସେମାନେ ଧରିଛନ୍ତି ମସ୍ତ ବଡ ଗୋଟେ କଳା ଜେଣ୍ଟ୍ସ ଛତା । ମୀରା ଙ୍କୁ ଖୁବ ଲଜ୍ଜ୍ୟା ଲାଗେ ନିଜ ନୂଆ ସାଙ୍ଗ ମାନଙ୍କ ଆଗରେ ଏତେ ବଡ ଜେଣ୍ଟସ୍ ଛତା ମୁଣ୍ଡେଇ ବୁଲିବା ପାଇଁ । ଘରକୁ ଆସି ବାପାଙ୍କ ପାଖେ ଅଳ କରେ, "ମୋର ଗୋଟେ ଲେଡ଼ିଜ୍ ଛତା ଆଣିଦିଅ । ମତେ ଲାଜ ଲାଗୁଛି ଏଡ଼େ ଛତା ଟେ ନେଇକ ଯିବା ପାଇଁ

ମୁଁ ଆଉ ବର୍ଷା ହେଲେ ସ୍କୁଲ୍ ଯିବିନ । ମିକ ଏକା ଯାଉ "। ବାପା ବୁଝେଇ ବାକୁ ଚେଷ୍ଟା କରନ୍ତି, "ବଡ ଛତାଟା ଭଲ । ପାଣି ଛାଟିବନ କ ପବନରେ ଉଡେଇ ନେବନ । ଛୋଟ ଛତା ଗୁଡ଼ା ଜଲଦି ଭଙ୍ଗିଯାଏ" । ଦୁଇ ଭଉଣୀ କନ୍ତୁ ଜମା ବୁଝନ୍ତିନ । ବାପା ପୁଣି ପ୍ରତିଶୃତି ଦିଅନ୍ତି, "ଏହି ମାସ ଟା ଚଳେଇଦିଅ । ଆର ମାସ ଦରମା ଆସିଲେ ନଷ୍ଟୟ ଲେଡ଼ିଜ୍ ଛତା ଆସିବ "। ଆର ମାସ ହୁଏ । ଦରମା ଆସେ । ଆସୁ ଆସୁ ଘର ଖର୍ଚ୍ଚରେ ସରିଯାଏ । ଆଉ ମୀର୍‌ଙ୍କର ଲେଡ଼ିଜ୍ ଛତା କଣାଯାଇ ପାରେନା । ସେତେବେଳେ ଭଲ ଫୋଲଡିଂ ବାଲା ଲେଡ଼ିଜ୍ ଛତା ଟେ କେତେ ବା ଟଙ୍କା ? ଏଇ ଅଶୀ କ ନବେ ଟଙ୍କା । ସେତିକ ବି ଯୋଗାଡ଼ ହୋଇପାରେନାହିଁ ।

ଦୁଇଭଉଣୀ ଏବେ କେବଳ ବର୍ଷା ବର୍ଷିଲେ ହିଁ ସେ ବଡ ଛତାଟି ଖୋଲିକରି ଧରି ଯାଆନ୍ତି । ବର୍ଷା ଖାଲି ଉଠେଇ ନହେଉଥିଲେ ଛତା ଟାକୁ ବେକାର ଟାରେ ହାତରେ ଧରିକ ନଅନ୍ତିନାହିଁ । ଘରେ ଛାଡ଼ିଯାଆନ୍ତି ।

ଥରେ ସକାଳୁ ଝିପି ଝିପି ବର୍ଷା ଲାଗିରହିଲା । ସ୍କୁଲ୍ ବନ୍ଦ କରି ଘରେ ରହିଲେ ବାପା ବହୁତ ରାଗିବେ । ଦୁଇଭଉଣୀ ଛତା ଟି ଧରି ବାହାରିଲେ । ସ୍କୁଲ୍ ପାଖ ହୋଇଆସିଲା ରୁ ଦୁହିଁଙ୍କ ଭିତରେ କଳ ଲାଗିଲା କଏ ଛତା ଟା ପାଖରେ ରଖିବ । ମୀର୍ କହିଲେ, "ଦେଖ ମିକ ! ମୁଁ ବଡ କ୍ଲାସ୍ ରେ ପଢୁଛି । ମୋର ବେଶି ସାଙ୍ଗ । ମୋ ପୁଅ ସାଙ୍ଗମାନେ ଏତେବଡ ଛତା ଦେଖି ମତେ ଚଡାଉଛନ୍ତି । ତୁ ଆଜି ଏଇଟା ରଖ । ଆଉ ଦିନେ ବର୍ଷା ହେଲେ ମୁଁ ରଖିଦେବି " । ମିକ ବି ସେହିପରି ମନା କଲା ନାହିଁ ରଖିବନାହିଁ । ଆଜି ସେ ଦୁହିଁଙ୍କୁ ଖୁବ୍ ଇଚ୍ଛା ହେଉଥିଲା ସେମାନେ ପୁଅ ପିଲା ହେଇଥାନ୍ତେ କ ଆଉ ଜେଣ୍ଟ୍ସ ଛତା ଧରିବାକୁ ଲାଜ ଲାଗିନଥାନ୍ତା । ମୀର୍ ଯେତେବେଳେ ମିକ କୁ କହିଲେ ତାଙ୍କ ଲେଡ଼ିଜ୍ ଛତାଟା ଆସିଲେ ସେ ସବୁଦିନ ମିକ କୁ ରଖିବାକୁ ଦେବେ ସେବେ ଯାଇ ମିକ ରାଜି ହୋଇ ବଡ ଛତାଟାର ବଙ୍କୁଲୀ ବେଣ୍ଟ କୁ ଧରି ଷଷ୍ଠ ଶ୍ରେଣୀ ଭିତରକୁ ପଶିଗଲା ।

ସ୍କୁଲ୍ ଛୁଟି ହେଲା ବେଳକୁ ମିକ ମୀର୍‌ଙ୍କ କ୍ଲାସ ଆଗରେ ତାଙ୍କୁ ଅପେକ୍ଷା କରିରହିଛି । ମୁହଁ କୁ ହାଣ୍ଡି କରି ଠିଆ ହୋଇଛି । ମୀର୍ ଆସିଲା ପରେ ରାଗିକରି ବଡ ଛତା ଟା ତଳେ କଚାଡି ଦେଲା । ଆଜି କ୍ଲାସ୍ ରେ ତା ଛତା ଟାକୁ କେମିତି 'ବୁବୁ' ବୁଢାଅଜା ର ବଙ୍କୁଲୀ ବାଡ଼ି କହି

ଥଟ୍ଟା କଲ୍ ଆଉ ସବୁ ପିଲ୍ ବି ଦେଖିକ ହସିଲେ, ସେହିକଥା କହି ମିକ କାନ୍ଦି ପକେଇଲ୍ । ତାକୁ ବହୁତ ଖରାପ ଲାଗିଛି । ପୁରା ଶ୍ରେଣୀ ରେ କାହାର ବି ଏମିତି ପୁରୁଣାକାଳିଆ ଛତା ନାହିଁ । ଆସିଲ୍ ବେଳକୁ ମୀରା ଛତା ଟି ଧରି ଧରି ଆସିଲେ । ସେମାନେ ସେଦିନ ଅଲଗା ଗୋଟେ ରାସ୍ତା ରେ ଆସିଲେ ଯୋଉବାଟେ ଅଳ୍ପ ପିଲା କେବଳ ସାଇକେଲ୍ ନେଇକ ସ୍କୁଲ୍ ଯିବା ଆସିବା କରନ୍ତି ।

ସେହିଦିନଠୁଁ ବର୍ଷା ଉଠେଇଥିଲେ, ବର୍ଷିବା ଆଗରୁ ସ୍କୁଲ୍ ଟାଇମ୍ ହେଇନଥିଲେ ବି ଦୁଇଭଉଣୀ ଯାକ ଦୌଡ଼ା ଦୌଡ଼ି ହୋଇ ଆଗୁଆ ସ୍କୁଲ୍ ପଳାନ୍ତି । ଆଉ ଛତା ନେଇକ ଯାଆନ୍ତିନାହିଁ । ସ୍କୁଲ୍ ରୁ ଫେରିଲ୍ ବେଳକୁ ବର୍ଷା ହେଲେ ଭିଜି ଭିଜି ଆସନ୍ତି । ବୋଉ କୁ କୁହନ୍ତି ଛତା ନେବାକୁ ଭୁଲିଯାଇଥିଲୁ । ଦିନେ ଦିନେ ମେଘୁଆ ପାଗରେ ସ୍କୁଲ ପଳାନ୍ତି ବିନା ଛତାରେ । ଛୁଟି ବେଳକୁ ସମସ୍ତେ କଏ ଛତା ଧରି ତ ଆଉ କଏ ରେନ୍ କୋଟ୍ ପିନ୍ଧି ଗୋଟି ଗୋଟି କରି ପଳାଉଥାନ୍ତି, କେବଳ ଷଷ୍ଠ ରୁ ମିକ ଓ ଅଷ୍ଟମ ରୁ ମୀରା ରହିଯାଆନ୍ତି ବର୍ଷା କମିବାକୁ ଅପେକ୍ଷା କରି । ଶିକ୍ଷକମାନେ ଗାଳିଦେଉଥାନ୍ତି କାହିଁକି ସେମାନେ ଏତେ ବେପରବା ହେଇଛନ୍ତି ଯେ ମେଘ ପାଗ ଦେଖିକ ବି ଛତା ଆଣିନାହାଁନ୍ତି । ବର୍ଷା ନକମିଲେ ପୁଣି ଜେଜେ ନଜେ ଗୋଟେ ଛତା ହାତରେ ଧରି ଆଉ କାଖରେ ସେହି ବଡ ଛତା ଟା ଜାକ ଆସିଯାନ୍ତି ଦୁହିଁଙ୍କୁ ନେବା ପାଇଁ । ଏଇମିତି ହେଇ ହେଇ ସେ ବର୍ଷଟିରୁ ବର୍ଷା ଋତୁ ଗ୍ଳଲିଯାଏ।

ମୀରା ଙ୍କର ନବମଶ୍ରେଣୀ ଆରମ୍ଭ ରେ ବର୍ଷା ହେବା ଆଗରୁ ସେ ଜିଦ୍ କରନ୍ତି, ତାଙ୍କୁ ଗୋଟେ ଲେଡ଼ିଜ୍ ଛତା ଆଣିନଦେଲେ ସେ ଆଉ ସ୍କୁଲ୍ ଯିବେନ । ବାପା ସ୍କୁଲ ଖୋଲିବା ଆଗ ଦିନ ହିଁ ଗୋଟେ ସୁନ୍ଦର ରଙ୍ଗୀନ୍ ଫୋଲଡିଂ ଲେଡ଼ିଜ୍ ଛତା ଆଣି ଆସନ୍ତି। ଗାଢ଼ ନୀଳ ରଙ୍ଗ ଉପରେ ସୁନେଲି ରଙ୍ଗର ସୁନ୍ଦର ସୁନ୍ଦର ଚନ୍ଦ ଥାଇ ଖୁବ ମନଲୋଭା ହୋଇଥାଏ ଛତାଟି । ଦୁଇଭଉଣୀ ଯାକ ନୂଆ ଛତା କୁ ଦେଖି ଖୁସିରେ ନାଚ ଉଠିଲେ । ପୁଣି କଳି ଲାଗିଲେ ଛତାଟି କଏ ରଖିବ । ମିକ ମନେ ପକେଇଦେଲା, "ନାନୀ ତୁ କହିଥିଲୁ ନୂଆ ଲେଡ଼ିଜ୍ ଛତା ଆସିଲେ ମତେ ଦେବୁ ରଖିବାକୁ । ଭୁଲିଯାଆନା"।

ଦୁହିଁଙ୍କ କଳି ବି ସମାଧାନ ହେଇଯାଏ । ଦିନେ ରଖିବ ମିକ ଦିନେ ରଖିବେ ମୀରା ।

ସ୍କୁଲ୍ ଖୋଲିଲା । ଦୁହେଁ ଯାକ ନିତି ନୂଆ ଛତାଟିକୁ ବ୍ୟାଗ୍ ରେ ଭର୍ତ୍ତି କରି ନେଇଯାଆନ୍ତି । ହେଲେ ବର୍ଷା ହୁଏନି । ସେମାନଙ୍କ ଛତା ଖୋଲାଯାଇ ପାରେନାହିଁ । ଭାରି ମନ ଦୁଃଖ ଦୁଇଭଉଣୀ ଙ୍କର । ବେଶି ମନ କଷ୍ଟ କରେ ମିକି ।ସେ ଚାହେଁ ସେହି ଦୁଷ୍ଟ ବୁବୁ ଆଉ ସବୁ କ୍ଲାସ୍ ପିଲାଙ୍କ ଆଗରେ ସେ ଗର୍ବ ର ସହ ତା ନୂଆ ସୁନ୍ଦର ଛତା ଟି ନେଇ ପଛ ବେଞ୍ଚ୍ ଉପରେ ଖୋଲିଦେଇ ଶୁଖାନ୍ତା । ପୁଣି ଆସିଲାବେଳକୁ ଛତା ବନ୍ଦ କରି ବ୍ୟାଗ୍ ରେ ରଖନ୍ତା । ହେଲେ ଏ ବେକାରିଆ ବର୍ଷା ଟିକେ ବି ହେଉନାହିଁ ଆଉ ସେ ବ୍ୟାଗ୍ ରୁ ଛତା ଟି ବାହାର କରିବାର ସୁଯୋଗ ପାଉନି ।

ଛତା ଆସିବାର ଚାରି ଛଅ ଦିନ ପରେ ଆରମ୍ଭ ହୋଇଗଲା ଲଘୁଚାପ ଜନିତ ବର୍ଷା । ଅବାରିତ ବର୍ଷାର ଧାରା ଲାଗିରହିଲା । ବର୍ଷା କମିବାର ନାଁ ଧରୁନଥାଏ । ଜେଜେମାଆ ଓ ମାଆ ଙ୍କ ଶତ ବାରଣ ସତ୍ତ୍ୱେ ଦୁଇଭଉଣୀ ସେହି ଛୋଟିଆ ଲେଡ଼ିଜ୍ ଛତା ତଳେ ଜାକି ଜୁକି ହୋଇ ଧୀରେ ଧୀରେ ପାଦ ଚପି ଚପି ସ୍କୁଲ ଗଲେ । ଅଧିକାଂଶ ପିଲା ଲଗାଣ ବର୍ଷା ଯୋଗୁଁ ସ୍କୁଲ୍ ଆସିନଥାନ୍ତି, କିନ୍ତୁ ଏବେ ବର୍ଷା ରେ ମୀରା ଓ ମିକି ଙ୍କର ଗୋଟିଏ ବି ଦିନ ସ୍କୁଲ୍ ବନ୍ଦ ହୁଏନା । ବର୍ଷା ରେ ଘରକୁ ଫେରିଲା ବେଳେ କେବଳ ମୁଣ୍ଡ ଯୋଡିକ ବ୍ୟତୀତ ଦୁହିଁଙ୍କ ଶରୀର ର ଅର୍ଦ୍ଧେକ ଭାଗ ବର୍ଷା ପାଣି ଛିଟା ରେ ଭିଜି ଓଦା ହୋଇଯାଇଥାଏ । ମିକି ର ବି ଏବେ ଇଚ୍ଛା ହୁଏ ତାର ଅଲଗା କରି ଆଉ ଗୋଟେ ଠିକ୍ ଏହିପରି ଛତା ଆସନ୍ତାକି ! ନାନୀ ସାଙ୍ଗରେ ଏମିତି ଗୋଟିଏ ଛତାରେ ଗେଞ୍ଜି ହୋଇ ଯିବାକୁ ପଡ଼ନ୍ତାନି । ପୁଣି ନିଜ ଛତା ଟିକୁ ବି ନିଜ ପାଖରେ ସବୁବେଳେ ରଖିପାରନ୍ତା । ପରମୁହୂର୍ତ୍ତ ରେ ପୁଣି ଇଚ୍ଛା ଟାକୁ ପଛକୁ ଠେଲିଦେଇ ମନେ ମନେ କହେ, "ଧେତ୍.. ବାପା ତ ଆଗ ଦେଉଥିଲେ ଆଉ ଗୋଟେ? ଏଇଟା ବି ତ ମୋର । ଦିନେ ଛାଡ଼ି ଦିନେ ହେଉପଛେ "।

ସେଦିନ ଥାଏ ଚିତା ଲାଗି ଅମାବାସ୍ୟା । ଅଳ୍ପ ଅଳ୍ପ ବର୍ଷା ହେଉଥାଏ । ମୀରା ଓ ମିକି ଛତା ଖୋଲି ସ୍କୁଲ୍ କୁ ଗଲେ । ଛତା ରଖିବା ପାଳି ମିକି ର । ଅଳ୍ପ ଓଦା ହୋଇଥିବା ନିଜ ପ୍ରିୟ ଲେଡ଼ିଜ୍ ଛତାଟିକୁ ମିକି ସଗର୍ବେ ନେଇ ସପ୍ତମ ଶ୍ରେଣୀ ର ଶେଷ ବେଞ୍ଚ୍ ପଛ ପାଖ ଖାଲିଜାଗାରେ ଖୋଲି ରଖିଦେଲା । ଚିତାଲାଗି ଅମାବାସ୍ୟା ପାଇଁ ଖେଳଛୁଟି ପରେ ସବୁ କ୍ଲାସ୍ ବନ୍ଦ ହୋଇଗଲା । ପିଲାମାନେ ଖୁସିରେ ଦୌଡ଼ା ଦୌଡି କରି ଘରକୁ ଧାଇଁଲେ । ଆକାଶ

ନିର୍ମଳ । ବର୍ଷା ର ଚହ୍ନ ବର୍ଣ୍ଣ ନାହିଁ । ମୀର୍ ଧାଇଁ ଆସି ମିକ କୁ ଡାକଲେ । ଦୁହେଁ ଆନନ୍ଦ ମନରେ ହାତ ଧର୍ ଧରି ହୋଇ ଘର ଅଭିମୁଖେ ଗ୍ଲିଆସିଲେ ।

ଘରେ ଆସି ମିକ ର ମନେ ପଡିଲ୍ ସେ ତାଙ୍କ ରଙ୍ଗୀନ୍ ଛତା ଟିକୁ ସ୍କୁଲ୍ ରେ ଛାଡ଼ି ଆସିଛି। ନାନୀ କୁ କାନ୍ଦି କାନ୍ଦି କହିଲ୍ । ମୀର୍ ଖୁବ ର୍ଗିଲେ, "ଏଇଥିପାଇଁ ତତେ ମୋ ନୂଆ ଛତା ରଖିବାକୁ ଦେଉନଥିଲି ।ବାପା ଜାଣିଲେ କ'ଣ ହେବ ଜାଣିଛୁ? କେତେ କଷ୍ଟ ରେ ବାପାଙ୍କୁ କହି କଣେଇଥିଲି ! ଇଁ ଇଁ ଇଁ... ତୁ ମୋ ଛତା ଆଣି ଦେ। ମୁଁ ଜାଣିନ ତୁ କେମିତି ଆଣିବୁ"। ଇଁ ଇଁ.. ମୀର୍ ଙ୍କର କାନ୍ଦ ।

"ନାନୀ ତୁ କାନ୍ଦେନା । ବାପା ଜାଣିଗଲେ ମତେ ବାଡେଇବେ । ମତେ ବି ତ ବହୁତ ଦୁଃଖ ଲ୍ଗୁଛି । ଶୁଣୁ କାଲି ଶନବାର । ସକାଳୁଆ ସ୍କୁଲ। ଆମେ ପୁର୍ ଜଲଦି ପଳେଇବା । ଆମ କ୍ଲାସ୍ ପଛ ବେଞ୍ଚ୍ ତଳକୁ ଛତା ଟା ଥିବ। ନେଇଆସିବା।"

ମିକ ନଜେ ବୁଝିଯିବା ସହ ନାନୀ କୁ ବି ବୁଝେଇ ଦେଲ୍ ।

କନ୍ତୁ ତା ଆରଦିନ ସ୍କୁଲ୍ ରେ ସେମାନେ ଆଉ ତାଙ୍କ ପ୍ରିୟ ଛତା ଟି ପାଇଲେ ନାହିଁ । ଦୁହେଁ ମିଶି ଖୁବ ଖୋଜିଲେ, କୋଉଠି ମିଳଲ୍ନାହିଁ । ଦୁଇ ଭଉଣୀ ଘରେ କଛି ନକହି ଚୁପ୍ ଗ୍ପ୍ ରହିଲେ । ଘରେ ବି ସମସ୍ତେ ଜାଣନ୍ତି ଦୁଇଜଣ ଯାକ ଛତାଟିକୁ ଜୀବନ ପରି ଭଲ ପାଆନ୍ତି, ସେଥିପାଇଁ କେହି ସେ ଛତା କୁ ବ୍ୟବହାର କରିବାକୁ ମାଗନ୍ତିନାହିଁ ।ଏବେ ବର୍ଷା ହେଲେ ମିକ ଜେଜେ ଙ୍କ ପୁରୁଣା ଛତା ଟାକୁ ବାଡ଼ିପଟେ ଲୁଚେଇ ନେଇ ରଖିଦେଇ ଆସେ । ଦୁଇଭଉଣୀ ଖାଇସାରି ଡକା ଡକ ହୋଇ ସେହିବାଟେ ସ୍କୁଲ୍ ପଳାନ୍ତି । ଘରକୁ ଆସିଲେ କହନ୍ତି, "ଗୋଟେ ଛତା ରେ ବହି ଖାତା ଓଦା ହେଇଯାଉଛି, ସେଥିପାଇଁ ଦୁଇଟା ନେଇଯାଇଥିଲୁ "। ଏମିତି ଛତା ହଜିବା କଥା ଟା ନଜ ଭିତରେ ଗୋପନ ରଖନ୍ତି । ବାପାଙ୍କ କାନ କୁ କଥା ଯାଏନାହିଁ ।

ଛତା ହଜିବାର ପ୍ରାୟ କୋଡିଏ ପଚଶ ଦିନ ପରେ ଦିନେ ମିକ ଝିପି ଝିପି ବର୍ଷା ରେ ଘଷିପଡିଆ ଆଡେ ଯାଇଥିଲ୍ ଦେଖିବାକୁ ପୋଖରୀ ଆଉ ନଈରେ କେତେ ପାଣି ହେଲ୍ଣି ।

ପଡିଆ ପଛପଟ ବିଲରେ ଦେଖିଲା ରଙ୍ଗୀନ୍ ଛତାଟେ ଝୁଲି ଖେଳଲା ପରି ଏପଟ ସେପଟ ହେଉଛି । ପାଖକୁ ଗଲାରୁ ଜାଣିଗଲା ସେଇଟି ତାଙ୍କ ପ୍ରିୟ ଲେଡ଼ିଜ୍ ଛତା । ବୁଢୀଟିଏ ସେହି ଛତା କୁ କାଖ ରେ ଜାକ ହିଡ ରୁ ଘାସ କାଟୁଛି । ମିକ ଏତକ ଦେଖିପକେଇ ଖୁବ ଜୋରରେ ଘରକୁ ଦୌଡିଲା । ନାନୀ କୁ ସାଙ୍ଗରେ ନେଇ ପାଞ୍ଚମିନଟ୍ ରେ ପୁଣି ସେହି ଜାଗାକୁ ଫେରିଆସିଲା ।

-ନାନୀ ଦେଖ ଏ ବୁଢୀ ଆମ ଛତା ଚୋରୀ କରିଛି । ଭଲ କ ଦେଖ । ଏଇଟା ଆମରି ହିଁ ଛତା ।

"ହଁ ତ ! ଇଏ ତ ମୋରି ଛତା ! ଏ ମାଉସୀ ! ଏ ଛତା କୋଉଠୁ ପାଇଲ? ଏଇଟା ଆମର। ଆମକୁ ଦେଇ ଦିଅ ", ମୀରା ବୁଢୀ କୁ ଅନେଇ କହିଲେ ।

ବୁଢୀ ଟି ଖୁଁ ଖୁଁ ହେଇ କାଶୁ କାଶୁ କହିଲା, "ଆଁ ! ଏଇଟା କାହିଁକ ତୁମ ଛତା ହେବ?ବ ର୍ଷା ରେ ଓଦା ହୋଇ ମତେ ଜର ହେଇଯାଇଥିଲା ବୋଲି ମୋ ନାତୁଣୀ ଏଇଟା ମତେ ଦେଇଛି । ଏଇଟା ମୋ ନାତୁଣୀ ର "। ପୁଣି ବୁଢୀ କାଶିଲା ।

"ମାଉସୀ ତୁମ ନାତୁଣୀ ନାଁ କଣ? ସେ କଣ ସାହାପୁର ସ୍କୁଲ୍ ରେ ସପ୍ତମ ପଢୁଛି କ? ", ମିକ ପଚାରିଲା ।

ବୁଢୀ ଦାଆ ଟା ତଳେ ରଖି ଦେଇ କହିଲା, "ତା ନାଁ ତୀଳ । ମୁଁ ଜାଣିନ ସେ କୋଉ କଲାସ ପଢୁଛି । ହଁ ସେ ସାହାପୁର ଇସ୍କୁଲୁ ଯାଏ ।"

ଦୁଇଭଉଣୀ ଠରା ଠରି ହୋଇ ସେଠୁ ପଳେଇଆସିଲେ ।

-ନାନୀ ! ମୁଁ ସେ ତୀଳ କୁ ଚହ୍ନିଛି । ଆମ କ୍ଲାସ୍ ର ସବୁଠୁ ଡେଙ୍ଗୀ ଝିଅ । ଖୁରି କଳେହି ଟା । ପାଠ ପଢା କୋଉଦିନ ବି କରିକ ଆସେନ । ସବୁବେଳେ ପଛ ଧଡ଼ି ରେ ଏକା ବସେ । ସେହି ଚୋରୀ କରିଛି ମୋ ଛତା । ତା ଘର ଏହି ପାଟପୁର ବୋଲି ସେ କହୁଥିଲା ।

- କାଲି ରବିବାର ଅଛି । ମୋ ସାଙ୍ଗ ଘରକୁ ଇଂରାଜୀ ନୋଟ୍ ଆଣିବାକୁ ଯିବା କହି ତା ଘରକୁ ଯାଇ ତା ବାପା ମାଆ ଙ୍କୁ କହି ଆମ ଛତା ଟା ନେଇଆସିବା । ହେଲା । ତୁ ତାଙ୍କ ଘର ଦେଖିଛୁ ଟି?

-ନାଇଁ ଦେଖିନ । ପାଟପୁର ଯାଇ କାହାକୁ ପଚାରିଦେଲେ, ଘର ଟା ଜାଣିଯିବାନ?

ତହିଁ ଆରଦିନ ସକାଳୁ ଯୋଜନା ମୁତାବକ ଦୁହେଁ ପାଟପୁର ଗଲେ । ତାଙ୍କ ଗାଁ ବାବଲପୁର ରୁ ମାତ୍ର ଆଠଶହ ମିଟର୍ ଦୂରରେ ତୀଳର ଗାଁ । ପଚାରି ପଚାରି ଯାଇ ଦୁହେଁ ତୀଳର ଘର ଆଗରେ ହାଜର ହୋଇଗଲେ । ତାଙ୍କ ଘର ଆଗରେ ବହୁତ ଭିଡ଼ । ଭିତରୁ କାନ୍ଦଣା ଶୁଭୁଛି । ତୀଳ ବି ବୋଧେ କାନ୍ଦୁଛି । ମୀରା ଜଣଙ୍କୁ ପଚାରି ବୁଝିଲେ ତାଙ୍କ ବୁଢୀ କୁ କଛିଦିନ ହେବ ଜର ହେଇ ଆଉ ଭଲ ହେଉନଥିଲା । କାଲି ରାତି ରେ ଶୋଇଥିଲା ଆଉ ଆଜି ସକାଳୁ ଉଠିଲାନାହିଁ । ବୁଢୀଟା ମରିଯାଇଥିବା ଶୁଣି ଦୁଇ ଭଉଣୀଯାକ ଛତା କଥା ଭୁଲିଗଲେ । ସେଠୁ ଖାଲି ହାତରେ ମୁହଁ କୁ ଓହଳେଇ ଚାଲିଆସିଲେ । ସେଦିନ ପର ଠୁ ତୀଳ ବି ଆଉ ସ୍କୁଲ୍ ଆସିଲାନାହିଁ । ମୀରା ଓ ମିକଙ୍କର ରଙ୍ଗୀନ୍ ଛତା ଟା ଫେରିପାଇବା ର ଆଶା ମଧ୍ୟ ଧୀରେ ଧୀରେ ମରି ଗଲା ।

ବାପା ଦିନେ ସେମାନଙ୍କୁ ବର୍ଷା ରେ କୁଙ୍କୁରି କାଙ୍କୁରି ହୋଇ ଗୋଟେ ଭଙ୍ଗା ଛତା ଧରି ସ୍କୁଲ ରୁ ଫେରୁଥିବାର ଦେଖିଦେଲେ । ଘରେ ଆସି ପଚାରିଲା ରୁ ଦୁହେଁ ଆଗରୁ ପ୍ରସ୍ତୁତ କରି ରଖିଥିବା ମିଛ କାହାଣୀ ଟି କହିଦେଲେ, "ବାରମଜା ଖାଉଥିଲା ବେଳେ ଛତା ଟା ତଳେ ରଖିଥିଲୁ । କିଏ ଚୋରୀ କରି ନେଇଗଲା ଜାଣିହେଲାନାହିଁ "।

ଏମିତି ହୋଇ ସେ ବର୍ଷର ବାକି ବର୍ଷା ଦିନଗୁଡ଼ା ମଧ୍ୟ ତାଙ୍କର ବିନା ଲେଡ଼ିଜ୍ ଛତା ରେ କଟିଗଲା । ବାର୍ଷିକ ପରୀକ୍ଷା ସରିଗଲା । ଏ ବର୍ଷ ମିକ ଅଷ୍ଟମ କୁ ଯିବ । ମୀରାଙ୍କର ମାଟ୍ରିକ ପରୀକ୍ଷା । ଅନେକଦିନ ପରେ ପିଉସୀ ନାନୀ ଆସିଛନ୍ତି । ପିଉସୀ ନାନୀ ଗଲାବେଳକୁ ଦୁହିଁଙ୍କ ହାତରେ ଶହେ ଶହେ କରି ଦୁଇଶହ ଟଙ୍କା ଦେଇଗଲେ । ଦୁଇଭଉଣୀଙ୍କର ଟିକେ ପରିପକ୍ୱତା ଆସିସାରିଥାଏ । ସେମାନେ ଘରର ଆର୍ଥିକ ପରସ୍ଥିତି କୁ ଏବେ ଟିକେ ବୁଝିବାକୁ

ଚେଷ୍ଟା କଲେଣି । ସେମାନେ ସବୁଯାକ ଟଙ୍କା ନେଇ ବୋଉ କୁ ଦେଇଦେଲେ । ବାପା ସେହି ଟଙ୍କାରେ ଆଉ କଛି ମିଶେଇ ରଜ ପୂର୍ବରୁ ଦୁଇଟି ସୁନ୍ଦର ଲେଡ଼ିଜ୍ ଛତା ଦୁହିଁଙ୍କ ପାଇଁ ନେଇଆସିଲେ । ଦୁଇ ଦୁଇ ଟି ଛତା ପାଇ ମଧ୍ୟ ଦୁହିଁଙ୍କ ମନରେ ଆଗ ପରି ସେ ଉତ୍ସାହ ଆଉ ନାହିଁ । ଏ ଛତା ଦୁଇଟି କେବେ ମଧ୍ୟ ତାଙ୍କର ପ୍ରିୟ ପ୍ରଥମ ଲେଡ଼ିଜ୍ ଛତା ପରି ହୋଇପାରିବେ ନାହିଁ । ପ୍ରଥମ ଛତାଟିର ଆକର୍ଷଣ ଥିଲା ଭିନ୍ନ ପ୍ରକାର । ଜୀବନ ରେ ପ୍ରଥମ କରି ମିଳଥିବା ଦ୍ରବ୍ୟ କୁ କେହି କେବେ ଭୁଲିପାରେନ, ସେ ହେଉପଛେ ସାମାନ୍ୟ ଏକ ରଙ୍ଗୀନ୍ ଛତା । ଆଜି ବି କୋଉଠି ଗୋଟେ ସ୍କୁଲ୍ ଝିଅ କୁ ରଙ୍ଗୀନ ଛତା ଟେ ଧରିଯାଉଥିବାର ଦେଖିଲେ, ମୀରା ନଜର ହଜିଯାଇଥିବା ସେହି ନୀଳ ଓ ସୁନେଲି ରଙ୍ଗର ଲେଡ଼ିଜ୍ ଛତା ଟିକୁ ଝୁରି ହୁଅନ୍ତି ।

"ମୀରା ! ମୀରା ! ତୁମକୁ କ'ଣ ସତରେ ଶୁଭୁନ? କ'ଣ ଏମିତି ବସି ଘଣ୍ଟାଏ ହେଲା ଭାବୁଛ? ଯିବନ କ ତୁମ ଘରକୁ? ବର୍ଷା ପା କେତେବେଳୁ ଛାଡ଼ିଗଲାଣି । ରାଜା ଫୋନ୍ କରିଥିଲା । ପୁଅ ଘରଲୋକ ଆସି ପହଞ୍ଚିଲେଣି । ଜଲଦି ରେଡି ହୁଅ । ମୋ କାମ ମୁଁ ସାରିଲିଣି ।", ଅନୁପ ବାଥରୁମ୍ ରୁ ବାହାରିଆସି ମୀରାଙ୍କୁ କହିଲେ ।

ମୀରା ପ୍ରକୃତିସ୍ଥ ହେଲେ । ପିଲା ଦିନରୁ ବର୍ତମାନ କୁ ଫେରିଆସିଲେ ।

ମିକ ର ଲଗ୍ନଧରା ସମାପ୍ତ ହେଲା । ସନ୍ଧ୍ୟା ରେ ସମସ୍ତ ଅତିଥି ଖାଇ ପିଇ ବିଦାୟ ନେଲେ । ଆକାଶକୁ ଆହୁରି କଳାହାଣ୍ଡିଆ ମେଘ ଘୋଡେଇ ରଖିଛି । ବିନୟ ବାବୁ ଜ୍ୱାଇଁ ଓ ଝିଅ ଙ୍କୁ ରାତିରେ ରହିଯିବାକୁ ଅନୁରୋଧ କଲେ । ଅନୁପଙ୍କର ଅଫିସ ରେ ଅନେକ କାମ । ଅନୁରୋଧ ରକ୍ଷା କରିପାରିଲେନ । ସେ ମୀରାଙ୍କୁ ଦୁଇ ଚାରିଦିନ ପାଇଁ ବାପଘରେ ଛାଡ଼ି ଏକା ଫେରିଗଲେ ।

ସକାଳୁ ଉଠି ମିକ ମୀରାଙ୍କୁ ନଦ ରୁ ସେହିପରି ଉଠାଇଲା, ଯେମିତି ପିଲାବେଳେ ରୀତିମତ ଉଠାଉଥିଲା ।

- ନାନୀ ଆମ ସେହି ହଜିଯାଇଥିବା ରଙ୍ଗୀନ୍ ଛତା ଟା କୋଉଠି ଅଛି ଦେଖିବୁ?

ମୀର୍ ଙ୍କ ନିଦ ଚଟ୍ କରି ଭାଙ୍ଗିଗଲା ।

-ହଁ । କୋଉଠି?

-ଆସ୍ ମୋ ସାଙ୍ଗରେ ଦେଖଉଛି ।

ମୀର୍ ଚଟାପଟ୍ ମୁହଁ ଟା ଧୋଇକରି ବାହାରି ଆସିଲେ । ବାହାରେ ବର୍ଷା ହେଉଛି । ବାପା ଦାଣ୍ଡ ପିଣ୍ଡାରେ ବସିଛନ୍ତି । ଦୁହିଁଙ୍କୁ ବାହାରକୁ ବାହାରୁଥିବାର ଦେଖି କହିଲେ, "ଆରେ ! ଏ ବର୍ଷା ରେ କୁଆଡେ ବାହାରିଲ? ଏ ମୀର୍ ! ରହ ମୁଁ ଲେଡ଼ିଜ୍ ଛତା ଟା ଆଣିଦେଉଛି ।"

"ବାପା ! ଏ ଯେଉଁ ପବନ ବହୁଛି ଲେଡ଼ିଜ୍ ଛତା କ'ଣ କାମ ଦେବ? ଭାଙ୍ଗିଯିବ" । ମୀର୍ ପୁଣି ନିଜ ହାତରେ ଧରିଥିବା ସେହି ପୁରୁଣା ଜେଣ୍ଟସ୍ ଛତା ଟିକୁ ଦେଖେଇ କହିଲେ, "ଏଇଟା ନେଉଛୁ ପାଣି ଟିକେ ବି ଛାଟିବନି କି ଗଳିବନି "।

ଦୁଇ ଭଉଣୀ ସେହି ବଡ ଜେଣ୍ଟସ୍ ଛତା ଟିକୁ ଧରି ଗାଁ ଶେଷ ମୁଣ୍ଡ ଆଡକୁ ଚାଲିଛନ୍ତି । ଯେମିତି ଦଶବର୍ଷ ତଳେ ସାହାପୁର ସ୍କୁଲ୍ କୁ ହାତ ଧର୍ ଧରି ହେଇଯାଉଥିଲେ, ଠିକ୍ ସେମିତି । ମୀର୍ ଭୁଲି ଯାଉଛନ୍ତି ସେ ବିବାହିତା ଓ ମିକି ଆଉ ପନ୍ଦରଦିନ ପରେ ନୂଆବୋହୂ ବେଶ ହୋଇ ଏ ଗାଁ ମାଟି ଛାଡ଼ି ଆଉ କୋଉଠିକୁ ଚାଲିଯିବ । ସେଦିନ ମିକି ଯେମିତି ମୀର୍ ଙ୍କୁ ଛତା ସନ୍ଧାନ ରେ ବାଟ କଢେଇ ପାଟପୁର ନେଇଯାଉଥିଲା, ଆଜି ବି ସେମିତି ନାନୀ କୁ ରାସ୍ତା ଦେଖେଇ ଆଗକୁ ନେଇଯାଉଛି । ମୀର୍ ମଧ୍ୟ ଏକ ଅଦ୍ଭୁତ ଆକର୍ଷଣ ରେ ଆଗେଇ ଚାଲିଛନ୍ତି ।

-"ମିକି ! ଇଆଡ଼େ କୁଆଡେ ଯାଉଛୁ? ୟାଡେ ପା କାଇଥି ପଡିଆ ଶ୍ମଶାନ ଟା? ସିଆଡେ କୁଆଡୁ ଆମ ଛତା ମିଳିବ? ଚାଲ୍ ପଳେଇ ଚାଲ୍ । ମୁଁ ବି ଛୋଟପିଲା ପରି ତୋ ସାଙ୍ଗରେ ଦୌଡି ଚାଲିଆସିଲି । ଚାଲିଲୁ ଏଠୁ ।"

ମୀର୍ ଟିକେ ଡରିଗଲା ପରି କହିଲେ ।

- ତୁ ତ ଖାଲି ଛାନଆଁ ହେଲୁ ! ଆସେ ଆଗକୁ ମୁଁ ଦେଖଉଛି ।

ମିକ ମୀରାଙ୍କୁ ଏକ ପ୍ରକାର ଟାଣି ଟାଣି ନେଇ ଗୋଟେ ଜାଗା ରେ ଠିଆ କରେଇଦେଲା ଓ ଗୋଟେ ନିର୍ଦ୍ଦିଷ୍ଟ ସ୍ଥାନକୁ ହାତ ବଢ଼େଇ କହିଲା, "ହେଇ ଦେଖ୍ ଆମ ଛତା" ।

ମୀରା ଦେଖିଲେ ମାଟି ପଡି ଜାଗା ଟି ଟିକେ ଉଚ୍ଚା ହେଇଯାଇଛି । ଗ୍ଭରିପଟେ ଛିଣ୍ଡା ଲୁଗା ପଟା ପଡିଛି । ପିଣ୍ଡିଟାର ଠିକ ମଝା ମଝିକୁ ଗୋଟେ ପୁରୁଣା ଲେଡ଼ିଜ୍ ଛତା ପୋତା ଯାଇଛି। ବର୍ଷା ପାଣି ଖାଇ ଛତା ର ରଙ୍ଗ ଉଡିଯାଇଛି । ଟାଙ୍କ ଗୁଡାକ ବି ଭାଙ୍ଗି ବଂକ ଯାଇଛି । ଫିକା ନୀଳ ରଙ୍ଗ ର ଛତାରେ ପଡିଥିବା ସୁନେଲି ରଙ୍ଗ ର ଚନ୍ଦ ଗୁଡିକ କିନ୍ତୁ ତାଙ୍କ ପୁରୁଣା ହଜିଯାଇଥିବା ବା ତୀଳ ଦ୍ୱାରା ଗ୍ଭେରୀ ହୋଇଥିବା ଛତା ର ଚନ୍ଦ ପରି ଅବିକଳ ଦିଶୁଛି ।

- ହେ..ଏଟା ଆଉ କାହାର ହେଇଥିବ । ଏତେଦିନ ପରେ ସେ ଛତା ଆଉ ଥିବ ତୁ ଭାବୁଛୁ? କୁଆଡେ ନଷ୍ଟ ହେଇ ଯିବଣି ନା ।

ମିକ କିନ୍ତୁ ମାଟିର ସେ ସମାଧି ଆଡକୁ ଏକଲୟ ରେ ଗ୍ଭହିଁ କହୁଥାଏ, "ଏଇଟା ଆମରି ସେହି ଛତା ନାନୀ ! ନଷ୍ଟ ହେଇନଥିଲା । " ।

-ତୁ କେମିତି ଜାଣିଲୁ ଏଇଟା ଆମରି ଛତା? ବଜାର ରେ କ'ଣ ସେଭଳି ଆଉ ଛତା ବିକ୍ରି ହେଉନଥିଲା ନା କଣ?

-ମୁଁ ଜାଣିଛି ଏଇଟା ଆମ ଲେଡ଼ିଜ୍ ଛତା । କାରଣ ଏ ସମାଧୀ ଟା ତୀଳ ର ।

ମୀରା ଅବାକ୍ । "ତୀଳ ର?? କିନ୍ତୁ କେମିତି? ସେ ତ .."

କହୁ କହୁ ମୀରା ଅଟକି ଗଲେ ।

ମିକ ସେହପରି ସମାଧୀ କୁ ଅପଲକ ନୟନ ରେ ଗୃହିଁଛି ଓ କହୁଛି, "ତୀନ କୁ ଯକ୍ଷ୍ମା ହେଇଥିଲା । ତାଙ୍କ ଘର ଲୋକ ଠିକ ରେ ଚକିତ୍ସା କରେଇପାରିଲେନ । ରୋଗଟା ତାକୁ ଧୀରେ ଧୀରେ ଖାଇଗଲା । ରୋଗ ପୁରୁଣା ହୋଇ ଆଉ ଭଲ ହେଲାନାହିଁ । ସେ ବହୁତ ଦୁର୍ବଳ ହୋଇପଡିଲା । ଶୁଖିକ କୁଆଡେ ସଳତା ହେଇଯାଇଥିଲା । ମାସେ ତଳେ ଦିନେ ମଧ୍ୟାହ୍ନ ବାରଟା ବେଳେ ତୀନ ସବୁ ରୋଗ ଯନ୍ତ୍ରଣା ରୁ ମୁକ୍ତି ପାଇଗଲା । ସବୁଦିନ ପାଇଁ ସେ ଆଖି ବୁଜି ଦେଲା । ଏଇ ଆମ ଛତା ଟାକୁ ସିଏ କାଳେ ବହୁତ ଭଲ ପାଉଥିଲା । କ ଖରା କ ବର୍ଷା ସବୁବେଳେ ଏଇ ଛତା ଟି ଧରି ସେ ବୁଲୁଥିଲା । ସେଥିପାଇଁ ତା ଘର ଲୋକ ଏଇ ଛତା ଟାକୁ ଆଣି ତା ସମାଧୀ ପାଖରେ ପୋତି ଦେଇଛନ୍ତି । ନାନୀ ! ଏଇଟା ହିଁ ଆମର ପ୍ରଥମ ରଙ୍ଗୀନ୍ ଲେଡ଼ିଜ୍ ଛତା। ସେଦିନ ଛୁଟିପରେ କ୍ଲାସ୍ ରୁ ତୀନ ଏଇଟିକୁ ଉଠେଇ ଆଣିଥିଲା ।"

କଥା ଶେଷ ହେଉଣୁ ମିକର ଆଖିରୁ ଠପ୍ ଠପ୍ ଦୁଇ ଟୋପା ଲୁହ ଖସି ପଡିଲା ।

ମୀରା ତୀନ ର କଥା ଭାବି ପୁରା ହଜି ଯାଇଛନ୍ତି । ଛାତି ଭିତରେ କଛି ଗୋଟେ ରୁନ୍ଧି ହେଲା ପରି ଯନ୍ତ୍ରଣା । ଦୁଇ ଆଖିର କୋଣ ରେ ଲୁହ ଜକେଇ ଆସୁଛି । ବର୍ଷା ର ବେଗ ବି ବଢୁଛି । ଗୋଟେ ହାତରେ ଛତା ଧରିଛନ୍ତି । ଆଉ ହାତ କୁ ବିସ୍ତାରିତ କରି ମିକ କୁ ନଜ ପାଖକୁ ଜଡେଇ ଆଣି କହିଲେ, "ମୋ ସୁନା ଭଉଣୀ ଟା ! ତୁ ଆଜିବି ବଡ ହେଇନୁ ଲୋ । ଏ ମିକ! ବାୟାଣୀ ଟା । ଶୁଣୁ ମୋ କଥା । ସେଇଟା ଅବଶ୍ୟ ଆମର ପ୍ରଥମ ଛତା ଥିଲା କନ୍ତୁ ତାପରେ ଏହି ଦଶ ବର୍ଷ ଭିତରେ ଆମ ଜୀବନ ରେ ଅନେକ ଲେଡ଼ିଜ୍ ଛତା ଆସିଲାଣି ଆଉ ଗଲାଣି । ହେଲେ ତୀନ କଥା ଟିକେ ଭାବିଲୁ । ତୀନ ପାଇଁ ତ ସେଇଟି ପ୍ରଥମ ଓ ଶେଷ ଲେଡ଼ିଜ୍ ଛତା ଥିଲା ନାଁ ! "

- ମିକ ମୀରାଙ୍କ ହାତ କୁ ଜାବୁଡି ଧରି କହିଲା, "ଗୃଲ୍ ନାନୀ ଏଠୁ ଜଲଦି ପଳେଇବା । ସତରେ ଏ ଛତା ଟା ଆମର କେବେ ବି ନଥିଲା । ଏଇଟା ସମ୍ପୂର୍ଣ୍ଣ ରୂପେ ତୀନ ର । କେବଳ ମାତ୍ର ତୀନ ର "।

ଦୁହେଁ ଏକସଙ୍ଗେ ଆଉଥରେ ମୁହଁ ଫେରେଇ ତୀନ ର ସମାଧୀ ଆଡକୁ ବୁଲି ଅନେଇଲେ । ତୀନ ଯେମିତି ରଙ୍ଗୀନ ଛତା ଟି ଧରି ହସି ହସି ତାଙ୍କୁ ବିଦାୟ ଦେଉଛି । ଦୁହିଁଙ୍କୁ ଠିକ

ସେମିତି ହିଁ ଅନୁଭବ ହେଲା । ବର୍ଷା ମୁଷଳ ଧାର୍‌ରେ ବର୍ଷିବାରେ ଲାଗିଲା । ତୀଳ ର ସମାଧୀ ଉପରେ ରଙ୍ଗୀନ ଛତାଟି ଭୀଷଣ ବର୍ଷାର ମାଡ଼ରେ ଦୋହଲି ଯାଇ ସମାଧୀ ଉପରେ ପିଟିହେଇଯାଉଛି ।

ଆଉ ପଛକୁ ନଅନେଇ ଦୁଇଭଉଣୀ ଚୁପ୍ ଚାପ୍ ସେଠୁ ଚାଲିଆସିଲେ । ଗାଡ଼ିପଟୁ ବର୍ଷା ଛାଟି ଦୁହେଁ ଏକବାର ଓଦା ଜଡ଼ସଡ଼ । ଘରକୁ ଆସିବା ଭିତରେ ରାସ୍ତାରେ କେହି କାହାକୁ ଆଉ ପଦେ କଛି କହିନାହାଁନ୍ତି ।

ମୀରା ଓ ମିକ ଦୁହିଁଙ୍କ ମନ ଭିତରେ କନ୍ତୁ ଆଜି ତୀଳ ଓ ତାଙ୍କ ପ୍ରଥମ ଲେଡ଼ିଜ୍ ଛତା ର ସ୍ମୃତି ଖେଳବୁଲୁଛି । ଦୁହେଁ ଏକାଠି ବସିଛନ୍ତି ଓ ଭାବୁଛନ୍ତି, "ଆଜି କ'ଣ ପୁଣି ଆମେ ବଡ ରୁ ସାନ ହୋଇଯାଉଥିଲୁ ଖାସ ସେହି ଲେଡ଼ିଜ୍ ଛତା ଟା ପାଇଁ। ସେଇଟି ସତରେ କାହାର**?** ଆମର ପ୍ରଥମ ତୀଳ ର ଶେଷ ନାଁ ତୀଳ ର ପ୍ରଥମ ତୀଳ ର ହିଁ ଶେଷ**?**"

ଦୁହେଁ କନ୍ତୁ ଏକଦମ୍ ନିରବ ରେ ବସି ଭାବୁଛନ୍ତି । ମିକ ଗୋଟେ ଦୀର୍ଘଶ୍ୱାସ ର ସହ ନୀରବତା ଭଙ୍ଗ କରି କହିଲା, "ହାଃ.. କେବଳ ଗୋଟେ ଲେଡ଼ିଜ୍ ଛତା"**!!**

ନନ୍ଦିପୁର, ଦଶରଥ ପୁର, ଯାଜପୁର



# ଶଙ୍ଖ

ମୂଳ ରଚନା (ବଙ୍ଗଳା): ବିକାଶ ଗାୟେନ
ଓଡିଆ ଭ୍ଷାନ୍ତର: ସନାତନ ମହାକୁଡ


ସନାତନ ମହାକୁଡ

ରାତ୍ରିର ଅନ୍ଧକାର ପୋଛି
ଧୀରେ ଧୀରେ ଫୁଟି ଉଠେ ଭୋର
ମୁଁ ତାର ନାମ ରଖେ ପ୍ରକାଶ

ଗୋଧୂଳିର ଆଲୋକ କ୍ରମେ
କଳାରୁ କଳାକୁ ଘନୀଭୂତ
ଏହାର ନାମ ଦେଇଛି ଅନ୍ତରାଳ

ଅସମାନ ସମୟର ଦୁଇପାଖେ
ବସିଥାଏ ଦି ଜଣ ମଝିରେ
ଗୋଟିଏ ଶଙ୍ଖ
ପ୍ରେମ – ସ୍ମୃତି ତନ୍ତୁଜାଲ ।

ବେରୁଆଁବାରୀ, ନୟାଗଡ, ଓଡିଶା

# ନାରୀ ଓ ନାରାୟଣୀ



ସଂଯୁକ୍ତା ବିଶ୍ୱାଳ

ମୁଁ ବର୍ଷାର ଧାର୍ ମୁଁ ସ୍ୱପ୍ନରେ ଭର୍
ମୁଁ ବାସ୍ନା ଶେଫାଳର ମୁଁ ପ୍ରୀତି  ପସର୍
ମୋ' ଦେହେ ଖେଳେ ତରଙ୍ଗ ମାଳା
ମୁଁ କ୍ଷଣିକର  ଚଳଚଞ୍ଚଳ ଚପଳା...

ଆବେଗ ହୃଦୟରେ ମୁଁ କାହା ନାୟିକା,
ପୁଣି କେବେ ଅବ୍ୟକ୍ତ ପଂକ୍ତିର ନହିତ ସ୍ମରଣିକା
ମୁଁ କୁମୁଦିନୀ, ମନ୍ଦାକିନୀ, ମନୋଇ ମନ ମୋହିନୀ
ମୁଁ ଶୀର୍ଷକ ଶ୍ରୀହରଣର ସୃଷ୍ଟିର ଜନନୀ...

ମୁଁ ଯେ ନୀଳ ଆକାଶର ନୀଳମା, ନୀଳ ସାଗରର  ଗର୍ବ ଆଉ ଗାରିମା
ମୁଁ ଅଙ୍କାବଙ୍କା ର୍ାସ୍ତାଟିଏ ନଏ କେଉଁ ଦେଶକୁ ଟାଣି
କେହି କେବେ ଗ୍ଲି ଗଲେ ପୁଣି ଆଉ ଫେରିପରେନ

ମୁ ଝିଲମିଲ ଝଟକୁ ଥିବା ଝର୍ ତୋରଣୀ
ପଲକ ମେଲି ଦେଖିଦେଲେ ଝଲସି ଉଠେ ଧରଣୀ...

ଆଙ୍କି ଦେଖ ଥରେ ମୋ ଛବି ନୀରବେ
ମୁଁ ରଙ୍ଗଭର୍ ରଜନୀ

ଗାଇ  ଦେଖଥରେ ମୋ ନାଁ  ଓଠରେ
ମୁଁ  ସଜ ସଂଗୀତର ରାଗିଣୀ...

ଭାବି ଦେଖ ଥରେ ମୋ ରୂପ ମନରେ
ମୁଁ ଅପରୂପା ଅପସରୀ
ଡୁବି ଦେଖ ଥରେ ମୋ ସ୍ନେହ ସାଗରରେ
ମୁଁ ଯେ ତୃଷ୍ଣା ନିବାରିଣୀ...

ମୁଁ ଜାୟା, ଜନନୀ, ଭଗିନୀ
ସ୍ରଷ୍ଟାର ସର୍ବୋତ୍ତମ ସରଞ୍ଜନା
ନାରୀ ଓ ନାରାୟଣୀ

ନାଲଗଣ୍ଡଲ୍, ହାଇଦ୍ରାବାଦ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

## ପରିତ୍ୟକ୍ତା



ରାଜବାଳା ତ୍ରିପାଠୀ

"ଇଏ ସିଏ ନା ଯାହାକୁ ତାଙ୍କ ହଜବ୍ୟାଣ୍ଡ ଛାଡି ଦେଇଛନ୍ତି।" ଗଳି ଯାଉ ଯାଉ କଥାଟି କାନରେ ବାଜିଲା ସୁଚରିତାଙ୍କର । "ଆଃ ଆଃ ବିଚାରୀ, ଭାରି ଭଲ ପରି ତ ଦେଖା ଯାଉଚ। ହେଲେ ଭିତର କଥା କିଏ ଜାଣେ ରେ ବାବା" ତୀର ପରି ଫୋଡି ଯାଉଥିଲା କଥା ସବୁ ସୁଚରିତାଙ୍କ ମନରେ। ବିବାହ ବିଚ୍ଛେଦ ପରେ ପରେ ଏହି ପରି କଥା ସବୁ ଶୁଣି ଶୁଣି କାନ ବଧିର ପଡ଼ିଗଲାଣି ତାଙ୍କର। କିଏ ବିଚାରୀର ଟ୍ୟାଗ ଦେଲାଣି ତ କିଏ ଚରିତ୍ରହୀନାର । ଯେମିତି କିଛି ଗୋଟେ ଗର୍ହିତ ଅପରାଧ କରି ପକେଇଛନ୍ତି ସେ। ସେଥିପାଇଁ ଆଲୋଚନା, ସମାଲୋଚନା, ସରବ୍ୟର ପାତ୍ରୀ ହେବାକୁ ଉପଯୁକ୍ତ।

ସେ ଜଣେ ବିବାହ ବିଚ୍ଛେଦ ପାଇଥିବା ମହିଳା, କେବଳ ତାଙ୍କ ଜୀବନର ସେହି ଗୋଟିଏ ଘଟଣା ହିଁ ଏକମାତ୍ର ଗୁରୁତ୍ୱପୂର୍ଣ୍ଣ। ଚାକିରୀରେ ହେଉଥିବା ତାଙ୍କର ପ୍ରମୋସନ, ଫି ବର୍ଷ ବେଷ୍ଟ ଏମ୍ପ୍ଲୟୀର ଆୱାର୍ଡ, ଏ ସବୁର ଯେମିତି କିଛି ମାନେ ହିଁ ନାହିଁ ସମାଜ ପାଇଁ । ସବୁ କଥାରୁ ବଙ୍କା ତେଢା ହୋଇ ପହଂଚି ଯାଏ କେବଳ ସେହି ଗୋଟିଏ ଜାଗାରେ "ସ୍ୱାମୀ ଛାଡି ଦେଇଛନ୍ତି ନା"।

ଏହିପରି ଅଣନିଶ୍ୱାସୀ ପରିବେଶରୁ ବଂଚିବା ପାଇଁ ସେ କିଛି ଦିନ ହେବ କୌଣସି ପାର୍ଟି ବା ଫଙ୍କସନରୁ ନିଜକୁ ଦୂରେଇ ରଖିଛନ୍ତି ସେ। ସତେ ଯେମିତି ଏକ ନିର୍ଯ୍ୟାତିତ ବିବାହରୁ ନିଜକୁ ମୁକ୍ତ କରିନାହାନ୍ତି ଯେ ଚୋରି କରିଛନ୍ତି, ଚୋରଙ୍କ ଭଳି ଲୁଚି ଲୁଚି ବଞ୍ଚିବାକୁ ପଡୁଛି। ବହୁତ ବାଧ କଲା ପରେ କ୍ଲୋଜ ଫ୍ରେଣ୍ଡ ପଲ୍ଲବୀର ଭଉଣୀ ମେରେଜକୁ ଆସିଥିଲେ ସେ ।

"ମାଡମ..କଫି" ଡାକରେ ସମ୍ବିତ ଫେରି ପାଇଲେ ସୁଚରିତା । ହଲର ଗୋଟିଏ କୋଣରେ ବସି କେତେବେଳୁ ଯେ ଭାବନାରେ ବୁଡି ଯାଇଛନ୍ତି । କଫି କପଟି ଉଠେଇ ନେଇ ଓଠରେ ଛୁଆଁଉ ଛୁଆଉଁ ପୁଣି ନଜ ଭାବନାରେ ବୁଡିଗଲେ ସେ ।

ସମାଜରେ ନାରୀର ସମସ୍ତ ଅସ୍ତିତ୍ୱ କଣ କେବଳ କେନ୍ଦ୍ରୀଭୁତ ବିବାହ ବୋଲି ଏକ ବ୍ୟବସ୍ଥାରେ । ତାର ସାମାଜିକ ମର୍ଯ୍ୟାଦା, ସ୍ଥାନ, ସୁରକ୍ଷା ସବୁ କଛି ପାଇଁ ସେ ନର୍ଭରଶୀଳ କାହିଁକି ପୁରୁଷର ହାତ ଟେକାକୁ । କାହିଁକି ଏ ପରି ବ୍ୟବସ୍ଥା, କଏ କଲା କାହା ସ୍ୱାର୍ଥରେ। "ଦେଲ୍ ନାରୀ ହେଲ୍ ପାରିର ଆଳରେ" ବାପମାଆ ନଜ କାନ୍ଧର ଦାୟିତ୍ୱକୁ ଅନ୍ୟ କାନ୍ଧକୁ ଟେକ ଦେଇ ଶାନ୍ତିରେ ନଶ୍ୱାସ ମାରନ୍ତି। "ମରିବା ପୂର୍ବରୁ ଶାଶୁଘରର ଏରୁଣ୍ଡି ଡେଉଁବୁନ" "ପଥର ପଡିଲେ ସହି" ଇତ୍ୟାଦି କହି କହି ଝିଅଟିକୁ ସବୁ ଅନ୍ୟାୟ ସହ ସାଲିସ କରି ରହିବାକୁ ବିବଶ କରନ୍ତି । ବିବାହ ନ ହେଲେ ତ ହତଭାଗୀ, ହେଲା ତ ସେ ବିବାହକୁ ବଞ୍ଚେଇ ରଖିବାର ସବୁତକ ଦାୟିତ୍ୱ କେବଳ ନାରୀଟିର ଯେମିତି ପୁରୁଷଟିର ଏଥିରେ କୌଣସି ଭୂମିକା ନାହିଁ। ପୁଣି ପତି ମରିଗଲା ତ ନାରୀଟି ବଂଚ ଥାଉ ଥାଉ ମୃତ ପରି ବଞ୍ଚିବାକୁ ବାଧ ହୁଏ । ସେ ବିବାହ ଯେତେ ନର୍ଯ୍ୟାତିତ ହେଉନା କାହିଁକି ସେଥିରୁ ମୁକ୍ତି ପାଇବାର ବାଟ ନାହିଁ । ସାତ ଜନ୍ମ ଯାଏଁ ବନ୍ଧା ପଡ଼ିଯାଏ ଜୀବନ । କେବଳ ଛାଟି ପିଟି ହେବା ହିଁ ସାର ହୁଏ । ତଥାପି ମଧ ଯଦି କେହି କେବେ ସେ ବନ୍ଧନରୁ ମୁକୁଳ ଆସେ, ସଂଗେ ସଂଗେ ସେ ଚରିତ୍ରହୀନା ଟ୍ୟାଗ ତା ପାଇଁ ପ୍ରଯୁଜ୍ୟ ହୋଇଯାଏ । ଭୁଲ ଯାହାର ଥାଉ ନା କାହିଁକି । ଯିଏ ଯାହାକୁ ଛାଡିବାକୁ ନଷ୍ପତ୍ତି ନେଇଥିଲେ ମଧ, ସମାଜ ପାଇଁ ସବୁବେଳେ ସ୍ତ୍ରୀଟିକୁ ତା ସ୍ୱାମୀ ଛାଡି ଦିଏ । ନାରୀଟିର ସାମାଜିକ ସ୍ଥାନ ତତକ୍ଷଣାତ୍ ଭୂଲୁଣ୍ଠିତ ହୁଏ । ସବୁ ପଦ ପଦବୀ ସବୁ ଗୁଣ ଗାରିମା ଲୁଚ ଯାଏ ସେ କେବଳ ଚହ୍ନିତ ହୁଏ ସ୍ୱାମୀ ପରିତ୍ୟକ୍ତାରେ।

କଛି ଦିନ ପୂର୍ବେ ତା ଫ୍ଲାଟରେ ହୋଇଯାଇଥିବା ଏକ ଛୋଟ କାଟିଆ ଚୋରିକୁ ରିପୋର୍ଟ କରିବାକୁ ଯାଇ ଜୈନେକ ଖବର କାଗଜ "ଏକୁଟିଆ ରହୁଥିବା ସ୍ୱାମୀ ପରିତ୍ୟକ୍ତା ମହିଳାଙ୍କ ଘରୁ ଦିନ ଦ୍ୱୀପହରେ ଲୁଟ" ଶୀର୍ଷକରେ ପ୍ରକାଶ କରିଥିଲା। ଶୀର୍ଷକଟି ଦେଖି ଖୁବ ମର୍ମାହତ ହୋଇଥିଲା ସେ। ସେ ପରିତ୍ୟକ୍ତା । ତାକୁ ଅନୁଭବ ହେଲା, ରାସ୍ତା କଡ଼ରେ ପଡିଥିବା ଛିଣ୍ଡା ମସିଣା, ଏଣେ ତେଣେ ପଡିଥିବା ପରିତ୍ୟକ୍ତ କପଡା ଆଉ ଏକ ପ୍ରତିଷ୍ଠୀତ

କମ୍ପାନୀରେ ଉଚ୍ଚପଦବୀରେ ଥିବା ସୁରଚତା ଭିତରେ କୌଣସି ଫରକ ନାହିଁ। ସେମାନଙ୍କ ପରି ସେ ବି ଅଧିକାର ଭୁକ୍ତ ବସ୍ତୁଟିଏ ନଜ ମାଲିକ ଦ୍ୱାରା ପରିତ୍ୟକ୍ତ । ସେ ମାଲିକକୁ ଛାଡୁ ବା ମାଲିକ ତାକୁ, ସବୁବେଳେ ସେ ହିଁ ପରିତ୍ୟକ୍ତ ବୋଲି ଚହ୍ନିତ ହେବାକୁ ବାଧ। ସ୍ୱାମୀ ଯେତେ ଦୁଶ୍ଚରିତ୍ର, ଅଳସୁଆ, ନକମ୍ମା ହୋଇଥିଲେ ବି ତାକୁ ଛାଡିବାର ଅଧିକାର ସ୍ତ୍ରୀର ନାହିଁ। ସେ ଅଧିକାର କେବଳ ସ୍ୱାମୀର। ସ୍ତ୍ରୀ ଯେ କନ୍ୟାଦାନର ବସ୍ତୁ, ପିତୃଦତ୍ତ କନ୍ୟା। ସେ ସ୍ୱାମୀ ସହ ସମ୍ପର୍କ ତୁଟାଉ ବା ସ୍ୱାମୀ ତା ସହ, ପରିତ୍ୟକ୍ତ ହେବାର ପାଳ ସବୁବେଳେ ସ୍ତ୍ରୀର । ସ୍ୱାମୀ କେବେ ପରିତ୍ୟକ୍ତ ହୁଏନା କେବେ କେହି ସ୍ୱାମୀକୁ ତାର ସ୍ତ୍ରୀ ଛାଡ଼ିଦେଇ ପାରେନା। ଏ ଯେ ଅସମ୍ଭବ।

ବିବାହ ବିଚ୍ଛେଦ ପରେ ସବୁକଛି ଯେମିତି ବଦଳ ଯାଇଥିଲା ତା ଜୀବନରେ, କେବଳ ପରିତ୍ୟକ୍ତ ନୁହେଁ ଅନ୍ୟମାନଙ୍କ ପାଇଁ ସହଜଲଭ୍ୟର ଟ୍ୟାଗ ଯେପରି ଲାଗି ଯାଇଥିଲା ତା ଦେହରେ। ଅଶ୍ଲୀଳ ଆଖି, ଗୁପ୍ତ ଇଙ୍ଗିତସବୁକୁ ପ୍ରାୟ ଅଫିସରେ ସାମ୍ନା କରିବାକୁ ପଡୁଥିଲା ତାକୁ । ହଠାତ ତାର ସବୁ ସମସ୍ୟାର ସମାଧାନ ପାଇଁ ଯେପରି ଭୀଷ୍ମ ପ୍ରତିଜ୍ଞା କରିପକେଇଥିଲେ ପୁରୁଷ ମଣ୍ଡଳୀ। ଅଯାଚତ ସମାଧାନର ସୂତ୍ର ନେଇ କେବେ ପହଁଚ ଯାଉଥିଲେ ଘରର ଡ୍ରଇଂ ରୁମରେ ତ କେବେ ମୋବାଇଲରେ। ବ୍ୟତିବ୍ୟସ୍ତ ହୋଇପଡୁଥିଲା ସୁଚରିତା।

"ଝିଅଟିଏ ପାଇଁ ଆଜିର ଦୁନଆରେ ଏକୁଟିଆ ଜୀବନ ବଂଚବା ବହୁତ କଷ୍ଟ, ନୁହେଁ କ ମ୍ୟାଡ଼ମ" ଚଷମା ତଳୁ ତା ପୁରା ଶରୀରକୁ ସ୍କାନ କରୁ କରୁ କହିପକେଇଥିଲେ ବୟସରେ ଯଥେଷ୍ଟ ବଡ଼ ତାର ଉପରିସ୍ଥ କର୍ମଚାରୀ ମି ମିଶ୍ର। ତାଙ୍କ ଚରିତ୍ର ସହ ବେଶ ଭଲ ଭାବରେ ପରିଚତ ସୁରଚତା ତାଙ୍କର ଉଦେଶ୍ୟଟି ଖୁବ ବୁଝିପାରିଥିଲା। "ହଁ ନଶ୍ଚୟ କନ୍ତୁ ତୋ ଭଳ ବୃଦ୍ଧ ଶୃଗାଳର ସହଚର୍ଯ୍ୟ ଏକୁଟିଆ ଜୀବନରୁ ଅଧିକ ଭୟଙ୍କର" ମନେ ମନେ କହି ସୁଚରିତା।

ଅବିନାଶଙ୍କ ସହ ବାହାଘର ଠିକ ହେଲା ବେଳେ ବାପାଙ୍କୁ ବାରମ୍ବାର କରି କହିଥିଲା ସେ, "ଦେଖ ବାପା ଯାହା ବି ହେଇଯାଉ ଜବ ଛାଡିବାକୁ କେବେ ବି କହିବ ନାହିଁ। ପଛେ ବାହା ହେବି ନାହିଁ । "ଅନେକ କଷ୍ଟ କରି ଚାକରୀଟି ପାଇଥିଲା ସୁରଚତା । ତା ପାଇଁ ଚାକରୀଟି

ଥିଲା ବହୁମୂଲ୍ୟ। ସେ ଚାକରୀ କରିବ, ଅର୍ଥନୈତିକ ସ୍ୱାବଲମ୍ବୀ ହେବ କେବଳ ତାର ନୁହେଁ, ଥିଲା ତାର ଛୋଟ ପରିବାରର ସ୍ୱପ୍ନ। ବହୁ କଷ୍ଟ କରି ବାପା ତାକୁ ଦୂର ସହରରେ ପାଠ ପଢେଇଥିଲେ। ତାର ଚାକରୀ ସୁଖର ଏକ ସ୍ରୋତ ଥିଲା ତା ପୁରା ପରିବାର ପାଇଁ।

ଅବିନାଶ ସ୍ପଷ୍ଟ ଭାବରେ ରାଜି ହୋଇଥିଲା ପରେ ହିଁ, ବାହାଘର ପାଇଁ ମାନସିକ ଭାବରେ ପ୍ରସ୍ତୁତ ହୋଇଥିଲା ସେ । ଅବିନାଶ ଚୌଧୁରୀ, ସେ ଚାକରୀ କରିଥିବା ସହରରେ ଅନ୍ୟ ଏକ କମ୍ପାନୀରେ ଚାକରୀ କରନ୍ତି । ତେଣୁ ସାଙ୍ଗ ହେଇ ରହିବାରେ ସୁବିଧା ହେଇଗଲା। ବେଶ କିଛି ଦିନ ସବୁ ଠିକରେ ଗଡି ଚାଲିଲା ଜୀବନ। କିନ୍ତୁ ଧୀରେ ଧୀରେ ପରିସ୍ଥିତି ବଦଳି ଗଲା । ଅଫିସରୁ ଟିକେ ଡେରି ହେଲେ ବ୍ୟତିବ୍ୟସ୍ତ ହୋଇପଡୁଥିଲେ ଅବିନାଶ । ପ୍ରଥମେ ପ୍ରଥମେ ତାର ସୁରକ୍ଷା ପାଇଁ ଅବିନାଶ ଚିନ୍ତିତ ଭାବି ଏ ବ୍ୟସ୍ତତା ବେଶ ଭଲ ଲାଗୁଥିଲା ତାକୁ। କିନ୍ତୁ ଧିରେ ଧୀରେ ତାହା ସବୁଦିନିଆ ପ୍ରଶ୍ନ ଓ ସ୍ପଷ୍ଟୀକରଣରେ ବଦଳି ଗଲା। ସୁଚରିତାଙ୍କର ଅଫିସ କାମ ବାବଦରେ ଯଥେଷ୍ଟ ଜ୍ଞାନ ଥିଲେ ମଧ୍ୟ ତାର ଅଫିସରୁ ବିଳମ୍ବ ବାବଦକୁ ସ୍ପଷ୍ଟୀକରଣ ମାଗୁଥିଲେ ସେ, ସତେ ଯେମିତି ଏକ ନିର୍ଦ୍ଦିଷ୍ଟ ସମୟରେ ଅଫିସ କାମ ଛାଡି ଘରକୁ ପଳେଇ ଆସିବା ହିଁ ସୁଚରିତାଙ୍କର କର୍ତ୍ତବ୍ୟ । ସବୁଦିନିଆ ମୁହଁ ଫୁଲା, ପ୍ରଶ୍ନ ଉତ୍ତରରେ ବିବ୍ରତ ହେଇପଡୁଥିଲା ସୁଚରିତା । ବୁଝେଇ ବୁଝେଇ ନୟାନ୍ତ ହୋଇପଡୁଥିଲା ସେ । ଅବସ୍ଥା ଅଧିକ ଗମ୍ଭୀର ହୋଇ ପଡ଼ିଲା ଯେବେ ଅବିନାଶ ସନ୍ଦେହର ପର୍ଯ୍ୟାୟକୁ ଓଲହେଇ ଗଲେ। ଧୀରେ ଧୀରେ ଘରେ ଅଶାନ୍ତି, ଝଗଡା ଏକ ସାଧାରଣ କଥା ହେଇଗଲା। ଅଫିସର କର୍ମ କ୍ଲାନ୍ତ ପରିବେଶ ଘରଠୁ ବି ବେଶି ଆରାମଦାୟକ ଲାଗୁଥିଲା ସୁଚରିତାଙ୍କୁ। ନିଜକୁ ସନ୍ଦେଶର କୁହେଳିକାରୁ ମୁକୁଳି ନପାରି, ସୁଚରିତାକୁ ଚାକରୀ ଛାଡ଼ିଦେବାକୁ ହେବ ବୋଲି ଜିଦ୍ ଧରି ବସିଲେ ଅବିନାଶ । ମୋର ଗୋଟିଏ ଚାକରୀ ହିଁ ଯଥେଷ୍ଟ ଆମ ଦୁହିଁଙ୍କ ପାଇଁ । ତେଣୁ ତାର ଚାକରୀ କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଯୁକ୍ତି କରି ବସିଲେ ସେ । ଚାକରୀ ଯେ ତା ପାଇଁ କେବଳ ଏକ ଅର୍ଥ ଉପାର୍ଜନର ମାଧ୍ୟମ ନୁହେଁ ତା ଠୁ ଅନେକ କିଛି । ତାର, ତା ପରିବାରର ଏକ ମାତ୍ର ସ୍ୱପ୍ନ। ଯେତେ ପ୍ରକାର ସମ୍ଭବ ବୁଝେଇବାକୁ ଲାଗିଲା ସୁଚରିତା । କିନ୍ତୁ କୌଣସି ଫଳ ହେଲା ନାହିଁ। ଚାକରୀ ଛାଡିବା ପାଇଁ ଅବିନାଶ ତା ଉପରେ ସବୁ ସ୍ତରରୁ ଚାପ ପକାଇବାକୁ ଲାଗିଲେ। ଜବ କରିବା ଚକ୍କରରେ ଯେ ସେ ମାଆ ହେବାକୁ ଚାହୁଁନି, ତାଙ୍କୁ ବାପା ହେବାରୁ ବଂଚିତ କରୁଛି ଏ ଭଳି ଅପପ୍ରଚାର କରିବାକୁ ମଧ୍ୟ ପଛାଇଲେ ନାହିଁ। କଥା ପରିବାର ସ୍ତରକୁ ଚାଲିଗଲା।

ସୁଚରିତାର ଶାଶୁ ଶ୍ୱଶୁର ଆଉ ବାପା ମାଆ, ଦୁହିଁଙ୍କ ଭିତରେ ଚାଲିଥିବା ଏହି ଶୀତଳ ଯୁଦ୍ଧର ସମାଧାନ କରିବା ପାଇଁ ଅବିନାଶଙ୍କ ଦ୍ୱାରା ଡକା ହୋଇ ଆସିଲେ। ଯେପରିକି ଆଶା କରାଯାଉଥିଲା, ଶାଶୁ ଶ୍ୱଶୁର ପୁଅକୁ ସମର୍ଥନ କଲେ ଆଉ ଝିଅର ଘର ବଞ୍ଚେଇବାକୁ ବାପା ମାଆ ମଧ୍ୟ ଜ୍ୱାଇଁଙ୍କ ନିଷ୍ପତ୍ତିରେ ଚାକିରୀ ଛାଡିବା ପାଇଁ ସୁଚରିତାଙ୍କ ଉପରେ ଚାପ ପକାଇବାରେ ଲାଗିଲେ। କିନ୍ତୁ ନିଜ ନିଷ୍ପତ୍ତିରେ ପାହାଡ଼ ପରି ସ୍ଥିର ଥିଲା ସୁଚରିତା। ତାର ଏ ସ୍ଥିରତା ଆଘାତ ସୃଷ୍ଟି କରୁଥିଲା ଅବିନାଶଙ୍କର ପୁରୁଷତ୍ୱ ଉପରେ।

ସମସ୍ତ ପ୍ରୟାସ ବ୍ୟର୍ଥ ହେଲା ପରେ ମାନସିକ ନିର୍ଯାତନାରୁ ଶାରୀରିକ ସ୍ତରକୁ ଖସି ଯାଇଥିଲେ ସେ। ତା ସହ ବ୍ୟବହାର କରିଥିଲେ ସେହି ଅମୋଘ ଅସ୍ତ୍ରଟି ଯାହାକୁ ପୁରୁଷ ଯୁଗ ଯୁଗ ଧରି ନାରୀକୁ ନିୟନ୍ତ୍ରଣ କରିବା ପାଇଁ, ଦମନ ପାଇଁ ବ୍ୟବହାର କରି ଆସିଛି, ଚରିତ୍ରର ଲାଞ୍ଛନା। ସେ ମୁହୂର୍ତ୍ତରେ ସହିବାର ସବୁ ସୀମା ଟପି ଯାଇଥିଲା ସୁରଚତାଙ୍କର। ବାପା ମାଆ ସାଙ୍ଗ ସାଥିଙ୍କ ଶତ ବାରଣ, ଅବିନାଶଙ୍କର 'ଥରେ ବାହାରିଯିବ ଯଦି ଆଉ ଏ ଘରକୁ ଫେରିବ ନାହିଁ" ର ଭୟ ସବୁକୁ ପାଦରେ ଆଡେଇ ଦେଇ ଘର ଛାଡିଥିଲା ସେ। ବିବାହ ବିଚ୍ଛେଦ ପାଇଁ ଆବେଦନ କରିଥିଲା। ବେଶ କିଛି ମାସର ସଂଘର୍ଷ ପରେ ମାତ୍ର ଦେଢ଼ ବର୍ଷର ବୈବାହିକ ବନ୍ଧନରୁ ମୁକ୍ତି ଯାଇଥିଲା। ଏତେ ସବୁ ପରେ ମଧ୍ୟ ଅବିନାଶର ଜୀବନ ନଷ୍ଟ କରିଥିବା, ତାର ଘର ଭାଙ୍ଗିବା ଅପରାଧରେ ସେ ଅପରାଧୀ କିନ୍ତୁ ସମାଜ ଆଖିରେ ଅବିନାଶ ଏବେ ବି ନିରୀହ, ନିର୍ଦ୍ଦୋଷ।

"ଆରେ ମିସେସ ଚୌଧୁରୀ, ଆପଣ ଏଠି ଏକୁଟିଆ । ହଁ ଆପଣଙ୍କ ସହ ଯାହା ଘଟିଗଲା । ଆଃ କୁହନ୍ତୁନି ମୋର ବିଶ୍ୱାସ ହୁଏନି ମି ଚୌଧୁରୀ ଆପଣଙ୍କ ପରି ରୂପବତୀ ଗୁଣବତୀ ସ୍ତ୍ରୀକୁ ଛାଡି ପାରିଲେ କିପରି। ସେ..."

"ନା, ମିସେସ ଚୌଧୁରୀ ନୁହେଁ କେବଳ ସୁଚରିତା" ପାଖ ଚେୟାରରେ ବସି ଏମୋସନାଲ ଆଃ ଚୁ ଚୁ ଆରମ୍ଭ କରି ଦେଇଥିବା ମିସେସ ମହାନ୍ତିଙ୍କୁ ଅଧାରୁ ଚୁପ କରେଇ ଅଟକେଇ ଦେଲା ସୁଚରିତା।

"ଆଉ ଶୁଣି ରଖନ୍ତୁ ଅବିନାଶ ମୋତେ ନୁହେଁ ମୁଁ ଅବିନାଶଙ୍କୁ ଛାଡି ଆସିଛି। ତାଙ୍କୁ ମୁଁ ପରିତ୍ୟାଗ କରି ଆସିଛି। ମୁଁ ନିଜକୁ ମୁକ୍ତ କରିଆସିଛି ସେ ନିର୍ଯ୍ୟାତିତ ବିବାହ ବନ୍ଧନରୁ। ତେଣୁ ଦୟା କରି କୌଣସି ମହିଳାଙ୍କୁ ଆପଣଙ୍କ ସ୍ୱାମୀ ଆପଣଂକୁ ଛାଡିଦେଲେ ବୋଲି କହିବା ବନ୍ଦ କରନ୍ତୁ ଆପଣମାନେ। "

ମିସେସ ମହାନ୍ତି କିଛି କହିବା ପୂର୍ବରୁ ଉଠି ପଡିଲେ ସୁଚରିତା । ସେ କୋଳାହଳମୟ ପରିବେଶରୁ ବାହାରି ଆସିଲେ ବାହାରକୁ। କେଜାଣି କାହିଁକି ତାଙ୍କୁ ଲାଗିଲା ଆଜି ତାଙ୍କର ଗାଲିରେ ଥିଲା ଏକ ଆତ୍ମବିଶ୍ୱାସର ଛିଟା, ଆଖପାଖର ଚୁପି ଚୁପି କଥା ତୀରଜକ ଗୁହାଣୀକୁ ତିଳେ ମାତ୍ର ଭ୍ରୂକ୍ଷେପ ନ କରିବାର ଦମ୍ଭ। ଗଭୀର ପ୍ରତ୍ୟୟର ହସଟିଏ ଖେଳି ଗଲା ତାଙ୍କ ଓଠରେ। ଏକ ଲମ୍ବା ନିଶ୍ୱାସ ନେଇ ଆଗକୁ ବଢିଲେ ସେ, ଯେପରି ଗଭୀର ଜଳରେ ବୁଡି ଯାଉ ଯାଉ ହଠାତ ଅମ୍ଳଜାନର ସନ୍ଧାନ ମିଳିଯାଇଛି ତାଙ୍କୁ, ଯେମିତି କେଉଁ ଏକ ଲମ୍ବା ଅନ୍ଧକାରମୟ ସୁଡଙ୍ଗରେ ବାଟ ଖୋଜୁ ଖୋଜୁ ହଠାତ ମିଳିଯାଇଛି ଆଲୋକର ରଶ୍ମିଟିଏ।

ସହାୟକ ପ୍ରଫେସର, ସରକାରୀ ବିଜ୍ଞାନ କଲେଜ,
ଛତ୍ରପୁର, ଗଞ୍ଜାମ, ଓଡିଶା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ ।
ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ନିଜର ମତାମତ ଦିଅନ୍ତୁ ।

# ସର୍ବଂସହା



ଧିରେନ ବାଗ

ତମକୁ ମାପ କାଠିରେ ମାପିବା
କି ତରାଜୁରେ ତଉଲିବା
ମୋ ପକ୍ଷେ ଅସମ୍ଭବ
କିନ୍ତୁ ତମେ
ଗୋଟେ ଖିଅ ସୁତାରେ ବି
ମାପ ଦିଅ ମୋ ହୃଦୟର ଗଭିରତା
ଆଉ ମନ ତରାଜୁରେ ତଉଲ
ମୋ ମନର ସହିଷ୍ଣୁତା ।

ବେଳେ ବେଳେ ହାରମାନେ
ତମରି ଆଗରେ
ଉଲଙ୍ଗ ଶିଶୁ ସମ
ଚୁପ୍‌ଚାପ କାଠଭୁତ ପରି
ନିର୍ବାକ ନିସ୍ତେଜ ହେଇ ।

ସତରେ ତମେ ମହାମୟୀ
ସ୍ନେହକାଙ୍ଗାଳିନ ସର୍ବଂସହା
ମୋ ଆନମନା ହୃଦୟର
ପ୍ରେମ ପ୍ରେୟସୀ ।

ଗୌଡରମା, କୁଳଅଣା, ମୟୂରଭଞ୍ଜ

# ବର୍ଷା..



ବାସନ୍ତୀ ପରିଡା

ପାଇଗଲେ ଖୋଜିବା ସରିଯାଏ
ଯେମିତି ପଥର ଭୁଇଁ କୁ ଛୁଇଁ ଯାଏ
ପୃଥିବୀ ଘୁରି ବୁଲୁଥାଏ
ଆକାଶ କୁ ପାଇବା ଆଶାରେ.....
ସ୍ନେହ ମମତା ର ଆକର୍ଷଣ
ସବୁତ ପାଇଛି ସେ
ସମସ୍ତେ ଧାଇଁ ଆସି ଜାବୁଡି ଧରି ଛନ୍ତି ତାକୁ
ଏମିତିକି ଉଲକା ବି ଧାଇଁଛି ପୃଥିବୀ ପୃଷ୍ଠକୁ
କେବେ ପାରିଛି,
ତ କେବେ ପାରିନି ଛୁଇଁ
ଯେମିତି ପଥର ଭୁଇଁ କୁ ଛୁଇଁ ଯାଏ
ଆଉ, ପାଇଗଲେ ଖୋଜିବା ସରିଯାଏ.......

ପୃଥିବୀ ଘୁରି ବୁଲୁଥାଏ ଆକାଶ କୁ ପାଇବା ଆଶାରେ
ଅସରନ୍ତି ବେଦନା ଓ ଉନ୍ମାଦନା ନେଇ
ଶ୍ରାବଣର ମିଳନକୁ ଭୁଲି ପାରେ ନାହିଁ
ଅପେକ୍ଷା କରି ଥାଏ ଆସନ୍ତା ବର୍ଷକୁ......
ଗ୍ରୀଷ୍ମ ର ତାତି ରେ ଶୁଖି ଶୁଖି ତୃଷାର୍ତ୍ତ ପୃଥିବୀ
ପହିଲି ବର୍ଷା ର ସ୍ପର୍ଶ

ଆନନ୍ଦରେ କଇଁ କଇଁ କାନ୍ଦି ଉଠେ
ଭିଜା ମାଟିର ବାସ୍ନାରେ ପାଗଳନୀ ଅଙ୍ଗ ଅଙ୍ଗ ସଜାଇ ନଏ
ସବୁଜ ରଙ୍ଗରେ.....
ପ୍ରେମ ଓ ମିଳନର ସନ୍ତକ,-
ସନ୍ତାନର ତୁଣ୍ଡ ଭରିବାରେ ଲ୍ଗିଯାଏ
ପାଇଗଲେ ଖୋଜିବା ସରିଯାଏ
ଯେମିତି ଆକାଶ ପୃଥିବୀକୁ ଛୁଇଁଯାଏ.......

ପାଇଗଲେ ଖୋଜିବା ସରିଯାଏ
ଆରମ୍ଭ ହୁଏ ନୂତନ ଏକ ପର୍ବ
ଆଶାର ସଞ୍ଚାର, ନବ ନର୍ମାଣ ର,

ବାରିପଦା, ମୟୁରଭଞ୍ଜ

**ଓଡିଶା ବାହାରେ ରହୁଥିବା ପ୍ରତ୍ୟେକ ଓଡିଆଙ୍କ ପାଖରେ ପହଞ୍ଚିବା ହେଉଛି ବେଦାନ୍ତୀର ଲକ୍ଷ୍ୟ ଆଉ ଏହି ଲକ୍ଷ୍ୟପଥରେ ଆଗେଇ ଯିବା ଦିଗରେ ଅନେକ ସାହାଯ୍ୟ କରୁଛନ୍ତି ବେଦାନ୍ତୀ ପାଇଁ ନଜର ବହୁମୂଲ୍ୟ ସମୟଦେଇ ଲେଖା ପଠାଉଥିବା ଲେଖକ ଓ ଲେଖିକାମାନେ । ସେମାନଙ୍କ ସହଯୋଗପାଇଁ ବେଦାନ୍ତୀ ପରିବାର ତରଫରୁ ଅନେକ ଅନେକ ସାଧୁବାଦ**

# ସାମ୍ପ୍ରତିକ ସମାଜରେ ସାହିତ୍ୟର ସ୍ଥିତି



ସିଦ୍ଧେଶ୍ୱର ତ୍ରିପାଠୀ

ସାହିତ୍ୟ ହେଉଛି ସମାଜର ଦର୍ପଣ । ସାହିତ୍ୟ ସମାଜକୁ ପ୍ରଭାବିତ କରେ । ସମାଜର ପ୍ରତିଛବିକୁ ସାହିତ୍ୟରେ ଉପଲବ୍ଧି କରିହୁଏ । ଯୁଗ ସହିତ ତାଳ ଦେଇ ସାହିତ୍ୟରେ ମଧ୍ୟ ଅନେକ ପରିବର୍ତ୍ତନ ଆସେ । ଅନେକ ଲୋକ କଳା, ପୁସ୍ତକ ଏବଂ ଗଣମାଧ୍ୟମ ଦ୍ୱାରା ସାହିତ୍ୟର ପ୍ରଚାର ପ୍ରସାର ହୁଏ । ଆମ ଓଡ଼ିଆ ସାହିତ୍ୟକୁ ଦେଖିଲେ ସାରଳା ଯୁଗଠୁ ଆରମ୍ଭ କରି ଅତ୍ୟାଧୁନିକ ଯୁଗରେ ଆମେ ପହଞ୍ଚି ସାରିଛେ ।

ଏବେ ଓଡ଼ିଆ ଭାଷାର ପ୍ରଚାର ପ୍ରସାର ପାଇଁ ଅନେକ ପତ୍ରପତ୍ରିକା ପ୍ରକାଶ ପାଉଛି । ଦୈନିକ ସାପ୍ତାହିକ ମାସିକ ସମ୍ବାଦପତ୍ରରେ ମଧ୍ୟ ସାହିତ୍ୟ ଚର୍ଚ୍ଚା ପାଇଁ କେତୋଟି ପୃଷ୍ଠା ମଧ୍ୟ ରହୁଛି। ତା ସହିତ ଇମେଲ ଟୁଇଟର ଫେସବୁକ ହ୍ୱାଟ୍ସଆପ ଏମିତି ଅନେକ ସାମାଜିକ ଗଣମାଧ୍ୟମରେ ବହୁଳ ମାତ୍ରାରେ ସାହିତ୍ୟର ପ୍ରଚାର ପ୍ରସାର ହେଉଛି ବହୁ ସଭା ସମିତିର ଭୂମିକାକୁ ମଧ୍ୟ ଏଡାଇ ଦିଆଯାଇ ନପାରେ ।

କିନ୍ତୁ ପାଠକ ଲେଖକ ପ୍ରକାଶକ ଲୋକକଳାର ପ୍ରଚାର ପ୍ରସାର କରୁଥିବା ବ୍ୟକ୍ତି ମାନଙ୍କ ମନରେ ଉଠୁଥିବା ଅନେକ ପ୍ରଶ୍ନର ଉତ୍ତର ଦେବାକୁ କେହି ରାଜି ନୁହଁ ।

***ପାଠକ*** ର ମତ ଯେ ଆଗ ଭଳି ଆଉ ସାହିତ୍ୟ ସୃଷ୍ଟି ସହଜ ଆଉ ବୋଧଗମ୍ୟ ହୋଇ ପାରୁନାହିଁ । ସାହିତ୍ୟରେ ଅଶ୍ଳୀଳତା ର ପ୍ରୟୋଗ ବି ଅରୁଚକର ମନେହେଉଛି । ତା ଛଡା ଯେଉଁ କେତୋଟି ପତ୍ର ପତ୍ରିକା ଓଡିଶା ବଜାରରେ ଉପଲବ୍ଧ ହେଉଛି ଗୁଡାଏ ପତ୍ରିକାର ମୂଲ୍ୟ ମାତ୍ରାଧିକ ରହୁଛି । ଇଣ୍ଟରନେଟ ଜମାନାର ପାଦୁର୍ଭାବ ଯୋଗୁଁ ପିଲାଠାରୁ ବୁଢା

ପର୍ଯ୍ୟନ୍ତ ସମସ୍ତେ ଯେ ଟିଭି ଆଉ ମୋବାଇଲରେ ବହୁତ ସମୟ ବ୍ୟସ୍ତ ରହୁଛନ୍ତି ଏହି କଟୁ ସତ୍ୟକୁ ଏଡାଇ ଦିଆଯାଇ ନପାରେ ।

ଯଦି ଆମେ *ଲେଖକ* ମାନଙ୍କୁ ଦେଖିବା ଏଠି ଲେଖକ ମାନେ ବହୁ ଗୋଷ୍ଠୀରେ ବିଭକ୍ତ । ଏଠି କବିଟିଏ ଗାଳ୍ପିକକୁ ଚହ୍ନିନ ପ୍ରାବନ୍ଧିକ ନାଟ୍ୟକାର ଔପନ୍ୟାସିକ ମାନଙ୍କ ଭିତରେ ପରସ୍ପର ଭଲପାଇବା ସାହିତ୍ୟ ଚର୍ଚ୍ଚା କରିବା ର ଦୃଶ୍ୟ ଦେଖିବା କ୍ରମେ କ୍ରମେ ବିରଳ ହୋଇ ଯାଉଛି । ଏଠି ଅନେକ ବ୍ୟଙ୍ଗ ଲେଖୁଥିବା କବି ଅନ୍ୟମାନଙ୍କୁ ଗୋଟେ ଅଲଗା ଦୃଷ୍ଟିରେ ଦେଖନ୍ତି । ଆଉ ଏଠି କଏ ମେଞ୍ଚାଏ ଅମିତ୍ରାକ୍ଷର କବିତା ଲେଖେତ ଆଉ କଏ ଗୀତିକାର ଗୀତିକବି ର ପରିଚୟ ନେଇ ନଜକୁ ବହୁତ ବଡ଼ ମନେକରେ । ଏଠି କବି ମାନଙ୍କ ଭିତରେ ପ୍ରକାର ଭେଦ ସୃଷ୍ଟି ହୁଏ । ପ୍ରତ୍ୟେହ ଫେସବୁକ ହ୍ୱାଟ୍ସଆପ ରେ ମେସେଜ ଯୁଦ୍ଧ ଠୁ କମେଣ୍ଟ ଯୁଦ୍ଧ ଗ୍ଭଲିଥାଏ । ଆଉ ପଇସା ଦେଇ ମାନପତ୍ର ହାତେଇବା ଖୁସାମତରେ ରାତାରାତି ବଡକବି ହେଇଯିବାର ସ୍ୱପ୍ନ ଉଣା ଅଧିକେ ଅନେକଙ୍କ ପାଖରେ ଯେ ଦେଖାଯାଏ ଏହି ସତ୍ୟକୁ ଏଡାଇ ଦିଆଯାଇ ନପାରେ ।

*ପ୍ରକାଶକ* ର ଅନେକ ଗୁରୁ ଦାଇତ୍ୱ ରହିଥାଏ ଯାହାକ ସାହିତ୍ୟର ପ୍ରଗ୍ଭର ପ୍ରସାର କରିବାରେ ସହାୟକ ହୁଏ । କନ୍ତୁ ଅର୍ଥ ସର୍ବସ୍ୱ ପ୍ରକାଶକ ପାଖରେ ସାହିତ୍ୟ ଯେ ମୂଲ୍ୟହୀନ ଏଥିରେ ସନ୍ଦେହ ନାହିଁ । ପ୍ରକାଶକ ବି ଜଣେ ସାହିତ୍ୟ ପ୍ରେମୀ ସାହିତ୍ୟାନୁରାଗି ହେବା ଉଚତ ନୁହେଁକ । ପ୍ରକାଶକ ର ଅନେକ ଅଭିଯୋଗ ଏତେ ବହି ଛାପିଲେ କଣିବ କଏ । ଓଡ଼ିଶାରେ ଓଡ଼ିଆ ବହି ବି ବିକ୍ରି ହେବା ନର୍ଦିଷ୍ଟ ସଂଖ୍ୟାରେ ସୀମିତ । କବିଟିଏ କ ଲେଖକ ଟିଏ ଯଦି ନଜ ହାତରୁ ପଇସା ଖର୍ଚ୍ଚ କରି ବହି ଛାପି ପାରିବ ଆମେ କଛି ପାରିଶ୍ରମିକ ନେଇ ତାର ପ୍ରଗ୍ଭର ପ୍ରସାର କରିଦେବୁ ।

*ଲୋକକଳା* ମାଧମରେ ସାହିତ୍ୟର ପ୍ରଗ୍ଭର ପ୍ରସାର କୁ ଏଡାଇ ଦିଆଯାଇ ନପାରେ । ହେଲେ ଏବେ ତା'ର ସ୍ଥିତି କଭଳ ଅଛି ସମସ୍ତଙ୍କୁ ଉଣା ଅଧିକେ ଜଣା ।

ବାକ ରହିଲା ସାମାଜିକ ଗଣମାଧମ, ଇମେଲ, ୟୁଟ୍ୟୁବ, ଟୁଇଟର, ଫେସବୁକ, ହ୍ୱାଟ୍ସଆପ, ଲାଇକ, ଟିକଟକ, ସବୁଥିରେ ଉଣା ଅଧିକେ ସାହିତ୍ୟର ପ୍ରଗ୍ଭର ପ୍ରସାର

ହେଉଛି ଏଥିରେ ସନ୍ଦେହ ନାହିଁ । କନ୍ତୁ ଗୁଡାଏ ଅରୁଚକର ଅଶ୍ଲୀଳ ଦ୍ୱିଅର୍ଥ ବୋଧକ ସାହିତ୍ୟି ସୃଷ୍ଟି ସମସ୍ତଙ୍କୁ ପଥଭ୍ରଷ୍ଟ କରୁଛି । ଏଥିପ୍ରତି ସମସ୍ତେ ସଚେତନ ହେବା ଉଚତ । ଅନେକ ଲେଖା ଗ୍ବେରି ହେଉଛି । ବଜାର ରେ ପ୍ରତିଯୋଗୀତା ମନୋବୃତିରେ ଆଗେଇ ଗ୍ଲିଥିବା ମୋବାଇଲ ସେବା ବିନା ମୂଲ୍ୟ କମ୍ବା ଅତିକମ ମୂଲ୍ୟରେ ଇଣ୍ଟରନେଟ ସେବା ଉପଲବ୍ଧ ହେବାପରେ ଏଠି ଅନେକ କବି ବାହାରି ପଡିଛନ୍ତି ଯାହାକୁ ଧାଡି ସଳଖି କବିତା ଲେଖି ଆସେନ । ଗୁଡାଏ ସାହିତ୍ୟି ଭିତ୍ତିକ ସଙ୍ଘ ଗଠନକରି ମୁଖ୍ୟ ପରିଗ୍ଲଳକ ସାଜିଛନ୍ତି ଯେଉଁମାନଙ୍କୁ ସାହିତ୍ୟର ସ ଅକ୍ଷର ଜଣାନାହିଁ । ନାଁ, ପୂର୍ବରୁ ଡକ୍ଟର ପ୍ରଫେସର ଲ୍ଗିଥିଲେ ଅବା ଗୁଡାଏ ଟଙ୍କା ପଇସାର ମାଲିକ ହୋଇଥିଲେ ଏଠି ବଡ କବି ବଡ ଗୀତିକାର ହେବାରେ କଛି ଅସୁବିଧା ନାହିଁ । ଏଠି ବଡ଼କବିଙ୍କ ଆନୁଗତ୍ୟ ହୋଇଗଲେ କମ୍ବା ସୁନ୍ଦର ରୂପ ଯୌବନର ଅଧିକାରୀ କବୟିତ୍ରୀ ଟିଏ ହୋଇ ଅନେକ ବଡବଡ଼ିଆଙ୍କ କଥାରେ ଉଠବସ ହଇପାରିଲେ ଗ୍ତାଗ୍ତି କଛି ଲ୍ଲୋକ ପ୍ରିୟତା ସାଉଁଟି ହେବ ଏହା ନିଃସନ୍ଦେହ ।

ଶେଷରେ ଏତିକ କୁହାଯାଇ ପାରେ ସମସ୍ତ ଲେଖକ ପ୍ରକାଶକ ପାଠକ ମାନଙ୍କ ମନରେ ସେଇ *ଅମୃତ ମୟ* ସାହିତ୍ୟି ପ୍ରୀତି ଜାଗ୍ରତ ହୋଇପାରିଲେ ଆମ ସାହିତ୍ୟାକାଶରୁ ଅନେକ କଳା ବାଦଲ ଆପେ ଆପେ ହଟିଯିବା ସହିତ ଇନ୍ଦ୍ରଧନୁର ସାତ ରଙ୍ଗ ଯେ ବିଛୁରିତ ହେବ ଏଥିରେ ତିଳେ ମାତ୍ର ସନ୍ଦେହ ନାହିଁ ।

କବିର ଘର, କୁଣ୍ଡିଲୋ, କେରଙ୍ଗ ଖୋର୍ଦ୍ଧା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲ୍ vedantimagazine@gmail.com and editor.vedantimagazine@gmail.com

# କହରେ କାଳଆ



ସରୋଜିନୀ ବେହେରା(ଟିକି)

କହରେ କାଳଆ କେଉଁ ଭୁଲ କଲି
ଶୁଣୁନାହୁଁ ମୋର ଡାକ
ଭକ୍ତ ବିନୋଦିଆ ନାମ ଘେନଅଛୁ
ରଖିଦେ ତୋହରି ଟେକ।

ବାର ବାର ମତେ ଫେରେଇ ଦେଉଛୁ
ସିଂହ ଦୁଆରରୁ ତୋର
ଅଣଦେଖା ତୁ ରେ କାହିଁକି କରୁଛୁ
ମୁଁ କଅବା ତୋର ପର।

ଦାସିଆ ହାତରୁ ନଡ଼ିଆକୁ ନେଲୁ
ବଳରାମେ ରଥେ ଉଭା
ମୋହରି ଆଖିରେ ଲୁହ ଭରି ଦେଇ
ତୋ ଓଠେ, ହସ କ ପାଉଛି ଶୋଭା।

ଦେଉଳରେ ରହି ରତ୍ନ ଖଟେ ଶୁଅ
ଛପନ ଭୋଗକୁ ଖାଇ

ଭୋକର ଜ୍ୱାଳା କୁ ତୁ କାହିଁ ଜାଣିବୁ
ବଡ଼ ଠାକୁର ନା ତୁହି।

ଦୁଃଖୀ ରଙ୍କି ବୋଲି ଚାଁହୁନାହଁ ମତେ
ନାହିଁକରେ ତୋର ମନ
ବାରେ ମାତ୍ର ସୁନା ଦେଖା ଦେରେ ମତେ
ଧନ, ନାହିଁ ମୋର ପ୍ରୟୋଜନ।

ମାଗିବିନ ତତେ ହୀରା ଲୀଳା ମୋତି
ମାଗିବିନ ଘୋଡା ହାତୀ
ଜୀବ ଗଲାବେଳେ ପାଦେ ଜାଗା ଦବୁ
କରେ ଏତିକ ମିନତୀ।

ଅଗରପଡା, ଭଦ୍ରକ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଆନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନଜର ମତାମତ ଦିଅନ୍ତୁ ।

# ଆହେ ମହାବାହୁ



କୌଶଲ୍ୟ ପାଲିଆ

ନିଜକୁ ଭୁଲିଛି ଭୁଲିନି ତୁମକୁ
ଆହେ ପ୍ରଭୁ ମହାବାହୁ
ଦୁଃଖ ସାଗରରେ ମୁଁ ଆଜି ଭାସୁଛି
ତୁମେ ପ୍ରଭୁ ଥାଉଥାଉ ।
ନାହିଁ ତୋ କରୁଣା ହେଲି ବାଟ ବଣା
ଠିକଣା ଦିଅ ହେ କହି
ବିଷମୟ ଲାଗେ ଜୀବନ ମୋହରି
ନିଅ ପ୍ରଭୁ ହାତଧରି ।
ତୋହରି ଆଶ୍ରାରେ ଜୀବନ ବିତଇ
ଗାଇଗାଇ ତୋର ନାମ
ତୋହରି ବିନା ମୁଁ ଯେକଛି ନୁହେଁ
ତବ ପାଦେ କର ଲୀନ ।

ସଷୋଚ, ବୌଦ୍ଧ

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ସମୁଦ୍ର ର ଚନ୍ଦ୍ର



ପ୍ରକାଶ ସାହୁ

ସମୁଦ୍ର ଅଛି ଆଉ ଏହି ଆକାଶ ବି
ଢେଉ ଆସୁଛି ପୁଣି ଫେରି ଯାଉଛି
କଞ୍ଛିତ ପ୍ରାପ୍ୟ ର କ୍ଷମତା ହରାଇବା
ପରେ ସେଥି ପାଇଁ ତ ସେ ଗଭୀର ,
ଅତଳ, ଅଲକ୍ଷିତ,ଅମାପ
କାହା ଦୁଃଖ ନିରେଖି ପାରେନ ବୋଲି
ଢେଉ ରେ ସାନ୍ତ୍ୱନା ବାର୍ତା ଦେଇ
ପୁଣି ଫେରିଯାଏ ନିଜ ଗଭୀର
ଜଳାଦେଶ କୁ ସେ ଦେଖିଛି
ସବୁ ଦେଖୁଛି ଆଉ ଆଗକୁ ବି
ଦେଖିଥିବ କିନ୍ତୁ କିଛି କରିପାରେନ
ନା ନିଜ ଜଳ ରେ କାହା ତୃଷ୍ଣା ମେଣ୍ଟାଏ
ନା କାହା ଦୁଃଖ ହରାଏ
ଖାଲି ଯାହା କୂଳ ଲଙ୍ଘି
ଗର୍ଜନ ଛାଡି ଚାଲିଥାଏ

ନଭି ମୁମ୍ବାଇ, ମହାରାଷ୍ଟ୍ର

# ସୂତ୍ରଧର ଓ ନିମିତ୍ତ



ଆଶା ସାହୁ (ଆରତୀ)

ପାବନ ସାକେତ ନଗରୀରେ ପୁରୁଷୋତ୍ତମ ପ୍ରଭୁ ଶ୍ରୀରାମଚନ୍ଦ୍ରଙ୍କର ରାଜ୍ୟାଭିଷେକ ଉତ୍ତାରୁ, ସମସ୍ତ ଅତିଥି ବିଦାୟ ଘେନି ସ୍ୱ ସ୍ୱ କର୍ମସ୍ଥଳୀକୁ ପ୍ରସ୍ଥାନ କଲେ । ସୁଗ୍ରୀବ, ବିଭୀଷଣ ଇତ୍ୟାଦି ରାମଙ୍କ ସାହଚର୍ଯ୍ୟ ଛାଡ଼ି ଯିବାପାଇଁ ଇଚ୍ଛୁକ ହେଉ ନଥିଲେ କଦାପି । କିନ୍ତୁ ରଘୁପତି ଶ୍ରୀରାମ ତାଙ୍କୁ ତାଙ୍କର କର୍ତ୍ତବ୍ୟର ଦ୍ୱାହୀ ଦେଇ ପ୍ରୟାଣ ସକାଶେ ବାଧ୍ୟ କଲେ । ଉଦାସ ଭାରାକ୍ରାନ୍ତ ମନରେ ରାମ ବିରହର ଶୋକ ହୃଦୟରେ ଧାରଣ କରି ଅଗତ୍ୟା ସେମାନେ ବିଦାୟ ନେଲେ ।

କିନ୍ତୁ ହନୁମାନ ରାମଚନ୍ଦ୍ର ଙ୍କ ସେବାରେ ନିଜକୁ ନିୟୋଜିତ କରିବାର ବର ପ୍ରାପ୍ତ କରିଥିଲେ। ତେଣୁ ଅଯୋଧ୍ୟା ନଗରୀ ତ୍ୟାଗ କରିବାର ପ୍ରଶ୍ନ ନଥିଲା । ହେଲେ ମାତା ଅଞ୍ଜନାଙ୍କୁ ସାକ୍ଷାତ କରିବା ପାଇଁ ସେ ସଂକ୍ଷିପ୍ତ ଅବକାଶ ନେଇ ଅଯୋଧ୍ୟାରୁ ପ୍ରସ୍ଥାନ କରିଥିଲେ । ମନରେ ଅଥାହ ଉତ୍ସାହ । ପ୍ରଭୁଙ୍କୁ ସାହାଯ୍ୟ କରିବା ଯୋଗୁଁ ସେ ନିଶ୍ଚିତ ମାତାଙ୍କ ପ୍ରଶଂସା ଭାଜନ ହେବେ । ହୃଦୟର ସ୍ପନ୍ଦନ ଶତଗୁଣ ବର୍ଦ୍ଧିତ ।

ଗୁମ୍ଫା ଦ୍ୱାର ଦେଶରେ ଦଣ୍ଡାୟମାନ ପୂର୍ବକ ସେ ମାତାଙ୍କୁ ଡକା ପାରିଲେ । ଅପେକ୍ଷା କରିବାର ଧୈର୍ଯ୍ୟ ଏରୁଣ୍ଡିବନ୍ଧ ଅତିକ୍ରମ କଲାଣି । ସେ କିନ୍ତୁ ବିନାନୁମତିରେ ଗୁମ୍ଫାର ଏରୁଣ୍ଡିବନ୍ଧ ଅତିକ୍ରମ କରି ପାରୁ ନାହାନ୍ତି । ଅଧିକ ଉଚ୍ଚ ସ୍ୱରରେ ସେ ପୁନଶ୍ଚ ଡାକ ଛାଡିଲେ ।

ତତକ୍ଷଣାତ୍ ମାତା ଆବିର୍ଭୂତା ହୋଇ, ସରାଗ ହୀନ, ନିରୁତ୍ସାହିତ, କ୍ରୁଦ୍ଧ ସ୍ୱରରେ ପଚାରନ୍ତି,

- ଏପରି କି ମହତ୍ କାର୍ଯ୍ୟ କରି ଆସିଛ ଯେ ଏତେ ଉଦ୍ବେଳିତ ତାହା ପ୍ରକାଶ କରିବା ସକାଶେ ବତ୍ସ **?**

ମାରୁତୀ ଆଶ୍ଚର୍ଯ୍ୟ ଚକିତ ହୋଇ ମାତାଙ୍କ ଆଡ଼କୁ ପ୍ରଶ୍ନୀଳ ଦୃଷ୍ଟି ନିକ୍ଷେପ କରନ୍ତି । ମାତା କଣ ଅବଗତ ନୁହନ୍ତି ପ୍ରଭୁ ରାମଚନ୍ଦ୍ରଙ୍କର ଲଙ୍କା ବିଜୟ, ରାବଣ ଜୟ ସମ୍ପର୍କରେ **?**

- ମାତା, ଆପଣଙ୍କ ଆଶୀର୍ବାଦରୁ ରାମଚନ୍ଦ୍ରଙ୍କୁ ମୁଁ ଯଥାଶକ୍ତି ସାହାଯ୍ୟ କରି ପାରିଛି । ଭାରତ ବର୍ଷ ଆଜି ସର୍ବ ସୁରକ୍ଷିତ । ରାବଣ ନିହତ । ବିଶ୍ୱରେ ଆଉ ଅଶାନ୍ତି, ରାକ୍ଷସୀ ଉପଦ୍ରବର ଆଶଙ୍କା ନାହିଁ ।

- ମୁଁ ଜାଣିଛି, ହେଲେ ତୁମେ କଣ ସାହାଯ୍ୟ କଲ ବତ୍ସ **?** ରଘୁପତି ତୁମଠାରୁ କିଭଳି ଭାବେ ଉପକୃତ ହେଲେ । ତୁମେ ତ ତୁମ ନିହିତ ଶକ୍ତିର ଏକ ସହସ୍ରାଂଶ ଭାଗ ମଧ୍ୟ ନିୟୋଜିତ କରିନାହଁ । କି ପ୍ରକାରେ ତୁମେ ନିଜକୁ ଗର୍ବିତ ମନେ କରୁଛ **?** ତୁମକୁ ଏ ମିଥ୍ୟା ଅଭିମାନ ଶୋଭା ପାଉ ନାହିଁ ଯେ ।

- ମାତା, ଏ ଅକିଞ୍ଚନ କଣ ପାଇଁ ଅଭିମାନ କରିବ । ମୁଁ ତ ସ୍ୱୟଂ ପ୍ରଭୁଙ୍କ ହସ୍ତର ସାମାନ୍ୟ କାଷ୍ଠ ପିତ୍ତୁଳିକା ମାତ୍ର । କଦାଚିତ ମୁଁ ଆପଣଙ୍କ ରୁଷ୍ଟ ହେବାର କାରଣ ଜାଣି ପାରୁ ନାହିଁ ।

- ବତ୍ସ, ତୁମେ କଣ ତୁମର ସମସ୍ତ ଶକ୍ତି ବିନିଯୋଗ କରିଛ **?** ନା **!!** ଯଦି କରିଥାନ୍ତ ତେବେ ବହୁଅବଧି ପୂର୍ବରୁ ରାମ କୃତକାର୍ଯ୍ୟ ହୋଇ ପାରିଥାନ୍ତେ । ସମୁଦ୍ର ଲଂଘନ ଏକ ବିକଟ ସମସ୍ୟା ଥିଲା ସାଧାରଣ ବୀର ମାନଙ୍କ ସକାଶେ । ତୁମ ପାଇଁ ତ ନଥିଲା **?** ତୁମେ ଚାହିଁଥିଲେ ଶରୀର ବର୍ଦ୍ଧନ କରି ନିଜ ଶରୀରର ଏକ ସେତୁ କ୍ଷଣକରେ ନିର୍ମାଣ କରି ପାରି ଥାଆନ୍ତ । ବିଶଲ୍ୟ କରଣୀ ଆଣିବା ପାଇଁ ସପ୍ତ ଦିବସ ଲଗାଇବା, ତୁମ ନିମନ୍ତେ ଅଭାବନୀୟ ଘଟଣା ନୁହେଁ କି **?** ସୀତା ଅନ୍ୱେଷଣ ରେ ଅନ୍ୟାନ୍ୟ ମର୍କଟ ବୀର ମାନଙ୍କୁ ଅକାରଣେ ନିଯୁକ୍ତ କରିବା ଅଚିନ୍ତନୀୟ ନୁହେଁ କି **?**

ଶାନ୍ତ ଭାବରେ ଧୈର୍ଯ୍ୟର ସହ ସବୁ ଶୁଣି ସାରି ଈଷତ ହସିଲେ ହନୁମାନ ।

- ଓଃ ହୋ ମାତେ, ଆପଣଙ୍କ କ୍ରୋଧର କାରଣ ତାହେଲେ ଏଇୟା ।

ମାତା, ଆପଣଙ୍କୁ ଜ୍ଞାନ ଦେବାର ଧୃଷ୍ଟତା ନିମନ୍ତେ ମୁଁ କ୍ଷମାପ୍ରାର୍ଥୀ । ମର୍ଯ୍ୟାଦା ପୁରୁଷୋତ୍ତମ ମୋର ପ୍ରଭୁ ଶ୍ରୀ ରାମଙ୍କର କୌଣସି କାର୍ଯ୍ୟ ଅହେତୁକ ନୁହେଁ । ସବୁ ଘଟଣା ଦୁର୍ଘଟଣାରେ ସମୟ ସାପେକ୍ଷତା ଓ ଗୂଢ଼ ତତ୍ତ୍ୱ ନିହିତ । ମାତା, ରାମଚନ୍ଦ୍ରଙ୍କ ଅବତାର ବିଶ୍ୱର କଲ୍ୟାଣ ନିମନ୍ତେ, ଧରିତ୍ରୀ ବାସୀଙ୍କ ପଥପ୍ରଦର୍ଶକ ରୂପରେ, ତାଙ୍କର ସର୍ବାଙ୍ଗୀଣ ଉନ୍ନତି ସକାଶେ । ମାନବୀୟ ମୂଲ୍ୟବୋଧରେ ନିଜକୁ ତୁଳନା କରି ତାଙ୍କର ସବୁ ଲୀଳାଖେଳା । ନହେଲେ ରାବଣ ପରି ତୁଚ୍ଛ ଜୀବକୁ ତ ସେ ମୁହୂର୍ତ୍ତକରେ ନାଶ କରି ଦେଇ ଥାଆନ୍ତେ । କିନ୍ତୁ ତଦ୍ୱାରା ଜନ ମାନସକୁ କି ପ୍ରେରଣା ମିଳିଥାନ୍ତା ? କର୍ମଯୋଗୀ ହେବା ପାଇଁ ଏହା ତାଙ୍କର ଏକ ଆହ୍ୱାନ । ଆଉ ମୁଁ ଯଦି ସେସବୁ ସହଜରେ ତୁଲେଇ ଦେଇଥାଆନ୍ତି, ତେବେ ମୋ ପ୍ରଭୁଙ୍କର ମାନବ ଅବତାରକୁ କି ଶ୍ରେୟ ମିଳିଥାଆନ୍ତା ? ଅନ୍ୟାନ୍ୟ ଅଗଣିତ ବୀର ଭକ୍ତଗଣଙ୍କୁ ମଧ୍ୟ କି ଶ୍ରେୟ ମିଳି ଥାଆନ୍ତା ? ସେଥିପାଇଁ ମାତା, ପ୍ରଭୁଙ୍କ ମାନବୀୟ ରୂପକୁ ଯଥାର୍ଥ ସମ୍ମାନ ଦେଇ, ମୁଁ ମୋର ମର୍କଟୀୟ ଭୂମିକା ପ୍ରତିପାଦିତ କଲି । ମାତା ଜାନକୀଙ୍କୁ ସ୍କନ୍ଧରେ ବହନ କରି ନେଇ ଆସିବାକୁ ମୋତେ କିଏ ଅଟକେଇ ପାରିଥାନ୍ତା ? କିନ୍ତୁ ମାତା ସୀତା ମଧ୍ୟ ରାମଙ୍କ ମାନବୀୟ ମର୍ଯ୍ୟାଦା ଓ ପାରଙ୍ଗମତାକୁ ସମ୍ମାନ ଜଣାଇ ମୋ ସହିତ ଆସିବାକୁ ବାରଣ କଲେ ।

ଯେତେବେଳେ ମୁଁ ଗନ୍ଧମାର୍ଦ୍ଦନକୁ ଯାଇଥିଲି, ମୋତେ କେତେ ସମୟ ବା ଲାଗିଥାଆନ୍ତା ସଞ୍ଜିବନୀ ଆଣିବାକୁ । ସେଥିରେ ବିଳମ୍ବ ହେବାର ମଧ୍ୟ ଗୂଢ଼ ଅର୍ଥ ଅଛି । ଠିକ ସେହି ସମୟରେ ଶୂଳଦଣ୍ଡରେ ଦଣ୍ଡିତ ଜମଦଗ୍ନି ଋଷିଙ୍କ ଦ୍ୱାରା ଶାପିତା ହୋଇଥିଲେ, ପରମ ଅଗ୍ରଗଣ୍ୟା ସତୀ ଅନଶୂୟା, - ଯେ ଯେଉଁ ସ୍ୱାମୀ ପାଇଁ ତୋର ଏ ଗର୍ବ ଅଭିମାନ, ସୂର୍ଯ୍ୟୋଦୟ ହେବା ମାତ୍ରକେ ତୋର ସେହି ସ୍ୱାମୀ କାଳ କବଳିତ ହେବ । ଆଉ ସତୀ ଶୀରୋମଣୀ ଗୋଟିଏ ରାତ୍ରୀକୁ ସପ୍ତରାତ୍ରୀରେ ପରିଣତ କରିଥିଲେ । କହିବା ବାହୁଲ୍ୟ, ସତୀଙ୍କ ସ୍ୱାମୀ ଆରୋଗ୍ୟ ଲାଭ କରି ଜୀବଦାନ ପାଇଥିଲେ । ମୋର ମର ଶରୀର

ହିସାବରେ ମୋତେ ହିମାଳୟରୁ ଲଙ୍କା ଆବାଗମନ ପାଇଁ ସପ୍ତ ଦିବସର ଆବଶ୍ୟକତା ଥିଲା। ତେଣୁ ହେ ମାତା, ଧରାପୃଷ୍ଠର ସମସ୍ତ ଘଟଣାବଳୀ ପରସ୍ପର ସମ୍ପର୍କିତ ଓ ଯଥାର୍ଥ । ଆମେ ସମସ୍ତେ ନିମିତ୍ତ ମାତ୍ର । ରାମ ବନବାସ, ସୀତା ହରଣ, ସୀତା ଅନ୍ୱେଷଣ, ଲଙ୍କା ଦହନ, ରାବଣ ବଧ ଏସବୁ କେବଳ ନାଟକ ମାତ୍ର, ସବୁ ମାୟାଧରଙ୍କ ମାୟା । ତାଙ୍କରି ଇଚ୍ଛାରେ ଆମେ ପରିଚାଳିତ । ତେଣୁ ତାଙ୍କ ଠାରେ ବିଶ୍ୱାସ ରଖି, ତାଙ୍କରି ଇଚ୍ଛାକୁ ସମ୍ମାନ ଦେଇ ଆମେ ଜୀବନରେ ଅଗ୍ରସର ହେବା ଫଳପ୍ରାପ୍ତିର ସୂତ୍ର ତାଙ୍କ ହାତରେ ଦେଇ ।

ଜୟ ଶ୍ରୀରାମ ।

ବସନ୍ତ ବିହାର, ନୂଆ ଦିଲ୍ଲୀ

**ବେଦାନ୍ତୀର ଆଗାମୀ ସଂଖ୍ୟା ସେପ୍ଟେମ୍ବର ମାସ ୧ ତାରିଖରେ ପ୍ରକାଶ ପାଇବ । ଏହି ସଂଖ୍ୟା ପାଇଁ ଆପଣମାନଙ୍କ ଲେଖା ପଠାଇବାପାଇଁ ଅନୁରୋଧ । ଆପଣମାନଙ୍କ ଲେଖା ଅଗଷ୍ଟ ୧୫ ତାରିଖ ସୁଦ୍ଧା ଆମ ପାଖକୁ ପଠାନ୍ତୁ । ଆପଣମାନେ ଲେଖା ଇମେଲ୍ କମ୍ବା ହ୍ୱାଟସଆପ୍ ଜରିଆରେ ପଠାଇପାରିବେ ।**

# ମୌସୁମୀ ଗୋ ତୁମେ



ପ୍ରଶାନ୍ତ କୁମାର ପଧାନ

ମୌସୁମୀ ଗୋ ତୁମେ ନିଦାଘର ଶେଷେ
ଅମୃତର ସ୍ରୋତସ୍ୱିନୀ
ସ୍ପର୍ଶରେ ତୁମର ଜୀବନ୍ୟାସ ପାଏ
ସତେକବା କାଦମ୍ବିନୀ ।।
ମେଣ୍ଟିଯାଏ ତୃଷ୍ଣା ତୃଷାର୍ତ୍ତ ମାଟିର
କୋମଳ ପରଶେ ତୁମ
ସୁଗନ୍ଧିତ ହୁଏ ଅପୂର୍ବ ବାସ୍ନାରେ
ଲକ୍ଷେ ପାରିଜାତ ସମ ।।
ପଙ୍କଜିନୀ ଦେହେ ଟୋପାଟୋପା ହୋଇ
ପଡ଼ ଯେବେ ତୁମେ ଝରି
ଲେ଼ଟିପଡ଼େ ସିଏ ସରସୀ ଜଳରେ
ଲାଜରେ କି ଯାଏ ମରି ।।
ଯଉବନ ଲଭେ କଦମ୍ବ କି ସତେ
ନିଆର୍ ତୁମ ଛୁଆଁରେ
ମହକିତ କରେ ସାରା ପୃଥିବୀକୁ
ମହମହ ସୁବାସରେ ।।
ଦକ୍ଷିଣ ପଶ୍ଚିମ ଦିଗରୁ ଗୋ ଆସି
ବଦଳେଇଦିଅ ପାଗ
ବିରହ ନିଆଁରେ ଜାଳଦିଅ ପୁଣି
ବଦଳାଇ ଦେଇ ଦିଗ ।।

ଗ୍ରାମ – ବୁର୍ମୁଣ୍ଡା, ଜିଲ୍ଲା -ବରଗଡ

# ଯୋଦ୍ଧା ସୈନିକ



ଜୟପ୍ରକାଶ ଦୁରିଆ (ରମନ)

ଭାରତ ମାଆର ବୀରପୁତ୍ର ମୁହିଁ
ପଛଘୁଞ୍ଚା ମୋର ଯାତକରେ ନାହିଁ
ପାକସ୍ତାନ କମ୍ବା ଚୀନ ହେଉପଛେ
ଲଢିବି ଦେଶରେ ପାଇଁ....... ମୁଁ ଡରିବି କାହିଁ ॥୧॥
ଜେଜେ ମାଁ ଗଳପ କର୍ଣ୍ଣରେ ଗୁଞ୍ଜରୀ
ତାଙ୍କ ଠୁ ଶୁଣିଛି ଅମର କାହାଣୀ
କେତେ କେତେ ବୀର ବଳୀଦାନ ଦେଲେ.....
ଦେଶର ସୁରକ୍ଷା ପାଇଁ..... ମୁଁ ଡରିବି କାହିଁ
ପାକସ୍ତାନ କମ୍ବା ଚୀନ ହେଉପଛେ.....
ଲଢିବି ଦେଶର ପାଇଁ ..... ମୁଁ ଡରିବି କାହିଁ ॥୨॥
ସୁରୁଜ କୀରଣ ଦେହରେ ବାଜିଲେ
ପିଲାବେଳ କଥା ମନେ ପଡିଗଲେ
ଲାଗେ ଯେମିତି ଆଜିବି ରହିଛି ସତେଜ
କେବେ ହସରେ ବଦଳେ ତ କେବେ କାନ୍ଦରେ ବଦଳେ
ତଥାପି ସମ୍ଭାଳେ ମୁହିଁ.....ତଥାପି ସମ୍ଭାଳେ ମୁହିଁ
ପାକସ୍ତାନ କମ୍ବା ଚୀନ ହେଉପଛେ.....
ଲଢିବି ଦେଶର ପାଇଁ..... ମୁଁ ଡରିବି କାହିଁ ॥୩॥
ବାପାଙ୍କ ସେନେହ ବଡଭାଇର ପ୍ରିତୀ
ଭଉଣୀ ର ମିଛିମିଛିକା କଳି

ସାଙ୍ଗସାଥି ମେଳ ଗାଁ ଦାଣ୍ଡ ଧୂଳ
ଜେବେ ବାପାଙ୍କ ବାଲୁ ନାଚ ଆଉ ମୋ ବୋଉର ଲୋରୀ.....
ଯେବେ ଯେବେ ଏଇ ଭୁବରେ ଡୋରୀ
ମନେ ପଡିଗଲେ ସପନ ପରି
ଦି ଟୋପା ଲୁହ ବି ମୁଁ ନଏ ପିଇ....
ଧନ୍ୟ ସେମାନେ ଜନ୍ମ ଦେଲେ ମୋତେ
ଭାରତ ମାଆର ବୀରପୁତ୍ର ଆଜି
ବୋଲାଉଛି ତାଙ୍କ ପାଇଁ.....
ବୋଲାଉଛି ତାଙ୍କ ପାଇଁ
ପାକସ୍ତାନ କମ୍ବା ଚୀନ ହେଉପଛେ.....
ଲଢିବି ଦେଶର ପାଇଁ.....ମୁଁ ଡରିବି କାହିଁ ॥ ୪ ॥
ମୋ ଦେଶ ମାଟିକୁ ମଥାରେ ଲଗାଇ
ଶପଥ କରୁଛି ଶୁଣ ଶୁଣ ହାଇ
ଶେଷ ନଶ୍ୱାସ ଥିବା ଯାଏଁ ମୋର...
ଲଢିବି ଦେଶର ପାଇଁ.....ଆମ ଦେଶବାସୀ ପାଇଁ....ଭାରତ ମାଆଙ୍କ ପାଇଁ.....
ପାକସ୍ତାନ କମ୍ବା ଚୀନ ହେଉପଛେ.....
ଲଢିବି ଦେଶରେ ପଇଁ.....ଲଢିବି ମାଟି ମାଁ ପାଇଁ..... ମୁଁ ଡରିବି ନାହିଁ..... ॥ ୫ ॥

ନୂଆପଡା, ଓଡିଶା

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ପରଂବ୍ରହ୍ମ



ପ୍ରକାଶ ଚନ୍ଦ୍ର ମୁଦୁଲି

ତୁମେ ଯେ ସତ୍ୟ ତୁମେ ଯେ ଧର୍ମ
ତୁମେ ମୋ ପରଂବ୍ରହ୍ମ
ତୁମରି ବିନା ଜୀବନଟା ମୋ
ଲାଗଇ ବଡ ଶୂନ୍ୟ
ହେ ପରଂବ୍ରହ୍ମ
ହେ ମୋର ସଖା ହେ ମୋର ବନ୍ଧୁ
ତୁମେ ଯେ ଦୀନବନ୍ଧୁ
ତୁମେ ମୋ ଶକ୍ତି ତୁମେ ମୋ ଭକ୍ତି
ତୁମେ ମୋ ଚିର ବନ୍ଧନ
ହେ ପରଂବ୍ରହ୍ମ
ତୁମେ ତ ବ୍ରହ୍ମ ହେ ମୋର ଇଷ୍ଟ
ତୁମେ ମୋ ଇଷ୍ଟ ଦେବତା
ଜଗତନାଥ ପୂର୍ଣ୍ଣ ବ୍ରହ୍ମ ହେ
ଜୀବନଟା କର ପୂର୍ଣ୍ଣ
ହେ ପରଂବ୍ରହ୍ମ

ସହକାରୀ ଶିକ୍ଷକ, ରାୟଗଡା

# ଜିଲିବିଲିଙ୍କ ଗାଁ ରେ

ପ୍ରିୟବ୍ରତ ପାଢ଼ୀ

## (ଶେଷ ଭାଗ)

ଧାପେଧାପେ ଚଢ଼ି ଗାଁରେ ପଶିଲା ବେଳକୁ ଦୁଇ ଗୁରିଟା ଲଙ୍ଗଳା ପିଲା ସତେକି ଆମକୁ ପାଛୋଟି ନେଲା ପରି ଠିଆ ହୋଇଥିଲେ । ପଗୁନାଳରେ ଲଟପଟ ହେଉଥିବା ଘୁଷୁରୀ ତିନଟି ଆମକୁ ଦେଖି ଅତର୍କ୍କା ଦୌଡି ପଳେଇଲେ । ଆମଭଳି ପେଣ୍ଟସାର୍ଟ ପିନ୍ଧା ବାବୁମାନଙ୍କୁ ଦେଖି କୁକୁଡା ମାନେ ବି ଖଣ୍ଡିଉଡା ଦେଇ ଗୁଲିଗଲେ । ତାଙ୍କ ପଛେପଛେ ଦୁଇଟା ଲାଙ୍ଗୁଡ ଲୁଗୁ କାଉନ୍ଦା କୁକୁର । ଲଜ୍ଜା ଲାଗିଲା, ଏବେ ବି ଗାଁର ଜୀବଜନ୍ତୁ ଆମକୁ ଜଙ୍ଗଲ ଗାର୍ଡ ବୋଲି ଭାବି ଦୂରେଇ ଯାଉଛନ୍ତି ।

ଗାଁରେ ବୁଲୁବୁଲୁ ଦଶମ ପାସ୍ କରିଥିବା କନ୍ଧ ଯୁବକ ଜଣେ ଆମର ସାଥି ହେଲେ । ଆମର ଅନେକ ପ୍ରଶ୍ନରେ ସେ ଉସ୍ମିତ ହେଲେ । କେବେ ନ ଶୁଣିଥିବା କଥାକୁ ତାଙ୍କ ଗାଁରେ ଘଟିଥିଲା ବୋଲି କହିଲେ ଯେ କେହି ତାଟକା ହେବା ସ୍ୱାଭାବିକ । କାରଣ "ପରଜା" ବା ଗୋପୀନାଥ ମହାନ୍ତିଙ୍କ ବିଷୟରେ ସେ କଛି ବି ଜାଣି ନଥିଲେ ।

ତମ ଗାଁରେ ଏବେ ନବେ ଘର କନ୍ଧ, ଗୁରିଘର ଡମ୍ବ । ପରଜାମାନେ ଗଲେ କୁଆଡେ?

ଆଜ୍ଞା ଆମ ଗାଁରେ କେବେହେଲେ ପରଜା ନଥିଲେ । ଆମେ ପିଲାବେଳୁ ଦେଖିନୁ କି ବାପା ଜେଜେବାପାଙ୍କଠୁ ଶୁଣିନୁ କେବେ ଥିବା କଥା ।

ଶୁକ୍ରୁଜାନି, ମାଣ୍ଡିଆ, ଟିକ୍ରା, ଜିଲି, ବିଲି – ଏମାନଙ୍କ ନାଁ ଶୁଣିନ?

ନାଇଁ ବାବୁ, କେବେ ନାହିଁ ।

ଏଠି ଧାଙ୍ଗଡା ବସା, ଧାଙ୍ଗିଡୀ ବସା କେଉଁଠି ଥିଲା?

ଆମ ବାପାମାନେ କହନ୍ତି, କୋଡିଏ ବର୍ଷ ତଳେ ଥିଲା । ଏବେ ଆଉ ନାହିଁ!

ଆଚ୍ଛା ଆଉ କଏ କଏ ଆସି ତମକୁ ଏ ବିଷୟରେ ପଗ୍ଚରୁଛନ୍ତି କ?

ହଁ ବାବୁ ! ପଗ୍ଚରୁଛନ୍ତି, ବିଜାର କରୁଛନ୍ତି । ଥରେ ଟି.ଭି. ବାଲା ଆସିଥିଲେ । ମତେ ମିଛକଥା କହିବାକୁ କହିଲେ । ସେମିତି କହିଲେ ଡାବୁ ଦେବୁ, ଖାଦିପିଦି ଦେବୁ ବୋଲି ମିଶା କହିଲେ । ହେଲେ ମୁଁ ନାଇଁ କରିଦେଲି । ମୋର ଗୋଟେ ସାଙ୍ଗ ତାଙ୍କ କଥାରେ ଗ୍ଜି ହେଲା । କହିଲା ।

କଣ କହିଲା?

ମୁଁ ମାଣ୍ଡିଆ ଜାନର ନାତିର ନାତି । ଯୋ ସାହୁକାର ଆମ ବାପଦାଦାର ଜମି ନବ, ଆମେ ତାକୁ ଜୀବନରେ ମାରିଦେବୁ । ତାନ୍ତରକୁ ଛାଡିବୁ ନାଇଁ ।

ସରଳ ଯୁବକଠୁ ଏସବୁ ଶୁଣିଲା ପରେ, ତାଠୁ ଅଧିକ କଛି ଆଶା କରୁନଥିଲି । ଏଥର ମୁଁ ନଜେ ହିଁ ମୋ କଳ୍ପନା ଶକ୍ତିର ସାହାଯ୍ୟ ନେଲି । ଗାଁ ର ସବୁ ଅଭିଆଡୀ ଝିଅ ଓ ପୁଅମାନେ ଏଠାରେ ରହୁଥିଲେ । ଦିନମାନର କାମ ସରିଲା ପରେ ଖା ପିଆ କରି ଧାଙ୍ଗଡା ଓ ଧାଙ୍ଗଡୀମାନେ ଏଠାକୁ ସନ୍ଧ୍ୟା ପରେ ପରେ ଆସି ଯାଉଥିଲେ । ଧାଙ୍ଗଡାମାନେ ଡୁଙ୍ଗୁଡୁଙ୍ଗା ବଜାଇ କଥାରେ କଥା ଯୋଡି, ଗୀତକୁ ଗୀତ ଯୋଡି କଥା ଆରମ୍ଭ କରୁଥିଲେ । ତାର ପ୍ରତ୍ୟୁତ୍ତର ଗୀତରେ ଗୀତରେ ମିଳୁଥିଲା ଧାଙ୍ଗଡୀ ବସାରୁ । ମନ ଦିଆନଆ ଏଇଠୁ ଆରମ୍ଭ ହେଉଥିଲା । ଘର, ସମାଜ ବା ପରମ୍ପରାର କୌଣସି ଆକଟ ନଥିଲା । କେବେକେବେ ପଦା ଗାଁରୁ ଆସିଥିବା ଧାଙ୍ଗଡାମାନେ ଏହି ବସାରେ ରହି ଧାଙ୍ଗଡୀମାନଙ୍କୁ ମନେଇବାକୁ ଗୀତ ବୋଲୁଥିଲେ । ଯିଏ ଝୋଲାଟଙ୍କା ଦେଇପାରୁଥିଲା, ଭୋଜିଭାତ ଓ ମଦଦେଇ କନ୍ୟାକୁ ନେଇ ଘର କରୁଥିଲା । କଏ କନ୍ୟାକୁ ନେଇ ଉଦୁଲିଆ ଯାଉଥିଲା, ପରେ ସୁବିଧା ଦେଖି ବିଭାହୋଇ ଫେରୁଥିଲା । କଏ କନ୍ୟାକୁ ଏଇ ଉଦୁଲିଆ ଯାଉଥିଲା, ପରେ ସୁବିଧା ଦେଖି ବିଭାହୋଇ ଫେରୁଥିଲା । ବାପା ମା ଙ୍କ ପସନ୍ଦ ଅପସନ୍ଦକୁ ଅପେକ୍ଷା ନଥିଲା । ଆଉକଛି, କନ୍ୟା ଘରେ ଗୋତି ରହି ଝୋଲା ଟଙ୍କା ଶୁଝା ହେଲାପରେ ଯାଇ କନ୍ୟାକୁ ନେଉଥିଲେ ।

କଏ ପୁଣି ଘର ଜୋଇଁ ହୋଇ ରହି ଯାଉଥିଲେ । ଏସବୁର ଉତ୍ସ ଥିଲା ଏହି ଧାଙ୍ଗଡାଧାଙ୍ଗିଡୀ ବସା ।

ପ୍ରାୟ ପରବ ସବୁ ଜହ୍ନରାତିରେ ହୋଇଥାଏ । ରାତି ବଢିଲେ ଢୋଲର ଢାଉଁ ଢାଉଁ ଶବ୍ଦରେ ତାତି ବଢୁଥିଲା, ନିଶା ବଢୁଥିଲା । ନାଚ କରି କରି ମୁହଁରୁ ଝାଳ ନିଗିଡି ପଡୁଥିଲା । ବାଜା ଥକି ଯାଉଥିଲା, କିନ୍ତୁ ପାଦ ଥମୁ ନଥିଲା । ପାଖରେ ରହୁଥିଲା ଡବାଡବା ପେଣ୍ଡମ୍ ଓ ଲାନ୍ଦା । ପୁଅଝିଅମାନେ ନିଜ ନିଜ ଉଚ୍ଚତା ଅନୁସାରେ ଖଞ୍ଜି ହୋଇ ଯାଉଥିଲେ, ସତେକି ସୁନା ତାରରେ ଧାଙ୍ଗଡୀମାନଙ୍କ ମାଳଟିଏ କଏ ଗୁନ୍ଥି ପକାଇଛି । କେତେବେଳେ ସାପପରି, କେତେବେଳେ ଘୁରିଘୁରି, କେବେ ମୟୂର ପରି ତ କେବେ ବଣ ହରିଣୀ ପରି, ନିର୍ଧୁମ ନାଚ, ଅନ୍ତହୀନ ନାଚ । ସମସ୍ତେ ପିଇକରି ନାଚୁଥିଲେ, ନାଚନାଚ ଲୁଗାପଟା ବି ଖସେଇ ଦେଉଥିଲେ । ଆଦିମ ଝୋକ, ଆଦିମ ନୃତ୍ୟ ସବୁ ଯେମିତି ଅକାକାର ହୋଇ ଯାଉଥିଲା । କଏ କାହା ସଙ୍ଗେ ନାଚ ଅଧାରୁ ଗୁଲିଗଲା, ନଜର ପକେଇବାକୁ, ଆକଟ କରିବାକୁ କେହି ନାହିଁ । ନାଚନାଚ ନିଶାରେ କଏ ଗଛମୂଳେ, କାହା ପିଣ୍ଡାରେ ବା ଚଟା ପଥର ଉପରେ ଶୋଇ ଯାଉଥିଲେ । ସକାଳ ହେଲେ ରାତିକଥା ଭାବି ହସୁଥିଲେ, ପୁଣି ଯେଝା କାମରେ ଲାଗି ଯାଉଥିଲେ । ସକାଳ ହେଲେ ରାତିକଥା ଭାବି ହସୁଥିଲେ, ପୁଣି ଯେଝା କାମରେ ଲାଗି ଯାଉଥିଲେ । ଧାଙ୍ଗଡାଧାଙ୍ଗିଡୀ ବସାର ସଦା ପ୍ରଫୁଲ୍ଲ ମଣିଷମାନେ ସାରା ଗାଁର ଶିରୀ ଥିଲେ, ଚିର ଯୌବନର ଗୀତ ଥିଲେ । ରାତିରେ ଯଦି କିଛି ଘଟିଯାଇଥାଏ, ସକାଳେ ପିତୃପୁରୁଷ ପଥର ପାଖରେ ନିଶାପ ବସୁଥିଲା, ପଞ୍ଚାୟତ ବସୁଥିଲା । ଗୁରିଅଣା ର ରନ୍ଧାମଦରେ ଜୋରିମନା ସୀମିତ ଥିଲା । ସମସ୍ତେ ପିଇ ପୁଣି ମିଶି ଯାଉଥିଲେ । ଯିଏ ଯାହାକୁ ଭଲ ପାଇଲା, ତା ସାଙ୍ଗେ ଗୁଲିଗଲା – ନାରୀ ସ୍ୱାଧୀନତାର ଚରମ ପରାକାଷ୍ଠା । ବ୍ୟକ୍ତି ସ୍ୱାଧୀନତାର ଅଭେଦ୍ୟ ଗଡ ଥିଲା ଏହି ବସା ଦୁଇଟି ।

ଭାଙ୍ଗିରୁଜି ଭୂଇଁକୁ ଆଉଜି ପଡିଥିବା ବସା ଦୁଇଟି ଏକ ଜୀବନ୍ତ ହାହାକାର ପରି ଲାଗୁଥିଲା । ଭୂମିକମ୍ପରେ ସତେ ଯେମିତି ସବୁ ମାଟିରେ ମିଶି ଯାଇଛି, ପୁନଃ ନିର୍ମାଣ ପାଇଁ କାହାର

ଆଗ୍ରହ ନାହିଁ । ଫୁଲ ବଗିଗୁଚେ ଜଳପୋଡି ଯାଇଛି । କେତେ ଲୁଗୁଛପା କଥା, ମନ ଦିଆନଆ କଥା, ଗୁଗସୁଷାର କଥା ଏ ଡିହ ନଶୁଣିଛି!

"ପରଜା" ର କଥା । ଧାଙ୍ଗଡା ବସାରେ ଗୁମ ସାହୁକାର ଗ୍ରାୟ ନେଇଥାଏ । ନୂଆକରି ସେ ଶୋରଶୁପଦର ଆସିଥାଏ । ତାର ଚେଲା ମଧୁ ଘାସି । ମଧୁ ଘାସି ହାତରେ ପେଇସା ଓ ଖଦିଦେଇ ଜିଲିର ମନ କଣିନେଲା । ଦିନେ ଗୁତିରେ ନଜ ଘରୁ ଜିଲି ଆସି ଡୋକ୍ରା ଗୁମ ବିଶୋଇ ରହୁଥିବା ବସାରେ ପଶିଗଲା । ଯେଉଁ ଲୋକ ତା ବାପା ଭାଇକୁ ଗୋତିକରି ମାରୁଛି, ଯିଏ ତାଙ୍କ ଘରର ଜମିବାଡି ସର୍ବସ୍ୱ ଲୁଟି କରି ନେଇଛି, ସୁଖ ସମ୍ମାନ ନେଇଛି, ସେମିତି ଲୋକ ପାଖରେ ଜିଲି ନଜକୁ ବିକଦେଲା । ମାତ୍ର କେଇଟା ପେଇସା, ବା ବାସନା ତେଲର ଶିଶିଟେ ପାଇଁ! ବୋଧେ "ପରଜା" ଉପନ୍ୟାସର ସବୁଠୁ ବଡ **turning point** ହେଉଛି ଏହି ଘଟଣା । ତାହା ଘଟିଥିଲା ଏହି ଭଙ୍ଗାରୁଜା ଧାଙ୍ଗଡା ବସାରେ । ମନ ଭାରୀ ଭାରୀ ହୋଇଗଲା, ଜାଗା ଛାଡି ଗୁଲିଗଲି ।

ଶରଶୁପଦର ଗାଁରେ ମାତ୍ର ତିନଟି ସାହି । କାଁଭାଁ ଝାଟିମାଟି, ଟଁଣିଅ ଝାଟିର ଜାଲିବାଡ, ପିରିଛଣ ! ବାକ ସବୁ ଇଟା ଓ କାଦର ଘର, ସିମେଣ୍ଟ ଟିଣର ଛାତ । କଛି ମାସ ଭିତରେ ବୋଧେ ବିଜୁଳ ବତୀ ଆସିଯିବ ! ଗୋଟିଏ ମନଲାଖି କୁଡିଆ ଆବିଷ୍କାର କଲି । ଧରିନେଲି ଏଇଟା ହେଉଛି ଶୁକୁଜାନର ଘର!

ପିରି ଛାଉଣୀ ସାଙ୍ଗକୁ ମାଟିଲେସା କାନ୍ଥ । ପୋଡା ଷଢେଇର ଗୁଣ୍ଡରେ କୁସୁମ ତେଲ ମିଶାଇ କେତେ ଜାଗାରେ କାନ୍ଥ କଳା ହୋଇଛି । କେତେ ଜାଗାରେ ନାଲିମାଟିର ରଙ୍ଗ ତ କେତେ ଜାଗାରେ ହଳଦିଆ ମାଟିର ରଙ୍ଗ । ପୁରୁଣା ଦଦରା ଘରଟିର ଦ୍ୱାର ବୋଲି କଛି ନଥିଲା, ଯାହା ବାଉଁଶପାତିର ଗୁଞ୍ଚାଏ ଆଉଜା ହୋଇ ଦଉଡିର ଫରଫାଶି ପଡିଥିଲା । ଛାଉଣୀରୁ କଛି ଉଡିଯାଇ ରୁଅ-ବାଉଁଶ ପଞ୍ଜରା ହାଡ ପରି ଦିଶୁଛି । କଛି ଜାଗାରୁ ଛାଉଣି ଉଡିଯାଇଛି ବୋଲି ଜରିଟିଏ ରଖି ତା ଉପରେ ଇଟା ଖଣ୍ଡେ ରଖାଯାଇଛି । ଗାଁର ବୁଢା ଜଣେ ଫରଫାଶି ଖୋଲି ଭିତରକୁ ଯା ବୋଲି କହିଦେଲା ।

କେମିତି ଜାଣିଲା ସେ, ମୁଁ ତା ଭିତରକୁ ଯିବାକୁ ଚାହୁଁଛି?

ଘରେ ରହୁଥିବା ଲୋକଟି କାମ ଧାମରେ ବାହାରି ଯାଇଛି । ପଣସଟିଏ ଦରମେଲା ହୋଇ ପଡି ରହିଛି । ଚୂଲୀ ମୂଳେ କଛି ପଣସ ମଞ୍ଜି, ଆମ୍ବ କୋଇଲି! ଲୋଗ୍ରୁକୋଗ୍ରୁ ରସ ହାଣ୍ଡିରେ କଛି ମାଣ୍ଡିଆ ଜାଉ । ଲୁଗା ଶୁଖା ବାଉଁଶ ଉପରେ କଛି ପୁରୁଣା ଖଦି, ସ୍ତ୍ରୀ ଲୋକଙ୍କର । କାନ୍ଥରେ ଓହଳଛି ଗୋଟେ ଫିମ୍ପିମଗ୍ ଢୁଙ୍ଗୁଢୁଙ୍ଗା । ଗୋଟିଏ ଦୁଇନଳଆ କନ୍ଧ ବଂଇଶୀ, ତା ପାଖରେ । ତାହା ପୁଣି ଗୋଧି ଚମଡାରେ ଗୁଡିଆ ହୋଇଛି । ଏଇଟା ତ ପୁର୍ବ ଶୁକୁଜାନର ଘର । ନା, ସବୁ ଆଦିବାସୀଙ୍କ ଘର ଶୁକୁଜାନର ଘର ପରି?

ଜିଲିର ଉଚ୍ଚାଭିଳାଷୀ ତଥା ଜିଦ୍ ଖୋର ପରି ଲାଗୁଥିବା ସ୍ୱାଭାବିକ ଭାବନାଟିକୁ ଗୋପୀବାବୁ କ ସୁନ୍ଦର ଭାବେ କହିଛନ୍ତି ।

"ସେ ପରଜା ଝିଅ । ତା ର ରାଜିରେ ଘର କରିବ । ତାର ରାଜିର ଘର ଭାଙ୍ଗିଦେବ, ପୁଣି ନୂଆ ଘର କରି । ସେ ଧାଙ୍ଗଡୀ, ତାର ହସ ଫୂର୍ତ୍ତି ଦରକାର, କାନ୍ଦଣା ନୁହେଁ ।

କ କ ବିପର୍ଯ୍ୟୟ ନ ଦେଖିଛି ଏ ଘର! ଜଙ୍ଗଲ ଜମାନ ଯୋଉଦିନ ଶହେ କୋଡିଏ ଟଙ୍କା ଜୋରିମନା ପକାଇଲା, ସାରା ପର୍ବାର ଆକାଶରୁ ଖସି ପଡିଲେ, ପାଦତଳୁ ଭୂଇଁ ଫାଟିଗଲା । ବାପା, ଦୁଇପୁଅ ଓ ଦୁଇଝିଅ ପରସ୍ପରର ବେକ ଧରାଧରି ହୋଇ କେତେ କାନ୍ଦିଥିଲେ । ସବୁ କଛି ଏ ଘର ଦେଖିଛି ।

ଘରୁ ପଦାକୁ ମୁଣ୍ଡକାଢି ଆସିଲା ବେଳକୁ ପଦାରେ ଆଉ କଛି ଲୋକଙ୍କ ଭିଡ । ସମସ୍ତେ ଦିଶୁଥିଲେ ଉଦାସ, ଟଳମଟଳ । ମୁହଁରୁ ବାହାରୁଥିଲା ପେଣ୍ଡମ୍ ର ଆମ୍ବିଳା ଗନ୍ଧ । କନ୍ଧ ଭୁଆସୁଣୀ ବୋହୂଟେ, ଛାତିରେ ଆଉଜେଇ ରଖିଥିଲା ତା ଶିଶୁକୁ । ବଡ ନର୍ବିକାର ଭାବେ ସେ ସ୍ତନଟିକୁ ପିଲା ମୁହଁକୁ ବଢେଇ ଦେଇ ସେ ମଧ୍ୟ ଦେଖୁଥିଲା । ଶରଶୁପଦର ଗାଁ ଚାରିପାଖର ଲଣ୍ଡା ଓ ଗୋଜା ପାହାଡ ସବୁ ସ୍ତନପରି ଦିଶୁଥିଲେ ଏବଂ ସେଇଠୁ ହିଁ ଝରି ପଡୁଥିଲା ଅମୃତତୁଲ୍ୟ ପାହାଡୀ ଝରଣାର ପାଣି, ଦୁଗ୍ଧ ଧାରା ଭଳ । ବୋଧେ ସେଇଥିପାଇଁ ଅମୃତର ସନ୍ତାନମାନଙ୍କ ସବୁ କାରବାର ମନରେ କୌଣସି ବିକାର ଜାଗ୍ରତ କରୁନଥିଲା ।

ବାହାରେ ଘୁଷୁରୀମାନେ ଗାଁ ଦାଣ୍ଡ ନାରଖାର କରି ରଖିଛନ୍ତି । ନୁଖୁରା ମୁଣ୍ଡରେ ନଙ୍ଗଳା ପିଲାମାନେ ନଜ ଭିତରେ କଳଗୋଳ କରି ଦୌଡା ଧାପଡା ଲଗାଇଛନ୍ତି । ସବୁକଛି ଶୂନଶାନ୍, ସତେକ ବୀଣାରେ ତାର ଛିଡି ଯାଇଛି । ସବୁ ଆଦିବାସୀ ଗାଁର ପରିସ୍ଥିତି ଆଜି ଏମିତି ଏକା ପ୍ରକାରର!

ସବୁ କଛି ବଦଳ ଯିବା ପରେ ମଧ ଯଦି ଜଙ୍ଗଲ ବଂଚ ରହିଥାନ୍ତା, ବୋଧେ ଏମିତି ଖାଁ ଖାଁ ଲାଗି ନଥାନ୍ତା । ବନସ୍ପତି ଓ ବଣ୍ୟଜନ୍ତୁ ମଣିଷର ଚର ସହଚର । ସେମାନେ ଫେରାଇ ଆଣି ପାରଥାନ୍ତେ ମଣିଷର ନଭି ଯାଉଥିବା ହସ, ଯୌବନ ଓ ଉଦ୍ଦୀପନା । ଏବେ ଗାଁ ରେ ନୃତ୍ୟଗୀତର ମାଦକତା ନାହିଁ । ଏକ ସ୍ୱାଭାବିକ ଜୀବନଧର୍ମୀ ସଂସ୍କୃତି ମରି ସାରିଲେଣି । ସର୍ବହ ଷଡଯନ୍ତ୍ର ଗ୍ଭଲିଛି । ଜନଜାତିଙ୍କୁ ପଛୁଆ, ଅଶିକ୍ଷିତ କହି ତାଙ୍କୁ ଭିଡିଆଣି ତଥାକଥିତ ଆଧୁନକତା ଭିତରେ ଠେଲି ଦିଆଯାଉଛି । ଅଭାବ ଦୂର କରିବାକୁ ଯାଇ ତାଙ୍କ ଭିତରେ ଅଭାବବୋଧର, ହୀନମନ୍ୟତାର ସର୍ବଗ୍ରାସୀ ଅଗ୍ନିକୁ ଉତ୍ତେଜିତ କରାଯାଉଛି । ନୂଆ ଜୀବନ ଚଳଣି ଧସେଇ ପଶିବା ଫଳରେ ବହୁ ପ୍ରାଚୀନ ଚଚନ୍ତନ ଧାରାଟି ବଡ ଦୟନୀୟ ଭାବେ କଣଠେସା ହୋଇ ଗ୍ଭଲିଛି । ପ୍ରତିକ କଏ କରିବ? କେମିତି ଭାବେ କରାଯିବ? ବଡ ଅସମାହିତ ପ୍ରଶ୍ନ ।

ଗାଁ ମଝିରେ କଛି ଚଟା ପଥର (ଉପରଟି ସମତଳ) ଓ ଗୋଜା ପଥର (ଉପରଟି ଗୋଜା) ଗୋଟିଏ ଜାଗାରେ ସଜା ହୋଇ ରହିଛି । ଦଣ୍ଡେ ବସିଗଲୁ । ସବୁ ଆଦିବାସୀ ଗାଁ ରେ ଏମିତି ଦୃଶ୍ୟଟିଏ ଦେଖିବାକୁ ମିଳେ । ପୂର୍ବପୁରୁଷମାନଙ୍କୁ ସ୍ମରଣ କରିବାକୁ ଯାଇ ଏପରି କରାଯାଇଥାଏ । ସମତଳଗୁଡିକ ସ୍ତ୍ରୀ ଲୋକଙ୍କ ସ୍ମୃତିରେ । ଗୋଜା ଗୁଡିକ ପୁରୁଷମାନଙ୍କ ସ୍ମୃତିରେ । ସେମାନେ ବିଶ୍ୱାସ କରନ୍ତି ଯେ ପ୍ରତ୍ୟେକେ ମଲାପରେ ଡୁମା ହୋଇ, ପୁଣି ସେଇ ପରିବାରର କାହା ପେଟରେ ଜନ୍ମ ନଅନ୍ତି । ଏହି ପଥର ପାଖରେ ବସି ଗାଁର ପଞ୍ଚାୟତ ହୁଏ, ନଶାପ ହୁଏ । କେଶ୍, ଦଫା, ପୋଲିସ୍, ଓକଲ ସବୁକଛିର ସମାଧାନ ଏହି ପଥର । ଏମାନଙ୍କୁ ସାକ୍ଷୀରଖି ଆଦିବାସୀ ମିଛ କହେନ, ପରଧନକୁ ଲୋଭ କରେନ, ପରମ୍ପରା

ବହିର୍ଭୂତ କାର୍ଯ୍ୟ କରେନ । ପରମ୍ପରା ଯଦି ଅନୁମତି ଦେଉଛି ତେବେ ମଣିଷ ମାରିବାକୁ ମଧ୍ଯ ପଛାଏନ ।

ଦେଖିଲୁ ଗୋଟିଏ ଜାଗାରେ ବାପାପୁଅ ମିଶି ରୁଅ-ବାଉଁଶ ଭିଡି ଗୋଟିଏ ଘର ତିଆରିରେ ବ୍ୟସ୍ତ ଅଛନ୍ତି । ପାଖରେ ଶିଆଳ ଲଟାର ଶୁଖିଲା ଲଇ, ଭିଡାଭିଡି ପାଇଁ । ଏଠାରେ ପୁଅଟିଏ ବିହାହେଲେ ତା ପାଇଁ ଘରଟିଏ ଆଗ ଲୋଡା ପଡେ । ଯେମିତିକି ପ୍ରତି ଝିଅପାଇଁ ବର ଲୋଡା! ବିଚରା ଶୁକ୍ରୁଜାନ ଦିନ ନାଇଁ ରାତି ନାଇଁ ଖାଲି ସ୍ୱପ୍ନ ଦେଖୁଥିଲା – ତାର ପୁଅମାନେ, ଝିଅମାନେ ବାହା ହେଉଛନ୍ତି । ପୁଅମାନଙ୍କ ପାଇଁ ନୂଆ ଘର ହେଉଛି । ଝିଅମାନେ ଝୋଲାଟଙ୍କା ଆଣୁଛନ୍ତି । ଆମ୍ବକଷି ପରି ଘରେ ନାତିନାତୁଣୀ ହାଉଯାଉ । ସେ ସୁଖରେ ମରିବ ଏବଂ କାଜୋଡି ହେଉ କି ଟିକ୍ରାର ସ୍ତ୍ରୀ ହେଉ, କାହାର ପେଟରେ ପୁଣି ଥରେ ଜନ୍ମ ନେବ । ସେ ପୁଣି ବାହୁଡି ଆସିବ ତାର ଏହି ପରିଚିତ ଗାଁକୁ, ଘରକୁ । ସେଥିପାଇଁ ଘରକୁ ବୁଆରୀ (ବୋହୂ) ଆଣିବା ଜରୁରୀ ଏବଂ ଜରୁରୀ ନୂଆଘର କରିବା ।

ଏମିତି ଏକ ନରୀହ ଭବିଷ୍ୟତଟେ ପାଇଁ ସେ ଧାଇଁ ଯାଇଥିଲା । ପାଖ ପର୍ବତକୁ, କିଛି କାଠ ସଂଗ୍ରହ ପାଇଁ । ବାପ ଓ ଦୁଇ ପୁଅ ମିଶି ମାଳଦମକ ପର୍ବତରୁ କିଛି ଗଛ କାଟି, ପଟା ଓ ଦୁଲା ସଂଗ୍ରହ କରିଥିଲେ । ଜଙ୍ଗଲ ଜମାନ ସବୁ ବିଗାଡି ଦେଲା, ଜୋରିମନା ପକାଇ ଶୁକ୍ରୁଜାନକୁ ତଳ ତଳାନ୍ତ କରିଦେଲା ।

ମୁଣ୍ଡଟେକ ଗୁହିଁଲି, ଆଗରେ ମାଳଦମକ ପର୍ବତ ଠିଆ ହୋଇଛି । ଏମୁଣ୍ଡ ସେମୁଣ୍ଡ ଲଣ୍ଡା, ଗୋଟିଏ ବୋଲି ବଡ ଗଛ ନାହିଁ । ଅଥଚ ଉପନ୍ୟାସରେ କି ଘଞ୍ଚ ଜଙ୍ଗଲର ବର୍ଣ୍ଣନା ଥିଲା । କିଏ କାଟିନେଲା ଗଛସବୁ, ଏତେ ନିଷ୍ଠୁର ଭାବେ? ଆଦିବାସୀ ତ ଖୁବ୍ ବେଶୀରେ ରନ୍ଧାରନ୍ଧି ପାଇଁ ବା ଘରଖଣ୍ଡେ ବାନ୍ଧିବା ପାଇଁ ଡାଳପତ୍ର ହାଣେ । ହେଇପାରେ ପୋଡୁଚାଷରେ କିଛି ନଷ୍ଟ ହୋଇଥିବ । କିନ୍ତୁ ଗାଡିଗାଡି କାଠ ଗ୍ଲିଗଲା ଦୂର ସହରର ଲୋକଙ୍କ ପାଇଁ । ସହର ବଢୁଛି, ଗାଁ ବଢୁଛି, କିନ୍ତୁ ଆଦିବାସୀ ବସତିରେ ଲୋକସଂଖ୍ୟା ଶହେବର୍ଷ ତଳେ ଯେତିକି ଆଜି ବି ସେତିକି! କିଏ ବାଘ କି ସାପ ପାଟିରେ ମରେ, କିଏ ନଇନାଳରେ ବୁଡି ବା

ଗଛପଡି ମରେ, କଏ ରୋଗ ବୈରାଗରେ, କଏ ଭୂତପ୍ରେତ ବା ତନ୍ତ୍ରମନ୍ତ୍ରରେ ମରେ । ଜନ୍ମ ପରି ମରିବାଟା ଏ ମୂଲକରେ ଏକ ସ୍ୱାଭାବିକ ବ୍ୟାପାର ।

ମାଳମାଳ ପିଲା, ମରିହଜି ଶେଷ ବେଳକୁ ଯୋଉ ଦୁଇକୁ ସେଇ ଦୁଇ । ଜନସଂଖ୍ୟା ନିୟନ୍ତ୍ରଣରେ ପ୍ରକୃତି ବଡ କଠୋର । ବୋଧେ ସେଇ କାରଣରୁ ସତୁରୀ ବର୍ଷ ତଳେ ଥିବା ପାଞ୍ଚ ସାତଟି ପରଜା ଘର, ଆଜି ଶରଣ୍ଣପଦରରେ ନଶ୍ଚିହ୍ନ ।

ଗାଁ ମଝିରେ ଠିଆହେଲେ, ମାଳଦମକ ପର୍ବତ ଢାଲୁରେ ଲକ୍ଷ୍ମୀପୁର ପର୍ଯ୍ୟନ୍ତ ଗ୍ଳଲି ବାଟକୁ କଳନା କରାଯାଇ ପାରେ । ଲକ୍ଷ୍ମୀପୁରରୁ ଧର୍ମଦୁଆର ଘାଟିଦେଇ ସେଇ ଗ୍ଳଲି ରାସ୍ତାରେ ଝୋଲା କଡେକଡେ ଆସି ଶୋରଷୁପଦର ଆସିହୁଏ । ତେବେ ଆଜି ପର୍ଯ୍ୟନ୍ତ ତାହା କେବଳ ଗ୍ଳଲିରାସ୍ତା ହୋଇ ରହିଛି, ସାଇକଲ୍ ବି ଗଡେଇ ନେଇ ହେବନ । ଅତୀତ ଦିନରେ ଦଳଖିଆ ଘୋଡାରେ ବସି ସାହୁକାର ସେଇ ରାସ୍ତାରେ ଆସୁଥିଲା, ଜଙ୍ଗଲ ଜମାନ, ପାଇକ ସମସ୍ତେ ସେଇ ରାସ୍ତାରେ ଆସୁଥିଲେ, ଆଜି ମଧ ଗାଁ ଲୋକେ ସେଇବାଟେ ଲକ୍ଷ୍ମୀପୁର ଯାଆନ୍ତି । ଏବେ ତୋୟାପୁଟର୍ ପକ୍କା ରାସ୍ତାଟି ଗାଁର ପରିଚୟ ବଦଳେଇ ଦେଇଛି, ଭୂଗୋଳ ପୋଥିରେ ନାଁ ବି ବାହାରୁଛି ।

ଗାଁକୁ ଘେରି ରହିଛି କ ସୁନ୍ଦର ଉର୍ବର ଭୂମି! ବାରମାସ ପାଣି ମାଡୁଥିବା ସବୁଜ କଆରୀ । ମନ ଲୋଭେଇ ଯାଏ, ଏଠାରେ ଘରଖଣ୍ଡେ କରି ରହିଯିବାକୁ ମନ ଲୋଭାଇ । ବହୁବର୍ଷ ତଳେ ଏମିତି ଭାବେ ଏ ଜମି ପ୍ରଲୁବ୍ଧ କରିଥିଲା ସାହୁକାର ରାମ ବିଶୋଇକୁ । ଜମି, ପର୍ବତ ଓ ସୁନ୍ଦରୀ ଧାଙ୍ଗିଡୀ ପଲଙ୍କୁ ଦେଖି ସେ ଖୁସିରେ କହି ପକେଇ ଥିଲା- ଗୋଟେ ଗୋଡ ଭୁଷିଛି, ଆଉ ଗୋଟେ ଗୋଡ ଭୁଷି ଏଠାରେ ସ୍ଥାରୀ ହୋଇ ରହିଯିବି । ଶୁକ୍ରୁଜାନର ଜମିରେ ଗାତଖୋଳ କମଳା ଲେମ୍ବୁର ଗ୍ଳଷ ଆରମ୍ଭ କଲା । ଶୁକ୍ରୁ ଓ ତାର ପିଲାମାନେ ଯେବେ ଦୀର୍ଘମିଆଦି ଫଳ ଗ୍ଳଷକୁ ବିରୋଧ କଲେ, ସାହୁକାର ସେମାନଙ୍କୁ ତଡିଲା । ଯେତେବେଳେ ଉଧାର ପଇସା କଳନ୍ତର ସହ ଫେରେଇବାକୁ ଆସିଲେ ସେସବୁ ଜାଗା ୩୦ ବର୍ଷ ପାଇଁ ବନ୍ଧା ପଡିଛି ବୋଲି ମିଛରେ ପାଞ୍ଚଲୋକ ଆଗରେ ହୁରି କଲା । ଶେଷରେ ମଲା ।

ଆଶ୍ଚର୍ଯ୍ୟ ଆଜି ଦିନରେ ମଧ ଏଠାରେ କେହି ଫଳଗ୍ରୁଷ କରିବା ଦେଖା ଯାଉନ।

"ପରଜା" ଉପନ୍ୟାସରେ ଚର ସବୁଜ ଜମି ଖଣ୍ଡିକ ହିଁ ନାୟିକା। ତାକୁ କେନ୍ଦ୍ରକରି ନାୟକ ତଳତଳାନ୍ତ ହୋଇଛି, ଗୋତି ଖଟିଛି, ଅପମାନତ ହୋଇଛି, କନ୍ତୁ ଖଳନାୟକକୁ ହତ୍ୟାକରି ପ୍ରତିଶୋଧ ନେଇଛି। ସେଇ ଚର ନାୟିକା ଓ ତାର ପ୍ରେମିକ ରଇତମାନଙ୍କୁ ପୁଣିଥରେ ପ୍ରାଣଭରି ଦର୍ଶନ କରି। ମାନବ ଇତିହାସରେ ଜମି ହିଁ ସବୁବେଳେ ନାୟିକା ସାଜିଛି, ଗ୍ଦହେଁ ପୁଞ୍ଜିବାଦର ଭୂମିରୂପେ ହେଉ, ଦେଶଦେଶ ଭିତରେ ସୀମା ସରହଦ ରୂପରେ ହେଉ, ଅଥବା ସର୍ବହର୍‌ାର ସର୍ବନମ୍ନ ଅଧିକାର ରୂପରେ ହେଉ। ଇଚ୍ଛା ହେଉଥିଲ୍‌ ଚତ୍କାର କରି କହିବାକୁ:

ଭୂମି ହେ, ତୁମେ ଚର ରହସ୍ୟମୟୀ ନାୟିକା ! ତୁମ ପାଇଁ ଆମ ବାହୁରେ ବଳଦିଅ, ଆମ ଟାଙ୍ଗିଆରେ ଧାର ଦିଅ।

ଗାଁ ଛାଡି ଝୋଲ୍‌ଦିଗେ ତଳକୁ ଓହ୍ଲାଇଲ୍‌ବେଳେ, ଆମ ସାଙ୍ଗରେ ଗ୍ଦଲୁଥିବା କନ୍ଧ ଯୁବକଙ୍କ ଗୋଟିଏ କଥା ମତେ ଚହଲ୍‌ଇ ଦେଲ୍‌ –।"

"ଆଜ୍ଞା, ଜମି ନଥିଲେ ମିଶା (ମଧ) ଆଜିକାଲି ଚଳବାରେ ଅସୁବିଧା ନାଇଁ।"

ଗୋଟିଏ ପରିବର୍ତ୍ତିତ ଜନଜୀବନର ସଂଜ୍ଞାକୁ ଏହା ଇଙ୍ଗିତ କରୁଥିଲ୍‌ । ଶୁକୁଜାନ ପାଇଁ ତା ବାପ, ଗୋସେଇଁ ବାପର ଜମି ଖଣ୍ଡିକ ହିଁ ଥିଲ୍‌ ଜୀବନ। ମାନ, ସମ୍ମାନ, ପରିଚୟ ଓ ବଞ୍ଚିବାର ଗ୍‌ହା ଥିଲ୍‌ ଜମି ଖଣ୍ଡକ। ଆଜି କୁଲୁଭୂତି, ବେଉସା ବା ମଧସ୍ଥି କରି ଜଣେ ଚଳ ପାରୁଛି। ବେଳେବେଳେ ଭ୍‌ବେ ଶୁକୁ ଯଦି ଜାଣି ଥାଆନ୍ତା ବିନା ଜମିରେ ବି ଆଗ୍‌ମରେ ବଂଚହୁଏ, ୧୫ ଦିନ ଶିକ୍ଷା ଯାଇ (ଜେଲ ଯାଇ) ବର୍ଷ ବର୍ଷର ଗୋତିକୁ ବି ଟାଳ ଦିଆଯାଇପାରେ, ତେବେ "ପରଜା" ଉପନ୍ୟାସର ରୂପ କ ଭଳ ହୋଇଥାନ୍ତା? ନା, "ପରଜା" ହିଁ ସମ୍ଭବ ହୋଇନଥାନ୍ତା।

ଝୋଲ୍‌ରେ ଗ୍ଭଲିଛି କଟୋଳ ଯୌବନର ଅଭିସାର। ଛଳଛଳ ପାଣି, ଉଡୁରି ପଡୁଥିବା ହସ। ପ୍ରକୃତି କୋଳରେ ଦ୍ୱିତୀୟ ଈଶ୍ୱରୀମାନଙ୍କ କେଳସ୍ନାନ। ଖଟା "ଚଲି" ଫଳକୁ ମୁଣ୍ଡରେ ଘଷି ଧାଙ୍ଗିଡୀ ମାନେ ବୁହେଇ ଗ୍ଭଲିଛନ୍ତି ଗୁଦୁଗୁଦୁ ଫେଣ। ରଇତ ପୁଅର କାନଖୋସା ଧୂଙ୍ଗିଆ ଧୂଆଁରେ କୁଆଡେ ଉଭେଇ ଯାଉଛି ଦୁଃଖ, ଅନୁଶୋଚନା। ସବୁ କଛି ବହି ଗ୍ଭଲିଛି। ଜୀବନ ବି!

ତୋୟାପୁଟ ଦିଗେ ଗ୍ଭଲିଛୁ, ଦେଖିଲୁ ବଡ ମହୁଲ ଗଛର ମୂଳେ ଦଳେ ଝିଅ ସଜବାଜ ହୋଇ ବସିଛନ୍ତି। ସାଙ୍ଗସାଥୀଙ୍କୁ ଜଗିଛନ୍ତି ବା ଧାଙ୍ଗଡାମାନଙ୍କୁ ଜଗିଛନ୍ତି। ମିଳତ ସ୍ୱରରେ ଗୀତଟିଏ ଭାସି ଆସିଲା, ସତେକ କଥାକୁହା ଶାରୀ ଦଳେ ଆମଆଡେ ଆସି ଯାଉଛନ୍ତି। ବଣୁଆ ଧାଙ୍ଗଡୀ ଗୀତ। କ ସୁନ୍ଦର ଗଳା, ମାଣ୍ଡିଆ କ୍ଷେତ ଉପରେ ପବନ ଢେଉ ପରି ଉଠୁପଡ ଗୀତର ସ୍ୱର ଲହଡି ଭାଙ୍ଗିଲା। ଅର୍ଥ ବୁଝିବାର ଉପାୟ ନଥିଲା। ତଥାପି ମୋ ମାଳବେପାରୀ ବନ୍ଧୁଙ୍କୁ କହିଲି – ଜାଣିଛ ବନ୍ଧୁ, "ପରଜା" ବୋଲି ଗୋଟେ ଉପନ୍ୟାସ ଅଛି। ସେଥିରେ ଏ ଗୀତର ଅର୍ଥଟା ଏ ପ୍ରକାରେ ଲେଖାଅଛି –

ହେ ଅଚହ୍ନା ବିଦେଶୀ। ତୁମେ ଆମ ଗାଁରେ ପଶି ବାହାରି ଗ୍ଭଲିଗଲ, କଥା ପଦେ କହିଲ ନାହିଁ। ଗ୍ଭଲିଗଲ, ଯାଅ ସିନା, ଆଜି ରାତିରେ ଜହ୍ନ ଯେବେ ଉଇଁବ, କୁଟ୍ରା ବୋବାଳ ପରେ, ଆମେ ତୁମକୁ ଝୁରିଝୁରି ମରିବୁଁ।

ମାଳବେପାରୀ ବନ୍ଧୁ ମୋ କଥାକୁ ସତ ମଣିଲେ, ଅଗ୍ଭନକ ଚୁପ୍ ରହିଲେ। ରୁନ୍ଧି ରଖା ଭାବନାଟିକୁ ପୁଣିଥରେ ରୁନ୍ଧିଦେଇ କହିଲେ –

ରହି ଯାନ୍ତେ ଯେ! ହେଲେ ଆମର କେତେ କାମ! ନଗଲେ ନଚଳେ।

"ସମାପ୍ତ"

ଭାରତୀୟ ଜୀବନ ବୀମା ନଗମ, କୋରାପୁଟ, ଓଡିଶା

# ମୋ ପ୍ରିୟା ଦେଇଛି ଚଠି



ଅଜୟ କୁମାର ବେହେରା

ଦୂରେ ଦୂରେ ବହୁ ଦୂରେ
ମୋ ପ୍ରିୟା ରହିଛି
ଯାହାକୁ ମୁଁ ନତି ଝୁରେ
କେବେ ସେ ଆସିବ
ମଳୟ ବହିବ
କୋଇଲି ଗାଇବ
ସୁମଧୁର ସ୍ୱରେ.....୧

ତୋ ବିନା ଏଇ ଜୀବନ
ଲାଗେ ଛକ ଶୂନ
ଅସରା ବରଷା ଆଜି
ବରଷି ଯାଇଛି
ଏଇ ହୃଦୟରେ
ତୁ କାହିଁ ବୁଝୁନୁ
ଟିକଏ ବି ଥରେ.....୨

ଦୂର ଦିଗବଳୟରେ
ଅପରୂପ ଶୋଭା
ଦେଖି ଦେଲେ ନେଜେ ଥରେ

ମନେ ପଡି ଯାଏ
ମୋ ପ୍ରିୟା ସାଥିରେ
ପ୍ରକୃତିର ରୂପ
ମାଟିର ମହକ
ଗୋଟି ଗୋଟି ହୋଇ
ବାରି ହୋଇ ଯାଏ.....୩

ଭରି ନରୀହା ମୋ ପ୍ରିୟା
ଭସା ମେଘ ପରି
ଭସି ଗ୍ଳଲି ଯାଏ ସିଏ
କମଳ ହୃଦୟ
କାଚଠୁ ସୁନ୍ଦର
ନରୀହ ଗୃହାଣୀ
ହସ ହସ ମୁହଁ
ଆହା କ ସୁନ୍ଦର
ମୋ ନଜର ସିଏ....୪

ମୋ ପ୍ରିୟା ଦେଇଛି ଚଠି
ରହି ପାରୁ ନାହିଁ
ଦୂରରୁ ଆସୁଛି ସିଏ
ଆଜି ଭରି ଖୁସି
ଏଇ ମନ ମୋର
ପାଇ ପାଖେ ତାକୁ
ନାଚବି ଗାଇବି
ତା ସାଥିରେ ମୁହିଁ
ମୋ ହୃଦୟ ସିଏ.......୫

ମୋରଡ଼ା, ମୟୂରଭଞ୍ଜ

# ଆତ୍ମୀୟତାପଣ



ଅନଙ୍ଗ ମଞ୍ଜରୀ

ଜୀବନର ଜମାପୁଞ୍ଜି କହିଲେ ମନରେ ଖାଲି ଆସେ ଆମେ ଯୋଉଁ ବଞ୍ଚିବାର ନାଟକ ଏହି ରଙ୍ଗମଞ୍ଚରେ କରୁଛୁ ତା ନୁହେଁ। ଜମାପୁଞ୍ଜି ବୁଝିବାକୁ ପଡେ ଦିନ ପରେ ଦିନ, ସମୟ ପରେ ସମୟ ଗଡି ଚାଲିବା ଭିତରେ । ପୁଞ୍ଜିଭୂତ ହୋଇ ରହିଥିବା କେତେକଣ ମନ ପକେଇ ଦିଏ ଏହା ବିତିଥିବା ଅତୀତର କଛି ସ୍ମୃତି । ହସ ଖୁସିରେ ସମୟ କଟୁଥାଏ ଜଣେ ଜଣର ମନର ଭାବକୁ ଅନ୍ୟ ଆଗରେ ପ୍ରକାଶ କରିଦେଲେ । ମୋର ପିଲାଦିନରୁ ଏକାଠି ବସିବା, ଉଠିବା, ଖେଳବା, ଭୋଜିକରିବା, ପୂଜା ଖୁଦୁରୁକୁଣୀ ଠୁ ନେଇ ଗଣେଶପୂଜା, ରଜ ସବୁ ସାଙ୍ଗ ହୋଇ ଗଡିଆ, ପୋଖରୀରେ ଗାଧୋଇବା, ଘଣ୍ଟା, ଘଣ୍ଟା ଚା ପିଇକ ଗପ ମାରିବା, ସାଙ୍ଗ ହୋଇ ସ୍କୁଲ ଯିବା, ଆଉ ଜଣେ ଜଣର ପୋଷାକ ବଦଳେଇ ପିନ୍ଧିବା, ଆଉ ରାତି ରାତି ଜାଗ୍ରତ ହୋଇ ଟି.ଭି. ରେ ମୁଭି ଦେଖିବା । ଏହି ସବୁ ଭିତରେ ସମୟ କଟିଯାଉଥିଲା । ରାତ୍ରୀରେ ଚଳଚିତ୍ର ଦେଖିବା ଭିତରେ ଜଣେ ଜଣକୁ ଯାଇ ଡାକବା ଆଉ ଭାଇ ତାଙ୍କର କହନ୍ତି, କଣ ଆସିଲ ନା ଆଉ କଏ ଆସିବେ । ଆଉ କଏ ଆସିଲେ ପାଟିକୁ ଚାପି କହିବାକୁ ପଡୁଥିଲା – ହଁ ଆଉ ଟିକେ ରୁହ, କାରଣ ସେ କବାଟକୁ ବନ୍ଦ କରିବେ । ପିଲାଗୁଡିକ ଶାନ୍ତିରେ ବସି ଦେଖିବେ । ମଝିରେ ମଝିରେ ଚା ପାଣିର ମଧ ବ୍ୟବସ୍ଥା ହେଉଥିବ । ଏପରି ସମୟ ଭିତରେ ଭାଇ ମଧ ଚାଲିଗଲେଣି । ମନେପଡେ ତାଙ୍କର କଥା, ସମୟ ଭିତରେ ସମସ୍ତେ ବଡ ହୋଇଗଲେ ଏବଂ ବାପା, ମା କର୍ତ୍ତବ୍ୟ ହିସାବରେ ସମସ୍ତଙ୍କୁ ଛନ୍ଦି ଦିଆଗଲା ଏକ ସଂସାରମୟ ନୂଆ ନୂଆ ଯାଗାରେ । ନୂଆ ଏକ ଏକ ସାଥୀ ସମୟର ସୁଅରେ କଛିଦିନ ହଜିଗଲୁ । ପୁଣି ପୁଞ୍ଜିଭୂତ ହୋଇଥିବା ସେ ସମୟକୁ ଭାବୁଥିଲୁ । ଏହି ଭାବନା ଭିତରେ ଉଙ୍କି ମାରିଥିଲା ସେ, ମୁଁ, ଆଉ ସେମାନେ..... ବହୁତ ଖୁସି ଲାଗିଥିଲା । ଖୁସୀର ଉନ୍ମାଦ କହିଲେ ନସରେ..... ଲାଗିଲା ଯେମିତି ଫେରି ଆସିଛି ସେ ଦିନ । ସେ ଦିନ ଥାଏ, ବହୁଦିନ ପରେ ଆମେ ସମସ୍ତେ ଦୀର୍ଘ ୨୫ ବର୍ଷ ପରେ ପରସ୍ପର ସାଙ୍ଗରେ ଦେଖାହେବ ।

ମନରେ ବହୁତ ଖୁସି, କିଏ କେମିତି ପରିବର୍ତ୍ତନ ହୋଇଯାଇଥିବ, କାହାକୁ ଚିହ୍ନି ପାରିବୁ ବା ନାହିଁ । ସାଙ୍ଗରେ ଅଳ୍ପ ପିଲା ପଢୁଥିଲେ ମଧ୍ୟ ଆଉ ଅନେକଙ୍କୁ ପରିଚୟ ସେହି ସାଙ୍ଗମାନଙ୍କ ଦ୍ୱାରା ହୋଇଥାଏ । ସମସ୍ତଙ୍କର ଉତ୍କଣ୍ଠା ଥାଏ । ସୁନିତା ଆସିଥାଏ ଏକୁଟିଆ ଭାଇଙ୍କର, ମାନେ ସୁନୀତାର ସ୍ୱାମୀ     ପରଲୋକ ପରେ । ସେ ନିଜକୁ ବହୁତ ଷ୍ଟ୍ରଙ୍ଗ ଆଉ ଆତ୍ମନିର୍ଭଳଶାଳୀ କରିଥିଲା । କିନ୍ତୁ ଏହା ଭିତରେ ତାର ସାଙ୍ଗ ମନୋଜ ତାକୁ ବହୁତ ସାହାଯ୍ୟ ଆଉ ସହାନୁଭୂତି ଦେଇଥିଲା । ପରିସ୍ଥିତିରେ ଦୁଇଜଣ ଦୁଇଜଣଙ୍କୁ ବୁଝିପାରିଥିଲେ । ଆଉ ସବୁ ସାଙ୍ଗମାନେ ମଧ୍ୟ ସୁନୀତାକୁ ଆନ୍ତରିକତା ସହିତ ସମୟ ଦେଉଥିଲେ । ଏହି ସମୟ କିନ୍ତୁ ବଦଳି ଯାଇଥିଲା । କିଛି ଅହଂଭାବରେ ମନୋଜ ସୁନୀତାକୁ ନେଇ ଅନ୍ୟ ସାଙ୍ଗମାନଙ୍କୁ କଟୁ ମନ୍ତବ୍ୟ ଦେଇଥିଲା । କିନ୍ତୁ ଜାଣିପାରିଲାନି ଯେ ମୟସର ବୃଦ୍ଧି ସଙ୍ଗେ ସଙ୍ଗେ ଯିଏ ଦିନରାତି ସୁନୀତାର ଖବର ବୁଝିଥିଲେ, ଆଜି ଏହି ମୋଡରେ ଆସି ସେ ଅଧିକା ନଜର ହୋଇଗଲା । ଗୃଲ, ଅଧିକାର ସାବ୍ୟସ୍ତ କରିବା ସ୍ୱାଭାବିକ ତାହା ଆମପାଖରେ ପିଲାଦିନରୁ ଥିଲା । କିନ୍ତୁ ସମୟର ପରିବର୍ତ୍ତନ ଯୁଗର ପରିବର୍ତ୍ତନ, ମଣିଷର ପରିବର୍ତ୍ତନ ବୁଝିପାରିଲାନି ସୁନୀତା । ସେ ପଛଦିନକୁ ଭୁଲିଗଲା, ସେ ଜମାପୁଞ୍ଜିର କିଛି ମୁହୂର୍ତ୍ତକୁ ଯାହାକି ଆମେ ଜମା କରିଥିଲୁ ଆମର ପିଲାଦିନର ଥିବା ପରିକଳ୍ପନାର ଆତ୍ମୀୟତାରେ ବଢ଼ିବାର ଏକ ମୁହୂର୍ତ୍ତ ଲାଗି ଲାଗି ତାହା ବିଛିନ୍ନ ହେବାକୁ ସମୟ ଲାଗିଲାନି । ପିଲାମାନେ ଆମର ବନ୍ଧୁବାନ୍ଧବ ସମସ୍ତେ ଜାଣିଥିଲେ ଆମର ସେ ଦୋସ୍ତିର ଉଦାହରଣ ଦେଉଥିଲେ । କଲେଜରେ କୌଣସି ଫଙ୍କସନ୍ ହେଲେ ପ୍ରତ୍ୟେକଙ୍କ ମୁହଁରେ ଆମ ସାଥିରେ ଯେଉଁ ଟ୍ୟୁନିଙ୍ଗ ଥିଲା ତାହା ଆପେ ଆପେ  ବାନ୍ଧି ରହୁଥିଲା । ସତରେ ସେ ଥିଲା ବଞ୍ଚିବାର ଏକ ନିଆରା ସମ୍ପର୍କ । ହଁ, ତା ତ ସତ,     କହନ୍ତି କିଛି ଯେମିତି ନଜର ଲାଗିଗଲା । ହଁ, ସେଇ ନିଆରା ସମ୍ପର୍କକୁ ଚୀରଦିନ ପାଇଁ ରଖିଛି । ଆଉ ରଖିବୁ ମଧ୍ୟ ଆତ୍ମାର ଏକ କୋଣରେ । ଆଉ ସେ ଯେମିତି ଫେରି ଆସିବ ବୋଲି ଆମର ଆଶା ଏତିକି.....

ହାଇଦରାବାଦ

# କପଟିଆ କଳା କାହ୍ନୁ

ପ୍ରକାଶ ଚନ୍ଦ୍ର ପାଣିଗ୍ରାହୀ

ଅଧର ଅଧୀର ହୁଏ
କହିବାକୁ କଥା
ଅଧାରୁ ଅଧିକ ଆଜି
ବଳଯାଏ ବ୍ୟଥା,
କେମିତି ରହୁଛୁ କଳା କଳଆ ଠାକୁର
ଝୁରେ ରାଧାରାଣୀ
ଝୁରେ ଗୋପ ପୁର ।।
କଷ୍ଟ ଦେଇ ଯାଇଥିଲୁ
ଦୁଇ ଦିନ ପାଇଁ
କଣ୍ଟା କି ପଡିଲା ପଥେ
ଫେରିଲୁ ତୁ ନାହିଁ,
ମାଆ ଠାରୁ ଦେଲା କିଏ ଅଧିକ ସେନେହ
କେମିତି ରହିଲୁ
ଭୁଲି ମାଆ ମୁହଁ ।।
ଦଗା ଦିଆ କଳା କାହ୍ନୁ
ରାଧା ମନ ନେଲୁ
ଦଗା ଦେଇ ଗୋପୀ କଥା
ମନୁ ପାସୋରିଲୁ,
ଲୁଚଗଲୁ ଗଲୁ ଯାଇ ଶ୍ରୀ ନୀଳ କନ୍ଦରେ

ସ୍ୱାଧୀର ଡ଼ରରେ

କବା ଛଳନା ରେ ।।

ଛଳନା କ ଜଣାନାହିଁ

ତୋତେ କଳଆ ରେ

ଛଳନା ତୁ କରିପାରୁ

ସଭିଙ୍କ ସଙ୍ଗରେ,

କୁରୁ ବଂଶ ଯଦୁ ବଂଶ ଅଷ୍ଟ ପଟ୍ଟରାଣୀ

ହେଉ ଯଜ୍ଞସେନୀ

ଅବା ଲକ୍ଷ୍ମୀରାଣୀ ।।

କପଟୀଆ ବାନ୍ଧିଦେ ତୋ

କପଟ ଡୋରୀରେ

କପଟରେ ଛନ୍ଦି ହୋଇ

ଥିବି ତୋ ପୟରେ,

ଭାସଇ ପ୍ରକାଶ ଗୀର ଶରଣରେ ରଖ

ମୁହିଁ ଦିନ ଦୁଃଖୀ

ତୁ ପଙ୍କଜମୁଖ ।।

ସା/ପୋ-ଚକାପଦା, ବେଗୁନଆ, ଖୋର୍ଦ୍ଧା

# ଶୁନ୍ ପାକସ୍ତାନ



ନବୀନ ପଧାନ

ଆମର୍ ସାଙ୍ଗେ ଲଗି କାଏଁ ଲଭ୍ ପାଏସୁ
ମାନଯା ଆତଙ୍କିସ୍ଥାନ
ଆମର୍ ଦେଶର୍ ଲୋକ୍ କେ ମାରିକରି ତୁଇ
ହେଲୁନରେ ପାପୀସ୍ଥାନ ||

ଆମର ଦେଶେ ଆମେ ଲେତି ଖାଇ ଖାଇ
ହେଇଗଲୁନ ସୁର୍ ସୁଠା
ତୋଅର୍ ଦେଶେ ପରେ ହେଇଯାଇ ଅଛେ
ଶହେ କୁଡ଼େ ପାତଲ୍ ଘଁଟା ||

ଭାରତର୍ ବାଘ୍ ଅଭିନନ୍ଦନ୍ କେ ଅକାରଣେ
ରଖିଥିସୁ
ତତଲ୍ ଜୁଏ କେ କପଡ଼ାରେ ଭରି
କାଏଁ ଲଭ୍ ତୁଇଁ ପାଏସୁ ||

ମଣି ସାଙ୍ଗେ କାଚ ରଖିଦେଲେ କେଭେ
ଦାମ୍ ତାର୍ ହେବା କାଏଁ ସମାନ୍
ଆମର୍ ସାଙ୍ଗେ ଲଗ୍ ସୁ ସବୁଥର ହାର୍ ସୁ
ଇଟା ତ ତୋର୍ ସମ୍ବିଧାନ୍ ||

ପଠାଇ ଦେସୁରେ ଆତଙ୍କ୍ ବାଦୀ ଗୁର୍ ଦୁ
କୁକୁର୍ ବାଗିର୍ ଲୁକଥିସନ୍
ଆମର୍ ଅଏଁଠା ଖାଇ ଆମର୍ ଦେଶେଁ ରହି
ଆମର୍ ଲୋକ୍ କେ ମାରୁଥିସନ୍ ||

ଏବେ ବି ତୋର୍ ପାଖେ ସମିଆ ରହିଛେ
ମାନଯା ରେ ବେଇମାନ୍
ତୋର୍ ପଠାଲା କୁକୁର୍ ଆତଙ୍କ୍ ବାଦୀ ମାନ୍ କେ
ଉଚତ୍ ଶିକ୍ଷା ଦେବେ ଯବାନ୍ ||

ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ, ବାବୁଫାସଡ଼

ଚଳନ୍ତ ସଂସ୍କରଣରେ ଯଦି କୌଣସି ତୃଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ପୁରାଣର ପ୍ରତିପଦେ: ବୃକ୍ଷ ମାହାତ୍ମ୍



କେଶରୀ ପ୍ରସାଦ ମହାନ୍ତି

ବୃକ୍ଷ ରାଜୀ ଆମ ଜୀବନ ଧନ
ସେଇ ପରା ଆମ ସାହା ।
ଦେଇ ଖାଦ୍ୟ ବସ୍ତ୍ର ପାଳଇ ଆମକୁ
ଯେପରି ଆମର ମା ॥

ପ୍ରକୃତିର ଅପୂର୍ବ ସମ୍ଭାର ହେଉଛି ବୃକ୍ଷଲତା । ଏହି ବୃକ୍ଷଲତା ଙ୍କ ସୌନ୍ଦର୍ଯ୍ୟ ହିଁ ପ୍ରକୃତିକୁ ପିନ୍ଧାଇ ଦିଏ ସବୁଜ ରଙ୍ଗର ପାଟବସ୍ତ୍ର । ଆଉ କେତେବେଳେ ଅପୂର୍ବ ସୁନ୍ଦରୀ ସାଜି ମୋହିନଏ କବି, ଲେଖକ, ଭାବୁକ ଙ୍କ ମନ । ଭାରତୀୟ ଆଧ୍ୟାତ୍ମିକ ଶାସ୍ତ୍ରର ପ୍ରତି ପଦେ ପଦେ ବୃକ୍ଷଙ୍କ ମାହାତ୍ମ୍ୟ ବର୍ଣ୍ଣନା କରାଯାଇଛି ।

ଭଗବାନ ଶ୍ରୀ କୃଷ୍ଣ ଗୀତାରେ ଏ ସଂସାରକୁ ଏକ ବୃକ୍ଷ ସହ ତୁଳନା କରିବା ସହ ମଣିଷକୁ ଏକ ଓଲଟା ବୃକ୍ଷ ଭାବେ ବିବେଚନା କରିଛନ୍ତି ।

ଏମିତିକି ଭାଗବତ କହେ ବାଲ୍ୟ କାଳରେ ନିଜେ ପ୍ରଭୁ କୃଷ୍ଣ ନିଜ ସାଥିମାନଙ୍କ ଆଗରେ ବୃକ୍ଷ ମାହାତ୍ମ୍ୟ ବର୍ଣ୍ଣନା କରିଥିଲେ:

"ଅଂଶୁ, ବିଶାଳ ଦେବ ପ୍ରସ୍ଥ
ଦେଖାଏ ବୃକ୍ଷଙ୍କ ମାହାତ୍ମ୍ୟ" (ଭାଗବତ)

ଠିକ୍ ସେପରି ବ୍ୟାସଦେବଙ୍କ କୃତ "ମହାଭାରତ" ରେ ମଧ୍ୟ ଉଲ୍ଲେଖ ଅଛି ଯେ, ପଶା ଖେଳ ପରେ ପାଣ୍ଡବମାନେ ଦୁର୍ଯ୍ୟୋଧନଙ୍କ ଠାରୁ ଉପେକ୍ଷିତ ହୋଇ ଅରଣ୍ୟର କୋଳରେ ଆଶ୍ରା

ଲୋଡିଥିଲେ । ଭଗବାନଙ୍କ ନବମ ଅବତାର "ବୁଦ୍ଧ" ଅବତାରରେ ଗୌତମ ବୁଦ୍ଧ ଅଶ୍ୱତ୍ଥ ବୃକ୍ଷ ମୂଳରେ ବୁଦ୍ଧତ୍ୱ ପ୍ରାପ୍ତି କରିଥିଲେ ।

ଠିକ୍ ସେପରି ଓଡିଶାର ବଡ ଠାକୁର ଜଗନ୍ନାଥଙ୍କ ବିଗ୍ରହ ମଧ୍ଯ ଦାରୁ **(**ବୃକ୍ଷ**)**ରୁ ନିର୍ମିତ ହୋଇଥାଏ । ଏବେ ମଧ୍ଯ ଆମେ ଅନ୍ଧ ବିଶ୍ୱାସ ଭାବୁଥିଲେ ସୁଦ୍ଧା ଜ୍ୟୋତିର୍ବେଦରେ ଅଶାନ୍ତ ଗ୍ରହଙ୍କ ଶାନ୍ତି ନିମିତ୍ତ ଅନେକ ବୃକ୍ଷଲତାର ପୂଜା ବିଧି ବର୍ଣ୍ଣିତ ହୋଇଛି ।

ଭଗବାନ କୃଷ୍ଣ ମଧ୍ଯ ଦ୍ୱାପର ଯୁଗରେ କଦମ୍ବ ବୃକ୍ଷ ମୂଳରେ ଅନେକ ସମୟ ଅତିବାହିତ କରୁଥିଲେ । ଏପରି କି ଶେଷ ସମୟରେ ଶିଆଳି ଲତାରେ ସୟନ କରିଥିବାର କଥା ଭାଗବତ ପ୍ରମାଣ କରେ ।

ବେଦର ଏକ ଅଦ୍ଭୁତ ବିଭାଗ ଆୟୁର୍ବେଦରେ ମଧ୍ଯ ବୃକ୍ଷଲତାଙ୍କ ବିନିଯୋଗରେ ହେଉଥିବା ଚିକିତ୍ସା ପଦ୍ଧତିକୁ ଉଲ୍ଲେଖ କରାଯାଇଛି ।

ରାଜା**,** ମହାରାଜାମାନେ ଜୀବନର ଶେଷ ସମୟରେ ନିଜର ରାଜ୍ୟଭାର ପୁତ୍ରକୁ ଅର୍ପଣ କରି ଅରଣ୍ୟର କୋଳରେ ସନ୍ନ୍ୟାସ ବ୍ରତ ସମାପନ କରୁଥିଲେ । ରାଜା ରାମଚନ୍ଦ୍ର ମଧ୍ଯ ଦେବୀ ସୀତାଙ୍କ ସହ ୧୪ ବର୍ଷର ବନବାସ କଟାଇଥିଲେ । ହିନ୍ଦୁ ନାରୀ ଏବେ ମଧ୍ଯ ବଟବୃକ୍ଷ ମୂଳେ ସାବିତ୍ରୀ ବ୍ରତ କରୁଛନ୍ତି ।

ତେଣୁ ବାସ୍ତବରେ ବୃକ୍ଷର ମାହାତ୍ମ୍ୟ ଅତ୍ୟନ୍ତ ଉଚ୍ଚରେ । ଏଣୁ ଆଜି ମଧ୍ଯ ହିନ୍ଦୁ**,** ମୁସଲମାନ**,** ଖ୍ରୀଷ୍ଟ**,** ଜୈନ**,** ବୌଦ୍ଧ ସମସ୍ତ ରାଜନୈତିକ ଦଳ ଜାତି**,** ଧର୍ମ ବର୍ଣ୍ଣ ନିର୍ବିଶେଷରେ ବୃକ୍ଷରୋପଣ କୁ ଏକ ମହାନ କାର୍ଯ୍ୟ ଭାବେ ବିବେଚନା କରୁଛନ୍ତି ।

ଏଣୁ ପ୍ରତିବର୍ଷ ଗଛଟିଏ ଲଗାଇବା ଆବଶ୍ୟକ ।

**ଛାତ୍ର, ନରସିଂହ ଚୌଧୁରୀ ସ୍ୱୟଂଶାସିତ ମହାବିଳୟ,**
**ଯାଜପୁର**

# କାଳଆ ସାଆନ୍ତ



ପ୍ରକାଶ ଚନ୍ଦ୍ର ପଣ୍ଡା

ନଶ୍ୱ କର ହେ ମତେ
ବିଶ୍ୱ କାରିଗର
ତୁମ ବିନା ପ୍ରଭୁ ସତ୍ୟ
ମିଥ୍ୟା ଏ ସଂସାର
ତୁମ ହାତସ୍ପର୍ଷ ପାଇ
ଜଡ ପାଏ ପ୍ରାଣ
ତୁମ ଆଶ୍ରୀବାଦ ଲଭି
ଏ ଜୀବନ ଧନ୍ୟ
ହେ ବିଶ୍ୱ କଲ୍ୟାଣ
ତୁମେ ସୃଷ୍ଟିର ବିନ୍ଧାଣି
କ ଦେଇ ତୋଷିବି ତବ
ନପାରେ ମୁଁ ଜାଣି
ତୁମଠାରୁ ସୃଷ୍ଟିରମ୍ଭ
ତୁମଠାରେ ଅନ୍ତ
ତୁମେ ହେ କରୁଣାବନ୍ତ
କାଳଆ ସାଆନ୍ତ ॥

କଲ୍ୟାଣପୁର, ଭୁଇଁପୁର,
ଯାଜପୁର, ପାଣିକୋଇଲି

# ସ୍ୱଟଲ୍ଇଟ୍


ଦୀପକ ଷଡଙ୍ଗୀ

ମୂଳ ବଙ୍ଗଳା : ସତ୍ୟଜିତ୍ ରାୟ
ଓଡିଆ ଭାବାନୁବାଦ : ଦୀପକ ଷଡଙ୍ଗୀ

**[ ଲେଖକ ପରିଚୟ : ସତ୍ୟଜିତ୍ ରାୟ (୧୯୨୧ - ୧୯୯୨) ବଙ୍ଗଳା ସାହିତ୍ୟ ଓ ସିନେମା ଦୁନିଆରେ ଜଣେ ବିରାଟ ବ୍ୟକ୍ତିତ୍ୱ । ସେ ଥିଲେ ଏକାଧାରରେ ଜଣେ ଔପନ୍ୟାସିକ, ଗାଳ୍ପିକ, ଚଳଚିତ୍ର ପ୍ରଯୋଜକ, ନିର୍ଦ୍ଦେଶକ, ଚିତ୍ରକର ଓ କବି । ସେ ଭେଟି ଦେଇ ଥିଲେ ଫେଲୁ ଦା, ପ୍ରଫେସର ଶଙ୍କୁ ଙ୍କ ପରି ବଙ୍ଗଳା ଉପନ୍ୟାସର ଚିର ସବୁଜ ଅନୁସନ୍ଧାନ ମୂଳକ ଚରିତ୍ର । ଯାହାକୁ ନେଇ ଆଜି ମଧ୍ୟ ବହୁ ଚଳଚ୍ଚିତ୍ର ଓ ନାଟକ ମାନ ପ୍ରସ୍ତୁତ କରାଯାଇ ପାରୁଛି । ବଙ୍ଗଳା ସାହିତ୍ୟର ତାଙ୍କର ଅବଦାନ ପାଇଁ ସେ ପାଇଛନ୍ତି ଅଜସ୍ର ସମ୍ମାନ ଓ ପୁରସ୍କାର ସେଥିମଧ୍ୟରୁ ବିଦ୍ୟାସାଗର ପୁରସ୍କାର ଓ ଆନନ୍ଦ ପୁରସ୍କାର ଅନ୍ୟତମ । ତାଙ୍କ ଦ୍ୱାରା ପ୍ରଯୋଜିତ ଓ ନିର୍ଦ୍ଦେଶିତ ୧୯୫୫ ର ବଙ୍ଗଳା ସିନେମା "ପୋଥେର ପାଞ୍ଚାଲି" ୧୧ଟି ଅନ୍ତଃରାଷ୍ଟ୍ରୀୟ ପୁରସ୍କାର ପାଇଥିଲା ଏବଂ କାନସ ଫିଲ୍ମ ଫେଷ୍ଟିଭାଲରେ ମଧ୍ୟ ପ୍ରଦର୍ଶିତ କରାଯାଇ ବହୁ ପ୍ରଶଂସା ଭାଜନ ହୋଇ ପାରିଥିଲା । ଏହି ଗଳ୍ପ "ସ୍ୱଟଲ୍ଇଟ୍" ଆନନ୍ଦ ପବ୍ଲିଶର ଦ୍ୱାରା ୧୯୮୧ ମସିହାରେ ପ୍ରକାଶିତ "ଗଳ୍ପ ୧୦୧" ପୁସ୍ତକ ର ଏକ କ୍ଷୁଦ୍ରଗଳ୍ପ । ]**

ଛୋଟନାଗପୁର ଅଞ୍ଚଳର ନେତରହାଟ୍ ହେଉଛି ଗୋଟିଏ ଛୋଟିଆ ସହର । ଆମେମାନେ ସାଧାରଣତଃ ଦୁର୍ଗାପୂଜାର ଛୁଟି କାଟିବା ପାଇଁ ଏଠିକି ପ୍ରାୟ ପ୍ରତିବର୍ଷ ଆସିଥାଉ । ଏ ଜାଗାର ପ୍ରକୃତିକ ଶୋଭା ହିଁ ଆମକୁ ଏଠିକି ଆସିବାକୁ ବାଧ୍ୟ କରିଥାଏ । ବାପା ନେତରହାଟ୍ ରେ ଗୋଟେ ଫାର୍ମ ହାଉସ୍ କିଣି ରଖିଥିଲେ ଯାହାର କି ଦେଖାଶୁଣା କରିବାର ଦାୟିତ୍ୱ ସେଠିକାର ଜଣେ ଲୋକକୁ ଦେଇ ଥିଲେ । ସବୁବର୍ଷର ଛୁଟି ଠାରୁ ଏ ବର୍ଷ ର ଛୁଟି

ଥିଲା ଟିକେ ନିଆରା । କାରଣ ଏଥର ପୂଜା ଛୁଟି କାଟିବା ପାଇଁ ପଶ୍ଚିମବଙ୍ଗର ଲୋକପ୍ରିୟ ଅଭିନେତା ଅଂଶୁମାନ ଚ୍ୟାଟାର୍ଜୀ ଆସିଥିଲେ ନେତରହାଟ୍ କୁ । ମୋ ସାନ ଭଉଣୀ ମୀରା ଥିଲା ଅଂଶୁମାନ ବାବୁଙ୍କର ଜଣେ ବହୁତ ବଡ ଫ୍ୟାନ୍ । ସମ୍ବାଦପତ୍ର, ସିନେମା ପତ୍ରିକା ଓ ବିଭିନ୍ନ ମାଗାଜିନ୍ ଗୁଡିକରୁ ସେ ଅଂଶୁମାନର ଫୋଟୋ କାଟି କି ରଖିରଖି ସେ ପ୍ରାୟ ୨/୩ ଟା ଡାଏରୀ ଭର୍ତି କରି ସାରିଥିଲା । ମୋତେ ଯଦିଓ ଅଂଶୁମାନ ଏତେ ଭଲ ଲାଗୁ ନ ଥିଲା କିନ୍ତୁ ଆମ କଲେଜର ମୋର ବହୁତ ବନ୍ଧୁ ତା ଭଳିଆ ଚୁଟି କୁ ଷ୍ଟାଇଲ୍ ରେ ସଜାଉଥିଲେ, ତା'ରି ଭଳି ଟି ସାର୍ଟ ଓ ପ୍ୟାଣ୍ଟ ପିନ୍ଧୁଥିଲେ । ଏମିତିକି ତା'କୁ ନକଲ କରିବାକୁ ଯାଇ ତା'ରି ଭଳି ଭାରୀ ସ୍ୱରରେ ତା'ର ମିମିକ୍ରୀ ମଧ୍ୟ କରୁଥିଲେ । ଅଂଶୁମାନ, ଆମେ ଯେଉଁଠି ରହୁଥିଲୁ ସେଇ ପାଖାପାଖି ଗୋଟେ ହୋଟେଲରେ ନିଜର ୩ ଜଣ ଚେଲାଙ୍କ ସହ ଆସି ରହୁଥିଲା । ହୋଟେଲର ବାହାରେ ତା'ର ନାମୀ ମର୍ଶିଡିଜ୍ କାର୍ ରଖା ହୋଇଥିଲା । ଯାହାକୁ କି ଖାଲି ଦେଖିବାକୁ ହୋଟେଲ ବାହାରେ ଲୋକ ମାନଙ୍କର ଭିଡ ଜମୁଥିଲା । ଏ ସବୁ ଦେଖି ବାପା ମୋର କହିଲେ "ଏତେ ବଡ ଷ୍ଟାର୍ ଆମ ପାଖରେ ଅଛନ୍ତି ମୁଁ ଥରେ ଯାଇଁ ତାଙ୍କୁ ଦେଖା କରି ଆସନ୍ତି କାରଣ ଏ ସବୁ କଲିକତା ସହରରେ ତ କେବେବି ସମ୍ଭବ ହବନି" । ମୋ ମା ର ଇଚ୍ଛା କିନ୍ତୁ ଏକଦମ ଅଲଗା ଥିଲା । ସେ ମୀରା କୁ ଚାହିଁ କହିଲା "ଆଲୋ ତୁ ତ ଅଂଶୁମାନ ବିଷୟରେ ସବୁବେଳେ ସିନେମା ପତ୍ରିକାରେ ପଢାପଢି କରୁ ତୁ କି ଜାଣୁ ସେ କଣ ସବୁ ଖାଇବାକୁ ଭଲ ପାଏ" ? ମୀରା ମା ଠାରୁ ଏ କଥା ଶୁଣି ପଣିକିଆ ମୁଖସ୍ଥ କଲା ଭଳିଆ ମା ଆଗରେ ଗାଇ ଗଲା "ମାଛ ବେସର, ଆଳୁ ପୋସ୍ତ, ଇଲିଶି ମାଛର ଝୋଳ, ମସୁର ଡାଲି, ଦହିଭାତ କିନ୍ତୁ ଅଂଶୁମାନଙ୍କୁ ସବୁଠାରୁ ବେଶୀ ଭଲ ଲାଗେ ଚ୍ୟାଇନିଜ୍"। ମା ମୀରା କଥା ଶୁଣି ଗୋଟେ ଦୀର୍ଘଶ୍ୱାସ ପକେଇଲା । ବାପା ସବୁ ବସି କି ଶୁଣୁ ଥାଆନ୍ତି ଟିକେ ରହି ଯାଇ କହିଲେ "ହଁ ଡାକଲେ ବୋଧେ ଖାଇବାକୁ ଆସିବ ଅଂଶୁମାନ; କିନ୍ତୁ ତା ସାଙ୍ଗରେ ଯୋଉ ତିନଟା ମୁସ୍ତଣ୍ଡା ଅଛନ୍ତି ସେମାନେ ଆସିଲେ ତ ମୁସ୍କିଲ" । ପାଖରେ ବସିଥିଲେ ମୋ ଶଙ୍କର ମାମୁଁ ଯିଏ କି କଲିକତାର ଗୋଟେ ନାମୀ

ସମ୍ବାଦପତ୍ରରେ ରିପୋର୍ଟର ଭାବେ କାମ କରନ୍ତି  ତାଙ୍କର ବି ଇଚ୍ଛା ଥିଲା ଅଂଶୁମାନ ଆମ ଘରକୁ ଆସୁ ବୋଲି ଏଇ ବାହାନାରେ ସେ ତା'ର ଗୋଟେ ଇଣ୍ଟରଭିଉ ବି ନେଇ ଯାଆନ୍ତେ ଯୋଉଟାକ ରବିବାର ସଂଖ୍ୟା ପାଇଁ ଗୋଟେ ଭଲ ମସଲା ହୋଇ ଯାଆନ୍ତା ।  ସେ କହି ଉଠିଲେ "ଲୋକଟା ବର୍ଷ କୁ ୩୬୫ ଦିନ ସିନେମା ସୁଟିଙ୍ଗ୍ କରିବାରେ ବ୍ୟସ୍ତ ରହୁଛି  ପୁଣି ଏଇ ଛୁଟି ମନେଇବା ପାଇଁ ତା ପାଖରେ ସମୟ ଆସୁଛି କୋଉଠୁ? ଯୋଉଟାକ ଗୋଟେ ମୋ ପାଇଁ ବଡ ଷ୍ଟୋରି" । ଶଙ୍କର ମାମୁଁ ବଙ୍ଗଳା ଫିଲ୍ମ ଜମା ଦେଖନ୍ତିନ ।  ତାଙ୍କର ପସନ୍ଦ ହଲିଉଡ୍, ଇଟାଲିୟାନ୍ ଜାପାନୀଜ୍ ଆଦି ସିନେମା  ।  ଅଂଶୁମାନ ର ଗୋଟେ ସୁପରହିଟ୍ ଫିଲ୍ମ "ବିନଦ୍ର ରଜନୀ" କୁ ସେ ମାତ୍ର ୧୦ ମିନଟ୍ ରେ ଦେଖି ଦେଇ କହିଥିଲେ "ହେ ଏ ବଙ୍ଗାଳୀ ଗୁଡା ଜମା ସିନେମା କରି ଜାଣି ନାହାଁନ୍ତି" । ତାଙ୍କ ଭଳ ଲୋକ ଯେ ବଙ୍ଗଳା ସିନେମା ଷ୍ଟାର୍ ଅଂଶୁମାନ ର ଇଣ୍ଟରଭିଉ ନେବେ ଶୁଣି ମୋତେ ଟିକେ ଅଡୁଆ ଲାଗୁଥିଲା ।

ଆମ ଘର ପାଖରେ ଆଉ  ଦୁଇ ତିନ ଜଣ ବଙ୍ଗାଳୀ ପରିବାର ରହୁଥିଲେ । ସେଥି ମଧ୍ୟରୁ ଗୋପେନ ବାବୁ ଥିଲେ ଏକଦମ ନିଆରା ମଣିଷ । ଭାରି ରସିକଆ ଲୋକ ।  ଆମେ ନେତରହାଟ୍ ପହଞ୍ଚିବାର କିଛି ଦିନ ପରେ ସେ ଆମ ଘରକୁ ଆସିଲେ । ବାପା ତାଙ୍କୁ ଡାକି ଆଣି ଘରେ ବସେଇଲେ ମା କୁ କହିଲେ ଚା କରି ନେଇ ଆସିବାକୁ ।  ଚା ପିଉ ପିଉ ଶଙ୍କର ମାମୁଁ  ଗୋପେନ ବାବୁ ଙ୍କୁ ପଚାରିଲେ "ଆଉ ଗୋପେନ ବାବୁ ଆପଣ ଜାଣିଛନ୍ତି ନା ନାହିଁ ଅପଣଙ୍କ ଏରିୟାରେ ବର୍ତ୍ତମାନ ଷ୍ଟାର ଆସି ଛୁଟି କଟାଉଛନ୍ତି । ବଙ୍ଗଳା ସିନେ ଜଗତ ର ଲୋକ ପ୍ରିୟ ହିରୋ ଅଂଶୁମାନ ଚାଟାର୍ଜୀ" । ଏ କଥା ଶୁଣି ଗୋପେନ ବାବୁ ଟିକେ ନାକ ଟେକ କହିଲେ "ହେ ଛାଡ ହୋ ସେ କ ହିରୋ । ସେ ଯାହା କରୁଛି ସବୁ ପରଦା ଉପରେ ଆଉ କ୍ୟାମେରା ଆଗରେ ଅସଲି ଜୀବନରେ । ସେ ତ ଆମ ଭଳ ଗୋଟେ ସାଧାରଣ ମଣିଷ ମାତ୍ର ହିଁ  ନା, ମୁଁ କନ୍ତୁ ଜଣେ ଅସଲି ଷ୍ଟାରଙ୍କୁ ଆପଣ ମାନ ଙ୍କ ସହ ଦେଖା କରେଇ ଦେବି" । ବାପା  ମୋର ଖୁବ ଆଶ୍ଚର୍ଯ୍ୟ ସହକାରେ ଗୋପେନ ବାବୁ ଙ୍କୁ ଅନେଇ କ କହିଲେ

"କଣ ଅସଲି ଷ୍ଟର**?** ବାପାଙ୍କ ସହ ଆମେ ସମସ୍ତେ ଗୋପେନ ବାବୁ ଙ୍କୁ ଅନେଇ ଥାଉ ଯେ ସେ କାହା କଥା କହିବେ ବୋଲି । ଗୋପେନ ବାବୁ ଗ୍ଲ ପିଉ ପିଉ କହିଲେ "ହଁ ଅସଲ ଷ୍ଟର ଆଗ ଛକରେ ଯୋଉ ଗୀର୍ଜା ଘର ଅଛି ତା'ରି ପଛ ପଟେ ଜଣେ ଲୋକ ରୁହନ୍ତି । ତାଙ୍କ ନା ହଉଛି କାଳୀ ଙ୍କର ଘୋଷାଲ। ବୟସ କେତେ ଜାଣନ୍ତି ସେଞ୍ଚୁରି ଆଉ ଟ୍ୱେଣ୍ଟିସିକ୍ସ ମାନେ ୧୨୬ ବର୍ଷ । କିନ୍ତୁ ଦେଖିଲେ ଆପଣ କହିବେ ଯେ ମାତ୍ର ୭୫/୮୦ ବର୍ଷ ବୋଲି । ଏକଦମ ଯୁବ ସୁଲଭ ଚେହେରା" । ଶଙ୍କର ମାମୁଁ ଛେପ ଢୋକ କି ଆଖି ତରାଟି ପଚାରିଲେ "କଣ ୧୨୬ ବର୍ଷ" **?** ଗୋପେନ ବାବୁ କହିଲେ "କାଳୀ ବାବୁଙ୍କ ଜନ୍ମ ୧୮୫୬ ଆଉ ରବୀନ୍ଦ୍ର ନାଥଙ୍କ ଜନ୍ମ ୧୮୬୧ ମାନେ ରବୀନ୍ଦ୍ର ନାଥଙ୍କ ଠାରୁ କାଳୀ ବାବୁ ୫ ବର୍ଷ ବଡ" । ଏଥର ଆମ ସମସ୍ତଙ୍କ ମୁହଁ ଏକବାର ଚୁପ ଆଉ ଗ୍ଲ ପିଆ ବି ବନ୍ଦ । ପ୍ରାୟ ଦୁଇ ମିନଟ୍ ର ନୀରବତା ପରେ ବାପା ଗୋପେନ ବାବୁଙ୍କୁ ପଚାରିଲେ "ତାଙ୍କ ବୟସ ୧୨୬ ବର୍ଷ ବୋଲି ଆପଣ କେମିତି ଜାଣିଲେ । ସେ କଣ ଆପଣଙ୍କୁ କେବେ ତାଙ୍କ ବୟସ ବିଷୟରେ କହିଛନ୍ତି"**?** ଗୋପେନ ବାବୁ ପୁଣି କହିଲେ "ନା ନା ଏମିତି ଥରେ କଥା ଛଳରେ ସେ କହୁ କହୁ କହିଦେଲେ ଯେ ମୋର ବୟସ ୧୨୬ ବୋଲି" ।

ଆମେ ସମସ୍ତେ କ୍ଷଣିକ ଅବାକ ହେଇ ଗଲୁ ଯେ ଏମିତି ଜଣେ ଦୀର୍ଘାୟୁ ପୁରୁଷ ଆମ ଅଞ୍ଚଳ ରେ ଅଛନ୍ତି ବୋଲି । ଶଙ୍କର ମାମୁଁ କହିଲେ "ଆରେ ବାଃ, ଏମିତିଆ ଲୋକଙ୍କ ଇଣ୍ଟରଭିଉ ତ ନବାକୁ ହିଁ ପଡିବ । ଏପରି ଲୋକଙ୍କ ସୁସ୍ଥ ରହିବାର ରହସ୍ୟ ସମସ୍ତଙ୍କ ପାଇଁ ଗୋଟେ ଜାଣିବାର ଖୋରାକ ଯୋଗାଇବ" । ସେ ଯାହା ହେଉ ଦିନେ ଗୋପେନ ବାବୁ ଆମ ସମସ୍ତଙ୍କୁ ନେଇ କାଳୀ ଘୋଷାଲଙ୍କ ଘରକୁ ଗଲେ । ଘୋଷାଲ ବାବୁ ଘରୁ ବାହାରକୁ ଆସି ଆମକୁ ସ୍ୱାଗତ ଜଣେଇଲେ । ପ୍ରକୃତରେ ସେ ୧୨୬ ବର୍ଷ ବୟସର ବୋଲି କେହି ବି କହି ପାରିବେନି । ପ୍ରାୟ ୬ ଫୁଟ୍ ଉଚ ର ମଣିଷ । ଗୋରା ରଙ୍ଗ ଚୁଟି ଗୁଡିକ ଅଧା ପାଚଲା ଅଧା କଳା । ଶରୀରର ଚମ ଗୁଡିକ ବି ବେଶୀ ଧୁଡଧୁଡ ହୋଇନି । ଦୁଇ ପଟ

କାନରେ କଛି ପାଚଲା ଚୁଟି । ଦାନ୍ତ ଗୁଡିକ ସଫା ଧଳା । ଆମକୁ ଦେଖି ହସିହସି କହିଲେ "ଆସନ୍ତୁ ଘର ଭିତରକୁ" । ସମସ୍ତେ ଆମେ ଯାଇଁ ବସିଲୁ । ତା ପରେ ବାପା ଶଙ୍କର ମାମୁଁଙ୍କ ଆଡ କୁ ହାତ ଦେଖାଇ କହିଲେ "ଏ ହେଉଛି ମୋ ଶାଳକ ଶଙ୍କର କଲିକତାର ଗୋଟେ ବଡ ସମ୍ବାଦପତ୍ର ରେ ସାମ୍ବାଦିକ ଅଛି । ସେ ଚାହୁଁଛି ଆପଣଙ୍କର ଗୋଟେ ଇଣ୍ଟରଭିଉ ନେବା ପାଇଁ ଆପଣଙ୍କର ଏଥିରେ କଛି ଆପତି ନାହିଁ ତ" । ଘୋଷାଲ ବାବୁ ହସି ହସି କହିଲେ "ଏଥିରେ ଆପତି ନବାର କଣ ଅଛି । ମୋ ଭଳି ଜଣେ ଶତାୟୁ ଲୋକ ଯଦି ମୃତ୍ୟୁ ବେଳକୁ ଟିକେ ଲୋକଲୋଚନ କୁ ଆସି ପାରୁଛି ଏ ତ ବଡ ଆନନ୍ଦ ର ବିଷୟ" । ଏ କଥା ଶୁଣି ଶଙ୍କର ମାମୁଁ ତାଙ୍କ ବ୍ୟାଗରୁ ଖାତା କଲମ ବାହର କରି ଲେଖିବାକୁ ଉଦ୍ୟତ ହେଲେ । ଘୋଷାଲ ବାବୁ କହି ଚାଲିଲେ "ମୋ ଘର ମୁର୍ଶିଦାବାଦରେ ସେତେବେଳେ ଯିବାଆସିବା ପାଇଁ କଛି ସୁବିଧା ନଥିଲା । ଡଙ୍ଗା ସାହାଯ୍ୟରେ ଯାହା ଆତଯାତ କରୁଥିଲୁ । ଆମର ସେତେବେଳେ ଜମିଦାରୀ ଥିଲା । ସ୍କୁଲ କୁ ଯିବା ପାଇଁ ୧୨ କଲୋମିଟର ଚାଲିଚାଲି ଯିବାକୁ ପଡୁଥିଲା । ମୋ ବାହାଘର ହୋଇଥିଲା ୧୫ ବର୍ଷ ବୟସରେ ଆଉ ମୋ ସ୍ତ୍ରୀ କୁ ହୋଇଥିଲା ୧୨ ବର୍ଷ । ସ୍ତ୍ରୀ ମରିବା ପ୍ରାୟ ୪୦ ବର୍ଷ ହୋଇ ଗଲାଣି । ଦୁଇ ପୁଅ ଥିଲେ ସେମାନେ ବି ସମସ୍ତେ ଚାଲି ଗଲେଣି ଖାଲି ଗୋଟିଏ ନାତି ଅଛି କଲିକତା ରେ ଡାକ୍ତରୀ ପଢୁଛି । ଶଙ୍କର ମାମୁଁ ସବୁ କଥା ଖାତାରେ ଲେଖି ଚାଲିଛନ୍ତି ।ମାମୁଁ ପୁଣି ପଚାରିଲେ "ଆପଣ କେବେ କଲିକତା ସହର ଯାଇଛନ୍ତି"**?** ଘୋଷାଲ ବାବୁ ହସିହସି କହିଲେ "କଲିକତା ଇଉନଭର୍ସିଟିରେ ପଢିବା ବେଳେ ମୁଁ ପାର୍କଷ୍ଟ୍ରୀଟ୍ ରେ ରହୁଥିଲି । ଚାଲିଚାଲି ଯିବାକୁ ପଡୁଥିଲା ନ ହେଲେ ହାତଟଣା ରିକ୍ସା ରେ । ସେତେବେଳେ ଭଡା ମାତ୍ର ଦୁଇ ଅଣା" । ମାମୁଁ ପୁଣି ପଚରିଲେ "ଆପଣଙ୍କର କୌଣସି ପ୍ରସିଦ୍ଧ ଲୋକଙ୍କ ସହ ସେତେବେଳେ ଦେଖା ହେଇଛି କି" **?** ଘୋଷାଲ ବାବୁ କହି ଉଠିଲେ ହଁ ଆମେ ପଢିବା ବେଳେ ରବୀନ୍ଦ୍ର ନାଥ**,** ବିଦ୍ୟାସାଗର ପ୍ରାୟ ସମସ୍ତେ ଇଉନଭର୍ସିଟି କୁ ଆସିଛନ୍ତି । ମୁଁ ତ

ବିଦ୍ୟାସାଗର ଙ୍କ ହାତ ଧରି ତାଙ୍କୁ ଷ୍ଟେଜ୍ ଉପରକୁ ନେଇଥିଲି" । ମାମୁଁ ସବୁ ଲେଖି ନେଇଥିଲେ ତାଙ୍କର ଖାତାରେ ଆହୁରି ବହୁତ କିଛି ରୋମାଞ୍ଚକର କଥା ଯାହା ସବୁ ଘଟି ଥିଲା ଘୋଷାଲ ବାବୁଙ୍କ ଜୀବନ ରେ

ନେତରହାଟ୍ ରୁ ଛୁଟି କାଟି ଆସିବାର କିଛି ଦିନପରେ ହିଁ ଫୋଟୋ ସହିତ ପ୍ରକାଶିତ ହେଲା ଶତାୟୁଙ୍କ ଇଣ୍ଟରଭିଉ ଶଙ୍କର ମାମୁଁ ଙ୍କ ସହ ପଶ୍ଚିମବଙ୍ଗର ଏକ ବିଖ୍ୟାତ ଖବର କାଗଜରେ । ଯାହାକୁ ପଢି ବହୁତ ଖୁସି ହେଇକି ଘୋଷାଲ ବାବୁ ଆମ ସମସ୍ତଙ୍କୁ ଖୁବ ଧନ୍ୟବାଦ ଦେଲେ ଖାସ୍ କରି ଶଙ୍କର ମାମୁଁଙ୍କୁ । କିଛିଦିନ ପରେ ଥରେ ମୁଁ ଲାଇବ୍ରେରୀରେ ଏମିତି କିଛି ପୁରୁଣା ମଗାଜିନ୍ ଦେଖୁ ଦେଖୁ ମୋ ହାତରେ ପଡେ ଗୋଟେ ୧୯୨୧ ମସିହାର ନବରଙ୍ଗ ମଗାଜିନ୍ । ପୃଷ୍ଠା ଓଲଟାଇ ଦେଖୁ ଦେଖୁ ମୋ ନଜର ପଡେ ଗୋଟେ କଳା ଧଳା ଫୋଟୋ ଉପରେ । ଫୋଟୋ ଉପରେ ଲେଖା ଅଛି ନାଟକ "ଶବରୀ" । ଆଉ ମୁଖ୍ୟ ଭୂମିକା ରାମରେ ଅଭିନୟ କରିଛନ୍ତି କାଳୀ କଂକର ଘୋଷାଲ ଆଉ ଶବରୀ ଭୂମିକାରେ ଅଛନ୍ତି ଅରୁଣିମା ଘୋଷାଲ । ମୁଁ ଫୋଟୋ ଟାକୁ ଟିକେ ଭଲ କରି ନିରିଖେଇ ଦେଖିଲି । ଆରେ ଏ କଣ ଏ ତ ସେଇ ନେତରହାଟ୍ ର ଘୋଷାଲ ବାବୁ । ମୁଁ ମଗାଜିନଟି ଧରି ସିଧା ଗଲି ମାମୁଁ ଙ୍କ ପାଖକୁ । ତାଙ୍କୁ ଦେଖେଇ କହିଲି "ଦେଖିଲେ ତ ମାମୁଁ ସେ କାଳୀ ଘୋଷାଲ କେମିତି ଆମ ସମସ୍ତଙ୍କୁ ବୋକା ବନେଇ ସ୍ପଟଲାଇଟ୍ ଟା ଅଂଶୁମାନ ଠାରୁ ଦୂରେଇ ନେଇ ନିଜ ଉପରେ ପକେଇ କେମିତି ରାତାରାତି ଷ୍ଟାର୍ ବନିଗଲା" । ଶଙ୍କର ମାମୁଁ ଖୁବ ଜୋରରେ ରାଗି ଯାଇ କହିଲେ "ମୁଁ ତାର ପର୍ଦାଫାଶ ଆମ ସମ୍ବାଦ ପତ୍ର ଜରିଆରେ କରେଇବି" । ମୁଁ କିନ୍ତୁ ମାମୁଁ ଙ୍କୁ ମନା କଲି କାରଣ ତା'ର ବୁଦ୍ଧି ଓ କଥାଚତୁରୀ କୁ ମୁଁ ବି ମନେମନେ ସଲାମ କରୁଥିଲି ।

ଅଧ୍ୟାପକ, ରୋଲାଣ୍ଡ ଫାର୍ମାସୀ କଲେଜ
ଖୋଡାସିଂଗି, ବ୍ରହ୍ମପୁର – ୧୦

# ବର୍ଷା ଓ ଗୃଷୀ



କାହ୍ନୁ ଚରଣ ସାହୁ

ବର୍ଷା ହେଲା ପରେ
ପୃଥୀବିଟା ଲାଗେ ନୂଆ ନୂଆ
ତା ଛୁଆଁରେ ଆହୁରି ସୁନ୍ଦର ଲାଗେ
ଖାଁଖାଁ ଲାଗୁଥିବା ଦୁନିଆ ।

ବର୍ଷା ହେଲା ପରେ,
ବହୁଥିବା ପବନ ସାଥୀରେ
ଢେରସାରା ସ୍ୱପ୍ନ, ଇଚ୍ଛା, ଆଶା ଓ ଆକାଂକ୍ଷା
ପୁରଣ ହେବାକୁ ଲାଗେ
ଗୃଷୀର ଆଖି ସାମ୍ନାରେ.....
ଆଉ ହୃଦୟର କୋଣ ଅଣୁକୋଣରୁ
ହସ ଫୁଟେ, କ୍ଷେତକୁ ଲମ୍ବି ଯାଇଥିବା
ଖାଲଖମା ରାସ୍ତା ବାଟେ ।

ଖୁସି ମନରେ...ହଳକରେ
ଆକାଶ ଛାତିରୁ ଝରୁଥିବା
ବର୍ଷାର ଗଜଲ୍ ଅନୁଭବ କଲାପରେ,
ସ୍ୱପ୍ନ ବୁଣେ
ବର୍ଷସାରା ଶୁଖିଲା ପଡିଥିବା
ଭୋକିଲା ପେଟକୁ ଶାନ୍ତ କରୁଥିବା

ଲଙ୍ଗଳ ମୁନରେ ବିଲର
ଛାତିକୁ ଚରିଲା ପରେ..... ।

ଦେହକୁ ମାଟିରେ ମିଶାଏ
ଖୁବ୍ ପ୍ରେମକରେ
ଭଲମନ୍ଦ ସବୁକଛି ବୁଝେ
ବୁଣିଥିବା ସ୍ୱପ୍ନ,
ସ୍ୱପ୍ନରେ ପରିଣତ ନ ହେବାଯାଏଁ
ଆଉ ଶେଷରେ
ଉପଭୋଗ କରେ
ହାତରଖି ଛାତିରେ
ହସଦେଇ ପରିବାର ଓଠରେ..... ।

ପଣ୍ଡକାମାଳ, ମ. ରାମପୁର, କଳାହାଣ୍ଡି

ବେଦାନ୍ତୀକୁ ପଢିବା ସଙ୍ଗେ ସଙ୍ଗେ ଆପଣମାନଙ୍କୁ ଅନୁରୋଧ ଯେ ଆପଣଙ୍କ ପରିବାର ଏବଂ ସମ୍ପର୍କୀୟଙ୍କୁ ମଧ୍ୟ ଏହା ପଠାନ୍ତୁ । ଏହାଦ୍ୱାରା ଓଡିଆ ଭାଷାର ଲୋକପ୍ରିୟତା ନିଶ୍ଚିତ ରୂପେ ବଢିପାରିବ

# ଧନ୍ୟ କହିବା

ଖଗେଶ୍ୱର ବାଗ

ଗୁରୁ ପଦାସନ ଅଟଇ ମହାନ ଯୁଗଯୁଗ ଧରି ମାନସନମାନ  ଏକା ସେ ଜାଣଇ ଗଢିବା,
ଭାଙ୍ଗିବାର ସ୍ୱପ୍ନ ଦେଖିନାହିଁ କେବେ ତା' କରମକୁ ଧନ୍ୟ କହିବା ।।
ତା'ଙ୍କ ହାତ ଗଢା ପୋଲିସ ସୈନିକ ଡାକ୍ତର ଯନ୍ତ୍ରୀ କର୍ମଚାରୀଯାକ ଉତ୍ତମ ଲୋକ କରିବା,
ନିଜ ଦୁଃଖ ଶୋକ ଭୁଲି କର୍ମ କରେ ତା' କରମକୁ ଧନ୍ୟ କହିବା ।।
ଆଜି ନିନ୍ଦନୀୟ କରମ ତାହାର କେ ଧରି ପଳାଏ ଭାରିଯା କାହାର ମଦ୍ୟପାନ ନିତି କରିବା,
ଗୃହ ନିର୍ମାଣ  ଅର୍ଥ  ଆତ୍ମସାତ ତା' କରମକୁ ଧନ୍ୟ କହିବା ।।
ବାର ବରଷର ଝିଅ ଗର୍ଭବତୀ ସେବାଶ୍ରମେ ତା'ର କିଏ ସେହି ପତି ସମାଜେ କଳଙ୍କ
ବୋଲିବା
ପାଶବିକ କାର୍ଯ୍ୟେ ମନ ବୋଲାଇଲା ତା' କରମକୁ ଧନ୍ୟ କହିବା ।।
ପ୍ରଶ୍ନପତ୍ର ଲିକ୍ କରି କେଉଁ ଯଶ ସମ୍ପର୍କୀୟେ କପି ଦେଇ ଲୋଭ କିସ କମାଇ ଉତ୍ତର କହିବା,
ନିଜ ପୁଅ ବୋଲି ଏତେ ଧରାବନ୍ଧା ତା' କରମକୁ ଧନ୍ୟ କହିବା ।।
ଦରମା ଜି.ପି.ଏସ୍, ଏନ୍.ପି.ଏସ୍. ପାଇଁ କିରାଣୀକୁ ହାତଗୁଞ୍ଜା ଦେବା କାହିଁ ମୁଖରେ ନୀତି
ଆଚରିବା,
ଦେବାନେବାରେ ତ ବିଶେଷ ଦକ୍ଷତା ତା' କରମକୁ ଧନ୍ୟ କହିବା ।।
ଗୁରୁ ହୋଇ ଯେବେ ଭୁଲେ ନିଜ କାମ ଦେଶର ଭବିଷ୍ୟ ହେବ କି ଉତ୍ତମ କଳଙ୍କିତ କାହିଁ
କରିବା,
ଅନ୍ୟାୟ  ଅନୀତି ଛାଡି କରତବ୍ୟ  ସମାଜର ହିତେ କରିବା ।।

ବୁଢ଼ିକୋମନା, ଜି - ନୂଆପଡ଼ା

# ଅନ୍ତା ପାଗଳ



ଶିବରାମ ଦଳେଇ

ଆବେ ଶଳା ଅଇଁଠା ଖିଆ କୁକୁର, ଶଳା ବଡ଼ଲୋକ ଦେଖେଇ ହଉଛ ନାଇଁ । ଶଳା ହାରାମୀ ଭିଆରୀ ଆସବେ ପଦାକୁ । ଆ ତା ଘରେ ଗଳବ, ଅଇଁଠା ଖାଇବ, ଚୋର, ତମେ ସବୁ କୁକୁର ଠୁ ହୀନରେ ଶଳେ । ବିଚରା ଅନନ୍ତା ପାଟିରୁ ଅନବରତ ଗାଳି ବାହାରୁଛି । କେତେବେଳେ ଭେଁ ଭେଁ କାନ୍ଦୁଛି ତ କେତେବେଳେ ଗୋଟିଏ ଆଡ଼କୁ ଏକ ଲୟ ରେ ଚାହିଁ ହସୁଥାଏ । ସମସ୍ତେ କୁହନ୍ତି ସେ କୁଆଡେ ପାଗଳ ହେଇଯାଇଛି । କ ଶୀତ, ଖରା, କ ବର୍ଷା ତା ଦେହରେ ସେ କନ୍ଥା ଟି ହାଡ ରେ ମାଂସ ଢାଙ୍କିଲା ପରି ଘୋଡେଇ ହେଇଥାଏ । କାହିଁ କେତେ ଦିନୁ ଗାଁ ପୋଲ ମୁଣ୍ଡ ସେହି ଭଙ୍ଗା ଦୋକାନ ଚାଳଆ ତାହାର ବାସଗୃହ ପାଲଟିଛି । ଭୋକ ହେଲେ ଆ ତା ଘରୁ ମୁଠେ ମାଗି ଖାଇନଉଛି ।

କିଛି ବର୍ଷ ପୂର୍ବରୁ ସମସ୍ତଙ୍କ ଆଦରଣୀୟ ଅନନ୍ତା ସମୟ ସ୍ରୋତରେ ପାଲଟି ଯାଇଛି ଅନ୍ତା ପାଗଳ । ଯୁଗ ଯୁଗରୁ ଚାଲିଆସିଛି ଦୁର୍ବଳ ମାନଙ୍କ ଉପରେ ସବଳ ମାନଙ୍କ ଅତ୍ୟାଚାର । ଅନନ୍ତା ବି ସେଥିରୁ ବାଦ ପଡ଼ିଥାନ୍ତା କେମିତି ? ଭାରି ପରିଶ୍ରମି ଥିଲା ସେ । ତେଣୁ ପ୍ରତିଦିନ ତାର କାମ ଲାଗିରହିଥାଏ । ସବୁଦିନ କାମ କରିବାକୁ ଇଚ୍ଛା ନଥିଲେ ବି କାହାର ମନ ଭାଙ୍ଗି ଦେଇନ ସେ । ଯେ କୌଣସି କାମ ଦେଲେ ବଡ ଆଦରର ସହ କରିଥାଏ ସେ । ଭାରିଜା ଆଉ ଗୋଟିଏ ବୋଲି ପାଞ୍ଚ ବର୍ଷ ର ପୁଅକୁ ନେଇ ତାହାର ହସ ଖୁସିର ପରିବାର ।

ସେଦିନ ରାମନବମୀ ଯାତ୍ରା ଦେଖି ଫେରୁଥିବା ଅନନ୍ତା ର ଭାରିଜା ସାବୀ ଆଉ ତା ପୁଅ ଭଗିଆ । କିନ୍ତୁ ଗାଁ ଭାଗବତ ଟୁଙ୍ଗୀ ପାଖରେ ଜଗି ରହିଥିବା ଜମିଦାର ର ପୁଅ ଓ ତା ସାଥି ମାନଙ୍କ କବଳରୁ ନିଜକୁ ବଞ୍ଚାଇ ପାରିଲାନି ସାବୀ । ବହୁତ ଦିନରୁ ଗୀଡକ ପରି ଚାହିଁ ରହିଥିବା ଜମିଦାରଙ୍କ ପୁଅ ଏପରି ଏକ ସୁଯୋଗ କୁ ହାତଛଡା କରିବାକୁ  ଜମା ଚାହୁଁ ନଥିଲା । ଜିରା ଫୁଟିଲେ ବାସନା ପରି ସକାଳ ପାହୁପାହୁ ଚାରିଆଡେ କଥା ଟା ପ୍ରଘଟ ହେଇଗଲା । ନ୍ୟାୟ ପାଇବା ପାଇଁ ସାବୀ ଆଉ ଅନନ୍ତା ଜମିଦାର ଚୌଧୁରୀଙ୍କ ଦ୍ୱାରସ୍ଥ ହେଲେ । ହେଲେ ନ୍ୟାୟ ବଦଳରେ ଅନେକ ଅପମାନ ପାଇ ଦୁହେଁ ଘରକୁ ଫେରିଲେ । ସାବୀ ନିଜର ସର୍ବସ୍ୱ ହରାଇବା ଏବଂ ଜମିଦାର ଚୌଧୁରୀ ଙ୍କ ଅପମାନ କୁ ସହି ନପାରି ନିଜକୁ ଝୁଲାଇ ଦେଲା ଗାଁ ମୁଣ୍ଡ ବରଗଛ ଡାଳରେ । ସେହିଦିନୁ ଭଗିଆ ବି ବାପା ମାଆ ସ୍ନେହରୁ ବଞ୍ଚିତ ହେଲା  ।

ସାବୀ ସିନା ନିଜକୁ ସର୍ବଶାନ୍ତ କରି ନୀରବରେ ଲଟକୀ ଗଲା ବରଗଛ ଡାଳରେ କିନ୍ତୁ ନିରବ ରହିଲା ନାହିଁ ଅନନ୍ତା । ଅନବରତ ଗାଳି ଗୁଲଜରେ ପାଲଟିଗଲା ସେ ଅନନ୍ତା ରୁ ଅନ୍ତା ପାଗଳ । ଅନ୍ତା ପାଗଳ ଭୟରେ ଚୋରମାନେ ରାତିକୁ ବି ଭୟ କଲେ ।

ସାବୀ ଚାଲିଯିବାର ସାତ ଆଠ ବର୍ଷ ବିତିଗଲାଣି, ସେଦିନ ଘଟଣା କୁ ସମସ୍ତେ ଭୁଲିଗଲେ । ଅନ୍ତା ବି ସାତ ଆଠ ବର୍ଷ ହେବ ପୋଲମୁଣ୍ଡ ଭଙ୍ଗା ଚାଳିଆ କୁ ନିଜର କରିସାରିଲାଣି । ଲୋଗି ଖାଇବା ଲୋକଟା ମାଗି ଖାଇ  ନିଜର ଭିନ୍ନ ପରିଚୟ ସୃଷ୍ଟି କରିସାରିଛି ।

ରାତି ପାହିଲେ ପହିଲି ରଜ । ପିଲା ଠାରୁ ବୁଢ଼ା ପର୍ଯ୍ୟନ୍ତ ସେହି ଗାଁ ମୁଣ୍ଡ ବରଗଛ ତଳେ ତାସ ପାଲି ସହ ପିଲାମାନଙ୍କ ପଟାଦୋଳି  ଦଉଡ଼ି ଦୋଳି ସହିତ ନାଚ ଗୀତର ବେଶ ଆସର ଜମିଥାଏ । କିନ୍ତୁ ଏ କଣ ସେହି ବରଗଛ ଡାଳରେ ଦୀର୍ଘ ଦିନରୁ ବନ୍ଧା ରହୁ ନଥିବା ପାଟି ଟା ନୀରବରେ ସାବୀ ପରି ଦୋଳି ଖେଳୁଛି  ।

ଲେଖନପୁର, ସାଲେପୁର

# କଣ ହୁଅନ୍ତା ଯଦି?

ମୂଳ ରଚନା: ଡଃ ପାରମିତା ମୁର୍ଖାଜି ମୁଲିକ
ଅନୁବାଦ: ରଞ୍ଜିତ କୁମାର ସାହୁ



ରଞ୍ଜିତ କୁମାର ସାହୁ

କଣ ହୁଅନ୍ତା ଯଦି, ମୁଁ ତୁମକୁ ଭଲ ନ ପାଆନ୍ତି?
କଣ ହୁଅନ୍ତା ଯଦି, ଭବିଥାଆନ୍ତି ଆଉ କାହାକୁ ଭଲ ପଇବାକୁ?
କଣ ହୁଅନ୍ତା ଯଦି, ସହମତି ଦିଅନ୍ତି ନ, ତୁମର ଦୃଷ୍ଟି କ?
କଣ ହୁଅନ୍ତା ଯଦି, ମୁଁ ତୁମକୁ ଭଲ ନ ପାଆନ୍ତି?

ଦେଇଛ ମୋତେ ଏତେ ଉଚ୍ଚ ସ୍ଥାନଟିଏ କାହିଁକି, କୁହତ,
ଯେଉଁଠାରେ ମୁଁ ଅସମର୍ଥ ସାଧାରଣ ହେବାକୁ,
ପାଇ ପାରେନା ଯେଉଁଠାରେ ମୁଁ, ନଜର ସ୍ୱାଭବିକ ସ୍ୱରୂପ,
ଯେଉଁଠାରେ ମୋତେ ବୁଝିବାକୁ ପଡେ ତୁମର ବ୍ୟସ୍ତତାକୁ,
ଆଉ ମୋ ସହ ବିତୁଥିବା ସମୟ ଇଙ୍ଗିତ କରେ ତୁମର ଆଳସ୍ୟକୁ !

କଣ ହୁଅନ୍ତା ଯଦି ମୁଁ ପାଲଟନ୍ତି ମୂକ,
ସାଜନ୍ତି ଅବୁଝା ତୁମ ଲାଗି,
ଆଉ ଗୃହିଁ ଥାନ୍ତି ତୁମକୁ ସ୍ଥାଣୁ ସାଜି !

ରଖିଛ କାହିଁକି କୁହତ ତୁମ ମହତ୍ୱରେ,
ସମ୍ମୋହିତ କରି ମୋତେ ତୁମେ?
କାହିଁକି ଗୁରୁତ୍ୱ ଦିଏ ମୁଁ ସଦାବେଳେ ତୁମର ପୁଣ୍ୟତାକୁ,
ଅଦେଖା କରେ ତୁମର ସବୁ ପାପକୁ !
ସବୁବେଳେ ତୁମ ଯୋଗୁଁ,

ଠିକ ହିଁ କରେ ମୁଁ କେମିତି,
କେବେ ପଶା ଖେଳରେ ମୁଁ ଛଳ କରି,
ଗୋଟି ଓଲଟାଇ ଦିଏନ କାହିଁକ?

କେମିତି ହୁଅନ୍ତା ଯଦି ଆମେ ଭୁଲନ୍ତେ,
କିଛି ସମୟ ଲାଗି କର୍ମକ୍ଳାନ୍ତ ଜୀବନକୁ,
ଉଡି ଯାଆନ୍ତେ ମୁକ୍ତ ପକ୍ଷୀ ସାଜି ଗଗନକୁ,
ଅଥବା ଠିଆ ହୋଇଥାଆନ୍ତେ କଳ୍ପତରୁର ତଳେ!

କଣ ହୁଅନ୍ତା ଯଦି, ମୁଁ ତୁମକୁ ଭଲ ନ ପାଆନ୍ତି?
କଣ ହୁଅନ୍ତା ଯଦି, ଭାବିଥାଆନ୍ତି ଆଉ କାହାକୁ ଭଲ ପାଇବାକୁ?
କଣ ହୁଅନ୍ତା ଯଦି, ସହମତି ଦିଅନ୍ତି ନ, ତୁମର ଦୃଷ୍ଟି କ?
କଣ ହୁଅନ୍ତା ଯଦି, ମୁଁ ତୁମକୁ ଭଲ ନ ପାଆନ୍ତି?

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ସ୍ୱରଲୋଟସଭିଲ୍ଲ, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ମେଦିନୀ ନାମ କରଣ ଓ ଭଗବାନଙ୍କର ଦଶ ଅବତାର



ନରେନ୍ଦ୍ର ପ୍ରସାଦ ବେହେରା

ଏ ସୃଷ୍ଟିରେ ଭଗବାନ ହେଉଛନ୍ତି ଅଜ ଓ ଅମର । ତେଣୁ ଭଗବାନଙ୍କର ଜନ୍ମ ନାହିଁ କି ମୃତ୍ୟୁ ନାହିଁ । ସେ କେବେ ଜନ୍ମି ନାହାଁନ୍ତି କି କେବେ ମରିପାରିବେ ନାହିଁ । ସେଥିପାଇଁ ସେ ଅଜର । କାରଣ ତାଙ୍କ ଜୀବନରେ କେବେହେଲେ ବାର୍ଦ୍ଧକ୍ୟ ଆସେ ନାହିଁ । ସେ କେବେହେଲେ ବୁଢା ହୋଇନଥିଲେ, ବୁଢା ହୋଇ ନାହାଁନ୍ତି କି ବୁଢା ମଧ ହେବେ ନାହିଁ । ସେ ଏ ସୃଷ୍ଟିରେ ଅନାଦି ଓ ଅନନ୍ତ। ଆରମ୍ଭ ନାହିଁ କି ଶେଷ ନାହିଁ ତାଙ୍କର । ସେ ତାଙ୍କ ନିଜ ଇଛାରେ କେତେବେଳେ ନିରାକାର ତ ପୁଣି କେତେବେଳେ ସାକାର ସାଜି ଥାଆନ୍ତି । ତାଙ୍କର ସ୍ୱରୂପ ବା ମୌଳିକ ସାକାର ରୂପରେ ସେ ହେଉଛନ୍ତି ମେଘବର୍ଣ୍ଣ ଓ ଚତୁର୍ଭୁଜ । ସେ ତାଙ୍କର ଚାରି ହସ୍ତରେ ଶଙ୍ଖ, ଚକ୍ର, ଗଦା ଓ ପଦ୍ମ ଧାରଣ କରିଥାଆନ୍ତି । ସେହି ଭଗବାନଙ୍କର ନାମ ହେଉଛି ନାରାୟଣ, ହରି ବା ଶ୍ରୀହରି, ବିଷ୍ଣୁ ବା ମହାବିଷ୍ଣୁ । ସେ ସପ୍ତସାଗର ସୃଷ୍ଟିକରି ସେଥିମଧରେ ଥିବା କ୍ଷୀରସାଗର ମଧରେ ଶେଷନାଗ ଅନନ୍ତଙ୍କ କୋଳରେ ଶୟନ କରିଥାନ୍ତି । ସେହି ପ୍ରଭୁ ନାରାୟଣ ନିଜ କାନ ଭିତରୁ ମଧୁ ଓ କୈଟଭ ନାମକ ଦୁଇ ଜଣ ରାକ୍ଷସଙ୍କୁ ଜନ୍ମ ଦେଇଥିଲେ । ଜନ୍ମ ହେଲାପରେ ରାକ୍ଷସ ଦୁଇ ଜଣଙ୍କର ଉତ୍ପାତ ବଢିଯିବାରୁ ବିଷ୍ଣୁ ସେମାନଙ୍କୁ ସଂହାର କରିଥିଲେ । ସେହି ଦୁଇ ରାକ୍ଷସଙ୍କ ମେଦରେ ବିଷ୍ଣୁ ଏହି ପୃଥିବୀକି ସୃଷ୍ଟି କରିଥିବାରୁ ପୃଥିବୀର ଅନ୍ୟ ନାମ ମେଦିନୀ ହୋଇଛି।

ସ୍ୱୟଂ ବିଷ୍ଣୁ ହେଉଛନ୍ତି ପରମପୁରୁଷ ଓ ଲୀଳାମୟ ଏ ଜଗତରେ । ସେ ନିଜର ଲୀଳା ବିସ୍ତାର କରିବା ପାଇଁ ଜୀବ ଜଗତ ସୃଷ୍ଟି କରିବାକୁ ଇଛା କଲେ । ତେଣୁ ବିଷ୍ଣୁଙ୍କ ଇଛାରେ ବିଷ୍ଣୁଙ୍କ ନାଭିରୁ ଗୋଟିଏ କମଳ (ପଦ୍ମଫୁଲ) ଜାତ ହେଲା । ସେହି କମଳରୁ ସେ ବ୍ରହ୍ମାଙ୍କୁ ଜାତ କଲେ ଏବଂ ପ୍ରଜା ସୃଷ୍ଟି କରିବା ପାଇଁ ବ୍ରହ୍ମାଙ୍କ ଉପରେ ଭାର ଦେଲେ ।

ସ୍ୱୟଂ ବ୍ରହ୍ମା ସକଳ ଜୀବଜଗତଙ୍କୁ ସୃଷ୍ଟି କଲେ । ସୃଷ୍ଟ ଜୀବମାନଙ୍କ ମଧ୍ୟରୁ କେହି ଦୁଷ୍ଟ ଓ କେହି ଶିଷ୍ଟ ଭାବରେ ବଢିବାକୁ ଲାଗିଲେ । ଦୁଷ୍ଟମାନଙ୍କୁ ବିନାଶ କରି ଶିଷ୍ଟମାନଙ୍କୁ ରକ୍ଷା କରିବା ପାଇଁ ଭଗବାନ ବିଷ୍ଣୁ ନାନା ଯୁଗରେ ନାନା ଅବତାର ଗ୍ରହଣ କଲେ । ବିଷ୍ଣୁଙ୍କର ସର୍ବପ୍ରଥମ ଅବତାର ହେଉଛି ମୀନ ବା ମତ୍ସ୍ୟ ଅବତାର । ଏକଦା ଶଙ୍ଖ ନାମରେ ଗୋଟିଏ ଅସୁର ଥିଲା । ସେ ପବିତ୍ର ବେଦ ଗ୍ରନ୍ଥକୁ ଚୋରାଇ ନେଇ ସମୁଦ୍ର ମଧ୍ୟରେ ଲୁଚାଇ ରଖିଥିଲା। ସେହି ବେଦ ଉଦ୍ଧାର ପାଇଁ ଭଗବାନ ବିଷ୍ଣୁ ମୀନ ବା ମତ୍ସ୍ୟ ଅବତାର ଗ୍ରହଣ କରିଥିଲେ । ରୋହିତ ମତ୍ସ୍ୟ ରୂପେ ସମୁଦ୍ର ମଧ୍ୟରେ ସେ ଲକ୍ଷେ ଯୋଜନ ବିଚରଣ କରି ଶଙ୍ଖାସୁରକୁ ଖୋଜିଥିଲେ । ଶଙ୍ଖାସୁରକୁ ପାଇଲାମାତ୍ରେ ସେ ତାକୁ ସଂହାର କରି ପବିତ୍ର ବେଦଗ୍ରନ୍ଥକୁ ଉଦ୍ଧାର କରିଥିଲେ । ଦେବତା ଓ ରାକ୍ଷସ ମାନେ ମନ୍ଦରଗିରିକୁ ଖୁଆଦଣ୍ଡ କରି ସମୁଦ୍ର ମନ୍ଥନ କଲାବେଳେ ମନ୍ଦରଗିରି କ୍ଲାନ୍ତ ହୋଇ ରସାତଳକୁ ଖସି ପଡିବାରୁ ଭଗବାନ ବିଷ୍ଣୁ ଦେବତାମାନଙ୍କ ପ୍ରାର୍ଥନା ଶୁଣି କଚ୍ଛପ ଓ କୂର୍ମ ଅବତାର ଗ୍ରହଣ କରିଥିଲେ । ବିଷ୍ଣୁ କୂର୍ମ ଅବତାରରେ ରସାତଳକୁ ଯାଇ ନିଜ ପିଠିରେ ମନ୍ଦରଗିରିକି ଉର୍ଦ୍ଧ୍ୱକୁ ଟେକି ରଖିଥିଲ। ପ୍ରଳୟ କାଳରେ ପୃଥିବୀ ବୁଡି ଯାଉଥିଲା ବେଳେ ଭଗବାନ ବିଷ୍ଣୁ ବରାହ ବା ଶୂକର ଅବତାର ଗ୍ରହଣ କରି ନିଜ ଦନ୍ତରେ ପୃଥିବୀକୁ ଧାରଣ କରିଥିଲେ । ବାକିଥିବା ଶେଷ ଅବତାରକୁ ମିଶାଇ ଭଗବାନ ବିଷ୍ଣୁଙ୍କର ଅବତାର ସଂଖ୍ୟା ହେଉଛି ଦଶ । ଏହି ଦଶ ଅବତାରର ନାମ ହେଉଛି ଯଥା- ମତ୍ସ୍ୟ, କଚ୍ଛପ, ବରାହ, ନୃସିଂହ, ବାମନ, ପରଶୁରାମ, ରାମ, ବଳରାମ, ବୁଦ୍ଧ ଓ କଳ୍କି ।

ଆଳଦା, ଖଇରା, ବାଲେଶ୍ୱର

# ନିର୍ଜନତା

ମୋନାଲିସା ସ୍ୱାଇଁ

କାହିଁକ କେଜାଣି**???**
ନିର୍ଜନତା ମୋତେ
ଭାରି ଭଲ ଲାଗେ ।
ତୋ ସ୍ମୃତି ରେ
ଟିକେ ହଜିବା ପାଇଁ
ଅକାଶରେ.........
ମାଟିରେ..........
ଶିଉଳ ବୋଳା ଭଙ୍ଗା କାନ୍ଥରେ......
ଗଛ ପତ୍ର ରେ........
ସୁନ୍ ସାନ୍ ରାସ୍ତାରେ.......
ପ୍ରତିଟି ବସ୍ତୁରେ
ତୋତେ ଦେଖିବା ପାଇଁ
ତୋ କଳ୍ପନାରେ ବୁଡି ମରିବା ପାଇଁ
ମନ ଖୋଲି ଟିକେ
କାନ୍ଦିବା ପାଇଁ
ଇଏ ତ ଉପଯୁକ୍ତ ସମୟ
ନୀରବରେ ବସି
ତୋ ପ୍ରତିଛବି ଆଙ୍କିବା ପାଇଁ
ହେଲେ କେମିତି ଆଙ୍କିବି ଯେ**??**
ମୋ ତୁଳୀ ତ ଭାଙ୍ଗି ଯାଇଛି
ମୋ ରଙ୍ଗ ତ ସରିଯାଇଛି
ତେବେ ବି ଠିକ୍ ଅଛି

ତୋତେ ଭାବିବା ବି କଣ ଦରକାର??
ତୋତେ ଆଙ୍କିବା ବି କଣ ଦରକାର??
ତୁ ତ ଖୋଦେଇ ହେଇଛୁ
ମୋ ରକ୍ତରେ, ମାଂସରେ, ସର୍ବାଙ୍ଗ ଶରୀର ରେ ।
ତୁ ତ ସବୁଠି ଅଛୁ
ଖାଲି ଲୁଚ ଯାଉ କୋଳାହଳ ରେ
ଜନ ଗହଳରେ
ଯେତେବେଳେ ସବୁକିଛି
ନୀରବି ଯାଏ
ସ୍ତବ୍ଧ ହେଇଯାଏ
ତୁ ମାଡ଼ି ବସୁ ମୋତେ ଅଶରୀରୀ ଭଳି
କାବୁ କରିନେଉ
ମୋର ମସ୍ତିଷ୍କ ରୁ ପାଦ ଯାଏ
ଛାଇଯାଉ ମୋର ମନ, ହୃଦୟରେ
ସେଥିପାଇଁ ତ ନିର୍ଜନତା କୁ
ମୁଁ ବେଶି ଭଲ ପାଏ

ଶିକ୍ଷୟତ୍ରୀ, ନବରଙ୍ଗପୁର

ବେଦାନ୍ତୀର ହ୍ୱାଟସଆପ୍ ନମ୍ବର ହେଲା – ୯୫୯୪୯୯୩୭୩୩ । ଆପଣମାନଙ୍କୁ ଅନୁରୋଧ ପତ୍ରିକାଟି ପଢିସାରିବାପରେ ଏହାର ଉନ୍ନତି ପାଇଁ ନିଜର ମତାମତ ଦିଅନ୍ତୁ ।

# ଜୀବନର ମୁକ୍ତି



ଅକ୍ଷୟ କୁମାର ବେହେରା

ଜନମ ରୁ ଜୁଇ ପ୍ରଯ୍ୟନ୍ତ
ଅଟେ ଅଳପ ବାଟ,
ଅଢେଇ ଦିନ ଏ ଜୀବନ
କରେ ଅନେକ ନାଟ ।୧।

ମାତୃଗର୍ଭ ନର୍କ କୁଣ୍ଡରୁ
ସୃଷ୍ଟି ଜୀବ ର ଦେହ,
ମାନବ ଶ୍ରେଷ୍ଠ ଏ ସଂସାରେ
ସତ୍ୟ ସର୍ବଦା କୁହ ।୨।

କଥା ଦେଇଥିଲ ପ୍ରଭୁଙ୍କୁ
ନାମ ଜପିବା ପାଇଁ,
ଜନ୍ମ ହେଲା ପରେ ଭୁଲିଲ
ଜମା ମନରେ ନାହିଁ ।୩।

ମାୟା ସଂପର୍କର ବନ୍ଧନେ
ପଡି ହୋଉଛ ବନ୍ଦି,
ବିକଳ ହଇଣ ଅକାଳେ
ଡାକ ପ୍ରଭୁଙ୍କୁ କାନ୍ଦି ।୪।

ଷଡରିପୁ ଠାରୁ ଦୂରରେ
ସଦା ମନକୁ ରଖ,
ଇନ୍ଦ୍ରିୟ କବଳେ ନ ପଡି
ଚାଲ ଆଗକୁ ଦେଖ ।୫।

ମିଛ ମାୟାର ଏ ସଂସାର
ଜମା ନାହିଁ ଭରଷା,
ତେଲ ଲୁଣ ଭର୍ ଜଞ୍ଜାଳେ
ତୁଚ୍ଛ ସୁଖର ଆଶା ।୬।

ସୁଖ ନାହିଁ ତିଳେ କୋଉଁଠି
ଦୁଃଖେ ବିତୁଛି ଦିନ,
ଗର୍ବ ଅହଂକାର ଅଜ୍ଞାନେ
ପୁରି ରହିଛି ମନ ।୭।

ଶୂନ୍ୟ ହାତେ ହୋଇ ଜନମ
କଛି ନ ଥିଲ ଆଣି,
କେତେ ପାପ ପୁଣ୍ୟ ଅର୍ଜିଲ
ନଜେ ନପାର ଜାଣି ।୮।

ସଂସାରେ ଏଠି କଛି ନାହିଁ
ସବୁ ପ୍ରଭୁଙ୍କ ଦାନ,
ତାଙ୍କ ପାଶେ ଭକ୍ତି ଭାବରେ
ଅର୍ପି ଦିଅ ଜୀବନ ।୯।

ସମର୍ପଣ କଲେ ନଜକୁ
ଶେଷେ ମୁକ୍ତି ପାଇବ,
ଅଧମ ଅକ୍ଷୟ କହଇ
କଥା ମନେ ରଖିବ ।୧୦।

କେନ୍ଦୁଡିହା, ବଡସାହି, ମୟୂରଭଞ୍ଜ

# ସମୟ ଓ ପ୍ରକୃତି

ଅନିଲ କୁମାର ସାହୁ

'ସୁନ୍ଦର ଆହା ପଲ୍ଲୀପ୍ରକୃତି
ଦିଶୁଥିଲା ଯେବେ ମନୋହର
ଝରି ଆସୁଥିଲା ଝରଣା ପାଣି
ଝରୁଥିଲା ଯେବେ ଝରଝର ॥
ଗାଁ ଦାଣ୍ଡ ମଝି ଗୃହ ଘର କୋଣେ
ଚଟିଆ ର ଥିଲା ଛୋଟ ଘର
କୁଟାକାଠି ଆଣି ଘର କରିଥିଲା
କ ସୁନ୍ଦର ଥିଲା ତା' ସଂସାର ॥
କଳାରଙ୍ଗ ର ନୀରିହ ପକ୍ଷୀଟି
ସକାଳେ ସଞ୍ଜରେ କା'କା'
କୋମଳ କଣ୍ଠେ କହୁଥିଲା ସତେ
ରକ୍ଷାକର ମୋତେ ମାଟି ମାଆ ॥
ନୂତନ ସକାଳେ ରବି ଆଗମନେ
ପ୍ରଭାତରେ କେତେ ଗାଈଗୋଠ
ଗାଈ ର ଗୋବର ଅଧିକ ଆଶାରେ
ଝିଅବୋହୂ ଙ୍କର କେତେ ନାଟ ॥
ପ୍ରଦୋଷ ସମୟେ ଚଉଁରା ମୂଲରେ
ପ୍ରହରୀ ଦଳର ଗୀତ ନାଚ
ଲାଗୁଥିଲା ସତେ ଉଠୁଚ ପଡୁଚ
ଗରୁଡସ୍ତମ୍ଭ ର ସେହି ମଞ୍ଚ ॥

ନାହିଁ ସେ ସମୟ ନାହିଁ ସେ ପ୍ରକୃତି
ତା'ସାଙ୍ଗେ ଘର ଚଟିଆ
ଲୋପ ପାଇଲାଣି କା'କା' ଡାକ
ଅସନ୍ତୋଷ ମାଟିମାଆ ||
ନାହିଁ ସେଇ ଗାଈ ନାହିଁ ସେଇ ଗୋଠ
ସଙ୍ଗରେ ଗୋବର ନାଟ
ଦେଖା ଯାଉନାହିଁ ପ୍ରହରୀ ଦଳର
ସେଇ ବାଦ୍ୟସଙ୍ଗେ ନୃତ୍ୟପଟ ||
ସମୟ ବଢୁଛି ମନ ବଦଳୁଛି
କେତେ ଜୀବନ ହେଉଛି ନଷ୍ଟ
ସାର, ଔଷଧାଦି ବ୍ୟବହାର ଯୋଗୁଁ
ସତେ ଧର୍‌ ପାଉଅଛି କଷ୍ଟ ||

ମୁଣ୍ଡାପାଲି, ନଅଗାଁ, ଆଗଲପୁର, ବଲାଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ ।
ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଛୋଟ ମୋର ନାଆଟି

(ଧାରାବାହିକ)



ପ୍ରଫେସର ଅନତା ପଣ୍ଡା

## ୧୫ - ଏ.ବି ମିଶନ୍ ହାଇସ୍କୁଲ

ଜୁଲାଇ ମାସରେ ମୋର ମିଶନ୍ ସ୍କୁଲରେ ଆଡମିଶନ ହୋଇଗଲା । ଖ୍ରୀଷ୍ଟୀୟାନ ସ୍କୁଲ, ପୁଣି କେବଳ ଝିଅ ମାନଙ୍କ ପାଇଁ । ଏଇ ସ୍କୁଲରେ ଭର୍ତ୍ତୀ ହେବାର ପ୍ରଧାନ କାରଣ ହେଲା ଏଇଠା ଘରଠୁ ଖୁବ୍ ନକଟରେ । ଦ୍ୱିତୀୟ କାରଣ ସେଠା ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଝିଅ ଗାୟତ୍ରୀ ମଧ୍ୟ ସେ ସ୍କୁଲରେ ପଢେ । ଗାୟତ୍ରୀ ବାପାଙ୍କର କ୍ୱାଟରଟା ଆମ କ୍ୱାଟରକୁ ଲାଗି । ଗାୟତ୍ରୀ ୯ମ ଶ୍ରେଣୀରୁ ସେଇ ସ୍କୁଲରେ ପଢୁଛି । ପ୍ରଥମ ଦିନ ସ୍କୁଲରେ ସେ ମତେ ସମସ୍ତଙ୍କ ସଂଗେ ପରିଚୟ କରାଇ ଦେଲା । ଏ ସ୍କୁଲରେ ମଧ୍ୟ ମୁଁ ଆମ କ୍ଲାସର ସମସ୍ତଙ୍କ ଠାରୁ ସାନ ଥିଲି । ତେଣୁ ସମସ୍ତେ ମତେ ଟିକଏ ହେୟ ଦୃଷ୍ଟିରେ ଦେଖୁଥିଲେ । ଚାରିଦିନ ପରେ... କ୍ଲାସ୍ ଟିଚରଙ୍କ ପାଖକୁ ମୋର ମାର୍କ ଲିଷ୍ଟ ଆସି ଯାଇଥିଲା । ନୟ ମାସିକ ପରୀକ୍ଷା ପାଖେଇ ଆସିଲାଣି ଆମ କ୍ଲାସ୍ ଟିଚର୍ ଗଣିତ ପଢାନ୍ତି । ମଞ୍ଜୁ ଆମ କ୍ଲାସ୍ ର ଗଣିତରେ ଶ୍ରେଷ୍ଠ ବୋଲି ଗଣାଯାଏ । ପାଞ୍ଚ ଖଣ୍ଡ ଅଙ୍କ କଷିବାକୁ ଦେଇ ଉତ୍ତର ଅପେକ୍ଷାରେ ରହିଲେ । ସର୍ବ ପ୍ରଥମେ ସେ ନେଇ ଖାତା ଦେଲା ।

"କ'ଣ ସବୁ ଠିକ୍ କରିଛୁ"

"ହଁ ସାର୍, ହେଲେ ଉତ୍ତର ମିଳବ କ ନାହିଁ ଜାଣିନ ।"

ପରେ ପରେ ମୁଁ ନେଇ ଖାତା ଦେଲି । ସାର୍ କଛି ପଚାରିବା ପୂର୍ବରୁ କହିଲି, "ମୁଁ ଉତ୍ତର ମିଳାଇ ଦେଖିଛି ସାର୍ ।"

"ଅର୍ଥାତ୍ କପି କରିଛୁ?"

ନା ।

ତେବେ ଉତ୍ତର ମିଳାଇଲୁ କାହା ସଂଗେ ?

ନିଜେ ନିଜେ

"ଆଚ୍ଛା ମୋ ଆଗରେ ଖଣ୍ଡକର ମିଳାଇଲୁ"

ସେଇଠି ଠିଆ ହୋଇ ପଚ୍ଛଆଡୁ ମିଳାଇବା ଆରମ୍ଭ କଲି ।

"ଏହା କାହାଠୁ ଶିଖିଲୁ?"

"ନନାଙ୍କଠୁ"

"ସେ କେଉଁ ସ୍କୁଲରେ ଅଙ୍କ ଶିକ୍ଷକ ଅଛନ୍ତି?"

ନାଁ,ସାର୍, ସେ ଆଡମିନଷ୍ଟ୍ରେଟିଭ ଚାକରୀ କରନ୍ତି ।

ତହିଁ ଆରଦିନ ସାର୍ ମୋ ଦଶମ ପରୀକ୍ଷା ର ରେଜ୍‌ଲଟ୍ ପେପରଟା ପଢି ଶୁଣାଇଥିଲେ । ଯା ପରେ ପରେ କ୍ଲାସ୍ ରେ ଖୁବ୍ ପ୍ରିୟ ଭାଜନ ହୋଇ ଯାଇଥିଲି ।

କେବେ କେବେ ଖାଲି ବସିଥିଲେ ମୁଁ ଭଦ୍ରକ ସ୍କୁଲ ସଂଗେ ବର୍ତ୍ତମାନ ସ୍କୁଲର ତୁଳନା କରେ । ଖୁବ୍ ଭିନ୍ନ । ଏଠାରେ ଶିକ୍ଷକ ମାନେ ଛାତ୍ରୀ ମାନଙ୍କ ସହ ମାପି ଚୁପି କଥା କହନ୍ତି । ପାଠରେ ଦୁର୍ବଳ ବୋଲି ଅନ୍ୟ ସ୍କୁଲରେ ମୁଁ ଅନ୍ୟମାନଙ୍କର ଦୟାର ପାତ୍ରୀ ଥିଲି । ମାତ୍ର ଏଠାରେ ମୋର ସ୍ଥାନ ଅତି ଭଲ ଛାତ୍ରୀଙ୍କ ସ୍ତରରେ । ସ୍କୁଲରୁ ଫେରି ମୁଁ ଏବେ ଘରେ ବସି ଅଙ୍କ କଷୁନ ।

ଟିକି, ରିନିଙ୍କ ସଂଗେ ୫ଟାରୁ ୬ଟା ଘଣ୍ଟାଏ ଘର ପାଖରୁ ଅନତି ଦୂର ଏକ ବଗିଚ୍ଚରେ ବସି ବହୁ ପ୍ରକାର ଆଲୋଚନା କରୁ । ବଗିଚ୍ଚ କହିଲେ ଭୂଲ୍ ହେବ । କେଉଁ ଆଦିମ କାଳର ଭଂଗା ରୁଜା ଇଟା ସିମେଣ୍ଟର କାନ୍ଥ । ବହୁତ ବଡ ବଡ ଗଛ ଗୁଡାକ । ଆମ୍ବ, ପଣସ, ନଡିଆ, ତାଳ ଗଛ ନୁହେଁ । ଜାମୁ ଗଛ ନିଶ୍ଚୟ ଅଛି । କେଇଟା ଗୁଆ ଗଛ ମଧ୍ୟ, ଭୂଇଁଟା ସମତଳ ନୁହେଁ ବହୁତ ଆବଡା ଖାବଡା ପଶ୍ଚିମକୁ ଗୋଟିଏ ବଡ ପୋଖରୀ । ହେଲେ

ବହୁତ ବେଶୀ ପାଣି ନଥାଏ । ମାଛ ଅଛନ୍ତି କ ନାହିଁ ଜଣାପଡେନା । ହେଲେ ମଝିରେ ଛୋଟ ଛୋଟ କଛି ଜଳଜନ୍ତୁ ସନ୍ତରଣ କରିବା ଦେଖାଯାଏ, ପୋଖରୀ ହୁଡା ଉପରକୁ ଲମ୍ବା ଲମ୍ବା ଦୁଇ ତିନଟା ଭଂଗା ସିମେମ୍‌ଟ ବେଞ୍ଚ । ଟିଙ୍କ, ରିନର ପରମ ବଂଧୁ । ହେଲେ ଟିଙ୍କଏ ଆଉ ପାଗଳୀ । ଦିନେ ବସି ବସି ମତେ ଆମ ପରିବାରଙ୍କ ବିଷୟରେ ପଗ୍ଚରିଲା । ବାପା ଆଉ ସମସ୍ତ ଭାଇ, ଭଉଣୀ, ଭାଉଜ, ଭିଣେଇ ମାନଙ୍କ ବିଷୟରେ କହିଲି । ହଠାତ୍ କହି ଉଠିଲା, ତୋର ଯେଉଁ ନାନୀଟି ବିଧବା ବୋଲି କହିଲୁ, ତାଙ୍କ ସ୍ୱାମୀ କ'ଣ କରୁଛନ୍ତି? ମୁଁ ଅବାକ୍ ହୋଇ ଯାଇଥିଲି । ଗାଁରେ ସମସ୍ତେ କହନ୍ତି ବିଧବା ମାନେ ସ୍ୱାମୀ ନାହାନ୍ତି । ନଷ୍ଟୟ ମୋର ବୁଝିବାରେ ଭୁଲ୍ ହୋଇଛି । ସେଇଦିନ ଖାଇବା ଟେବୁଲରେ "ନାନୀଙ୍କର ସ୍ୱାମୀ କ'ଣ ଗ୍ଚକରୀ କରୁଛନ୍ତି" ପଗ୍ଚରି ପରିହାସ କରୁଛି ବୋଲି ଏମିତି ଗାଳ ଖାଇଥିଲି, ଜୀବନ ସାଗ୍ ଭୁଲିବିନ ।

ଲିଲି ଓ ମୁଁ ଦୁହେଁ ସନ୍ଧ୍ୟାରେ ଏକାଠି ପଢୁ ଖାଇବା ସମୟ ହୋଇଗଲେ ମାଉସୀ ମତେ ଖାଇବା ପାଇଁ ବାଧ କରନ୍ତି । ହେଲେ ମୁଁ "ଆଉ ଦିନେ ଖାଇବି" କହି ବିଦାୟ ନଏ ।

ରିନର ଅପସନାଲ୍ ଗଣିତ ପଢାଇବାକୁ ବାଲେଶ୍ୱର ଜିଲ୍ଲା ସ୍କୁଲର ଗିରି ସାର୍ ଆସନ୍ତି । ତେଣୁ ମୁଁ ସେଠାରେ ଅପେକ୍ଷା କରି ବସେ । ଗିରି ସାର୍ ଖୁବ୍ ଭଲ ପଢାନ୍ତି । ମୁଁ ଯେତେ ସମୟ ବସେ ତାଙ୍କ କଥା ହିଁ ଶୁଣୁଥାଏ । ଷଡମାସିକ ପରୀକ୍ଷା ପାଖେଇ ଆସୁଛି । ମନ ଦେଇ ପଢିବା ପାଇଁ ମତେ ଘରେ ବାରଂବାର ଚେତାବନୀ ନୂଆବୋଉଙ୍କର କଡା ଆଦେଶ, ସନ୍ଧ୍ୟାରେ ବଗିଗ୍ଚ ବୁଲା ଛାଡି ପାଠ ପଢାରେ ମନ ଦେବା କଥା । ଏଇଟା ସେଣ୍ଟଅପ୍ ପରୀକ୍ଷା । ଲିଲିର ଗଣିତ ଅପ୍‌ସନାଲ । ତେଣୁ ଟିଉସନ୍ ନଏ । ୭ଟା ଠୁ ଯାଇ ସେଠାରେ ସମୟ ନଷ୍ଟ କରିବା ଜମା ଠିକ୍ ହେଉନ । ତୁମର ତ ସଂସ୍କୃତ ଅପସନାଲ୍ ସେଇ ସମୟଟା ଘରେ ବସି ସଂସ୍କୃତ ପଢା ନ ମାନ ଗ୍ଚଗ୍ ନାହିଁ ।

ସେଦିନ ରିନ ଘରେ ପହଞ୍ଚି ଦେଖିଲି ଗିରିସାର୍ ତା ଉପରେ ଭୀଷଣ ବରକ୍ତି ହେଉଛନ୍ତି । "କାଲିଠୁ ମୁଁ ଆସିବା ବନ୍ଦ କରିବି । ମୋ ପିଲା ଅଙ୍କ କଷି ପାରୁନ । କ ଲଜ୍ଜ୍ୟାର ବିଷୟ । ବିରି ମାଡ ଦେଖି କୋଳଥ ଗ୍ଚେପା" ମୁଁ ଡରି ଧୀରେ ଧୀରେ ସେଠାରୁ ବାହାରି ଆସିବାକୁ ଚେଷ୍ଟା କରୁଥିଲି । କହିଲେ, "ଏ ଝିଅ, ତିନଦିନ ହେଲା ତୁ କୁଆଡେ ଗ୍ଚଲିଯାଇଥିଲୁ?"

କଛି ନ କହି ଡରରେ ସେଇଠି ଥପ କରି ବସି ପଡିଲି । ରିନ ହାତରୁ ଖାତାଟା ଛଡାଇ ଆଣି କହିଲେ, "ତୁ ଏଇଟା କରି ପାରିବୁ?"

କଛି ନ କହି ଅଙ୍କ ଖଣ୍ଡ ଖଷି ସାର୍ ଙ୍କ ହାତକୁ ବଢାଇ ଦେଲି ।

ତତେ ଏଟା ଆସେ?

ନାଁ ସାର୍, ଏଇଟା ତ ଅପସନାଲ୍ ର ଅଙ୍କ । ମୋର ସଂସ୍କୃତ ଅପସନାଲ୍ । ମାତ୍ର ସେଦିନ ଆପଣ ରିନକୁ ଏତେ ସୁନ୍ଦର ବୁଝାଇଥିଲେ ଯେ ମୋର ମନେ ରହିଯାଇଛି ।

ସାର୍ ଙ୍କ ରାଗ ବୋଧେ ଥଣ୍ଡା ପଡିଯାଇଥିଲା । ଆଉଥରେ ଅଙ୍କ ଖଣ୍ଡିକ ରିନକୁ ବୁଝାଇ ପରଦିନ ଆସିବେ କହି ବିଦାୟ ନେଲେ ।

ସାର୍ ଯିବା ପରେ ମୁଁ ଲକ୍ଷ୍ୟ କଲି ରିନ ଖୁବ୍ ଗମ୍ଭୀର ବୋଧେ ସାର୍ ଙ୍କ ଗାଳ ତାକୁ ବହୁତ ବାଧିଛି ।

ପରଦିନ ମାଉସୀ ମତେ ଡାକ କହିଲେ ରିନ ର ବହୁତ ଅପସନାଲ୍ ଅଙ୍କ କରିବାର ଅଛି । ତେଣୁ ତୁ ଘରେ ବସି ପଢ । ଏଇ କେତେ ଦିନରେ ଏକା ପଢିବା ଅଭ୍ୟାସଟା ଛାଡି ଯାଇଥିଲା । ତେଣୁ ଅଶ୍ୱସ୍ତି ବୋଧ କଲି ।

ପୂର୍ବରୁ ତ ବଗିଚ୍ଚ ବୁଲିବା ବନ୍ଦ ହୋଇଥିଲା, ଏବେ ଅନୁଭବ କଲି ରିନ ମୋ ଠୁ ଦୂରେଇ ରହୁଛି । ପରେ ପରେ ଟିକ ମଧ । ଏମିତିକ ମୋ ଆଡୁ କଛି କହିଲେ ମଧ ଦୁହେଁ ଶୁଣି ନ ଶୁଣିଲା ପରି ରହନ୍ତି । ମୋ ଦୋଷ କ'ଣ ନଜେ ଜାଣି ପାରିଲିନ କଂବା ଅନ୍ୟ କାହାକୁ ପଚ୍ଚରିବାକୁ ସାହସ କରି ପାରିଲିନ ।

## ପ୍ରତିଶ୍ରୁତି ପାଳନ-

ଏ.ବି ମିଶନ ଗାର୍ଲସ୍ ସ୍କୁଲ୍ ରେ ଅଗଷ୍ଟ ପନ୍ଦର ଉତ୍ସବ ପାଳନ । ପ୍ରାର୍ଥନା ସଭାପରେ ପ୍ରଧାନ ଶିକ୍ଷୟିତ୍ରୀ ତରୁ ଦିଦି ସମସ୍ତ ଛାତ୍ରୀଙ୍କୁ ସମ୍ବୋଧନ କରି କହିଲେ, "ଆମ ସ୍କୁଲରେ ଏ ବର୍ଷ ଅଗଷ୍ଟ ପନ୍ଦରରେ କେବଳ ପତାକା ଉତ୍ତୋଳନ କାର୍ଯ୍ୟକ୍ରମ ପାଳତ ହେବ । ତେଣୁ ଜାତୀୟ ସଂଗୀତ ଗାଇବା ପାଇଁ ସୁଧା ଦିଦିଙ୍କ ପାଖରେ ନଜ ନଜର ନାମ ଲେଖାଇ ନେବ । ତା

ଛଡା, କୌଣସି ବିଦ୍ୟାର୍ଥୀନୀ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ କିଂବା ବକ୍ତୃତା ପ୍ରତିଯୋଗୀତାରେ ଭାଗ ନେବା ପାଇଁ ଇଚ୍ଛୁକ ଥିଲେ, ବାଲେଶ୍ୱର ଜିଲ୍ଲା ସ୍କୁଲ ପାଇଁ ୨୫ ଜୁଲାଇ ପୂର୍ବରୁ ନାମ ଲେଖାଇବ ।"

ସଭା ଭଙ୍ଗ ପରେ ଶିକ୍ଷାର୍ଥୀନୀ ଶିକ୍ଷୟିତ୍ରୀ ମାନେ ଯେଝା ଯେଝା କକ୍ଷକୁ ପ୍ରତ୍ୟାବର୍ତ୍ତନ କଲେଣି। ମୁଁ ଚିନ୍ତା କରୁଥିଲି, କହନ୍ତି ଈଶ୍ୱର ବଡଲୋକ । ସମସ୍ତଙ୍କ ମନ କଥା ବୁଝି ପାରନ୍ତି, ନ ହେଲେ ମୁଁ ଭଦ୍ରକ ସ୍କୁଲର ଚୈତନ୍ୟ ସାର୍ ଙ୍କ ପାଖରେ ମୋର ପ୍ରତିଶ୍ରୁତି ରକ୍ଷା କରିବାକୁ ଅସମର୍ଥା ହୋଇ ଥାଆନ୍ତି । "ବିଲେଇ କପାଳକୁ ଶିକା ଛିଡିଛି ।" ହେଲେ ସାର୍ ଙ୍କ ପାଖରେ ଖବରଟା କେମିତି ପହଞ୍ଚାଇବି । ବହୁ ଚିନ୍ତା କଲା ପରେ ମନକୁ ଆସିଲା ବିଜୟ ଆଉ କୃଷ୍ଣବଲ୍ଲଭ କଥା । ଦୁହେଁ ମୋର ସମବୟସ୍କ ମାତ୍ର କୃଷ୍ଣ ମୋ ଠୁ ଗୋଟିଏ ଏବଂ ବିଜୟ ଦୁଇଟି ତଳ କ୍ଲାସ୍ ରେ ପଢୁଥିଲେ । ତେଣୁ ମୁଁ ଜଣକର ଅପା ଅନ୍ୟ ଜଣକର ଦେଇ ଥିଲି । କୃଷ୍ଣ ତା ଭଉଣୀ ଭିଣୋଇଙ୍କ ପାଖେ ରହି ଭଦ୍ରକ ହାଇସ୍କୁଲରେ ପଢେ । ତା ଭିଣୋଇ ଏବଂ ମୋର ନନା ଗୋଟିଏ ଅଫିସରେ କାମ କରନ୍ତି । ସେମାନେ ଆମର ପଡୋଶୀ ଥିଲେ । ବିଜୟର ବାପା ସେଠାରେ ଏସ୍.ଡି.ଓ, ଦୁହେଁ ଭଲ ପଢନ୍ତି । କୃଷ୍ଣର ଅନ୍ୟ ଏକ ସହପାଠୀ ଗୀତା, ସେଠା ଜୁଡିସିଆଲ୍ ମାଜିଷ୍ଟ୍ରେଟଙ୍କର ଝିଅ। ସେ ମଧ୍ୟ ଆମ ଘର ପାଖେ ରହେ । ତେଣୁ ଚାରି ଜଣଙ୍କର ବନ୍ଧୁତା ଖୁବ୍ ନିବିଡ ଥିଲା ମାତ୍ର ମୁଁ ପାଠରେ ବହୁତ ଦୁର୍ବଳ ଥିଲି ବୋଲି ଗୀତା ମତେ ପାସଙ୍ଗରେ ପକାଏନି, ଏମିତି କି ଦିନେ ପ୍ରାର୍ଥନା ସଭା ପରେ ପରେ କୌଣସି କାରଣରୁ ତାର ଗଣେଶ (ଗୋଟିଏ ଦଶମ ଶ୍ରେଣୀ ଛାତ୍ର) ସଂଗେ ତର୍କ ବିର୍ତକ ହୋଇଥିଲା । ଗଣେଶ ତାକୁ କହିଥିଲା, ତୁମେ ବଡ ଅଫିସରଙ୍କ ଝିଅ ବୋଲି ବହୁ ଗର୍ବୀ । ଯଦିଓ କିଛି ଜ୍ଞାନ ନାହିଁ । ଉତ୍ତରରେ ସେ ତାକୁ ରୂଢ କଣ୍ଠରେ କହିଥିଲା, ତୁମ କ୍ଲାସର ପିଲାଙ୍କୁ ଏପ୍ଲସ୍‌ବି ର ହୋଲ ସ୍କୋୟାର୍ ଆସେ ନା, ବେଶୀ ଫୁଟାଣୀ ମାରୁଛୁ । ସେଇଟା ମୋ ପାଇଁ ଆକ୍ଷେପ ଥିଲା । ପ୍ରକୃତରେ ମୁଁ ଗୀତା ପାଇଁ ଅପେକ୍ଷା କରିଥିଲି । ମୋ ଉପରେ ଆଖି ପଡିବା ସଂଗେ ସଂଗେ ଗଣେଶ ଆଉ ଆଗକୁ ନ ବଢି କ୍ଲାସ ଆଡେ ମୁହାଁଇଲା । ପରେ ପରେ ମୁଁ ।

ଗୀତା କଥାରେ ଅପମାନିତା ହୋଇ ମୁଁ ଗୋଟାଏ ଦୁଇଟା କ୍ଲାସରେ ଅନ୍ୟମନସ୍କ ରହିଥିଲି । ପରେ ନିଜ ମନକୁ ସାନ୍ତ୍ୱନା ଦେଲି । ସତ କଥା ତ କହିଲା । ତେଣୁ ଦୁଃଖ କରିବା ନିଃରର୍ଥକ । ତା ପରଠୁ ସେ ଆମ ତିନିଜଣଙ୍କ ସଙ୍ଗେ ମିଶିବା ମଧ୍ୟ ବନ୍ଦ କରି ଦେଲା ।

ଆମେ ଗଢିଲୁ ଗୋଟିଏ ସମବାହୁ ତ୍ରିଭୂଜ । ବିଜୟ କହେ, ବେସ୍(ଅର୍ଥାତ୍ ମୁଁ) ଆମର ଖୁବ୍ ଷ୍ଟ୍ରଙ୍ଗ୍ । ନିଜ ନିଜର ସୁଖ ଦୁଃଖ ଆମେ ଆଦାନ ପ୍ରଦାନ କରୁ । ବିଜୟ ଲେଖା ଲେଖି କରେ । ସାହିତ୍ୟରେ ଖୁବ୍ ଭଲ । ତଥାପି ମତେ କହେ "ଚନ୍ଦ୍ରାମଣି ସାର୍ ଆମ କ୍ଲାସରେ ତୁମର ପ୍ରଶଂସା ବହୁତ କରନ୍ତି ।" କୃଷ୍ଣ କହେ, "ସେ ମତେ କହନ୍ତି ଦୁଇ ଦୁଇଜଣ ସାହିତ୍ୟ ପ୍ରେମୀ ସଂଗେ ବନ୍ଧୁତା ବାନ୍ଧିଛୁ ଟିକଏ ବି ପ୍ରଭାବ ପଡୁନ?"

ଦୁହିଁଙ୍କ ପାଖକୁ ସାର୍ ଙ୍କୁ ଦେଇଥିବା ପ୍ରତିଶ୍ରୁତି ବିଷୟରେ ଉଲ୍ଲେଖ କରି ତାଙ୍କର ମତାମତ ଜାଣିବାକୁ ଲେଖିଲି । ସାତ ଦିନ ପରେ ବୁଲୁର ଉତ୍ତର ।

ଅନୁ ଅପା,

ତୁମ କହିବା ଅନୁଯାୟୀ ସାର୍ଙ୍କ ସହ କଥାବାର୍ତ୍ତା କଲି । ବହୁତ ଖୁସି ହୋଇଗଲେ । ତୁମକୁ କେଉଁ "ମୁରଲୀ ବଜାଅ ଘନଶ୍ୟାମ" ଗୀତ ଶିଖାଇ ଥିଲେ, ସେଇଟିକୁ ଭଲ ଭାବେ ପ୍ରାକ୍ଟିସ୍ କରିବାକୁ କହିଲେ । ରାଜ୍ୟ ସ୍ତରୀୟ ପ୍ରତିଯୋଗୀତା ।

ଆଉ ଦୁଇ ପଦ ଗାଳ ଶୁଣିବାକୁ ପଡିଲା । ସେଇ ପୁରୁଣା ବିଷୟ ନେଇ । ତୁମ ପ୍ରଭାବ ପଡୁନ ବୋଲି କହିଲେ "ତୋର କ'ଣ ଗୋଧି ଚମ ।"

ସତ କହିବି ଅନୁ ଅପା, ତୁମକୁ ସ୍କୁଲରେ ବଡରୁ ଛୋଟ ଯାଏ ସମସ୍ତେ ଝୁରୁଛନ୍ତି । କ'ଣ ଖୁଆଇଥିଲ କେଜାଣି? ଜଗନ୍ନାଥ ସାର୍ ହେଡମାଷ୍ଟ୍ର ହେଲେ, ତେଣୁ ସବୁ ମ୍ୟାଥ୍ସ୍ ଅପସନାଲ୍ ପିଲାମାନେ ଖୁବ୍ ଖୁସି । ବର୍ଷାପାଣି ଘର ଆଗରେ ବହୁତ ଜମୁଛି । ତୁମ ହାତ ଡଙ୍ଗାକୁ ମିସ୍ କରୁଛୁ । ବାଲେଶ୍ୱରରୁ କେଇଟା ଭସାଇ ଦିଅ । ଗୋଟାଏ ଅଧେ ତ ଏଠି ଆସି ପହଞ୍ଚିଯିବ ।

ଖୁବ୍ ଶୀଘ୍ର ଦେଖା ହେବ ।

ରହୁଛି ବୁଲୁ

ଅନୁ ଦେଇ,

ଶ୍ରାବଣର ଶ୍ରାବଣୀ ନଦୀରେ ସନ୍ତରଣ କରି ମୋର ହସ୍ତଗତ ହେଲା ଏକ ଆଜ୍ଞା ବାହୀ ପତ୍ର। ଆଜ୍ଞା କାରୀ ସୋଦରଟି କିଁ କର୍ତ୍ତବ୍ୟ ବିମୂଢ଼ । ବୟୋଜ୍ୟେଷ୍ଠଙ୍କର ଆଜ୍ଞା ଉଲଙ୍ଘନ କ୍ଷମା ପ୍ରାର୍ଥନୀୟ । ଭୂଲ୍ ବଶତଃ ବୟୋଜ୍ୟେଷ୍ଠା ଉଚ୍ଚାରଣ ହୋଇଗଲା,ମର୍ଯ୍ୟାଦା ଜ୍ୟେଷ୍ଠା । ଆଜ୍ଞା ଅନୁଯାୟୀ ଭବଦୀୟଙ୍କ ଚରଣ କମଳରେ ପତ୍ର ବାହକ ପତ୍ରଟି ଉପସ୍ଥାପିତ କଲା। ସନ୍ଦେଶ ପ୍ରାପ୍ତ ଭବଦୀୟଙ୍କ ମୁଖରେ ଆନନ୍ଦର ପୂର୍ଣ୍ଣ ଜଳଧି । ମହୋଦୟଙ୍କର ଆଦେଶ, "ମୁରଲୀ ବଜାଅ ଘନଶ୍ୟାମ" ଗୀତଟିର ପରିବେଷଣ ନିମନ୍ତେ ପ୍ରଚେଷ୍ଟା ଅନିବାର୍ଯ୍ୟ(ଅବଶ୍ୟମ୍ଭାବୀ) । ଲୋକ ପ୍ରିୟ ହେବାର ମୂଳମନ୍ତ୍ରଟି ଶିଖାଇ ଦେବାପାଇଁ ଅନୁରୋଧ କରି ଲେଖନୀକୁ ବିରତି ନେଉଛି, କୁନୁ ବାବୁ ।

ଚଠି ଦୁଇଟି ପଢ଼ି ସାରିବା ପରେ ନ ହସି ରହି ପାରିଲିନି । କୁନୁ ସର୍ବଦା ତାର ମାର୍ଜିତ ଭାଷା ନେଇ ଗର୍ବ କରେ । ଦୁଇଟି ଯାକ ଚଠିର ବିଷୟ ବସ୍ତୁ ସମାନ । ମାତ୍ର ଲେଖାର ଅନ୍ତର ଖୁବ୍ ବେଶୀ । ୧୩ ଅଗଷ୍ଟରେ ମୁଁ ଭଦ୍ରକ ପହଞ୍ଚିଲି । ମତେ ଦେଖି ସାର୍ ବହୁତ ଖୁସି ହୋଇ ଗୋଟିଏ କୁମ୍ଭୀର ଆଉ ମଣିଷର ଗପ ଶୁଣାଇଲେ ।

ମଣିଷଟି ତାର ଘରେ ଥିବା ଅପଙ୍ଗ ମା ପାଇଁ ନଦୀରୁ କଳସୀରେ ପାଣି ଭରିବା ସମୟରେ ଗୋଟିଏ କୁମ୍ଭୀର ପାଟିରେ ଆସି ଯାଇଥିଲା । ମଣିଷଟି କୁମ୍ଭୀର ପାଖରେ ତାକୁ ଛାଡିଦେବା ପାଇଁ ହାତ ଯୋଡି ଥିଲା । ହେଲେ,ଏତେ ବଢ଼ିଆ ଖାଦ୍ୟ....କୁମ୍ଭୀର ନଛୋଡବନ୍ଦୀ। ମଣିଷଟି ବହୁ ନେହୁରା ହୋଇ ମାର ଦାୟିତ୍ୱ କାହାକୁ ସମର୍ପି ନିଶ୍ଚୟ ଫେରି ଆସିବ ପ୍ରତିଶ୍ରୁତି ଦେଇ ପାଣି କଳସୀ ନେଇ ମା ପାଖକୁ ଫେରିଥିଲା କହିଲୁ, ତା ପରେ କ'ଣ ହୋଇଥିବ?

କୁମ୍ଭୀର ଖାଇଯିବା ଭୟରେ ମଣିଷଟି ପ୍ରତାରଣା କରି ଆସି ନ ଥିବ । କିଂବା ପ୍ରତିଶ୍ରୁତି ରକ୍ଷା କରିଥିବା ଯୋଗୁ ଖୁସି ହୋଇ କୁମ୍ଭୀର ତାକୁ ଛାଡି ଦେଇଥିବ ।

ଠିକ୍ କହିଛୁ, କୁମ୍ଭୀର ତାକୁ ଛାଡି ଦେଇଥିଲା ।

ମୁଁ କିନ୍ତୁ ଫେରିଯିବାକୁ ଆସିନି ସାର୍ । ମୁଁ ପ୍ରତିଯୋଗୀତାରେ ଭାଗ ନେବି ।

ନିଶ୍ଚୟ ନେବୁ । ତାହା ପୁଣି ରାଜ୍ୟସ୍ତରୀୟ ପ୍ରତିଯୋଗୀତାରେ । ତୋ ସ୍ୱଚ୍ଛ ମନୋବୃତ୍ତି ଯୋଗୁ ମୋର ଦୃଢ ବିଶ୍ୱାସ ତୁ କୃତ କାର୍ଯ୍ୟ ହେବୁ । ସେଇୟା ହୋଇଥିଲା, ମତେ ପ୍ରଥମ ପୁରଷ୍କାର ମିଳଥିଲା ।

ତରୁଦିଦି -

ପିଟି ସାର୍ଙ୍କୁ ଡକାଇ ସେ ଦିନ ତାରୁ ଦିଦି, ମୋ ଉପଯୋଗୀ କଛି sports Annual Sports Day ରେ ରଖିବାକୁ କହିଲେ । Sports ନାଁ ଶୁଣି ମୋର ପିଳେହୀ ପାଣି, ଗାଁରେ ଥିବାବେଳେ ଖପର୍ କାତି ଖେଳବା ଛଡା ଅନ୍ୟ କଛି sout sports ଗେମ୍ ମୁଁ ଖେଳ ନ ଥିଲି । ସାର୍ଙ୍କୁ ନେହୁର୍ ହେଲି । ଉତ୍ତରରେ ସାର୍ କହିଲେ, "ମୋ ରୋଜଗାରକୁ ଘରେ ୬ ପ୍ରାଣୀ ଗୃହିଁ ବସିଛନ୍ତି । ହେଡ୍ ମିଷ୍ଟ୍ରସ୍ଙ୍କ ଆଜ୍ଞା ଅବଜ୍ଞା କରି ଚାକରୀ ହରାଇଲେ....

ନାଁ...ନାଁ...ସାର୍...ମୁଁ ତା କହୁନ, ହେଲେ ।

ତୁ ଜମା ଡରନା, ମୁଁ ତୋ ଉପଯୋଗୀ କଛି ରଖିବି । ଆମ ସ୍କୁଲର ନିୟମ ଅନୁସାରେ ଅଲ୍ ରାଉଣ୍ଡ ଗୋଲ୍ଡ ମେଡାଲ ପାଇବା ଛାତ୍ରୀଟିର ସବୁ ପ୍ରକାର ଇଭେଣ୍ଟରେ କୃତିତ୍ୱ ଅର୍ଜନ କରିଥିବା ଦରକାର ।

ଇଲେଭେନ୍ କ୍ଲାସ୍ ସେଣ୍ଟ ଅପ୍ ପରୀକ୍ଷା ଖୁବ୍ ଭଲ କରିଥିଲି । ମୋ ରେଜଲ୍ଟରେ ଘରେ ସମସ୍ତେ ଖୁସି । ଆଉ ସ୍କୁଲ ଯିବାର ନାହିଁ । ଦୁଇ ମାସ ଘରେ ବସି ପଢିବା କଥା । ମାର୍ଚ୍ଚରେ ପରୀକ୍ଷା, ନନା ମୋ ହାତରେ ଗୋଟିଏ ଆପ୍ଲିକେସନ୍ ଧରାଇ ଆମ ହେଡମିଷ୍ଟ୍ରସଙ୍କୁ ଦେବାକୁ କହିଲେ ।

ଉତ୍କଣ୍ଠାର ସହିତ ଦରଖାସ୍ତଟିକୁ ପାଞ୍ଚଥର ପଢିଲି । ତାର କାରଣ ହେଲା ବିଶ୍ୱାସ କରି ପାରୁ ନଥିଲି ଯେ ଏଇ ପର୍ଯ୍ୟାୟରେ ମଧ୍ୟ ସ୍କୁଲ୍ ଛାଡିବାକୁ ହେବ । ନନାଙ୍କର କଟକ ଟ୍ରାନସଫର ।

ଆଦେଶ ଅନୁଯାୟୀ ମୁଁ ଦରଖାସ୍ତଟି ଅଫିସରେ ନ ଦେଇ ସିଧା ତରୁ ଦିଦିଙ୍କ ହାତରେ ଦେଲି । ଦରଖାସ୍ତଟି ଉପରେ ଥରେ ଆଖି ବୁଲାଇ ଦେଇ ଚତ୍କାର କରି ଉଠିଲେ ହ୍ୱାଟ୍? କଛି

ସମୟ ପରେ ସ୍ଥିର ହୋଇ କହିଲେ - ତୁମ ଭାଇଙ୍କ ସଂଗେ ମୁଁ ଯା ବିଷୟରେ କଛି ଆଲୋଚନା କରିବାକୁ ଚାହେଁ ।

ତହିଁ ଆରଦିନ ନନାଙ୍କ ସଂଗେ ମୁଁ ତରୁ ଦିଦିଙ୍କ ଅଫିସ ପହଞ୍ଚିଲି ।

"ଆପଣ ଆମ ସ୍କୁଲର ରତ୍ନଟିକୁ କେମିତି ଅନ୍ୟ ହାତରେ ଦେବାକୁ ସ୍ଥିର କଲେ**?**"

ଅନ୍ୟ ହାତରେ**?** ବୁଝି ପାରିଲିନ ଆଜ୍ଞା ।

ଅର୍ଥାତ ଆମ ସମସ୍ତଙ୍କର ମିଳତ ପରିଶ୍ରମ ସବୁ ମାଟିରେ ମିଶିଯିବ**?** ରେଭେନ୍‌ସା କଲିଜିଏଟ୍ ସ୍କୁଲକୁ ସବୁ କ୍ରେଡିଟ୍ ମିଳବ ।

ସେ ଆପଣଙ୍କ ସ୍କୁଲରୁ ସେଣ୍ଟ ଅପ୍ ହୋଇଛି । ତେଣୁ ଭଲ ଖରାପ ଯାହା ହେଲେ ଆପଣଙ୍କ ସ୍କୁଲର । ରେଭେନ୍‌ସା କଲିଜିଏଟ୍ ସ୍କୁଲ କେବଳ ତା ପାଇଁ ପରୀକ୍ଷା ସେଣ୍ଟର ।

ଆଉ ଇଉ ସିଓର**?**

ଅଫ କୋର୍ସ ଆଇ ଆମ**,** କହି ନମସ୍କାର ଜଣାଇ ନନା ଅଫିସ୍ ଛାଡିଲେ ।

ମେ ୧୯୬୨ ବୋର୍ଡ ପରୀକ୍ଷା ରେଜଲ୍‌ଟ ବାହାରିଛି । ବାଲେଶ୍ୱର ଜିଲ୍ଲାର ସମସ୍ତ ଝିଅ ପରୀକ୍ଷାର୍ଥୀ ମାନଙ୍କ ମଧ୍ୟରେ ମୋ ସ୍ଥାନ ପ୍ରଥମ ତା ଛଡା ସ୍କୁଲ ତରଫରୁ ମଧ ଅଲ୍ ରାଉଣ୍ଡ ଗୋଲ୍‌ଡ ମେଡାଲ୍ ମିଳବ । ପରୀକ୍ଷା ପରେ ମୁଁ ବାପାଙ୍କ ପାଖେ ଗାଁ ରେ ଥିଲି । ପ୍ରଥମ ଶୁଭେଚ୍ଛା ଟେଲିଗ୍ରାମ ତରୁ ଦିଦିଙ୍କ ଠାରୁ । ପରେ ପରେ ପରୀକ୍ଷାରୁ ଉର୍ଦ୍ଧ୍ୱ । ଆନନ୍ଦରେ ଫାଟି ପଡି ବାପା ଗାଁ ସାରା ପିଟାଇ ଥିଲେ ।

ମୋ ମନରେ ଗୋଟିଏ କଥା ବାରଂବାର ଆସୁଥିଲା ବୃତ୍ତି ମିଳବ । ତେଣୁ କଲେଜରେ ଭର୍ତ୍ତୀ ନିଶ୍ଚିତ ।

କ୍ରମଶଃ**.....**

ବସନ୍ତ କୁଞ୍ଜ**,** ନୂଆ ଦିଲ୍ଲୀ

# ମାନମୟୀ ବର୍ଷା

ସସ୍ମିତା ମହାପାତ୍ର

ଏଇ ଦେଖନା ! ବରଷାକୁ ଡାକଥିଲି କେତେ ଆଦରରେ ।
ଆସିବାକୁ ଦେଇଥିଲ୍ କଥା ସେତ ପବନରେ ଶୁଷ୍କ ପତରରେ ।।
ହେଲେ ଏ ନିଦାଘ ଖର୍ ମନମାରି ଦିଏ ଯେତେ ଦରୁଣ ଯନ୍ତ୍ରଣା ।
ଯାଉନାହିଁ ଦେଖ ଆସି ମୋର ପାଖଛାଡି ଏଠୁ ଜମା ।।
କି କରିବି କୁହ ମିତ ତତେ ଲ୍‌ଗେ ମିଛ ମତେ ଲ୍‌ଗେ ସବୁ ସତ ।
କେତେ ଆଉ ପରଷିବି କୁହ ତତଲ୍ ଏ ନିଶ୍ୱାସ ଶତତ ।।
ମୌସୁମୀର ପଣତରୁ ଝାଡିଦେଇ ଅଳ୍ପ କେଇ ବୁନ୍ଦା ଜଳ ।
କହିଗଲ୍ ବର୍ଷା ଆସେ ଚୁପି ଚୁପି କାନେ ସେତ ଆଦରେ ମୋହର ।।
ମୁଁ ଚାତକୀ ରହିଅଛି ପକ୍ଷ ମେଲି ଆବୋରିବି ନିରନ୍ତରେ ତାରେ ।
ହେଲେ କାହିଁ ଗଲ୍ ବର୍ଷାରାଣୀ ମୋର ମନ ପକ୍ଷୀ ବସି ଝୁରେ ।।
ଆସ ବର୍ଷା ବରଜି ଦୁର ଗହନ ବନରାଜି ବର୍ଷିଯାଅ ବାରେ ।
ତୁମ ପ୍ରୀତି ବାରିଧାର୍ ଧୋଇନେଉ ଯେତେ ଗ୍ଲାନି ଭର୍ ଏ ଅନ୍ତରେ ।।
ନବକଳ ପଲ୍ଲବରେ ଭରିଉଠୁ ପୁଣି ଏଇ ମନବନ ଗହନ କାନନେ ।
ଆସିବେ ମୋ ବନମାଳୀ ଝୁଲିବାକୁ ଲତାତଳେ ଦିବସ ଯାପନେ ।।
ବିନ୍ଦୁ ବିନ୍ଦୁ ତବ ଝର୍ ଶ୍ରାବଣ ଧାର୍‌ରେ ହସୁଥିବେ ନବ ତରୁଲତା ।
ହସି ହସି ପରଷିବି ଶ୍ରୀପୟରେ ଯେତେ ସ୍ନେହ ହୋଇଛି ସାଇତା ।।
ଅମାପ ଆଦରେ ଭରି ତବ ଥାଳ ପ୍ରତିକ୍ଷଣେ ଦେଇ ଧନ୍ୟବାଦ ।
ଶିକ୍ତ ହେଉଥିବି ଭିଜି ତୁମ ପରସରେ ଶୁଣି ମନ୍ଦ ମୂରଲୀ ଶବଦ ।।

ପୁରୁଣା ଭୁବନେଶ୍ୱର

# ଛାମୁଁରେ ଛାମୁଁରେ



ଆର୍ତ୍ତତ୍ରାଣ ଖୁର୍ଦିଆ

ଆର୍ତ୍ତତ୍ରାଣ ବୋଲି
ମିନତି ମୁଁ କଲି
 ବୁଝିଲନ ଦୁଃଖ ବାରେ,
ବିପଦରେ ମୋର
ତୁମେ ଆପଣାର
 ଥିବ ସଦା ମୋ ସାଥିରେ.
ଛାମୁଁରେ.ଛାମୁଁରେ.ଛାମୁଁରେ.ଛାମୁଁରେ।
ଗରିବର ପ୍ରଭୁ
ତୁମେ ମହାବାହୁ
 ବିରାଜିଛ ତୁମେ ନୀଳକନ୍ଦରରେ,
ତୁମେ ପ୍ରାଣବନ୍ଧୁ
କରୁଣାର ସିନ୍ଧୁ
 ସାହାହେବ ଜଣାଉଛି ବିପଦରେ
ଦୀନବନ୍ଧୁ ବୋଲି
ଅଦିନେ ଡାକଲି [୨ଥର]
 ସୁଦିନ ନାହିଁ ମୋ ଭାଗ୍ୟରେ
ଛାମୁଁରେ.ଛାମୁଁରେ.ଛାମୁଁରେ.ଛାମୁଁରେ।

ପ୍ରାପ୍ତ ଯଉବନେ
ପକାଇନ ମନେ
        କ୍ଷମିବ ଅଧମ ପୂଜେ ତବଠାରେ
ଭୁଲି ସବୁଧର୍ମ
କରିଛି କୁକର୍ମ
        ଆଶ୍ରାଦେବ ପ୍ରଭୁ ପଦ ପଙ୍କଜରେ
ଭାବଗ୍ରାହୀ ବୋଲି
ଭାବରେ ଡାକଲି [୨ଥର]
        ଭାବିଲନ ହେଲେ ଥରେ
ଛାମୁଁରେ.ଛାମୁଁରେ.ଛାମୁଁରେ.ଛାମୁଁରେ।
କ ସ୍ୱର୍ଗ ପାତାଳ
ନାହିଁ ଥଳ କୂଳ
        ଅନାଦି ଅନନ୍ତ ରୂପେ ତିନପୁରେ
ତୁମେ କୃଷ୍ଣ ଶ୍ୟାମ
ତୁମେ ହିଁ ଶ୍ରୀରାମ
        ମୁକତି ମାଗୁଛି "ଆର୍ତ୍ତ" ଆରତରେ
ପର ବୋଲି କହି
ପର କରିବନ
        ନନ୍ଦା ନ ହେଉ ଅପରେ
ଛାମୁଁରେ.ଛାମୁଁରେ.ଛାମୁଁରେ.ଛାମୁଁରେ
ଛାମୁଁରେ.ଛାମୁଁରେ.ଛାମୁଁରେ.ଛାମୁଁରେ

ବୀରମହାରାଜପୁର

# ରଥ ଯାତ୍ରା



କୃଷ୍ଣ ଚନ୍ଦ୍ର ଡାକୁଆ

କଛି ଦିନ ହେଲ୍ ଅଣସର ଘରୁ
ଆସିଛୁ କାଳଆ
ଭ୍ଇ ଭଉଣୀଙ୍କୁ ସାଙ୍ଗେ ନେଇ,
ନବଯୌବନ ଦର୍ଶନ ଦେଇ
ଆଜି ବିଜେ ହେବୁ ବଡ଼ଦାଣ୍ଡେ
ନନ୍ଦୀ ଘୋଷେ ଯାଇ,
ତୋ ଲୀଳା ଖେଳା
ବଡ଼ ବିଚତ୍ର କାଳଆ
ବୁଝିବାକୁ ସହଜେ
ଲ୍ଗଇ କଷ୍ଟ,
ତୁ ତ ସମସ୍ତଙ୍କ
ଆଶାର ଆଲ୍େକ
ତୋ ବିନା କରୁଣାରେ
ସବୁ ହୁଏ ଅନର୍ଥ,
ଆଷାଢ ଶୁକ୍ଳ ଦ୍ୱିତୀୟା ତିଥିରେ
ଗହଳ ଚହଳ ପୁରି ବଡ଼ଦାଣ୍ଡ
କାଳଆ ତୋ ଦରଶନ ପାଇଁ,
ରତ୍ନବେଦୀରୁ ବାହାରି
ତୁ ଜନ୍ମ ବେଦୀକୁ ଯିବୁ
ମାଉସୀ ମା ସ୍ନେହ ଶ୍ରଦ୍ଧା

ହାତ ରନ୍ଧା ଖାଇବା ପାଇଁ,
ଜନ୍ମ ବେଦୀରେ ସାତ ଦିନ ରହି
ବାହୁଡିବୁ ତୁହି ରତ୍ନ ବେଦୀକୁ
ବାହୁଡା ଯାତ୍ରାରେ
ମନ ଉଲ୍ଲସିତ ହୋଇ,
ବରଷକ ସାଗ୍ର
ଲୋକାରନ୍ୟ ହୁଏ
ପୁରି ବଡ଼ଦାଣ୍ଡ
ଧନ୍ୟ ସେ ପବିତ୍ର ଭୂଇଁ
ଧନ୍ୟ ସେ ପବିତ୍ର ଭୂଇଁ !!

କରଚୁଲି(ବୁଗୁଡ଼ା) ଗଞ୍ଜାମ

**"ବେଦାନ୍ତୀର ସେପ୍ଟେମ୍ବର ସଂଖ୍ୟା ପାଇଁ ଲେଖା ପଠାଇବାର ଶେଷ ତାରିଖ ହେଉଛି ଅଗଷ୍ଟ ୧୫ ତାରିଖ ଆଉ ଲେଖା ପଠାଇବାର ଠିକଣା ହେଲା:vedantimagazine@gmail.com"**

ଇମେଲ୍ – vedantimagazine@gmail.com /
editor.vedantimagazine@gmail.com
ହ୍ୱାଟସଆପ୍ ନଂ-9594993733

# ଫେଙ୍ଗସୁଇ ସୌଭାଗ୍ୟ ନୁହେଁ, ଅନ୍ଧବିଶ୍ୱାସ ବୃଦ୍ଧି କରେ



ବାଲ୍ମୀକ ନାୟକ

"ଫେଙ୍ଗସୁଇ" **(Fengshui)** ଏକ ଚ୍ୱଇନା ଶବ୍ଦ। ଏହାର ଅର୍ଥ ହେଉଛି ପବନ, ପାଣି। ଚ୍ୱଇନାରେ ପ୍ରାୟ ୩୦୦୦ ବର୍ଷ ତଳୁ ଏହି କଳା ପ୍ରଚଳିତ। ସୁସ୍ୱାସ୍ଥ୍ୟ ପାଇଁ ନିର୍ମଳ ପବନ ଆବଶ୍ୟକତା ରହିଛି। ସେହିଭଳି ଆଲୁଅର ବି ସ୍ୱାସ୍ଥ୍ୟ ଉପରେ ପ୍ରଭାବ ପଡିଥାଏ। ମଣିଷ ବାସ କରିବା ପାଇଁ କେଉଁ ସ୍ଥାନରେ କିଭଳି ଗୃହ ତିଆରି କଲେ ପାଣି, ପବନ ଓ ଆଲୁଅ ଠିକ୍ ପରିମାଣରେ ମିଳିପାରିବ ଏବଂ ମଣିଷ ସୁସ୍ଥ ରହିପାରିବ, ସେହି ବିଜ୍ଞାନକୁ ଫେଙ୍ଗସୁଇ କଳା ସମର୍ଥନ କରୁଛି।

ପରବର୍ତ୍ତୀ କାଳରେ "ଫେଙ୍ଗସୁଇ" ପବନ ଓ ପାଣିରୁ ପରିବର୍ତ୍ତନ ହୋଇ ବିଭିନ୍ନ ବସ୍ତୁରେ କିପରି ପରିଣତ ହେଲା**?** ବସ୍ତୁ ଗୁଡିକର ସୁନ୍ଦର ସ୍ୱାସ୍ଥ୍ୟ ଓ ଭାଗ୍ୟ ସହିତ କିପରି ସମ୍ପର୍କ ତିଆରି ହେଲା**?** ବସ୍ତୁ ଗୁଡିକ ଘରେ ରଖିଲେ କିମ୍ବା ଶରୀରରେ ଧାରଣ କଲେ ସତରେ କୌଣସି ଚମତ୍କାର ହେଉଛି କି ନାହିଁ**?** କାହାରି ପାଖରେ ଉପରୋକ୍ତ ପ୍ରଶ୍ନ ଗୁଡିକର ସଠିକ୍ ବା ପ୍ରମାଣିକ ଉତ୍ତର ନାହିଁ।

ଚ୍ୱଇନାରେ "ଫେଙ୍ଗସୁଇ" ବସ୍ତୁଗୁଡିକର ଉତ୍ପାଦନ କୁଟୀର ଶିଳ୍ପ ଗୁଡିକରେ ହୋଇଥାଏ । କିଛି ବର୍ଷ ପୂର୍ବରୁ ମାତ୍ର କେତୋଟି ବସ୍ତୁ ବଜାରକୁ ଆସିଥିଲା। ଡ୍ରିଣ୍ଡିଗ୍ୱଇମ୍, ଲଫିଙ୍ଗ ବୁଦ୍ଧ, କ୍ରିଷ୍ଟଲବଲ୍ କୁ ତଥାକଥିତ ସୌଭାଗ୍ୟର ପ୍ରତୀକଭାବେ ଲୋକମାନେ କିଣି ନେଇ ଘରେ ରଖୁଥିଲେ। ଆଜିର ବଜାରରେ ଏକ ଶହରୁ ଉର୍ଦ୍ଧ୍ୱ ଫେଙ୍ଗସୁଇ ବସ୍ତୁ ଉପଲବ୍ଧ ଅଛି। ମଣିଷ ଜୀବନରେ ସମସ୍ତ ପ୍ରକାର ସମସ୍ୟାର ସମାଧାନ ପାଇଁ ଅଲଗା ଅଲଗା ଫେଙ୍ଗସୁଇ ବସ୍ତୁର

ଆବଶ୍ୟକତା ଦର୍ଶାଇ ଟି.ଭି. ଇଣ୍ଟେରନେଟ୍ ଓ ପତ୍ରପତ୍ରିକାମାନେ ଯେଉଁଭଳି ଧୂରନ୍ଧର ଭାବେ ପ୍ରଚାର କରୁଛନ୍ତି, ତାକୁ ଦେଖି ଶିକ୍ଷିତ ଓ ଧନୀ ଲୋକମାନେ ହିଁ ବେଶୀ ପ୍ରଭାବିତ ହେଉଛନ୍ତି । ଫେଙ୍ଗସୁଇ ବସ୍ତୁଗୁଡିକର ଚାହିଦା ବଢିଯାଇଥିବାରୁ ପ୍ରତି ସହରରେ ଫେଙ୍ଗସୁଇ ବୁଟୀକ ଖୋଲାଯାଇଛି । ତାହା ସହିତ ସପିଙ୍ଗ ମଲ୍, ଗିଫ୍ଟ ପାର୍ଲର, ଟୟ ଷ୍ଟୋର, ଜେନେରାଲ ଷ୍ଟୋର, ଷ୍ଟେସନାରୀ ସପ୍ ଏବଂ ଫୁଟପାଥ ଉପରେ ବି ଏହି ବସ୍ତୁଗୁଡିକ ବିକ୍ରି ହେଉଛି ।

ଇଞ୍ଜିନିୟର, ଡାକ୍ତର, ଶିକ୍ଷକ, ବ୍ୟବସାୟୀ, ସରକାରୀ ଅଫିସର, ମନ୍ତ୍ରୀ, ମଧ୍ୟମବର୍ଗ ଓ ଉଚ୍ଚବର୍ଗର ସମସ୍ତ ବ୍ୟକ୍ତି ନିଜର ତଥାକଥିତ ଭାଗ୍ୟରେ ପରିବର୍ତ୍ତନ ଆଣିବା ପାଇଁ ଏକମତ ହୋଇ ଫେଙ୍ଗସୁଇ ବସ୍ତୁକୁ ବ୍ୟବହାର କରିଥାନ୍ତି । ତଥାକଥିତ ବାସ୍ତୁଶାସ୍ତ୍ରୀମାନେ ବି ଘର କୁଶଳ ମଙ୍ଗଳ ଓ ସମୃଦ୍ଧି ପାଇଁ ବିଭିନ୍ନ ଫେଙ୍ଗସୁଇ ବସ୍ତୁ କିଣିବା ପାଇଁ ନିର୍ଦ୍ଦେଶ ଦେଇଥାନ୍ତି । ପ୍ରେମ ସମସ୍ୟା, ଚାକରି, କୋର୍ଟ କଚେରୀ ସମସ୍ୟା, ଅସାଧ୍ୟ ରୋଗର ସମସ୍ୟା, ଏପରିକି କଳାବଜାରୀ ଓ ଅନୈତିକ ବ୍ୟାପାରରେ ଧନ ଲାଭ ପାଇଁ ବି "ଫେଙ୍ଗସୁଇ" ବସ୍ତୁର ବହୁତ ଡିମାଣ୍ଡ ରହିଛି । କେବଳ ମୁମ୍ବାଇ ସହରରେ ପ୍ରତିବର୍ଷ ଏକଶହ କୋଟି ଟଙ୍କାର "ଫେଙ୍ଗସୁଇ" ବସ୍ତୁର କାରବାର ହୋଇଥାଏ । ପୁରା ଦେଶରେ ପ୍ରାୟ ଏକ ହଜାର କୋଟି ଟଙ୍କାର କାରବାର ହୋଇଥାଏ ।

ଫେଙ୍ଗସୁଇ ୱିଣ୍ଡଚାଇମ୍ ସବୁଠାରୁ ବେଶୀ ଲୋକପ୍ରିୟ । ଏହା ମଣିଷ ମନରୁ ନିରାଶା ଓ ବିଫଳତାକୁ ଦୂର କରେ ତଥାକଥିତ ଦୁର୍ଭାଗ୍ୟକୁ ସୌଭାଗ୍ୟରେ ପରିଣତ କରିପାରେ । ସେହିଭଳି ଲାଫିଙ୍ଗ ବୁଦ୍ଧା, ପରିବାରର ସୁଖସମୃଦ୍ଧିରେ ବୃଦ୍ଧି କରିଥାଏ । ଲାଫିଙ୍ଗବୁଦ୍ଧାକୁ ନିଜେ କିଣି ଘରେ ରଖିବା ଅପେକ୍ଷା  ଅନ୍ୟ କେହି ଉପହାର ଦେଲେ ବେଶୀ ପ୍ରଭାବ ପଡିଥାଏ । ସେଥିପାଇଁ ପ୍ରାୟ ଲୋକମାନେ ପରସ୍ପରକୁ ଲାଫିଙ୍ଗବୁଦ୍ଧା କିଣି ଉପହାର ଦେଇଥାନ୍ତି ।

ଲୁକଫୁକ ସାଉ ମୂର୍ତ୍ତି, କ୍ରିଷ୍ଟାଲବଲ, ମୁନଆ କ୍ରିଷ୍ଟଲ ଗ୍ଲୋବ, ଘଣ୍ଟିଯୁକ୍ତ ଭାଗ୍ୟଶାଳୀ ମୁଦ୍ରା, ଲଭକାର୍ଡ, ଏନର୍ଜିସାଲଟ, ୱାଟର ଫାଉଣ୍ଟେନ, ଫେଙ୍ଗସୁଇ ମିରର, ଏଜୁକେସନ୍ ଟାୱାର, ଡ୍ରେଗନ ମାସ୍କ, ରେଶମ ସୂତାରେ ବନ୍ଧା ହୋଇଥିବା ତିନୋଟି ମୁଦ୍ରା, ଧନପାତ୍ର, ମନି ଫ୍ରାଗ୍, ମେରୁ ଯନ୍ତ୍ର, ଲାଲ ଲଫାପା, ଡ୍ରେଗନ ଟର୍ଟଲ, ସ୍ଲିପିଙ୍ଗ ବଏ, ହେଲଥ୍ ଫ୍ରାଗ୍, ଲକୀ ବାଂବୁ, ହ୍ୱାଇଟ୍ ଷ୍ଟୋନ୍ ଆଦି ଅନେକବସ୍ତୁ ବିକ୍ରି ହେଉଛି ।

## ମିଥ୍ୟା ଆଶ୍ୱାସନା –

"ଫେଙ୍ଗସୁଇ" ବସ୍ତୁ ଗୁଡିକ କେଉଁ କେଉଁ ସମସ୍ୟାକୁ ସମାଧାନ କରିଥାଏ ଅଥବା ତଥାକଥିତ ସୌଭାଗ୍ୟ ଆଣିଦିଏ, ତାହାର ଏକ ଲମ୍ବା ତାଲିକା ବନେଇ ହେବ । ଏଠାରେ କିଛି ଉଦାହରଣ ଦିଆଯାଇପାରେ ।

"ମେରୁଯନ୍ତ୍ର ଗୋଟିଏ କଛପ ପିଠିରେ ପିରାମିଡ ଭଳି ଦେଖାଯାଉଥିବା ବସ୍ତୁ ହେଉଛି ତଥାକଥିତ ସୌଭାଗ୍ୟର ପ୍ରତୀକ । "ମନି ଫ୍ରାଗ୍" ତିନି ଗୋଡିଆ ବେଙ୍ଗକୁ ମୁଖ୍ୟ ଦ୍ୱାର ଆଡକୁ ମୁହଁ କରି ରଖିଲେ ସମୃଦ୍ଧି, ବେଙ୍ଗ ମୁହଁରେ ଧରିଥିବା ମୁଦ୍ରା ଘରେ ଧନ ପ୍ରବେଶର ପ୍ରତୀକ । ରେଶମ ସୂତାରେ ବନ୍ଧା ହୋଇଥିବା ତିନୋଟି ମୁଦ୍ରାକୁ ପକେଟରେ ବା ପର୍ସରେ ରଖିଲେ ଧନ ମିଳିବ, ସଫଳତା ମିଳିବ କୁହାଯାଉଥିବାରୁ ବିଶେଷ କରି ଯୁବାବର୍ଗମାନଙ୍କ ଭିତରେ ଏହା ଖୁବ୍ ପ୍ରଚଳିତ । ଦାମ୍ପତ୍ୟ ଜୀବନରେ ଘଟୁଥିବା ମନୋମାଳିନ୍ୟ ଓ ଅଶାନ୍ତିକୁ ଦୂର କରିବା ପାଇଁ କ୍ରିଷ୍ଟଲବଲ ଘରେ ରଖିବା ଉଚିତ । ଘର ଭିତରେ କୃତ୍ରିମ ୱାଟର ଫାଉଣ୍ଟେନ ରଖିଲେ ସ୍ୱାମୀ ଓ ସ୍ତ୍ରୀଙ୍କର ସେକ୍ସ ପାୱାର ବୃଦ୍ଧି ହୁଏ । "ଏନର୍ଜି ସାଲଟ" ନାମରେ ସାଧାରଣ ସମୁଦ୍ର ଲୁଣକୁ ମହଙ୍ଗା ଦାମରେ ବିକ୍ରି ହେଉଛି । କୁହନ୍ତି ଏହି ସାଲଟକୁ ପାଣିରେ ମିଶାଇ ଘରେ ଛିଟା ମାରିଲେ ଘର ଲୋକମାନଙ୍କ ବ୍ୟକ୍ତିତ୍ୱର ବିକାଶ ହେବ । ଏହା ଦ୍ୱାରା ପୁରୁଷ ଓ ସ୍ତ୍ରୀଙ୍କର ସେକ୍ସ ପାୱାର ବି ବୃଦ୍ଧି ହୋଇଥାଏ । ଯଦି ଅଧିକ ପାୱାର ଦରକାର ତେବେ ବାଉଲରେ ବା ଗିନାରେ ଲୁଣଭର୍ତ୍ତି କରି କୌଣସି କବାଟ କମ୍ବା ଝରକାର ବାମ ପଖରେ ଥୋଇ ଦିଅ । ପ୍ରେମ ପ୍ରସଙ୍ଗ ସଫଳତା ପ୍ରାପ୍ତି ପାଇଁ ଲଭବାର୍ଡ ଦୁଇଟି ଧଳା

ପାତ୍ରକୁ ଘର ଭିତରେ ରଖିଲେ ପ୍ରେମିକ ଓ ପ୍ରେମିକା ପରସ୍ପର ପ୍ରତି ଆକର୍ଷିତ ହୁଅନ୍ତି । ଯଦି ଶୀଘ୍ର ସଫଳତା ଚାହାନ୍ତି ତେବେ ମେଡେରିନ୍ ଧଳା ବତକ ଯୋଡିଏ ସାଙ୍ଗରେ ରଖନ୍ତୁ । ପ୍ରେମିକ ଓ ପ୍ରେମିକା କାଳ ବିଳମ୍ବ ନକରି ପାଖକୁ ଦୌଡି ଆସିବ । ଫ୍ରେଣ୍ଡସିପ୍ "ଷ୍ଟାଚ୍ୟୁ" ବନ୍ଧୁତ୍ୱ ପାଇବା ଢଙ୍ଗରେ ଠିଆ ହୋଇଥିବା ପୁଅ ବା ଝିଅଙ୍କ ମୂର୍ତ୍ତି, ରୋଜ କ୍ୱାର୍ଟଜ ପିରାମିଡକୁ ବି ପ୍ରେମକୁ ସ୍ଥାୟିତ୍ୱ ଦେବା ପାଇଁ ଘରେ ରଖାଯାଇପାରେ ।

ଉପରୋକ୍ତ ସମସ୍ତ ଉଦାହରଣକୁ ଯଦି ବୈଜ୍ଞାନିକ ଢଙ୍ଗରେ ବିଚାର ଓ ତର୍ଜମା କରାଯାଏ, ତେବେ ବୁଝିହେବ ଯେ କେବଳ କୁହାଶୁଣା କଥାକୁ ବିଶ୍ୱାସ କରି ଫେଙ୍ଗସୁଇ ନାମରେ ଗୁଡାଏ ବସ୍ତୁ ଘରେ ଆଣି ରଖିଲେ ଆମର ସମସ୍ତ ଦୁଃଖ ଦୂର ହୋଇଯିବ ବୋଲି ଭାବିବା ଭୁଲ୍ ମନକୁ ଶାନ୍ତ କରିବା ପାଇଁ ଏକ ମିଥ୍ୟା ଆଶ୍ୱାସନା କୁହାଯାଇ ପାରିବ ।

ବେଙ୍ଗାଲୁରୁର ଜଣେ ଇଞ୍ଜିନୟର ପରିଚତ ଯୁବକ ଗୋଟିଏ ସପିଙ୍ଗ ମଲରୁ ଏହିଭଳି କଛି ଜିନଷ କଣି ନେବାକୁ ଖୋଜୁଥିବା ବେଳେ ମୁଁ ତାଙ୍କୁ ପ୍ରଶ୍ନକରିଥିଲି – ସତରେ କଣ ଏହି ବସ୍ତୁଗୁଡିକର କଛି ପ୍ରଭାବ ପଡିଥାଏ**?** ସେ ହସିଦେଇ କହିଲେ – ଚାରି ପାଞ୍ଚ ଶହ ଟଙ୍କାରେ ପ୍ରେମ ପ୍ରସଙ୍ଗରେ ସଫଳତା ପାଇଁ ଫେଙ୍ଗସୁଇ ବସ୍ତୁଗୁଡିକ ବଜାରରେ ମିଳୁଛି ତ ପରୀକ୍ଷା କରିବା ପାଇଁ କଣିନେଲେ କ୍ଷତି କଣ**?** ଯଦି ତାହା ନହେଲା ତେବେ ଘରେ "ଶୋ ପିସ୍" ହୋଇ ରହିଯିବ ।

ବେଙ୍ଗାଲୁରୁର ଜଣେ ବୁଦ୍ଧିଜୀବୀ ହେତୁବାଦୀ କହିଲେ – ଫେଙ୍ଗସୁଇ ନାମରେ ଭାରତରେ ଯେତେ ପ୍ରକାର ବସ୍ତୁ ବିକ୍ରି ହେଉଛି, ସେ ସବୁ ଚାଇନାର ହସ୍ତଶିଳ୍ପ ବା କୁଟୀର ଶିଳ୍ପରୁ ଉତ୍ପାଦନ ହେଉଛି । ଏହିସବୁ ବସ୍ତୁଗୁଡିକୁ ସେମାନେ କୌଣସି ଧର୍ମୀୟ ଭାବନା ରଖି ତିଆରି କରି ନଥାନ୍ତି । ଅନ୍ୟ ଦେଶର ଅହେତୁକ ବିଶ୍ୱାସକୁ ପୁଞ୍ଜିକରି, ଲାଭଦାୟକ ବ୍ୟବସାୟକୁ ଦୃଷ୍ଟିରେ ରଖି ତିଆରି କରନ୍ତି । ଆମ ଦେଶର ଲୋକମାନେ ପ୍ରାଚୀନ କାଳରୁ ଚମତ୍କାର ଦ୍ୱାରା ବେଶ୍ ପ୍ରଭାବିତ ହୋଇଥାନ୍ତି । ଚମତ୍କାର ପଛରେ ଥିବା ବୈଜ୍ଞାନିକ କାରଣ ଖୋଜିବାକୁ କେହି ଧ୍ୟାନ ଦେଇନଥାନ୍ତି ।

ଫେଙ୍ଗସୁଇର ବସ୍ତୁ ଉପରେ ବିଶ୍ୱାସ ବଢିବାରେ ଏକ ମୁଖ୍ୟ କାରଣ ହେଉଛି – ଆମର ଜ୍ୟୋତିଷ ଶାସ୍ତ୍ରୀ, ବାବା ଓ ଆଧ୍ୟାତ୍ମିକ ଗୁରୁମାନେ ରାହୁ, କେତୁ, ଶନି ଆଦି ଦୁଷ୍ଟଗ୍ରହଙ୍କ ପ୍ରଭାବରୁ ରକ୍ଷା ପାଇବା ପାଇଁ ଅନେକ ପ୍ରକାର ପୂଜା, ପାଠ, ଯଜ୍ଞ, ବ୍ରତ ଉପବାସ ଆଦି ଭିଆଇ ଆର୍ଥିକ, ଶାରିରୀକ ଓ ମାନସିକ ଶୋଷଣ କରୁଛନ୍ତି । ଏମାନଙ୍କର କର୍ମକାଣ୍ଡ ଦ୍ୱାରା କୌଣସି ବିଶେଷ ଫାଇଦା ମିଳୁନଥିବା ଯୋଗୁଁ ଫେଙ୍ଗସୁଇ ବସ୍ତୁ କିଣି ଘରେ ରଖିବା ଏକ ଶସ୍ତା ଓ ସୁବିଧା ବୋଲି ସମସ୍ତେ ଭାବୁଛନ୍ତି ।

ଫେଙ୍ଗସୁଇ ବସ୍ତୁଦ୍ୱାରା ଅହେତୁକ ବିଶ୍ୱାସୀ ଲୋକମାନଙ୍କର କିଛି ଫାଇଦା ହେଉ ବା ନହେଉ, ଚାଇନା ଦେଶକୁ ଯଥେଷ୍ଟ ବିଦେଶୀ ମୁଦ୍ରା ପ୍ରାପ୍ତ ହେଉଛି । ଭାରତୀୟ ବ୍ୟବସାୟୀମାନଙ୍କର ତଥାକଥିତ ଭାଗ୍ୟ ନିଶ୍ଚୟ ବଦଳି ଯାଉଛି । ଗ୍ରାହକର ବସ୍ତୁଗୁଡିକ ପ୍ରତି ଥିବା ଟଙ୍କାରେ ବି ବିକ୍ରୀ କରିପାରୁଛି । କେବଳ ଫେଙ୍ଗସୁଇ ବସ୍ତୁ ଘରେ ରଖିଲେ ଯଦି ସମସ୍ତଙ୍କର ଧନଓ ସମ୍ମାନ ବୃଦ୍ଧି ପାଇଥାନ୍ତା, ତେବେ ପାଠ ପଢିବା, ପରିଶ୍ରମ କରିବା ଆବଶ୍ୟକ ପଡୁନଥାନ୍ତା । କାହାରି କୌଣସି ଦୁଃଖ ବା ସମସ୍ୟା ନଥାନ୍ତା । ତର୍କ ନକରି କେବଳଶୁଣା କଥାକୁ ବିଶ୍ୱାସ କରୁଥିବା ଲୋକମାନଙ୍କୁ କେଉଁ ଶ୍ରେଣୀରେ ଗଣନା କରାଯିବ**?** ଅହେତୁକ ବିଶ୍ୱାସୀ ଶ୍ରେଣୀରେ ନୁହେଁ କି**?**

କେ.ଆର. ପୂରମ, ବାଙ୍ଗାଲୋର

# ସେହି ମୋ କାଳିଆ ଠାକୁର



ରୁକ୍ମଣୀ ସାହୁ

ବିଶ୍ୱ ଇତିହାସ ଗାଉଅଛି ଯାର
 ରଥ ଯାତ୍ରା ମହିମା କୁ
କ ରୂପେ ବର୍ଣ୍ଣିବି ତାଙ୍କରି ମହିମା
 ଦାରୁବ୍ରହ୍ମ ଦେବତାଙ୍କୁ
ପତିତ ପାବନ ବାନା ଉଡ଼ାଉଛି
 ଧରି ନାମେ ମହାବାହୁ
ଉଡୁଅଛି ବାନା ଉଡୁଥିବ ବନା
 ଉଡୁଥିବ ଯୁଗେ ଯୁଗେ
ସସାଗର୍ ଧର୍ ବନ୍ଧୁ ପରମ୍ପର୍
 ଶିକ୍ଷା ଦୀକ୍ଷା ଅନୁରାଗେ
ମହାପ୍ରଭୁଙ୍କର ରଥଯାତ୍ରା ପର୍ବ
 ହେବ ନାହିଁ କେବେ ଲୟ

ମାନବ ପ୍ରୀତିର ସର୍ବ ମୂଳାଧାର
 ଶ୍ରୀ ଜଗନ୍ନାଥ ସଂସ୍କୃତି
ଜାତି ଓ ଧର୍ମର ପ୍ରେମ ପର୍ବାର
 ଧନ୍ୟ ସେ ଅଭେଧ ପ୍ରୀତି
ବସୁଧାବାସୀଙ୍କ ପରମ୍ପର୍ ପର୍ବ

ରହି ଅଛି ରହି ଥିବ
ମହାପ୍ରଭୁଙ୍କର ପ୍ରୀତି ଉପହାର
ରଥଯାତ୍ରା ମହୋତ୍ସବ
ଦେଖି ବିଶ୍ୱବାସୀ ଭକତି ଢାଳନ୍ତି
ଆନନ୍ଦେ ଯାନ୍ତି ନାଚ
ସେ ଆନନ୍ଦେ ସ୍ରୋତେ ବସି ଦିବ୍ୟ ରଥେ
ଦେଖି ମନୋରମ ଦୃଶ୍ୟ
ଦର୍ଶନ ଦିଅନ୍ତି କାଳିଆ ଠାକୁର
ଭକ୍ତ ଲଭେ ଆଶିଷ
କୃପାର ବାରି ଢାଳ ଦେଇ ଥାନ୍ତି
ଜଗତ କୁ କରି ଉଦ୍ଧାର
ସିଏ ମୋ କାଳିଆ ଠାକୁର
ସିଏ ମୋ କାଳିଆ ଠାକୁର

ଶିକ୍ଷୟିତ୍ରୀ, ଉଦଳା, କପ୍ତିପଦା, ମୟୂରଭଞ୍ଜ

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଏଇତ ଜୀବନ



ସୁମିତ୍ରା ପୃଷ୍ଟି

ଜୀବନର ଚଲାପଥେ ପଥିକଟେ ମୁହିଁ
ଜାଣିନ ପଥ ମୋର ରହିଛି କେତେଦୂର
ଗ୍ଲୁଛି ମୁଁ ଏକା ଏକା ।
ସାମ୍ନାରେ ପଡିଛି ମୋର ଅସରନ୍ତି ରାସ୍ତା
ଗ୍ଲିବାକୁ ହେବ ପୁଣି ମୋତେ ଏକା ଏକା ।
ଇଏତ ମୋର ଅଙ୍ଗେଲିଭା କଥା
ଜୀବନର ପଥ ବହୁ ଅଙ୍କାବଙ୍କା
କେତେ ଖାଲଢିପ ପୁଣି କେତେ କଣ୍ଟାଝଟା ।
ପାଦେପାଦେ ଏଠି ଅନେକ ତାଡନା
ବହୁ କ୍ଲାନ୍ତି ଅବା ବହୁ ଅକୁହା ବେଦନା ।
କାହାର ଲିଭିଯାଏ ପାଦଚହ୍ନ ଏଠି
କଏ ପୁଣି ଏଠି ପଥ ଯାଏ ଭୂଲି ।
ତଥାପି ଗ୍ଲିବି ମୁଁ ଏକା ଏକା
ହେଉ ପଛକେ ଯେତେ ଯନ୍ତ୍ରଣା ।
ରକ୍ତଝରୁ ପଛେ ପାଦେବାଜି କଣ୍ଟା
କ୍ଷତଚହ୍ନ ରହୁ ପଛେ ଜୀବନଟା ସାରା ।
ତଥାପି ଗ୍ଲିବି ମୁଁ ପଡିଉଠି ଆଦିରୁ ଅନନ୍ତ

ହୋଇ ଏକା ଏକା ।

ବାଟଛାଡି ଅବାଟରେ ଯିବିନ ମୁଁ କେବେ

ସାଜିବିନ କେବେ ମୁଁ ପଳାୟନପନ୍ଥୀ

ଏ ଦୁନଆ ଆଗରେ ।

କାରଣ ଇଏତ ମୋ ଜୀବନ ଜୀବିକା

ଗ୍ଭଲିବି ମୁଁ ହୋଇ ଏକା ଏକା ।

ପ୍ରାକଗବେଷିକା, ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ

"ବେଦାନ୍ତୀ" ରେ ନଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାର୍ା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଅଗଷ୍ଟ ୧୫



ସୁଧାଂଶୁ ଶେଖର ଦ୍ୱିବେଦୀ

ଅଗଷ୍ଟ ୧୫ । ଘୁରିଆସେ କବି ଗୁରୁଙ୍କ "ଜନ-ଗଣ-ମନ" ଗୀତରେ ସୁଲଳିତ ସ୍ୱର ଶୁଭୁଥାଏ । ସ୍କୁଲ, କଲେଜ, ଅଫିସ, ଅସେମ୍ବଲୀ ସବୁଠି ତ୍ରିରଙ୍ଗା ପତାକା ଫର-ଫର ହୋଇ ଉଡୁଥାଏ । ସ୍କୁଲ ପିଲାମାନେ ଗାଁ – ବଜାର ବୁଲି ଜୟ-ଜୟକାର ଧ୍ୱନିରେ କଂପେଇ ଦେଉଥାନ୍ତି ।

ବୃଦ୍ଧ ଆଦିକନ୍ଦ ଦାସ ଖଟିଆରେ ପଡିରହି ସବୁ ଶୁଣିପାରୁଛନ୍ତି । ସବୁ ଜାଣି ପାରୁଛନ୍ତି । ସବୁ ଅନୁଭବ କରି ପାରୁଛନ୍ତି । ହେଲେ ନିରୁପାୟ**....** । ୫ ମାସ ହେଲା ଶଯ୍ୟାଶାୟୀ । ପ୍ରତିବର୍ଷ ଗାଁ ବିଦ୍ୟାଳୟରେ ପତାକା ଉତ୍ତୋଳନ ପାଇଁ ସେ ନିମନ୍ତ୍ରିତ ହୋଇ ଯାଆନ୍ତି । କିନ୍ତୁ ଏବର୍ଷ ଯାଇ ପାରିଲେନାହିଁ । ବୟୋଜ୍ୟେଷ୍ଠ ସ୍ୱାଧୀନତା ସଂଗ୍ରାମୀଭାବେ ଗାଁ ର ସଭିଏଁ ତାଙ୍କୁ ମାନ୍ୟତା ଦିଅନ୍ତି । ତାଙ୍କ ମୁହଁରୁ ଦେଶ ସ୍ୱାଧୀନତାର କାହାଣୀ ଶୁଣିଲେ ଲୋମମୂଳ ଟାଙ୍କୁରି ଉଠେ । ନିଜ ଜୀବନକୁ ଜଳାଞ୍ଜଳି ଦେଇ, ଦେଶର ଅଗଣିତ ଲୋକଙ୍କୁ ସ୍ନେହ ରଜ୍ଜୁରେ ବାନ୍ଧିବା ପାଇଁ ଦେଶ ସ୍ୱତନ୍ତ୍ର ନିମନ୍ତେ ସେ ବି ଦିନେ ଇଂରେଜ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ଲାଠି ପାହାର, ବୋଟ୍ ଗୋଇଠା ଓ ଜେଲ୍ ଦଣ୍ଡ ଭୋଗିଛନ୍ତି ।

କିନ୍ତୁ କଣ ହେଲା ସେ ସ୍ୱାଧୀନତାର ମହତ୍ତ୍ୱ**?**

କଣ ପାଇଲେ ଦେଶକୁ ସ୍ୱାଧୀନ କରି**?**

ଆଜି ଘରେ ଘରେ ବାଦ-ବିସମ୍ବାଦ। ଭାଇ-ଭାଇ ମଧ୍ୟରେ ଭେଦ-ଭାବ। ତଥାପି ତାଙ୍କର ମନେପଡେ ଦୀର୍ଘଦିନର ଇତିହାସ। ସେବେ ଲୋକମାନଙ୍କଠାରେ ଭାବଥିଲା, ଭାବର ଆଦାନ-ପ୍ରଦାନ ଥିଲା। କିନ୍ତୁ ଏବେ ଅଭାବ, ଶାନ୍ତି, ମୈତ୍ରୀର ମରୁଡି ଭିତରେ ସମସ୍ତେ ଜଣେଜଣେ ସ୍ୱାଧୀନ ମଣିଷ। ଏଇ ସ୍ୱାଧୀନ ମଣିଷମାନେ ଅନ୍ୟାୟ, ଅତ୍ୟାଚାର, ନାରୀ ଧର୍ଷଣ, ଲୁଟ-ମାର ପ୍ରତି ମୁହୂର୍ତ୍ତରେ କରନ୍ତି। ଦେଶକୁ ସ୍ୱାଧୀନ କରିବାପାଇଁ ଗାନ୍ଧୀ, ଗୋପବନ୍ଧୁ ପ୍ରାଣମୂର୍ଚ୍ଛା ସଂଗ୍ରାମ କରିଥିଲେ। ହେଲେ ଏବେ....? କେତେଜଣ ମୁଷ୍ଟିମେୟ ଦେଶକୁ ଅନ୍ୟ ଦେଶ ନିକଟରେ ବିକ୍ରି କରିଦେବାକୁ ଯୋଜନା ପ୍ରସ୍ତୁତ କରନ୍ତି।

ଅତୀତର କଥା ଭାବୁ ଭାବୁ ବୃଦ୍ଧ ଆଦିକନ୍ଦ ଦାସ ବିଭୋର ହୋଇ ପଡିଥିଲେ କିଛିକ୍ଷଣ। ହଠାତ୍ ଦଳେ ସ୍କୁଲ ପିଲାଙ୍କ ଜୟ ଧ୍ୱନି ଶୁଣି ପ୍ରକୃତିସ୍ଥ ହେଲେ, ପିଲାମାନେ ପାଖକୁ ଆସି ଜଣଜଣ କରି ତାଙ୍କ ପାଦ ସ୍ପର୍ଶ କଲେ। ତାଙ୍କୁ ଜଣାଯାଉଥାଏ ସେ ଯେପରି ସଂପୂର୍ଣ୍ଣ ସୁସ୍ଥ। ବିଦ୍ୟାଳୟର ଅଶୋକସ୍ତମ୍ଭରେ ବନ୍ଧା ହୋଇଥିବା ତ୍ରିରଙ୍ଗା ପତାକାକୁ ଉତ୍ତୋଳନ କରୁଛନ୍ତି ଓ ଅଗଷ୍ଟ ୧୫ କାହାଣୀ ଶୁଣାଉଛନ୍ତି ତାଙ୍କ ପାଖରେ ଠିଆ ହୋଇଥିବା ସଭିଙ୍କୁ..... ।

ଯୋଗ ଫର ଲାଇଫ, ସେକ୍ଟର-୧,
ସଲ୍ଟ ଲେକ୍, କୋଲକତା

# କାହିଁକି କେଜାଣେ...



ସତ୍ୟବ୍ରତ ସାହୁ

ବେଳେବେଳେ ତମ କଥା ଭାରି ମନେପଡେ
କାହିଁକି କେଜାଣେ..କାହିଁକି କେଜାଣେ...(୦)

ଅଳ ଯେବେ କଳ କାନେ ଗୁଣୁ ଗୁଣୁ ଗାଏ
ମୋ' ମନରେ ତମ ପାଇଁ କଛି କଛି ହୁଏ
ତମର ସେ ଟଣା ଆଖି ବଦନ ପୂର୍ଣ୍ଣିମା ଶଶୀ ନାଚେ ଆଖି କୋଣେ...
କାହିଁକି କେଜାଣେ...(୧)

ବର୍ଷା ଯେବେ ଧରଣୀକୁ ଦିଏ ପ୍ରୀତି ଛୁଆଁ
ମନେପଡେ ତମର ସେ ଲାଜ ହସ ଛାଆଁ
ତମର ଆପଣାପଣ ମିଠା ମିଠା ଅଭିମାନ ହୃଦୟକୁ ଟାଣେ...
କାହିଁକି କେଜାଣେ...(୨)

ବେଳେବେଳେ ତମକଥା ଭାରି ମନେପଡେ
କାହିଁକି କେଜାଣେ..କାହିଁକି କେଜାଣେ...(୦)

ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର

# ଜୀବନ୍



ପ୍ରସନ୍ନ ପ୍ରୟାସ ଭୁଏ (ପ୍ରୟାସ)

ଢୁଡା ନଲିଆ ପଖନ୍ ବାଟ୍
ପରବତ୍ ଟାକର୍ ବୋଝ୍ ମୁଁଡ଼େ,
ପାହା ପକାଲେ ବୁଡୁଛେ ହଦେ
ଗଡୁଛେ ଦୁବଲ୍ କଁଟା  ଗୁଡ଼େ ।

ଜେନ୍ ଡାହିକେ ଧରୁଛେଁ ହାତେ
ରଟ୍ କନା ଯାଉଛେ ଛିଡ଼ି,
ସୁଖର୍ ଛାଏଁ ଜୀବନେ ନାଇଁ
ଦୁଖ୍ ତ ଧରିଛେ ଭିଡ଼ି ।

ଲାଗର୍ ଲେସର୍ ଦେଲେ ଛାଡ଼ି
ପୁଓ ବହ କଲେ ପର୍,
କୁଁର୍ରେଇ ଉଠୁଛେ ଦେହେଟା ସାର୍
ଲାଗୁଅଛେ ଚନ୍ତା ଜର  ।

କେନକେ ଜିମି କେନେ ରହେମି
ବିସ୍ ମହର୍ ଲାଗେ ଘର୍,
ସୁଖର୍ ସଂସାର୍ ଉଜୁରି ଗଲା
ଭାବ୍ ପିରତୀ ହେଲା ପଥର୍ ।

ଭାଂଗି ଯାଇଛେଁ ଅନ୍ତର୍ ଭିତରୁ
କୁର୍କୁଗ୍ଣ ହେଲା ମନ୍,
ଦମ୍ ଧରି ଆରୁ ରହି ନ ହଏ
ହାରି ଦେଲି ଜୀବନ୍ ।

ପ୍ରଧାନପାଲି, ସମ୍ବଲପୁର

# ମତଲବି ୱଏତ୍



ପ୍ରବୀଣ୍ ରମେଶ୍

ଝି ବିଦାନେ କେତେ କନ୍ଦନା କାନ୍ଦସି
ଆଖିର୍ ଧାର୍ ବି ନେଇ ଥେବସି
ଭେ ଦା ସଭକେ ତୋ ସୋର୍ କରସି
ମାଁର୍ ଆଖିର୍ ଲହ ମରି ଜାଏସି ।

ଶାଶ୍ ଘର୍ ଜାଏସି ମନେ ଭାବୁଥିସି
ମୋର୍ ମାଁକେ ଛନେ ଦେଖସିଁ
ନଜର୍ ଇଚ୍ଛାନେ ଦେଖିନେଇ ପାରସି
ଜାହାର୍ ନୁ ଜନମ୍ ହେଇଥିସି ।

ତାର୍ ମୁହୁଁର୍ ହସି ହଜି ଜେଇଥିସି
ଭୋକ୍ ଶୋଷ୍ ଭୁଲି ଜାଏସି
କେତେ କଥା ତାର୍ ମନେନେ ଥିସି
ମନ୍ ଭିତରେ ହିଁ ରହି ଜାଏସି ।

କଏଜନେ ଉଡି ଉଡି କରି ଆଏସି
ନ କହିକରି କେତେ କହିଦେସି
ଭାବସି କେନ୍ତା ମନର୍ କଥା ଜାନସି
ଉଠସି ତୋ କହେ ନାଇ ଦେଖସି।

ଛନେକର୍ ଦେଖାଥି ଏନ୍ତା ଲାଗସି
ସପନ୍ ଟେ ତୋ ଥିଲା ଜାନଥିସି
କାଏଁଯେ ମନ୍ ଭିନେଭିନେ ରଖିଥିସି
ଆର୍ ଫିର୍ କାଏଁକରି ଖୋଜିହେସି।

ଗଣ୍ଡାବାହାଲି, ନୂଆପଡ଼ା

# ଏଇଠୁ ଆରମ୍ଭ



ମୈତ୍ରେୟୀ କମିଳା

କାଲି ଠୁ କଛି ଖାଇନ ପୁରୁ। ଝଡି ବର୍ଷା ଲ୍‌ଗି ରହିଛି ୨ ଦିନ ହେଲ୍‌ କମିବାର ନା ଧରୁନ। ବାଡ଼ିପଟେ କଇଁଆ ଗଛ କାଲି ସଂଜରେ ଗଡି ପଡିଲ୍‌। ମା ଗୋରୁକୁ ନଡ଼ା ଦେବା ବେଳେ କମର ଟା ଏମିତି ଧରିଛି ଯେ କାଲି ଠୁ ହଲି ପାରୁନାହାନ୍ତି । ସକାଳୁ ଉଠିଲ୍‌ବେଳକୁ ବା କଇଁଆ ଗଛଟିକୁ କାଟି size କରୁଛନ୍ତି। ଗାଁ ମୁଣ୍ଡ ସ୍କୁଲରେ କଣ ଗହଳ ଲ୍‌ଗିଛି। ଘେରେ ବୁଲିଆସିବାକୁ ବାହାରିଲ୍‌ । ଓଃ ଭେ୍କ। ମୁଢି ଟିଣ ରେ ଖାଲି ସେନତେର୍‌ ମୁଢି ପଡିଛି। ତା ଆଖି୍‌ ସାମ୍ନାରେ ଦୁଆର ବନ୍ଧ ଉପେରକୁ ମେଡେଲ ଟା ଝୁଲୁଛି - ଟିକେ ହାତ ଲଗେଇ ଦେଇ ଭ୍‌ବିଲ୍‌ କୁଆ ଡେ ଗଲ୍‌ ସେ ଦିନ ସବୁ। ଆଉ ଥରେ ଫେରିଆସିବ କ। ସାଙ୍ଗ ରେ୍ହିତ ସାନ୍ତନୁ ଶ୍ୟାମା ଲଲିତ କୋଉଠି ଯାଇ ପହଂଚଲେଣି। ମୁ ଭ୍‌ଗ୍ୟକୁ ଆଦରି ପଡି ରହିଛି। ଦିନେ ନଖଟିଲେ ଖାଇବାକୁ ନାହିଁ। ସେଦିନ ର ଦୃଶ୍ୟ ଜଳ ଜଳ ହୋଇ ଆଖି୍‌ରେ ନାଚୁଛି। ଫୁଟବଲ ଖେଳ ରେ ହାରିବାଟା ନଷ୍ଚିତ ଥି୍‌ଲ୍‌। ରେ୍ହିତ ର ଦୃଢ଼ ମନୋବଳ ଆମକୁ ଜିତେଇ ଥି୍‌ଲ୍‌। ତାଳ ଉପରେ ତାଳ । କାନକୁ ଆଜି ଭି ଶୁଭୁଥି୍‌ଲ୍‌। ତୁମ ପାଖରେ ପରିବାର ର ବନ୍ଧନ କହିଲେ କଛି ନଥି୍‌ଲ୍‌। ମୋ ବାପା ମା ଏକୁଟିଆ, ନାନୀ ଶାଶୂଘରେ ତା ସଂସାର କୁ ନେଇ। ଛି ୟାକୁ କୁହନ୍ତି ପୋଡା କପାଳ। ଗାମୁଛାଟା ଟାଣି ନେଇ ଟିକେ ସ୍କୁଲ ଘର ଆଡ଼େ ଗ୍‌ଲିଲ୍‌ ପୁରୁଆ ଓରଫ ପୁରୁଷୋତ୍ତମ। ଆ ରେ ଏ କଣ ରେ୍ହିତ ଶାନ୍ତନୁ ଲଳତ ଶ୍ୟାମା ସବୁ ଦିଶୁଛନ୍ତି। ନା ନା ମନର ଭ୍ରମ, କଣ ହେଲ୍‌ଣି ଯେ କାଲିଠାରୁ ସେଇମାନଙ୍କ କଥା ଭ୍‌ବି ଭ୍‌ବି ସେମାନଙ୍କୁ ଦେଖି୍‌ବା ଆରମ୍ଭ କରି ଦେଇଛି। ସତେତ ମୁଁ ସତରେ ସେମାନଙ୍କୁ ହିଁ ଦେଖୁଛି । ଶ୍ୟାମା ର ଫୁରଫୁରିଆ ଚୁଳ ନାଲି shirt ରେ ରେ୍ହିତ । ସେଇ ଭଳ ହସ ହସ ମୁହଁ ଶାନ୍ତନୁ ର । ଆଉ ଲଳତ ପୁର୍‌ ହିରେ୍ ମାର୍କରେ, ଆଉ ସମ୍ଭାଳ ପାରିଲ୍‌ନ ନଜକୁ।

ବଡ଼ ବଡ଼ ପାଦ ପକେଇ ଗ୍ଲଲିଲ୍ ଆଉ ପାଟି କରିବା ଆରମ୍ଭ କଲ୍ ରୋହିତ ଶ୍ୟାମା ହସି ହସି ସ୍ୱାଗତ କଲେ ପୁରୁଆ କୁ ସମସ୍ତେ। କଏ ଜାବୋଡି ପକେଇଲାଣି ତୋ କଏ ପୁରୁଣା କଥା ସବୁ ଖୋଲି ଦେଲାଣି, ତୁମେ ସବୁ ଏକା ସହ ଏଠି କେମିତି। ଦୁଇଦିନ ଛୁଟି ଥି ଭାବିଲୁ ଗାଁ କୁ ଗଲେ ଭଲ ହେବ। ପ୍ରୋଗ୍ରାମ ଠିକ ହେଲା ଆଜି ଦିପହରେ ଭାତ ଡାଲମା ରନ୍ଧା ହେବ ଆଉ ଗାଁ ସାରା ଲୋକ ଙ୍କୁ ଖାଇବାକୁ ଦିଆଯିବ। ପୁରୁ ସବୁ ବୁଝାବୁଝି କରିବ। ଗାଁ ଲୋକଙ୍କୁ ଏକଜୁଟ କରାଗଲା, ଲୋକ ସବୁ ଛୁଆପିଲା ନେଇଆସିଲେ ଖାଇ ପିଇ ଖୁସିରେ ଗଲେ। ସମସ୍ତେ ଯିବା ପରେ ଗ୍ବରି ସାଙ୍ଗ ଏକାଠି ବସି କଥା ହେଲେ। ରୋହିତ କହିଲା ଫୁଟବଲ **coach** ପାଇଁ ବିଜ୍ଞାପନ ଦେଖି କଥା ବାର୍ତା କରୁଥିଲି ପୁରୁ ପାଇଁ ଗୋଟେ ସ୍ପୋର୍ଟସ **club** ସହ । ସେ ସବୁ ବେଳେ ତା ଦୁଃଖ କହୁଥାଏ। ମୋ ଝିଅ ସ୍କୁଲ ରେ ମଧ୍ୟ ଫୁଟବଲ **coach** ଦରକାର ॥

ପ୍ରଥମେ କଛି ପଇସା ଲାଗିବ, ବାପାଙ୍କୁ କହି ଜମି ଖଣ୍ଡେ ବିକବ ବୋଲି କହିଲା ପୁରୁ। ସାଙ୍ଗରେ ବାପା ମା ମଧ୍ୟ ଯିବେ। ଘର ଖଣ୍ଡେ ବୁଝି ଖବର ଦେଲେ ପୁରୁ ଏଠୁ ଯିବ। ସଂଜ କୁ ଆକାଶ ଟିକେ ନିର୍ମଳ ଥିଲା ତାରା ଦୁଇ ଗ୍ବରିଟା ଦେଖାଯାଉଥିଲେ। ପୁରୁ କନ୍ତୁ ଜହ୍ନ ଆଲୁଅକୁ ଘର ସାରା ବିଛାଡି ପଡିଥିବାର ଦେଖୁଥିଲା। ଝିଙ୍କରୀ ର ଝୀଂ ଝୀଂ ଶବ୍ଦ ଆଲୁଅ ପୋକ ଏମାନେ ସବୁ ତା ମଝିବାରଣ୍ଡା ରେ ଥିଲେ, ହେଲେ ତାକୁ ଖାଲି ପୁନେଇ ଜହ୍ନଟା ଦିଶୁଥିଲା ଗ୍ବଳ ଉପେରେ।

ଅଙ୍ଗାର ଗଢିଆ ,ବାଲେଶ୍ୱର

# ଗିରିଜା ନନ୍ଦନ



ଅନାମ ଚରଣ ସାହୁ

ଗିରିଜା ନନ୍ଦନ ଜଗତ ବନ୍ଦନ
ପ୍ରଣତି ମୋ ଘେନାକର
ବିଘ୍ନ ବିନାଶନ ଆରତ ନାଶନ
ଦିଅ ହେ ଅଭୟବର ।୦।
ଅଜ୍ଞାନ କଳୁଷ ବିଷ ହେଉ ନାଶ
ଜ୍ଞାନ ଦୀପ ଉଠୁ ଜଳ
ଅନ୍ଧ ବିଶ୍ୱାସର ନହେଉ ପ୍ରସାର
ଏତିକ କରୁଛି ଅଳ
ଅଗ୍ରପୂଜ୍ୟ ପାଦେ ଭକତି ଜଣାଏ
ଅକିଞ୍ଚନ ଦୀନ ନର ।୧।
ପ୍ରଭୁ ଗଜାନନ ସ୍ଥିର ହେଉ ମନ
ହୃଦେ ଭରୁ ସେବା ଭାବ
ମୋ କର ଚରଣେ ଜଗତ କାରଣେ
ଶକତି ର ଥାଉ ଭାବ
ଜ୍ଞାନର ପିପାସା ବାନ୍ଧି ଥାଉ ବସା
ଏକଦନ୍ତ ଲମ୍ବୋଦର ।୨।
ଜୟ ଗଣପତି ଅଗତିର ଗତି
ବୁଦ୍ଧି ସିଦ୍ଧି ପ୍ରଦାୟକ
ତବ ଆଶୀର୍ବାଦ ନାଶେ ପରମାଦ
ଗଣେଶ ଗଣନାୟକ
କରୁଣାର ବାରି ସଦା ଯାଉ ଝରି
ବିନାୟକ ବିଘ୍ନ ହର ।୩।

ବିଭୁତିପୁର, କାକଟପୁର, ପୁରୀ

# ଆସିଲ୍ ବରଷା



ପ୍ରମୋଦ କୁମାର ସେଠ୍

ଆସିଲ୍ ବରଷା ଭଙ୍ଗିଲ୍ ଭରସା
ଝଡ ତୋଫାନକୁ ସାଥିରେ ଧରି
ନଇ ନାଳ ଆଉ ଗଡିଆ ପୋଖରୀ
ଏବେ ତ ପାଣିରେ ଗଲ୍ଣି ଭରି

ଧୋବ ଫର ଫର କଆ, କଇଁ ଫୁଲ
ବରଷାରେ ବେଶି ଫୁଟେ
ସାଇଁ ସାଇଁ କା ପବନ ହେଲେ
ତାର ବାସନା ଚହଟେ

ନାଲି ଗୁଲୁ ଗୁଲୁ ସାଧବ ବୋହୁ
ପଡିଆରେ ବୁଲୁଥାନ୍ତି
କୁନ କୁନ ପିଲେ ବରଷାରେ ତିନ୍ତି
କାଗଜ ଡଙ୍ଗା ଭସାନ୍ତି

ଜାମୁକୋଳ, ଆମ୍ବ, ପଣସ, ସପୁରୀ
ଏ ଦିନରେ ମିଳେ ବେଶି
ବିଲେ ଗୃଷୀ ଭଇ ଗୀତ ଗାଇ ଗାଇ
ହରଷରେ ଯାଏ ଚଷି

ବରଷାରେ ଭଲ ସୁତା କପଡାର
କୁରୁତା, ବର୍ଷାତି ଯୋତା
ଯେଉଁ ଆଡେ ଯିବୁ ସାଥେ ଧରିଥିବ
ହାତରେ ଗୋଟିଏ ଛତା ॥

ସି.ଡି.ଏମ୍.ଓ. ଅଫିସ, ସମ୍ବଲପୁର

# ଧର୍ାର ଧାର୍

ସସ୍ମିତା ବେହେରା

ଶବ୍ଦଗହଳ ଦିବସ ବା ନିଶବ୍ଦ ନିଶାର ବୁକୁଚିରି ନିର୍ନିମେଷେ କିଏ ସେ ଅପେକ୍ଷାରତ, କା ନିମିତ୍ତ, କିବା ଅଭିପ୍ରାୟ, କି ଲାଭ ଅବା ପ୍ରତି ମୁହୂର୍ତ୍ତର ସେ ମଧୁରାଳାପ ନିମିତ୍ତ ନିଜକୁ ଛିନ୍ ଭିନ୍ କରି ଜାଳିବାରେ, କେଉଁ ଏକ କୁହୁକ ଦୁର୍ବାର ନିଶାସକ୍ତ ଭଳି ବେଳ ଉଣ୍ଡି ଭଣ୍ଡ ପୋଷାକ ତଳୁ ହୁତ୍ ହୁତ୍ ଜଳନ୍ତା ବୁକୁରୁ ଥପ୍ ଥପ୍ ବାକ୍ୟ ପରଷିବାରେ, କୁହୁଳୁଥିବା ପିପାସାକୁ କ୍ଷାନ୍ତ କରିବା ପାଇଁ କରୁଥିବା ଅଥର୍ବ ଚେଷ୍ଟା ଆଉ ଲୁଚ ଲୁଚ ନିଜର ହଜିଲା ଦିନର ବିତିଲା ଘଟଣାକୁ ଗୋଟେଇ ରଙ୍ଗ ବୋଳି ତତ୍ତ୍ୱରୁ ସତ୍ତ୍ୱକୁ ପୁଣି ସତ୍ତ୍ୱରୁ ସତ୍ୟକୁ ରାମ୍ପି ଝାମ୍ପି ଶିରୋନାସ୍ତି ଶିରପୀଡା ପରି ବାରମ୍ବାର ଜଗୁଆଳୀର ଖୁଣ୍ଟ ସାଜି ଖଣ୍ଟଗୁଣରେ ସମୟର ତେଣ୍ଟା ମାପି ପଥେ ପଥେ ଅନେଇ ରହିବାରେ ।

ସବୁ ଯଦି ଏଠି ଉନ୍ମୁକ୍ତ, ଯୁଇରେ ଚଢୁ ଚଢୁ ପୋଡିଯାଏ ଆଗେ ପିନ୍ଧା ଅଙ୍ଗବସ୍ତ୍ର, ଯାହାର ଚୁମ୍ବନ ଛୁଆଁ ଆବୋରି ଥିଲା ଏ ଅପରିଚ୍ଛିନ୍ନ ଅବୟବକୁ ପ୍ରତି ମୁହୂର୍ତ୍ତରେ, ସେ ବି ଛାଡିଦିଏ ସାଥୀ ଅଗ୍ନିର ଟିକିଏ ଛୁଆଁରେ, ସହସ୍ର ନେତ୍ରଜ୍ୟୋତି ରନ୍ଧ୍ରେ, ତେବେ ଏଠି କେଉଁ ଛୁଆଁର କୁହୁକ ମାୟା ଅଦେଖା ଆତ୍ମାକୁ ତା'ର ଅଲୋଡା ପରସରରେ ପରିସରଭୁକ୍ତ କରିବାରେ ପ୍ରୟାସରତ । ବହିଯିବା ପାଣି ଖସିଯିବା ଗୋଡ ପଥ ଶରୀର ତ୍ୟାଗୀ ଆତ୍ମା ଭୂତ ଭବିଷ୍ୟ ଆଉ ବର୍ତ୍ତମାନର କେଉଁ ଯାନର ଆରୋହଣ ପାଇଁ ଦିନ ରାତି ବିତାଏ ଉଜାଗରେ । କାହାର ଅପେକ୍ଷା ପଥରେ ସମୟର ଟିକ୍ ଟିକ୍ ଶବ୍ଦର ଡାକରାରେ, ଯୁଗ୍ମ ହେବାର ଛାଇ ଅନ୍ଧାର ଖେଳରେ, ନିଦ୍ରା ତେଜି ଉଠେ କି ରୂପ ଦର୍ଶନ ଆଶାରେ ବିନିଦ୍ରାକୁ ଆବୋରି କି ସୁଖର ଲାଳସା ଭିତରେ ବନ୍ଧନ ଇଚ୍ଛାରେ, କା ଡାକରେ **????** ଧରା ପଡିଯିବାର ବିସ୍ତୀର୍ଣ୍ଣ ପ୍ରାନ୍ତର ଏଇ ଧରାର ଧାରାରୁ କିଏ ବା ବର୍ତ୍ତିଛି ଆଜିଯାଏ ବର୍ତ୍ତୁଳ ନେତ୍ରର ଉହାଡୁ ବିରତିର ଫାଙ୍କ ଉଣ୍ଡି ବାନ୍ଧିବାକୁ ବନାନୀର ଭାଗ୍ୟ ମିତ୍ରତାର ମିଛ ବାହାନାରେ । ସବୁ ଶେଷର ଆରମ୍ଭ ଆଉ ଆରମ୍ଭର ଶେଷ ପରି ଧରା ତ ଧରା ହିଁ ରହିବ ଧରିବାକୁ ଆଉ ଧରାଇବାକୁ ଧୌର୍ତ୍ତପଣର ଧୂର୍ତ୍ତତାକୁ ଧୂଆଁଳିଆ ପ୍ରଚ୍ଛଦପଟରେ ।

ଭୁବନେଶ୍ୱର

ବେଦାନ୍ତୀ

# ଜଗନ୍ନାଥ ନାରାୟଣ

ସୁଧୀର ପଣ୍ଡା

ଅବିଗ୍ନରେ ଅନାହାରେ ତେଜୁଁ ପ୍ରାଣ
ତୁମନାମ ଧାୟୀ ଧାୟୀ
ତିଳେମାତ୍ର ତବ କରୁଣା ପ୍ରସାଦ
ନଦିଅ ହେ କାହିଁପାଇଁ।୧।

ଜଣ୍ଟେ ପ୍ରଭୁ ତୁମେ ଦେବ ଶିରୋମଣି
ପାରନ୍ତି ସମସ୍ତେ ଜାଣି
ମର୍ତ୍ତ୍ୟେ କରି ବାସ ମାନବ ସକାଶ
ଦର୍ଶାଉଛ ଖାଲି ଠାଣି।୨।

ଆମେ କ ଶିଖିବୁଁ ତୁମରି ପ୍ରତିଭା
ବିଗାଡି ପତ୍ନୀର ମନ
ଏକା ଛାଡି ତାଙ୍କୁ ଭ୍ରାତା ଭଗ୍ନୀ ସାଥେ
ଗମି ମାଉସୀ ଭୁବନ। ॥

ପଦ୍ମାଳୟା ଆଉ ଶାନ୍ତିରେ ଥାନ୍ତେକି
କଲେ କେତେ ଅଭିମାନ
ସେ ସ୍ମୃତି ଟିକକ ଚୀର ଅପାଶୋର
ଆହେ ପ୍ରଭୁ ନାରାୟଣ।୪।

ବ୍ୟଞ୍ଜନ ଶୃଙ୍ଗର ମାତ୍ର ଦୁଇକଥା
ସମୟ ପାଇବ କେବେ
ଦୁଃଖି ଦରିଦ୍ରର ଆକୁଳ କାନ୍ଦଣା
ଶୁଣିବକ କଏ ଏବେ।୫।

ବିଶ୍ୱାସ ଟିକକ ହରାଇନୁ କେବେ
ନଜେ ଭବି ଦୀନ ଦୁସ୍ଥ
ବରଷକେ ଥରେ ବିରାଜ ରଥରେ
ବଡଦାଣ୍ଡ ଭବେ ପ୍ରସ୍ଥ।୬।

ମୂରୁଖ ନରୀହ ଦରିଦ୍ର ପଶର
ଏହି ସବୁନାମ ବୋହି
ଜୟ ଜଗନ୍ନାଥ ଭାଷି ଆମେ ପ୍ରଭୁ
ତବ ଗୁଣ ପାରୁଁ ଗାଇ୭।

ସ୍ୱୟଂ ପାଇଁ ଚନ୍ତା  କେବେ ନ କରେ ମୁଁ
କର ଜଗତ କଲ୍ୟାଣ
ଏହି ଭାବଟିକ ଥାଉ ସଦାକାଳେ
ଜଗନ୍ନାଥ ନାରାୟଣ।୮।

ମୋମ୍ବାଇ, ମହାରାଷ୍ଟ୍ର

# ବାର୍ଦ୍ଧକ୍ୟ ର ଖେଦ

ମନୋଜ କୁମାର ପଣ୍ଡା

ଚାଲି ଚାଲି ମୁହିଁ ଥକ ପଡ଼ିଲିଣି
ବଳ ନାହିଁ ମୋର ଦେହେ,
ଉଠି ବସିବାକୁ ସାହାସ ପାଉନ
ଝାପସା ସ୍ମୃତି କଛି କୁହେ ।
ଜୀର୍ଣ୍ଣ ଶରୀର ମୋ ଆଉଜି ପଡ଼ିଛି
ଗୋଟିଏ କଣକୁ ଆଜି
ହାତ ମୁଠାରେ ବାଲି ଜାବୁଡ଼ି ଧରିଛି
ଧୂଳିଆ ପାହାଡ଼ ସାଜି ।
ସଉକ ଯେତେକ ଶୋଇ ପଡିଲେଣି
ଚାରି କାନ୍ଥ ଚାହିଁ ଚାହିଁ
କାହିଁକ କେଜାଣି ଚମକ ପଡୁଛି
ପବନର ସ୍ପର୍ଶ ପାଇ ।
ନଶୀଥିନୀ ର୍ଣୀ ସଜେଇ ହେଉନ
ଶାନ୍ତି ର ପାଟ ପିନ୍ଧି,
ପକ୍ଷୀ କାକଳରେ ଦିଗ ନାଚୁ ନାହିଁ
ପାଦରେ ଘୁଙ୍ଗୁର ବାନ୍ଧି ।
'ବର୍ଣ୍ଣୋତ୍ସବମୟ ଦୃଶ୍ୟ ସାୟନ୍ତନ'
କେଦିନୁ ଗଲ୍ଣି ହଜି,
ଅଟ୍ଟାଳକା କନ୍ଦିରେ, ସମୟ ରନ୍ଧ୍ରରେ
ଆଉ କ ପାରିବି ଖୋଜି ?
ବାହୁ ପେଶୀ ମାନ ଓହଳ ପଡିକ
ପବନେ ଖେଳନ୍ତି ଦୋଳ

ଚର୍ମ ଭୂମିପରେ ସୀମା ରେଖା ପାଇଁ
ନିତି ଲାଗେ ଏଠି କଳି ।
ଭୂକମ୍ପ ହାଓ୍ୱାରେ ମୁଠା ମୁଠା ଅନ୍ନ
ଲୋଟି ପଡନ୍ତି ଭୂଇଁରେ
ଉଦରେ ଜ୍ୱାଳାମୁଖୀ ଶାନ୍ତ ପାଇଁକି
ଗୋଇଠା ପ୍ରହାର ଲୋଡେରେ ।
ବନ୍ଦୀନି ଟିଏ ମୁଁ ମୁକ୍ତ ଭାରତରେ
ଖୋଜି ଖୋଜି ତାର ସ୍ପର୍ଶ
ଫେରିବାକୁ ମନା, ଆପଣା ଅଗଣା
ତିକ୍ତ ଲାଗେ ଏ ନିଃଶ୍ୱାସ ।
ନିର୍ବାଣ ପଥଟି କଚ୍ଚା ମାଟି ରାସ୍ତା
ଦେଖି ମୋର ଇତିହାସ ହସେ,
ଯୌବନେ ଟଙ୍କାର କଳା ରଙ୍ଗ ଏଠି
କଣ୍ଟା ପରି ସବୁ ଦିଶେ ।

ଅଡା, ବାଲେଶ୍ୱର

ଚଳିତ ସଂସ୍କରଣରେ ଯଦି କୌଣସି ତ୍ରୁଟି ଥାଏ, ସେଥିପାଇଁ ଆମେ କ୍ଷମାପ୍ରାର୍ଥୀ ଏବଂ ଆମର ଚେଷ୍ଟା ରହିବ ଆଗକୁ "ବେଦାନ୍ତୀ"କୁ ଉନ୍ନତରୁ ଉନ୍ନତତ୍ତର କରି ଆପଣଙ୍କ ଆଗରେ ପ୍ରସ୍ତୁତ କରିବା । ସେଥିପାଇଁ ଆପଣମାନଙ୍କ ସହଯୋଗ କାମନାପାର୍ଥୀ ।

# ଆଉ ଏକ ମୃଗୁଣୀ



ରେ୍ଜାଲିନ ମିଶ୍ର

କାନ୍ଥ ଘଣ୍ଟା କୁ ଚାହିଁଲା ବିନ। ରାତି ଦୁଇ ଟା ବାଜିଲାଣି। ନିଦ ଆସୁନ ତା ଆଖି କୁ। କେମିତି ବା ଆସିବ। ଦୁଇ ତିନ ଦିନ ଭିତରେ ତାକୁ ଦୁଇ ଲକ୍ଷ ଟଙ୍କା ଯୋଗାଡ କରିବାର ଅଛି ଝିଅ ର ଅପରେସନ ପାଇଁ। କୋଉଠୁ ଆସିବ ଏତେ ଗୁଡ଼ାଏ ଟଙ୍କା ଆଉ କାହାକୁ ହାତ ପତେଇବ ସିଏ।

ସାତ ବର୍ଷ ତଳେ ବିନ ବିବାହ କରିଥିଲା ଅମ୍ଳାନ ଙ୍କୁ। ଛୋଟ ବେଳୁ ମା କୁ ହରେଇଛି ସିଏ। ବାପାଙ୍କ ପସନ୍ଦ ରେ ବାହା ହଉଛି ବୋଲି ବାପା ଖୁସି ରେ ଖୁବ ଯାନଯୌତୁକ ଦେଇ ବାହା କରିଥିଲେ ଝିଅ କୁ। ଆଉ ଝିଅ ନାଁ ରେ ଘରଟିଏ କରିଦେଇଥିଲେ। ସେଇଟା କିନ୍ତୁ ବିନ ର ଶାଶୂ ଙ୍କ ଦେହ ରେ ଗଲାନି। କଣ ପାଇଁ ତାଙ୍କ ଝିଅ କୁ ଦେଲେ ମୋ ପୁଅ ନାଁ ରେ କଣ ପାଇଁ କଲେନି। ଏ କଥା କୁ ନେଇ ଘରେ ସବୁବେଳେ ଅଶାନ୍ତି। ଶାଶୂ ଯେତେବେଳେ ବିନ କୁ ଖୁଣ୍ଟା ଦିଅନ୍ତି ଚୁପଚାପ ସହିଯାଏ ବିନ। ଅମ୍ଳାନ ତାଙ୍କ ବାପା ମାଆ ଙ୍କର ବାଧ ସନ୍ତାନ। ମୁହଁ ଖୋଲନ୍ତି ନାହିଁ କୌଣସି କଥା ରେ।

ବାହାଘର ର ଦେଢ଼ ବର୍ଷ ପରେ ବିନ କୋଳ ରେ ଜନ୍ମ ନେଲେ ଦୁଇଟି ଯମଜ କନ୍ୟା ସନ୍ତାନ । ତା ପରେ ଆଉ ଶାଶୂ ଙ୍କୁ ଦେଖେ କିଏ। ଶାଶୂ ଙ୍କ ବ୍ୟବହାର ଅସହ୍ୟ ହେଲା ବିନ ପାଇଁ । କିଛି ଦିନ ଶାନ୍ତି ରେ ରହିବା ପାଇଁ ବାପ ଘରକୁ ଆସିଲା ସିଏ । ଚାରିମାସ ଯାଏ କେହି ତା ଭଲମନ୍ଦ ବୁଝିଲେନ । ନା ସ୍ୱାମୀ ନା ଶାଶୂ । ଶାଶୂ ଫୋନ କରି ବାପା ଙ୍କୁ ଚେତାବନୀ ଦେଇଦେଲେ ଯେ ମୋ ପୁଅ ନାଁ ରେ ଘର ଟା କରିଦେଲେ ଆମେ ତୁମ ଝିଅ କୁ

ଘରକୁ ଆଣିବୁ । ସେ ଅଲକ୍ଷଣୀ ମୋ ବଉଁଶ ବୁଡ଼େଇ ଦେଲା ଆହୁରି ତୁମେ କଥା କହୁଛ। ବିନି ଶୁଣିବାକୁ ପାଇଲା ଯେ ତା ଶାଶୁ ବଂଶ ରକ୍ଷା ର ଦ୍ୱାହି ଦେଇ ଅମ୍ଳାନ ଙ୍କୁ ଆଉ ଥରେ ବାହା ଦବାକୁ ଚାହୁଁଛନ୍ତି।

କିଛିଦିନ ପାଇଁ ବୁଲିବାକୁ ଆସିଥିବା ବିନି ନିଜ ସ୍ୱାଭିମାନ କୁ ଜାବୁଡି ଧରି ସବୁଦିନ ପାଇଁ ରହିଗଲା ବାପ ଘରେ। ବାପା ଥିବା ଯାଏ ତ ସବୁ ଠିକ ଥିଲା କିନ୍ତୁ ବାପା ଆଖି ବୁଜିଦେଲା ପରେ ପୁଣି ଚଡକ ପଡିଲା ବିନି ମୁଣ୍ଡ ରେ। ବିନି ର ଭାଉଜ ସିଧା ସିଧା ଶୁଣେଇଦେଲେ ଏଠି ଅନ୍ନଛତ୍ର ଖୋଲା ହେଇନି ଯେ ଆମେ ମାଗଣା ଟା ରେ ମା ଛୁଆ ତିନି ତିନି ଜଣଙ୍କୁ ପୋଷିବୁ। ଏଠି ଯଦି ମାଗଣା ଭୋଜନ ପକେଇବାର ଅଛି ତାହେଲେ ଘର ଟା ମୋ ନାଁ ରେ କରିଦିଅ।

ପୁଣି ଥରେ ନିଜ ସ୍ୱାଭିମାନ କୁ ଜାବୁଡ଼ି ଧରି ବିନି ବାପ ଘର ଛାଡିଲା । ଘର ଛାଡିଲା ବେଳେ ତା ଭାଇଙ୍କର ଲୁହ ଛଳ ଛଳ ଆଖି ତାକୁ ବହୁତ କିଛି କହିଥିଲା । କିନ୍ତୁ ବିନି ଚାହିଁ ନଥିଲା ଭାଇ ଭାଉଜ ଙ୍କ ଭିତରେ ପାଚେରୀ ହେଇ ରହିବା ପାଇଁ । ଏବେ ତା ହାତ ରେ ଗୋଟିଏ ମାତ୍ର ସମ୍ପତ୍ତି । ତା ବାପା ଦେଇଥିବା ଘର। ସେ ଘରକୁ ସଫାସଫି କରି ରହିଲା ସେଠି। ଗୋଟେ ପ୍ରାଇଭେଟ କମ୍ପାନୀ ରେ ସ୍ୱଳ୍ପ ବେତନ ରେ ଯୋଗ ଦେଇ ନିଜ ଗୋଡ଼ ରେ ନିଜେ ଠିଆ ହେବାକୁ ଚେଷ୍ଟା କଲା । ଛୁଆ ଦି ଟାଙ୍କ ମୁହଁ କୁ ଚାହିଁ ସେ ତାର ଦୁଃଖଦ ଅତୀତ କୁ ଭୁଲିବାକୁ ଚେଷ୍ଟା କଲା ।

କିନ୍ତୁ ବିପଦ ଯେତେବେଳେ ଆସେ ସେ ତା ଭାଇ ବନ୍ଧୁ କୁଟୁମ୍ବ ଙ୍କୁ ସାଙ୍ଗରେ ନେଇକି ଆସିଥାଏ ନା। ସେହିପରି କିଛି ଘଟୁଥିଲା ବିନି ସହ। ଅଫିସ ରୁ ଫେରି ଦିନେ ଦେଖିଲା ଦୁଇ ମିନିଟ ଅନ୍ତର ରେ ଜନ୍ମ ହୋଇଥିବା ସାନ ଝିଅ ଟା ର ଦେହ ଭୀଷଣ ଅସୁସ୍ଥ। ବିକଳ ହେଇ କାନ୍ଦୁଛି ପେଟ କୁ ଜାବୁଡି ଧରି। ଯୋଉ ପଡ଼ୋଶିନୀ ଙ୍କ ପାଖରେ ଛାଡି ଦେଇ ଯାଇଥିଲା ଛୁଆ ଦି ଟାଙ୍କୁ ସେ ବିଚାରୀ କଣ କରିବେ ଜାଣି ପାରୁ ନାହାଁନ୍ତି।

ଝିଅ କୁ ଧରି ବିନ ସାଙ୍ଗେ ସାଙ୍ଗେ ଦୌଡ଼ିଲା ଡାକ୍ତର ଙ୍କ ପାଖକୁ। ଡାକ୍ତର କିଛି ମେଡ଼ିସିନ ଲେଖିଦେଲେ। ବିନ ଘରକୁ ଫେରି ଝିଅ କୁ ମେଡ଼ିସିନ ଦେଲା। କିନ୍ତୁ ଦୁଇ ଦିନ ପରେ ପୁଣି ସେଇ ଅବସ୍ଥା । ବିନ ପୁଣି ଦୌଡ଼ିଲା ଡାକ୍ତର ଙ୍କ ପାଖକୁ। ଏଥର ଡାକ୍ତର ପରାମର୍ଶ ଦେଲେ ଅଲ୍ଟ୍ରାସାଉଣ୍ଡ ପାଇଁ। ତା ପରଦିନ ରିପୋର୍ଟ ଧରି ବିନ ପହଂଚିଲା ମେଡିକାଲ ରେ। ରିପୋର୍ଟ ଦେଖି ଡାକ୍ତର କହିଲେ ପେଟରେ ଟିଉମର ବଢୁଛି। ଯେତେ ଜଲଦି ପାରୁଛ ଅପରେସନ କରିଦିଅ । ଅପରେସନ ପାଇଁ ଦୁଇ ଲକ୍ଷ ଟଙ୍କା ଦରକାର। ଘୂରିଆଡ ଅନ୍ଧାର ଦିଶିଲା ବିନ କୁ। ଏତେ ଟଙ୍କା କୋଉଠୁ ଆଣିବ ସିଏ।

ତା ପରଦିନ ଅଫିସ ରେ ବିନ ତା ବସ ଙ୍କୁ ଅନୁରୋଧ କଲା ଦୁଇ ଲକ୍ଷ ଟଙ୍କା ଅଗ୍ରୀମ ଆକାର ରେ ଦେବା ପାଇଁ। ବସ ସିଧା ସିଧା ଶୁଣେଇଦେଲେ। ଏକେ ତ ତୁମର ନୂଆ ଚାକିରୀ, ତା ପରେ କିଛି ଦିନ ହବ ଛୁଟି ପରେ ଛୁଟି ନେଇ ଚାଲିଛ। କୋଉ ଭରସା ରେ ଆମେ ତୁମକୁ ଏତେ ଗୁଡ଼ାଏ ଟଙ୍କା ଦବୁ। ବହୁତ ଅନୁନୟ କଲା ବିନ। ବିନ ର ବେସାହାରା ପଣ ଦେଖି ମୁରୁକି ହସା ଦେଲେ ବସ। କହିଲେ ରାତିରେ ଘର ଆଡ଼େ ଆସ। ମାଡାମ ଘରେ ନାହାନ୍ତି। ଟଙ୍କା ଟା ଘରୁ ନେଇଯିବ। ଶକ୍ତ ଧକ୍କା ଲାଗିଲା ବିନ କୁ। କରେଣ୍ଟ ଲାଗିଲା ଯେମିତି ତା ଦେହ କୁ।

ତା ପରେ ସେ ଅଫିସ ରୁ ଆସି ବସିଛି ଯେ ବସିଛି। ଛୁଆ ଦୁଇ ଟାଙ୍କୁ ଶୁଆଇ ଦେଇ ଭାବୁଛି  କାହାକୁ ସାହାଯ୍ୟ ମାଗିବ। ଯଦି ଶାଶୁ ଘରକୁ ଯିବ ତାହେଲେ ସ୍ୱାମୀ ନାଁ ରେ ଘର ଟା କରିବାକୁ ପଡିବ। ତା ପରେ ବି ସେଠି ଯେ ତାକୁ ସ୍ଥାନ ମିଳବ ତାର କିଛି ଗ୍ୟାରେଣ୍ଟି ନାହିଁ। ବାପ ଘରକୁ ଗଲେ ଭାଉଜ ନାଁ ରେ ଘର ଟା କରିବାକୁ ପଡିବ। ରାତିରେ ଯଦି ବସ ଘରକୁ ଯିବ ତାହେଲେ ତାକୁ ତା ସମ୍ମାନ କୁ ବଳି ଦବାକୁ ପଡିବ।କଣ କରିବ ସିଏ।

ମନ୍ଦିର ର ଆଳତି ଘଣ୍ଟ ଶବ୍ଦ ରେ  ସମ୍ବିତ ଫେରି ଆସିଲା ତାର ।ଆରେ ସକାଳ ହେଇ ଗଲାଣି ଯେ। ମନେ ମନେ ଠାକୁର ଙ୍କ ଉଦ୍ଦେଶ୍ୟ ରେ ପ୍ରଣାମଟିଏ କରୁ କରୁ ତାର ମନେ

ପଡିଗଲା ପିଲାଦିନେ ବୋଉ କୋଳ ରେ ଶୋଇ ଶୁଣିଥିବା ମୃଗୁଣୀ ସ୍ତୁତି ଗପ। ତାକୁ ଲାଗୁଥିଲା ସେ ଗୋଟେ ମୃଗୁଣୀ ଆଉ ତା ଚ୍ଚରିପଟେ ଖାଲି ବିପଦ ହିଁ ବିପଦ । ମୃଗୁଣୀ ଯେମିତି ଶିକାରୀ ଠାରୁ ନିଜକୁ ଆଉ ନିଜ ଛୁଆ ଦୁଇ ଟାଙ୍କୁ ରକ୍ଷା କରିବା ପାଇଁ ଠାକୁରଙ୍କ ପାଖରେ ନିଜକୁ ସମ୍ପୂର୍ଣ୍ଣ ରୂପେ ସମର୍ପି ଦେଇଥିଲା ସେମିତି ସିଏ ନିଜକୁ କାୟମନୋବାକ୍ୟରେ ସମ୍ପୂର୍ଣ୍ଣ ରୂପେ ଠାକୁର ଙ୍କ ପାଦ ତଳେ ସମର୍ପି ଦେଇ ଦୁଇ ହାତ ଟେକିଦେଲା ପ୍ରଭୁ ଙ୍କ ଉଦ୍ଦେଶ୍ୟ ରେ। ତାକୁ ଲାଗୁଥିଲା ତା ଆତ୍ମବିଶ୍ୱାସ ବହୁ ଗୁଣ ରେ ବଢି ଯାଇଛି।

କଲିଂବେଲ ର ଶବ୍ଦ ରେ ଚେ୍ଚଷେଇ ଘରୁ ବାହାରି ଆସିଲା ବିନି। ଆରେ ଏ କଣ..। ସାମ୍ନା ରେ ତା ଭାଇ କୁ ଦେଖି ବିଶ୍ୱାସ କରିପାରିଲାନି ନିଜକୁ। କଣ କହିବ ନ କହିବ ଭାବୁ ଭାବୁ ତା ଭାଇ ତା ହାତ ରେ ଧରେଇ ଦେଲେ ଦୁଇ ଲକ୍ଷ ଟଙ୍କା ର ଚେକ ଟିଏ। କହିଲେ ବିନି ମୁଁ ବଡ ଭାଇ ହିସାବ ରେ ତୋ ପାଇଁ କିଛି ବି କରି ପାରୁନି। ଘର ଛାଡିବା ଦିନ ଠାରୁ ତୋ ବିଷୟ ରେ ସବୁ ଖବର ମୁଁ ରଖିଛି। ଏ ପଇସା ରେ ଜଲଦି ଝିଅ ର ଅପରେସନ କର। ଯାହା ଅସୁବିଧା ହବ ଜଣେଇବୁ ମୋତେ। କିନ୍ତୁ ତୋ ଭାଉଜ ଆଗରେ କିଛି କହିବୁନି ପ୍ଲିଜ। ବିନି କିଛି କହିବା ଆଗରୁ ଟିକେ ବ୍ୟସ୍ତ ଅଛି ପରେ କଥା ହେବା କହି ଚ୍ଚଲି ଯାଇଥିଲେ ଭାଇ। ବିନି ଆଖିରୁ ବୋହି ଯାଉଥିଲା ଧାର ଧାର ଆନନ୍ଦାଶ୍ରୁ। ସତରେ ଭକ୍ତି ର କେତେ ଶକ୍ତି ସତେ!

ଭି ଏସ ଏସ ନଗର

# ନିଷେଧାଞ୍ଚଳ



ଏମ୍. ବିଜୟ କୁମାର

ମଣିଷ ପ୍ରବେଶ
ନିଷେଧ ୧୪୪
ଧାର୍ କର୍ଫ୍ୟୁ ଜାରି
ମଣିଷ ପାଇଁ କି
ନିଷେଧାଗ୍ୟାଚଳ
ନିର୍ଦ୍ଦେଶ ଗୁହାରୀ

ଦଳେ ମଣିଷଙ୍କ
ଖୋଲ୍ ରଙ୍ଗମଞ୍ଚ
ଈଶ୍ୱର ମନ୍ଦିର
ସେହି ମଣିଷକୁ
ପ୍ରବେଶ ବାରଣ
ମନ୍ଦିର ଦୁଆର

ମଣିଷ ସମାଜେ
ମଣିଷ ନୁହେଁ କି
ଆକାଶ ପାତାଳ
ପ୍ରଭେଦ କାହିଁକି?

ପତିତ ପାବନ
ବାନା ଫରଫର
ପତିତ ବଞ୍ଚିତ
ହୁଏ ବାରମ୍ବାର
କାହିଁକନା ଛାଇ
ପଡ଼ିଲ୍ ମାତ୍ରକେ
ହେବ ଅପ୍ରବିତ୍ର
ଅଛୁଆ ଈଶ୍ୱର

ଗାଧୋଇବା ଘାଟ
ସର୍ବସାଧାରଣ
ପୋଖରୀ ତୁଠ
ଗୋଟିଏ ଘାଟରେ
ଗାଧୋଇ ପାରନ୍ତି
କୁକୁର-ଘୁଷୁରି
ମହିଷି ଓ ଗାଈ
ଅଥଚ ତଥାପି
ଗାଧୋଇବା ମନା
ସେ ମଣିଷ ପାଇଁ

ପିଇବାର ପାଣି
ଜଳ ହିଁ ଜୀବନ
ପିଇ ପାରିବନ
ପ୍ରକୃତିର ଦାନ
ଗୋଟିଏ କୁଆଁରୁ

ମିଳେ ମଣିଷକୁ
ଅମରୁତ ଜଳ
ସେହି ମଣିଷକୁ
ବିରୋଧ କାହିଁକି**?**
ଏପାନୀୟ ଜଳ

ସେମଣିଷ ପାଇଁ
ନଷେଧାଞ୍ଚଳ
ସବୁ  ଦ୍ୱାର ବନ୍ଦ
ବିଧିର ବିଧାନ
ଘୃଣାର ଚକ୍ରାନ୍ତ
କାହି ତମେ ଅନ୍ଧ**!**

ରେମଣ ଡ଼ା,ସଇନ୍ତଲ୍ ବଲାଗିଂର

# ସପନର୍ ସୁନ୍ଦରୀ



ମନୋଜ ମହାନନ୍ଦ

କଏ ଆଏସେ ସପନ୍ ସୁନ୍ଦ୍ରୀ
ସପନ ର୍‌ଏଜର୍ ଫୁଲ୍କି,
ବନେ ଅଧ୍ ର୍‌ତି ସପ୍ନେ ଆସି
ସପନ୍ ର୍‌ଏଜୁଁ ଦେଲ୍ ମଲ୍କି ।
ଗୁଲିଚଲନ୍, ମାଖନ୍ ଘସନ୍
ପିନ୍ଧନ୍ ପଟା ଲ୍‌ଗେ ବନେ,
ବନେ ଚଲ୍ ବୁଲ୍ ଘରର୍ ଲ୍‌ଗୁଛେ
କାଏଁଯେ ଆଏଲ୍ ମୋର୍ ସପନେ ।
ନାଇଁ ଚହ୍ନି ଜାନ ନାଇଁ ଦେଖି କେଭେ
ଫେର୍ବି ଲ୍‌ଗେ ନଜର୍ ନଜର୍,
ମାଁ ବୁଆ ତାର୍ କଏ ଅନ୍ ଆଏ
କେନ୍ ର୍‌ଏଜେ ତାକର୍ ଘର୍ ।
ସପନେ ଆସି  ମନ୍ ମୁହିନେଲ୍
କଥା ହେଇ ଲ୍‌ଢେ ଗେଲେ,
ସପନର୍ ଧାଙ୍ଗ୍ରି ଫୁଲ୍ ଗୁଙ୍ଗ୍ରି
ଲ୍‌ଜେ ଭ୍‌ଗେ ଧଏମି ବଏଲେ ।
ଗୁଲିଗଲେ ତାର୍ ପଦମ୍ ଫୁଲ୍ ଫୁଟେ
କଥାନେ ମୁକୁତା ଝରେ,
ଚନ୍ଦ୍ରମା ବଦନ ଗେହ୍ଲେଇର୍‌ନୀ
କଥା କହି ଟୁଣ୍ ମୁରେ ।

କୁଁଚ କୁଁଚ ବାଲ୍, ଗଜଗମନ ଗ୍ଲ୍
ମୁହୁଁ ଲ୍ଗେ ପଦମ୍ ଫୁଲ୍,
ଦିବ୍ୟ ସୁନ୍ଦରୀ ସରଗର୍ ତର୍
ହଁସୁଥାଏନ ମୁଲ୍ ମୁଲ୍ ।
କେନ୍ ଗୁନେ ଗାଏମି ରୂପ୍ ଗୁନ୍ ତାର୍
ଗୁଲେ ସେ ଲ୍ବଣ୍ୟବତୀ,
କଥା ହଉ ହଉ ଝୁମ୍ରା ଭ୍ଙ୍ଗିଗଲ୍
ଧଡ୍ ଧଡ୍ ଧଡକ ଛାତି ।
ହେକ୍‌ବେଲୁଁ ମନ୍ ଠିକ୍ ନାଇଁନ
କଏ ହେଇଥିବା ବୋଲି,
ବିନ୍ ମେଘ୍ ଧରି ଚଡକ୍ ମାଏଲ୍
ତାର୍ କଥା ଭ୍ଲି ଭ୍ଲି ।

ବାଗଯୋର, ସଇଁନ୍ତଲ୍, ବଲ୍ଙ୍ଗିର

"ବେଦାନ୍ତୀ" ରେ ନିଜର ଲେଖା ପ୍ରକାଶ କରନ୍ତୁ ଆଉ ଆପଣଙ୍କ ଲେଖାକୁ ପହଞ୍ଚାନ୍ତୁ ସାରା ବିଶ୍ୱରେ ରହୁଥିବା ଓଡିଆମାନଙ୍କ ପାଖରେ । ଆମକୁ ଲେଖା ପଠାଇବାର ଠିକଣା ହେଲା vedantimagazine@gmail.com and editor.vedantimagazine@gmail.com

# ଦୁଃଖ ମୁଁ ପାଉଛି ଯାହା

ଶିଶିର କୁମାର ପଣ୍ଡା

ପୁଅ ମୋ କରିଛି ପଟିଆ ପାଖରେ
ଦେଖିଲ୍ ଭଳଆ ଘର
ଫାଟକ ଉପରେ ଟମୀ ଛବିଦେଖି
ଲାଗେମତେ ଭାରି ଡର ।
ବିଦେଶ ଯାଇକ ଅତି ଶରଧାରେ
କଣିଛି ତାହାକୁ ସିଏ
ଲୋକଟେ ପୋଷିଛି ହଗା-ମୂତା ପାଇଁ
ଖାଇବାକୁ ପୁଣି ଦିଏ ।
ଗାଡ଼ି କେତେ ସବୁ ସଜେଇ ରଖିଛି
ଡ୍ରାଇଭର ଅଛି ରଖି
ମ୍ୟାନେଜର ଗୋଟେ ବୁଝୁଛି ଏସବୁ
ଦେବନ ବୋଲିକେ ଠକ ।
କୁକୁର ଡରରେ ବନ୍ଧୁ ବାନ୍ଧବଙ୍କ
ଭିଡ଼ ବି ସେଠାରେ ନାହିଁ
ତଥାପି ଆସିଲେ ବେଳ ଅବେଳରେ
ଘର ଅଛି ତାଙ୍କ ପାଇଁ ।
ଆଧୁନକ ଯୁଗ ଚଳଣୀ ପାଖରେ
ମୁଉଁ ବି ନାଗ୍ଣର ପ୍ରାଣୀ
ଦୁଃଖ ମୁଁ ପାଉଛି ପୁରୁଣା ଦିନକୁ
ଝୁରୀହୋଇ ଜାଣି ଜାଣି ।

କୁଆଁସ, ମେରଦା କାଟିଆ, ଯାଜପୁର

# ବିଦେଶ ଖବର

## ବାହାରିନ ଓଡିଆ ସମାଜ ପକ୍ଷରୁ ରଥଯାତ୍ରା

ବାହାରିନ ଓଡିଆ ସମାଜ ପକ୍ଷରୁ ଆଡମ୍ବରପୂର୍ଣ୍ଣ ଭାବେ ରଥଯାତ୍ରା ପାଳନ ହୋଇଯାଇଛି । ପାରମ୍ପାରିକ ରୀତିନୀତିରେ ତିନ ଠାକୁରଙ୍କର ପୂଜାର୍ଚ୍ଚନା ଏବଂ ଛେରା ପହଁରା ଅନୁଷ୍ଠିତ ହୋଇଥିଲା । ଏହାପରେ ଭକ୍ତମାନେ ଶ୍ରଦ୍ଧାର ସହିତ ରଥ ଟାଣିଥିଲେ । ଏହି ରଥଯାତ୍ରାରେ ଭାଗନେବା ପାଇଁ ପ୍ରବଳ ଜନସମାଗମ ହୋଇଥିଲା । ବାହାରିନ ଓଡିଆ ସମାଜର ପ୍ରତିଷ୍ଠାତା ଶ୍ରୀ ଅରୁଣ କୁମାର ପ୍ରହରାଜଙ୍କ ନେତୃତ୍ୱରେ ରଥଯାତ୍ରା ସୁରୁଖୁରୁରେ ପରିଚାଳନା ହୋଇଥିଲା । ଏହି ରଥଯାତ୍ରାରେ ନେପାଳର ରାଷ୍ଟ୍ରଦୂତ ପଦମ ଶୁନଦାସ ଏବଂ ତାଙ୍କ ପତ୍ନୀ ମଧ୍ୟ ସାମିଲ ହୋଇଥିଲେ ।







# ଶିଶୁ ବିଭାଗ



# ମହାପ୍ରସାଦର ମାହାତ୍ମ୍ୟ



ମମତା ଦାଶ

ବିଷ୍ଣୁଙ୍କ ଶ୍ରେଷ୍ଠ ଭକ୍ତ ଥିଲେ ନାରଦ ମୁନି । ପ୍ରତିଦିନ ସେ ବୈକୁଣ୍ଠକୁ ଯାଇ ବିଷ୍ଣୁଙ୍କ ଦର୍ଶନ କରୁଥିଲେ । ଦିନେ ନାରଦଙ୍କର ବିଷ୍ଣୁଙ୍କ ଅଇଁଠା ପ୍ରସାଦ ଖାଇବା ପାଇଁ ବଡ ମନ ହେଲା । ନାରଦ ଲକ୍ଷ୍ମୀଙ୍କ ପାଖକୁ ଯାଇ ତାଙ୍କୁ ବିଷ୍ଣୁଙ୍କ ପ୍ରସାଦ ମାଗିଲେ । କିନ୍ତୁ ଲକ୍ଷ୍ମୀ ପ୍ରସାଦ ଦିଆଯାଇପାରିବନାହିଁ ବୋଲି ତାଙ୍କୁ କହିଲେ ।

ନାରଦ ମନକଷ୍ଟ କରି ଫେରିଆସିଲେ ଏବଂ ବାରବର୍ଷ ଘୋର ତପସ୍ୟା କଲେ । ସେଥିରେ ବି ତାଙ୍କର ଇଚ୍ଛା ପୂରଣ ନହେବାରୁ ସେ ପ୍ରତିଦିନ ପାହାନ୍ତିଆରେ ପୋଇଲି ବେଶରେ ବୈକୁଣ୍ଠପୁରରେ ଝାଡୁ କରିବାକୁ ଲାଗିଲେ ।

ଦିନେ ପାହାନ୍ତିଆରୁ କିଏ ଏପରି ଝାଡୁ କରୁଛି ଜାଣିବା ଲାଗି ଲକ୍ଷ୍ମୀ ଦିନେ ଲୁଚି ରହି ନାରଦ ଆସିବାକ୍ଷଣି ତାଙ୍କୁ ଧରି ପକାଇଲେ । କିନ୍ତୁ ନାରଦଙ୍କ ବିକଳ ଦେଖି ସେ ପ୍ରସାଦ ଦେବାପାଇଁ ବିଷ୍ଣୁଙ୍କୁ ରାଜି କରାଇବେ ବୋଲି ଭରସା ଦେଲେ ।

ଲକ୍ଷ୍ମୀଙ୍କ କହିବା ଅନୁସାରେ ବିଷ୍ଣୁ ଦେବର୍ଷି ନାରଦଙ୍କୁ ନିଜ ଅଇଁଠା ପ୍ରସାଦ ଖାଇବାକୁ ଦେଲେ । ପ୍ରସାଦ ପାଇ ତା ମାହାତ୍ମ୍ୟରେ ନାରଦ ନାଚି ନାଚି ଶିବଙ୍କ ପାଖରେ ପହଞ୍ଚିଲେ । ପ୍ରସାଦର ମାହାତ୍ମ୍ୟ ବିଷୟରେ ଶୁଣି ଶିବ ମଧ୍ୟ ତହିଁରୁ ଟିକିଏ ପାଇବା ପାଇଁ ଇଚ୍ଛା କଲେ । ନାରଦ ନିଜର ଅଙ୍ଗୁଠି କଡରେ ଲାଗିଥିବା ଟିକିଏ ପ୍ରସାଦ ଦେବାରୁ ଶିବ ଆନନ୍ଦରେ ତାଣ୍ଡବ ନୃତ୍ୟ କଲେ । ଏହି ତାଣ୍ଡବ ନୃତ୍ୟ ଯୋଗୁଁ ସୃଷ୍ଟି ଟଳମଳ ହେଲା । ପାର୍ବତୀ ଶିବଙ୍କଠାରୁ ପ୍ରସାଦର ମାହାତ୍ମ୍ୟ ଶୁଣି ନିଜେ ମଧ୍ୟ ସେଥିରୁ ଟିକିଏ ପାଇବା ପାଇଁ ମନ ବଳାଇଲେ ।

ତାଙ୍କୁ ଶିବ ମନାକରିବାରୁ ପାର୍ବତୀ ନାରଦଙ୍କ ପରି ଉପବାସ ରହି ତପସ୍ୟା କରିବାକୁ ଲାଗିଲେ । ତାଙ୍କର କଠୋର ତପସ୍ୟା ରେ ବିଷ୍ଣୁଙ୍କ ଆସନ ଟଳବାରୁ ସେ ପାର୍ବତୀଙ୍କୁ ଦେଖାଦେଇ ବର ଯାଚଲେ । ପାର୍ବତୀ ପ୍ରତିଦିନ ବିଷ୍ଣୁଙ୍କ ପ୍ରସାଦ ପାଇବାର ଇଚ୍ଛା ପ୍ରକାଶ କଲେ ।

ପାର୍ବତୀକ ଭକ୍ତିରେ ସନ୍ତୁଷ୍ଟ ହୋଇ ବିଷ୍ଣୁ କହିଲେ, କଳ ଯୁଗରେ ଶ୍ରୀକ୍ଷେତ୍ରରେ ମୁଁ ଜଗନ୍ନାଥ ରୂପେ ବିରାଜିବି ଆଉ ତୁମେ ବିମଳା ନାମରେ ମୋ ସଙ୍ଗେ ସେଠାରେ ରହିବ । ପ୍ରତିଦିନ ମୁଁ ଭୋଗ ପାଇବା ପରେ ସେତକ ତୁମକୁ ସମର୍ପଣ କରାଯିବ । ଶିବ ତୁମକୁ ନାହିଁ କରିଥିବା ଯୋଗୁଁ ବାଇଶି ପାହାଚ ତଳେ ରହିବେ ।

ଆଜିଯାଏ ବଡ ଦେଉଳରେ ଜଗନ୍ନାଥଙ୍କୁ ଭୋଗ ଦିଆଯିଆ ପରେ ବିମଳାଙ୍କୁ ସମର୍ପଣ କରାଯାଏ । ମହାପ୍ରସାଦର ମାହାତ୍ମ୍ୟ ଯୋଗୁଁ ସେଠାରେ ବଡ ସାନ ଭେଦ ନଥାଏ । ବୌଦ୍ଧ, ବୈଷ୍ଣବ, ଶୈବ, ଶାକ୍ତ ଇତ୍ୟାଦି ସମସ୍ତେ ମହାପ୍ରସାଦକୁ ଭକ୍ତି ସହକାରେ ସେବନ କରନ୍ତି ।

ଲକ୍ଷ୍ନୌ, ଉତ୍ତର ପ୍ରଦେଶ



# ଜେଜେମାଆଙ୍କ ଉଦ୍ୟାନବନ



ରାଜଶେଖର ସି "ଚମା"

ମନେପଡ଼େ ଯେବେ ଆମ ରାଉରକେଲା,
ହୋଇଯାଉ ଆମେ ଛୋଟଛୋଟ ପିଲା,
କେତେଯେ କରନ୍ତି ଜେଜେମା ଆମକୁ ଗେହ୍ଲା,
ତାଙ୍କ ଉଦ୍ୟାନ ସୌନ୍ଦର୍ଯ୍ୟ ସଦା ରୁହେ ଅଭୁଲା।୧।

କେତେ ଆହ୍ଲାଦ ଦାୟକ ଯେ ଜେଜେମାଆଙ୍କ ଉଦ୍ୟାନବନ,
କେତେ ଶସ୍ୟଶ୍ୟାମଳ ଏହି ନୟନାନନ୍ଦକର ନନ୍ଦନକାନନ,
ବିବିଧ ରଙ୍ଗବେରଙ୍ଗ ବିହଙ୍ଗ କରୁଛନ୍ତି ଏଇଠି ଗମନାଗମନ,
ଚିରହରିତ ଲତା ଫଳବୃକ୍ଷ କରିଛନ୍ତି ତୋଟାକୁ ଶୋଭାବନ।୨।

ଛାୟାତରୁଙ୍କ ଛାଇଛାଇ ଲାଗୁଛି ବହୁ ଶୀତଳ,
ତୋଳୁଛୁ ଆମେଯେ ପିଜୁଳ ଆତ ଡାଳମ୍ବ ଫଳ,
ଗଛରେ ଝୁଲୁଛନ୍ତି ଯେ ଆମ୍ବ ଅମୃତ ଭଣ୍ଡାଫଳ,
ସବୁଜ କଦଳୀ କାନ୍ଦି ରମ୍ଭାଫଳ ଫୁଲ ଯେ ବିମଳ।୩।

ପରିମଳ ବାସ ଦେଲେଣି ହଳଦୀ ଜୁଆଣି ବେଲଗଛ,
ସୁବାସ ଦେଉଛନ୍ତି ମଲ୍ଲିକା ଗୋଲାପ ଚମ୍ପାଫୁଲ ଗଛ,
ଦିଶିଲେ ପୁଣି ଭୁରୁସୁଙ୍ଘା ପାନପାନ୍ ନାରଙ୍ଗୀ ଲେମ୍ବୁ ଗଛ,
ଜାଣିନୁ ଯେ କେମିତି ଜେଜେମା ରଖୁଛନ୍ତି ବଗିଚ୍ଚକୁ ସ୍ୱଚ୍ଛ।୪।

ଉପବନ ଅଗଣାରେ ଅଛି ଧୂପକାଠି ଥିବା ତୁଳସୀଚଉରା,
ଭକ୍ତି ପାରବଶ୍ୟରେ ଲୀନ ମନକୁ ମିଳଲା ଖୁସି ନଆର୍,
ସୁନ୍ଦର ସୁଶୋଭିତ ସୁଗନ୍ଧିତ ସୁମନ ଲାଗିଲେ ଭୂମି ର ତାର୍,
ଜେଜେମାଆଙ୍କ ଉଦ୍ୟାନବନ ସସ୍ନେହରେ ହୋଇଛି ଭର୍।୫।

chvrajasekhar@gmail.com



# ଅଙ୍ଗୁର ହେଲା ମିଠା



ରଞ୍ଜିତ କୁମାର ସାହୁ

"ମୋତେ କିନ୍ତୁ ଅଙ୍ଗୁର ସେତେ ଭଲ ଲାଗେନି, ମୁଁ ବିଲୁଆ ନୁହଁ ଯଦିଓ", ଲିଟି ତାହାର ସାଙ୍ଗ ମିଲିକୁ କହି ଚାଲିଥିଲା ଘରକୁ ଫେରିବା ବାଟରେ । ଆଜି ସ୍କୁଲରେ ସାର ବିଲୁଆ ଆଉ ଅଙ୍ଗୁର ଗପଟି ଶୁଣେଇଥିଲେ ପିଲାମାନଙ୍କୁ ଓ ତାହାର ମର୍ମ ବୁଝେଇଥିଲେ । ଫେରିବା ବାଟରେ ଲିଟି ଆଉ ମିଲି ଅଙ୍ଗୁର ବିଷୟରେ କଥା ହେଉଥିଲେ । ଦୁହେଁ କୋଳି ବହୁତ ଭଲ ପାଆନ୍ତି ଆଉ ଖରା ଛୁଟିକୁ ଅପେକ୍ଷା କରି ଥାଆନ୍ତି ଯେତେବେଳେ ଗାଁ ହାଟରେ ବିଭିନ୍ନ ପ୍ରକାର କୋଳି ସବୁ ମିଳେ । କୋଳି ଦିନକୁ ଦିନ କମି କମି ଯାଉଛି ଯେହେତୁ ଗାଁ ଆଖ ପାଖର ଜଙ୍ଗଲ ସବୁ ସଫା ହୋଇଛି ବିଭିନ୍ନ କାରଣରୁ, କିଛି ପ୍ରାକୃତିକ ଆଉ କିଛି ମଣିଷଙ୍କ ବିନାଶକାରୀ କାମ ଯୋଗୁଁ । ଅଙ୍ଗୁରଟା ବର୍ଷ ସାରା ମିଳେ କିନ୍ତୁ ବାହାରୁ ଆସୁଥିବାରୁ ବହୁତ ମହଙ୍ଗା । ଆଉ କେବେକେବେ ହିଁ ଘରକୁ ଆସେ ଯେତେବେଳେ ଟିକିଏ ଶସ୍ତା ହୁଏ କିମ୍ବା କାହାର ଦେହ ଅସୁସ୍ଥ ହେଲେ ।

"ଅଙ୍ଗୁର କାହିଁକି ଖଟା ହେଲା ତା ଉପରେ କେତେ କଣ କହିଗଲେ ପିଲାମାନେ" ଲିଟି କହିଲା, "କିଏ କହିଲା ବିଲୁଆ ଠିକ ସମୟରେ ପହଞ୍ଚି ନଥିଲା, ତ ଆଉ କିଏ କହିଲା, ସେଇଟା ଖଟା ଅଙ୍ଗୁର ହେଇଥିବ । ପୁଣି କିଏ କହିଲା ବୋଧେ ବିଲୁଆ ଲେମ୍ବୁ ଖାଇକି କିମ୍ବା କଞ୍ଚା ଆମ୍ବ ଖାଇକି ଆସିଥିବ । ବିନୟଟା କହିଲା, ବିଲୁଆ ବୋଧେ ମୋ ଭଳି ଗେଡା ହେଇଥିବ । ମୋର ବି ଅଦ୍ଭୁତ ଜିନିଷକୁ ହାତ ପାଏନି ଘରେ । ବୋଉ ବାହାର କରିକି ଦିଏ ଆଉ କହେ ମୁଁ କିଛି ବର୍ଷ ପରେ ଡେଙ୍ଗା ହେବି ଆଉ ଟିକେ ବୟସ ବଢିଲେ, ଯେମିତି ମୋର ବଡ ଭାଇ ଏବେଏବେ ଡେଙ୍ଗା ହେଉଛି ଷଷ୍ଠ ଶ୍ରେଣୀକୁ ଗଲା ପରେ ।" ସାର ବହୁତ

ଭଲ ପାଆନ୍ତି ସବୁ ପିଲାଙ୍କୁ ଆଉ ଏମିତି ଗପ ଆଳରେ କେତେ କଣ କହି ଦିଅନ୍ତି ଆଉ ବୁଝେଇ ଦିଅନ୍ତି ମଧ୍ୟ । ସେଥିପାଇଁ ସମସ୍ତେ ସାରଙ୍କୁ ବହୁତ ଭଲ ପାଆନ୍ତି ।

"ହଁ, ଯେତେବେଳେ ତନ୍ମୟ କହିଲା ସିଏ ଥରେ ସବୁଜ ଅଙ୍ଗୁର ଖାଇଦେଇଥିଲା ଆଉ ତାହା ଖଟା ଥିଲା, ସାର କହିଥିଲେ ସବୁଜ ନୁହଁ, କଞ୍ଚା ଅଙ୍ଗୁର ହେଇଥିବ । ଅଙ୍ଗୁର ବିଭିନ୍ନ ରଙ୍ଗର ମିଳେ ଯେମିତି କ କଳା, ନୀଳ, ସବୁଜ, ଲାଲ, ଜାମୁକୋଳ ରଙ୍ଗ, ଫିକା ସବୁଜ, ସୁନେଲି ଏବଂ କେତୋଟିରେ ମଞ୍ଜି ଥାଏ ଆଉ କେତୋଟିରେ ମଞ୍ଜି ନଥାଏ । ଯେଉଁ ଗୁଡିକରେ ମଞ୍ଜି ନଥାଏ ସେଗୁଡିକକୁ ସାଧାରଣ ଖିଆଯାଏ ଫଳରୂପରେ ଆଉ ସେଥିରୁ କସମିସ ମଧ୍ୟ ତିଆରି କରାଯାଏ । କନ୍ତୁ ସବୁବେଳେ ଅଙ୍ଗୁରକୁ ଭଲ ଭାବରେ ଧୋଇବାକୁ ହୁଏ ଯେହେତୁ ଏହାକୁ ଚୋପା ସହିତ ଖିଆଯାଏ ଓ ଅନେକ ସମୟରେ ଏଥିରେ ଜୀବାଣୁ ନାଶକ ଓ କୀଟନାଶକ ଦ୍ରବ୍ୟ ପକାଯାଇଥାଏ ।" ଲିଟି କହିଲା, "ମୁଁ ଜାଣି ନଥିଲି ଅଙ୍ଗୁର ଲଟାଟିଏ ବୋଲି, ଭାବୁଥିଲି ଅନ୍ୟ କୋଳ ଭଳ ତାହା ମଧ୍ୟ ଗଛରେ ଫଳେ," ମିଲି କହିଲା ।



"ମୁଁ ଜାଣି ନଥିଲି କସମିସ ଅଙ୍ଗୁରରୁ ତିଆରି ହୁଏ ବୋଲି, ଘରକୁ ସବୁବେଳେ ଖାଲି କଳା ଅଙ୍ଗୁର ଆସେ । ଆଉ ମୁଁ କେବେ କଳା ରଙ୍ଗର କସମିସ ଦେଖିନ । କନ୍ତୁ ସାର କହିଲେ

ଯେମିତି ଅଙ୍ଗୁର ସେମିତି କସମିସ ମଧ୍ୟ ଅନେକ ରଙ୍ଗର ମିଳେ । କସମିସରେ ଅଙ୍ଗୁରରେ ଥିବା ପାଣି କମିକ ଶର୍କରା ପରିମାଣ ବଢିଯାଏ ତେଣୁ ଅଧିକ ମିଠା ଲାଗେ ।" ଲିଟି କହିଲା ।

"ଆଚ୍ଛା କହିଲୁ ତୁ ଯଦି ବିଲୁଆ ହେଇଥାଆନ୍ତୁ, କଣ କରି ଥାଆନ୍ତୁ," ମିଲି ପଚାରିଲା ।

"ମୁଁ ଫେରିକ ଆସିଥାଆନ୍ତି ଯେତେବେଳେ ସେ ଅଙ୍ଗୁର ସବୁ ଶୁଖିକ ଝଡି ପଡନ୍ତା, ମିଠା ବି ଲାଗନ୍ତା କାରଣ ସେଗୁଡାକୁ ଆଉ ଅଙ୍ଗୁର ନ ହେଇକ କସମିସ ହୋଇ ଯାଇଥାଆନ୍ତା," ଲିଟି କହିଲା ।

ହସିଲା ମିଲି, "ତୁ ଥିଲେ ସେଠି ସେ ବିଲୁଆକୁ ବୁଦ୍ଧି ଦେଇ ଥାଆନ୍ତୁ, ସାରଙ୍କୁ କହିବୁ ଏହି କଥା ସାର ଗପ କହିଲେ ।"

ଦୁହେଁ ଖୁବ୍ ହସିଲେ, ଘର ପାଖ ହୋଇ ଆସିଥିଲା ଆଉ ଘରେ ଥିବା କସମିସ କଥା ଲିଟିର ମନ ପଡିଗଲା । ଆଜି ବୋଉ କହୁଥିଲା କ୍ଷୀରି କରିବ । ସନ୍ଧ୍ୟାରେ ଆସିଲେ ଖାଇବାକୁ ଦେବ । ସେଥିରେ କସମିସ ନଶ୍ଚୟ ପକେଇଥିବ । ଅଙ୍ଗୁର କଣ ସବୁବେଳେ ଖଟା ହିଁ ରହିବ କ**?** କେତେ ବଢିଆ ହୁଅନ୍ତା ଯଦି ବାପା ବିଭିନ୍ନ ରଙ୍ଗର କସମିସ ଆଣି ଥାଆନ୍ତେ ଆଉ ବୋଉ ସବୁକୁ ମିଶେଇ କ୍ଷୀରି କରନ୍ତା**!**

୨୨୪୭ ସି, କୋମୋନୱେଲଥ୍ ଡ୍ରାଇଭ୍,
ଶାରଲୋଟସଭିଲ୍, ଭିର୍ଜିନଆ, ଯୁକ୍ତରାଷ୍ଟ୍ର ଆମେରିକା

# କହିଲ ଦେଖି



ଦୟାନନ୍ଦ ଶବର

ଖର୍ ବରଷାକୁ ଯାହାର ନାହିଁ ଖାତିରି ।
ଶତୃକୁ କେବେ ଯାଏନ ଡରି ॥
ଘର ବସେ ନାହିଁ ଶୀତରେ ଥରି ।
ଯଗି ବସିଥାଏ ବନ୍ଧୁକ ଧରି ॥
ଦିନ ର୍ତି ସେ ସୁରକ୍ଷା କରେ ।
ଆମ ପାଇଁ ସେ ଲଢେଇ କରେ ॥
ତାକୁ ଦେଖିଦେଲେ ଶତ୍ରୁ ଡରନ୍ତି ।
ତା ରଣ ହୁଙ୍କାରେ ଶତ୍ରୁ ଥରନ୍ତି ॥
ଘରକୁ ଫେରେ ସେ ବର୍ଷକେ ଥରେ ।
ଆମ ପାଇଁ ସେ ଜୀବନ ହାରେ ॥
ତା ଲ୍ଗିବଞ୍ଚେ ଜୀବନ ଆମ ।
ତାହାକୁ ଡାକନ୍ତି କହ କ ନାମ ॥

**ଉତ୍ତର:**

ବିର ସୈନକ ତାକୁ କହନ୍ତି ।
ସେ ସବୁବେଳେ ସଜାଗ ରହନ୍ତି ॥
ସୈନକ ଭ୍ଇଙ୍କୁ କୋଟି ଜୁହାର ।
ତା ପାଇଁ ବଞ୍ଚେ ଦେଶ ଆମର ॥

# ଜନମ ଭୂଇଁ


ଆକାଂକ୍ଷା ଭୋଇ

ଓଡିଶା ମୋର ଜନମ ଭୂଇଁ
ଧନ୍ୟ ହୁଏ ମୁଁ ତା ମାଟି ଛୁଇଁ.....

କେତେ ବୃକ୍ଷଲତା ପାହାଡ ନଈ
ସଂପଦରେ ପୂର୍ଣ୍ଣ ହୋଇଛି ସେହି.....

ତାହାରି ଜଳ ରକତ ହୋଇ
ଶରୀରରେ ମୋରଯାଉଛି ବହି.....

ଆମ ମାତୃଭାଷା ଭାରି ବଢିଆ
ଗରବେ ମୁଁ କହେ ମୁଁ ଓଡିଆ.....

ପବିତ୍ର ଏ ତୁଣ୍ଡ ତା ଗୀତ ଗାଇ
ଓଡିଶା ମୋର ଜନମ ଭୂଇଁ.....

ଶ୍ରେଣୀ-ଅଷ୍ଟମ, ଓଡିଶା ଆଦର୍ଶ ବିଦ୍ୟାଳୟ,
ଗାଇସିଲଟ, ବରଗଡ

# କୁନା ଆମ ସୁନା ପିଲ୍

କୈଳାସ ଚନ୍ଦ୍ର ପାଢ଼ୀ

କୁନା ଆମ ସୁନାପିଲ୍
ତାପରି କେ ହୋଇବ,
ଖେଳବେଳେ ଖେଳବସେ
ପଢ଼ା ବେଳେ ପଢ଼ିବ।
ଭଲପାଠ ପଢ଼ିକୁନା
ଭଲଗୁଟ ହୋଇବ,
ବାପା ମାଆଙ୍କର କଥା
ମାନ ନତି ଚଳବ ।

ଖରାପ କଥାରେ କେବେ
ଅଝଟ ସେ ନୋହିବ,
କୁନା ଆମ ସୁନାପିଲ୍
ତାପରି କେ ହୋଇବ।
ବହିପଢ଼ି କେତେକେତେ
ନୂଆକଥା ଜାଣିବ,
ପାଞ୍ଚ ପଚଶିରେ ଜଣେ
ମଣିଷ ସେ ହୋଇବ।

ବାପା ମାଆଙ୍କର କୁଳ
ଉଜ୍ଜ୍ୱଳ ସେ କରିବ,
କୁନାଆମ ସୁନାପିଲ୍
ତାପରି କେ ହୋଇବ।
ଭଲପାଠ ପଢ଼ି କୁନା

ଭଲ ଗୁଣ ଶିଖିବ,
ଦେଶପାଇଁ ଜାତିପାଇଁ
ଭଲକାମ କରିବ।

ଭଲହେଲେ କୁନାଆମ
ଗଉରବ ବଢ଼ିବ,
କୁନାଆମ ସୁନାପିଲା
ତାପରିକେ ହୋଇବ।
କୁନାପରି ଆଉଜଣେ
ଅଛିକଏ କହତ,
ଦୁଇପତ୍ରରୁ ତୁଳସୀ
ରଖେକୁଳ ମହତ।

ଗାନ୍ଧୀ ଗୋପବନ୍ଧୁ ପରି
କୁନାଆମ ହୋଇବ,
କୁନାଆମ ସୁନାପିଲା
ତାପରି କେ ହୋଇବ।
ଏଦେଶର ଯେତେଶିଶୁ
କୁନାପରି ହୋଇଲେ,
ହସିବ ଏ ଧର୍‌ର୍‌ଣୀ
ମନଭରି ପଢ଼ିଲେ।

ତେବେସିନା ଏ ଦେଶରୁ
ଦୁଃଖ ଯେତେ ହଟିବ,
ମମତାର ଫୁଲ ଏଇ
ମାଟିପରେ ଫୁଟିବ।

କୁମାରପୁର, ଭଦ୍ରକ

# ଅଗଷ୍ଟ ମାସରେ ପଡୁଥିବା ପର୍ବପର୍ବାଣୀ

| | |
|---|---|
| ୦୧/୦୮/୨୦୧୯ | ଶ୍ରୀ ମନ୍ଦିରେ ଚନ୍ଦନ ପର୍ବ ଓ ଚତଉ ଅମାବାସ୍ୟା |
| ୦୨/୦୮/୨୦୧୯ | ଚନ୍ଦ୍ର ଦର୍ଶନ ଓ ପୂଜା |
| ୧୦/୦୮/୨୦୧୯ | ଶ୍ରୀକ୍ଷେତ୍ରେ ଝୁଲଣ ଆରମ୍ଭ |
| ୧୧/୦୮/୨୦୯ | ପୁତ୍ରଦା ଏକାଦଶୀ ଓ ରବିନାରାୟଣ ବ୍ରତ |
| ୧୨/୦୮/୨୦୧୯ | ଇଦୁଜୁହା |
| ୧୩/୦୮/୨୦୧୯ | ଶିବ ପବିତ୍ରାରୋପଣ, ଶିବଚତୁର୍ଦ୍ଦଶୀ ଉପବାସ |
| ୧୫/୦୮/୨୦୧୯ | ସ୍ୱାଧୀନତା ଦିବସ, ଗହ୍ମା ପୂର୍ଣ୍ଣିମା, ବଳଭଦ୍ର ଜନ୍ମ ଓ ରକ୍ଷୀବନ୍ଧନ |
| ୧୬/୦୮/୨୦୧୯ | ଝୁଲଣ ଶେଷ ଓ ମାସନ୍ତ |
| ୧୭/୦୮/୨୦୧୯ | ସିଂହ ସଂକ୍ରାନ୍ତି |
| ୧୮/୦୮/୨୦୧୯ | ଖୁଦୁରୁକୁଣୀ ଓଷା ଆରମ୍ଭ |
| ୧୯/୦୮/୨୦୧୯ | ଗୌରୀ ଚତୁର୍ଥୀ |
| ୨୦/୦୮/୨୦୧୯ | ଶ୍ରୀମନ୍ଦିରେ ରେଖା ପଞ୍ଚମୀ ଓ ଗୃହିଣୀଂ ରକ୍ଷା ପଞ୍ଚମୀ |
| ୨୧/୦୮/୨୦୧୯ | ବୁଧିବାମନ ଓଷା ଆରମ୍ଭ |
| ୨୨/୦୮/୨୦୧୯ | ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ |
| ୨୪/୦୮/୨୦୧୯ | ନନ୍ଦୋତ୍ସବ |
| ୨୬/୦୮/୨୦୧୯ | କାଳୀୟଦମନ ଏକାଦଶୀ |
| ୩୦/୦୮/୨୦୧୯ | ଶ୍ରୀମନ୍ଦିରେ ସପ୍ତପୁରୀ ଅମାବାସ୍ୟା |

# ଚିତ୍ର କଥା କହେ



ଦୃଶ୍ୟ ଭିତରୁ ଭାବକୁ ବାହାର କରିବାର ପରଖ ଦୃଷ୍ଟିକୁ ୨୦-୨୫ ଶବ୍ଦ ମଧ୍ୟରେ ଆମ ପାଖକୁ ଇମେଲ୍ ମାଧ୍ୟମରେ ପଠାନ୍ତୁ । ଶ୍ରେଷ୍ଠ ବିବେଚିତ ଉତ୍ତର, ଉତ୍ତରଦାତାଙ୍କ ନାମ ସହିତ ପରବର୍ତ୍ତୀ ସଂଖ୍ୟାରେ ପ୍ରକାଶ ପାଇବ । ଆମ ଠିକଣା - vedantimagazine@gmail.com/ editor.vedantimagazine@gmail.com

## ଜୁନ ମାସର ବିଜେତାଙ୍କ ନାମ



ପାଗ ବଦଳଲେ ସ୍ୱାଦ ବି ବଦଳେ
ହାତ କରାମତି ଦେଖ,
ବରଷା ପାଗରେ ଚଟପଟି ଖାଦ୍ୟ
ଆଉ ସବୁ ଦୂରେ ରଖ ।

**ବିଜେତା: ସୁମିତ୍ରା ପଣ୍ଡା, ରସୁଲଗଡ, ଭୁବନେଶ୍ୱର**

ସୁନ୍ଦର ଭାବେ ସଜା ହୋଇଛି ଜଳଖିଆ ଥାଳ,
ବରା ପିଆଜ ଲଙ୍କା ଖିଆ ହେବ କରି ପାଳ,
ସକାଳେ ସଞ୍ଜବେଳେ ମିଳବ ଏହି ସୁଆଦିଆ ଥାଳ,
କମ ଥିଲେ ହେଇ ଯିବା ଜଣ ଜଣଙ୍କ ଭିତରେ କଳ ||

**ଶ୍ରୀ ରାଜଶେଖର ସି 'ଚମା'**

ବେଦାନ୍ତୀର ଅନେକ ସଂଖ୍ୟାରେ ବାହାରୁଥିବା ପ୍ରଚ୍ଛଦପଟ୍ଟ ଏବଂ "ଚିତ୍ର କଥା କହେ"ର ଛବି ହେଉଛି ବେଦାନ୍ତୀର ସଂପୂର୍ଣ୍ଣ ନିଜସ୍ୱ । ଯଦି କୌଣସି ପାଠକ/ପାଠିକା ନିଜସ୍ୱ ଉତ୍ତୋଳନ ଛବିକୁ ବେଦାନ୍ତୀ ପତ୍ରିକାର ପ୍ରଚ୍ଛଦପଟ୍ଟରେ ପ୍ରକାଶ କରିବାକୁ ଚାହାଁନ୍ତି, ତେବେ ସେମାନେ ଆମକୁ ଯୋଗାଯୋଗ କରନ୍ତୁ । ଆମକୁ ସମ୍ପର୍କ କରିବାର ଠିକଣା ହେଲା – vedantimagazine@gmail.com

"ବେଦାନ୍ତୀ" ଜ୍ଞାନକୁ ପରିମାର୍ଜିତ କରୁଥିବା ଏକ ସମ୍ପୂର୍ଣ୍ଣ ପାରିବାରିକ ମାସିକ ପତ୍ରିକା । ବେଦାନ୍ତୀରେ ପ୍ରକାଶିତ ସମସ୍ତ ଲେଖାରେ ଦିଆଯାଇଥିବା ବିଗ୍ଧର ଲେଖକଙ୍କର ସମ୍ପୂର୍ଣ୍ଣ ନିଜସ୍ୱ । ଯଦିଓ ସମ୍ପାଦକ ସବୁ ଲେଖାକୁ ଭଲଭାବରେ ପଢିବା ଏବଂ ବୁଝିବା ପରେହିଁ ପ୍ରକାଶିତ କରିଥାନ୍ତି, ତଥାପି ଲେଖାର ଶତ ପ୍ରତିଶତ ସତ୍ୟତାର ଦାବି କେବଳ ଲେଖକଙ୍କର । ଏଥିରେ ସମ୍ପାଦକ କମ୍ବା ପତ୍ରିକାର କୌଣସି ଉତ୍ତରଦାୟିତ୍ୱ ନାହିଁ ।

ବେଦାନ୍ତୀ ଇ-ପତ୍ରିକା ପ୍ରତ୍ୟେକ ମାସ ୧ ତାରିଖରେ ମୁମ୍ବାଇ ଏବଂ ଲକ୍ଷ୍ନୌରୁ ପ୍ରକାଶିତ ହେଉଛିଏବଂ ଏହା ସମ୍ପୂର୍ଣ୍ଣ ମାଗଣାରେ ସାରା ବିଶ୍ୱର ଓଡିଆ ପ୍ରେମୀଙ୍କୁ ପଢିବା ପାଇଁ ଇ-ମେଲ୍ ଏବଂ ସୋସିଆଲ୍ ମିଡିଆ ଦ୍ୱାରା ଯୋଗାଇ ଦିଆଯାଏ । ଲେଖକ/ଲେଖିକା ମାନେ ସେମାନଙ୍କର ଲେଖା ଓଡିଆରେ ଟାଇପ୍ କରି କମ୍ବା ଭଲଭାବରେ ହାତରେ ଲେଖି ଲେଖାର ସ୍କାନ କପି ଏବଂ ସପ୍ଟକପି ଆମ ପାଖକୁ ଇମେଲ୍ ରେ ପଠାନ୍ତୁ: vedantimagazine@gmail.com ।ଯଦି କୌଣସି କାରଣରୁ କୌଣସି ଲେଖକ/ଲେଖିକାଙ୍କ ଲେଖା ଚଳତ ମାସରେ ପ୍ରକାଶ ପାଇନାହିଁ, ତେବେ ତାହା ଆଗାମୀ ମାସରେ ପ୍ରକାଶିତ ହେବ ।

ବେଦାନ୍ତୀ ପତ୍ରିକାକୁ ସୋସିଆଲ୍ ମିଡିଆରେ ପଢିବା ପାଇଁ ଏବଂ ଡାଉନଲୋଡ କରିବା ପାଇଁ ନିମ୍ନଲିଖିତ ସାଇଟକୁ ପଦାର୍ପଣ କରନ୍ତୁ:-

**www.vedantimagazine.com**

**https://www.facebook.com/vedantiemagazine**

**http://vedantimagazine.wordpress.com**